ଧରିତ୍ରୀ
DHARITRI

ସୋମବାର, ମେ ୪/୨୦୨୦ (୨୦ ପୃଷ୍ଠା) Monday, May 4/2020

୪୬ଶ ଭାଗ ୧୫୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-

ଆନ୍ଦ୍ରେ ରସେଲଙ୍କ ଅଭିଳାଷ

ଆଇପିଏଲ୍‌ରେ କୋଲକାତା ନାଇଟ୍ ରାଇଡର୍ସ ତରଫରୁ ଖେଳି ଅବସର ନେବାକୁ ଚାହାନ୍ତି ୱେଷ୍ଟଇଣ୍ଡିଜର ଧୂଆଁଧାର ବ୍ୟାଟ୍ସମ୍ୟାନ ଆନ୍ଦ୍ରେ ରସେଲ।

୨୦ ୦୭

କରୋନା ଯୋଦ୍ଧାଙ୍କ ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିଲେ ସୋନାକ୍ଷୀ

କରୋନା ଯୋଦ୍ଧା ସାଜିଥିବା ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମୀଙ୍କ ସୁରକ୍ଷା ଲାଗି ବଲିଉଡ୍ ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ଅଣ୍ଟା ଭିଡ଼ିଛନ୍ତି।

ନିୟମ ନ ମାନିଲେ କାର୍ଯ୍ୟାନୁଷ୍ଠାନ

- ବିପଦ ଆଣିପାରନ୍ତି ନିୟମ ଖିଲାପକାରୀ
- ସୂଚନା ନ ଦେଇ ଚାଲିଗଲେ ଗିରଫ ହେବେ
- ଜିଲା ବାହାର କ୍ୱାରାଣ୍ଟାଇନ୍‌ରେ ରଖାଯିବ
- କରୋନା ଯୋଦ୍ଧାଙ୍କୁ ସହଯୋଗ ଆହ୍ୱାନ
- ରାଜ୍ୟରେ ପ୍ରବେଶ ପୂର୍ବରୁ ଅନୁମତି

ଅସିତ କୁମାର ତ୍ରିପାଠୀ

ଭୁବନେଶ୍ୱର,୩।୫(ବ୍ୟୁରୋ)

ରାଜ୍ୟରେ ସଂକ୍ରମଣଜନିତ କ୍ଷତିକୁ ଯଥାସମ୍ଭବ ହ୍ରାସ କରିବାକୁ ସରକାର ସମସ୍ତ ପ୍ରଚେଷ୍ଟା ଜାରି କରିଛନ୍ତି। ହେଲେ କେତେକ ବ୍ୟକ୍ତି ନିୟମ ଖିଲାପ କରୁଥିବାରୁ ପ୍ରଶାସନର ସମସ୍ତ ପ୍ରସ୍ତୁତି ବ୍ୟର୍ଥ ହେବାର ଆଶଙ୍କା ସୃଷ୍ଟି ହୋଇଛି। ତେଣୁ କରୋନା ଲଢେଇକୁ ଦୃଢ ଭାବରେ ଜାରି ରଖିବା ପାଇଁ ଶୃଙ୍ଖଳିତ ହେବାକୁ ରବିବାର ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ ଆହ୍ୱାନ ଦେଇଛନ୍ତି। ଯେଉଁମାନେ କ୍ୱାରାଣ୍ଟାଇନ ନିୟମ ନ ମାନିବେ, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତ୍ରିପାଠୀ କହିଛନ୍ତି। ସେ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଇତିମଧ୍ୟରେ ଏକାଧିକ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ କଥା ହୋଇ ସେଠାରେ ରହୁଥିବା ପ୍ରବାସୀ ଓଡ଼ିଆ ରାଜ୍ୟକୁ କିପରି ଫେରିଆସିବେ ସେନେଇ ଚେଷ୍ଟା ଚଳାଇଛନ୍ତି। ପ୍ରବାସୀମାନେ ଫେରିବା ପରେ ତୃଣମୂଳସ୍ତରରେ କରାଯାଇଥିବା କ୍ୱାରାଣ୍ଟାଇନ ବ୍ୟବସ୍ଥାକୁ ପାଳନ କରିବା ପାଇଁ କୁହାଯାଇଛି। ଅଧିକାଂଶ ପ୍ରବାସୀ ଏହାକୁ ମାନୁଛନ୍ତି, ହେଲେ କେତେକ ବ୍ୟକ୍ତି ମାନୁନାହାନ୍ତି। ଏହାଦ୍ୱାରା ନିଜ ଜୀବନ ସହ ସେମାନଙ୍କ ସମ୍ପର୍କୀୟଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ସାଜୁଛନ୍ତି। ତେଣୁ ଏଥିରୁ ନିବୃତ୍ତ ରହିବାକୁ ସରକାରଙ୍କ ପକ୍ଷରୁ ସେମାନଙ୍କୁ କୁହାଯାଇଛି। ଯଦି ଏହା ନ ହୁଏ, ତେବେ ବିଶୃଙ୍ଖଳାକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ସେମାନଙ୍କୁ ଜିଲା ବାହାର କ୍ୱାରାଣ୍ଟାଇନରେ ରଖାଯିବା ସହ ସେମାନଙ୍କ କ୍ୱାରାଣ୍ଟାଇନ ଅବଧିକୁ ବୃଦ୍ଧି କରାଯିବ। ଏପରିକି କ୍ୱାରାଣ୍ଟାଇନ ପରେ ମିଳିବାକୁ ଥିବା ସରକାରୀ ସହାୟତାକୁ ମଧ୍ୟ ବାତିଲ କରାଯିବ। ବାହାର ରାଜ୍ୟରୁ ସ୍ୱଇଚ୍ଛାରେ ପଞ୍ଜୀକୃତ କରିଥିବା ଏବଂ କ୍ୱାରାଣ୍ଟାଇନରେ ରହିବାକୁ ରାଜି ହୋଇଥିବା କୌଣସି ବ୍ୟକ୍ତି ଯଦି ସୂଚନା ନ ଦେଇ ଫେରାର ହୋଇଯିବେ, ତେବେ ତାଙ୍କୁ ସଂକ୍ରମଣ ରୋଗ (ଏପିଡେମିକ) ଆକ୍ଟ ଆଇନ ଅନୁଯାୟୀ ଗିରଫ କରାଯିବ। ସମ୍ପ୍ରତି କରୋନା ମୁକାବିଲାରେ ସରପଞ୍ଚମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରୁଛନ୍ତି। ଯଦି କେହିବି ନିୟମ ଖିଲାପ କରନ୍ତି, ତେବେ ଜିଲାପାଳ କିମ୍ବା ଅନ୍ୟ ଅଧିକାରୀଙ୍କୁ ଏନେଇ ଜଣାଇବା ଆବଶ୍ୟକ ବୋଲି ମୁଖ୍ୟ ଶାସନ ସଚିବ ତ୍ରିପାଠୀ କହିଛନ୍ତି।

ସେହିଭଳି କରୋନା ମୁକାବିଲା ପାଇଁ ରାଜ୍ୟର ଶୀର୍ଷ ପ୍ରଶାସନରୁ ଆରମ୍ଭ କରି ତୃଣମୂଳ ପ୍ରଶାସନ ଯାଏ ଲକ୍ଷ ଲକ୍ଷ ସ୍ୱାସ୍ଥ୍ୟ କର୍ମୀ, ପରିବହନ କର୍ମଚାରୀ, ସ୍ୱେଚ୍ଛାସେବୀ, ସ୍ୱାୟତ୍ତ ଶାସନ ପ୍ରତିନିଧି ଏବଂ ସରକାରୀ ଅଧିକାରୀ କାର୍ଯ୍ୟ କରୁଛନ୍ତି। ସେମାନଙ୍କ ପରିବାରଠାରୁ ଦୂରରେ ରହି ଏକ ବୃହତ୍ତର ସ୍ୱାର୍ଥ ପାଇଁ ନିଜକୁ ୨୪ଘଣ୍ଟିଆ ସମର୍ପଣ କରିଛନ୍ତି। ସେମାନଙ୍କୁ ସମ୍ମାନ ଜଣାଇ ସବୁଥିରେ ସହଯୋଗ କରି ବର୍ତ୍ତମାନର ପ୍ରାଥମିକତା ବୋଲି କୁହାଯାଇଛି। କେରଳରୁ ପ୍ରାୟ ୧୦୦୦ରୁ ଅଧିକ ଶ୍ରମିକ ରାଜ୍ୟକୁ ଫେରିଛନ୍ତି, ଅନ୍ୟ ରାଜ୍ୟରୁ ମଧ୍ୟ ଶ୍ରମିକଙ୍କୁ ଆଣିବା ବ୍ୟବସ୍ଥା ହେଉଛି। କେତେକ ବ୍ୟକ୍ତିବିଶେଷ ପଞ୍ଜୀକରଣ ☞ପୃଷ୍ଠା–୪

କ୍ୱାରାଣ୍ଟାଇନ୍ ସେଣ୍ଟର ଛାଡ଼ି ପଳାଇଲେ ସୁରଟ ଫେରନ୍ତା

- ଖାଦ୍ୟ, ପାନୀୟଜଳ ଯୋଗାଣରେ ଅବ୍ୟବସ୍ଥା ଅଭିଯୋଗ
- ବୁଝାଶୁଝା ପରେ ବହୁ ଲୋକ ଫେରିଲେ, ଫେରାରଙ୍କୁ ଖୋଜୁଛି ପ୍ରଶାସନ

ବେଗୁନିଆପଡା,୩।୫(ଡି.ଏନ୍.ଏ.)

ଗଞ୍ଜାମ ଜିଲା ପ୍ରଶାସନ ପାଇଁ ସୁରଟ ଫେରନ୍ତା ଚିନ୍ତା ବଢାଇଛନ୍ତି। ବିଗତ ୬ଦିନ ହେବ ଶହ ଶହ ସଂଖ୍ୟାରେ ପ୍ରବାସୀ ଓଡ଼ିଆ ସେଠାରୁ ଜିଲାକୁ ଫେରିଛନ୍ତି। ସେମାନଙ୍କୁ ଜିଲା ପ୍ରଶାସନ ପକ୍ଷରୁ କରାଯାଇଥିବା ବିଭିନ୍ନ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖାଯାଉଛି। ଏପରିସ୍ଥଳେ ବେଗୁନିଆପଡା ବ୍ଲକ ରାଗପୁର ଓଡ଼ିଆ ଆଦର୍ଶ ବିଦ୍ୟାଳୟ କ୍ୱାରାଣ୍ଟାଇନ ସେଣ୍ଟରରେ ଶନିବାର ବିଳମ୍ବିତ ରାତିରେ ସୁରଟରୁ ୩ଟି ବସ୍‌ରେ ୧୮୫ ଜଣ ଓ ଜନତା ହାଇସ୍କୁଲକୁ ୩ ବସ୍‌ରେ ୨୨୪ ଜଣ ଆସି ପହଞ୍ଚିଥିଲେ। ପ୍ରଶାସନ ପକ୍ଷରୁ ସେମାନଙ୍କ ନାମ ପଞ୍ଜୀକରଣ କରାଯାଇଥିଲା। ବିଳମ୍ବିତ ରାତି ଯୋଗୁ ଖାଇବା ବ୍ୟବସ୍ଥା ହୋଇ ପାରି ନ ଥିଲା। ରବିବାର ସକାଳୁ ସେମାନେ ପାନୀୟଜଳ ଓ ଜଳଖିଆ ନ ମିଳିବା ଅଭିଯୋଗ କରି ଦାୟିତ୍ୱରେ ଥିବା ଶିକ୍ଷକ ଓ ଅନ୍ୟ କର୍ମଚାରୀଙ୍କୁ ଗାଳିଗୁଳଜ କରିଥିଲେ। ପରେ ବହୁ ଲୋକ ବାହାରି ପଳାଇ ଯାଇଥିଲେ। ☞ପୃଷ୍ଠା–୪

ରାଜ୍ୟର ବିଭିନ୍ନ ଅଞ୍ଚଳ ବର୍ଗୀକରଣ

କୋଭିଡ୍‌୧୯ ମୁକାବିଲା

ଭୁବନେଶ୍ୱର,୩।୫(ବ୍ୟୁରୋ)

କରୋନା ମୁକାବିଲାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବିଭିନ୍ନ ଅଞ୍ଚଳର ବର୍ଗୀକରଣ କରିଛନ୍ତି। ଏ ନେଇ ରବିବାର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର ରାଜ୍ୟର ସମସ୍ତ ଜିଲାପାଳଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି। ଉଲ୍ଲେଖଯୋଗ୍ୟ, ସଂକ୍ରମିତ ଚିହ୍ନଟ ହୋଇଆସୁଥିବା ଜିଲାକୁ ରେଡ୍ ଜୋନ ବୋଲି ଘୋଷଣା କରାଯାଇଛି। ସେହିଭଳି ଶେଷ ୧୪ ଦିନ ଯାଏ କୌଣସି ସଂକ୍ରମିତ ଚିହ୍ନଟ ହୋଇ ନ ଥିବା ଜିଲାକୁ ଅରେଞ୍ଜ ଜୋନ୍ ବୋଲି କୁହାଯିବ। ଅନୁରୂପ ଭାବେ ଏଯାବତ୍ କୌଣସି କରୋନା ସଂକ୍ରମିତ ଚିହ୍ନଟ ହୋଇ ନ ଥିବା ଅଥବା ୨୧ ଦିନ ଯାଏ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇ ନ ଥିବା ଜିଲାକୁ ଗ୍ରୀନ୍ ଜୋନ୍ ବୋଲି ଘୋଷଣା କରାଯାଇଛି।

ରେଡ୍ ଜୋନ୍

ଭଦ୍ରକ, ବାଲେଶ୍ୱର, ଯାଜପୁର, ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)

ଅରେଞ୍ଜ ଜୋନ୍

ଖୋର୍ଦ୍ଧା (ବିଏମ୍‌ସି ବ୍ୟତୀତ), ସୁନ୍ଦରଗଡ, କେନ୍ଦ୍ରାପଡା, କୋରାପୁଟ, କେନ୍ଦୁଝର, ଦେଓଗଡ, ଝାରସୁଗୁଡା, ବଲାଙ୍ଗୀର, ଢେଙ୍କାନାଳ, କଳାହାଣ୍ଡି, ଗଞ୍ଜାମ

ଗ୍ରୀନ୍ ଜୋନ୍

ଅନୁଗୋଳ, ବରଗଡ, ବୌଦ୍ଧ, ସମ୍ବଲପୁର, ଗଜପତି, ଜଗତସିଂହପୁର, କନ୍ଧମାଳ, ମାଲକାନଗିରି, ମୟୂରଭଞ୍ଜ, ନବରଙ୍ଗପୁର, ନୟାଗଡ, ନୂଆପଡା, ରାୟଗଡା, ସୁବର୍ଣ୍ଣପୁର, କଟକ ଏବଂ ପୁରୀ

ଆଜିର ସମ୍ପାଦକୀୟ

ନିତି ନୀତି ପରିବର୍ତ୍ତନ

ଆଜିର ମନ୍ତବ୍ୟ

କରୋନା ସାରା ବିଶ୍ୱ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏହାର ମିଳିତ ମୁକାବିଲା ପାଇଁ ସମସ୍ତେ ଏକାଠି ହେବା ଆବଶ୍ୟକ।

–ଦଲାଇଲାମା, ତିବ୍ବତୀୟ ଧର୍ମଗୁରୁ

କରୋନା ଯୋଦ୍ଧାଙ୍କୁ ପୁଷ୍ପବର୍ଷା

- ବାୟୁସେନାର ଫ୍ଲାଏ-ପାଷ୍ଟ
- ସ୍ଥଳସେନାର ବାଦ୍ୟ ପରିବେଷଣ
- ନୌସେନା ପକ୍ଷରୁ ବନ୍ଦରରେ ଆଲୋକମାଳାରେ ସଜେଇ ହେଲା ଜାହାଜ
- ଭୁବନେଶ୍ୱରରେ ଆୟୋଜନ ହେଲା ସ୍ୱତନ୍ତ୍ର କାର୍ଯ୍ୟକ୍ରମ

ନୂଆଦିଲ୍ଲୀ,(ପି.ଟି.)/ଭୁବନେଶ୍ୱର, (ବ୍ୟୁରୋ) ୩।୫

କରୋନା ମହାମାରୀ ବିରୋଧରେ ଆଗଧାଡ଼ିରେ ଲଢ଼େଇ କରୁଥିବା ଡାକ୍ତର, ନର୍ସ, ସ୍ୱାସ୍ଥ୍ୟ କର୍ମଚାରୀ ଓ ଅନ୍ୟମାନଙ୍କୁ ରବିବାର ଭାରତୀୟ ସେନାର ତିନି ବାହିନୀ ପକ୍ଷରୁ କୃତଜ୍ଞତା ଜଣାଯାଇଛି। ବାୟୁସେନାର ଯୁଦ୍ଧ ବିମାନ ଓ ପରିବହନ ବିମାନ ବଡ଼ ସହରଗୁଡ଼ିକରେ ଫ୍ଲାଏପାଷ୍ଟ କରିଥିବାବେଳେ କରୋନା ରୋଗୀଙ୍କ ଚିକିତ୍ସା କରୁଥିବା ପ୍ରମୁଖ ଅଞ୍ଚଳ ଉପରେ ପୂର୍ବାହ୍ନ ୧୧ଟାରୁ ୩୦ ମିନିଟ୍ ଧରି ଫ୍ଲାଏ–ପାଷ୍ଟ କରିଥିଲେ। ସେହିପରି ସେନାର ମୁଖ୍ୟ ପରିବହନ ବିମାନ ସି–୧୩୦ ମଧ୍ୟ ଦିଲ୍ଲୀ ଏବଂ ଏନ୍‌ସିଆର୍ ଅଞ୍ଚଳ ଉପରେ ଚକ୍କର କାଟିଥିଲା। ଏହି ବିମାନଗୁଡ଼ିକ ୫୦୦ରୁ ୧୦୦୦ ମିଟର ଉଚ୍ଚରେ ଉଡ଼ିଥିଲେ।

ଲକ୍‌ଡାଉନ ବେଳେ ହସ୍ପିଟାଲ ଉପରେ ସାମରିକ ହେଲିକପ୍ଟରରୁ ପୁଷ୍ପ ବର୍ଷା କରାଯାଇଛି। ସୁଖୋଇ–୩୦ ଏମ୍‌କେଆଇ, ମିଗ୍–୨୯ ଏବଂ ଜାଗୁଆର ଯୁଦ୍ଧବିମାନ ରାଜପଥ ସମେତ ଦିଲ୍ଲୀର କେନ୍ଦ୍ରୀୟ ଅଞ୍ଚଳ ଏବଂ ଜାତୀୟ ରାଜଧାନୀ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପୋଲିସ କର୍ମଚାରୀମାନଙ୍କୁ ଧନ୍ୟବାଦ ଜଣାଇବା ଲାଗି ଦିଲ୍ଲୀର ଜାତୀୟ ପୋଲିସ ସ୍ମାରକୀଠାରେ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା। ସେନା ହେଲିକପ୍ଟରରୁ ଉକ୍ତ ☞ପୃଷ୍ଠା–୪

ହିନ୍ଦୁଙ୍କ ଅସଲ ଶତ୍ରୁ ଛଦ୍ମ ହିନ୍ଦୁ

ହିନ୍ଦୁ ସମାଜର ଅସଲ ଶତ୍ରୁ ହେଉଛି ଛଦ୍ମ ହିନ୍ଦୁ। ଛଦ୍ମ ଧର୍ମନିରପେକ୍ଷତାବାଦୀମାନେ ଭାରତର ଉଦାର ଚରିତ୍ରର ପ୍ରଭୂତ କ୍ଷତି ସାଧନ କରିଛନ୍ତି। ସେମାନେ ଏବେ ଅପ୍ରାସଙ୍ଗିକ ହୋଇଯାଇଛନ୍ତି। ରାଜନେତାମାନେ ମଧ୍ୟ ଧର୍ମନିରପେକ୍ଷ ବିଚାରଧାରାକୁ ଗୁରୁତ୍ୱ ଦେଉନାହାନ୍ତି।



ନୂଆଦିଲ୍ଲୀ,୩।୫

ଧର୍ମନିରପେକ୍ଷ (ସେକୁଲାର), ଉଦାର (ଲିବରାଲ), ବୁଦ୍ଧିଜୀବୀ (ଇଣ୍ଟେଲେକ୍‌ଚୁଆଲ୍) ଭଳି ଉତ୍ତୁଙ୍ଗ ଶବ୍ଦ ଚୁପ୍ ହୋଇଯାଇଛି। 'ସିକୁଲାର', 'ଲିବ୍‌ଟାର୍ଡ', 'ଅର୍ବାନ ନକ୍ସଲ' ଏହାର ସ୍ଥାନ ନେଇ ଏବେ ଅନେକ ସହରୀ ମଧ୍ୟବିତ୍ତଙ୍କ ଉପହାସର ଫ୍ୟାଶନେବଲ ଶବ୍ଦଜାଲ ପାଲଟିଛି। କେହି କେହି ଏହି ବର୍ଗର ଲୋକଙ୍କୁ ହିନ୍ଦୁ ବୁର୍ଜୁଆ (ମଧ୍ୟବିତ୍ତ ଶ୍ରେଣୀ) ବୋଲି ଅଭିହିତ କରିପାରନ୍ତି। କିନ୍ତୁ ସେମାନଙ୍କୁ ପ୍ରକୃତରେ 'ଛଦ୍ମ ହିନ୍ଦୁ' ବୋଲି ବିବେଚନା କରାଯାଇପାରେ। ସେମାନେ ଗୈରିକ ବସ୍ତ୍ର ପରିଧାନ କରନ୍ତି ନାହିଁ। ହେଲେ ସେମାନଙ୍କୁ ଏକ ମାଇଲ ଦୂରରୁ ଦେଖିହେବ। ଏହି ଛଦ୍ମ ହିନ୍ଦୁ ହେଉଛି ହିନ୍ଦୁଧର୍ମ ପ୍ରତି ଧର୍ମାନ୍ତରଣକାରୀ ଖ୍ରୀଷ୍ଟିୟାନ ମିଶନାରି ବା ଜେହାଦୀ ମୁଲ୍ଲାଙ୍କ ଠାରୁ ବଡ଼ ବିପଦ। ସେହି ଦିଗକୁ ବଢ଼ିବା ପୂର୍ବରୁ ଛଦ୍ମ ଧର୍ମନିରପେକ୍ଷବାଦୀ ଓ ସେମାନେ ଘଟାଇଥିବା କ୍ଷତି ସମ୍ପର୍କରେ ଅଳ୍ପ କିଛି ଅବତାରଣା କରାଯାଇପାରେ। ସେମାନଙ୍କୁ ଅଣଦେଖା କିମ୍ବା ସହଜରେ କ୍ଷମା କରାଯାଇ ପାରିବ ନାହିଁ। ସେମାନଙ୍କ ମଧ୍ୟରୁ କେତେଜଣ ଆମ ସହିତ ଅଛନ୍ତି, ଯାହାଙ୍କୁ ସହଜରେ ଚିହ୍ନି ହେବ ନାହିଁ। ଧର୍ମନିରପେକ୍ଷ ଓ ଉଦାର ଭଳି ଶବ୍ଦଗୁଡ଼ିକୁ ଆଜି ଭିନ୍ନ ଅର୍ଥରେ ବୁଝାଯାଉଛି। ଏହାର କାରଣ ହେଉଛି ଛଦ୍ମ ଧର୍ମନିରପେକ୍ଷବାଦୀମାନେ ଏକ ଦଳ, ଏହାର ରାଜନୀତି ଓ ଏକ ମୃତ ବିଚାରଧାରା ପ୍ରତି ଆନୁଗତ୍ୟ ପ୍ରଦର୍ଶନ କରୁଛନ୍ତି। ଛଦ୍ମ ଧର୍ମନିରପେକ୍ଷତା ଦଳିତମାନଙ୍କ ଉତ୍ଥାନ ପାଇଁ କାମନା କରିବା ଏକ ମହାନ୍ ପଦକ୍ଷେପ ଥିଲା। କିନ୍ତୁ ସେମାନଙ୍କ ଧାର୍ମିକ ଆସ୍ଥା ଉପରେ ଅହମିକା ସହ ସଦୟ ଭାବେ ଦେଖିଥିଲା। ବାମପନ୍ଥୀ ବିଚାରଧାରାକୁ ଆପଣାଇଛି ଏହି ସର୍ତ୍ତରେ ଯେ, ଦଳିତମାନେ ମୁକ୍ତ ହେବାକୁ ଚାହୁଁଥିଲେ ଗ୍ରାମଦେବଦେବୀଙ୍କୁ ପୂଜା ବନ୍ଦ କରି ଆସ୍ଥା ତ୍ୟାଗ କରିବେ। ଏହି ଛଦ୍ମ ଧର୍ମନିରପେକ୍ଷତା ସମସ୍ତ ପାରମ୍ପରିକ ଓ ସାଂସ୍କୃତିକ କାର୍ଯ୍ୟକୁ ତିରସ୍କାର କରିଥିଲା। ଏହା କେବଳ ଗରିବ ଓ ନିମ୍ନ ବର୍ଗର ଲୋକଙ୍କ ପାଇଁ ଉଦ୍ଦିଷ୍ଟ ନ ଥିଲା, ବରଂ ହିନ୍ଦୁ ଓ ସେମାନଙ୍କ ବିଶ୍ୱାସ ବ୍ୟବସ୍ଥାକୁ ☞ପୃଷ୍ଠା–୪



ମଧ୍ୟପ୍ରଦେଶରେ ଉପନିର୍ବାଚନ ପରେ କଂଗ୍ରେସ ପୁଣିଥରେ ସରକାର ଗଢ଼ିବ ବୋଲି ରାଜ୍ୟ କଂଗ୍ରେସ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ କମଲ ନାଥ ରବିବାର କହିଛନ୍ତି। ଖାଲିପଡ଼ିଥିବା ୨୪ଟି ଆସନରେ ଉପନିର୍ବାଚନ ଅନୁଷ୍ଠିତ ହେବ। ୨୨ ଜଣ କଂଗ୍ରେସ ବିଧାୟକଙ୍କ ବିଦ୍ରୋହ ଯୋଗୁ ମାର୍ଚ୍ଚ ମାସରେ କମଲ ନାଥ ସରକାର ଭାଙ୍ଗିଯାଇଥିଲା।



କନ୍ୟାକୁମାରୀ ଆକାଶରୁ କରୋନା ଯୋଦ୍ଧାଙ୍କୁ କୃତଜ୍ଞତା ଜଣାଉଛି ଭାରତୀୟ ବାୟୁସେନା ବିମାନ।

ଜେଇଇ, ନିଟ୍ ପାଇଁ ସାନି ତାରିଖ ଘୋଷଣା ୫ରେ

ନୂଆଦିଲ୍ଲୀ,୩।୫(ପି.ଟି.)

ଜେଇଇ ଏବଂ ନିଟ୍ ପ୍ରବେଶିକା ପରୀକ୍ଷା ଲାଗି ସାନି ତାରିଖ ୫ରେ ଘୋଷଣା କରାଯିବ ବୋଲି ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ରବିବାର କୁହାଯାଇଛି। କୋଭିଡ୍-୧୯ ସଂକ୍ରମଣ ଯୋଗୁ ସାରାଦେଶ ଲକ୍‌ଡାଉନ୍‌ରେ ଥିବାରୁ ପରୀକ୍ଷା ସ୍ଥଗିତ ରହିଥିଲା। ସାନି ପରୀକ୍ଷା ତାରିଖ ମଙ୍ଗଳବାର ଘୋଷଣା ହେବ ବୋଲି ମାନବ ସମ୍ବଳ ବିକାଶ ମନ୍ତ୍ରୀ ରମେଶ ପୋଖରିୟାଲ ନିଶଙ୍କ କହିଛନ୍ତି। ଫଳରେ ପରୀକ୍ଷାକୁ ନେଇ ଇଞ୍ଜିନିୟରିଂ ଓ ମେଡିକାଲ ଶିକ୍ଷାଗ୍ରହଣ ପାଇଁ ଆଗ୍ରହୀ ପ୍ରାର୍ଥୀମାନଙ୍କ ମଧ୍ୟରେ ଯେଉଁ ଅନିଶ୍ଚିତତା ରହିଥିଲା ତାହା ଦୂର ହୋଇଛି। ସେଦିନ ମନ୍ତ୍ରୀ ଛାତ୍ରୀଛାତ୍ରଙ୍କ ସହ ଅନଲାଇନରେ କଥା ହେବେ ବୋଲି ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଦେଶର ଇଞ୍ଜିନିୟରିଂ କଲେଜଗୁଡ଼ିକରେ ନାମଲେଖା ପାଇଁ ଜେଇଇ ମେନ୍ସ ପରୀକ୍ଷା କରାଯାଉଥିବାବେଳେ ମେଡିକାଲ କଲେଜରେ ନାମଲେଖା ପାଇଁ ଜାତୀୟ ଯୋଗ୍ୟତା ତଥା ପ୍ରବେଶିକ ପରୀକ୍ଷା (ନିଟ୍) ଦେବାକୁ ହୋଇଥାଏ।

ଆଜିଠୁ ଲକ୍‌ଡାଉନ୍ ୩

ନୂଆଦିଲ୍ଲୀ,୩।୫(ପି.ଟି.)

ଦେଶରେ ତୃତୀୟ ପର୍ଯ୍ୟାୟ ଲକ୍‌ଡାଉନ୍ ସୋମବାର ଆରମ୍ଭ ହେଉଛି। ୧୭ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବାକୁ ଥିବା ଏହି ତାଲାବନ୍ଦ ବେଳେ କଟକଣାରେ ପର୍ଯ୍ୟାପ୍ତ କୋହଳ କରାଯାଇଛି। ତେବେ କୋଭିଡ୍-୧୯ ନିଷିଦ୍ଧାଞ୍ଚଳରେ ପୂର୍ବଭଳି କଟକଣା ବଳବତ୍ତର ରହିବ। ସଂକ୍ରମଣ ପରିମାଣକୁ ନେଇ ଦେଶକୁ ରେଡ୍, ଅରେଞ୍ଜ ଓ ଗ୍ରୀନ୍ ଜୋନ୍‌ରେ ବିଭକ୍ତ କରାଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ନିର୍ଦ୍ଦେଶନାମା ଅନୁଯାୟୀ ତୃତୀୟ ପର୍ଯ୍ୟାୟ ଲକ୍‌ଡାଉନ ବେଳେ ସାରା ଦେଶରେ ବିମାନ, ଟ୍ରେନ୍, ମେଟ୍ରୋ ଓ ଆନ୍ତଃରାଜ୍ୟ ବସ୍ ଚଳାଚଳ ବନ୍ଦ ରହିବ। ସେହିପରି ସ୍କୁଲ୍, କଲେଜ, ଅନ୍ୟା ଶିକ୍ଷାନୁଷ୍ଠାନ, କୋଚିଂ ସେଣ୍ଟର, ପ୍ରଶିକ୍ଷଣ କେନ୍ଦ୍ର, ହୋଟେଲ, ରେସ୍ତୋରାଁ ସମେତ ଆତିଥେୟତା ସେବା, ସିନେମା ହଲ, ମଲ୍, ଜିମ୍ନାସିୟମ, ସ୍ପୋର୍ଟ୍ସ କମ୍ପ୍ଲେକ୍ସ ବନ୍ଦ ରହିବ। ସାମାଜିକ, ରାଜନୈତିକ, ସାଂସ୍କୃତିକ ଓ ଅନ୍ୟାନ୍ୟ ସମାବେଶକୁ ନିଷିଦ୍ଧ କରାଯାଇଛି। ଧର୍ମସ୍ଥଳ ଓ ଉପାସନାସ୍ଥଳ ବନ୍ଦ ରହିବ। ସବୁ ଜୋନ୍‌ରେ ଅଣଅତ୍ୟାବଶ୍ୟକ କାର୍ଯ୍ୟରେ ଯାତାୟାତ ଲାଗି ଅନୁମତି ମିଳିଥିବାବେଳେ ରାତି ୭ରୁ ସକାଳ ୭ ପର୍ଯ୍ୟନ୍ତ ଏହାକୁ ନିଷିଦ୍ଧ କରାଯାଇଛି।

କୋହଳ ହେଲା ବହୁ କଟକଣା

ଗ୍ରୀନ୍ ଓ ଅରେଞ୍ଜ ଜୋନ୍‌ରେ ସେଲୁନ୍, ବାରିକ ଦୋକାନ, ସ୍ପା ଖୋଲିବା ସହ ଇ-କମର୍ସ କମ୍ପାନୀ ଜରିଆରେ ଅଣଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରି ଲାଗି ଅନୁମତି ମିଳିଛି। ନିଷିଦ୍ଧାଞ୍ଚଳକୁ ଛାଡ଼ି ଅନ୍ୟ ଜୋନ୍‌ରେ ମଦ ବିକ୍ରି ଲାଗି ନିର୍ଦ୍ଦିଷ୍ଟ ସର୍ତ୍ତରେ ଅନୁମତି ମିଳିଛି। ସେହିପରି କଣ୍ଟେନ୍‌ମେଣ୍ଟ ବ୍ୟତୀତ ଅନ୍ୟ ଜୋନ୍‌ରେ ଓପିଡି ଏବଂ ମେଡିକାଲ କ୍ଲିନିକ ସାମାଜିକ ଦୂରତ୍ୱ ରଖି ଖୋଲିବାକୁ କୁହାଯାଇଛି। ରେଡ୍ ଜୋନ୍‌ରେ ରିକ୍ସା, ଅଟୋରିକ୍ସା, ଟ୍ୟାକ୍ସିକୁ ବାରଣ କରାଯାଇଥିବାବେଳେ ଚାରିଚକିଆ ଯାନରେ ଡ୍ରାଇଭର ସହ ୨ ଜଣ ଏବଂ ଦୁଇଚକିଆ ଯାନରେ ଜଣେ ଯାଇପାରିବେ। ରେଡ୍ ଜୋନ୍‌ରେ ଇ-କମର୍ସ କମ୍ପାନୀ କେବଳ ଜରୁରୀ ସାମଗ୍ରୀ ବିକ୍ରି କରିପାରିବେ। ସେଲୁନ୍, ବାରିକ ଦୋକାନକୁ ଅନୁମତି ମିଳିନାହିଁ। ମଦ ଦୋକାନରେ ୬ ଫୁଟ ଦୂରତା ରଖିବା ଏବଂ ୫ ଜଣରୁ ଅଧିକ ଗ୍ରାହକ ଏକାଠି ନ ହେବାକୁ କୁହାଯାଇଛି।

ସୁପ୍ରିମକୋର୍ଟ ଗଲା ମୁସ୍‌ଲିମ ସଂଗଠନ

ନୂଆଦିଲ୍ଲୀ,୩।୫(ଆଇଏଏନ୍ଏସ୍)

କରୋନା ମୃତକଙ୍କ କବରକୁ ବିରୋଧ

କୋଭିଡ୍-୧୯ ମହାମାରୀରେ ପ୍ରାଣ ହରାଉଥିବା ଲୋକଙ୍କୁ ସେମାନଙ୍କ ଘରପାଖ ଶ୍ମଶାନରେ କବର ଦିଆଯିବା ଘଟଣାକୁ ମୁମ୍ବାଇର ଜଣେ ବ୍ୟକ୍ତି ବିରୋଧ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅନ୍ୟପକ୍ଷରେ ଉକ୍ତ ପିଟିଶନକୁ ବିରୋଧ କରି ଜାମିଆତ୍ ଉଲମା-ଇ-ହିନ୍ଦ୍ ନାମକ ମୁସ୍‌ଲିମ ସଂଗଠନ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ଲୋଡ଼ିଛି। ମୁମ୍ବାଇ ବାସିନ୍ଦା ପ୍ରଦୀପ ଗାନ୍ଧିଙ୍କ ଆବେଦନ ବମ୍ବେ ହାଇକୋର୍ଟରେ ଖାରଜ ହେବା ପରେ ସେ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବାନ୍ଦ୍ରା ୱେଷ୍ଟ ଶ୍ମଶାନରେ କୋଭିଡ୍-୧୯ ରୋଗୀଙ୍କୁ କବର ଦେଲେ ଆଖପାଖ ଅଞ୍ଚଳରେ କରୋନା ସଂକ୍ରମଣ ବୃଦ୍ଧି ପାଇବ ବୋଲି ସେ ଯୁକ୍ତି ଦର୍ଶାଇଛନ୍ତି। ସୋମବାର ଜଷ୍ଟିସ୍ ଆର୍.ଏଫ୍. ନରିମାନ ଏବଂ ଇନ୍ଦିରା ବାନାର୍ଜୀଙ୍କ ଖଣ୍ଡପୀଠ ଏହି ପିଟିଶନର ଶୁଣାଣି କରିବେ। ମୁସ୍‌ଲିମ ସଂଗଠନ ମଧ୍ୟ ଏହି ମାମଲାରେ ଅଦାଲତଙ୍କ ହସ୍ତକ୍ଷେପ ଦାବି କରିଛି। କବର ଦେବା ଦ୍ୱାରା ଭୂତାଣୁ ସଂକ୍ରମଣର କୌଣସି ପ୍ରମାଣ ନାହିଁ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ଇସ୍‌ଲାମ ଧର୍ମରେ ମୃତଦେହକୁ କବର ଦିଆଯିବା ଜରୁରୀ। ଅନ୍ୟ ଧର୍ମରେ ମଧ୍ୟ ଏହି ବ୍ୟବସ୍ଥା ରହିଛି। ଏହା ବିରୋଧରେ କୋର୍ଟରେ ଆବେଦନ ସମ୍ବିଧାନର ଅନୁଚ୍ଛେଦ ୨୫ରେ ଥିବା ଧର୍ମୀୟ ଅଧିକାରର ବିରୋଧ ବୋଲି ମୁସ୍‌ଲିମ ସଂଗଠନ ପକ୍ଷରୁ କୁହାଯାଇଛି।

ବେଜିଂସ୍ଥିତ ପର୍ଯ୍ୟଟନସ୍ଥଳୀ ନାନ୍‌ଲୁଓଗୁଜିଆନ୍‌ରେ ଜଣେ ମହିଳା ପାରମ୍ପରିକ ବେଶଭୂଷା ଧାରଣ କରିଥିବାବେଳେ ତାଙ୍କ ନିକଟରେ ଆଉ ଜଣେ ମାସ୍କ ପିନ୍ଧି ଅଛନ୍ତି ଅନ୍ୟ ଜଣେ ମହିଳା।

ଏନ୍‌କାଉଣ୍ଟର ବେଳେ ୫ ଯବାନ ଶହୀଦ

ଶ୍ରୀନଗର,୩।୫(ପି.ଟି.)

ହନ୍ଦୱାରାରେ ଗୁଳି ବିନିମୟ

- ୨ ଆତଙ୍କବାଦୀ ନିହତ
- ଶହୀଦଙ୍କ ବୀରତ୍ୱ ଓ ବଳିଦାନ ସ୍ମରଣୀୟ ହୋଇ ରହିବ: ମୋଦି

କଲୋନେଲ୍ ଆଶୁତୋଷ   ମେଜର ଅନୁଜ ସୁଦ୍   ନାଏକ ରାଜେଶ୍   ଲାନ୍ସ ନାଏକ ଦୀନେଶ   ପୋଲିସ ଏସ୍‌ଆଇ କାଜି

କରୋନା ମହାମାରୀ ବିରୋଧରେ ସାରା ବିଶ୍ୱ ଲଢୁଥିବାବେଳେ ପାକିସ୍ତାନ ଆତଙ୍କବାଦୀଙ୍କୁ ଜମ୍ମୁ-କଶ୍ମୀରରେ ଅନୁପ୍ରବେଶ କରାଇ ରକ୍ତପାତ କରାଉଛି। ଜମ୍ମୁ-କଶ୍ମୀରର ହନ୍ଦୱାରା ଅନ୍ତର୍ଗତ ରାଜୱାର ଜଙ୍ଗଲରେ ଆତଙ୍କବାଦୀଙ୍କ ସହ ଏନ୍‌କାଉଣ୍ଟରରେ ଦୁଇଜଣ ବରିଷ୍ଠ ସେନା ଅଧିକାରୀଙ୍କ ସମେତ ୫ ସୁରକ୍ଷା କର୍ମୀ ଶହୀଦ ହୋଇଛନ୍ତି। ଫଳରେ ସୈନ୍ୟବାହିନୀକୁ ବଡ଼ ଝଟ୍‌କା ଲାଗିଛି। ଶହୀଦ ହୋଇଥିବା ସୁରକ୍ଷା କର୍ମୀମାନେ ହେଲେ କଲୋନେଲ୍ ଆଶୁତୋଷ ଶର୍ମା, ମେଜର ଅନୁଜ ସୁଦ୍, ନାଏକ ରାଜେଶ ଏବଂ ଲାନ୍ସ ନାଏକ ଦିନେଶ। ଏମାନେ ସମସ୍ତେ ଗାର୍ଡସ୍ ରେଜିମେଣ୍ଟ ବ୍ରିଗେଡ୍ ଅନ୍ତର୍ଭୁକ୍ତ ହୋଇଥିବାବେଳେ ସମ୍ପ୍ରତି ୨୧ ରାଷ୍ଟ୍ରୀୟ ରାଇଫଲ୍ସରେ ସାମିଲ ହୋଇ ଆତଙ୍କ ନିରୋଧୀ ଅଭିଯାନରେ ଭାଗ ନେଇଥିଲେ। ଏମାନଙ୍କ ବ୍ୟତୀତ ଜମ୍ମୁ-କଶ୍ମୀର ପୋଲିସ ସବ୍‌ଇନ୍‌ସ୍ପେକ୍ଟର ଶକିଲ କାଜି ମଧ୍ୟ ଆତଙ୍କବାଦୀଙ୍କ ଗୁଳିରେ ପ୍ରାଣ ହରାଇଛନ୍ତି। ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ନିହତ ହୋଇଥିବା ଦୁଇ ଆତଙ୍କବାଦୀଙ୍କ ମଧ୍ୟରୁ ଜଣେ ପାକିସ୍ତାନୀ। ସେ ଲସ୍କର-ଇ-ତୋଇବା କମାଣ୍ଡର ହାଇଦର ହୋଇଥିବାବେଳେ ଅନ୍ୟ ଜଣକ ପରିଚୟ ମିଳିପାରି ନାହିଁ। ସେମାନେ କେତେଜଣ ସାଧାରଣ ନାଗରିକଙ୍କୁ ପଣବନ୍ଦୀ କରି ରଖିଥିଲେ।

କର୍ତ୍ତବ୍ୟରେ ଥାଇ ଦୁଇ ସେନା ଅଧିକାରୀ ଓ ଜଣେ ପୋଲିସ ଅଫିସରଙ୍କ ସମେତ ୫ ଯବାନ ଶହୀଦ ହେବା ଦୁଃଖଦାୟକ ବୋଲି ଜମ୍ମୁ-କଶ୍ମୀର ପୋଲିସ ଡିଜି ଦିଲ୍‌ବାଗ୍ ସିଂ କହିଛନ୍ତି। ଗତ କିଛିଦିନ ହେଲା ହନ୍ଦୱାରାର ରାଜୱାର ଜଙ୍ଗଲ ମଧ୍ୟରେ କେତେଜଣ ଆତଙ୍କବାଦୀ ରହିଥିବା ସୁରକ୍ଷା ବଳ ଜାଣିବାକୁ ପାଇଥିଲା। ଗୁରୁବାର ଘଞ୍ଚ ଜଙ୍ଗଲ ମଧ୍ୟରେ ସେମାନଙ୍କ ସହ ସୁରକ୍ଷା ବଳର ଗୁଳିବିନିମୟ ହୋଇଥିଲା। ଉକ୍ତ ଜଙ୍ଗଲ ଅନ୍ତର୍ଗତ ଚାଙ୍ଗିମୁଲ୍ଲା ଗ୍ରାମରେ କେତେଜଣ ଆତଙ୍କବାଦୀ ଏକ ଘରେ ଆଶ୍ରୟ ନେଇଥିବା ଶନିବାର ଅପରାହ୍ନରେ ଗୋଇନ୍ଦା ସୂଚନା ମିଳିଥିଲା। ଏହି ଖବର ପାଇବା ପରେ କଲୋନେଲ ଶର୍ମା ଓ ପୋଲିସ ଅଧିକାରୀ କାଜିଙ୍କ ନେତୃତ୍ୱରେ ସୁରକ୍ଷା ବଳ ଉକ୍ତ ଗାଁକୁ ଚାରିପଟୁ ଘେରି ତଲାସି ଅଭିଯାନ ଆରମ୍ଭ କରିଥିଲେ। କିଛି ସମୟର ଗୁଳିବିନିମୟ ପରେ ସ୍ଥିତି ଶାନ୍ତ ପଡ଼ିବାରୁ ଆତଙ୍କବାଦୀ ନିହତ ହୋଇଥିବା ଭାବି କଲୋନେଲ୍ ଓ ଅନ୍ୟ ୪ ସୁରକ୍ଷା କର୍ମୀ ଉକ୍ତ ଘର ପାଖ ଏକ ଗୁହାଳ ମଧ୍ୟରେ ଧସେଇ ପଶିଥିଲେ। ସେମାନେ ସାଧାରଣ ନାଗରିକଙ୍କୁ ଉଦ୍ଧାର କରିବା ପରେ ଜୋରଦାର୍ ଗୁଳିମାଡ଼ର ସମ୍ମୁଖୀନ ହୋଇଥିଲେ। କଲୋନେଲ ଓ ତାଙ୍କ ଟିମ୍ ସହ ସମସ୍ତ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ସେମାନଙ୍କ ମୋବାଇଲ ନମ୍ବରକୁ ଫୋନ୍ କରିବାରୁ ଆତଙ୍କବାଦୀ ଉତ୍ତର ଦେଇଥିଲେ। ଯବାନମାନେ ଘଟଣାସ୍ଥଳକୁ ଯାଇ ଦୁଇ ଅଫିସରଙ୍କ ସମେତ ୫ ଯବାନଙ୍କର ଏନ୍‌କାଉଣ୍ଟରରେ ମୃତ୍ୟୁ ହୋଇଥିବା ଜାଣିଥିଲେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଷ୍ଟ୍ର ପକ୍ଷରୁ ଶହୀଦ ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ସେମାନେ ଉତ୍ସର୍ଗୀକୃତ ଭାବେ ଦେଶବାସୀଙ୍କ ସୁରକ୍ଷା ଲାଗି ଦିନରାତି କାର୍ଯ୍ୟ କରୁଥିଲେ। ସେମାନଙ୍କ ବୀରତା ଓ ବଳିଦାନ କଦାପି ଭୁଲି ହେବନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଶହୀଦଙ୍କ ପରିବାର ସମ୍ପର୍କୀୟମାନଙ୍କୁ ପ୍ରଧାନମନ୍ତ୍ରୀ ସମବେଦନା ଜଣାଇଛନ୍ତି। ୫ ଯବାନ ଶହୀଦ ହେବା ଅତ୍ୟନ୍ତ ଯନ୍ତ୍ରଣାଦାୟକ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି। କଶ୍ମୀର ଜନସାଧାରଣଙ୍କ ସୁରକ୍ଷା ଲାଗି ସୁରକ୍ଷା ପ୍ରତିଶ୍ରୁତିବଦ୍ଧ ବୋଲି ଡିଫେନ୍ସ ଷ୍ଟାଫ୍ ମୁଖ୍ୟ ଜେନେରାଲ ବିପିନ ରାୱତ କହିଛନ୍ତି।

ଶହୀଦ ଏସ୍ଏ କାଜିଙ୍କୁ ଜମ୍ମୁ-କଶ୍ମୀର ପୋଲିସ ଶ୍ରଦ୍ଧାଞ୍ଜଳି ଜଣାଉଛି।

କରୋନାରେ ୨୦ ଦିନର ଶିଶୁ ମୃତ

ଜୟପୁର,୩।୫: ରାଜସ୍ଥାନର ଜୟପୁର ସହରରେ ୨୦ ଦିନର ଶିଶୁ କରୋନା ସଂକ୍ରମଣରେ ପ୍ରାଣ ହରାଇଛି। କୋଭିଡ୍-୧୯ ସଂକ୍ରମଣରେ ପ୍ରାଣ ହରାଇବାରେ ସେ ସମ୍ଭବତଃ ବିଶ୍ୱରେ ସର୍ବକନିଷ୍ଠ ବୋଲି କୁହାଯାଉଛି। ପୂର୍ବରୁ ଜାମନଗରରେ ଜଣେ ୪୫ ଦିନର ଶିଶୁ ଏବଂ ଆମେରିକାରେ ଅନ୍ୟଜଣେ ଶିଶୁ କରୋନାରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଥିଲା।

କୁଳଭୂଷଣଙ୍କ ମୁକ୍ତି ପାଇଁ ପାକ୍‌କୁ ପ୍ରବର୍ତ୍ତାଇବ ଭାରତ

ନୂଆଦିଲ୍ଲୀ,୩।୫(ପି.ଟି.): ପାକିସ୍ତାନ ଜେଲ୍‌ରେ ବନ୍ଦୀ ଥିବା ପୂର୍ବତନ ନୌସେନା ଅଧିକାରୀ କୁଳଭୂଷଣ ଯାଦବଙ୍କୁ ମୁକୁଳାଇବା ପାଇଁ ଇସ୍‌ଲାମାବାଦକୁ ବ୍ୟାକ୍ ଚାନେଲ ମାଧ୍ୟମରେ ପ୍ରବର୍ତ୍ତାଇବା ନିମନ୍ତେ ଭାରତ ଆଶାବାଦୀ ଥିବା ବରିଷ୍ଠ ଆଇନଜୀବୀ ହରିଶ ସାଲ୍‌ଭେ କହିଛନ୍ତି। ଗୁପ୍ତଚର ବୃତ୍ତି ଓ ଆତଙ୍କବାଦୀ କାର୍ଯ୍ୟକଳାପରେ ସମ୍ପୃକ୍ତି ଅଭିଯୋଗରେ ପାକିସ୍ତାନ ସାମରିକ ଅଦାଲତ କୁଳଭୂଷଣଙ୍କୁ ମୃତ୍ୟୁଦଣ୍ଡାଦେଶ ଦେଇଥିଲା। ଏହାକୁ ଭାରତ ଅନ୍ତର୍ଜାତୀୟ ନ୍ୟାୟିକ ଅଦାଲତ (ଆଇସିଜେ)ରେ ଚ୍ୟାଲେଞ୍ଜ କରିଥିଲା। ମୃତ୍ୟୁଦଣ୍ଡର ପୁନର୍ବିଚାର ସହ ତାଙ୍କୁ ଭାରତର ଆଇନଗତ ସହାୟତା ଯୋଗାଇଦେବାକୁ ଗତବର୍ଷ ଆଇସିଜେ ନିର୍ଦ୍ଦେଶ ଦେଇଥିଲେ। ଏହାକୁ କାର୍ଯ୍ୟକାରୀ କରିବା ଲାଗି ଭାରତ ଲଗାତର ପାକିସ୍ତାନକୁ କହିଆସୁଛି। କିନ୍ତୁ ପାକିସ୍ତାନ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନେଇନାହିଁ। ପଛଦ୍ୱାର ଦେଇ ଆମେ ପାକ୍‌କୁ ବୁଝାଇ କୁଳଭୂଷଣଙ୍କୁ ମୁକ୍ତ କରିବାରେ ସମର୍ଥ ହେବୁ ବୋଲି ଆଇସିଜେରେ ଭାରତର ମୁଖ୍ୟ ଓକିଲ ଥିବା ସାଲ୍‌ଭେ ଲଣ୍ଡନରୁ ଏକ ଅନ୍‌ଲାଇନ ବକ୍ତୃତା ଦେବା ଅବସରରେ କହିଛନ୍ତି। ପାକିସ୍ତାନ ଏହି ନିର୍ଦ୍ଦେଶ ନ ମାନିଲେ ଆମେ ପୁଣିଥରେ ଆଇସିଜେ ଯିବା ଲାଗି ନିଷ୍ପତ୍ତି ନେଇପାରିବା ବୋଲି ସାଲ୍‌ଭେ କହିଛନ୍ତି।



୧୨୦ ଦେଶକୁ ସହାୟତା ଦେବ ଆମେରିକା

ୱାଶିଂଟନ,୩।୫: କୋଭିଡ୍-୧୯ ବିରୋଧୀ ଲଢ଼େଇ ପାଇଁ ଭାରତ ସମେତ ୧୨୦ ଦେଶକୁ ଆମେରିକା ୭୭୫ ନିୟୁତ ଡଲାର ସହାୟତାର ପ୍ରତିଶ୍ରୁତି ଦେଇଛି। ଜରୁରୀ ସ୍ୱାସ୍ଥ୍ୟସେବା, ମାନବୀୟ ଓ ଅର୍ଥନୈତିକ ସହାୟତା ଭାବେ ଏହି ଅର୍ଥ ମିଳିବ ବୋଲି ଆମେରିକା ପରରାଷ୍ଟ୍ର ବିଭାଗ ପକ୍ଷରୁ କୁହାଯାଇଛି। ଏହି ମହାମାରୀ ସାରା ବିଶ୍ୱରେ ୨ ଲକ୍ଷ ୪୭ ହଜାର ଲୋକଙ୍କ ଜୀବନ ନେଲାଣି। ଆମେରିକାର ଏହି ସହାୟତା ବିଭିନ୍ନ ଦେଶର ସରକାର, କରୋନା ବିରୋଧରେ ଲଢୁଥିବା ଅନ୍ତର୍ଜାତୀୟ ସଂଗଠନ ଏବଂ ଏନ୍‌ଜିଓଗୁଡ଼ିକୁ ଯୋଗାଇଦିଆଯିବ। ସ୍ୱାସ୍ଥ୍ୟସେବା ସହାୟତା ସ୍ୱରୂପ ଭାରତକୁ ୫.୯ ନିୟୁତ ଡଲାର ମିଳିଛି। ଦକ୍ଷିଣ ଏସୀୟ ରାଷ୍ଟ୍ର ମଧ୍ୟରେ ଆଫଗାନିସ୍ତାନକୁ ୧୮ ନିୟୁତ, ପାକିସ୍ତାନକୁ ୧୫ ନିୟୁତ, ବାଂଲାଦେଶକୁ ୧୨.୩ ନିୟୁତ ଡଲାର ସ୍ୱାସ୍ଥ୍ୟ ସହାୟତା ଆମେରିକା ଯୋଗାଇଦେଇଛି।

୪୦ ହଜାର ଟପିଲା କରୋନା ସଂକ୍ରମଣ

ନୂଆଦିଲ୍ଲୀ,୩।୫(ପି.ଟି.): ଭାରତରେ ଗତ ୨୪ ଘଣ୍ଟା ମଧ୍ୟରେ ୨,୪୮୭ କରୋନାରେ ସଂକ୍ରମିତ ହୋଇଥିବାବେଳେ ୮୩ ଜଣଙ୍କ ଜୀବନ ଯାଇଛି। ଏହାକୁ ମିଶାଇ ରବିବାର ଦେଶରେ ମୃତ୍ୟୁସଂଖ୍ୟା ୧,୩୦୬କୁ ବୃଦ୍ଧି ପାଇଥିବାବେଳେ ସଂକ୍ରମିତଙ୍କ ସଂଖ୍ୟା ୪୦,୨୬୩ରେ ପହଞ୍ଚିଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ଦେଶରେ ସକ୍ରିୟ ମାମଲା ସଂଖ୍ୟା ୨୮,୦୭୦ ରହିଛି। ୧୦,୮୮୬ ଜଣ ସୁସ୍ଥ ହୋଇ ଘରକୁ ଫେରିଲେଣି। ମୋଟ ସଂକ୍ରମିତଙ୍କ ମଧ୍ୟରେ ୧୧୧ ଜଣ ବିଦେଶୀ ରହିଛନ୍ତି।

ଶନିବାର ସନ୍ଧ୍ୟାଠାରୁ ମହାରାଷ୍ଟ୍ରରେ ସର୍ବାଧିକ ୩୬ ଜଣଙ୍କ ଜୀବନ ଯାଇଥିବାବେଳେ ଗୁଜରାଟରେ ୨୬, ମଧ୍ୟପ୍ରଦେଶରେ ୧୧, ରାଜସ୍ଥାନ ଓ ଦିଲ୍ଲୀରେ ୩ ଜଣ ଲେଖାଏ, ତେଲଙ୍ଗାନାରୁ ୨ ଏବଂ ତାମିଲନାଡୁ ଓ ବିହାରରୁ ଜଣେ ଲେଖାଏ ପ୍ରାଣ ହରାଇଛନ୍ତି। କରୋନାରେ ମହାରାଷ୍ଟ୍ରରେ ୫୨୧ ଜଣଙ୍କ ମୃତ୍ୟୁ ଘଟିଲାଣି। ଗୁଜରାଟରେ ୨୬୨ ଏବଂ ମଧ୍ୟପ୍ରଦେଶରେ ୧୫୬ ଜଣଙ୍କର ଏହି ରୋଗରେ ଜୀବନ ଯାଇଛି। ରାଜସ୍ଥାନରେ ୬୫, ଦିଲ୍ଲୀରେ ୬୪, ଉତ୍ତରପ୍ରଦେଶରେ ୪୩, ପଶ୍ଚିମବଙ୍ଗ ଓ ଆନ୍ଧ୍ରପ୍ରଦେଶରେ ୩୩ ଜଣ ଲେଖାଏ କରୋନାରେ ପ୍ରାଣ ହରାଇଛନ୍ତି। ସେହିପରି ତାମିଲନାଡୁରେ

ମୁମ୍ବାଇର ଧାରାବୀରେ କୋଭିଡ୍-୧୯ ରୋଗୀଙ୍କ ପାଇଁ କ୍ୱାରାଣ୍ଟାଇନ୍ ଫାସିଲିଟି ବ୍ୟବସ୍ଥା ବେଳେ ପେପର-ବକ୍ସ ବେଡ୍ ଉପରେ ତକିଆ ରଖୁଛନ୍ତି ଜଣେ ଶ୍ରମିକ।

୨୪ ଘଣ୍ଟାରେ ୨,୪୮୭ ସଂକ୍ରମିତ, ୮୩ ମୃତ

କରୋନାଜନିତ ମୃତ୍ୟୁସଂଖ୍ୟା ୨୯ ଥିବାବେଳେ ତେଲଙ୍ଗାନାରେ ୨୮, କର୍ଣ୍ଣାଟକରେ ୨୫, ପଞ୍ଜାବରେ ୨୦, ଜମ୍ମୁ-କଶ୍ମୀରରେ ୮, କେରଳ, ବିହାର, ହରିୟାଣାରେ ୪ ଜଣ ଲେଖାଏ ଏବଂ ଝାଡଖଣ୍ଡରେ ୩ ଜଣଙ୍କ ମୃତ୍ୟୁ ଘଟିଛି। ଓଡ଼ିଶା, ମେଘାଳୟ, ହିମାଚଳପ୍ରଦେଶ ଓ ଆସାମରେ ଜଣେ ଲେଖାଏ କରୋନା ଭୂତାଣୁର ଶିକାର ହୋଇଛନ୍ତି। ମହାରାଷ୍ଟ୍ରରେ ସର୍ବାଧିକ ୧୨,୨୯୬ ଆକ୍ରାନ୍ତ ଥିବାବେଳେ ଗୁଜରାଟରେ ୫,୦୫୫, ଦିଲ୍ଲୀରେ ୪,୧୨୨ ଜଣ ସଂକ୍ରମିତ ହୋଇଛନ୍ତି।

ଶ୍ରମିକ ଟ୍ରେନ୍‌ରେ ୯୦% ଯାତ୍ରୀଙ୍କୁ ଅନୁମତି

ନୂଆଦିଲ୍ଲୀ,୩।୫(ପି.ଟି.): ଲକ୍‌ଡାଉନ ଯୋଗୁ ବିଭିନ୍ନ ରାଜ୍ୟରେ ଅଟକିଥିବା ଶ୍ରମିକମାନଙ୍କୁ ସେମାନଙ୍କ ରାଜ୍ୟରେ ପହଞ୍ଚାଇବା ପାଇଁ ରେଲୱେ ପକ୍ଷରୁ ଶ୍ରମିକ ସ୍ପେଶିଆଲ୍ ଟ୍ରେନ୍ ଚଳାଚଳ କରୁଛି। ଏହି ଟ୍ରେନ୍ ଯାତ୍ରୀ ପରିବହନ ସାମର୍ଥ୍ୟର ୯୦ ପ୍ରତିଶତ ଶ୍ରମିକଙ୍କୁ ନେବା ଲାଗି ରେଲୱେ ପକ୍ଷରୁ ଗାଇଡ୍‌ଲାଇନ ଜାରି କରାଯାଇଛି। ସ୍ଥାନୀୟ ରାଜ୍ୟ ସରକାର ଯାତ୍ରୀମାନଙ୍କୁ ଟିକେଟ ଦେବେ ଓ ସେ ବାବଦ ଭଡ଼ା ସେମାନଙ୍କଠାରୁ ଆଦାୟ କରି ରେଳ ବିଭାଗକୁ ପ୍ରଦାନ କରିବେ। ଯେଉଁ ରାଜ୍ୟର ଶ୍ରମିକ ଟ୍ରେନ ଛାଡ଼ିବ ସେହି ରାଜ୍ୟ ସରକାର ଯାତ୍ରୀମାନଙ୍କ ପାଇଁ ପର୍ଯ୍ୟାପ୍ତ ସୁରକ୍ଷା ବନ୍ଦୋବସ୍ତ କରିବେ। ଏହି ଟ୍ରେନ୍ ଗନ୍ତବ୍ୟ ସ୍ଥଳ ବ୍ୟତୀତ ଅନ୍ୟ କୌଣସି ଷ୍ଟେଶନରେ ଅଟକିବ ନାହିଁ। ଟ୍ରେନ୍ ଭିତରେ ସାମାଜିକ ଦୂରତ୍ୱ ରକ୍ଷା କରିବାକୁ କୁହାଯାଇଛି। ଏତଦ୍‌ବ୍ୟତୀତ ଟ୍ରେନ୍‌ରେ ଯାତ୍ରୀ ସଂଖ୍ୟା ୯୦ ପ୍ରତିଶତରୁ କମ୍ ହେବା ଉଚିତ ନୁହେଁ। ଏଥିପାଇଁ ସମ୍ପୃକ୍ତ ରାଜ୍ୟ ଯୋଜନା ପ୍ରସ୍ତୁତ କରିବାକୁ ମାର୍ଗଦର୍ଶିକାରେ କୁହାଯାଇଛି। ସେହିପରି ଟ୍ରେନ୍ ଛାଡ଼ିବାକୁ ଥିବା ଷ୍ଟେଶନରେ ହିଁ ରାଜ୍ୟ ସରକାର ଶ୍ରମିକମାନଙ୍କ ପାଇଁ ଖାଦ୍ୟ ପ୍ୟାକେଟ ଓ ପାନୀୟ ଜଳ ଯୋଗାଇଦେବେ। ଯାତ୍ରୀମାନଙ୍କ ପାଇଁ ଫେସ୍ ମାସ୍କ ବାଧ୍ୟତାମୂଳକ। ଏଥିସହିତ ସମସ୍ତ ଯାତ୍ରୀଙ୍କୁ ଆରୋଗ୍ୟ ସେତୁ ଆପ୍ ଡାଉନ୍‌ଲୋଡ୍‌କରିବ୍ୟବହାର କରିବା ନିମନ୍ତେ ରାଜ୍ୟ ସରକାର ପ୍ରୋତ୍ସାହିତ କରିବେ। ୧୨ ଘଣ୍ଟାରୁ ଅଧିକ ଟ୍ରେନ ଯାତ୍ରା ପାଇଁ ରେଲୱେ ପକ୍ଷରୁ ଗୋଟିଏ ମିଲ୍ ଯୋଗାଇ ଦିଆଯିବ। ଗନ୍ତବ୍ୟ ସ୍ଥଳରେ ଯାତ୍ରୀମାନେ ପହଞ୍ଚିବା ପରେ ସମ୍ପୃକ୍ତ ରାଜ୍ୟ କର୍ତ୍ତୃପକ୍ଷ ସେମାନଙ୍କୁ ଗ୍ରହଣ କରିବେ। ସେମାନଙ୍କ ସ୍କ୍ରିନିଂ, କ୍ୱାରାଣ୍ଟାଇନ ଓ ଷ୍ଟେଶନଠାରୁ ଅନ୍ୟ ସ୍ଥାନକୁ ନେବା ଓ ସୁରକ୍ଷା ବ୍ୟବସ୍ଥା ସେହି ରାଜ୍ୟ ସରକାର କରିବେ। ସୁରକ୍ଷା ଓ ସ୍ୱଚ୍ଛତା ନିୟମର ଉଲ୍ଲଂଘନ ହେଲେ ରେଲୱେ କର୍ତ୍ତୃପକ୍ଷ ଶ୍ରମିକ ସ୍ପେଶିଆଲ ଟ୍ରେନ୍ ଚଳାଚଳକୁ ବନ୍ଦ କରିଦେଇପାରିବେ।

ରେଲୱେର ଗାଇଡ୍‌ଲାଇନ୍

ସଂକ୍ଷେପରେ

୨ ଟ୍ରକ୍ ମୁହାଁମୁହିଁ: ୨ ମୃତ

ରସୁଲପୁର, ୩।୫ (ଡି.ଏନ୍.ଏ.): ରସୁଲପୁର ବ୍ଲକ ଅଧୀନ କୁଆଖିଆ ପୋଲ ଉପରେ ରବିବାର ଅପରାହ୍ଣରେ ୨ ଟ୍ରକ ମୁହାଁମୁହିଁ ହେବା ଫଳରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଝାଡଖଣ୍ଡ ରାଜ୍ୟ ଧାନବାଦ ଜିଲା ଗାନ୍ଧିନଗର ଭୋୱାରା ଅଞ୍ଚଳର ସୌରଭ କୁମାର ଓ ଆଜାଦ ନଗର ଅଧୀନ କେଡିଏମ କଲୋନୀର କେ. ରାଜୁ ଓରଫ ମହମ୍ମଦ ନସିମ ବୋଲି ଜଣାପଡିଛି। ଟ୍ରକ ଚାଳକ ମହମ୍ମଦ ରଫିକ୍ ଗୁରୁତର ହୋଇଛନ୍ତି। ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

ପ୍ରକାଶ ଯେ, ଏକ ଆଇରନ ବୋଝେଇ ଟ୍ରକ ପାରାଦୀପ ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଭୁଲ ରାସ୍ତାରେ ଆସୁଥିବା ଏକ କଦଳୀ ବୋଝେଇ ଟ୍ରକ ସହ ମୁହାଁମୁହିଁ ଧକ୍କା ହୋଇଥିଲା। କଦଳୀ ଟ୍ରକର ଚାଳକଙ୍କ ସମେତ ୩ଜଣ ଗୁରୁତର ହୋଇଥିଲେ। ସେମାନଙ୍କୁ ରସୁଲପୁର ଦମକଳ କେନ୍ଦ୍ର କର୍ମଚାରୀ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଦୁଇଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଚାଳକଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିଲା। ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଘଟଣାସ୍ଥଳରେ କୁଆଖିଆ ପୋଲିସ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଯାଇଛି। ପୋଲିସ ଟ୍ରକ ଦ୍ୱୟକୁ ଜବତ କରିବା ସହ ତଦନ୍ତ ଜାରି ରଖିଛି।

ପ୍ରବାସୀ ଓଡ଼ିଆଙ୍କ ସମସ୍ୟା ବୁଝିବେ ଉନ୍ନୟନ କମିଶନର

ଭୁବନେଶ୍ୱର, ୩।୫(ବ୍ୟୁରୋ): କରୋନା ଲକ୍‌ଡାଉନ ଯୋଗୁ ବିଭିନ୍ନ ସ୍ଥାନରେ ଓଡିଆମାନେ ଫସି ରହିଛନ୍ତି। ସେମାନେ କିପରି ସୁରକ୍ଷିତ ଭାବରେ ରାଜ୍ୟକୁ ଫେରିପାରିବେ ସେନେଇ ସବୁ ପ୍ରକାର ପଦକ୍ଷେପ ସରକାରଙ୍କ ପକ୍ଷରୁ ନିଆଯାଇଛି। ଏହିସବୁ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଏହାର ପୂର୍ଣ୍ଣାଙ୍ଗ ଦାୟିତ୍ୱ ଉନ୍ନୟନ କମିଶନର ସୁରେଶ ମହାପାତ୍ରଙ୍କୁ ଦିଆଯାଇଛି। ଏନେଇ ମୁଖ୍ୟ ସାସନ ସଚିବଙ୍କ କାର୍ଯ୍ୟାଳୟରୁ ଶନିବାର ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଶ୍ରମ କମିଶନର ଏନ୍ ତିରୁମାଲା ନାଏକଙ୍କୁ ରାଜ୍ୟ ନୋଡାଲ ଅଫିସରଭାବେ ନିଯୁକ୍ତ କରାଯାଇଛି। ପ୍ରବାସୀମାନେ କିପରି ଫେରିବେ ଏହା ନୋଡାଲ ଅଫିସର ପ୍ରତ୍ୟେକ୍ଷଭାବେ ତଦାରଖ କରିବେ। ସେହିପରି ଏହି ପ୍ରକ୍ରିୟାର ବିକେନ୍ଦ୍ରୀକରଣ ଲାଗି ଗୃହ ବିଭାଗ ପ୍ରମୁଖ ସଚିବ ସଞ୍ଜିବ ଚୋପ୍ରାଙ୍କୁ ମଧ ଦାୟିତ୍ୱ ଦେଆଯାଇଛି।

ଡାର୍କ ନେଟ୍‌ରେ ବିକ୍ରି ହେଉଛି କରୋନା ଆରୋଗ୍ୟଙ୍କ ରକ୍ତ

- ଏକ ଲିଟର ରକ୍ତର ମୂଲ୍ୟ ୧୦.୪୮ ଲକ୍ଷ ଟଙ୍କା
- ପିପିଇ, ପ୍ଲାଜମା, ଟିକା, ଔଷଧ ବିକୁଛନ୍ତି ସାଇବର ଅପରାଧୀ

ନୂଆଦିଲ୍ଲୀ,୩।୫

ମହାମାରୀ କରୋନା ନିରୋଧୀ ଟିକା ତଥା ଔଷଧ ପ୍ରସ୍ତୁତି ପାଇଁ ସାରା ବିଶ୍ୱରେ ବୈଜ୍ଞାନିକମାନେ ଉଦ୍ୟମ ଚଳାଇଛନ୍ତି। କେତେକ ଟିକାର କ୍ଲିନିକାଲ ପରୀକ୍ଷା ଚାଲିଛି। କିନ୍ତୁ ସାଇବର ଅପରାଧୀମାନେ ଏହି ମହାମାରୀରୁ ରକ୍ଷା ପାଇବା ନିମନ୍ତେ ବିଭିନ୍ନ ପ୍ରତିଶ୍ରୁତି ଦେଇ ଟିକା ଓ ଅନ୍ୟାନ୍ୟ ଉପକରଣ ବିକ୍ରିକରିବାରେ ସକ୍ରିୟ ଅଛନ୍ତି। ବିଶେଷକରି ଆରୋଗ୍ୟ ହୋଇଥିବା କରୋନା ସଂକ୍ରମିତଙ୍କ ରକ୍ତକୁ ସେମାନେ ଟିକା ଭାବେ ଲିଟର ପିଛା ୨୧,୬୦୦ ଅଷ୍ଟ୍ରେଲୀୟ ଡଲାର ବା ୧୦ ଲକ୍ଷ ୪୮ ହଜାରରୁ ଉର୍ଦ୍ଧ୍ୱ ଟଙ୍କାରେ ବିକ୍ରି କରୁଛନ୍ତି। ହେଲେ ସେମାନେ ଏଥିପାଇଁ ସାଧାରଣ ୱେବ୍‌ସାଇଟ୍ ନୁହେଁ, 'ଡାର୍କ ନେଟ୍ ବା ଡାର୍କ ୱେବ୍'ର ବ୍ୟବହାର କରୁଛନ୍ତି। ସେମାନେ କ୍ରେତାଙ୍କୁ ବିଶ୍ୱାସ ଦେଉଛନ୍ତି ଯେ, କରୋନାରୁ ସୁସ୍ଥ ହୋଇଥିବା ଲୋକଙ୍କ ରକ୍ତ ଦ୍ୱାରା ଏହି ମହାମାରୀ ବିରୋଧରେ ଜୀବନବ୍ୟାପୀ ରୋଗ ପ୍ରତିରୋଧକ ଶକ୍ତି ପାଇହେବ। ସାଇବର ଅପରାଧୀମାନଙ୍କ ଏଭଳି ଅନୈତିକ କାରବାରକୁ ପ୍ରଘଟ କରିଛନ୍ତି ଅଷ୍ଟ୍ରେଲିଆ ନ୍ୟାଶନାଲ ୟୁନିଭର୍ସିଟି(ଏଏନ୍‌ୟୁ)ର ଅଷ୍ଟ୍ରେଲିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ରିମିନୋଲୋଜିର ଅନୁସନ୍ଧାନକାରୀମାନେ।

ଉଲ୍ଲେଖଥାଉ କି, ସମ୍ପୂର୍ଣ୍ଣ ୱେବ୍ ଦୁନିଆର ପ୍ରାୟ ୪ ପ୍ରତିଶତ ୱେବ୍‌ସାଇଟ୍‌କୁ ଗୁଗୁଲ, ୟାହୁ ଓ ଅନ୍ୟାନ୍ୟ ସର୍ଚ୍ଚ ଇଞ୍ଜିନ ମାଧ୍ୟମରେ ଯାଇହେବ ବା ଭିଜିଟ୍ କରିହେବ ବୋଲି ସାଇବର ବିଶେଷଜ୍ଞମାନେ କହୁଛନ୍ତି। ବାକି ୯୬% ୱେବ୍ ସମ୍ପର୍କରେ ଆମେ ଅଜ୍ଞ। ଅର୍ଥାତ୍ ସାଧାରଣ ଲୋକଙ୍କ ପକ୍ଷରେ ତାହା ଅପହଞ୍ଚ। ୱେବ୍ ଦୁନିଆର ଏହି ବଡ଼ ଅପହଞ୍ଚ ଅଂଶ ହେଉଛି ଡାର୍କ ନେଟ୍। ଆଇପି ଆଡ୍ରେସ୍ ଡିଟେଲ୍ସକୁ ଗୁପ୍ତ ରଖାଯାଇଥିବାରୁ ଡାର୍କ ୱେବ୍‌ସାଇଟ୍‌ଗୁଡ଼ିକୁ ସାଧାରଣ ଲୋକେ ଦେଖିପାରିବେ ନାହିଁ। କେତେକ ନାମବିହୀନ ଟୁଲ୍ସ ମାଧ୍ୟମରେ ହିଁ ଏଭଳି ୱେବ୍‌ସାଇଟ୍‌କୁ ଦେଖିହେବ। କିନ୍ତୁ ଡାର୍କ ୱେବ୍‌ସାଇଟ୍‌ଗୁଡ଼ିକୁ ଟ୍ରାକ କରିବା ଏବଂ ସେଗୁଡ଼ିକର ସର୍ଭର ଡିଟେଲ୍ସକୁ ଖୋଜିବା ପ୍ରାୟତଃ ଅସମ୍ଭବ। ତେଣୁ ଏହା ମାଧ୍ୟମରେ ସାଇବର ଅପରାଧୀମାନେ ନିଶା କାରବାର, ପର୍ନୋଗ୍ରାଫି, ହ୍ୟାକିଂ, ଚୋରି ସାମଗ୍ରୀ ବିକ୍ରି ଆଦି କରୁଛନ୍ତି। ଏଏନ୍‌ୟୁ ଅନୁସନ୍ଧାନକାରୀମାନଙ୍କ ରିପୋର୍ଟ ଅନୁଯାୟୀ, ପ୍ରାୟ ୨୦ଟି ଡାର୍କନେଟ୍ ମାର୍କେଟରେ କୋଭିଡ୍-୧୯ ସମ୍ପର୍କିତ ଶହ ଶହ ସାମଗ୍ରୀ ବିକ୍ରି କରି ସାଇବର ଅପରାଧୀମାନେ ଏହି ମହାମାରୀ ସମୟରେ ଶୋଷଣ କରୁଛନ୍ତି। ଉକ୍ତ ସାମଗ୍ରୀ ମଧ୍ୟରେ ରହିଛି ତଥାକଥିତ ଟିକା, ଔଷଧ, ଡାଇଗ୍ନୋଷ୍ଟିକ୍ ଟେଷ୍ଟ କିଟ୍, ବ୍ୟକ୍ତିଗତ ସୁରକ୍ଷା ଉପକରଣ(ପିପିଇ) ଏବଂ କରୋନାରୁ ଆରୋଗ୍ୟ ହୋଇଥିବା ଲୋକଙ୍କ ପ୍ଲାଜମା।

ଆମେରିକା ଆଧାରିତ କାନାଡୀୟ ଡିଜିଟାଲ ମିଡିଆ 'ଭାଇସ୍' ଏ ସମ୍ପର୍କିତ ଖବର ପ୍ରକାଶନ ବେଳେ ଦର୍ଶାଇଥିଲା ଯେ, ଏଭଳି ପ୍ରାୟ ୧୯ଟି ସାମଗ୍ରୀ ଏକ ଲୋକପ୍ରିୟ ଭୂତଳ ମାର୍କେଟରେ ବିକ୍ରି ପାଇଁ ଉପଲବ୍ଧ ରହିଥିଲା। ସେଥିମଧ୍ୟରେ ଥିଲା ୨୧,୬୦୦ ଅଷ୍ଟ୍ରେଲୀୟ ଡଲାରରେ ବିକ୍ରି ହେଉଥିବା କରୋନା ଆରୋଗ୍ୟଙ୍କ ରକ୍ତ। ଏହିସବୁ ସାମଗ୍ରୀ ବିଭିନ୍ନ ଦେଶର କେତେଜଣ ଡାକ୍ତରଙ୍କଠାରୁ ଅଣାଯାଇଥିଲା ଏବଂ ସ୍ୱିଡେନ୍‌ର ଜଣେ ବିତରକଙ୍କ ମାଧ୍ୟମରେ ଅନ୍ତର୍ଜାତୀୟ କ୍ରେତାମାନଙ୍କ ପାଖକୁ ଡାକ ମାଧ୍ୟମରେ ତାହାକୁ ପଠାଯାଉଛି।

ଅନୁସନ୍ଧାନକାରୀମାନେ ଗତ ଏପ୍ରିଲ ୩ରେ ଡାର୍କନେଟ୍ ମାର୍କେଟ୍ ଉପରେ ସର୍ଭେ କରିଥିଲେ। ସେମାନେ ପାଇଥିବା ସମସ୍ତ କରୋନାଭାଇରସ୍ ସମ୍ବନ୍ଧୀୟ ଉତ୍ପାଦ ମଧ୍ୟରୁ ପିପିଇ ଅତି ସହଜରେ ଉପଲବ୍ଧ ଥିଲା। ସେଗୁଡ଼ିକ ପ୍ରାୟତଃ ବିଭିନ୍ନ ଫ୍ୟାକ୍ଟ୍ରି, ୱେର୍‌ହାଉସ୍ ଏବଂ ଷ୍ଟୋରରୁ ଚୋରି କରାଯାଇଥିବା ଅନୁମାନ କରାଯାଉଛି। ସେହିପରି କରୋନାରୁ ଆରୋଗ୍ୟ ପାଇଁ ବ୍ୟବହାର ହେଉଥିବା ମ୍ୟାଲେରିଆ ନିରୋଧୀ ଔଷଧ, ପ୍ରାଣୀଙ୍କ ଦେହରେ ପରୀକ୍ଷା ହୋଇଥିବା ଟିକା ମଧ ଏଭଳି ଉପାୟରେ ବିକ୍ରି ପାଇଁ ଉପଲବ୍ଧ କରାଯାଉଛି। ଏହିସବୁ ସାମଗ୍ରୀ ମଧ୍ୟରୁ ପ୍ରାୟତଃ ଆମେରିକାରୁ ୬୧%, ୟୁରୋପରୁ ୬%, ବ୍ରିଟେନରୁ ୨.୬% ଏବଂ ଅଷ୍ଟ୍ରେଲିଆରୁ ୦.୫% ଅଣାଯାଉଥିବା ଜଣାପଡ଼ିଛି।

କ୍ରେତାମାନେ ନିଜ ଦେହରେ ଉକ୍ତ ରକ୍ତକୁ ଟିକା ଭାବେ ଗ୍ରହଣ କରି କୋଭିଡ୍-୧୯କୁ ପ୍ରତିହତ କରିବେ ବୋଲି ଆଶା କରୁଥିବା ଏଏନ୍‌ୟୁ ଅନୁସନ୍ଧାନକାରୀଙ୍କ ମୁଖ୍ୟ ରୋଡ୍ ବ୍ରଡ୍‌ହର୍ଷ୍ଟଙ୍କ କହିଛନ୍ତି। ବଜାରରେ ପିପିଇ ଓ ଅନ୍ୟାନ୍ୟ ସାମଗ୍ରୀର ଅଭାବ ଥିବାରୁ ସେଗୁଡ଼ିକୁ ଉଚ୍ଚା ଦରରେ ଡାର୍କ ନେଟ୍‌ରେ ବିକ୍ରି କରାଯାଉଛି। ବ୍ରଡ୍‌ହର୍ଷ୍ଟ କହିଛନ୍ତି ଯେ, ମହାମାରୀର ସୁଯୋଗ ନେଇ କେତେଜଣ ଅନୈତିକ ଉପାୟରେ ଟଙ୍କା ରୋଜଗାର କରିବାକୁ ଚାହୁଁଛନ୍ତି। ଆଗାମୀ ଦିନରେ ସେମାନଙ୍କ ନେଟୱର୍କ ଆହୁରି ବଢ଼ିପାରେ। ଏହି ସମୟରେ ତାହା ବନ୍ଦ ହେବା ଜରୁରୀ।

ଗଞ୍ଜାମରେ ସୁରଟ ଫେରନ୍ତାଙ୍କୁ କରୋନା

ପୁଣି ୫ ପଜିଟିଭ୍ ଚିହ୍ନଟ, ସଂଖ୍ୟା ୧୬୨କୁ ବୃଦ୍ଧି

- ଗଞ୍ଜାମରୁ ୨, ଝାରସୁଗୁଡ଼ା, ବାଲେଶ୍ୱର ଓ କେନ୍ଦୁଝରରୁ ଜଣେ ଚିହ୍ନଟ
- ଗୋଟିଏ ଦିନରେ ଭଦ୍ରକରୁ ୩, ବାଲେଶ୍ୱରରୁ ଜଣେ ସୁସ୍ଥ
- ରାଜ୍ୟରେ ୧୦୧ ସକ୍ରିୟ ସଂକ୍ରମିତ, ୬୦ ସୁସ୍ଥ

ଭୁବନେଶ୍ୱର, ୩।୫(ବ୍ୟୁରୋ)

ବାହାର ରାଜ୍ୟରେ ଫସି ରହିଥିବା ପ୍ରବାସୀ ଓଡ଼ିଆ ଶ୍ରମିକଙ୍କୁ ଫେରାଇ ଆଣିବା ପାଇଁ ରାଜ୍ୟ ସରକାର ଲାଗି ପଡିଛନ୍ତି। ଇତିମଧ୍ୟରେ ବସ୍ ଓ ଟ୍ରେନ୍‌ରେ ପ୍ରବାସୀଙ୍କ ଓଡ଼ିଶା ଆଗମନ ଜାରି ରହିଥିବାବେଳେ ଆରମ୍ଭରୁ ଝଟ୍‌କା ଲାଗିଛି। ଗୁଜରାଟ ସୁରଟରୁ ଫେରିଥିବା ୨ଜଣଙ୍କଠାରେ କରୋନା ପଜିଟିଭି ଚିହ୍ନଟ ହେବା ପରେ ସରକାରଙ୍କ ଚିନ୍ତା ବଢ଼ିଛି। ରବିବାର ରାଜ୍ୟର ୪ ଜିଲାରୁ ମୋଟ ୫ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛି। ସେମାନଙ୍କ ମଧ୍ୟରେ ଗଞ୍ଜାମ ଜିଲାର ୨ଜଣ ଥିବାବେଳେ ଝାରସୁଗୁଡା, ବାଲେଶ୍ୱର ଓ କେନ୍ଦୁଝରରୁ ଜଣେ ଲେଖାଏ ଆକ୍ରାନ୍ତ ରହିଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ କୋଭିଡ୍-୧୯ ଆକ୍ରାନ୍ତଙ୍କ ସଂଖ୍ୟା ୧୬୨କୁ ବୃଦ୍ଧି ପାଇଥିବା ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ସୂଚନା ଦେଇଛି। ତେବେ ଗଞ୍ଜାମ ଜିଲାରୁ ପ୍ରଥମଥର ଚିହ୍ନଟ ହୋଇଥିବା ଦୁଇ ଆକ୍ରାନ୍ତ ୧୭ ଓ ୨୨ ବର୍ଷୀୟ ଯୁବକ। ୩ ଦିନ ତଳେ ୨୧୭ଜଣ ପ୍ରବାସୀ ୪ଟି ବସ୍‌ରେ ସୁରଟରୁ ଗଞ୍ଜାମ ଫେରିଥିଲେ। ସେମାନଙ୍କୁ ପ୍ରଶାସନ ତରଫରୁ ଶେରଗଡ ଓ ଧରାକୋଟସ୍ଥିତ ୨ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟ ତରଫରୁ ୨ଟି ଟିମ୍ ସେମାନଙ୍କ ସ୍ୱାବ୍ ନମୁନା ସଂଗ୍ରହ କରି ଭୁବନେଶ୍ୱର ଆର୍‌ଏମ୍‌ଆରସିକୁ ପଠାଇଥିଲା। ୨ଜଣଙ୍କ ରିପୋର୍ଟ ପଜିଟିଭ୍ ଆସିଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ଉମା ମିଶ୍ର ସୂଚନା ଦେଇଛନ୍ତି। ତେବେ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ତଥ୍ୟ ଅନୁସାରେ ଉଭୟଙ୍କଠାରେ କରୋନାର କୌଣସି ଲକ୍ଷଣ ଦେଖିବାକୁ ମିଳି ନ ଥିଲା। ଗସ୍ତ ବିବରଣୀ ଥିବାରୁ ସେମାନଙ୍କ ନମୁନା ସଂଗ୍ରହ କରାଯାଇଥିଲା।

ସେହିପରି ଝାରସୁଗୁଡ଼ା, ବାଲେଶ୍ୱର ଓ କେନ୍ଦୁଝରରୁ ରବିବାର ଜଣେ ଲେଖା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଝାରସୁଗୁଡାରୁ ଚିହ୍ନଟ ନୂଆ ଆକ୍ରାନ୍ତ ଜଣେ ୪୦ ବର୍ଷୀୟା ମହିଳା ଏବଂ ସେ ପୁରୁଣା ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଛନ୍ତି। ଆକ୍ରାନ୍ତ ମହିଳା ଜଣକ ଏପ୍ରିଲ ୨୧ରୁ ୨୬ ତାରିଖ ପର୍ଯ୍ୟନ୍ତ ବନ୍ଧୁଘର ସୁନ୍ଦରଗଡ଼ ଜିଲା ବନ୍ଧପାଲୀରେ ଥିଲେ। ୨୬ ତାରିଖରେ ସେଠାରୁ ଫେରି ଘରେ ରହିଥିଲେ। ସୁନ୍ଦରଗଡ଼ରୁ ଫେରିଥିବାରୁ ତାଙ୍କର କଣ୍ଟାକ୍ଟ ଟ୍ରେସିଂ ଜାରି ରହିଛି। ଏହାକୁ ମିଶାଇ ଝାରସୁଗୁଡ଼ାରେ କରୋନା ଆକ୍ରାନ୍ତ ସଂଖ୍ୟା ୨କୁ ବୃଦ୍ଧି ପାଇଛି। ବାଲେଶ୍ୱରରେ ଚିହ୍ନଟ ଆକ୍ରାନ୍ତ ଜଣକ ୩୪ ବର୍ଷୀୟ ଯୁବକ ହୋଇଥିବାବେଳେ ସେ କୋଲକାତାରୁ ଫେରି କ୍ୱାରାଣ୍ଟାଇନ୍‌ରେ ଥିଲେ। ଗସ୍ତ ବିବରଣୀ ଥିବାରୁ ତାଙ୍କର ନମୁନା ସଂଗ୍ରହ କରାଯାଇଥିଲା। କେନ୍ଦୁଝର ଜିଲାରୁ ଚିହ୍ନଟ ହୋଇଥିବା ଆକ୍ରନ୍ତ ଜଣକ ୩୦ବର୍ଷୀୟ ଯୁବକ। ତାଙ୍କ ଘର ଏହି ଜିଲା ଅନ୍ତର୍ଗତ ହାଟଡିହିରେ ହୋଇଥିବାବେଳେ ସେ କୋଲକାତାରୁ ଫେରିଥିବା ଜଣାପଡ଼ିଛି। ତାଙ୍କଠାରେ କୌଣସି ଲକ୍ଷଣ ଦେଖିବାକୁ ମିଳି ନ ଥିଲା। କିନ୍ତୁ ଗସ୍ତ ବିବରଣୀ ଥିବାରୁ ତାଙ୍କ ନମୁନା ପରୀକ୍ଷଣ କରାଯାଇଥିଲା, ଯାହାକି ପଜିଟିଭ୍ ଆସିଥିବା କେନ୍ଦୁଝର ଜିଲାପାଳ ସୂଚନା ଦେଇଛନ୍ତି। ଫଳରେ କେନ୍ଦୁଝର ଜିଲାରେ ଏବେ କରୋନା ପଜିଟିଭ୍ ବ୍ୟକ୍ତିଙ୍କ ସଂଖ୍ୟା ୨ରେ ପହଞ୍ଚିଛି।

ଅନ୍ୟପକ୍ଷରେ ରାଜ୍ୟରେ ଏଯାବତ୍ ୩୮ହଜାର ୬୫୮ ନମୁନା ପରୀକ୍ଷା ହୋଇଛି। ଶନିବାର ଗୋଟିଏ ଦିନରେ ୨ହଜାର ୬୫ଟି ପରୀକ୍ଷା କରାଯାଇଥିଲା। ତେବେ ରାଜ୍ୟର ମୋଟ ୧୬୨ ପଜିଟିଭ୍‌ଙ୍କ ମଧ୍ୟରୁ ୧୦୧ ସକ୍ରିୟ ସଂକ୍ରମିତ ଥିବାବେଳେ ୬୦ ଜଣ ସୁସ୍ଥ ହୋଇଛନ୍ତି ଓ ଜଣଙ୍କର ମୃତ୍ୟୁ ହୋଇଛି। ରବିବାର ଗୋଟିଏ ଦିନରେ ଭଦ୍ରକ ଜିଲାରୁ ୩ଜଣ ଓ ବାଲେଶ୍ୱରରୁ ଜଣେ ଆକ୍ରାନ୍ତ ସୁସ୍ଥ ହୋଇଥିବା ଜଣାପଡ଼ିଛି। ତେବେ ରବିବାର ଚିହ୍ନଟ ସମସ୍ତ କରୋନା ଆକ୍ରାନ୍ତଙ୍କ ଗସ୍ତ ବିବରଣୀ ଓ କଣ୍ଟାକ୍ଟ ଟ୍ରେସିଂ ଖୋଜିବା ଆରମ୍ଭ ହୋଇଥିବା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଣାପଡ଼ିଛି।

ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ଅବସରରେ ରବିବାର ପୁରୀଠାରେ ବାଲୁକାଶିଳ୍ପୀ ସୁଦାମ ପ୍ରଧାନଙ୍କ ସ୍ୟାଣ୍ଡ ଆନିମେଶନ।

ଦାବି ପୂରଣ ନ ହେଲେ ଚାଲିବନି ଗାଡ଼ି

ଆଜି ବସ୍ ଚଳାଚଳ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ

ଭୁବନେଶ୍ୱର, ୩।୫(ବ୍ୟୁରୋ)

ରାଜ୍ୟରେ ଆଗକୁ ଘରୋଇ ବସ୍ ଚଳାଚଳ କେବେ ହେବ ଏବଂ ଏଥିଲାଗି କ'ଣ ସବୁ ନିୟମକାନୁନ ରହିବ ତାକୁ ନେଇ ବିଚାରବିମର୍ଶ ଚାଲିଛି। ହଜାର ହଜାର ବସ୍ ଦେଢ଼ ମାସ ହେଲା ନ ଚାଲିବା କାରଣରୁ ମାଲିକମାନଙ୍କ ଚିନ୍ତା ବଢ଼ିଯାଇଛି। ବ୍ୟାଙ୍କରୁ ଋଣ ଆଣି ବସ୍ କିଣିଥିବା ମାଲିକମାନେ ଆଗକୁ କ'ଣ କରିବେ ଏବଂ କିପରି କିସ୍ତି ପରିଶୋଧ କରିବେ ତାହା ସବୁଠାରୁ ବଡ ପ୍ରଶ୍ନ ହୋଇ ଉଭା ହୋଇଛି। କେବଳ ସେତିକି ନୁହେଁ ବସ୍‌ରେ କାର୍ଯ୍ୟ କରୁଥିବା ଡ୍ରାଇଭର, କଣ୍ଡକ୍ଟର, ହେଲ୍‌ପରଙ୍କ ପରିବାର ମଧ ଏବେ ଚିନ୍ତାରେ ଅଛନ୍ତି। କରୋନା ଯୋଗୁ ସାରା ଦେଶରେ ଲକ୍‌ଡାଉନ ଜାରି ରହିଥିବାବେଳେ ପ୍ରାୟ ୪ ସପ୍ତାହରୁ ଅଧିକ ଦିନ ହୋଇଯିବ ସବୁକିଛି ବନ୍ଦ ରହିଛି। ତୃତୀୟ ପର୍ଯ୍ୟାୟରେ ଲକ୍‌ଡାଉନକୁ ଦୁଇ ସପ୍ତାହ ବୃଦ୍ଧି କରାଯାଇଥିବା ବେଳେ ବହୁତ କିଛି କାମରେ ସରକାର କୋହଳ ଲାଗୁ କରିଛନ୍ତି। ତେଣୁ ବର୍ତ୍ତମାନ ସ୍ଥିତିରେ ବସ୍ ଚଳାଚଳ ଉପରେ ସରକାର ବିଚାର କରୁଛନ୍ତି। ତେବେ ରବିବାର ରାଜ୍ୟ ବସ୍ ମାଲିକ ସଂଘ ତରଫରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି।

ରାଜ୍ୟର ସମସ୍ତ ଗ୍ରୀନ ଏବଂ ଅରେଞ୍ଜ ଜୋନ୍‌ରେ ବସ୍ ଚଳାଚଳ ଲାଗି ଅନୁମତି ରହିଛି। କିନ୍ତୁ ବସ୍ ମାଲିକ ସଂଘ କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶନାମା ଅନୁଯାୟୀ ୪ ତାରିଖଠାରୁ ଗାଡି ଚଳାଇବେ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ର ନିର୍ଦ୍ଦେଶନାମା ଅନୁସାରେ ବସ୍ ଚଳାଚଳ ସମ୍ଭବ ନୁହେଁ। ଅନ୍ୟପଟେ ରାଜ୍ୟ ସରକାରଙ୍କ ପକ୍ଷରୁ ବସ୍ ଚଳାଚଳ ନେଇ କୌଣସି ନିର୍ଦ୍ଦିଷ୍ଟ ନିର୍ଦ୍ଦେଶନାମା ଜାରି ହୋଇନାହିଁ। ଆଗକୁ ୬ ମାସ ପର୍ଯ୍ୟନ୍ତ ବ୍ୟାଙ୍କ ଋଣ ଛାଡ଼, ଇନ୍‌ସୁରାନ୍ସ ଦାଖଲ ଅବଧିରେ ବୃଦ୍ଧି, ଡିଜେଲ ଉପରୁ ସେସ୍ ଏବଂ ଭାଟ୍ ଛାଡ଼, ଟୋଲ୍ ଆଦାୟ ଛାଡ଼ କରିବା ସହିତ ରାଜ୍ୟ ସରକାର ୬ ମାସ ପର୍ଯ୍ୟନ୍ତ ଟିକସ ଛାଡ଼ କରନ୍ତୁ ବୋଲି ବସ୍ ମାଲିକ ସଂଘ ଦାବି କରିଛି।

ରାଜ୍ୟର ସମସ୍ତ ଅନ୍ୟପଟେ ରାଜ୍ୟ ସରକାର ବସ୍ ଚଳାଚଳକୁ ନେଇ ସୋମବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଦିନ ୧୧.୩୦ମିନିଟରେ ଡକାଇଥିବା ଜଣାପଡିଛି। ଏନେଇ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା କହିଛନ୍ତି ଯେ, ବସ୍ ଚଳାଚଳ ନେଇ କେନ୍ଦ୍ର ଜାରି କରିଥିବା ନିର୍ଦ୍ଦେଶାବଳୀ ଦେଖିବୁ। କେନ୍ଦ୍ର ସରକାରଙ୍କ ସହିତ ଏନେଇ ଆଲୋଚନା ମଧ୍ୟ କରିବୁ। କିଛିଦିନ ତଳେ କେନ୍ଦ୍ର ପରିବହନ ମନ୍ତ୍ରୀ ନୀତିନ ଗଡକରୀଙ୍କ ସହ ଭିଡିଓ କନ୍‌ଫରେନ୍ସ ଜରିଆରେ ଆଲୋଚନା କରିବା ସମୟରେ ବସ୍ ମାଲିକମାନଙ୍କ ସମସ୍ୟା ନେଇ ଜଣାଇଥିଲି। ଶୁକ୍ରବାର ଏହାକୁ ନେଇ ଏକ ବିଭାଗସ୍ତରୀୟ ବୈଠକ ଅନୁଷ୍ଠିତ ହେବା ପରେ ବିଧିବଦ୍ଧ ଘୋଷଣା କରାଯିବ ବୋଲି ବେହେରା କହିଛନ୍ତି।

ସୀମିତ ରହିବ ହାଇକୋର୍ଟ କାର୍ଯ୍ୟ

କଟକ ଅଫିସ,୩।୫

ଲକ୍‌ଡାଉନ ଅବଧି ବୃଦ୍ଧିକୁ ନେଇ ହାଇକୋର୍ଟ ପକ୍ଷରୁ ରବିବାର ନୂତନ ନିର୍ଦ୍ଦେଶନାମା ଜାରି ହୋଇଛି। ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ହାଇକୋର୍ଟ କାର୍ଯ୍ୟ ସୀମିତ ରହିବ ବୋଲି ଡେପୁଟି ରେଜିଷ୍ଟ୍ରାର (ବିଚାର ବିଭାଗ) ଏକ ନିର୍ଦ୍ଦେଶନାମାରେ ଜଣାଇଛନ୍ତି। ସପ୍ତାହର ସମସ୍ତ କାର୍ଯ୍ୟ ଦିବସ ମଧ୍ୟରୁ ଦୁଇଦିନ ଅର୍ଥାତ୍ ମଙ୍ଗଳବାର ଓ ବୁଧବାର ଦୁଇଜଣିଆ ଖଣ୍ଡପୀଠରେ ମାମଲାର ବିଚାର କରାଯିବ। ପ୍ରତେକ କାର୍ଯ୍ୟ ଦିବସରେ ୫ଜଣ ବିଚାରପତି ପୃଥକ୍ ପୃଥକ୍ ଭାବେ ଜଣକିଆ ଖଣ୍ଡପୀଠରେ ବିଚାର କରିବେ। ଦୁଇଜଣିଆ ଖଣ୍ଡପୀଠରେ ବିଚାର କରୁଥିବା ବିଚାରପତି ଦ୍ୱୟ ମଧ ପୃଥକ ଭାବେ ଜଣକିଆ ଖଣ୍ଡପୀଠରେ ବିଚାର କରିବେ। ଏହା ମେ' ୪ରୁ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। କାଉଣ୍ଟର ଫାଇଲିଂ ପାଇଁ ଅଦାଲତ ପୂର୍ବାହ୍ନ ସାଢେ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଖୋଲା ରହିବ। ଆଇନଜୀବୀ କିମ୍ବା ଆବେଦନକାରୀମାନଙ୍କ ମଧ୍ୟରେ ସାମାଜିକ ଦୂରତା ରଖିବାକୁ କୁହାଯାଇଛି। ଏଥିସହ ଆବଶ୍ୟକ ସୁରକ୍ଷା ଯୋଗାଇ ଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ କାର୍ଯ୍ୟ ଯେଭଳି ସୁରୁଖୁରୁରେ ଚାଲିପାରିବ, ସେଥିପାଇଁ ରୋଷ୍ଟର ଡ୍ୟୁଟି ଅନୁଯାୟୀ ୫୦ ପ୍ରତିଶତ କର୍ମଚାରୀଙ୍କୁ ଅଦାଲତ କାର୍ଯ୍ୟାଳୟରେ ଉପସ୍ଥିତ ରହିବାକୁ ସବୁ ବିଭାଗର କୋର୍ଟ ଅଧୀକ୍ଷକଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟ ଦିବସରେ ଅଦାଲତରେ ସମସ୍ତ ବିଭାଗୀୟ ଅଧୀକ୍ଷକ ଜାଗ୍ରତ ରହିବାକୁ ହାଇକୋର୍ଟ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଅଫିସର, କର୍ମଚାରୀମାନେ କୋର୍ଟକୁ ମାସ୍କ ପିନ୍ଧି ଆସିବା ସହ ସାମାଜିକ ଦୂରତା ରଖିବେ। ଅଦାଲତର ପ୍ରବେଶ ଓ ପ୍ରସ୍ଥାନ ଦ୍ୱାରରେ ଥର୍ମାଲ ସ୍କାନିଂ, ହାତ ସଫା ପାଇଁ ସାନିଟାଇଜେଶନ ସାମଗ୍ରୀ ମହଜୁଦ ରହିବ। କୋର୍ଟର ବିଭିନ୍ନ ସାମଗ୍ରୀକୁ ବାରମ୍ବାର ରାସାୟନିକ ପ୍ରକ୍ରିୟାରେ ସାନିଟାଇଜେଶନ କରାଯିବ। ପ୍ରତ୍ୟେକ ଅଫିସର ଏବଂ କର୍ମଚାରୀ ସେମାନଙ୍କ ମୋବାଇଲ ଫୋନରେ ଆରୋଗ୍ୟ ସେତୁ ଇନ୍‌ଷ୍ଟଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

କଳିଙ୍ଗା ଦୁର୍ଘଟଣା: ଦୋଷ ଲୁଚାଇବାକୁ ଉଦ୍ୟମ

ବିପଦରେ ପକାଇବ ତରବରିଆ ଘରବାହୁଡ଼ା ନିଶା

- ନୟାଗଡ଼-ଦଶପଲ୍ଲା ଦେଇ ଗଞ୍ଜାମ ଯିବ ବସ୍: ପରିବହନ ମନ୍ତ୍ରୀ
- ନାଗପୁର- ଅମରାବତୀ ଜାତୀୟ ରାଜପଥରେ ଓଲଟିଲା ବସ୍
- କଳିଙ୍ଗା ଘାଟି ଡିଭାଇଡରରେ ପିଟି ହୋଇ ବସ୍ ଦୁର୍ଘଟଣାଗ୍ରସ୍ତ, ୩ ଆହତ

ଭୁବନେଶ୍ୱର,୩।୫(ବ୍ୟୁରୋ)

କରୋନା(କୋଭିଡ୍-୧୯) ଲକ୍‌ଡାଉନ ଯୋଗୁ ଦୀର୍ଘ ଦେଢ଼ମାସ କାଳ ଅନ୍ୟ ରାଜ୍ୟରେ ଫସି ରହିଥିବା ଲୋକମାନେ ଏବେ ଘରମୁହାଁ ହୋଇଛନ୍ତି। ସେମାନଙ୍କର ଗୋଟିଏ ଚିନ୍ତା କେମିତି ଘରେ ପହଞ୍ଚିବେ। ତେବେ ଏହି ଘରବାହୁଡ଼ା ନିଶା ସମସ୍ତଙ୍କ ପାଇଁ ବିପଦ ହୋଇ ଛିଡ଼ା ହୋଇଛି। ସଡ଼କ ପଥ ବିଷୟରେ ଜ୍ଞାନ ନ ଥିବା ବସ୍‌କୁ ଧରି ଆସୁଥିବା ଲୋକମାନେ ଘରେ ପହଞ୍ଚିବା ପୂର୍ବରୁ ନିଜ ଜୀବନକୁ ବାଜି ଲଗାଇ ଦେଉଛନ୍ତି। ଦ୍ୱିତୀୟ ପର୍ଯ୍ୟାୟ ଲକ୍‌ଡାଉନ ଅବଧି ସରିବା ପରେ କେନ୍ଦ୍ର ସରକାର କଟକଣାକୁ କିଛି ମାତ୍ରାରେ କୋହଳ କରିଛନ୍ତି। ଅନ୍ୟ ରାଜ୍ୟରେ ରହିଥିବା ଲୋକଙ୍କୁ ନିଜ ରାଜ୍ୟକୁ ଫେରିବା ନିମନ୍ତେ କେନ୍ଦ୍ର ସରକାର ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଅର(ଏସ୍‌ଓପି) ଜାରି କରିଛନ୍ତି। ଲୋକମାନେ ସୁରକ୍ଷିତ ଭାବେ ଫେରିବେ ଏବଂ କୋଭିଡ୍-୧୯ ସଂକ୍ରମଣ ଯେପରି ନ ବ୍ୟାପିବ, ସେନେଇ ସମସ୍ତ ପ୍ରତିକାର ମୂଳକ ପଦକ୍ଷେପ ନେବାକୁ ରାଜ୍ୟଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ରାଜ୍ୟ ସରକାର ମଧ୍ୟ ବାହାର ରାଜ୍ୟ ଫେରନ୍ତାଙ୍କ ପାଇଁ ଏସ୍‌ଓପି ଜାରି କରିଛନ୍ତି। ତେବେ ଏସବୁ ଅନ୍ୟ ରାଜ୍ୟ ଫେରନ୍ତାଙ୍କ ପାଇଁ ସତେ ଯେମିତି ମୂଲ୍ୟହୀନ ହୋଇଯାଇଛି। କାମଧନ୍ଦା ଓ ଖାଇବା ପିଇବା ନ ପାଇ ଲୋକମାନେ ନିଜ ଆତ୍ମୀୟ ସ୍ୱଜନଙ୍କ ନିକଟକୁ ଫେରିବାକୁ ବ୍ୟାକୁଳ ହେଉଛନ୍ତି। ଏପରିକି ଧାର ଉଧାର କରି ବସ୍ ଓ ଡଙ୍ଗା ଭଡ଼ା କରି ଅତି ବିପଜ୍ଜନକ ଅବସ୍ଥାରେ ଫେରୁଛନ୍ତି। ସେହିପରି ଗୁଜରାଟର ସୁରଟରୁ ଶ୍ରମିକମାନେ ନିଜ ଖର୍ଚ୍ଚରେ ବସ୍ ଭଡ଼ା କରି ଦୀର୍ଘ ବାଟ ଆସୁଛନ୍ତି। ଗୁଜରାଟରୁ ୭୦ଜଣଙ୍କୁ ନେଇ ଆସୁଥିବା ଏକ ବସ୍ ଶନିବାର ରାତିରେ ଗଞ୍ଜାମ ଜିଲାର କଳିଙ୍ଗା ଘାଟିରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହେଲା। ନିଜଘରେ ପହଞ୍ଚିବା ପୂର୍ବରୁ ୨ଜଣଙ୍କ ଜୀବନ ଚାଲିଗଲା। ରବିବାର ପୂର୍ବାହ୍ନରେ କଳିଙ୍ଗାଘାଟିରେ ସୁରଟ ଫେରନ୍ତା ଆଉ ଏକ ବସ୍ ଭାରସାମ୍ୟ ହରାଇ ଡିଭାଇଡରରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୨ଜଣ ଆହତ ହୋଇଛନ୍ତି। ଏପରିକି ଆଉଏକ ବସ୍ ସୁରଟରୁ ଗଞ୍ଜାମ ଆସୁଥିବାବେଳେ ନାଗପୁର-ଅମରାବତୀ ରାଜପଥରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିବା ଜଣାପଡ଼ିଛି। ଉକ୍ତ ବସ୍‌ରେ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଥିଲେ। ସେମାନଙ୍କ ମଧ୍ୟରୁ ୫ଜଣ ପ୍ରବାସୀ ଓଡ଼ିଆ ଏବଂ ଡ୍ରାଇଭର ଓ ହେଲ୍‌ପର ଆହତ ହୋଇଛନ୍ତି।

୨୪ଘଣ୍ଟା ମଧ୍ୟରେ ୩ଟି ଦୁର୍ଘଟଣା ଘଟିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଘଟଣା ଘଟିବା ପୂର୍ବରୁ ବସ୍‌ଗୁଡ଼ିକ ସୁରକ୍ଷିତ ଭାବେ କିପରି ପହଞ୍ଚିବ ସେନେଇ ସରକାର ଆଦୌ ଧ୍ୟାନ ଦେଉ ନ ଥିବା ଅଭିଯୋଗ ହେଉଛି। ରାସ୍ତା ବିଷୟରେ ଅଜ୍ଞ ଥିବା ବାହାର ରାଜ୍ୟର ଡ୍ରାଇଭରଙ୍କୁ ମଧ୍ୟ ପରିବହନ ବିଭାଗ ପକ୍ଷରୁ କୌଣସି ପ୍ରକାର ସହାୟତା କରାଯାଉ ନାହିଁ। ସେମାନେ କିପରି ସୁରକ୍ଷିତ ଭାବେ ପହଞ୍ଚିବେ ସେନେଇ ମଧ୍ୟ କୌଣସି ବନ୍ଦୋବସ୍ତ କରାଗଲା ନାହିଁ, ଯାହା ଫଳରେ ଗୁଜରାଟଫେରନ୍ତାଙ୍କୁ ଦୁର୍ଘଟଣାର ଶିକାର ହେବାକୁ ପଡ଼ିଛି। ଘଟଣା ଘଟିବା ପରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ବସ୍ ଡ୍ରାଇଭରଙ୍କୁ ପାଲଟା ଦୋଷ ଦେଇଛନ୍ତି। ରବିବାର ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି ଯେ, ଗୁଜରାଟରୁ ଲୋକମାନଙ୍କୁ ଆଣିଆସୁଥିବା ବସ୍ ଡ୍ରାଇଭରଙ୍କ ଏଠାକାର ରାସ୍ତା ସମ୍ପର୍କରେ କୌଣସି ଧାରଣା ନାହିଁ। ବିଶେଷକରି ଦୀର୍ଘ ପଥ ଆସିବା ଏବଂ ଘାଟି ଉପରେ ଗାଡି ଚଳାଇବା ଅଭିଜ୍ଞତା ନ ଥିବାରୁ ଏଭଳି ଦୁର୍ଘଟଣା ଘଟୁଛି। ଏଣିକି ଆଉ ଗଞ୍ଜାମ-କନ୍ଧମାଳ ଜିଲାର କଳିଙ୍ଗା ଘାଟି ଦେଇ ବସ୍ ଯିବାକୁ ଅନୁମତି ଦିଆଯିବ ନାହିଁ। ନୟାଗଡ- ଦଶପଲ୍ଲା - ଭଞ୍ଜନଗର ଦେଇ ଘାଟି ନ ଥିବା ରାସ୍ତା ଦେଇ ବସ୍ ଯିବାକୁ ଅନୁମତି ଦିଆଯିବ। ରାଜ୍ୟ ସରକାର ସୁରକ୍ଷା ପାଇଁ ବାହାର ରାଜ୍ୟରୁ ଲୋକଙ୍କୁ ଟ୍ରେନ୍‌ରେ ଆଣିବାକୁ ଉଦ୍ୟମ କରୁଛନ୍ତି ବୋଲି ପରିବହନ ମନ୍ତ୍ରୀ ବେହେରା କହିଛନ୍ତି। ସେହିଭଳି କିଛି ଦିନ ପୂର୍ବରୁ ଚେନ୍ନାଇରୁ ଡଙ୍ଗାରେ ଫେରିଥିବା ଘଟଣାର ତଦନ୍ତ କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି। ତେବେ ସଡ଼କ ଦୁର୍ଘଟଣା ହେଉ କିମ୍ବା ନଦୀରେ ଡଙ୍ଗାବୁଡ଼ି, ସବୁ କେବଳ ତଦନ୍ତରେ ସୀମିତ ହୋଇ ରହିଯାଉଥିବାରୁ ବିଭାଗର ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଧରିତ୍ରୀ
DHARITRI
ସୋମବାର, ୪ ମେ, ୨୦୨୦

ବିଶ୍ୱରେ କରୋନା ସଂକ୍ରମଣ ସ୍ଥିତି

ଦେଶ	ମୋଟ ସଂକ୍ରମିତ	ରବିବାର ସଂକ୍ରମିତ	ମୋଟ ମୃତ୍ୟୁ	ରବିବାର ମୃତ୍ୟୁ
ଆମେରିକା	୧୧,୭୧,୩୫୦	୧୦,୫୭୬	୬୮,୦୮୮	୬୪୪
ସ୍ପେନ	୨,୪୭,୧୨୨	୧,୫୩୩	୨୫,୨୬୪	୧୬୪
ଇଟାଲୀ	୨,୧୦,୭୧୭	୧,୩୮୯	୨୮,୮୮୪	୧୭୪
ବ୍ରିଟେନ	୧,୮୬,୫୯୯	୪,୩୩୯	୨୮,୪୪୬	୩୧୫
ଫ୍ରାନ୍ସ	୧,୬୮,୩୯୬		୨୪,୭୬୦	
ଜର୍ମାନୀ	୧,୬୫,୧୮୩	୨୧୬	୬,୮୧୨	
ରୁଷିଆ	୧,୩୪,୬୮୭	୧୦,୬୩୩	୧,୨୮୦	୫୮
ତୁର୍କୀ	୧,୨୬,୦୪୫	୧,୬୭୦	୩,୩୯୭	୬୧
ଇରାନ	୯୭,୪୨୪	୯୭୬	୬,୨୦୩	୪୭
ବ୍ରାଜିଲ	୯୭,୧୦୦	୫୪୧	୬,୭୬୧	୧୧
ଚାଇନା	୮୨,୮୭୭	୨	୪,୬୩୩	
କାନାଡା	୫୭,୧୪୮	୪୩୪	୩,୬୦୬	୪୦
ବେଲଜିୟମ	୪୯,୯୦୬	୩୮୯	୭,୮୪୪	୭୯
ପେରୁ	୪୨,୫୩୪		୧,୨୦୦	
ଭାରତ	୪୨,୫୦୫	୨,୮୦୬	୧,୩୯୧	୬୮
ପାକିସ୍ତାନ	୨୦,୦୮୪	୧,୦୬୨	୪୫୭	୨୦
ସାରା ବିଶ୍ୱ	୩୫,୩୪,୩୨୧	୫୨,୯୫୦	୨,୪୬,୯୫୦	୨,୨୮୭

https://www.worldometers.info/coronavirus/ ତଥ୍ୟ ଅନୁଯାୟୀ (ରବିବାର ରାତି ୧୧ଟା ସୁଦ୍ଧା)

ତୃତୀୟ ପର୍ଯ୍ୟାୟ ଲକ୍‌ଡାଉନ ନେଇ ନୂଆ ନିୟମ

ଭୁବନେଶ୍ୱର, ୩।୫(ବ୍ୟୁରୋ)

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଦେଶରେ ଲକ୍‌ଡାଉନକୁ ଆଉ ଦୁଇ ସପ୍ତାହ ଅର୍ଥାତ୍ ମେ ୧୭ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସୋମବାରଠାରୁ ୩ୟ ପର୍ଯ୍ୟାୟ ଲକ୍‌ଡାଉନ୍ ଆରମ୍ଭ ହେବ। ତେଣୁ ରବିବାର ରାଜ୍ୟ ସରକାରଙ୍କ ପକ୍ଷରୁ କ'ଣ ସବୁ ଖୋଲିବ ଏବଂ ବନ୍ଦ ରହିବ ସେ ନେଇ ନୂଆ ନିର୍ଦ୍ଦେଶନାମା ଜାରି କରାଯାଇଛି। ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶନାମା ଅନୁଯାୟୀ, ଆକ୍ରାନ୍ତଙ୍କ ସଂଖ୍ୟା ଦୃଷ୍ଟିରେ ରଖି ଜିଲାଗୁଡ଼ିକୁ ରେଡ୍, ଅରେଞ୍ଜ ଏବଂ ଗ୍ରୀନ୍ ଜୋନ୍‌ରେ ବିଭକ୍ତ କରାଯାଇଛି। ଗତ ୨୧ଦିନ ମଧ୍ୟରେ କୌଣସି ଆକ୍ରାନ୍ତ ବାହାରି ନ ଥିବା ଜିଲାକୁ ଗ୍ରୀନ୍ ଜୋନ୍ ଭାବେ ଚିହ୍ନଟ କରାଯାଇଛି। ସେହିପରି ଲଗାତର ଆକ୍ରାନ୍ତ ଚିହ୍ନଟ ହେଉଥିବା ଏବଂ ନୂଆ ରୋଗୀ ବାହାରୁଥିବା ଅଞ୍ଚଳକୁ ରେଡ୍ ଜୋନ୍ କରାଯାଇଛି। ଏହା ମଧ୍ୟରୁ ଯେଉଁ ଜିଲାଗୁଡିକ ରେଡ୍ କିମ୍ବା ଗ୍ରୀନ୍‌ରେ ଆସୁନାହାନ୍ତି ସେମାନେ ଅରେଞ୍ଜ ଜୋନ୍ ଭାବେ ବିବେଚିତ ହେଉଛନ୍ତି। ତୃତୀୟ ପର୍ଯ୍ୟାୟ ଲକ୍‌ଡାଉନରେ ସମସ୍ତ ଘରୋଇ, ଅନ୍ତର୍ଜାତୀୟ ଯୋଗାଯୋଗକୁ ବାତିଲ କରାଯାଇଛି। ହେଲେ ସ୍ୱାସ୍ଥ୍ୟସେବା, ଏୟାର ଆମ୍ବୁଲାନ୍ସ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦ୍ୱାରା ଅନୁମତିପ୍ରାପ୍ତ ଯୋଗାଯୋଗ ଜାରି ରଖାଯିବ। ସୁରକ୍ଷା ଦୃଷ୍ଟିରୁ ଆବଶ୍ୟକ ଟ୍ରେନ୍ ଯାତ୍ରା ଜାରି ରହିବ। ହେଲେ ଏଥିଲାଗି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଅନୁମତି ଆବଶ୍ୟକ ପଡ଼ିବ। ଅନୁରୂପଭାବେ ଆନ୍ତଃରାଜ୍ୟ ବସ୍ ସେବା ପାଇଁ ଅନୁମତି ଆବଶ୍ୟକ, କିନ୍ତୁ ସାଧାରଣ ବସ୍ ସେବା ବନ୍ଦ ରଖାଯାଇଛି। ସ୍କୁଲ, କଲେଜ, କୋଚିଂ ସେଣ୍ଟର ଇତ୍ୟାଦିରେ ଅନ୍‌ଲାଇନ୍ ପାଠପଢ଼ା ହେବ। କ୍ୱାରାଣ୍ଟାଇନ୍ ସେଣ୍ଟରଗୁଡ଼ିକରେ ନିଯୁକ୍ତ ସ୍ୱାସ୍ଥ୍ୟକର୍ମୀ, ପୋଲିସ, ସରକାରୀ ଅଧିକାରୀ ପ୍ରମୁଖଙ୍କ ପାଇଁ ଅଭ୍ୟର୍ଥନା ସେବା ଜାରି ରହିବ। ସିନେମା ହଲ, ଶପିଂ ମଲ୍, ଜିମ୍, କ୍ରୀଡ଼ା କମ୍ପ୍ଲେକ୍ସ, ସୁଇମିଂ ପୁଲ୍, ମନୋରଞ୍ଜନ ପାର୍କ, ନାଟ୍ୟଘର, ବାର୍, ଅଡିଟୋରିୟମ୍ ଇତ୍ୟାଦିରେ ଏକାଠି ହେବାକୁ ମନା କରାଯାଇଛି। ସମସ୍ତ ପ୍ରକାର ସାମାଜିକ, ରାଜନୈତିକ, ଧାର୍ମିକ କାର୍ଯ୍ୟରେ ଏକାଠି ହେବାକୁ ବାରଣ କରାଯାଇଛି। ସମସ୍ତ ଧାର୍ମିକସ୍ଥଳରେ ସର୍ବସାଧାରଣଙ୍କ ପୂଜା ଆରାଧନା ବନ୍ଦ ରଖାଯାଇଛି। କଣ୍ଟେନ୍‌ମେଣ୍ଟ ଜୋନ୍‌ର ସମସ୍ତ ଜନସାଧାରଣଙ୍କୁ ଆରୋଗ୍ୟ ସେତୁ ଆପ୍ ଦ୍ୱାରା ଯୋଡ଼ାଯିବ। ଏହାଦ୍ୱାରା କଣ୍ଟାକ୍ଟ ଟ୍ରାକିଂ କରାଯାଇପାରିବ। ଗୋଷ୍ଠୀଗତ ତଥା ଏକାକୀ କ୍ୱାରାଣ୍ଟାଇନ ସମ୍ବନ୍ଧୀୟ ନିଷ୍ପତ୍ତି ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀ ନେବେ, ଘରଓ୍ୱାରି ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ଏହି ଜୋନ୍‌ରେ ସବୁ ପ୍ରକାର ନିୟମକୁ କଡ଼ାକଡ଼ି ପାଳନ କରାଯିବ। ସ୍ୱାସ୍ଥ୍ୟଗତ ଜରୁରିକାଳୀନ ପରିସ୍ଥିତି ଏବଂ କେତେକ ଅତ୍ୟାବଶ୍ୟକ ସାମଗ୍ରୀର ଯୋଗାଣ ପାଇଁ ହିଁ ବ୍ୟକ୍ତିମାନଙ୍କୁ ଯିବା ଆସିବା ଲାଗି ଅନୁମତି ଦିଆଯିବ। ଅତ୍ୟାବଶ୍ୟକ ସାମଗ୍ରୀର ଇ-କମର୍ସ ସେବା ଜାରି ରଖାଯାଇଛି। ଆଦୌ ସଂକ୍ରମଣ ନ ଥିବା ଅଞ୍ଚଳଗୁଡିକରେ ସବୁ ପ୍ରକାର ନିର୍ମାଣ କାର୍ଯ୍ୟ ପାଇଁ ଅନୁମତି ଦିଆଯାଇଛି। କେନ୍ଦ୍ର ସରକାର ଅଧୀନ କାର୍ଯ୍ୟାଳୟଗୁଡିକ ଉପସଚିବଠାରୁ ଅଧିକ ର୍ୟାଙ୍କର ଅଫିସର ଶତପ୍ରତିଶତ ଅଫିସରେ ଯୋଗଦେବେ। ଏହାବ୍ୟତୀତ ଅନ୍ୟ ପାହ୍ୟାର ମାତ୍ର ୩୩ ପ୍ରତିଶତ କର୍ମଚାରୀ ଆସିବେ। ରାଜ୍ୟ ସରକାରଙ୍କ କେଉଁ ବିଭାଗରେ କେତେ କର୍ମଚାରୀ କାର୍ଯ୍ୟ କରିବେ ସେନେଇ ସାଧାରଣ ପ୍ରଶାସନ ବିଭାଗ ନିଷ୍ପତ୍ତି ନେବ।

ଜୋନ୍ ଅନୁଯାୟୀ ବ୍ୟବସ୍ଥା

ଭୁବନେଶ୍ୱର, ୩।୫(ବ୍ୟୁରୋ)

ରାଜ୍ୟ ସରକାରଙ୍କ ନୂଆ ନିର୍ଦ୍ଦେଶନାମା ଅନୁଯାୟୀ ରେଡ୍ ଜୋନ୍‌ରେ ମଲ୍, ମାର୍କେଟ କମ୍ପ୍ଲେକ୍ସ, ସେଲୁନ, ସ୍ପା ବନ୍ଦ ରହିବ। ରିକ୍ସା ଓ ଅଟୋ ରିକ୍ସା ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିବ। ଘରୋଇ କାର୍‌ରେ ଡ୍ରାଇଭର ସହ ୨ଜଣ ପାସେଞ୍ଜର ଯାଇପାରିବେ। ଦୁଇଚକିଆ ଯାନ ପଛରେ କେହି ବସି ଯାଇପାରିବେ ନାହିଁ। ଓଲା ଏବଂ ଉବେରରେ ମେଡିକାଲକୁ ରୋଗୀ ଯିବା ଆସିବା କରିପାରିବେ। ଜିଲା ଭିତରେ ଏବଂ ବାହାରେ ବସ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିବ। ସହରାଞ୍ଚଳରେ ଔଷଧ ଏବଂ ଜରୁରୀ ସାମଗ୍ରୀ ଉତ୍ପାଦନକାରୀଙ୍କୁ ଅନୁମତି ପ୍ରଦାନ କରାଯାଇଛି। ଗ୍ରାମାଞ୍ଚଳରେ ସମସ୍ତ ଶିଳ୍ପାଞ୍ଚଳକୁ ଅନୁମତି ଦିଆଯାଇଛି। ଗ୍ରାମାଞ୍ଚଳରେ ମଲ୍ ବ୍ୟତୀତ ସମସ୍ତ ଦୋକାନ ଖୋଲିପାରିବ। ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ଇ-କମର୍ସ ଏବଂ ସ୍ଥାନୀୟ ଶ୍ରମିକଙ୍କୁ ନେଇ ସହରାଞ୍ଚଳରେ ନିର୍ମାଣ କାର୍ଯ୍ୟକୁ ଅନୁମତି ଦିଆଯାଇଛି। ଗ୍ରାମାଞ୍ଚଳରେ ସମସ୍ତ ନିର୍ମାଣ କାର୍ଯ୍ୟକୁ ଅନୁମତି ଦିଆଯାଇଛି। ସହରାଞ୍ଚଳର ରେସିଡେନ୍ସିଆଲ କମ୍ପ୍ଲେକ୍ସରେ ଗୋଟିକିଆ, ଧାଡିକିଆ ଦୋକାନ ଖୋଲିବ। ୩୩ ପ୍ରତିଶତ କର୍ମଚାରୀଙ୍କୁ ନେଇ ବେସରକାରୀ କାର୍ଯ୍ୟାଳୟଗୁଡିକ ଚାଲିପାରିବ।

ସେହିପରି ଅରେଞ୍ଜ ଜୋନ୍‌ରେ ମଧ୍ୟ ବସ୍ ଚଳାଚଳ ବନ୍ଦ ରହିବ। ସମସ୍ତ ସ୍କୁଲ, କଲେଜ, ଶିକ୍ଷାନୁଷ୍ଠାନ, କୋଚିଂ ସେଣ୍ଟର ସବୁ ଜୋନ୍‌ରେ ବନ୍ଦ ରହିବ। କୌଣସି ଜୋନ୍‌ରେ ସିନେମା ହଲ୍, ଜିମ୍ନାସିୟମ, ସ୍ପୋର୍ଟସ କମ୍ପ୍ଲେକ୍ସ ଖୋଲିବନାହିଁ। ସୁଇମିଂ ପୁଲ, ପାର୍କ, ଥିଏଟର, ବାର୍, ଅଡିଟୋରିୟମ ମଧ୍ୟ ବନ୍ଦ ରହିବ। ଧର୍ମାନୁଷ୍ଠାନରେ ଧର୍ମିକ ସମାବେଶକୁ କଡାକଡ଼ି ବାରଣ କରାଯାଇଛି। ଜିଲା ଭିତରେ ଯାତାୟାତ ସମ୍ଭବ। ବାହାର ଜିଲାରୁ ଆସିଲେ ଅନୁମତି ଜରୁରୀ।

ଗ୍ରୀନ୍ ଜୋନ୍‌ରେ ଆନ୍ତଃ ରାଜ୍ୟ ମାଲବାହୀ ଗାଡ଼ି ଚଳାଚଳ କରିହେବ। ସେହିପରି ଏହି ଜୋନ୍‌ରେ ଆନ୍ତଃ ଜିଲା ଓ ଜିଲା ଭିତରେ ବସ୍ ଚଳାଚଳକୁ ଅନୁମତି ରହିଛି। ୪ ଚକିଆ ଗାଡିରେ ଡ୍ରାଇଭରଙ୍କ ସମେତ ପଛରେ ୨ଜଣ ଯାଇପାରିବେ। ଦୁଇ ଚକିଆ ଗାଡିରେ ୨ଜଣ ଯାତ୍ରା କରିପାରିବେ। ବିନା ଅନୁମତିରେ ଗାଡି ଏବଂ ବ୍ୟକ୍ତିବିଶେଷ ଯାତାୟାତ କରିପାରିବେ। ଗ୍ରାମାଞ୍ଚଳରେ ସମସ୍ତ ଦୋକାନ ଓ ସହରାଞ୍ଚଳରେ ପୂର୍ବ ଘୋଷଣା ମୁତାବକ ଦୋକାନ ଖୋଲିବ। ସବୁ ପ୍ରକାର ନିର୍ମାଣ କାର୍ଯ୍ୟ ଚାଲିବ ଏବଂ ସେଲୁନ ଓ ସ୍ପା ଚାଲିବ।

ପ୍ରବାସୀଙ୍କଠାରୁ ରେଳଭଡ଼ା ଆଦାୟ ବନ୍ଦ ହେଉ

କଟକ ଅଫିସ,୩।୫

ଲକ୍‌ଡାଉନ୍ ଯୋଗୁ ବିଭିନ୍ନ ରାଜ୍ୟରେ ଫସି ରହିଥିବା ପ୍ରବାସୀ ଶ୍ରମିକ, ଛାତ୍ରୀଛାତ୍ର ଓ ଅନ୍ୟମାନଙ୍କୁ ସ୍ୱତନ୍ତ୍ର ଟ୍ରେନ୍ ଦ୍ୱାରା ନିଜ ରାଜ୍ୟକୁ ଫେରାଇ ଅଣାଯାଉଛି। ମାତ୍ର ଅତ୍ୟନ୍ତ କ୍ଷୋଭର ବିଷୟ ଭାରତୀୟ ରେଳ ବିଭାଗ ପ୍ରବାସୀ ଶ୍ରମିକ ଓ ଅସହାୟ ଲୋକଙ୍କଠାରୁ ରେଳ ଭଡା ଆଦାୟ କରୁଛି। ସରକାରଙ୍କ ଏହି ଦୁର୍ଭାଗ୍ୟପୂର୍ଣ୍ଣ ନିଷ୍ପତ୍ତି ଅସହାୟ ଲୋକଙ୍କୁ ପରିହାସ କରିବା ଛଡା ଆଉ କିଛି ନୁହେଁ ବୋଲି ଏସ୍‌ୟୁସିଆଇ(ସି)ର ସାଧାରଣ ସମ୍ପାଦକ ପ୍ରଭାଷ ଘୋଷ କହିଛନ୍ତି। ଏହି ସରକାରୀ ନିଷ୍ପତ୍ତିକୁ ଘୋର ନିନ୍ଦା କରିବା ସହ କେନ୍ଦ୍ର ଓ ସମସ୍ତ ରାଜ୍ୟ ସରକାରଙ୍କୁ ଏହି ସମସ୍ତ ଅସହାୟମାନଙ୍କୁ ସେମାନଙ୍କ ଘରକୁ ଫେରାଇ ଆଣିବା ପାଇଁ ନିଃଶୁଳ୍କ ବ୍ୟବସ୍ଥା ସହ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦେବାକୁ ସେ ଦାବି କରିଛନ୍ତି।

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

ମେଷ
ଆଜି ସକାଳୁ ସକାଳୁ ନିକଟରେ ରହୁ ନ ଥିବା ପିଲାଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତିତ ହେବେ। ବନ୍ଧୁମାନଙ୍କ ନିମନ୍ତ୍ରଣ କ୍ରମେ ସଭାସମିତି ଓ ଆନୁଷ୍ଠାନିକ କାମରେ ବ୍ୟସ୍ତ ରହିପାରନ୍ତି। ସମସ୍ୟାକୁ ସୁଧାରି ନେବେ କିନ୍ତୁ ନିଜ ଲୋକମାନେ ଅସୁବିଧାରେ ପକାଇ ପାରନ୍ତି। ପରିବହନ ତଥା ପାରିବାରିକ କ୍ଷେତ୍ର ବୁଝାମଣାରେ ଶୃଙ୍ଖଳିତ ହେବ।

ବୃଷ
ଶୁକ୍ର ପ୍ରଭାବରେ କଳା, କ୍ରୀଡ଼ା ଓ ସାହିତ୍ୟ, ସଂଗୀତ ଓ ଚଳଚ୍ଚିତ୍ରରେ ସୁନାମ ଅର୍ଜନ କରିବେ। ପରିବାରରେ ସ୍ତ୍ରୀ କିମ୍ବା ଭାଇଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ଆର୍ଥିକ ସମସ୍ୟା କେତେକାଂଶରେ ପାରିବାରିକ ଆବଶ୍ୟକତାକୁ ଅଟକାଇ ଦେଇପାରେ। ନିର୍ମାଣ, ବ୍ୟବସାୟ, ସାମ୍ବାଦିକତା,ଏଜେନ୍ସିପ୍, ମାଲିମକଦ୍ଦମା ପ୍ରଭୃତିରେ ଉନ୍ନତି କରିବେ।

ମିଥୁନ
ଅଧିକାଂଶ ସମୟ ସ୍ୱାସ୍ଥ୍ୟ ସମସ୍ୟା ଲାଗିରହିବା କାରଣରୁ ମନରେ ସରସତା ରହିବ ନାହିଁ। କର୍ମକ୍ଷେତ୍ର ପ୍ରତି ଉଦାସୀନ ହେବେ, ଯାହା କି ନୂତନ ସମସ୍ୟାକୁ ଜନ୍ମ ଦେଇପାରେ । ମିତ୍ରତା ବନ୍ଧନରେ ଆବଦ୍ଧ ହେବେ ଓ କାମ ସକାଶେ ସାହାଯ୍ୟ ପାଇବେ । ଜାଣିଶୁଣି କେତେକ ଈର୍ଷାପରାୟଣ ବ୍ୟକ୍ତି ସମସ୍ୟା ସୃଷ୍ଟି କରିପାରନ୍ତି।

କର୍କଟ
ପୁନର୍ବସୁ ନକ୍ଷତ୍ର କର୍ମକ୍ଷେତ୍ରରେ ଧୈର୍ଯ୍ୟ ଓ ସହନଶୀଳତା ସହ କୂଟନୀତି ବଳରେ କାର୍ଯ୍ୟ ସାଧନ କରିବେ। ପାରିବାରିକ ଅସ୍ଥିରତା କ୍ଷେତ୍ରରେ ଅତିପ୍ରିୟ ବନ୍ଧୁଙ୍କ ପରାମର୍ଶରେ ସାନ୍ତ୍ୱନା ମିଳିବ। ଦ୍ରବ୍ୟ ନଷ୍ଟ ଯୋଗୁଁ କ୍ଷୋଭ ପ୍ରକାଶ କରିପାରନ୍ତି। ପଡୋଶୀଙ୍କ ସହ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ।

ସିଂହ
ପୂର୍ବାଫାଲ୍‌ଗୁନୀ ନକ୍ଷତ୍ର ମନକଥା ମନରେ ଗୋପନ ରଖି ପିଠି ଥାପୁଡ଼େଇ କାମ ହାସଲ କରିବେ। କଠିନ ଶ୍ରମଜନିତ ସନ୍ଧ୍ୟା ସମୟରେ ପୁରାତନ ରୋଗର ପୀଡା ବୃଦ୍ଧି ପାଇପାରେ। ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ସଭାସମିତିରେ ଶେଷ ସମୟରେ ନିଷ୍ପତ୍ତି ବଦଳାଇ ଦେଇ ସମାଲୋଚିତ ହୋଇପାରନ୍ତି।

କନ୍ୟା
ସମସ୍ତ ପ୍ରକାରର ସୁବିଧା ଥାଇ ମଧ୍ୟ ଈର୍ଷାଳୁ ବ୍ୟକ୍ତିଙ୍କ ଦ୍ୱାରା କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ହସ୍ତା ନକ୍ଷତ୍ର ଜାତ ବ୍ୟକ୍ତିମାନେ ପରକୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣରେ ପଡିପାରନ୍ତି । ଅଧ୍ୟୟନ, ଅଧ୍ୟାପନା, ଲେଖାପଢା କ୍ଷେତ୍ରରୁ ଶୁଭଫଳ ପାଇବେ ଘରର ଆବଶ୍ୟକତାକୁ ନେଇ ଆଜି ଗୃହୋପକରଣ କ୍ରୟ କରିପାରନ୍ତି ।

ତୁଳା
ମାନସିକ ଅସ୍ଥିରତା ଅବଶ୍ୟ ରହିବ, ତା'ବୋଲି ଆପଣ ତରତର ହୋଇ କିଛି କାମ କରନ୍ତୁ ନାହିଁ। ବନ୍ଧୁମାନଙ୍କୁ ଉପଯୁକ୍ତ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ, ଯାହା କି ଅନର୍ଥର କାରଣ ହୋଇପାରେ। ଆଜିର ବ୍ୟବସାୟିକ ସ୍ଥିତି ମାନ୍ଦା ହେବନାହିଁ ,ବିଭିନ୍ନ ଦିଗରୁ ଅର୍ଥ ପାଇପାରିବେ ।

ବିଛା
ଦୀର୍ଘ ସମୟର ପ୍ରତୀକ୍ଷା ମାନସିକ ଅଶାନ୍ତିର ମୂଳ କାରଣ ହେବ। ସମୟ ସ୍ରୋତରେ ଅତି ଭଲ ସମ୍ପର୍କ ଥିବା ବ୍ୟକ୍ତିମାନଙ୍କ ସହ ବୈରିତା ସୃଷ୍ଟି ହୋଇପାରେ। ଆଲୋଚନାରେ ବହୁତ ଯୁକ୍ତି ତର୍କ ପରେ ଯାଇ ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବନ୍ଧୁଗହଣରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବାର ସମ୍ଭାବନା ରହିଛି।

ଧନୁ
ନିକଟ ସମ୍ପର୍କୀୟମାନଙ୍କ ସନ୍ଦେହାତ୍ମକ ବ୍ୟବହାର ମନରେ ଭାବାନ୍ତର ସୃଷ୍ଟି କରିବ। ବନ୍ଧୁଙ୍କ ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ, କିନ୍ତୁ ଲାଭ କିଛି ହେବନି ବରଂ ଟେନ୍ସନ ବଢିବ। ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ପଛରେ ନାନାଦି କଥା କହିପାରନ୍ତି।

ମକର
ବିଭିନ୍ନ ସମସ୍ୟା ମଧ୍ୟ ଦେଇ ଗତି କରିବେ କିନ୍ତୁ ସମ୍ମାନ ଓ ପ୍ରଶଂସାର ଅଭାବ ରହିବ ନାହିଁ। କର୍ମକ୍ଷେତ୍ରରେ ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ନିର୍ମାଣାଧୀନ କାମ ଶେଷ ହେବାରେ ଅନ୍ୟମାନେ ଜାଣିଶୁଣି ସମସ୍ୟା ସୃଷ୍ଟି କରିବେ। ମାଲିମକଦ୍ଦମା, ପରୋକ୍ଷ ଶତ୍ରୁତା ଚିନ୍ତାର କାରଣ ହୋଇପାରେ।

କୁମ୍ଭ
କର୍ମକ୍ଷେତ୍ରରେ ସ୍ୱାର୍ଥହାସଲ ଅଭାବରୁ ନିଜ ଲୋକଟି ହଠାତ୍ ଶତ୍ରୁତା କରିବାକୁ ପଛାଇବ ନାହିଁ। ପାରିବାରିକ କ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ର କରି ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖାଦେଇପାରେ। ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ଦୈହିକ ଦୁର୍ବଳତା ଯୋଗୁଁ ମନୋବଳ କମି ଯାଇପାରେ।

ମୀନ
ସଜାଗ ରହି କାମ କରି ଚାଲିଲେ ପ୍ରତିବନ୍ଧକ ବେଶି ସମୟ ଅଟକାଇ ପାରିବ ନାହିଁ । ସାମାଜିକ ପ୍ରଗତି,ପୂର୍ବପରି ଅକ୍ଷୁଣ୍ଣ ରହିବ। ମାଲି ମକଦ୍ଦମାରେ ସଫଳତା ହାସଲ କରିବେ ଓ ଏକ ପ୍ରକାର ଆଶ୍ୱସ୍ତି ଲାଭ କରିପାରନ୍ତି। ସ୍ତ୍ରୀଙ୍କ ଅଭିଯୋଗ ଅମୂଳକ ନୁହେଁ ଏବଂ ଏହାକୁ ଗୁରୁତର ସହ ବିଚାର କରିବା ଭଲ ହେବ।

ଆଜି ବୈଶାଖ ଶୁକ୍ଳପକ୍ଷର ମୋହିନୀ । ଶମ୍ଭୁ ଏକାଦଶୀ ସୋମବାର ସକାଳ ଘ.୦୬.୧୩ ମି.ପରେ ଦ୍ୱାଦଶୀ ଆରମ୍ଭ, ମଇ ୪ ତାରିଖ, ରାଶି ନକ୍ଷତ୍ର-ଉତ୍ତରାଫାଲ୍‌ଗୁନୀ। କନ୍ୟା ବୃଷ ରାଶିର ଘାତଚନ୍ଦ୍ର, ମିଥୁନ ରାଶିର ଘାତବାର, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ପ୍ରାତଃ ଘ.୦୫ .୧୯ମି. ଗତେ, ଘ.୦୭.୦୨ମି.ମଧ୍ୟେ, ଦିବା ଘ.୧୦.୨୬ମି. ଗତେ ଘ.୦୧.୦୦ମି. ମଧ୍ୟେ, ସନ୍ଧ୍ୟା ଘ.୦୬.୫୨ମି.ଗତେ ଘ.୦୯.୦୬ମି. ମଧ୍ୟେ, ରାତ୍ରି ଘ.୧୧.୨୦ମି. ଗତେ ଘ.୦୨.୨୦ମି. ମଧ୍ୟେ ଅମୃତ ବେଳା। ଅପରାହ୍ନ ଘ.୦୩.୩୫ମି. ଗତେ ଘ.୦୫.୧୬ମି. ମଧ୍ୟେ ମାହେନ୍ଦ୍ର ବେଳା। ସକାଳ ୦୬.୫୫ମି. ଗତେ ଘ.୦୮.୩୧ମି. ମଧ୍ୟେ ରାହୁକାଳ।

ପ୍ରଥମ ପୃଷ୍ଠାରୁ...

ଭୁବନେଶ୍ୱରସ୍ଥିତ କିମ୍ସ କୋଭିଡ୍ ହସ୍ପିଟାଲ ପାର୍ଶ୍ୱ ପଡ଼ିଆରେ ରବିବାର ଡାକ୍ତର, ସ୍ୱାସ୍ଥ୍ୟକର୍ମୀମାନେ ବାୟୁସେନା ହେଲିକପ୍ଟରରୁ ହେଉଥିବା ପୁଷ୍ପ ବର୍ଷାକୁ ସ୍ୱାଗତ କରୁଛନ୍ତି।

କରୋନା ଯୋଦ୍ଧାଙ୍କୁ ...

ସ୍ମାରକୀ ଉପରେ ପୁଷ୍ପବୃଷ୍ଟି କରାଯାଇଥିଲା। ଏହାବ୍ୟତୀତ ମୁମ୍ବାଇ, ଜୟପୁର, ଅହମଦାବାଦ, ଗୁଆହାଟୀ, ପାଟନା, ଲକ୍ଷ୍ନୌ, ଶ୍ରୀନଗର, ଚଣ୍ଡିଗଡ଼, ଭୋପାଳ, ହାଇଦ୍ରାବାଦ, ବେଙ୍ଗାଲୁରୁ, କୋଏମ୍ବାଟୁର, ଥିରୁଭାନନ୍ତପୁରମ୍‌ରେ ମଧ୍ୟ ବାୟୁସେନା ଫ୍ଲାଏ-ପାଷ୍ଟ କରିଥିଲା। ଦିଲ୍ଲୀ, ସିଲଂ, ଗୁଆହାଟୀ ସମେତ କରୋନା ଚିକିତ୍ସା ହେଉଥିବା ଦେଶର ସମସ୍ତ ପ୍ରମୁଖ ହସ୍ପିଟାଲ ଉପରେ ବାୟୁସେନା ଓ ନୌସେନା ହେଲିକପ୍ଟରରୁ ପୁଷ୍ପ ପକାଯାଇଥିଲା। ଏହା ବ୍ୟତୀତ ପ୍ରମୁଖ ହସ୍ପିଟାଲ ବାହାରେ ସ୍ଥଳସେନା ପକ୍ଷରୁ ବାଦ୍ୟ ପରିବେଷଣ ହୋଇଥିଲା। ସନ୍ଧ୍ୟାରେ ପୂର୍ବାଞ୍ଚଳ ଏବଂ ପଶ୍ଚିମାଞ୍ଚଳ ନୌସେନା କମାଣ୍ଡ ପକ୍ଷରୁ ପ୍ରମୁଖ ବନ୍ଦରରେ ଥିବା ଜାହାଜଗୁଡ଼ିକୁ ଆଲୋକମାଳାରେ ସଜାଯାଇଥିଲା। କରୋନା ଯୋଦ୍ଧାଙ୍କୁ ସମ୍ମାନ ଜଣାଇବା ଲାଗି ତିନି ବାହିନୀର କାର୍ଯ୍ୟକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଚ୍ଚ ପ୍ରଶଂସା କରିଛନ୍ତି। ଯେଉଁମାନେ ଆଗଧାଡ଼ିରେ ରହି କୋଭିଡ୍-୧୯ ବିରୋଧରେ ସାହସର ସହ ଲଢୁଛନ୍ତି, ସେମାନଙ୍କୁ ସାଲ୍ୟୁଟ କରୁଛି ବୋଲି ମୋଦି ଟୁଇଟ୍ କରିଛନ୍ତି। ସେହିପରି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ମଧ୍ୟ ସେନାର ଏହି ମହତ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କରୋନା ଯୋଦ୍ଧାଙ୍କୁ ସମ୍ମାନ ଜଣାଇବା ସହ ସାରା ଦେଶ ସେମାନଙ୍କ ସହ ରହିଥିବା କହିଛନ୍ତି।

ଭୁବନେଶ୍ୱରରେ କୋଭିଡ୍ ଯୋଦ୍ଧାଙ୍କୁ ସମ୍ମାନ ଜଣାଇଲା ବାୟୁସେନା ହେଲିକପ୍ଟର

ଓଡ଼ିଶା ସମେତ ଭାରତର ବିଭିନ୍ନ କୋଭିଡ-୧୯ ହସ୍ପିଟାଲରେ ସଂକ୍ରମିତଙ୍କ ଚିକିତ୍ସା କରୁଥିବା ଓ ବିଭିନ୍ନ ସେବାରେ ନିୟୋଜିତ କରୋନା ଯୋଦ୍ଧାଙ୍କୁ ରବିବାର ଅଭିନବ ଭାବେ ସମ୍ମାନ ଜଣାଇଛି ଭାରତୀୟ ବାୟୁସେନା। ଆକାଶମାର୍ଗରୁ ଫୁଲ ପକାଇ ସେମାନଙ୍କୁ ଉତ୍ସାହିତ କରିଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରସ୍ଥିତ କିମ୍ସ କୋଭିଡ୍ ହସ୍ପିଟାଲ ସାମ୍ନା ଖୋଲା ପଡ଼ିଆରେ କିଛି ସମୟ ପାଇଁ ଏପରି ଏକ ନିଆରା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ପଡ଼ିଆରେ ସମସ୍ତ ଡାକ୍ତର, ନର୍ସ, ପାରାମେଡିକାଲ ଷ୍ଟାଫ୍, ସଫେଇ କର୍ମଚାରୀ ଓ ଅନ୍ୟ କୋଭିଡ୍ ଯୋଦ୍ଧା ଉପସ୍ଥିତ ରହିଥିବାବେଳେ ଉପରେ ହେଲିକପ୍ଟର ବୁଲି ବୁଲି ସେମାନଙ୍କ ଉପରେ ଫୁଲ ପକାଇଥିଲା। ଏହି ସମୟରେ କରୋନା ଯୋଦ୍ଧାମାନେ ହାତ ହଲାଇ ସ୍ୱାଗତ ଜଣାଇଥିଲେ। ପ୍ରତିଦିନ ନିଜ ଜୀବନକୁ ବାଜି ଲଗାଇ କରୋନା ସଂକ୍ରମିତଙ୍କ ଚିକିତ୍ସା କରୁଥିବା ଯୋଦ୍ଧାଙ୍କ ମନୋବଳ ବୃଦ୍ଧି କରିବାରେ ଏହା ବିଶେଷଭାବେ ସହାୟକ ହେବ ବୋଲି ହସ୍ପିଟାଲ ପକ୍ଷରୁ କୁହାଯାଇଛି। କିମ୍‌ସ ପକ୍ଷରୁ ଏଥିଲାଗି ବାୟୁସେନା ଏବଂ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଦିଆଯାଇଛି। ଡାକ୍ତରଙ୍କ ସମେତ ସମସ୍ତ କୋଭିଡ୍ ଯୋଦ୍ଧାଙ୍କ ମନୋବଳ ବୃଦ୍ଧି କରିଥିବାରୁ ଆମେ କରୋନା ଯୁଦ୍ଧ ପାଇଁ ଆଗେଇ ଆସିଛୁ ବୋଲି କିଟ୍, କିସ୍ ଓ କିମ୍‌ସର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି।

ହିନ୍ଦୁଙ୍କ ଅସଲ ...

ମଧ୍ୟ ପ୍ରତ୍ୟାଖ୍ୟାନ କରୁଥିଲା। ଛଦ୍ମ ନିରପେକ୍ଷତା ଏହାସହ ସଂଖ୍ୟାଲଘୁ ଅଧିକାରଗୁଡ଼ିକୁ ବଳବତ୍ତର ରଖିବାକୁ ଯାଇ ଶିଖ୍ ଓ କଶ୍ମୀରରେ ହିନ୍ଦୁମାନଙ୍କୁ ହତ୍ୟା କରିଥିବା ଇସ୍‌ଲାମିକ୍ ଜେହାଦୀଙ୍କ ଆତଙ୍କବାଦକୁ ନେଇ ଅନ୍ଧ ହୋଇଯାଇଥିଲା। ଏଥିଯୋଗୁ ଗଣପଳାୟନ ହୋଇଥିଲା। ଏହି ଛଦ୍ମ ଧର୍ମନିରପେକ୍ଷବାଦୀମାନେ ସମାନ ଉତ୍ସାହରେ ସେମାନଙ୍କ ପଛରେ ଗୋଡ଼ାଇ ନ ଥିଲେ, ଯେପରି ସେମାନେ ବର୍ତ୍ତମାନ ଗୋ ଜେହାଦୀ ଓ ଭାରତରେ ଘୃଣାର ବୀଜ ବୁଣୁଥିବା ହିନ୍ଦୁମାନଙ୍କୁ ଆକ୍ରମଣ କରୁଛନ୍ତି। ସଂକ୍ଷେପରେ କହିବାକୁ ଗଲେ ସେମାନେ ଅହଂକାରୀ ଧର୍ମନିରପେକ୍ଷ କଠୋରପନ୍ଥୀ ପାଲଟି ବହୁସଂଖ୍ୟକବାଦୀ ପ୍ରତିଘାତ ପାଇଁ ଉର୍ବର ଭୂଇଁ ସୃଷ୍ଟି କରିଛନ୍ତି।

ବର୍ଟେଣ୍ଡ ରସେଲ ଓ ଆଲବର୍ଟ ଆଇନ୍‌ଷ୍ଟାଇନଙ୍କ ଭଳି ମହାନ ଉଦାର ବୁଦ୍ଧିଜୀବୀମାନେ ନାସ୍ତିକ ହୋଇଥିଲେ ସୁଦ୍ଧା ସେମାନଙ୍କଠାରେ ମାନବଜାତି ପାଇଁ ଭାବନା ଓ ସହାନୁଭୂତିର ଉଦାରତା ଥିଲା। ଆଇନ୍‌ଷ୍ଟାଇନ ମଣିଷକୁ ପୁରସ୍କାର ବା ଦଣ୍ଡ ଦେଉଥିବା ଏକ ବ୍ୟକ୍ତିଗତ ଭଗବାନଙ୍କୁ ବିଶ୍ୱାସ କରୁ ନ ଥିଲେ। ସେ କହୁଥିଲେ, 'ମୁଁ ଗଭୀର ଭାବେ ଧର୍ମ ଅବିଶ୍ୱାସୀ। ଏହା ହେଉଛି ଏକ ନୂଆ ଧର୍ମ।' ତେବେ ଏଠାରେ ସେହି ରାଜନେତାମାନଙ୍କ ସମ୍ପର୍କରେ କୁହାଯାଉନାହିଁ, ଯେଉଁମାନେ ପ୍ରକୃତରେ ନିଜ ଧାର୍ମିକ ଆସ୍ଥା କିମ୍ବା ଧର୍ମନିରପେକ୍ଷ ବିଚାରଧାରାକୁ ତୁଚ୍ଛ ମଣିଥାଆନ୍ତି। ସେମାନଙ୍କ ପାଇଁ ବଡ଼ କଥା ହେଉଛି ଭୋଟ। ରୋନାଲ୍ଡ ରିଗାନଙ୍କ ମତରେ 'ରାଜନୀତି ହେଉଛି ଦ୍ୱିତୀୟ ପୁରାତନ ବୃତ୍ତି। ପ୍ରଥମ ବୃତ୍ତି ସହ ଏହାର ଆକର୍ଷଣୀୟ ସାମଞ୍ଜସ୍ୟ ରହିଥିବା ମୁଁ ଜାଣିବାକୁ ପାଇଛି।'

ଭିତରେ ହିଁ ରହିଛି ବିପଦ

ସମ୍ପ୍ରତି ଛଦ୍ମ ଧର୍ମନିରପେକ୍ଷତା ଅନେକ ମାତ୍ରାରେ ନିଜର ପ୍ରାସଙ୍ଗିକତା ହରାଇଛି। ପ୍ରକୃତରେ ହିନ୍ଦୁଧର୍ମ ପ୍ରତି ରାଜନୈତିକ ଦଳ, ଛଦ୍ମ ଧର୍ମନିରପେକ୍ଷବାଦୀ, ଭାରତୀୟ ମୁସ୍‌ଲିମ ଏବଂ ଏପରି କି କଳ୍ପିତ ଇସ୍‌ଲାମିକ୍ ଆକ୍ରମଣକାରୀଙ୍କଠାରୁ ବେଶି ବିପଦ ନାହିଁ। ବିପଦ ରହିଛି ଭିତରୁ। ଭାରତରେ ହିନ୍ଦୁ, ସମାଜ ଓ ବିଦେଶରେ ରହୁଥିବା ହିନ୍ଦୁମାନଙ୍କ ପାଇଁ ସବୁଠୁ ବଡ଼ ବିପଦ ପାଲଟିଛନ୍ତି ଛଦ୍ମ ହିନ୍ଦୁମାନେ। ଏକ ସମାଜରେ ସାଧାରଣ ଜନତା ରାକ୍ଷସକୁ ଖୁଆଇବା ପାଇଁ ଘୃଣା ଆଡ଼କୁ ମୁହାଁଇ ନିଜ ଦିନକୁ ମିଥ୍ୟାରେ ଭରିଦେଲେ ଏକ ସଭ୍ୟତା ଓ ଏହାର ଭାବଧାରା ପ୍ରତି ଅଧିକ ବିପଦ ସୃଷ୍ଟି ହୋଇଥାଏ। କେବେ କେବେ ଲୋକେ ସାମ୍ପ୍ରଦାୟିକ ହତ୍ୟା ଓ ରାହାଜାନି ଭଳି ଜୀବନ ଜୀବିକା ଉଜାଡ଼ି ଦେଉଥିବା ତଥା ଚକିତ କରିଦେବା ପରି କାହାଣୀଗୁଡ଼ିକୁ ନେଇ ଅଭିଭୂତ ହୋଇଯାଆନ୍ତି। ସେତେବେଳେ ବେଶି କିଛି କରିପାରୁ ନାହୁଁ ବୋଲି ନୈରାଶ୍ୟଜନକ ଭାବନା କେତେକଙ୍କ ମନରେ ସୃଷ୍ଟି ହୋଇଥାଏ। ଭିନ୍ନ ଭିନ୍ନ ଧର୍ମ ମଧ୍ୟରେ ସଂଘର୍ଷ, ଧାର୍ମିକ ଗୋଷ୍ଠୀ ଓ ଜାତି ଭିତରେ ଚାଲିଥିବା ଯୁଦ୍ଧ ୨୦୦୦ ବର୍ଷର ଇତିହାସରେ ଲିପିବଦ୍ଧ ହୋଇରହିଛି। କିନ୍ତୁ କରୋନା ଭାଇରସ୍‌ଠାରୁ ଅଧିକ ଘାତକ ସାଜିଥିବା ଏକ ମିଳିମିଳା ଏବେ ବିଶ୍ୱର ଅନେକ ଭାଗରେ ଲୋକଙ୍କୁ ଆକ୍ରାନ୍ତ କରିଛି। ଭାରତରେ ଏହା ଅଧିକ ବିଷାକ୍ତ ହୋଇ କାୟା ବିସ୍ତାର କରିଚାଲିଛି।

ଏପରି ଦିନଟିଏ ନାହିଁ, ଯେବେ ସୋସିଆଲ ମିଡିଆ ସାଇଟ୍ ଏବଂ ହ୍ୱାଟ୍ସଆପ୍ ଗ୍ରୁପ୍‌ଗୁଡ଼ିକ ବିଷ ଓକାଳୁଥିବା ଓ ସାମ୍ପ୍ରଦାୟିକ ନିଆଁ ଚହଟାଉଥିବା ଭଳି ମେସେଜ୍ ମିଳୁ ନ ଥିବ। ଅଜ୍ଞାତ ବ୍ୟକ୍ତିଙ୍କଠାରୁ ଏପରି ମେସେଜ୍ ଆସିଲେ ତାକୁ ଅଣଦେଖା କରାଯାଏ। କିନ୍ତୁ ପିଲାବେଳର କ୍ଲାସ୍‌ମେଟ୍, ବନ୍ଧୁ ସମ୍ପର୍କୀୟ ଏବଂ କର୍ମସ୍ଥଳର ସହଯୋଗୀଙ୍କଠାରୁ ଏପରି ବିଷାକ୍ତ ମେସେଜ୍ ଆସିଲେ କ'ଣ କରାଯିବ ? ଆଦି ଶଙ୍କରାଚାର୍ଯ୍ୟ, ନାର୍ସି ମେହେଟ୍ଟା, ମୀରାବାଈ, ମହାତ୍ମା ଗାନ୍ଧୀ, ରବୀନ୍ଦ୍ରନାଥ ଟାଗୋର, ଅରବିନ୍ଦ, ପରମହଂସ ଯୋଗାନନ୍ଦ, ସ୍ୱାମୀ ବିବେକାନନ୍ଦ, ବାସଭନ୍ନା, ଥିରୁଭଲ୍ଲୁଭରଙ୍କ ଭଳି ଭାରତର ମହାମନୀଷୀମାନଙ୍କୁ ଦେଖିଲେ ସମସ୍ତଙ୍କଠାରେ ଗୋଟିଏ ଲକ୍ଷଣ ଥିବା ମନେହୁଏ। ସେମାନେ ସମସ୍ତେ ପ୍ରେମ ଓ ଦୟା ମାଧ୍ୟମରେ ଏକତାର ଦିବ୍ୟତା ଭାବ ରଖୁଥିଲେ। ମହାନ୍ କନ୍ନଡ କବି କୁଭେମ୍ପୁଙ୍କ ଭାଷାରେ ଏହା ହେଉଛି 'ବିଶ୍ୱ ମାନବତା'।

ଉପରଠାଭରିଆ ଅନ୍ଧ ହିନ୍ଦୁ

ଯେଉଁ ଅହିଂସାର ପୂଜାରୀ ମହାତ୍ମା ଗାନ୍ଧୀଙ୍କୁ ଆଇନ୍‌ଷ୍ଟାଇନ୍ ଯିଶୁ ଓ ବୁଦ୍ଧଙ୍କ ସହ ତୁଳନା କରିଥିଲେ, ତାଙ୍କୁ ଜଣେ ଧର୍ମୋନ୍ମାଦୀ ହିନ୍ଦୁ ହତ୍ୟା କରିଥିଲେ। ଖୁବ୍ ନିକଟରୁ ତିନୋଟି ଗୁଳି ବାଜିବା ପରେ ଟଳି ପଡ଼ିଥିଲେ ଗାନ୍ଧିଜୀ। ଯଦି ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ରାମ ବଞ୍ଚିଥାଆନ୍ତେ ଓ ତାଙ୍କ ନାମରେ ବିଶ୍ୱାସଘାତକମାନଙ୍କୁ ଗୁଳି ମାରିବାକୁ ଜଣେ ନେତା ଚିତ୍କାର କରୁଥିବା ଶୁଣିଥାଆନ୍ତେ ତେବେ କ'ଣ ହୋଇଥାନ୍ତା ? କେବଳ ରାମ ନୁହନ୍ତି, ବରଂ ରାବଣ ମଧ୍ୟ ଶଙ୍କିଯାଇ କହିଥାନ୍ତେ, ଏମାନେ ହିନ୍ଦୁ ନୁହନ୍ତି। ଏମାନେ ସମସ୍ତେ ଛଦ୍ମ ହିନ୍ଦୁ। ସବୁଠୁ ଚକିତ କରିଦେବା ବିଷୟ ହେଉଛି ଏମାନଙ୍କ ପ୍ରତି ଉଚ୍ଚ ପଦାଧିକାରୀମାନଙ୍କ ସମର୍ଥନ ଓ ପ୍ରୋତ୍ସାହନ। ସେହି ରାଜନେତାଙ୍କ ହତ୍ୟା ଆହ୍ୱାନକୁ ପ୍ରତିଧ୍ୱନିତ କରିବାରେ ଅନେକ 'ନକଲି ହିନ୍ଦୁ' ସାମିଲ ହେବା ଆହୁରି ବିସ୍ମୟକର। ବାସ୍ତବରେ ହିନ୍ଦୁଧର୍ମ ସଙ୍କଟରେ ନାହିଁ। ବହୁ ବର୍ଷ ଧରି ତିଷ୍ଠି ରହିଥିବା ଏହି ବିଚାରଧାରା ପ୍ରତି ଅସଲ ବିପଦ ରହିଛି ଛଦ୍ମ ହିନ୍ଦୁତ୍ୱବାଦରୁ। ଆମ ସମାଜରେ ଏକ ଭାଇରସ୍ ଅସ୍ଥିରତା ସୃଷ୍ଟି କରୁଥିବା ନେଇ ଅନେକଙ୍କ ଧାରଣା ରହିଛି। 'ବସୁଧୈବ କୁଟୁମ୍ବକମ୍'ରେ ବିଶ୍ୱାସ ରଖୁଥିବା ହିନ୍ଦୁମାନେ ଏହି ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇ ପ୍ରାଣ ହରାଇବା ଆଦୌ ବିଧେୟ ନୁହେଁ।

ନିୟମ ନ ମାନିଲେ ...

କରି ଆସୁଥିବା ଯାନର ବିବରଣୀ ଆଗୁଆ ପ୍ରଦାନ କରିଥିବାରୁ ସେମାନଙ୍କୁ ମଧ୍ୟ ପାସ୍ ଯୋଗାଇ ଦିଆଯାଉଛି। କେତେକ ଯାନବାହାନ ସମ୍ବନ୍ଧୀୟ ପଞ୍ଜୀକରଣ ନ କରି ସୀମାରେ ଆସି ପହଞ୍ଚୁଛନ୍ତି। ଏହା ଅସୁବିଧାର କାରଣ ହେଉଛି। ମୁଖ୍ୟ ଶାସନ ସଚିବ ସ୍ପଷ୍ଟ କରି କହିଛନ୍ତି ଯେ, ବସ୍‌ରେ କିଏ କିଏ ଆସୁଛନ୍ତି ତାହାର ସମ୍ପୂର୍ଣ୍ଣ ବିବରଣୀ ଆଗୁଆ ଓଡ଼ିଶା ସରକାରଙ୍କ ଦ୍ୱାରା ଦିଆଯାଇଥିବା ପୋର୍ଟାଲରେ ପଞ୍ଜୀକୃତ କରିବେ। ବସ୍‌ରେ ଆଣିବା ବେଳେ ସାମାଜିକ ଦୂରତା ପାଳନ କରିବେ। ଆସୁଥିବା ସ୍ଥାନର କ୍ଷମତାପ୍ରାପ୍ତ ଅଧିକାରୀଙ୍କଠାରୁ ଅନୁମତି ନେଇ ଆସିବେ। ଚେକ୍ ପଏଣ୍ଟ ପାଖରେ ଏହା ସବୁ ଯାଞ୍ଚ ହେବ। ସୀମା ନିକଟରେ ବସ୍ ଓଭରଲୋଡ ଥିଲେ କିମ୍ବା କର୍ତ୍ତୃପକ୍ଷଙ୍କୁ ଅନୁମତି ନ ଥିଲେ ବସ୍‌କୁ ଓଡ଼ିଶା ଭିତରକୁ ପ୍ରବେଶ ଅନୁମତି ମିଳିବ ନାହିଁ ବୋଲି ଅସିତ ତ୍ରିପାଠୀ ସ୍ପଷ୍ଟ କରିଛନ୍ତି।

କ୍ୱାରାଣ୍ଟାଇନ୍ ସେଣ୍ଟର ଛାଡ଼ି ...

ଦାୟିତ୍ୱରେ ଥିବା କର୍ମଚାରୀ ଓ ସ୍ଥାନୀୟ ଜନପ୍ରତିନିଧି ସେମାନଙ୍କୁ କେନ୍ଦ୍ରଠାରୁ ପ୍ରାୟ ୨ଶହ ମିଟର ଦୂରରୁ ବୁଝାଶୁଝା କରିବା ପରେ ଅଧିକାଂଶ ଫେରି ଆସିଥିଲେ। ଆଉ କେତେକ ଲୋକ ଗାଁକୁ ପଳାଇ ଯାଇଥିଲେ। ତେବେ ସମ୍ପୃକ୍ତ ଗ୍ରାମବାସୀ ସେମାନଙ୍କୁ ଗାଁରେ ପୂରାଇ ନ ଦେବାରୁ ସେମାନେ ପୁଣି କ୍ୱାରାଣ୍ଟାଇନ୍ ସେଣ୍ଟରକୁ ଫେରିଥିଲେ। ଆହୁରି କେତେଜଣ ଫେରି ନ ଥିବାରୁ ପ୍ରଶାସନ ସେମାନଙ୍କୁ ଖୋଜୁଛି। ରବିବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଓ ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ ଉକ୍ତ କ୍ୱାରାଣ୍ଟାଇନ୍ ସେଣ୍ଟରରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେଠାରେ ଥିବା ଲୋକମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ବୁଝିବା ସହ ଏହାର ସମାଧାନ ପାଇଁ ସ୍ଥାନୀୟ ଅଧିକାରୀଙ୍କୁ କହିଛନ୍ତି। ଏଥିସହ ଯେଉଁମାନେ ବିନା ଅନୁମତିରେ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଯାଉଛନ୍ତି, ସେମାନଙ୍କ ବିରୋଧରେ ମାମଲା ରୁଜୁ କରିବାକୁ ଦାୟିତ୍ୱରେ ଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଶିକ୍ଷକମାନଙ୍କୁ କହିଥିଲେ।

ସଂକ୍ଷେପରେ

ସର୍ବସାଧାରଣରେ ମଦ ପିଇବା ମହଙ୍ଗା ପଡ଼ିଲା
କନ୍‌ଷ୍ଟେବଲ ସଂଘ ସମ୍ପାଦକ ନିଲମ୍ବିତ

ଭୁବନେଶ୍ୱର,୩।୫(ବ୍ୟୁରୋ): ଲକ୍‌ଡାଉନ୍ ନିୟମ ଭାଙ୍ଗି ସର୍ବସାଧାରଣ ସ୍ଥାନରେ ମଦ ପିଇବା କମିଶନରେଟ ପୋଲିସରେ କାର୍ଯ୍ୟରତ କନ୍‌ଷ୍ଟେବଲଙ୍କୁ ମହଙ୍ଗା ପଡିଛି। ସେ ହେଲେ ମୈତ୍ରୀବିହାର ଫାଣ୍ଡିରେ କାର୍ଯ୍ୟରତ କର୍ମଚାରୀ ତଥା କନ୍‌ଷ୍ଟେବଲ ସଂଘର ସମ୍ପାଦକ ପ୍ରସନ୍ନ ବେହେରା। ରବିବାର ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେବା ସହ ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ସୂଚନାଥାଉ କି, ଶୁକ୍ରବାର ରାତି ପ୍ରାୟ ୯ଟାରେ ପ୍ରସନ୍ନ ଏବଂ ତାଙ୍କର ୭ ଜଣ ସାଥୀ ସୂଚନା ଭବନ ଆଗରେ ଏକ ମର୍ସିଡିଜ କାରରେ ପହଞ୍ଚିଥିଲେ। ସେଠାରେ କାର ପାର୍କିଂ କରି ମଦ ପିଇବା ସହ ହୋ ହଲ୍ଲା କରୁଥିଲେ। ଖବରପାଇ କ୍ୟାପିଟାଲ ଥାନା ଅଧିକାରୀ ଗିରିଜା ଶଙ୍କର ଚକ୍ରବର୍ତ୍ତୀ ଏବଂ ତାଙ୍କ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଧରି ଥାନାକୁ ଆଣିଥିଲେ। ସେମାନଙ୍କ ନିକଟରୁ ପୋଲିସ ଏକ ମର୍ସିଡିଜ ଗାଡିକୁ ଜବତ କରିଥିଲା। ଏହା ପରେ ପୋଲିସ ସମସ୍ତଙ୍କୁ ତାଗିଦ କରିବା ସହ ଜରିମାନା ଆଦାୟ କରି ଛାଡିଦେଇଥିଲା। ଏ ନେଇ ବିଭିନ୍ନ ଗଣମାଧମରେ ଖବର ପ୍ରକାଶିତ ହେବା ପରେ ଡିସିପି ସାହୁ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେବା ସହ ପ୍ରସନ୍ନଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି।

ବିଦ୍ୟୁତ୍ ତାରରେ ଲାଗିଲା ହାଇୱା : ଚାଳକ ମୃତ

ବଡ଼ମ୍ବା,୩।୫(ଡି.ଏନ୍.ଏ.): କଟକ ଜିଲା ବଡ଼ମ୍ବା ବ୍ଲକର ଗଦଗଦି ନିକଟରେ ରବିବାର ବିଦ୍ୟୁତ୍ ତାରରେ ଏକ ହାଇୱା ଚାର୍ଜ ହୋଇଯିବାରୁ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବଡ଼ମ୍ବା ଥାନା ଅନ୍ତର୍ଗତ ବିଧାରପୁର ଗ୍ରାମର ଚତୁର୍ଭୁଜ ରାଉତ(୩୫)। ସକାଳେ ଗଦଗଦି ନିକଟରେ ୨ଟି ହାଇୱାରେ ବାଲି ପକାଯାଉଥିଲା। ଏହି ସମୟରେ ରାଉତ ଏକ ହାଇୱାରେ ବାଲିନେଇ ପକାଉଥିବା ବେଳେ ନିକଟରେ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାରରେ ଲାଗିଯାଇଥିଲା। ଫଳରେ ଗାଡିଟି ଚାର୍ଜ ହୋଇଯିବାରୁ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଛି। ଖବରପାଇ ବଡ଼ମ୍ବା ପୋଲିସ ସେଠାରେ ପହଞ୍ଚି ମୃତଦେହ ଜବତ କରି ଏକ ମାମଲା (ନଂ.୧୦୨/୨୦) ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ଯୁବତୀଙ୍କୁ ବଳାତ୍କାର ଅଭିଯୋଗ

ଭୁବନେଶ୍ୱର,୩।୫(ବ୍ୟୁରୋ): ଚନ୍ଦକା ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ବଳାତ୍କାର ହୋଇଥିବା ଶନିବାର ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୭୬/୨୦)ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଯୁବତୀ ଜଣଙ୍କ ଏହି ଥାନା ଅଞ୍ଚଳର ଜଣେ ଯୁବକଙ୍କୁ ଭଲ ପାଉଥିଲେ। କିଛିଦିନ ପରେ ସମ୍ପୃକ୍ତ ଯୁବକ ତାଙ୍କୁ ଚନ୍ଦକା ଅଞ୍ଚଳରେ ଥିବା ଏକ ଘରକୁ ଡାକି ବଳାତ୍କାର କରିଥିଲେ। ଏହା ପରେ ଯୁବତୀଜଣଙ୍କ ଥାନାରେ ଅଭିଯୋଗ କରିବାକୁ କହିବା ପରେ ଯୁବକ ଜଣଙ୍କ ତାଙ୍କୁ ବିବାହର ପ୍ରତିଶ୍ରୁତି ଦେଇଥିଲେ। ପରେ ଯୁବକ ଜଣଙ୍କ ବିବାହ କରିବା ପାଇଁ ମନା କରିଦେଇଥିଲେ। ଯୁବତୀଙ୍କ ଅନ୍ୟ ସ୍ଥାନରେ ବିବାହ ଠିକ୍ ହେଉଥିଲେ ମଧ୍ୟ ଯୁବକ ଜଣଙ୍କ ବାହାଘର ଭାଙ୍ଗି ଦେଉଥିଲେ। ଏନେଇ ଯୁବତୀ ଶନିବାର ଚନ୍ଦକା ଥାନାରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଚନ୍ଦକା ଥାନା ଅଧିକାରୀ ଦେବେନ୍ଦ୍ର କୁମାର ବିଶ୍ୱାଳ କୁହନ୍ତି, ଯୁବତୀଙ୍କ ଅଭିଯୋଗକ୍ରମେ ଏକ ବଳାତ୍କାର ମାମଲା ରୁଜୁ କରାଯାଇଛି। ସୋମବାର ଯୁବତୀଙ୍କ ବୟାନ ରେକର୍ଡ କରାଯିବ। ତଦନ୍ତ ପରେ ଅଭିଯୁକ୍ତଙ୍କୁ ଗିରଫ କରାଯିବ।

ଷ୍ଟାର୍ଟଅପ୍‌ଗୁଡ଼ିକୁ ସହାୟତା ଲାଗି ଦାବି

ଭୁବନେଶ୍ୱର,୩। ୫: ବର୍ତ୍ତମାନର ଚ୍ୟାଲେଞ୍ଜିଂ ସମୟରେ ଷ୍ଟାର୍ଟ ଅପ୍‌ଗୁଡିକୁ ସହାୟତା ପ୍ରଦାନ କରିବା ଲାଗି ଟାଇ ଭୁବନେଶ୍ୱର ପକ୍ଷରୁ ଦାବି କରାଯାଇଛି। ଷ୍ଟାର୍ଟ ଅପ୍ କମ୍ପାନୀଗୁଡିକର କାରବାର କ୍ଷତିଗ୍ରସ୍ତ ହୋଇଥିବାରୁ ସରକାର ଏ ଦିଗରେ ବିଚାର କରିବା ଆବଶ୍ୟକତା ରହିଛି ବୋଲି ଟାଇ ଓଡ଼ିଶା ସଭାପତି ଦେବୁ ପଟ୍ଟନାୟକ କହିଛନ୍ତି। ଷ୍ଟାର୍ଟ ଅପ୍ ଓଡିଶାରେ ପଞ୍ଜୀକୃତ ସମସ୍ତ ଷ୍ଟାର୍ଟଅପ୍‌ଙ୍କୁ ମାସିକ ସହାୟତା, ବିଦ୍ୟୁତ ଶୁଳ୍କରେ ରିହାତି, ସଫ୍ଟ ଲୋନ ପ୍ରଦାନ, ଷ୍ଟାର୍ଟଅପଗୁଡିକ ପାଇଁ ସରକାରଙ୍କ ବକେୟା ପ୍ରଦାନ ଏବଂ ଷ୍ଟାର୍ଟ ଅପ୍‌ଗୁଡିକଠାରୁ ଅଗ୍ରାଧିକାର ଭିତ୍ତିରେ କ୍ରୟ ବ୍ୟବସ୍ଥା କରିବାକୁ ଦାବି କରାଯାଇଛି।

ବାହାରେ ବୁଲିଥିଲେ, ଲକ୍ଷଣ ନ ଥିଲା

ଭୁବନେଶ୍ୱର, ୩।୫ (ବ୍ୟୁରୋ)

ପ୍ରତିଦିନ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କରୋନା ଆକ୍ରାନ୍ତଙ୍କ ଗସ୍ତ ବିବରଣୀ ଜାରି କରାଯାଉଛି। ରବିବାର ଆଉ ୫ଜଣ ଅର୍ଥାତ୍ ୧୪୭, ୧୪୮, ୧୪୯, ୧୫୦ ଓ ୧୫୨ ନମ୍ବର ଆକ୍ରାନ୍ତଙ୍କ ସମ୍ପର୍କରେ ସୂଚନା ଦିଆଯାଇଛି। ଏମାନଙ୍କ ମଧ୍ୟରୁ ପ୍ରଥମ ଦୁଇଜଣ ବଲାଙ୍ଗୀର ଜିଲାର ହୋଇଥିବାବେଳେ ସେମାନେ ତାମିଲ୍‌ନାଡୁ ଫେରନ୍ତା ଓ ଅନ୍ୟ ତିନିଜଣ ଯାଜପୁର ଜିଲାର କୋଲକାତା ଫେରନ୍ତା। ତେବେ ଏମାନଙ୍କଠାରେ କୌଣସି ଲକ୍ଷଣ ନ ଥିବାବେଳେ ଅଧିକାଂଶ ବାହାରେ ବୁଲିଥିବା ଜଣାପଡିଛି। ଫଳରେ ଏମାନଙ୍କଠାରୁ ଅନ୍ୟ କାହାକୁ ସଂକ୍ରମିତ ହୋଇଥାଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି।

ଗସ୍ତ ବିବରଣୀରୁ ଜଣାପଡିଛି, ୧୪୭ ଓ ୧୪୮ ନମ୍ବର ଆକ୍ରାନ୍ତ ବଲାଙ୍ଗୀର ଜିଲା ଗୁଡ଼ଭେଲା ବ୍ଲକ୍ ଅନ୍ତର୍ଗତ ଲେଖିରିଆର ହୋଇଥିବାବେଳେ ବୟସ ଯଥାକ୍ରମେ

୫ ଆକ୍ରାନ୍ତଙ୍କ ଗସ୍ତ ବିବରଣୀ

୧୮ ଓ ୨୦ବର୍ଷ। ଦୁହେଁ ପୁରୁଷ ଓ ତାମିଲନାଡୁ ଫେରନ୍ତା। ଟ୍ରେନ୍ ଯୋଗେ ତିରୁପୁରରୁ ଆସି ମାର୍ଚ୍ଚ ୧୭ରେ ବଲାଙ୍ଗୀର ଷ୍ଟେଶନରେ ପହଞ୍ଚି ଗାଡ଼ି ଭଡ଼ା କରି ଅନ୍ୟ ୪ଜଣଙ୍କ ସହ ନିଜ ଗାଁକୁ ଫେରିଥିଲେ। ମାର୍ଚ୍ଚ ୧୮ରୁ ଏପ୍ରିଲ୍ ୫ ଯାଏ ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିଲେ। ୧୪୭ ନଂ. ଆକ୍ରାନ୍ତ ସାଙ୍ଗମାନଙ୍କ ସହ କ୍ରିକେଟ୍ ଖେଳୁଥିଲେ ଓ ସେଲୁନ୍‌କୁ ଚୁଟିକାଟିବାକୁ ଯାଇଥିଲେ। ଲକ୍ଷଣ ନ ଥାଇ ମଧ୍ୟ ମେ ୧ରେ ତାଙ୍କ ନମୁନା ପରୀକ୍ଷା କରାଯିବାରୁ ପଜିଟିଭ୍ ବାହାରିଥିଲା। ଅନୁରୂପ ଭାବେ ୧୪୮ ନଂ. ଆକ୍ରାନ୍ତ ୬ରୁ ୩୦ ଏପ୍ରିଲ୍ ମଧ୍ୟରେ ସେ ଥରେ ତାଙ୍କ ବନ୍ଧୁ ଘରକୁ ଯାଇଥିଲେ ଏବଂ ଆଉ ଦିନେ ଚାଉଳ ମିଲ୍‌କୁ ଯାଇଥିଲେ। ଗସ୍ତ ବିବରଣୀ ଥିବାରୁ ଗତ ମେ ୧ରେ ତାଙ୍କ ନମୁନା ପଜିଟିଭ୍ ଆସିଥିଲା। ସେହିଦିନ ଉଭୟଙ୍କୁ ବଲାଙ୍ଗୀର କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

୧୪୯ ନମ୍ବର ଆକ୍ରାନ୍ତଙ୍କ ଘର ଯାଜପୁର ଜିଲା ନାଥସାହିରେ ଓ ତାଙ୍କ ବୟସ ୫୬ବର୍ଷ। ସେ କୋଲକାତା କୋଲାଘାଟଠାରୁ ଏକ ଘରୋଇ ବସ୍ ଯୋଗେ ଅନ୍ୟ ୫ ଜଣଙ୍କ ସହ ଆସି ମାର୍ଚ୍ଚ ୨୩ରେ ପାଣିକୋଇଲିରେ ପହଞ୍ଚିଥିଲେ। ସେଠାରୁ ସିଧା ଯାଇ ଡିଏଚ୍‌ଏଚ୍‌ରେ ରେଜିଷ୍ଟ୍ରେଶନ କରାଇ ବାଇକ୍ ଯୋଗେ ଘରକୁ ଫେରିଥିଲେ। ମାର୍ଚ୍ଚ ୨୩ରୁ ଏପ୍ରିଲ୍ ୩୦ ଯାଏ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବା ପରେ ମେ ୧ରେ ନମୁନା ପରୀକ୍ଷା ରିପୋର୍ଟ ପଜିଟିଭ୍ ବାହାରିଥିଲା। ଅନ୍ୟପକ୍ଷରେ ବିଞ୍ଝାରପୁର ବ୍ଲକ୍‌ର ବେଲାରମପୁର ଗ୍ରାମର ୧୫୦ ନମ୍ବର ଆକ୍ରାନ୍ତ (୬୨ବର୍ଷ) ମାର୍ଚ୍ଚ ୨୯-୩୦ରେ କୋଲକାତାସ୍ଥିତ କ୍ରିଷ୍ଟାଦାସ ପାଲ ଲେନ୍‌ରୁ ଅନ୍ୟ ୭ଜଣଙ୍କ ସହ ଭଡ଼ା ଗାଡ଼ିରେ ଘରକୁ ଫେରିଥିଲେ। ଏପ୍ରିଲ୍ ୩୦ ଯାଏ ଘରେ ନିଜ ପରିବାର ଲୋକଙ୍କ ସହ ରହିଥିଲେ। ଲକ୍ଷଣ ନ ଥାଇ ମଧ୍ୟ କେବଳ ଗସ୍ତ ବିବରଣୀ ଥିବାରୁ ତାଙ୍କ ନମୁନା ପରୀକ୍ଷା କରାଯାଇଥିଲା ଓ ରିପୋର୍ଟ ପଜିଟିଭ୍ ଆସିଥିଲା। ୧୫୨ ନମ୍ବର ପୁରୁଷ (୨୮ବର୍ଷ) ଆକ୍ରାନ୍ତଙ୍କ ଘର ବରି ବ୍ଲକ୍ ଅନ୍ତର୍ଗତ ତଳକାଇପଡ଼ାରେ। ସେ କୋଲକାତାସ୍ଥିତ ବୁଦ୍ଧଲଗେଟ୍‌ରୁ ନିଜ ଗ୍ରାମର ଅନ୍ୟ ୫ଜଣଙ୍କ ସହ ଏକ ଭଡ଼ା ଗାଡ଼ିରେ ମାର୍ଚ୍ଚ ୨୯-୩୦ରେ ଜଳେଶ୍ୱର ପର୍ଯ୍ୟନ୍ତ ଆସିଥିଲେ। ପରେ ଏକ ଟ୍ରକ୍ ଯୋଗେ କୁଆଖିଆରେ ପହଞ୍ଚି ଏକ ଭଡ଼ା ଗାଡ଼ିରେ ଗାଁକୁ ଯାଇଥିଲେ। ଘରକୁ ଫେରିବା ପରେ ସପରିବାର ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିଲେ। କିନ୍ତୁ ମାର୍ଚ୍ଚ ୩୦ରୁ ଏପ୍ରିଲ୍ ୩୦ ମଧ୍ୟରେ ସେ ବନ୍ଧୁମାନଙ୍କ ସହ ବାରମ୍ବାର ତାସ୍ ଓ କ୍ରିକେଟ୍ ଖେଳୁଥିଲେ। ତାଙ୍କଠାରେ କୌଣସି ଲକ୍ଷଣ ପ୍ରକାଶ ପାଇ ନ ଥିଲେ ମଧ୍ୟ କୋଲକାତା ଫେରନ୍ତା ହୋଇଥିବାରୁ ତାଙ୍କର ନମୁନା ପରୀକ୍ଷା ପରେ ପଜିଟିଭ୍ ବାହାରିଥିଲା। ତେବେ ଏହି ସମସ୍ତ ୩ଜଣ ଆକ୍ରାନ୍ତଙ୍କୁ କଳିଙ୍ଗ ନଗରସ୍ଥିତ ଟାଟା କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ।

ସ୍ୱଦେଶ ଫେରିବାକୁ ବ୍ୟାକୁଳ ପ୍ରବାସୀ

କରୋନା ଭୟ
- ଦୁବାଇରୁ ଦେଢ଼ ଲକ୍ଷ ପଞ୍ଜୀକରଣ କଲେଣି

ଆବୁଧାବି,୩।୫(ପି.ଟି.)

କରୋନା ମହାମାରୀରୁ ବର୍ତ୍ତିବା ପାଇଁ ବିଭିନ୍ନ ଦେଶରେ ରହିଥିବା ପ୍ରବାସୀମାନେ ନିଜ ଦେଶକୁ ଫେରିବାକୁ ବ୍ୟାକୁଳ ହେଉଛନ୍ତି। ଅନ୍ୟ ଦେଶ ଅପେକ୍ଷା କରୋନା ଆକ୍ରାନ୍ତ ଏବଂ ମୃତକଙ୍କ ସଂଖ୍ୟା ଭାରତରେ ଆପାତତଃ କମ୍ ରହିଛି। ତେଣୁ ଅନେକ ପ୍ରବାସୀ କାମଧନ୍ଦା ହରାଇଥିବାରୁ ସ୍ୱଦେଶ ଫେରିବାକୁ ଚାହୁଁଥିବା ଜଣାପଡ଼ିଛି। ଏଭଳି ସ୍ଥିତିରେ ବାହାର ଦେଶରେ ରହୁଥିବା ପ୍ରବାସୀଙ୍କୁ ସୁରକ୍ଷିତ ଭାବେ ଫେରାଇ ଆଣିବାକୁ ମଧ୍ୟ ଭାରତ ସରକାରଙ୍କ ପକ୍ଷରୁ ଚେଷ୍ଟା କରାଯାଉଛି। ଏହିକ୍ରମରେ ସଂଯୁକ୍ତ ଆରବ ଏମିରେଟ୍ସ(ୟୁଏଇ)ରୁ ଭାରତକୁ ବିମାନ ଯୋଗେ ଫେରିବାକୁ ଦେଢ଼ ଲକ୍ଷ ପ୍ରବାସୀ ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିଥିବା ଦୁବାଇରେ ଅବସ୍ଥାପିତ ଭାରତୀୟ ଦୂତାବାସ ମୁଖ୍ୟ ବିପୁଲ ସୂଚନା ଦେଇଛନ୍ତି। ସ୍ୱଦେଶ ଫେରିବାକୁ ପଞ୍ଜୀକରଣ କରିଥିବା ପ୍ରବାସୀଙ୍କ ମଧ୍ୟରୁ ଏକ ଚତୁର୍ଥାଂଶ କାମଧନ୍ଦା ହରାଇଥିବାରୁ ସ୍ୱଦେଶ ଫେରିବାକୁ ଚାହୁଁଛନ୍ତି ବୋଲି ସେମାନେ ଆବେଦନରେ ଦର୍ଶାଇଛନ୍ତି। ପଞ୍ଜୀକୃତଙ୍କ ମଧ୍ୟରୁ ୪୦% ଶ୍ରମିକ ଶ୍ରେଣୀର ହୋଇଥିବାବେଳେ ୨୦% ସେଠାରେ ବିଭିନ୍ନ ପଦବୀରେ ଚାକିରି କରିଛନ୍ତି। ୧୦% ଆବେଦନକାରୀ ଭ୍ରମଣ ଭିଜାରେ ସେଠାକୁ ଯାଇଥିଲେ, ହେଲେ ଭାରତରେ ଲକ୍‌ଡାଉନ ଘୋଷଣା ପରେ ବିମାନ ଚଳାଚଳ ରଦ୍ଦ ହେବାରୁ ସେଠାରେ ଫସି ରହିଛନ୍ତି। ଅନ୍ୟ ଆବେଦନକାରୀମାନେ ବିଭିନ୍ନ ସ୍ୱାସ୍ଥ୍ୟଗତ, ଶିକ୍ଷା ସମସ୍ୟା ଦେଖାଇ ସ୍ୱଦେଶ ଫେରିବାକୁ ଚାହୁଁଛନ୍ତି ବୋଲି ଆବେଦନରେ ଦର୍ଶାଇଛନ୍ତି।

ଗତ ବୁଧବାର ରାତିରେ ଆବୁଧାବିରେ ଅବସ୍ଥାପିତ ଭାରତୀୟ ଦୂତାବାସ ଏବଂ ଦୁବାଇରେ ଅବସ୍ଥାପିତ ଭାରତୀୟ କନ୍‌ସୁଲେଟ ପକ୍ଷରୁ ବିମାନ ଯୋଗେ ସ୍ୱଦେଶ ଫେରିବାକୁ ଚାହୁଁଥିବା ପ୍ରବାସୀମାନଙ୍କ ପାଇଁ ଅନ୍‌ଲାଇନ୍ ପଞ୍ଜୀକରଣ ଆରମ୍ଭ କରାଯାଇଥିଲା। ୟୁଏଇରେ ଅବସ୍ଥାପିତ ଭାରତର ବିଭିନ୍ନ ରାଜ୍ୟର ଲୋକମାନେ ପଞ୍ଜୀକରଣ କରିଛନ୍ତି। ଆବେଦନକାରୀଙ୍କ ମଧ୍ୟରେ ୫୦% କେବଳ କେରଳର ବୋଲି ଜଣାପଡ଼ିଛି। ୟୁଏଇରେ ଭାରତର ପ୍ରାୟ ୩୪ଲକ୍ଷ ଲୋକ ବାସ କରନ୍ତି। ସେମାନଙ୍କ ମଧ୍ୟରୁ ୧୦ଲକ୍ଷ କେବଳ କେରଳର। ତେବେ ପଞ୍ଜୀକୃତ ହୋଇଥିବା ପ୍ରବାସୀଙ୍କୁ କିପରି ଓ କେବେ ଭାରତ ନିଆଯିବ ଏବଂ ସେମାନଙ୍କ ପାଇଁ ବିମାନ ଟିକେଟ ମୂଲ୍ୟ କେତେ ରହିବ, ସେମାନଙ୍କ କୋଭିଡ୍-୧୯ ପରୀକ୍ଷା କିପରି କରାଯିବ, ସେନେଇ ଭାରତ ସରକାରଙ୍କ ପକ୍ଷରୁ ଏଯାବତ୍ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ଏନେଇ ଉଚ୍ଚସ୍ତରୀୟ ଆଲୋଚନା ଚାଲିଛି ଏବଂ ପ୍ରବାସୀଙ୍କ ପାଇଁ ଅନ୍‌ଲାଇନ ପଞ୍ଜୀକରଣ ଆଗକୁ ମଧ୍ୟ ଜାରି ରହିବ ବୋଲି ଦୂତାବାସ ମୁଖ୍ୟ ବିପୁଲ କହିଛନ୍ତି।

ପୁରସ୍କୃତ ହେଲା ମା' ନୁହେଁ ପତିତା

କଟକ ଅଫିସ,୩।୫

ନୂଆଦିଲ୍ଲୀଠାରେ ଗତ ଏପ୍ରିଲ ୩୦ ତାରିଖରେ ୧୦ମ ଦାଦା ସାହେବ ଫାଲ୍‌କେ ଚଳଚ୍ଚିତ୍ର ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଫେସର ଡା. ରମାରମଣ ଷଡଙ୍ଗୀଙ୍କ ଦ୍ୱାରା ପରିକଳ୍ପିତ, ପ୍ରଯୋଜିତ ଓ ନିର୍ଦ୍ଦେଶିତ ଓଡ଼ିଆ କ୍ଷୁଦ୍ର ଚଳଚ୍ଚିତ୍ର 'ମା' ନୁହେଁ ପତିତା' ପୁରସ୍କୃତ ହୋଇଛି। ପ୍ରଫେସର ଡା. ସରୋଜିନୀ ଷଡ଼ଙ୍ଗୀଙ୍କ ଦ୍ୱାରା ରଚିତ କବିତା 'ମା ନୁହେଁ ପତିତା'କୁ ଆଧାର କରି ଏହି ଚଳଚ୍ଚିତ୍ର ନିର୍ମାଣ କରାଯାଇଥିଲା। ତେବେ ଉକ୍ତ ମହୋତ୍ସବରେ ମୋଟ୍ ୫୯୦ ଚଳଚ୍ଚିତ୍ର ଅଂଶଗ୍ରହଣ କରିଥିବାବେଳେ ସେଥିମଧ୍ୟରୁ ୩୦୦ ଚଳଚ୍ଚିତ୍ର ପରବର୍ତ୍ତୀ ପର୍ଯ୍ୟାୟକୁ ମନୋନିତ ହୋଇଥିଲା। କୁନି ପଣ୍ଡା 'ମା ନୁହେଁ ପତିତା' ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ ଅଛନ୍ତି। ଏସ.କେ. ଦାସ ଏହି ଚଳଚ୍ଚିତ୍ରର କାର୍ଯ୍ୟନିର୍ବାହୀ ପ୍ରଯୋଜକ ଥିବାବେଳେ ଅଶ୍ୱିନୀ ଗଡ଼ନାୟକ

ଦାଦା ସାହେବ ଫାଲ୍‌କେ ଚଳଚ୍ଚିତ୍ର ମହୋତ୍ସବ

ଟେକ୍ନିକାଲ ଡାଇରେକ୍ଟର କାର୍ଯ୍ୟ ତୁଲାଇଛନ୍ତି। ଡା. ସୋନାଲୀ ଷଡ଼ଙ୍ଗୀ, ଡା. ରାଧାକାନ୍ତ ପାଣିଗ୍ରାହୀ, ରସରଞ୍ଜନ ଷଡ଼ଙ୍ଗୀ, ଅଙ୍କିତା ଆଚାର୍ଯ୍ୟ, ଶୁଭଶ୍ରୀ ପଣ୍ଡା, ଅମୀୟବାଳା ପରିଡ଼ା ପ୍ରମୁଖ ଚଳଚ୍ଚିତ୍ରର ବିଭିନ୍ନ ଭୂମିକାରେ ଅଭିନୟ କରିଥିବାବେଳେ ଓଲିଉଡ କଣ୍ଠଶିଳ୍ପୀ କରୁଣାକର ଏଥିରେ କଣ୍ଠଦାନ କରିଛନ୍ତି। ସୂଚନାଥାଉ କି, ଉକ୍ତ ଚଳଚ୍ଚିତ୍ର କଲିକତା ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ, ବନ୍ଦେ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ଓ ହାଇଦ୍ରାବାଦରେ ହୋଇଥିବା ୪ର୍ଥ ବିଶ୍ୱ ଚଳଚ୍ଚିତ୍ର ମହୋତ୍ସବରେ ମଧ୍ୟ ପୁରସ୍କୃତ ହୋଇଥିଲା।

ବିଦ୍ୟୁତ୍ ଆଘାତ: ଯୁବକ ମୃତ

ବ୍ରହ୍ମଗିରି,୩।୫(ଡି.ଏନ୍.ଏ.)

ବିଦ୍ୟୁତ୍ ଆଘାତରେ ଆସି ରବିବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ଆମ୍ବପଡା ଗ୍ରାମର ବାଦଲ କୁମାର କାହାଳ(୩୦)। ବାଦଲ ତାଙ୍କ ଘରେ କାମ କରୁଥିବା ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ପୁରୀ ନେଉଥିଲେ। କିନ୍ତୁ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ବ୍ରହ୍ମଗିରି ଅଞ୍ଚଳରେ ବାଦଲ ଜଣେ ସୁନାମଧନ୍ୟ କଣ୍ଠ ଶିଳ୍ପୀ ଭାବେ ପରିଚିତ ଥିଲେ।

ଆନ୍ତଃ ରାଜ୍ୟ ଯାତାୟାତ ଲାଗି ଅନୁମତି

ଭୁବନେଶ୍ୱର, ୩।୫(ବ୍ୟୁରୋ)

ଲକ୍‌ଡାଉନ ଯୋଗୁ ରାଜ୍ୟ ବାହାରେ ଫସି ରହିଥିବା ପ୍ରବାସୀ ଶ୍ରମିକ ବସ୍ ଏବଂ ଟ୍ରେନ୍ ଯୋଗେ ଫେରିବା ଆରମ୍ଭ କରିଛନ୍ତି। ଏଭଳି ସ୍ଥିତିରେ ରାଜ୍ୟ ସରକାର ଆନ୍ତଃରାଜ୍ୟ ଗମନାଗମନ ଲାଗି ଗ୍ରୀନ୍ ସିଗନାଲ ଦେଇଛନ୍ତି। ନିର୍ଦ୍ଦିଷ୍ଟ କିଛି କାରଣ ଥିଲେ ଆନ୍ତଃରାଜ୍ୟ ଗମନାଗମନ କରିହେବ ବୋଲି ଗୃହ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ ଚୋପ୍ରା ଚିଠି ଲେଖି ସବୁ ଜିଲାପାଳ ଏବଂ କଟକ-ଭୁବନେଶ୍ୱର ପୋଲିସ କମିଶନରଙ୍କୁ ଜଣାଇଛନ୍ତି।

ଏଥିଲାଗି ଏକ ଫର୍ମର ନକଲ ମଧ୍ୟ ଜାରି କରାଯାଇଛି। ଆନ୍ତଃରାଜ୍ୟ ଯିବା ଆସିବା ସକାଶେ ସରକାରଙ୍କ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ, ଯଦି କେହି ଓଡିଶାରୁ ବାହାର କୌଣସି ରାଜ୍ୟକୁ ଯିବାକୁ ଚାହାନ୍ତି ତେବେ ତାହା ସ୍ୱାସ୍ଥ୍ୟଗତ ସମସ୍ୟା କିମ୍ବା କୌଣସି ଜରୁରୀ କାର୍ଯ୍ୟ ହୋଇଥିବା ଆବଶ୍ୟକ, ଏଥିଲାଗି ଉପଜିଲାପାଳ, ତହସିଲଦାର କିମ୍ବା ଡିସିପି ଯାଞ୍ଚ କରିବା ପରେ ସମ୍ଭବ ହୋଇପାରିବ। ଏହାପରେ ଯଦି ଆବେଦନକାରୀଙ୍କୁ ବାହାର ରାଜ୍ୟକୁ ଯିବା ସକାଶେ ଅନୁମତି ମିଳେ ତେବେ ତାଙ୍କୁ ଏକ ଆନ୍ତଃରାଜ୍ୟ ପାସ୍ ପ୍ରଦାନ କରାଯିବ। ଆବେଦନକାରୀ ଯେଉଁ ରାଜ୍ୟକୁ ଯିବାକୁ ଚାହୁଁଥିବେ ସେଠାକାର ଜିଲାପାଳଙ୍କୁ ପାସ୍‌ର ଏକ ନକଲ ମେଲ୍ କରିଦିଆଯିବ। ଯାନର ପାସ୍ ସହିତ ତାହା ଲଗାଇ ମେଲ୍ ମାଧ୍ୟମରେ ଦିଆଯିବ।

ସେହିପରି ଯଦି ବାହାରୁ କେହି ଓଡିଶାକୁ ଆସିବାକୁ ଚାହାନ୍ତି ତେବେ ତାଙ୍କୁ ରାଜ୍ୟ ସରକାରଙ୍କ ଏକ ରେଜିଷ୍ଟ୍ରି ପୋର୍ଟାଲ http://covid19.odisha.gov.inରେ ଆବେଦନ କରିବାକୁ ପଡିବ। ଏହାପରେ ଯେଉଁ ଜିଲାରୁ ଆସିବାକୁ ଚାହୁଁଥିବେ ସେଠାକାର ଜିଲାପାଳ, ପୋଲିସ କମିଶନର କିମ୍ବା ଦାୟିତ୍ୱରେ ଥିବା ଅଧିକାରୀଙ୍କଠାରୁ ପାସ୍ ଗ୍ରହଣ କରିବେ। ସେହି ପାସ୍‌ର ଏକ ନକଲ ଆସିବାକୁ ଚାହୁଁଥିବା ଜିଲାର ଜିଲାପାଳଙ୍କ କାର୍ଯ୍ୟାଳୟକୁ ମେଲ୍ ଜରିଆରେ ପଠାଯିବ। ରାଜ୍ୟ ସରକାରଙ୍କ ପୋର୍ଟାଲର ରେଜିଷ୍ଟର ନମ୍ବର ରାଜ୍ୟର ବର୍ଡରଠାରେ ଯାଞ୍ଚ କରାଯିବ। ରାଜ୍ୟର ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପରେ ୧୪ଦିନ କ୍ୱାରାଣ୍ଟାଇନରେ ରହିବା ଜରୁରୀ। ସରକାରଙ୍କ ସମସ୍ତ ପ୍ରକାର ନିୟମ ମାନି ଯାତ୍ରା କରିବାକୁ ସରକାର ଦର୍ଶାଇଛନ୍ତି।

ରେଡ୍‌ରେ ଘଣ୍ଟାଏ, ଅରେଞ୍ଜରେ ଦୁଇ, ଗ୍ରୀନ୍‌ରେ ଅଢ଼େଇ ଘଣ୍ଟା

ଜୋନ୍ ଅନୁଯାୟୀ ଖୋଲିବ ନିମ୍ନ ଅଦାଲତ

କଟକ ଅଫିସ,୩।୫: କରୋନା ଭୂତାଣୁ ସଂକ୍ରମଣକୁ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ମେ' ୧୭ ତାରିଖ ପର୍ଯ୍ୟନ୍ତ ଦେଶବ୍ୟାପୀ ଲକ୍‌ଡାଉନ୍‌କୁ ବଢ଼ାଇଛନ୍ତି। ତେବେ ଭୂତାଣୁର ପ୍ରଭାବ ଅନୁଯାୟୀ ୩ଟି ଜୋନ୍‌ରେ ଭାଗ କରାଯାଇଛି। ସେଗୁଡ଼ିକ ହେଲା ରେଡ୍, ଅରେଞ୍ଜ ଏବଂ ଗ୍ରୀନ୍। ଏହାକୁ ଦୃଷ୍ଟିରେ ରଖି ରାଜ୍ୟରେ ନିମ୍ନ ଅଦାଲତଗୁଡ଼ିକର କାର୍ଯ୍ୟ ସମୟରେ ପରିବର୍ତ୍ତନ କରିଛନ୍ତି ଓଡ଼ିଶା ହାଇକୋର୍ଟ। ରେଡ୍ ଜୋନ୍‌ରେ ୧ ଘଣ୍ଟା, ଅରେଞ୍ଜ ଜୋନ୍‌ରେ ଦୁଇଘଣ୍ଟା ଏବଂ ଗ୍ରୀନ୍ ଜୋନ୍‌ରେ ଅଢ଼େଇ ଘଣ୍ଟା କୋର୍ଟ କାର୍ଯ୍ୟ ଚାଲିବ ବୋଲି ହାଇକୋର୍ଟ ସ୍ୱତନ୍ତ୍ର ଅଧିକାରୀ(ସ୍ୱତନ୍ତ୍ର) ସେଲ୍ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି।

ନିର୍ଦ୍ଦେଶନାମାରେ କୁହାଯାଇଛି ଯେ, ଅରେଞ୍ଜ ଜୋନ୍‌ରେ ଥିବା ଅଞ୍ଚଳଗୁଡ଼ିକରେ ନିମ୍ନ କୋର୍ଟ ସକାଳ ୯ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଖୋଲା ରହିବ। କିନ୍ତୁ ଯେଉଁଠି ସକାଳୁଆ ଅଫିସ ବ୍ୟବସ୍ଥା ନାହିଁ, ଯଥା ବ୍ରହ୍ମପୁର, ଛତ୍ରପୁର, କୋରାପୁଟ(ସଦର) ଏବଂ ପୁରୀ(ସଦର)ରେ ପୂର୍ବାହ୍ନ ୧୧ଟା ଠାରୁ ଅପରାହ୍ନ ଗୋଟାଏ ପର୍ଯ୍ୟନ୍ତ କୋର୍ଟ କାର୍ଯ୍ୟ ଚାଲିବ। ସେହିଭଳି ଗ୍ରୀନ୍ ଜୋନ୍‌ରେ ଥିବା କୋର୍ଟଗୁଡ଼ିକ ନିୟମିତ କାର୍ଯ୍ୟାଳୟ ସମୟ ଠାରୁ ମଧ୍ୟାହ୍ନ ଭୋଜନ ପର୍ଯ୍ୟନ୍ତ କାର୍ଯ୍ୟ କରିବ। ତେବେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ଯଦି କୌଣସି ଅଞ୍ଚଳର ଜୋନ୍ ଘୋଷଣାରେ ପରିବର୍ତ୍ତନ ହୁଏ, ତେବେ ତଦନୁଯାୟୀ କୋର୍ଟ ସମୟ ମଧ୍ୟ ପରିବର୍ତ୍ତନ କରାଯାଇପାରିବ। ସେହିଭଳି ରାଜ୍ୟ ସରକାର ଯଦି କୌଣସି ନିର୍ଦ୍ଦିଷ୍ଟ ଅଞ୍ଚଳକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରନ୍ତି, ତେବେ ସେହି ଅଞ୍ଚଳରେ ଥିବା କୋର୍ଟକୁ ବନ୍ଦ କରିବାର କ୍ଷମତା ଜିଲା ଜଜ୍‌ଙ୍କୁ ପ୍ରଦାନ କରାଯାଇଛି। କିନ୍ତୁ ଏଥିପାଇଁ ତାଙ୍କୁ ହାଇକୋର୍ଟ ଠାରୁ ଅନୁମତି ନେବାକୁ ହେବ।

କେରଳରୁ ଫେରିଲେ ୧୭ ଶ୍ରମିକ

ପୁରୀ ଅଫିସ,୩।୫: କେରଳର ଏର୍ଣାକୁଲମରୁ ସ୍ୱତନ୍ତ୍ର ଟ୍ରେନ୍‌ରେ ପୁରୀ ଜିଲା ଗୋପ, ନିମାପଡ଼ା ଏବଂ ଅସ୍ତରଙ୍ଗ ଅଞ୍ଚଳର ୧୭ଜଣ ଶ୍ରମିକ ଆସି ରବିବାର ଓଡ଼ିଶା ଫେରିଛନ୍ତି। ଏମାନେ ଭୁବନେଶ୍ୱରରୁ ଏକ ସ୍ୱତନ୍ତ୍ର ବସ୍‌ରେ ଆସି କୃପାଜଳ ଇଞ୍ଜିନିୟରିଂ ପରିସର ଅଭ୍ୟର୍ଥନା କେନ୍ଦ୍ରରେ ପହଞ୍ଚିଥିଲେ। ସେଠାରେ ସମସ୍ତଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ପଞ୍ଜୀକରଣ କରିଛନ୍ତି କି ନାହିଁ ତାହାର କାଗଜପତ୍ର ଯାଞ୍ଚ କରାଯାଇଥିଲା। କେନ୍ଦ୍ରରେ ସେମାନଙ୍କର ସମସ୍ତ ପ୍ରକାର କାର୍ଯ୍ୟ ଶେଷ ହେବା ପରେ ୨ଟି ଗାଡ଼ିରେ ଏହି ଶ୍ରମିକମାନଙ୍କୁ ପ୍ରଶାସନ ହେପାଜତରେ ସମ୍ପୃକ୍ତ ବ୍ଲକକୁ ପଠାଯାଇଥିଲା। ସେମାନେ ପହଞ୍ଚିବା ପରେ ସରକାରଙ୍କ ପକ୍ଷରୁ ପ୍ରସ୍ତୁତ କ୍ୱାରାଣ୍ଟାଇନ ସେଣ୍ଟରରେ ଖାଯିବା ବ୍ୟବସ୍ଥା ହୋଇଛି।

ବାସ୍ ଦୁଃଖ ଏବେ ଆଉ ନୁହେଁ
ଦୁଃଖକୁ ଖୁସିରେ ବଦଳାଉଥିବା ରୁହାନୀ ଓ କଳା ବିଦ୍ୟାରେ ନିପୁଣ
2 ଘଣ୍ଟାରେ 100% ଗ୍ୟାରେଣ୍ଟି ସହ ସମାଧାନ
ଆପଣ କୌଣସି ସମସ୍ୟାକୁ ନେଇ ବିବ୍ରତ ଥିଲେ ଏବେ ହିଁ ଫୋନ୍ କରି ଘରେ ବସି ସମାଧାନ କରାନ୍ତୁ
ପ୍ରେମ ବିବାହ, ଗୃହ କ୍ଲେଶ, ବିବାହରେ ବାଧା, ସଉତୁଣୀ ଶତ୍ରୁଙ୍କଠାରୁ ମୁକ୍ତି, ପୋତାଧନ, ବ୍ୟବସାୟରେ ବନ୍ଧନ, କୁଆ-ସଙ୍କା, ଭୂତ-ପ୍ରେତ, ପ୍ରେମ-ପ୍ରଣୟ, ଗୁଣିଗାରେଡ଼ି
ସ୍ପେ. ବଶୀକରଣ ଓ ମୁଠକରଣୀ
ଆପଣଙ୍କ ଝିଅକୁ ଆପଣଙ୍କ ସ୍ୱାମୀ, ବାହାରର କୌଣସି ବ୍ୟକ୍ତି କିମ୍ବା ଶାଶୁଘର ଲୋକ ହଇରାଣ କରୁଛନ୍ତି କି ।
ବାବା ଆମିଲ ସୁଫି ଗୋଲ୍ଡ ମେଡାଲିଷ୍ଟ
ଠିକଣା ସିଟି ବସ୍ ଷ୍ଟାଣ୍ଡ ଅଜମେର ୱାଲେ
9650446732
9971793786

ବିପୁଳ କ୍ଷତି ସହିଲେଣି ପରିବା ଚାଷୀ, ବ୍ୟବସାୟୀ

ଭୁବନେଶ୍ୱର, ୩।୫(ବ୍ୟୁରୋ)

- କ୍ଷେତରେ ଅଧା ନଷ୍ଟ ହେଉଛି, ଖର୍ଚ୍ଚ ଉଠୁନି
- ବିକ୍ରି ନ ହୋଇପାରି ଦୋକାନରେ ବି ଶଢୁଛି

ଲକ୍‌ଡାଉନ୍‌ରେ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦେଇ କୃଷି କାର୍ଯ୍ୟ ଓ କୃଷିଜାତ ଦ୍ରବ୍ୟ ବିକ୍ରିବଟାକୁ ଅନୁମତି ଦିଆଯାଇଛି। ଏଭଳି ସଙ୍କଟ ସମୟରେ ଚାଷୀମାନେ ପରିବା ଚାଷ କରି ବଜାରକୁ ଛାଡୁଥିବାବେଳେ ବ୍ୟବସାୟୀମାନେ ମଧ୍ୟ ନାନା ହଟହଟା ହୋଇ ଖରାବର୍ଷାରେ ଲୋକଙ୍କୁ ପରିବା ଯୋଗାଉଛନ୍ତି। ହେଲେ ସବୁ ବିକ୍ରି ହୋଇପାରୁ ନ ଥିବାରୁ ବିଭିନ୍ନ ଦୋକାନ ନିକଟରେ ନଷ୍ଟ ପରିବା ଗଦା ଦେଖିବାକୁ ମିଳୁଛି। ଏପଟେ ବ୍ୟବସାୟୀମାନେ ସେହି ପରିମାଣର ପରିବା ଚାଷୀଙ୍କଠାରୁ ଉଠାଉ ନ ଥିବାରୁ ତାହା ବିଲରେ ପଚିଶଢ଼ି ନଷ୍ଟ ହେଉଛି। ଫଳରେ ଉଭୟ ବିପୁଳ କ୍ଷତି ସହୁଛନ୍ତି।

ବର୍ତ୍ତମାନ ରାଜ୍ୟରେ ପରିବା ଉତ୍ପାଦନ ଭଲ ହେଉଛି। କିନ୍ତୁ ବିଲରୁ ପରିବା ଉଠୁନି କି ଦୋକାନରୁ ଲୋକଙ୍କ ଘରେ ପହଞ୍ଚପାରୁନି। ତେଣୁ ଚାଷୀ ଓ ବ୍ୟବସାୟୀଙ୍କୁ ମଧ୍ୟ ଠିକ୍ ମୂଲ୍ୟ ମିଳିପାରୁନି। ବେଳେବେଳେ ଦୋକାନୀମାନେ କିଣା ମୂଲ୍ୟଠାରୁ ମଧ୍ୟ କମ୍ ଦାମ୍‌ରେ ବିକ୍ରି କରିବାକୁ ବାଧ ହେଉଛନ୍ତି। ମିଳିଥିବା ସୂଚନାନୁସାରେ, ଉତ୍ପାଦନର ମାତ୍ର ୨୫ ପ୍ରତିଶତ ପରିବା ବିକ୍ରି ହେଉଛି। ବାକି ୭୫ ପ୍ରତିଶତ ପରିବା ଷ୍ଟକ୍ ରହି ନଷ୍ଟ ହେଉଛି। କ୍ଷତି ସହୁଥିବାରୁ ଚାଷୀ ଓ ବ୍ୟବସାୟୀ ପରିବା ବିକ୍ରି ପାଇଁ ମୁହଁ ମୋଡିଲେଣି। କେବଳ ଘରେ ବସି ରହିବା ଅପେକ୍ଷା ଲୋକଙ୍କ ଭୋକ ମେଣ୍ଟାଉ ମେଣ୍ଟାଉ ନିଜେ କ୍ଷତିର ବୋଝ ମୁଣ୍ଡାଇ ଚାଲିଛନ୍ତି। ତେଣୁ ସରକାର ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ସହାୟତା ହେଉ କି ବାହାର ବଜାରକୁ ପଠାଇବା କିମ୍ବା ଅନ୍ୟ କିଛି ବିକଳ୍ପ ବ୍ୟବସ୍ଥା କରିବାକୁ ପରିବା ଚାଷୀ ଓ ଦୋକାନୀ କହିଛନ୍ତି।

କଞ୍ଚା ପରିବା ବ୍ୟବସାୟୀ ମହାସଂଘ ସଭାପତି କବିରାଜ ସ୍ୱାଇଁ କହିଛନ୍ତି, ପୂର୍ବରୁ ନିୟମିତଭାବେ ରାଜ୍ୟ ବାହାରୁ ଆଇଗିଣିଆ ଓ ୧ ନମ୍ବର ହାଟକୁ ୫୦ରୁ ୬୦ ଟ୍ରକ ପରିବା ଆସେ। ଲୋକାଲ ପରିବା ପ୍ରାୟ ୧୦୦ ଟ୍ରକ ଆସେ। ସେହିପରି ରାଜ୍ୟର ଅନ୍ୟ ପରିବା ମଣ୍ଡି ଓ ମାର୍କେଟକୁ ମଧ୍ୟ ସ୍ଥାନୀୟ ଅଞ୍ଚଳ ସମେତ ବାହାରୁ ମଧ୍ୟ ପରିବା ଯାଏ। ହେଲେ ସେହି ଅନୁସାରେ ଏବେ ବିକ୍ରି ହେଉନି କି ମୂଲ୍ୟ ବି ମିଳୁନି। ପରିବହନ ଉପରେ କଟକଣା, ଚାଷୀଙ୍କ ଉତ୍ପାଦିତ ସାମଗ୍ରୀ ସବୁ ଜାଗାରେ ପହଞ୍ଚି ନ ପାରିବା, ହୋଟେଲ ଓ ଢ଼ାବା ଆଦି ବନ୍ଦ ରହିବା ସହ ସାମାଜିକ ଉତ୍ସବ, ବିବାହବ୍ରତ, ସଭାସମିତି ଓ ବୈଠକ ଆଦି ବନ୍ଦ ରହିବା ଏ ପରିସ୍ଥିତିରେ ପ୍ରମୁଖ କାରଣ ବୋଲି ସେ କହିଛନ୍ତି।

CUTTACK MUNICIPAL CORPORATION
Tel.No.2308517, 2308424, 2308655 (Fax)
Ref. 3639 Date: 02.05.2020

QUOTATION CALL NOTICE / TENDER CALL NOTICE FOR "SUPPLY OF PACKED COOKED FOOD/TIFFIN/ TEA FOR QUARANTINE FACILITIES SETUP IN CMC AREA"

Sealed quotations are invited from reputed Catering Agencies / Self-Help Groups (SHG) for **"Supplying Packed Cooked Food / Tiffin/Tea for Quarantine Facilities Setup by CMC, Cuttack within CMC area"**. The details of the terms and conditions are available in the Website of Cuttack Municipal Corporation i.e. **www.cmccuttack.gov.in**. The quotationer have to download the quotation call notice / tender call notice from website to participate in the quotation process. Available of quotation call notice / tender call notice document Dt.03.05.2020 to Dt.07.05.2020, last date for submission of proposal Dt.07.05.2020, time 3.00 P.M. Opening of proposal Dt.07.05.2020 at 4.00 P.M. Submission of Proposal through courier/speed post/ registered post/hand delivery.

The Commissioner, CMC reserved the right to reject any or all the quotations without assigning any reason thereof.

Sd./- Commissioner
Cuttack Municipal Corporation
Cuttack

ପ୍ରତ୍ୟେକ ଲୋକର ନିଜ ବାଟରେ ଭାବିବା, ଅନୁଭବ କରିବା ଓ ପ୍ରତିକ୍ରିୟା ଦେଖାଇବାର ଅଧିକାର ରହିଛି। କାହିଁକି ତୁମେ ଭାବିବ ଯେ, ଅନ୍ୟମାନେ ତୁମେ ଯାହା କରୁଛ ତାହା କରନ୍ତୁ ଓ ତୁମରି ଭଳି ହୁଅନ୍ତୁ ? –ଶ୍ରୀମା

ନିତି ନୀତି ପରିବର୍ତ୍ତନ

ଦେଶରେ ତୃତୀୟ ପର୍ଯ୍ୟାୟ ଲକ୍‌ଡାଉନ୍‌ର ଅବଧି ୪ ମେ'ରୁ ୧୭ ମେ' ଯାଏ ରଖାଯାଇଛି। ମାର୍ଚ୍ଚ ୨୪ରୁ ଆରମ୍ଭ ହୋଇଥିବା ତାଲାବନ୍ଦ ଯୋଗୁ ଭାରତସାରା ଦେଖାଦେଇଥିବା ଶ୍ରମିକ ଅଶାନ୍ତି ଥମୁ ନାହିଁ। ଦେଶର ବିଭିନ୍ନ ପ୍ରାନ୍ତରେ ଥିବା ପ୍ରବାସୀମାନେ ସେମାନଙ୍କ ନିଜ ଅଞ୍ଚଳକୁ ଫେରିବାକୁ ବ୍ୟାକୁଳ। କିନ୍ତୁ ଏମାନେ ନିଜ ଗାଁ ଛାଡ଼ିଲା ବେଳକୁ କୌଣସି ସରକାରୀ ସଂସ୍ଥା ପାଖରେ ପଞ୍ଜୀକୃତ ହେବାର ଏ ଦେଶରେ ବ୍ୟବସ୍ଥା ନାହିଁ। ଅର୍ଥାତ୍ ସେମାନେ ସ୍ୱଇଚ୍ଛାରେ ଗାଁ ଛାଡ଼ି ଅନ୍ୟତ୍ର ଯାଇଛନ୍ତି। ଏଥିରେ ନିଶ୍ଚିତ ଭାବେ ଅର୍ଥନୈତିକ ଦିଗ ରହିଛି, ତଥାପି ବାସ୍ତବତା ହେଉଛି ସେମାନେ ନିଜ ଇଚ୍ଛାରେ ବାହାରକୁ ଯାଇଛନ୍ତି। ଏବେ ଏହି ଜନସମୁଦ୍ର ଓଡ଼ିଶା ଭଳି ରାଜ୍ୟକୁ ମାଡ଼ି ଆସୁଥିବା ବେଳେ ସମସ୍ତଙ୍କ ପାଇଁ ତତ୍‌କ୍ଷଣାତ୍ ବ୍ୟବସ୍ଥା କରାଯାଇପାରୁ ନାହିଁ। ଯେଉଁ ଅଞ୍ଚଳରେ ଶ୍ରମିକମାନେ ଅତିଷ୍ଠ ଓ ହିଂସ୍ର ହୋଇପଡୁଛନ୍ତି, ସେଠାରୁ ଲୋକଙ୍କୁ ବିଦା କରିବା ପାଇଁ ବସ୍ ଓ ସ୍ୱତନ୍ତ୍ର ଟ୍ରେନ୍‌ର ବ୍ୟବସ୍ଥା କରାଯାଇଛି। ଉଦାହରଣ ଭାବେ ଗୁଜରାଟକୁ ଦେଖିଲେ ସେଠାରେ ଏବେ ୨୦ ଲକ୍ଷ ପ୍ରବାସୀ ଶ୍ରମିକ ସେମାନଙ୍କ ନିଜ ଘରକୁ ଫେରିଯିବା ପାଇଁ ଅନ୍‌ଲାଇନ୍‌ରେ ନାମ ପଞ୍ଜୀକରଣ କରିଛନ୍ତି। ଏମାନଙ୍କ ମଧ୍ୟରୁ ୫ ଲକ୍ଷ ୫୦ ହଜାର କେବଳ ଉତ୍ତରପ୍ରଦେଶର ଥିବା ଜଣାପଡ଼ିଛି। ସେହିପରି ବିହାର, ଓଡ଼ିଶା ଓ ମଧ୍ୟପ୍ରଦେଶର ୩ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରମିକ ରହିଛନ୍ତି। ଏକ ତଥ୍ୟରୁ ଜଣାପଡ଼ିଛି ଯେ, ନିଜ ଘର ଛାଡ଼ି ୧୨ କୋଟି ଲୋକ ଦେଶର ବିଭିନ୍ନ ସ୍ଥାନରେ ଅନେକ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି। କରୋନା ଭୂତାଣୁ ବୃଦ୍ଧି ଆଶଙ୍କା କରି କେନ୍ଦ୍ର ସରକାର ତତ୍‌କ୍ଷଣାତ୍ ଦେଶରେ ଲକ୍‌ଡାଉନ୍ ଘୋଷଣା କରିଦେବାରୁ ଏହି ବର୍ଗ ସର୍ବାଧିକ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି।

କୋଭିଡ୍‌–୧୯ ମହାମାରୀ ଆଖ୍ୟା ପାଇବା ପରଠାରୁ ସବୁ ପ୍ରକାର ବେପାର ବଣିଜ ବନ୍ଦ ହୋଇଯିବା ଯୋଗୁ ଶ୍ରମିକମାନେ ବେକାର ହୋଇଯାଇଛନ୍ତି। ଏହି ସ୍ଥାନାନ୍ତରିତ ଶ୍ରମିକମାନେ କଣ୍ଟ୍ରାକ୍ଟ ଲେବର ହୋଇଥିବାରୁ କମ୍ପାନୀ ସେମାନଙ୍କ ପ୍ରତି କୌଣସି ଦାୟିତ୍ୱ ପ୍ରଦର୍ଶନ କରିବାର ପ୍ରୟୋଜନ ଉଠୁନାହିଁ। ଲକ୍‌ଡାଉନ୍ ଘୋଷଣା କରିବା ପୂର୍ବରୁ କେନ୍ଦ୍ର ସରକାର ଯଦି ଘରକୁ ଯିବା ପାଇଁ ସେମାନଙ୍କୁ କେବଳ ମାତ୍ର ସମୟ ଦେଇଥାଆନ୍ତେ, ତା' ହେଲେ ଆଜି ଯେଉଁ ଅସମ୍ଭାଳ ପରିସ୍ଥିତି ସୃଷ୍ଟି ହୋଇଛି ତାହା ଉପୁଜି ନ ଥାଆନ୍ତା। ଲକ୍‌ଡାଉନ୍ ଅବଧି ବଢ଼ାଇ ଦିଆଯାଇଥିବାରୁ ଗଣ୍ଡଗୋଳ ଆଶଙ୍କା କରି ସୁରଟ, ବମ୍ବେ, ପୁଣେ, ତିରୁପୁରୁ, ଗୁରୁଗ୍ରାମ, ବେଙ୍ଗାଲୁରୁ, ହାଇଦ୍ରାବାଦ ଆଦି ସ୍ଥାନରୁ ଶ୍ରମିକମାନଙ୍କୁ ସେମାନଙ୍କ ଘରକୁ ଫେରିଯିବା ପାଇଁ ସରକାର ବସ୍ ଓ ଟ୍ରେନ୍‌ର ବ୍ୟବସ୍ଥା କରୁଛନ୍ତି। ଇତିମଧ୍ୟରେ ଅନେକ ଶ୍ରମିକ ସେମାନଙ୍କ ରାଜ୍ୟକୁ ଫେରୁଛନ୍ତି। ସୁରଟରୁ ଟ୍ରେନ୍ ଯୋଗେ ଓଡ଼ିଶାକୁ ୩ ମେ'ରେ ୫୦୦ରୁ ଊର୍ଦ୍ଧ୍ୱ ଶ୍ରମିକ ଆସିଛନ୍ତି। ପୂର୍ବରୁ କେତେକେ ବସ୍ ଯୋଗେ ଆସିଥିବା ବେଳେ ଚେନ୍ନାଇରୁ ଡଙ୍ଗା କିଣି ସମୁଦ୍ରପଥରେ ଶ୍ରମିକ ଆସିଥିବା ଦେଖିବାକୁ ମିଳିଛି। ଦେଶର ଚିତ୍ର ଦେଖିଲେ ବହୁ ଶ୍ରମିକ ହଜାର ହଜାର କିଲୋମିଟର ଚାଲିଚାଲି ଗାଁକୁ ଫେରୁଥିବା ବେଳେ ସେମାନଙ୍କ ମଧ୍ୟରୁ କିଛି ବାଟରେ ପଡ଼ି ମଧ୍ୟ ମରିଯାଇଛନ୍ତି।

ବର୍ତ୍ତମାନ ପ୍ରଶ୍ନ ଉଠୁଛି, ଏବେ ଯେଉଁ ଶ୍ରମିକମାନଙ୍କୁ ନିଜ ଅଞ୍ଚଳକୁ ଯିବା ଲାଗି ସମ୍ପୃକ୍ତ ସରକାରଗୁଡ଼ିକ ଅନୁମତି ଦେବା ସହ ପରିବହନ ବ୍ୟବସ୍ଥା କରାଇପାରିଲେ, ତାହା ଲକ୍‌ଡାଉନ୍ ଆରମ୍ଭ ବେଳେ କାହିଁକି କରାଯାଇପାରି ନ ଥିଲା। ଏହାର ପ୍ରମୁଖ କାରଣ ହେଲା ବିଭିନ୍ନ ଶିଳ୍ପସଂସ୍ଥାର ମାଲିକମାନେ ଚାହୁଁ ନ ଥିଲେ ପ୍ରବାସୀମାନେ ସେମାନଙ୍କ ଘରକୁ ଯାଆନ୍ତୁ। ଥରେ ସେମାନେ ଗାଁକୁ ଚାଲିଗଲେ ମାଲିକମାନଙ୍କ ବେପାର ବନ୍ଦ ହୋଇଯିବ। ତେବେ ପରିସ୍ଥିତି ଦିନକୁ ଦିନ ଜଟିଳ ହେବା ଓ ଶ୍ରମିକମାନଙ୍କୁ ଦୀର୍ଘଦିନ ଖାଇବାପିଇବା ଦେବା ସମ୍ଭବ ନ ହେବାରୁ ସରକାରଙ୍କ ହସ୍ତକ୍ଷେପ ଲୋଡ଼ାଯାଇଥିଲା। ଏତଦ୍‌ବ୍ୟତୀତ ମନେରଖିବାକୁ ହେବ ଯେ, କୋଭିଡ୍‌–୧୯ ଭାରତକୁ ପ୍ରବେଶ କରିବା ପୂର୍ବରୁ ଚାଇନାର କେନ୍ଦ୍ରବିନ୍ଦୁ ପାଲଟିଥିବା ଉହାନ୍ ସହରଠାରୁ ଆରମ୍ଭ କରି ଇଟାଲି, ଇରାନ୍ ଓ ମାଲେସିଆ ଭଳି ଅନେକ ଦେଶରୁ ଧନୀ ଭାରତୀୟଙ୍କୁ ମାଗଣାରେ ବିମାନ ଯୋଗେ ଘରକୁ ଫେରାଇ ଆଣିବା କଥା ଭାବି ତାହାକୁ କେନ୍ଦ୍ର ସରକାର କାର୍ଯ୍ୟକାରୀ କରାଇପାରିଲେ। ଅନ୍ୟପଟେ ଦେଶର ବିଭିନ୍ନ ପ୍ରାନ୍ତରେ ଖେଳେଇ ହୋଇ ରହିଥିବା ଶ୍ରମିକଙ୍କୁ ନିଜ ଘରକୁ ଫେରିବାକୁ ସମୟ ଦିଆଗଲା ନାହିଁ। ଏବେ ସେମାନଙ୍କୁ ଆରମ୍ଭ କରାଯାଇଥିବା ସ୍ୱତନ୍ତ୍ର ଟ୍ରେନ୍‌ରେ ଟିକେଟ କରି ଯିବାକୁ କୁହାଯାଉଛି।

କେନ୍ଦ୍ର ସରକାରଙ୍କ ତତ୍‌କ୍ଷଣାତ୍ ଲକ୍‌ଡାଉନ୍ ନିଷ୍ପତ୍ତିରେ ଏବେ ଆଉ ଆଶ୍ଚର୍ଯ୍ୟ ହେବାକୁ ପଡୁନାହିଁ। ୮ ନଭେମ୍ବର ୨୦୧୬ରେ ବିମୁଦ୍ରୀକରଣ କରାଯିବାଠାରୁ ଲକ୍‌ଡାଉନ୍ ପର୍ଯ୍ୟନ୍ତ ଯେତେସବୁ ନୀତି ଓ ନିଷ୍ପତ୍ତି ନିଆଯାଇଛି, ତାହା ଅଚାନକ ରାତି ୮ଟାରେ ହୋଇଛି। ଯେଉଁଠି ଯେତେବେଳେ ବିରୋଧ ସୃଷ୍ଟି ହୋଇଛି, ସେତେବେଳେ ନିୟମକୁ କୋହଳ କରାଯାଇଥିବା ଦେଖାଯାଇଛି। ନିତି ନୀତି ପରିବର୍ତ୍ତନ କରୁଥିବା ସରକାରଙ୍କ କୌଣସି ନିର୍ଦ୍ଦିଷ୍ଟ ଆଭିମୁଖ୍ୟ ରହୁ ନ ଥିବା ଏଥିରୁ ସ୍ପଷ୍ଟ ଜଣାପଡ଼ିଯାଉଛି। ମେଞ୍ଚେ ଶ୍ରମିକଙ୍କୁ ଟ୍ରେନ୍ ଯୋଗେ ଏକାଥରକେ ଛାଡ଼ି ଦିଆଗଲେ କରୋନା ଭୂତାଣୁ ବ୍ୟାପିଯିବ ବୋଲି ଲକ୍‌ଡାଉନ୍ ସମୟରେ ସରକାର ଯୁକ୍ତି ବାଢ଼ିଥିଲେ। ଆଜି ଯଦି ସେହି ପ୍ରବାସୀ ଶ୍ରମିକଙ୍କ ଯାତ୍ରାର ଭିଡ଼ଦୃଶ୍ୟକୁ ଦେଖାଯାଏ, ତା'ହେଲେ ବୁଝାପଡ଼ିବ ଯେ ସେଠାରେ କୌଣସି ସାମାଜିକ ଦୂରତା ରକ୍ଷା କରାଯାଇ ନାହିଁ। କହିବାକୁ ଗଲେ ନିତି ନୀତି ବଦଳାଉଥିବା ସରକାରଙ୍କଠାରୁ ଅଧିକ କିଛି ଆଶା କରାଯାଇ ନ ପାରେ।

କରୋନା ଓ ମାଂସାହାର

ଡ. ପ୍ରଫୁଲ୍ଲ କୁମାର ସାହୁ

ମହାମାରୀ କରୋନାରେ ସମଗ୍ର ବିଶ୍ୱର ପ୍ରାୟ ସବୁ ଦେଶର ଲୋକ ଏବେ ଗୃହବନ୍ଦୀ। କୁହାଯାଉଛି ଅସତର୍କ ଚାଇନାବାସୀଙ୍କ ବିକୃତ ଖାଦ୍ୟାଭ୍ୟାସରୁ ଏହାର ସୃଷ୍ଟି। ସାଧାରଣତଃ ଚାଇନା ଲୋକଙ୍କ ଖାଦ୍ୟ ଥାଳିରେ ଦେଖିବାକୁ ମିଳେ ବିଭିନ୍ନ କିମ୍ଭୂତକିମାକାର ଜୀବଜନ୍ତୁଙ୍କ ମାଂସ ବା ଅଙ୍ଗ। ବିଶେଷ କରି ବାଦୁଡ଼ି ମାଂସ ହେଉଛି ସେମାନଙ୍କର ପ୍ରିୟ ଖାଦ୍ୟ। ସେହି ବାଦୁଡ଼ି ଦେହରୁ ସୃଷ୍ଟି ହୋଇଥିବା କରୋନା ଭୂତାଣୁ ପ୍ରଥମେ ଚାଇନାବାସୀଙ୍କ ଦେହରେ ବସା ବାନ୍ଧିଲା ଏବଂ ସାରା ବିଶ୍ୱକୁ ବ୍ୟାପିଗଲା ବୋଲି ଚାଲିଛି ପ୍ରଚାର। ବାସ୍ତବରେ କରୋନା ଭୂତାଣୁ ବାଦୁଡ଼ି ଦେହରୁ ସୃଷ୍ଟି ହୋଇଛି କି ଅନ୍ୟ ଉପାୟରେ ଆସିଛି, ତାହା ଗବେଷଣାର ବିଷୟ। ମାତ୍ର ଏକଥା ସତ୍ୟ ଯେ ମଣିଷ ଉପରେ ଭୂତାଣୁ ଆକ୍ରମଣ କିଛି ନୂଆ କଥା ନୁହେଁ, ବରଂ ଯେବେଠାରୁ ମଣିଷ ପ୍ରାକୃତିକ ଜୀବନଚକ୍ର ପ୍ରତି ହିଂସ୍ର ଆଚରଣ କରି ଆସିଛି, ସେବେଠାରୁ ଆରମ୍ଭ ହୋଇଛି ଏ ବିଡମ୍ବନା।

ଇତିହାସ କହେ ଆଦିମ ମଣିଷ ଯେତେବେଳେ ବଣ ଜଙ୍ଗଲରେ ବାସ କରୁଥିଲା, ସେତେବେଳେ ପଶୁ ପକ୍ଷୀ ଶିକାର ଥିଲା ତା'ର କ୍ଷୁଧା ନିବାରଣର ପ୍ରଧାନ ଅବଲମ୍ବନ। ପଶୁ ପାଳନ ଶିଖିଲା ପରେ ତାକୁ ଆଉ ଶିକାର ଅନ୍ୱେଷଣରେ ଦିନ ଦିନ ବୁଲିବାକୁ ପଡିଲାନି ଦୁର୍ଗମ ଅରଣ୍ୟରେ। ସମୟକ୍ରମେ କୃଷିର ବିକାଶ ହେବାରୁ ମଣିଷ ଏକ ବ୍ୟବସ୍ଥିତ ଜୀବନ ଜିଇଲା ଓ ମାଂସ ପରିବର୍ତ୍ତେ ଶସ୍ୟ ହେଲା ତା'ର ପ୍ରଧାନ ଖାଦ୍ୟ। ତଥାପି ମାଂସପ୍ରିୟ ମଣିଷ ଜିହ୍ୱା ଲାଳସାର ବଶବର୍ତ୍ତୀ ହୋଇ ପଶୁପକ୍ଷୀ ହତ୍ୟା କରି ଚାଲିଲା ଅବିଚାରିତ ଭାବରେ। ଏହି ପଶୁପକ୍ଷୀ ଲବ୍ଧ କିଛି ଖାଦ୍ୟ ଓ ଦୂଷିତ ଜଳ ଯୋଗୁ ବଢ଼ିଲା ଜୀବାଣୁ ଓ ଭୂତାଣୁଜନିତ ସଂକ୍ରମଣ।

ଏହି କ୍ରମରେ ଶରୀର ବିଜ୍ଞାନର ଉନ୍ନତି ହେଲା ଏବଂ ମଣିଷ ଜାଣିଲା ନୀରୋଗ ରହିବା ପାଇଁ ଆମ ଶରୀର ଆବଶ୍ୟକ କରେ ସାତ୍ତ୍ୱିକ ଆହାର। ଅନ୍ୟ ପକ୍ଷରେ ଅପ୍ରାକୃତିକ ଆହାର ଶରୀର ଭିତରେ ସୃଷ୍ଟି କରେ ନାନା ବିଭ୍ରାଟ। ଏହାକୁ ଦୃଷ୍ଟିରେ ରଖି ଆମ ପୂର୍ବଜମାନେ ଶହ ଶହ ବର୍ଷର ପରୀକ୍ଷା ନିରୀକ୍ଷା ପରେ ନିର୍ଦ୍ଧାରଣ କଲେ ପରିବେଶ ଉପଯୋଗୀ ଖାଦ୍ୟ ଓ ତା'ର ପ୍ରସ୍ତୁତି ପ୍ରଣାଳୀ। ଜିହ୍ୱା ଲାଳସାର ନିୟନ୍ତ୍ରଣ ପାଇଁ ଶାସ୍ତ୍ର, ପୁରାଣ ଓ ନୀତି କଥାରେ ନାନା ଉପାଦେୟ ପରାମର୍ଶ ସଂଯୋଜିତ କଲେ। ଖାଦ୍ୟ ଶୃଙ୍ଖଳା ପ୍ରତି ଲୋକଙ୍କୁ ଆକୃଷ୍ଟ କରିବା ପାଇଁ ଆମ ଆଚାର୍ଯ୍ୟମାନେ ତାକୁ ଧର୍ମ ସହିତ ଯୋଡିଦେଲେ ଅତି ଚତୁରତାର ସହିତ। ଭାରତୀୟ ପ୍ରାଚୀନ ଚିକିତ୍ସା ବିଜ୍ଞାନୀମାନେ ଏହାକୁ ସମର୍ଥନ କରି କହିଲେ ସରଳ, ସାତ୍ତ୍ୱିକ ଓ ସତେଜ ଭୋଜନ ହିଁ ପ୍ରତ୍ୟେକ ପରିସ୍ଥିତିରେ ପ୍ରତ୍ୟେକ ଲୋକ ପାଇଁ ପ୍ରକୃଷ୍ଟ ଆହାର। କାରଣ ଆମ ଶରୀରକୁ ଶାକାହାରୀ କରି ଗଢ଼ିଛି ପ୍ରକୃତି। ମଣିଷ ଶରୀର ଗଠନ ପ୍ରଣାଳୀ ସଂପର୍କରେ ଅଧ୍ୟୟନ କରୁଥିବା ନୃତତ୍ତ୍ୱ ବିଜ୍ଞାନୀମାନେ କହନ୍ତି, ମଣିଷର ଅନ୍ତନଳୀ ଓ ଆମାଶୟ କେବଳ ଶାକାହାର ଓ ଫଳାହାର ପାଇଁ ଉପଯୁକ୍ତ। ମଣିଷର ଦାନ୍ତ ବାଘ ଓ କୁକୁର ଆଦି ମାଂସାଶୀ ପ୍ରାଣୀଙ୍କ ଦାନ୍ତ ପରି ନୁହେଁ, ବରଂ ଏହା ତୃଣଜାତୀୟ ଖାଦ୍ୟ ଖାଉଥିବା ଗାଈ ବା ଘୋଡ଼ାର ଦାନ୍ତ ପରି। ଅର୍ଥାତ୍ ପ୍ରକୃତି ଆମକୁ ଦେଇନି ମାଂସକୁ ସହଜରେ ଚର୍ବଣ ଓ ଜୀର୍ଣ୍ଣ କରିବାର ଶକ୍ତି। ଆଧୁନିକ ଚିକିତ୍ସା ବିଜ୍ଞାନୀ କହନ୍ତି, ମାଂସାହାର ଦ୍ୱାରା ମଣିଷ ଶରୀର ଭିତରକୁ ପ୍ରବେଶ କରୁଥିବା କୋଷଗୁଡିକ ଭିତରର କୋଷ ପରି ସମ ଭାବରେ ସଂଜୀବିତ। ତେଣୁ ବାହାରର ଜୀବନ୍ତ କୋଷଗୁଡିକ ବଞ୍ଚି ରହିବା ପାଇଁ ଭିତରର କୋଷ ସହିତ ସଂଘର୍ଷ କରନ୍ତି, ଯାହା ଫଳରେ ଆମ ଶରୀର ଭିତରେ ସୃଷ୍ଟି ହୁଏ ଟକସିନ୍ ବା ବିଷ କ୍ରିୟା। ଏହାଦ୍ୱାରା ଆମ ଶରୀରର ରୋଗ ପ୍ରତିରୋଧକ ଶକ୍ତି କମିଯିବା ସହିତ ଖର୍ବ ହୁଏ ଆୟୁଷ।

ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ବିଚାର କଲେ, ମାଂସାହାର ସବୁଠାରୁ ଘୃଣ୍ୟ ଓ ନିନ୍ଦନୀୟ। ଜୈନ ଓ ବୌଦ୍ଧ ଯୁଗରେ ଅହିଂସା ଏକ ଦିବ୍ୟ ନୀତିର ମାନ୍ୟତା ଲାଭ କରିବା ସହିତ ସାତ୍ତ୍ୱିକ ଆହାର ପ୍ରତି ପ୍ରକାଶ ପାଇଥିଲା ଆଦର ଓ ଆଗ୍ରହ। ଆମ ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ଅଛି ସବୁ ଜୀବର ଆତ୍ମା ଏକ। ତେଣୁ ଗୋଟିଏ ଶରୀରକୁ କଷ୍ଟ ଦେଲେ କଷ୍ଟ ପାଏ ଆଉ ଗୋଟିଏ ଶରୀର। ସେଥିପାଇଁ ସନ୍ଥକବି ଭୀମ ଭୋଇ ଲେଖିଛନ୍ତି–''ଆରେକ ଅଙ୍ଗକୁ ପାଦେ ପ୍ରହାରିଲେ ଏ ଅଙ୍ଗକୁ ମୋର ବାଧେ।'' ବାସ୍ତବରେ ଯଦି କେହି ଅନ୍ୟର ପୀଡା ଅନୁଭବ କରିପାରୁନି, ତେବେ ବୁଝିବାକୁ ହେବ ସେ ଏକ ଆଧ୍ୟାତ୍ମିକ ଚେତନାହୀନ ମଣିଷ। ଶାସ୍ତ୍ର କହେ ଆମିଷ ଭକ୍ଷଣ ଯୋଗୁ କାମ, କ୍ରୋଧ, ଈର୍ଷା ଓ ଉତ୍ତେଜନାର ବଶବର୍ତ୍ତୀ ହୁଏ ମଣିଷ। ଇନ୍ଦ୍ରିୟମାନେ ଉଚ୍ଛୃଙ୍ଖଳ ହେବା ଫଳରେ ମନ ସଂଯମ ହରାଇ ବସେ। ଅନ୍ୟପକ୍ଷରେ ମଣିଷର ଆଧ୍ୟାତ୍ମିକ ଜୀବନକୁ ଅଧିକ ଋଦ୍ଧିମନ୍ତ, ତାତ୍ପର୍ଯ୍ୟପୂର୍ଣ୍ଣ ଓ ସଫଳ କରିବା ସହ ସାଧନା ସିକ୍ତ ଜୀବନ ପ୍ରତି ସ୍ୱତନ୍ତ୍ର ରୁଚି ବା ଆକର୍ଷଣ ସୃଷ୍ଟି କରେ ସାତ୍ତ୍ୱିକ ଆହାର। ପରିବେଶବିତ୍‌ଙ୍କ ମତରେ ଜୈବ ସନ୍ତୁଳନ ରକ୍ଷା ପାଇଁ ମାନବ ଓ ପଶୁପକ୍ଷୀଙ୍କ ସଂଖ୍ୟା ଏକ ନିର୍ଦ୍ଦିଷ୍ଟ ଅନୁପାତ ଭିତରେ ରହିବା ଜରୁରୀ। ମାତ୍ର ମଣିଷର ମାଂସ ଲାଳସା ଯୋଗୁଁ କ୍ରମାଗତ ଭାବରେ ପଶୁପକ୍ଷୀଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ପୃଥିବୀ ପୃଷ୍ଠରୁ ଲୋପ ପାଇବାକୁ ବସିଲେଣି କେତେ ପ୍ରଜାତିର ଜୀବଜନ୍ତୁ। ଏହାଦ୍ୱାରା ଗଭୀର ଭାବରେ ପ୍ରଭାବିତ ହେଲାଣି ପର୍ଯ୍ୟାବରଣ। ଗବେଷକମାନଙ୍କ ମତରେ ମାଂସ ଉତ୍ପାଦନ ପାଇଁ ବିପଦଗ୍ରସ୍ତ ହେଉଛି ପରିବେଶ। ବିଶେଷକରି ଗୋମାଂସ ଓ ଛେଳି ମେଣ୍ଢା ଜାତୀୟ ମାଂସର ଉତ୍ପାଦନ ପାଇଁ ଆବଶ୍ୟକ ହେଉଛି ବିସ୍ତୃତ ଚାରଣ ଭୂଇଁ ଓ ପର୍ଯ୍ୟାପ୍ତ ଜଳ। ଏସବୁ ଖାଦ୍ୟର ପ୍ରକ୍ରିୟାକରଣ ପାଇଁ ମଧ୍ୟ ଅଧିକ ଇନ୍ଧନ ଆବଶ୍ୟକ ହେଉଛି ଏବଂ ତଜ୍ଜନିତ ଅଙ୍ଗାରକାମ୍ଳ କ୍ରମାଗତ ବିଗିଡିବାରେ ଲାଗିଛି ପରିବେଶ।

ଈଶ୍ୱରଙ୍କ ସୃଷ୍ଟିରେ ସବୁଠାରୁ ବୁଦ୍ଧିମାନ ପ୍ରାଣୀ ଭାବରେ ମଣିଷ ଜାଣେ ଯେ ମାଂସାହାର ତା' ଶରୀର ପାଇଁ ଆଦୌ ଉପଯୋଗୀ ନୁହେଁ, ଏହା ସତ୍ତ୍ୱେ ସେ ମାଂସ ଖାଇବାକୁ ଆଗ୍ରହ ପ୍ରକାଶ କରେ କେବଳ ଜିହ୍ୱା ଲାଳସା ପାଇଁ। ଅର୍ଥାତ୍ ମାଂସ ତା' ପାଇଁ ସ୍ୱାଦିଷ୍ଟ। ମାତ୍ର ସ୍ୱାଦ ମାଂସରେ ନ ଥାଏ, ଥାଏ ସେଥିରେ ପ୍ରୟୋଗ ହେଉଥିବା ବିଭିନ୍ନ ମସଲାରେ। ତେଣୁ ମାଂସାହାର ପ୍ରତି ମଣିଷର ଯେଉଁ ରୁଚି ରହିଛି, ତାହା ହେଉଛି ଏକ ବିକୃତ ରୁଚି। ସେହି କାରଣରୁ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶ ତଥା ବିପଜ୍ଜନକ ପଦ୍ଧତିରେ ଚାଷ କରା ଯାଉଥିବା ମାଛ, ଛେଳି ଓ କୁକୁଡା ଆଦିକୁ ସେ ଖାଉଛି ଅତି ଆଗ୍ରହର ସହିତ। ଏକ ଆକଳନ ଅନୁସାରେ ଏହି ବିକୃତ ରୁଚିଠାରୁ ଦୂରେଇ ଯାଇ ସବୁ ମାଂସାହାରୀ ଯଦି ଶାକାହାରୀ ପାଲଟି ଯିବେ, ପୃଥିବୀରୁ ସମ୍ପୂର୍ଣ୍ଣ ଲୋପ ପାଇଯିବ ଅନାହାର। ଅନେକାଂଶରେ ଲାଘବ ହୋଇଯିବ ଜଳକଷ୍ଟ। ଉପରୋକ୍ତ ପ୍ରେକ୍ଷାପଟରେ ଆଲୋଚ୍ୟ ଆଧ୍ୟାତ୍ମିକ, ବୈଜ୍ଞାନିକ, ଶାରୀରିକ, ନୈତିକ ଓ ସାମାଜିକ ଆଦି ଯେ କୌଣସି ଦୃଷ୍ଟିରୁ ବି ଆଦୌ ଗ୍ରହଣୀୟ ମନେହୁଏନି ମାଂସାହାର। ଆମେ ଆମର ବିବେକକୁ ଅଗ୍ରାଧିକାର ଦେଇ ଭାବିଲେ ବି ଜାଣିପାରିବା ଗୋଟିଏ ଜୀବର ଚେତନା ଓ ପ୍ରଗତିକୁ ଅବରୁଦ୍ଧ କରି ଆମିଷ ଭକ୍ଷଣ କରିବା କି ବିକୃତ ରୁଚିର ପରିଚାୟକ। ଆମେ ଭାରତବାସୀ ଯଦି ଏହି ବିକୃତ ରୁଚିର ବଶବର୍ତ୍ତୀ ହୋଇ ଜୀବହତ୍ୟା କରିବା, ତେବେ ବିଶ୍ୱକୁ କି ସଂଦେଶ ଦେବ 'ବସୁଧୈବ କୁଟୁମ୍ବକମ୍ ଭାବନା' ପୋଷଣ କରି ଆସିଥିବା ଏ ଦେଶ ?

ଅଧ୍ୟକ୍ଷ, ଫୁଲମତୀ ହେମ୍ବ୍ରମ ମହାବିଦ୍ୟାଳୟ,
ପଡ଼ିଆବେଡା, ମୟୂରଭଞ୍ଜ,
ମୋ–୯୪୩୮୮୫୫୦୮୮

ତାଲାବନ୍ଦ ସମସ୍ତଙ୍କ ପାଇଁ ସମାନ ନୁହେଁ



ଡ. ସନ୍ତୋଷ କୁମାର ମହାପାତ୍ର

ଦିନକୁ ଦିନ କରୋନା ସମ୍ପର୍କିତ ଖବର ଶୁଣିଲା ବେଳକୁ ମନରେ ଆଶଙ୍କା ସୃଷ୍ଟି ହେଉଛି । ବିଶ୍ୱରେ ବିଭିନ୍ନ ଦେଶରେ ତାଲାବନ୍ଦ ବା ଲକ୍‌ଡାଉନ, ବିଭିନ୍ନ ପ୍ରକାର ଅଙ୍କୁଶ ସତ୍ତ୍ୱେ କରୋନାକୁ ନିୟନ୍ତ୍ରଣ କରାଯାଇପାରିନାହିଁ। କରୋନା ସଂକ୍ରମଣ ଦ୍ୱାରା ବ୍ୟବସାୟ କାରବାର, ଯୋଗାଯୋଗ ବନ୍ଦ ହୋଇ ଅର୍ଥନୀତି ଯେତିକି ବିପର୍ଯ୍ୟସ୍ତ ହୋଇନି, ବେଶି ବଜାର ଅର୍ଥନୀତି ବା ପୁଞ୍ଜି ବଜାରରୁ ନିବେଶକ ତାଙ୍କ ପୁଞ୍ଜି ପ୍ରତ୍ୟାହାର କରିବା ଯୋଗୁ ବେଶି କ୍ଷତି ହୋଇଛି । ଏଣୁ ସଙ୍କଟର କାରଣ ବଜାର ଅର୍ଥନୀତି ଏବଂ ନିୟନ୍ତ୍ରଣବିହୀନ ପୁଞ୍ଜିବଜାର । ସମଗ୍ର ବିଶ୍ୱ ତଥା ଭାରତର ଅର୍ଥନୀତି, ଜନଜୀବନ ଭୟଙ୍କର ଭାବେ ପ୍ରଭାବିତ ହୋଇଥିଲେ ମଧ୍ୟ ଆଉ କେତେ ଅଧିକ ପ୍ରଭାବିତ ହେବ, କରୋନା ସଂକ୍ରମଣ କେତେଦିନ ରହିବ ତାହା ଉପରେ ନିର୍ଭର କରେ । ତାଲାବନ୍ଦ ଉଠିଲା ପରେ ପରିସ୍ଥିତି କ'ଣ ହେବ ତାହା କହିହେବ ନାହିଁ । ଏଣୁ ବିଶ୍ୱ ଆଜି ସବୁଠାରୁ ଭୟଙ୍କର ପରିସ୍ଥିତି ଦେଇ ଗତି କରୁଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। କେହି କେହି କହୁଛନ୍ତି ଯେ, ବିଶ୍ୱ ଅର୍ଥନୀତିରେ ୨୦୦୮–୦୯ ଠାରୁ ଭୟଙ୍କର ମାନ୍ଦା ଅବସ୍ଥା ଦେଖାଦେବ। ଆଉ କିଏ କିଏ କହୁଛନ୍ତି ୧୯୩୦ ଦଶକର ଗ୍ରେଟ ଡିପ୍ରେସନ ପରିସ୍ଥିତି ଉପୁଜିପାରେ । ଭାରତର ଅଭିବୃଦ୍ଧି ମଧ୍ୟ ବିଯୁକ୍ତାତ୍ମକ ହେବାର ଆଶଙ୍କା ଦେଖାଦେଇଛି । କିନ୍ତୁ ଏସବୁରୁ ସାଧାରଣ ଜନତାର କିଛି ଯାଏ ଆସେ ନାହିଁ। ପ୍ରଶ୍ନ ହେଉଛି ସେମାନଙ୍କର ବଞ୍ଚିବାର ଉତ୍ସ, ଜୀବିକାର ସୁରକ୍ଷା। ଏଣୁ ଏହି କରୋନା ସଂକ୍ରମଣର ଯେଉଁ କୁପ୍ରଭାବ ପଡିଛି ଯଦି ଜୀବିକା ନଷ୍ଟ ହେବ ବା ନିଯୁକ୍ତି ହରାଇବା କଥା ବିଚାରକୁ ନିଆଯାଏ ତେବେ ଏହା ନିଶ୍ଚୟ ସର୍ବାଧିକ ହେବ। ଆମ ଆର୍ଥିକ ବ୍ୟବସ୍ଥା ଏପରି ଯେ, ଯେତେବେଳେ ଆର୍ଥିକ ଅଭିବୃଦ୍ଧି ଅଧିକ ହୁଏ ତାହାର ସୁଫଳ ବେଶି ଧନିକ ଶ୍ରେଣୀଙ୍କୁ ଯାଏ, ଯାହା ଫଳରେ ଆଜି ଭୟଙ୍କର ବୈଷମ୍ୟ ଭାରତ ସମେତ ବିଶ୍ୱବ୍ୟାପୀ ଅନୁଭୂତ ହେଉଛି । କିନ୍ତୁ ଯେତେବେଳେ କିଛି ଆର୍ଥିକ ସଙ୍କଟ ଦେଖାଦିଏ, ତାହାର କୁପ୍ରଭାବ ବେଶି ଗରିବ ଅବହେଳିତ ଜନତାଙ୍କ ଉପରେ ପଡିଥାଏ । ଯଦିଓ ଧନିକ ଶ୍ରେଣୀଙ୍କ ସମ୍ପଦ କିଛି ହ୍ରାସ ପାଏ, ତାଙ୍କର କିଛି ଅସୁବିଧା ସୃଷ୍ଟି କରେନି ଏବଂ ପରେ ସେମାନେ ପୁନଃ ତାକୁ ଅର୍ଜନ କରନ୍ତି । କିନ୍ତୁ ଗରିବ ଶ୍ରେଣୀ ସାଧାରଣ ଜନତାଙ୍କ ଯେଉଁ କ୍ଷତି ହୁଏ ତାହା ଅବର୍ଣ୍ଣନୀୟ । ଅନୁଭବ କରୁଥିବା ବ୍ୟକ୍ତି ହିଁ କହିପାରିବ । ଆମେ କହିପାରିବା ନାହିଁ ।

ତାଲାବନ୍ଦର ପ୍ରଭାବ ସବୁ ଶ୍ରେଣୀଙ୍କ ଉପରେ ସମାନ ହୋଇନାହିଁ। ଯେଉଁମାନଙ୍କ ପାଖରେ ଅର୍ଥ, ସମ୍ପଦ ରହିଛି ସେମାନେ ଘରେ ରହିଲେ ମଧ୍ୟ ରାମାୟଣ, ମହାଭାରତ ଦେଖିବା, ପଢାପଢି କରିବା, ଅନ୍ୟାନ୍ୟ ଟିଭି ପ୍ରୋଗ୍ରାମ ଦେଖିବା ବା ପରିବାର ସହିତ ସମୟ କାଟୁଛନ୍ତି । କିନ୍ତୁ ଯେଉଁମାନେ ଭୋକିଲା, ବାସହୀନ, ଅସଙ୍ଗଠିତ କ୍ଷେତ୍ରରେ କାମ କରୁଛନ୍ତି ବା ସ୍ଥାନାନ୍ତର, ଦେଶାନ୍ତର ଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି, କ୍ଷୁଦ୍ର ବ୍ୟବସାୟୀ, ଦିନ ମଜୁରିଆ, କୃଷି ଶ୍ରମିକ, ଚାଷୀ, ଛୋଟ ଦୋକାନୀ, ଘରୋଇ ସଂସ୍ଥାରେ କାର୍ଯ୍ୟରତ ସେମାନଙ୍କ ଜୀବନ ଆଜି ଦୁର୍ବିଷହ ହୋଇଛି। ଉଲ୍ଲେଖଯୋଗ୍ୟ, ପୃଥିବୀରେ ୮୨ କୋଟି ଲୋକ କ୍ଷୁଧାରେ ପୀଡିତ ହୋଇଥିଲା ବେଳେ ଭାରତରେ ଏମାନଙ୍କ ସଂଖ୍ୟା ୧୯.୪୪ କୋଟି। ପୃଥିବୀରେ ପ୍ରାୟ ୨୦୦ କୋଟି ଶ୍ରମିକ ଅସଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟ କରିଲା ବେଳେ ଭାରତରେ ମୋଟ ଶ୍ରମିକଙ୍କର ୯୦% ବା ପାଖାପାଖି ୪୦ କୋଟି ଅସଙ୍ଗଠିତ କ୍ଷେତ୍ରରେ ଶ୍ରମିକ କାର୍ଯ୍ୟ କରୁଛନ୍ତି। ସେହିପରି ୨୦୧୧ ଜନଗଣନା ଅନୁଯାୟୀ ଭାରତରେ ୧୭ ଲକ୍ଷ ଲୋକ (ସହରରେ ୯ ଲକ୍ଷ ୩୮ ହଜାର) ବାସହୀନ। ଏହି ତାଲାବନ୍ଦ ସମୟରେ ଏମାନଙ୍କ ଅବସ୍ଥା କ'ଣ ହୋଇଥିବ ତାହା ସହଜରେ କଳନା କରାଯାଇପାରିବ ନାହିଁ । ଏତେ ଲୋକ ବିଶ୍ୱରେ ତଥା ଭାରତରେ କ୍ଷୁଧାରେ ରହିବା କ'ଣ ସରକାରଙ୍କ ବିଫଳତା ନୁହେଁ । ଆଜି କରୋନା ସଂକ୍ରମଣକୁ ପ୍ରତିହତ କରିବା ପାଇଁ ଯେପରି ବିଭିନ୍ନ ରାଷ୍ଟ୍ରର ସରକାର ଆର୍ଥିକ ଅଭିବୃଦ୍ଧି, ପ୍ରଗତି ସବୁକୁ ବଳି ଦେଇଛନ୍ତି, ଯଦି ସେହିପରି କ୍ଷୁଧା, ଦାରିଦ୍ର୍ୟ ବିରୋଧରେ ଲଢେଇ କରିଥାନ୍ତେ, ସ୍ୱାସ୍ଥ୍ୟକ୍ଷେତ୍ରକୁ ଅଧିକ ଶକ୍ତିଶାଳୀ କରିଥାନ୍ତେ ତେବେ ତାଲାବନ୍ଦର ପ୍ରଭାବ କମ୍ ଅନୁଭୂତ ହୋଇଥାନ୍ତା।

ଭାରତ ସରକାର ସର୍ବଦା ନିଜ ଦୋଷ ଘୋଡାଇବା ପାଇଁ ତାଙ୍କଠାରୁ କିଏ ଖରାପ ଭାବେ କାର୍ଯ୍ୟ କରୁଛି ବା ସ୍ଥିତିରେ ଅଛି ସେହି ଦେଶ ସହିତ ତୁଳନା କରିଥାନ୍ତି । କିନ୍ତୁ ଯିଏ ଆମଠାରୁ ଉନ୍ନତ ତାଙ୍କୁ ଅନୁସରଣ କରନ୍ତି ନାହିଁ। ଯାହାଫଳରେ ଆମ ଦେଶରେ ସ୍ୱାସ୍ଥ୍ୟକ୍ଷେତ୍ରରେ ବ୍ୟୟ ଜିଡିପି ଅନୁସାରେ ବିଶ୍ୱରେ ସର୍ବନିମ୍ନ ଏବଂ ସର୍ବାଧିକ ଘରୋଇ କ୍ଷେତ୍ର ଦ୍ୱାରା ନିୟନ୍ତ୍ରିତ। ଏକଦା ଗାନ୍ଧିଜୀ କହିଥିଲେ, ସରକାରଙ୍କ କାର୍ଯ୍ୟକଳାପ, ସିଦ୍ଧାନ୍ତ କିପରି ସମାଜର ନିମ୍ନ ସ୍ତରରେ ଥିବା ଲୋକଙ୍କ ଉପରେ ସୁପ୍ରଭାବ ପକାଇବ ତାହା ମୂଳମନ୍ତ୍ର ହେବା ଉଚିତ । ସରକାରଙ୍କ ତରଫରୁ ଏବଂ ଅନେକ ସେଲିବ୍ରିଟିଙ୍କ ଦ୍ୱାରା ପ୍ରଚାର କରାଯାଉଛି ଯେ, ଘରେ ରୁହ, ନିରାପଦ ରୁହ । କିନ୍ତୁ ଏହା କ'ଣ ସମସ୍ତଙ୍କ ପାଇଁ ସମ୍ଭବ । ଏପଟେ ତାଲାବନ୍ଦ ନ କଲେ ଏହା ଅଧିକ ବ୍ୟାପକ ହେବ । ସେପଟେ କିନ୍ତୁ ଅନେକଙ୍କ ଜୀବିକା ଚାଲିଯାଉଛି ଏବଂ ଜୀବନ ମଧ୍ୟ ଯାଉଛି । ଏଣୁ ସରକାର ଅନେକ ପ୍ୟାକେଜ ଘୋଷଣା କରିବା ଉଚିତ । ନିକଟରେ ସରକାର ୧.୭ ଲକ୍ଷ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଛନ୍ତି । ଏହା ଜିଡିପିର ମାତ୍ର ୦.୮ % । କିନ୍ତୁ ବିଶ୍ୱରେ ହାରାହାରି ୫% । କିଛି ଦେଶରେ ଏହା ଦୁଇ ଅଙ୍କ ବିଶିଷ୍ଟ । ଏପରି କି ପାକିସ୍ତାନରେ ୨.୩%, ମାଲେସିଆରେ ୧୭%, ସିଙ୍ଗାପୁରରେ ୧୧% । ପୁନଶ୍ଚ ଭାରତ ସରକାରଙ୍କ ଏହି ପ୍ୟାକେଜରେ ମଧ୍ୟ ରହିଛି ପୂର୍ବରୁ ଚାଲି ଆସୁଥିବା ଯୋଜନାରେ ଆଉ ଅଧିକ ବ୍ୟୟବରାଦ କରିବା । ଯଦି ତାହାକୁ ବାଦ ଦିଆଯାଏ ତେବେ ଏହାମାତ୍ର ୦ .୫% ହେବ ।

ନିକଟରେ ରିଜର୍ଭ ବ୍ୟାଙ୍କ କିଛି ସିଦ୍ଧାନ୍ତ ନେଇଛି । ତାକୁ ୧ ଲକ୍ଷ କୋଟି ଟଙ୍କାର ପ୍ୟାକେଜ ବୋଲି କୁହାଯାଉଛି, ଯାହା ସମ୍ପୂର୍ଣ୍ଣ ଭୁଲ୍ । ରିଜର୍ଭ ବ୍ୟାଙ୍କ କୌଣସି ଅର୍ଥ ସହାୟତା ଦେଇନି କି ଦେଇପାରିବ ନାହିଁ। କେବଳ ଏହା ନୀତିରେ ପରିବର୍ତ୍ତନ ଆଣିଥାଏ । ଏହା ବଜାରରେ ଅଧିକ ନଗଦ ମୁଦ୍ରା ପ୍ରାପ୍ତ ହେବା ପାଇଁ ବ୍ୟାଙ୍କମାନେ ଅଧିକ ଋଣ ଦେବା ଲାଗି କିଛି ସିଦ୍ଧାନ୍ତ ନେଇଛନ୍ତି । ସେଥିରେ ଥିଲା ମାର୍ଚ୍ଚ ୨୭ରେ ନଗଦ ଜମା ଅନୁପାତ(ସିଆରଆର), ରେପୋରେଟ୍, ରିଭର୍ସ ରେପୋରେଟ ହ୍ରାସ କରିବା ଏବଂ ଟାର୍ଗେଟେଡ୍ ଲଙ୍ଗ୍ ଟର୍ମ ରେପୋ ଅପରେସନ ମାଧ୍ୟମରେ ଅଧିକ ନଗଦ ମୁଦ୍ରା ପ୍ରଦାନ କରିବା। ନିକଟରେ ପୁଣି ରିଭର୍ସ ରେପୋରେଟ ହ୍ରାସ କରିଛି। ବାସ୍ତବରେ ବର୍ତ୍ତମାନ ଅର୍ଥନୈତିକ କାର୍ଯ୍ୟକଳାପ ହ୍ରାସ ଯୋଗୁଁ ଋଣ ନେବାକୁ କେହି ଆଗ୍ରହ ପ୍ରକାଶ କରୁନାହାନ୍ତି। ବ୍ୟାଙ୍କମାନଙ୍କ ହାତରେ ଅଧିକ ନଗଦ ମୁଦ୍ରା ଉପଲବ୍ଧ ହେଲେ ମଧ୍ୟ ସେମାନେ ଋଣ ଅଧିକ ଦେଇପାରିବେନି, ଯଦି ଋଣର ଚାହିଦା ବୃଦ୍ଧି ନ ପାଏ। ଅପରପକ୍ଷରେ ସେମାନେ କମ୍ ସୁଧହାରରେ (ରିଭର୍ସ ରେପୋରେଟ ହ୍ରାସ) ରିଜର୍ଭ ବ୍ୟାଙ୍କରେ ରଖିବା ଯୋଗୁ ବ୍ୟାଙ୍କମାନଙ୍କ ଲାଭ ହ୍ରାସ ପାଇବ । ଏଣୁ ସରକାର ଅଧିକ ବିତ୍ତୀୟ ପ୍ୟାକେଜ ଘୋଷଣ କରି ଆର୍ଥିକ କାର୍ଯ୍ୟକଳାପ କିପରି ବୃଦ୍ଧି ପାଇବ, ନିଯୁକ୍ତି ସଂକୋଚନ ରୋକାଯାଇପାରିବ, ଜୀବନ ଜୀବିକାର ଉତ୍ସକୁ ସୁରକ୍ଷା ଦିଆଯାଇପାରିବ, ସେହିପରି ପଦକ୍ଷେପ ନେବା ଆବଶ୍ୟକ। ଶସ୍ତା ପ୍ରଚାର, ସ୍ଲୋଗାନ, ଭାଷଣବାଜିରୁ ବିରତ ରୁହନ୍ତୁ । ଗଣମାଧ୍ୟମଗୁଡ଼ିକ ସେଲିବ୍ରିଟିଙ୍କ କାର୍ଯ୍ୟକଳାପକୁ ନ ଦେଖାଇ ଗରିବ ଅବହେଳିତ ଜନତାଙ୍କ ସମସ୍ୟା ଦେଖାନ୍ତୁ ।

ଡିଭାଇନ୍‌ନଗର, ଚାଉଳିଆଗଞ୍ଜ, କଟକ
ମୋ–୯୪୩୭୨୦୮୭୬୨

ସାପ୍ତାହିକ ପଞ୍ଜିକା

ଏପ୍ରିଲ ୨୬: ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ, କାହାଣୀକାର, ସଂଳାପ ଲେଖକ ଓ ନାଟ୍ୟକାର ବିଜୟ ମିଶ୍ରଙ୍କ ଦେହାନ୍ତ।

ଏପ୍ରିଲ ୨୭: ପ୍ରାଣଘାତୀ କରୋନାରେ ୨୧୦ ଦେଶରେ ସଂକ୍ରମିତଙ୍କ ସଂଖ୍ୟା ୩୦ ଲକ୍ଷ ଟପିବା ସହ ମୋଟ ୨.୦୮ ଲକ୍ଷରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି।

ଏପ୍ରିଲ ୨୮: ଦିଲ୍ଲୀ ଓ ମୁମ୍ବାଇ ସମେତ ୧୫ ସ୍ଥାନରେ ଦେଶର ୬୦ ପ୍ରତିଶତ କରୋନା ଆକ୍ରାନ୍ତ ଥିବା ଜଣାପଡ଼ିଛି।

ଏପ୍ରିଲ ୨୯: ଖ୍ୟାତନାମା ଅଭିନେତା ଇର୍ଫାନ ଖାନ୍ ପରଲୋକରେ।
- ଝାରସୁଗୁଡ଼ା, ଦେବଗଡ଼ ଓ କେନ୍ଦୁଝରକୁ ବ୍ୟାପିଲା କରୋନା।

ଏପ୍ରିଲ ୩୦ : ବଲିଉଡ୍ ଜଗତର ପ୍ରଖ୍ୟାତ ଅଭିନେତା ଋଷି କପୁରଙ୍କ ପରଲୋକ।
- ଫୁଟବଲ କିମ୍ବଦନ୍ତୀ ଚୁନି ଗୋସ୍ୱାମୀଙ୍କ ୮୨ ବର୍ଷ ବୟସରେ ଦେହାନ୍ତ।

ମେ' ୧: ଦେଶରେ କରୋନା ଆରୋଗ୍ୟ ହାର ୨୫.୧୯%।
- ଯାଜପୁର ଜିଲାର କରୋନା ଆକ୍ରାନ୍ତ ସଂଖ୍ୟା ଭୁବନେଶ୍ୱରକୁ ଟପିଲା।

su | do | ku — ସୁ–ଡୋ–କୁ
Puzzles by Srikant Ghosh

	9	5		B		1	A							
6	E	2	D	C		B			0					4
D			A		4		8	E					C	
A	B											1	D	3
						2			B			E		6
			1		9	D	6				E			
				D			9	C			8	4		
5	7			8	E							D		
	0						E	3			2			8
E	4			3	A	0		B					9	7
			3	9			7		2	5		A	6	
B					6	4								1
1				7					E	4		5		C
		9		A		6	D				7	0		
	5	7	4	C								9		E

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

A	E	C	2	1	D	6	3	7	4	0	5	9	8	B
8	3	B	5	A	9	1	E	D	6	C	2	4	0	7
7	1	D	B	E	4	0	5	A	8	3	9	6	C	2
0	5	9	8	7	6	C	2	4	1	E	B	D	A	3
4	2	6	0	C	3	9	B	8	A	7	D	5	E	1
E	9	1	3	2	B	7	6	5	C	A	0	8	4	D
D	6	A	4	0	7	E	C	2	B	9	8	1	3	5
3	C	5	9	8	E	4	D	0	7	1	6	2	B	A
2	4	0	6	5	A	8	1	B	E	D	3	7	9	C
B	7	8	C	D	1	A	9	3	5	2	4	E	6	0
9	8	4	A	3	5	D	0	1	2	6	C	B	7	E
C	0	3	1	B	8	2	7	6	D	4	E	A	5	9
6	A	2	D	9	0	B	4	E	3	5	7	C	1	8
5	B	E	7	4	2	3	A	C	9	8	1	0	D	6
1	D	7	E	6	C	5	8	9	0	B	A	3	2	4

ଗତକାଲିର ଉତ୍ତର

ଏଇ ଭାରତରେ

କେରଳରେ କେତେଜଣ ଯୁବ ଇଞ୍ଜିନିୟରଙ୍କ ମହତ୍ କାର୍ଯ୍ୟ ସାମ୍ନାକୁ ଆସିଛି। ସେମାନେ ସୃଷ୍ଟି ଇଞ୍ଜିନିୟର ଆଣ୍ଡ ବିଲ୍ଡର୍ସ ମାଧ୍ୟମରେ ଗରିବ ଲୋକମାନଙ୍କର ଘର ନିର୍ମାଣ କରୁଛନ୍ତି ଓ ଏ ବାବଦରେ ତାଙ୍କଠାରୁ ଶ୍ରମିକମାନଙ୍କ ମଜୁରି ନେଉନାହାନ୍ତି। ୨୦୧୭ରେ ଅରୁଣ ନାରାୟଣପାନିକର ସୃଷ୍ଟି ଇଞ୍ଜିନିୟର ଆଣ୍ଡ ବିଲ୍ଡର୍ସ ନାମକ ଏକ ଅନୁଷ୍ଠାନ ପ୍ରତିଷ୍ଠା କରିଥିଲେ। ପରେ ଏଥିରେ ଅରୁଣଙ୍କ ଇଞ୍ଜିନିୟର ସାଙ୍ଗମାନେ ଯୋଗ ଦେଇଥିଲେ। ୨୦୧୮ କେରଳ ମହାବନ୍ୟା ପରେ ଲୋକମାନେ ଅଣ୍ଟା ସଳଖି ପାରିନାହାନ୍ତି। ସରକାରୀ ସାହାଯ୍ୟରେ ଯିଏ ଯେମିତି ଘର ଖଣ୍ଡେ କରିବାକୁ ସକ୍ଷମ ହୋଇଥିଲେ ବି ବହୁ ଲୋକ ଅସୁବିଧାରେ ରହିଛନ୍ତି। ଏବେ ସୁଦ୍ଧା ଅରୁଣ ୧୨ଟି କନ୍‌ଷ୍ଟ୍ରକଶନ ପ୍ରୋଜେକ୍ଟ ଶେଷ କରିଛନ୍ତି। ଅରୁଣଙ୍କ ଏହି ବିଲ୍ଡର୍ସ ଗରିବ ଲୋକମାନଙ୍କ ପାଇଁ ଆଶାର କିରଣ ପାଲଟିଛି। ତେବେ ଏହି କାର୍ଯ୍ୟରେ ଶ୍ରମିକମାନଙ୍କ ଯୋଗଦାନ ଶୀର୍ଷରେ ରହିବ ବୋଲି କୁହନ୍ତି ଅରୁଣ। ସେମାନେ କେବଳ ଗରିବମାନଙ୍କ ଘର ନିର୍ମାଣ କରୁନାହାନ୍ତି, ବରଂ ବନ୍ୟାରେ ଭାଙ୍ଗିଯାଇଥିବା ସ୍କୁଲ୍ ଘରଗୁଡ଼ିକୁ ବି ମରାମତି କରୁଛନ୍ତି। ଲକ୍‌ଡାଉନ୍ ସମୟରେ ଅରୁଣ ଗରିବ ଲୋକମାନଙ୍କୁ ମାଗଣାରେ ଔଷଧ ମଧ୍ୟ ଯୋଗାଇ ଦେଉଛନ୍ତି।

୨୫ ବର୍ଷ ତଳର ଧରିତ୍ରୀ

୪ ମେ ୧୯୯୫

- ମାଗାସେସେ ପୁରସ୍କାର ବିଜେତା ଆଇପିଏସ୍ ଅଫିସର କିରଣ ବେଦୀଙ୍କୁ ଅଚାନକ ତିହାର ଜେଲର ଇନ୍ସପେକ୍ଟର ଜେନେରାଲ ପଦରୁ ଦିଲ୍ଲୀ ପୋଲିସ ବିଭାଗର ପ୍ରଶିକ୍ଷଣ, ଯୋଜନା ପର୍ଯ୍ୟବେକ୍ଷଣ ଓ କାର୍ଯ୍ୟକ୍ରମ ରୂପାୟନ ଶାଖାକୁ ବଦଳି।
- ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଏ.ଏମ୍. ଅହମ୍ମଦୀ ଏବଂ ବିଚାରପତି ଜଷ୍ଟିସ ଏମ.ପି. ଭାରୁଚାଙ୍କ ବିରୁଦ୍ଧରେ ଆପତ୍ତିଜନକ ମନ୍ତବ୍ୟ ଦେବା ନେଇ ଶିବସେନା ମୁଖ୍ୟ ବାଲ୍ ଥାକ୍‌ରେଙ୍କ ଉପରେ ସୁପ୍ରିମ୍‌କୋର୍ଟ ପକ୍ଷରୁ କାରଣ ଦର୍ଶାଅ ନୋଟିସ୍।
- ଭାରତୀୟ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ 'ଜାଇଗଟ୍ ଇଣ୍ଟ୍ରାଫେଲୋପିୟାନ ଟ୍ରାନ୍ସଫର' (ଜିଫ୍‌ଟ) ପଦ୍ଧତି ଜରିଆରେ କଲିକତାରେ ଏକ ଶିଶୁ କନ୍ୟା ଜନ୍ମ।

ଚିରନ୍ତନୀ

ଅଞ୍ଚଳ ତବ ଚଞ୍ଚଳ ବାତେ
ସ୍ୱର୍ଣ୍ଣ ଜରିର ଧଟୀ
ନଟାଇ ସବେଗେ ନ ଚାଲୁ ତୁମର
ଚରଣ ନବୀନା ନଟୀ !
(ରୂପର ସ୍ତବ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ

ଆତ୍ମରକ୍ଷା ଚିନ୍ତା

ମହାଶୟ,

ଝିଅମାନଙ୍କୁ ଆତ୍ମରକ୍ଷା ନିମନ୍ତେ ଜୁଡୋ, କରାଟେ ଶିକ୍ଷା ଦେବା ବାଆକୁ ବତା ସଦୃଶ। ଜଣକୁ ଜଣେ ମୁକାବିଲାରେ ଝିଅଟିଏ ସ୍ୱଳ୍ପ ସମୟ ପାଇଁ ନିଜକୁ ସୁରକ୍ଷା ଦେଇପାରେ, କିନ୍ତୁ ପୁରୁଷ ଶକ୍ତି ଆଗରେ ବହୁ ସମୟ ତିଷ୍ଠି ପାରିବ ନାହିଁ। ଜଣେ ଅପରାଧୀକୁ ନଖ ଦାନ୍ତ ଥିବା ଝିଅଟି ବିଶେଷ କ'ଣ କ୍ଷତି କରିପାରିବ। ଈଶ୍ୱରଙ୍କ ସୃଷ୍ଟିରେ କେତେକ ଜୀବଜନ୍ତୁ ଯଥା ବାଘ, ସିଂହ, କୁକୁର, ମାଙ୍କଡ ଓ ସାପ ପ୍ରଭୃତି ନିଜର ସୁରକ୍ଷା ପାଇଁ ନଖ ଓ ଦାନ୍ତ ବ୍ୟବହାର କରିଥାନ୍ତି। ମନୁଷ୍ୟ ଶରୀରର ଆକାର ବୃହତ ହୋଇଥିବାରୁ ତା' ତୁଳନାରେ ବିପଦ ଆପଦରେ ରକ୍ଷା ପାଇବା ପାଇଁ ନଖ ଓ ଦାନ୍ତର ଉପଯୋଗ ବିଶେଷ ଫଳପ୍ରଦ ହୋଇ ନ ପାରେ। ଏ ସମସ୍ତ ଅଘଟଣରେ ନିଜେ ଯୁବତୀ ନିଜ ସୁରକ୍ଷା ପାଇଁ ଯେ କୌଣସି ଉପାୟ ଅବଲମ୍ବନ କରିବା ବିଧେୟ। ଏବେ ତ କର୍ମଜୀବୀ ମହିଳାମାନେ ରାତିରେ ଘରକୁ ଫେରିବା ଚିନ୍ତାର ବିଷୟ ହେଲାଣି। କୌଣସି ଅଟୋ ବା ଟ୍ୟାକ୍ସିକୁ ବିଶ୍ୱାସ କରିବା ସହଜ ନୁହେଁ।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

କଏନ୍ ବିଶୋଧନ କରାଯାଉ

ଭୟଙ୍କର କରୋନା ଭୂତାଣୁ ନ ବ୍ୟାପିବା ନିମନ୍ତେ ରାଜ୍ୟ, ଦେଶ, ରାଜ୍ୟ ତଥା ବିଦେଶର ଅନେକ ଅଞ୍ଚଳ ଲକିଂ ବ୍ୟବସ୍ଥାରେ ରହିଛି। ଜନଜୀବନ କଷ୍ଟକର ହେଲେ ମଧ୍ୟ ଏହା ଶୁଭଙ୍କର ନିଶ୍ଚୟ। ମାତ୍ର ସର୍ବଦା ଏ ହାତରୁ ସେ ହାତକୁ ଚଳୁଥିବା ନୋଟ୍ କିମ୍ବା କଏନ୍ କ'ଣ ସମ୍ଭାବ୍ୟ ସଂକ୍ରମଣକୁ ନିମନ୍ତ୍ରଣ କରୁ ନାହିଁ କି ? କହିବା କଥା ହେଲା ଲକିଂ ବ୍ୟବସ୍ଥା ଚାଲିବା ସମୟରେ ବ୍ୟାଙ୍କମାନେ ଯଥା ସମ୍ଭବ ବଜାରକୁ ନୂଆ କରେନ୍ସି ନୋଟ୍ ଓ ମୁଦ୍ରା ପ୍ରେରଣ କରି ବଜାର ପରିଚାଳନା କଲେ । ଏହାଦ୍ୱାରା ସଂକ୍ରମଣ ଆଶଙ୍କା କେତେ କମ୍ ହେବ ତାହା ହିଁ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ବନ୍ଧରେ ଅର୍ଥନୀତିଜ୍ଞ, ବୈଜ୍ଞାନିକ, ସରକାର ଚିନ୍ତା କରି ନୋଟ୍ ଓ ଖୁଚୁରା କଏନ୍ ବିଶୋଧନ କରିବା ଦରକାର।

ଶ୍ରୀରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଳିଗୋରଡ଼ା, ଗବକୁଣ୍ଡ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

କରୋନା ମହାମାରୀ ପାଇଁ ଦେଶ ଲକ୍‌ଡାଉନରେ ଥିବାବେଳେ ପପ୍ ଗାୟିକା ସେଲେନା ଗୋମେଜ୍ ନିଜ ଘରେ ଏକ ଛୋଟ ଷ୍ଟୁଡିଓ ସ୍ଥାପନ କରିଛନ୍ତି। ସେଠାରେ ସେ ନୂଆ ମ୍ୟୁଜିକ ପାଇଁ କାମ କରୁଛନ୍ତି। ସେ ତାଙ୍କ ହୋମ୍ ରେକର୍ଡିଂ ଷ୍ଟୁଡିଓର ଏକ ଫଟୋ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି।

ପାଶ୍ଚାତ୍ୟରେ ପ୍ରାଣୀ ପ୍ରେମ

ଆମେରିକୀୟଙ୍କ ଏକଲାପଣର ସାଥୀ

ୱାଶିଂଟନ୍: ମଣିଷ ଜୀବନଶୈଳୀକୁ ଓଲଟପାଲଟ କରିଦେଇଛି କରୋନା। ଗରିବ ଆଫ୍ରିକୀୟ ଦେଶଠୁ ଆରମ୍ଭ କରି ସୌଖୀନ ଜୀବନକୁ ନେଇ ଗର୍ବ କରୁଥିବା ପାଶ୍ଚାତ୍ୟ ଦେଶ, କେହି ଭୂତାଣୁ ପ୍ରକୋପରୁ ବାଦ୍ ପଡ଼ିନାହାନ୍ତି। ମଣିଷ ଭଳି ସାମାଜିକ ପ୍ରାଣୀ ଘର ଭିତରେ ବନ୍ଦୀ ହୋଇ ରହିବା ପରେ ନିଃସଙ୍ଗପଣର ଶିକାର ହେଉଛି। ଏସବୁ ଭିତରେ ଆମେରିକାରୁ ଏକ ଭିନ୍ନ ଚିତ୍ର ପଦାକୁ ଆସିଛି। କରୋନା ଲକ୍‌ଡାଉନ୍ ସମୟରେ ପାଳିତ ପ୍ରାଣୀଙ୍କ ପ୍ରେମରେ ପଡ଼ିଛନ୍ତି ଆମେରିକାବାସୀ। ଏକଲାପଣ ଦୂର କରିବାକୁ ସେମାନେ ପୋଷାଜନ୍ତୁଙ୍କ ସହ ଦିନ ବିତାଉଛନ୍ତି। ଜୀବନରେ କେବେ ବି ପୋଷାଜନ୍ତୁଙ୍କୁ ଘରେ ରଖି ନ ଥିବା ପରିବାର ଏବେ ବିଲେଇ, କୁକୁର ଭଳି ପୋଷାଜୀବ ଆଣିବାକୁ ଆଗ୍ରହୀ ହେଉଛନ୍ତି। ଆମେରିକା ହ୍ୟୁମାନ ସୋସାଇଟିର ସିଇଓ କିଟ୍ ବ୍ଲାକ୍ କୁହନ୍ତି, କରୋନା ମହାମାରୀ ସମୟରେ ଦେଶରେ ପୋଷାଜନ୍ତୁ ପାଳିବାରେ ୯୦% ଆଗ୍ରହ ବଢ଼ିଛି। ଏହାର କାରଣ ଏବେ ଲୋକମାନେ ଘରେ ବେଶି ସମୟ ବିତାଉଛନ୍ତି। ୱାର୍କ ଫ୍ରମ୍ ହୋମ୍ ଜାରି ରହିଛି। ତେଣୁ କୁକୁର, ବିଲେଇ, ମୂଷା ଭଳି ଜୀବଙ୍କ ସହିତ ଦିନ ବିତାଇବାକୁ ଲୋକମାନେ ପସନ୍ଦ କରୁଛନ୍ତି।

କେବଳ ଏତିକି ନୁହେଁ, ଆମେରିକୀୟମାନେ ପ୍ରାଣୀଙ୍କୁ ପୋଷ୍ୟ ଭାବେ ଗ୍ରହଣ କରିବାରେ ଆଗ୍ରହ ଦେଖାଉଛନ୍ତି। ଗତ ଦୁଇମାସରେ ଆଶ୍ରୟସ୍ଥଳରୁ ଦୁଇଗୁଣା ଜୀବକୁ ସେମାନେ ପୋଷ୍ୟ ଭାବେ ଗ୍ରହଣ କରିଛନ୍ତି। ଅନେକେ ପ୍ରାଣୀ ଆଶ୍ରୟସ୍ଥଳ ଏବଂ ଯତ୍ନକେନ୍ଦ୍ରକୁ ଅକୁଣ୍ଠ ସହାୟତା କରୁଛନ୍ତି। ନ୍ୟୁ ଓରଲିଏନ୍ସ ପ୍ରାଣୀ ସଂରକ୍ଷଣ କେନ୍ଦ୍ରର ସଭାପତି ଜେନି ବାଓମାନ ରୋବିଲୋଟାଙ୍କ କହିବା କଥା, କେନ୍ଦ୍ରରେ ଥିବା ପ୍ରାଣୀଙ୍କୁ ପୋଷ୍ୟଭାବେ ନେବାକୁ ଅଧିକ ଆବେଦନ ଆସୁଛି। ଯଦିଓ ଏବେକାର ପରିସ୍ଥିତି ଭବିଷ୍ୟତକୁ ଅନିଶ୍ଚିତତା ମଧ୍ୟକୁ ଠେଲିଦେଇଛି, ତଥାପି ଏପରି ପ୍ରାଣୀପ୍ରେମ ଲୋକଙ୍କ ଜୀବନଶୈଳୀରେ ନିଶ୍ଚିତ ଭାବେ ସକାରାତ୍ମକ ପ୍ରଭାବ ପକାଇବ। ଏହା ଲୋକମାନେ ଅନୁଭବ କଲେଣି। ସେମାନେ ଦୀର୍ଘସମୟ ଧରି ପୋଷାପ୍ରାଣୀଙ୍କ ଦାୟିତ୍ୱ ନେବାକୁ ମାନସିକସ୍ତରରେ ପ୍ରସ୍ତୁତ ହେଉଛନ୍ତି, ଯାହା ଏକ ଶୁଭସଙ୍କେତ।

ଏ ସମ୍ପର୍କରେ ଆମେରିକାରେ ରହୁଥିବା ପ୍ରବାସୀ ଭାରତୀୟ ଅଦିତି ଶ୍ରୀବାସ୍ତବ କୁହନ୍ତି, ତାଙ୍କ ସ୍ୱାମୀ ଜଣେ ସ୍ୱାସ୍ଥ୍ୟକର୍ମୀ। କରୋନା ରୋଗୀଙ୍କୁ ଚିକିତ୍ସା କରିବାରେ ସେ ନିୟୋଜିତ ଅଛନ୍ତି। ସ୍ୱାମୀଙ୍କୁ ଭୂତାଣୁ ସଂକ୍ରମଣ ଆଶଙ୍କା ଥିବାରୁ ସେ ସର୍ବଦା ଚିନ୍ତିତ ରହୁଥିଲେ। ମାର୍ଚ୍ଚ ଶେଷବେଳକୁ ଦକ୍ଷିଣ କେରୋଲିନାର ଗ୍ରାମାଞ୍ଚଳରୁ ତାଙ୍କୁ ଏକ ଆଘାତପ୍ରାପ୍ତ କୁକୁର ମିଳିଥିଲା। ତାକୁ ସେ ଘରକୁ ନେଇ ଆସିଛନ୍ତି। ପୂର୍ବରୁ ଅଦିତି ପୋଷାଜୀବଙ୍କୁ ବୋଝ ବୋଲି ଭାବୁଥିଲେ। ହେଲେ ଉକ୍ତ କୁକୁର ତାଙ୍କର ଏହି ମାନସିକତାକୁ ବଦଳାଇଦେଇଛି। କ୍ୱାରାଣ୍ଟାଇନ୍ ସମୟରେ ଏକଲାପଣରୁ ମୁକ୍ତି ଦେବାକୁ ପାଳିତ ପ୍ରାଣୀ ମହୌଷଧି ଭଳି କାମ କରିଥାନ୍ତି ବୋଲି ଅଦିତି କହିଛନ୍ତି।

ପିପିଇ କିଟ୍ ଦାନ କର

ମୁମ୍ବାଇ: ଦେଶ କରୋନା ଭାଇରସ ସହ ଲଢୁଥିବା ବେଳେ ଏହି ଯୁଦ୍ଧରେ ଆଗଧାଡିର ଯୋଦ୍ଧା ସାଜିଛନ୍ତି ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ଓ ନର୍ସ। ଏମାନେ ସିଧାସଳଖ କରୋନା ସଂକ୍ରମିତଙ୍କ ସଂସ୍ପର୍ଶରେ ଆସୁଥିବାବେଳେ ଏମାନଙ୍କ ନିକଟରେ ଶୀଘ୍ର ସଂକ୍ରମଣର ଭୟ ରହିଛି। ତେଣୁ ଏମାନେ ପର୍ସନାଲ ପ୍ରୋଟେକସନ୍ ଇକ୍ୟୁପ୍‌ମେଣ୍ଟ(ପିପିଇ) ବ୍ୟବହାର କରିବା ଜରୁରୀ। କିନ୍ତୁ ଆମ ଦେଶରେ ଏହା କମ୍ ପରିମାଣରେ ଥିବାରୁ ଏବେ ବଲିଉଡ୍ ନାୟିକା ସୋନାକ୍ଷୀ ସିହ୍ନା ସାଧାରଣ ଜନତାଙ୍କୁ ପିପିଇ କିଟ୍ ଦାନ କରିବାକୁ ଅନୁରୋଧ କହିଛନ୍ତି। ନିକଟରେ ସୋସିଆଲ ମିଡିଆରେ ସେ ଏକ ଭିଡିଓ ଶେୟାର କରି କହିଛନ୍ତି କରୋନା ମୁକାବିଲା ପାଇଁ ଆମ କରୋନା ଯୋଦ୍ଧାଙ୍କୁ ସାହାଯ୍ୟ ଆବଶ୍ୟକ। ହସ୍ପିଟାଲରେ ପିପିଇ କିଟ୍‌ର ଘୋର ଅଭାବ ରହିଛି। ସାଧାରଣ ଜନତା ପିପିଇ କିଟ୍ ଦାନ କରନ୍ତୁ ବୋଲି ସେ ଅନୁରୋଧ କରିଛନ୍ତି। ଯେଉଁମାନେ ଆମର ଯତ୍ନ ନେଉଛନ୍ତି, ଆମେ ସେମାନଙ୍କ ସୁରକ୍ଷା କଥା ଚିନ୍ତା କହିବା ସହ କେବଳ ପିପିଇ ନୁହେଁ ମାସ୍କ, ସୁ କଭର, ଗ୍ଲୋଭ୍‌ସ ଆଦି ମଧ୍ୟ ଦାନ କରିବାକୁ ସୋନାକ୍ଷୀ କହିଛନ୍ତି। ଏହାସହ ସେ ଏକ ୱେବ୍‌ସାଇଟର ଲିଙ୍କ୍ ଶେୟାର କରିଛନ୍ତି, ଯାହା ମାଧ୍ୟମରେ ଜଣେ ପିପିଇ କିଟ୍ ଦାନ କରିପାରିବେ ବୋଲି ସେ ଉଲ୍ଲେଖ କରିଛନ୍ତି।

ସୋନାକ୍ଷୀଙ୍କ ଅନୁରୋଧ

ସରକାରଙ୍କୁ ରିଲିଫ୍ ଦେଲେ ଗାଁ ଲୋକେ

ସିକର: ଲକ୍‌ଡାଉନ୍ ସମୟରେ ସରକାର ସମସ୍ତଙ୍କୁ ରିଲିଫ୍ ଯୋଗାଇ ଦେଉଛନ୍ତି। କିନ୍ତୁ ସରକାରଙ୍କୁ ରିଲିଫ୍ ଯୋଗାଇ ଏକ ଭିନ୍ନ ଉଦାହରଣ ସୃଷ୍ଟି କରିଛନ୍ତି ଏକ ନିର୍ଦ୍ଦିଷ୍ଟ ଗାଁର ଲୋକେ। ସରକାର ଆମକୁ ସାହାଯ୍ୟ କଲେ, ତେଣୁ ଆମେ ବି ସରକାରଙ୍କୁ ସାହାଯ୍ୟ କରିବୁ। କୃତଜ୍ଞତାର ଏମିତି ଭାବନା ରଖି ୩୫ କୁଇଣ୍ଟାଲ ଗହମ ଦାନ କରିଛନ୍ତି ଏହି ଗାଁ ଲୋକେ। ଏଭଳି ଏକ କାମ କରି ଚର୍ଚ୍ଚାକୁ ଆସିଥିବା ଗାଁ'ଟି ହେଉଛି ରାଜସ୍ଥାନର ସିକର ଜିଲା ଅନ୍ତର୍ଗତ ବାସଗ୍ରାମ ପଞ୍ଚାୟତ ଦାଣ୍ଡି ଗାଁ।

ଏହି ଗାଁରେ ପ୍ରାୟ ୧୦୦ ପରିବାର ରହନ୍ତି। ଗାଁ ଲୋକେ ଦୀର୍ଘ ଦିନ ଧରି ପାଣି ପାଇଁ ବହୁ ଅସୁବିଧା ଭୋଗୁଥିଲେ। ଗାଁରେ ମାତ୍ର ଗୋଟିଏ ନଳକୂଅ ଥିଲା, ଯାହା କିଛିଦିନ ତଳେ ଖରାପ ହୋଇଯାଇଥିଲା। ଗାଁରେ ପାଣିର ଅନ୍ୟ କୌଣସି ସୁବିଧା ନ ଥିବାରୁ ଲୋକଙ୍କୁ ପାଣି ଆଣିବା ପାଇଁ ପ୍ରାୟ ୩ କିଲୋମିଟର ଯିବାକୁ ପଡୁଥିଲା। ଲକ୍‌ଡାଉନ୍ ସମୟରେ ପାଣି ଆଣିବାକୁ ଯିବାବେଳେ ଅନେକ ସ୍ଥାନରେ ପୋଲିସକୁ ବି କୈଫିୟତ୍ ଦେବାକୁ ପଡୁଥିଲା। ତେଣୁ ସେମାନେ ଜିଲାପାଳଙ୍କ ପାଖରେ ଆଉ ଏକ ନଳକୂଅ ବସାଇବା ପାଇଁ ନିବେଦନ କରିଥିଲେ। ଜିଲା ପ୍ରଶାସନ ମଧ୍ୟ ଗାଁ ଲୋକଙ୍କ ଗୁହାରି ଶୁଣି ତୁରନ୍ତ ପଦକ୍ଷେପ ନେଇଥିଲା ଏବଂ ଗାଁରେ ଆଉ ଏକ ନଳକୂଅ ବସାଯାଇଥିଲା।

ପ୍ରଶାସନର ଏହି ତ୍ୱରିତ ସାହାଯ୍ୟ ଫଳରେ ଗାଁ ଲୋକେ ବହୁତ ଖୁସି ହୋଇ ଯାଇଥିଲେ। ତେଣୁ ସେମାନେ ମଧ୍ୟ ସରକାରଙ୍କୁ ସାହାଯ୍ୟ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଫଳରେ ଗାଁର ସବୁ ପରିବାର ନିଜ ନିଜ ସାମର୍ଥ୍ୟ ଅନୁସାରେ ଲକ୍‌ଡାଉନ୍ ସମୟରେ ଅସହାୟଙ୍କ ପାଇଁ ଗହମ ଦାନ କରିଥିଲେ। ଗାଁରୁ ମୋଟ ୩୫ କୁଇଣ୍ଟାଲ ଗହମ ଆଦାୟ ହେବା ପରେ ତାକୁ ସ୍ଥାନୀୟ ପ୍ରଶାସନ ପାଖରେ ପହଞ୍ଚାଇ ଗରିବ ଲୋକଙ୍କ ମଧ୍ୟରେ ବାଣ୍ଟିଦେବା ପାଇଁ ଅନୁରୋଧ କରିଥିଲେ। ଗାଁରେ କାହାକୁ ଅଧିକ ଗହମ ଦେବା ପାଇଁ ବାଧ୍ୟ କରାଯାଇ ନ ଥିଲା । ଏଭଳି ଏକ ଦୁର୍ଦ୍ଦିନ ସମୟରେ ସରକାରଙ୍କୁ ସାହାଯ୍ୟ କରିବା ପାଇଁ ପଦକ୍ଷେପ ନିଆଯାଇଛି ବୋଲି ଉକ୍ତ ଗାଁ ଲୋକେ କହିଛନ୍ତି।

ଟୋପି ପିନ୍ଧି ସାମାଜିକ ଦୂରତ୍ୱ

ବେଜିଂ: ବିଗତ ୪ ମାସ ଧରି କରୋନା ସଂକ୍ରମଣରେ ଛଟପଟ ହେଉଥିବା ଚାଇନା ଏକ ପ୍ରକାର ଏହି ଯୁଦ୍ଧରେ ବିଜୟୀ ହୋଇଛି ବୋଲି କହୁଥିବା ବେଳେ ଏବେବି ସେଠି କରୋନା ସଂକ୍ରମିତଙ୍କୁ ଚିହ୍ନଟ କରାଯାଉଥିବା ଖବର ନଜରକୁ ଆସୁଛି। ତେବେ କରୋନା ସଂକ୍ରମଣକୁ ସମ୍ପୂର୍ଣ୍ଣ ଦୂରେଇ ଦେବା ପାଇଁ ଏବେବି ଚାଇନା ତା'ର ଚେଷ୍ଟା ଜାରି ରଖିଛି। ଅନେକ ପରିମାଣରେ ଚାଇନାର ଜନଜୀବନ ସ୍ୱାଭାବିକ ହେଉଥିବାବେଳେ ପିଲାମାନେ ସ୍କୁଲ ଯିବା ଆରମ୍ଭ କରିଛନ୍ତି। ହେଲେ ଏମାନେ ସୋସିଆଲ ଡିଷ୍ଟାନସିଂକୁ ଗୁରୁତ୍ୱ ଦେବା ସହ ମୁହଁରେ ମାସ୍କ ପିନ୍ଧିଥିବା ଦେଖାଯାଇଛି। ସୋସିଆଲ ଡିଷ୍ଟାନସିଂ ପାଇଁ ଏମାନେ ଏକ ବିଶେଷ ଧରଣର ଟୋପି ପିନ୍ଧିଛନ୍ତି। ଯେଉଁଥିରେ ଦୁଇପଟରେ ପାଖାପାଖି ୩ଫୁଟ ଲମ୍ବାର ଏକ ବାଡି ଲାଗିଥିବା ଦେଖିଯାଇଛି। ଏମିତି ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଏହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। କୁହାଯାଉଛି ସାଁଗ ବଂଶର ରାଜୁତି ସମୟରେ ଏଭଳି ଟୋପି ବ୍ୟବହାର କରାଯାଉଥିଲା। ଚାଇନା ଅଦାଲତରେ ବସୁଥିବା ଅଧିକାରୀମାନେ ଏମିତି ଟୋପି ପୂର୍ବରୁ ବ୍ୟବହାର କରୁଥିଲେ। ଏହାର କାରଣ ଥିଲା ଅଦାଲତ ଭିତରେ କେହି କାହା କାନ ପାଖରେ ଯେମିତି କିଛି କଥା ହୋଇ ନ ପାରନ୍ତି। ଆଉ ଏବେ ସୋସିଆଲ ଡିଷ୍ଟାନସିଂ ପାଇଁ ଏହା ବ୍ୟବହାର କରାଯାଉଛି।

ପ୍ରାଣୀ କେଶରୁ ବ୍ରଶ୍ ତିଆରି କରିଥିଲା ଚାଇନା

ବେଜିଂ: ସକାଳୁ ଉଠିଲେ ସଭିଏଁ ଦାନ୍ତ ଘଷିବା ପାଇଁ ବ୍ରଶ ଖୋଜି ବସନ୍ତି। ବ୍ରଶ କରିବା ପରେ ଅନ୍ୟ କାମ କରିବାକୁ ଲୋକେ ପସନ୍ଦ କରନ୍ତି। ତେବେ ପ୍ରଥମ ବ୍ରଶ୍ ଚାଇନାରେ ତିଆରି ହୋଇଥିଲା। ୫୦୦ ବର୍ଷ ତଳେ ପ୍ରାଣୀ କେଶରୁ ଚାଇନା ପ୍ରଥମେ ବ୍ରଶ ତିଆରି କରି ଏହାର ପେଟେଣ୍ଟ ମଧ୍ୟ କରିଥିଲା। ପ୍ରାଚୀନ ବାବିଲୋନିଆରେ ପ୍ରାୟ ଖ୍ରୀଷ୍ଟପୂର୍ବ ୩୦୦୦-୩୫୦୦ ମଧ୍ୟରେ ବ୍ରଶ୍ର ବ୍ୟବହାର ମଧ୍ୟ କରାଯାଉଥିବା ପ୍ରତ୍ନତତ୍ତ୍ୱବିତ୍ମାନେ ମତପୋଷଣ କରିଥାନ୍ତି। ସେହିପରି ପୁରାତନ ମିଶରରେ ଛୋଟଛୋଟ କାଠ ଏବଂ ପକ୍ଷୀ ପରରେ ବ୍ରସ ତିଆରି ହେଉଥିଲା। ଖ୍ରୀଷ୍ଟପୂର୍ବ ୧୬୦୦ରେ ଚାଇନାରେ ସୁଗନ୍ଧିତ ବୃକ୍ଷ କାଠିକୁ ଦାନ୍ତ ଘଷିବା ପାଇଁ ବ୍ୟବହାର କରାଯାଉଥିଲା। ପରବର୍ତ୍ତୀ ସମୟରେ ଦାନ୍ତଘଷାକୁ ଅଧିକ ସହଜ କରିବା ଲାଗି ଏହି କାଠିରୁ ବ୍ରଶ ତିଆରି କରିବାକୁ ଚିନ୍ତା କରାଯାଇଥିଲା। ୧୪୯୮ ଜୁନ ୨୬ରେ ଚାଇନାରେ ପ୍ରଥମ କରି ଆଧୁନିକ ବ୍ରଶ ପ୍ରାଣୀକେଶରୁ ତିଆରି ହୋଇଥିଲା। ପରବର୍ତ୍ତୀ ସମୟରେ ଚାଇନା ପକ୍ଷରୁ ଏହାର ପେଟେଣ୍ଟ ମଧ୍ୟ କରାଯାଇଥିଲା। ଏହି ବ୍ରଶ୍ରେ କୌଣସି ହାଡ଼ ଅବା ବାଉଁଶରେ ପ୍ରାଣୀକେଶ ଲଗା ଯାଉଥିଲା। ପରେ ୧୯୩୮ରେ ନାଇଲନ୍ରେ ବ୍ରଶ ତିଆରି ଆରମ୍ଭ ହୋଇଥିଲା। ୧୯୫୦ ପରେ ଟୁଥ ବ୍ରଶ ତିଆରି ଆରମ୍ଭ ହୋଇଥିଲା। ୧୯୬୦ରେ ଆମେରିକାରେ ଇଲେକ୍ଟ୍ରିକ ବ୍ରଶ ତିଆରି କରାଯାଇଥିଲା।

ବିଲେଇକୁ ସାହାଯ୍ୟ କଲା ପୋଲିସ

ନୂଆଦିଲ୍ଲୀ: ଲକ୍‌ଡାଉନ୍ ସମୟରେ ପୋଲିସ୍ କେବଳ ଯେ ଲୋକଙ୍କ ସମସ୍ୟା ସମାଧାନ କରୁଛି ତା' ନୁହେଁ, ବରଂ ବିଲେଇ, କୁକୁରମାନଙ୍କୁ ବି ସାହାଯ୍ୟ କରିବା ପାଇଁ ଆଦୌ କୁଣ୍ଠାବୋଧ କରୁନାହିଁ। ଏଭଳି ଏକ ଘଟଣା ଘଟିଛି ଦିଲ୍ଲୀର ସାହିନବାଗ ଅଞ୍ଚଳରେ।

ଏହି ଅଞ୍ଚଳର ତହସିନ୍ ଖାନ୍ ନାମକ ଜଣେ ବ୍ୟକ୍ତି ଘରେ ୮ଟି ବିଲେଇ ପୋଷିଥିଲେ। ଲକ୍‌ଡାଉନ୍ ବଢ଼ିବା କାରଣରୁ ସେ ତାଙ୍କ ପାଇଁ ଖାଦ୍ୟ ଆଣିବାକୁ ବାହାରକୁ ଯାଇପାରି ନ ଥିଲେ। କାରଣ ସେହି ଅଞ୍ଚଳରେ କୌଣସି ଦୋକାନ ଖୋଲା ରହୁ ନ ଥିଲା। ତେଣୁ ବାଧ୍ୟ ହୋଇ ସେ ଜରୁରୀ ସହାୟତା ନମ୍ବରରେ ପୋଲିସକୁ ଫୋନ୍ କରି ବିଲେଇ ପାଇଁ ଖାଦ୍ୟ ଆଣିବାକୁ ଅନୁରୋଧ କରିଥିଲେ। ସାହିନବାଗ ପୋଲିସ୍ ଅଭିଯୋଗ ପାଇବା ମାତ୍ରେ ସଂପୃକ୍ତ ବିଲେଇଙ୍କ ପାଖରେ ଖାଦ୍ୟ ପହଞ୍ଚାଇବା ନିମନ୍ତେ ପ୍ରସ୍ତୁତ ହୋଇଥିଲା। ତହସିନ୍‌ଙ୍କଠାରୁ ବିଲେଇ ଖାଦ୍ୟ ସମ୍ପର୍କରେ ବୁଝିବା ପରେ ପୋଲିସ୍ ତୁରନ୍ତ ଖାଦ୍ୟ ନେଇ ତାଙ୍କ ଘରେ ପହଞ୍ଚିଥିଲା। ଦିଲ୍ଲୀରେ ପୋଲିସ୍ ଏବେ ବିଭିନ୍ନ ସ୍ଥାନରେ ବୁଲା କୁକୁର ତଥା ଗାଈଗୋରୁଙ୍କୁ ବି ଖାଦ୍ୟ ଯୋଗାଇ ଦେଉଛି। ପୋଲିସର ଏଭଳି କାମକୁ ଲୋକେ ପ୍ରଶଂସା ବି କରୁଛନ୍ତି।

ସାମାଜିକ ଦୂରତ୍ୱରେ ନିଆରା ବିବାହ

ମୁମ୍ବାଇ: ଭାରତରେ କୋଭିଡ୍-୧୯ ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ବିଶେଷକରି ମହାରାଷ୍ଟ୍ରରେ ସଂକ୍ରମିତଙ୍କ ସଂଖ୍ୟା ସବୁଠାରୁ ଅଧିକ ରହିଛି। ଏହାର ମୁକାବିଲା କରିବାକୁ ହେଲେ ସାମାଜିକ ଦୂରତା ଜରୁରୀ ବୋଲି କୁହାଯାଉଛି। ବିବାହ ଓ ଅନ୍ୟ କାର୍ଯ୍ୟକ୍ରମ ଆୟୋଜନ ନ କରିବା ଏବଂ ଭିଡ଼ଠାରୁ ଦୂରେଇ ରହିବାକୁ ସରକାର ପରାମର୍ଶ ଦେଇଛନ୍ତି। ହେଲେ କେତେକ ସ୍ଥାନରେ ସାମାଜିକ ଦୂରତା ରଖି ଅଳ୍ପ ସଂଖ୍ୟକ ଲୋକଙ୍କୁ ନେଇ ନିରାଡମ୍ବର ବିବାହ ଆୟୋଜନ କରାଯାଉଥିବା ଦେଖିବାକୁ ମିଳୁଛି। ବିବାହ ସମୟରେ ସାମାଜିକ ଦୂରତା ରକ୍ଷା ନେଇ ଅନେକ ରୋଚକ ଖବର ମଧ୍ୟ ସାମ୍ନାକୁ ଆସୁଛସ୍ଥାନରେ ଏଭଳି ସ୍ଥିତିରେ ମୁମ୍ବାଇରେ ଏପରି ଏକ ବିବାହ ଅନୁଷ୍ଠିତ ହୋଇଛି, ଯେଉଁଠାରେ ବର ଏବଂ କନ୍ୟା ସାମାଜିକ ଦୂରତା ରଖିବାକୁ ଯାଇ ଦୁଇଟି ଲାଠି ସାହାଯ୍ୟରେ ଉଭୟଙ୍କୁ ବରମାଳା ପିନ୍ଧାଇବା ନଜରକୁ ଆସିଛି। ଯୋଡ଼ି ରଙ୍ଗୀନ ଏବଂ ଆକର୍ଷଣୀୟ ପୋଷାକ ସହ ମୁହଁରେ ମାସ୍କ ପିନ୍ଧି ବିବାହ ବନ୍ଧନରେ ବାନ୍ଧି ହେବା ସହ ଭିନ୍ନ ସ୍ମୃତି ସାଉଁଟିଛନ୍ତି। ଏହି ନିଆରା ବିବାହର ଭିଡିଓ ଏବେ ସୋସିଆଲ୍ ମିଡିଆରେ ଟ୍ରେଣ୍ଡ କରୁଛି। ଏହି ଭିଡିଓକୁ ଅନେକ ଲୋକ ଦେଖିସାରିଥିବାବେଳେ କିଛି ଜଣ ଖୁସି ପ୍ରକାଶ କରିଛନ୍ତି ଏବଂ ଆଉ କେତେକ ଯୋଡ଼ିଙ୍କ ଗ୍ଲୋବ୍‌ସ ନ ପିନ୍ଧି ମାଳା ପିନ୍ଧାଇବା ସମୟରେ ଦୁହେଁ ସମାନ ଲାଠି ବ୍ୟବହାର କରିବା ସମୟର ଦୃଶ୍ୟ ଦେଖି ଭିନ୍ନ ମତ ରଖିଛନ୍ତି।

'ରାମାୟଣ' ଡିମାଣ୍ଡ କଲେ ରାଜମୌଳିଙ୍କ ପ୍ରଶଂସକ

ନୂଆଦିଲ୍ଲୀ: ସମଗ୍ର ବିଶ୍ୱରେ କରୋନା ପରିସ୍ଥିତି ଏବଂ ଲକ୍‌ଡାଉନକୁ ନେଇ ଲୋକେ ଚିନ୍ତାଗ୍ରସ୍ତ ଅବସ୍ଥାରେ ରହିଛନ୍ତି। ଏଭଳି ସମୟରେ କେନ୍ଦ୍ର ସୂଚନା ଓ ପ୍ରସାରଣ ବିଭାଗର ଏକ ଘୋଷଣା ସମସ୍ତଙ୍କ ମନରେ ଖୁସି ଭରିଦେଇଥିଲା। ଦୀର୍ଘ ୩୩ ବର୍ଷ ତଳେ ରାମାନନ୍ଦ ସାଗରଙ୍କ ଦ୍ୱାରା ନିର୍ମିତ ଲୋକପ୍ରିୟ ପୌରାଣିକ ଧାରାବାହିକ 'ରାମାୟଣ' ଦୂରଦର୍ଶନରେ ପୁନଃ ପ୍ରସାରଣ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହାର ପୁନଃ ପ୍ରସାରଣକୁ ସମଗ୍ର ବିଶ୍ୱରେ ଅନେକ ସଂଖ୍ୟାରେ ଦର୍ଶକ ଦେଖିବା ସହ ବେଶ୍ ପସନ୍ଦ ମଧ୍ୟ କରିଥିଲେ। ଫଳରେ ଏହି ଧାରାବାହିକ ବିଶ୍ୱରେ ଏକ ନୂତନ ରେକର୍ଡ ସୃଷ୍ଟି କରିବାରେ ସକ୍ଷମ ହୋଇଛି। ଇତିମଧ୍ୟରେ 'ଉତ୍ତର ରାମାୟଣ'ର ପୁନଃ ପ୍ରସାରଣ ଶନିବାର ଶେଷ ହୋଇଛି। ତେବେ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଏହି ଧାରାବାହିକ ଦର୍ଶକଙ୍କୁ ଏତେମାତ୍ରାରେ ପ୍ରଭାବିତ କରିଛି, ସିନେମା 'ବାହୁବଳୀ'ର ନିର୍ମାତା ତଥା ସିନେ ନିର୍ଦ୍ଦେଶକ ଏସ୍‌ଏସ୍. ରାଜମୌଳିଙ୍କ ଫ୍ୟାନ୍‌ମାନେ 'ରାମାୟଣ'କୁ ନେଇ ସିନେମା କରିବାକୁ ତାଙ୍କୁ ଅନୁରୋଧ କରିଛନ୍ତି। କେବଳ ସେ ହିଁ ଏଭଳି ଏକ ସିନେମାକୁ ସୁନ୍ଦରଭାବେ ନିର୍ମାଣ କରି ଭାରତୀୟଙ୍କୁ ପୁଣି ଗର୍ବିତ କରିପାରିବେ ବୋଲି ଫ୍ୟାନ୍‌ମାନେ ମତ ରଖିଛନ୍ତି। ଏହା ଏବେ ଟୁଇଟର୍‌ରେ ଟ୍ରେଣ୍ଡ କରୁଛି। ମଜାଦାର୍ ବିଷୟ ହେଲା, 'ମହାଭାରତ' ନିର୍ମାଣ କରିବା ରାଜମୌଳିଙ୍କ ସ୍ୱପ୍ନ ରହିଥିବାବେଳେ ତାଙ୍କ ପ୍ରଶଂସକ କିନ୍ତୁ ତାଙ୍କଠାରୁ ଏବେ କିଛି ଭିନ୍ନ ଆଶା କରୁଛନ୍ତି।

ହନୁମାନ ଚାଳିଶାକୁ ୧୦୦ ରେଟିଂ

ନୂଆଦିଲ୍ଲୀ: ଦେଶରେ ଦ୍ରୁତଗତିରେ ବଢୁଛି କରୋନା ସଂକ୍ରମଣ। ଏକଦା ଏମିତି ଅନୁଭବ ହେଉଥିଲା ଭାରତ କରୋନାକୁ ପ୍ରତିରୋଧ କରିପାରିବ। ହେଲେ ମେ ପ୍ରଥମ ସପ୍ତାହରେ ସ୍ଥିତି ବଦଳି ଯାଇଛି। ସଂକ୍ରମଣ ସଂଖ୍ୟାରେ ଏପରି ବୃଦ୍ଧି ଉଭୟ ସରକାର ଏବଂ ଜନସାଧାରଣଙ୍କ ଚିନ୍ତା ବଢ଼ାଇଛି। କରୋନା ଶୃଙ୍ଖଳ ଛିଣ୍ଡାଇବାକୁ ଅନ୍ୟ କୌଣସି ଉପାୟ ନ ଥିବାରୁ ମେ ୪ରୁ ତୃତୀୟ ପର୍ଯ୍ୟାୟ ଲକ୍‌ଡାଉନ୍ କାର୍ଯ୍ୟକାରୀ କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ସେହିପରି ଲକ୍‌ଡାଉନ୍ ଏବଂ ସାମାଜିକ ଦୂରତ୍ୱ କାରଣରୁ ଲୋକମାନେ ଘରେ ବନ୍ଦ ହୋଇ ରହିଛନ୍ତି। ବିଭିନ୍ନ ଧାର୍ମିକ ସ୍ଥଳକୁ ଶ୍ରଦ୍ଧାଳୁଙ୍କ ପ୍ରବେଶ ଉପରେ କଟକଣା ଜାରି କରାଯାଇଛି। ଲୋକମାନେ ଘରେ ରହି ପୂଜାପାଠ କରୁଛନ୍ତି। କରୋନା ବିରୋଧୀ ଲଢ଼େଇ ଯେତିକି ତୀବ୍ର ହେଉଛି, ସେତିକି ଆଧ୍ୟାତ୍ମିକତା ଆଡ଼କୁ ଢଳୁଛି ମଣିଷ। ଗୁଗୁଲ୍ ଏବଂ ୟୁଟ୍ୟୁବ୍‌ରେ ଅଧିକରୁ ଅଧିକ ହନୁମାନ ଚାଳିଶା ସର୍ଚ୍ଚ କରାଯିବା ଏହାର ଏକ ବଡ଼ ଉଦାହରଣ ବୋଲି କୁହାଯାଉଛି। ଗୁଗୁଲ ସର୍ଚ୍ଚ ଇଞ୍ଜିନ ପକ୍ଷରୁ ନିୟମିତ ବ୍ୟବଧାନରେ ଅନ୍‌ଲାଇନ୍ ସର୍ଚ୍ଚର ମନିଟରିଂ କରାଯାଇଥାଏ। ଏକ ତଥ୍ୟ ଅନୁଯାୟୀ, ଲକ୍‌ଡାଉନ୍ ପରେ ଅନ୍‌ଲାଇନ୍‌ରେ ହନୁମାନ ଚାଳିଶା ସର୍ଚ୍ଚ କରିବା ଆଶ୍ଚର୍ଯ୍ୟଜନକ ଭାବେ ବଢ଼ିଛି। ଜନତା କର୍ଫ୍ୟୁର ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ ୨୧ ମାର୍ଚ୍ଚ ଯାଏ ଗୁଗୁଲ୍‌ରେ ହନୁମାନ ଚାଳିଶା ସର୍ଚ୍ଚ କରାଯିବାରେ ସେମିତି ଅଭିବୃଦ୍ଧି ହୋଇ ନ ଥିଲା। ହେଲେ ୨୪ ତାରିଖରୁ ଲକ୍‌ଡାଉନ୍ ଘୋଷଣା କରାଯିବା ପରେ ଏହି ସଂଖ୍ୟାରେ ଆଶାତୀତ ବୃଦ୍ଧି ଘଟିଛି। ହନୁମାନ ଜୟନ୍ତୀରେ ମଧ୍ୟ ଅଧିକ ସଂଖ୍ୟାରେ ୟୁଜର ହନୁମାନ ଚାଳିଶା ସମେତ ହନୁମାନଙ୍କ ଜୀବନୀ ସହିତ ଜଡ଼ିତ ବିଭିନ୍ନ ପୌରାଣିକ କଥାବସ୍ତୁକୁ ଅଧିକରୁ ଅଧିକ ଦେଖିବାକୁ ପସନ୍ଦ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଗୁଗୁଲ ସର୍ଚ୍ଚ ରେଟିଂ ୦ରୁ ୧୦୦ ଯାଏ କରାଯାଇଥାଏ। ଲକ୍‌ଡାଉନ ସମୟରେ ଏପ୍ରିଲ୍ ୫ରୁ ୧୧ ଯାଏ ହନୁମାନ ଚାଳିଶା ସର୍ଚ୍ଚରେ ବଡ଼ ଧରଣର ପରିବର୍ତ୍ତନ ଆସିଲା। କିଛି ଦିନ ମଧ୍ୟରେ ଗୁଗୁଲ୍ ଟ୍ରେଣ୍ଡର ଶୀର୍ଷ ୧୦୦ ରେଟିଂକୁ ଏହା ଛୁଇଁଯାଇଥିଲା। ଗୁଗୁଲ ପକ୍ଷରୁ ୟୁଟ୍ୟୁବରେ କରାଯାଉଥିବା ସର୍ଚ୍ଚର ମଧ୍ୟ ଅନୁଶୀଳନ କରାଯାଇଥାଏ। ୨୨ ମାର୍ଚ୍ଚରୁ ୧୧ ଏପ୍ରିଲ୍ ମଧ୍ୟରେ ହନୁମାନ ଚାଳିଶା ଖୋଜୁଥିବା ୟୁଜର୍ସଙ୍କ ସଂଖ୍ୟାରେ ମଧ୍ୟ ବୃଦ୍ଧି ଘଟିଛି। ମ୍ୟୁଜିକ୍ କମ୍ପାନୀ ଟି-ସିରିଜ୍‌ର ଅଫିସିଆଲ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ୯୬୨ ମିଲିୟନ ଦର୍ଶକ ହନୁମାନ ଚାଳିଶା ଦେଖିଥିବା ଜଣାପଡ଼ିଛି।

ଲକ୍‌ଡାଉନ୍‌ରେ ବଢୁଛି ଆଧ୍ୟାତ୍ମିକତା

ପୋଲିସଙ୍କୁ ରନ୍ଧାଖାଦ୍ୟ ଦେଲା ନାଲ୍କୋ ମହିଳା ସମିତି

ଭୁବନେଶ୍ୱର,୩।୫(ବ୍ୟୁରୋ): କରୋନା ଭଳି ବିପତ୍ତି ସମୟରେ ନିଜ ଜୀବନକୁ ବାଜି ଲଗାଇ ପୋଲିସ ଅଧିକାରୀ ଜନସାଧାରଣଙ୍କ ସୁରକ୍ଷା କରୁଛନ୍ତି। ଏହି ଯୋଦ୍ଧାମାନଙ୍କୁ ସମ୍ମାନ ଜଣାଇବା ଲାଗି ନାଲ୍କୋ ମହିଳା ସମିତି ଏବଂ ନାଲ୍କୋ ଫାଉଣ୍ଡେଶନର ସଦସ୍ୟମାନେ ଆଗେଇ ଆସିଛନ୍ତି। ରବିବାର ନାଲ୍କୋ ମହିଳା ସମିତିର ଅଧକ୍ଷା ସସ୍ମିତା ପାତ୍ର ଏବଂ ସମ୍ପାଦିକା ପ୍ରତିଭା ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହାର ସଦସ୍ୟମାନେ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ପୋଲିସ କର୍ମଚାରୀଙ୍କୁ ରନ୍ଧାଖାଦ୍ୟ ବଣ୍ଟନ କରିଥିଲେ। ୧୨୦ ବାଟାଲିୟନ ଛକ, ଏଜି ଛକ, କଳ୍ପନା ଛକ ଆଦି ସ୍ଥାନରେ କାର୍ଯ୍ୟରତ ପୋଲିସମାନଙ୍କୁ ରନ୍ଧାଖାଦ୍ୟ ଦିଆଯାଇଥିବା ବେଳେ ଆସନ୍ତା ୭ ଦିନ ପର୍ଯ୍ୟନ୍ତ ଏହି କାର୍ଯ୍ୟ ଜାରି ରହିବ।

ସଂକ୍ଷେପରେ

ପହଞ୍ଚିଲା ଏକାଦଶ ପର୍ଯ୍ୟାୟ ରଥକାଠ

ପୁରୀ ଅଫିସ,୩।୫: କରୋନା ପାଇଁ ଚଳିତବର୍ଷ ରଥଯାତ୍ରାକୁ ନେଇ ଅନିଶ୍ଚିତତା ଲାଗି ରହିଥିବାବେଳେ ରବିବାର ପୁରୀରେ ପହଞ୍ଚିଛି ଏକାଦଶ ପର୍ଯ୍ୟାୟ ରଥକାଠ। ବୌଦ୍ଧ ବନଖଣ୍ଡରୁ ଗୋଟିଏ ଟ୍ରେଲର ଏବଂ ଗୋଟିଏ ଟ୍ରକ୍ ଯୋଗେ ୪୬ ଖଣ୍ଡ କାଠ ଆସିଛି। ଏଥିରେ ୧୨ ଫୁଟିଆ ଧଉରା ୧୩ ଖଣ୍ଡ, ୧୨ ଫୁଟିଆ ଅସନ ଖଣ୍ଡିଏ, ୨୦ ଫୁଟିଆ ଅସନ ୬ଖଣ୍ଡ, ୪୦ ଫୁଟିଆ ଧଉରା ୧୪ ଓ ୪୦ ଫୁଟିଆ ଅସନ ୧୨ ଖଣ୍ଡ ଆସିଥିବା ଶ୍ରୀମନ୍ଦିର ମୁଖ୍ୟ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ କହିଛନ୍ତି। ରଥ ସଂହିତା ଅନୁଯାୟୀ, ତିନିରଥ ନିର୍ମାଣ ଲାଗି ୮୬୫ ଖଣ୍ଡ କାଠ ଆବଶ୍ୟକ ହୋଇଥାଏ। ଗତବର୍ଷ ଆସିଥିବା କାଠ ମଧ୍ୟରୁ ୧୯୩ ଖଣ୍ଡ ବଳକା ରହିଛି। ଏଥର ୬୭୨ ଖଣ୍ଡ କାଠ ଆସିବ। ଏଥିମଧ୍ୟରୁ ୨୬୬ ଖଣ୍ଡ କାଠ କଟକ ଖପୁରିଆସ୍ଥିତ ସ' ମିଲ୍ ଏବଂ ୪୦୬ ଖଣ୍ଡ କାଠ ରଥଖଳାକୁ ଆସିବ। ପୂର୍ବରୁ ରଥଖଳାକୁ ୩୪୫ ଖଣ୍ଡ କାଠ ଆସିଥିବା ବେଳେ ରବିବାର ୪୬ ଖଣ୍ଡକୁ ମିଶାଇ ମୋଟ ୩୯୧ ଖଣ୍ଡ କାଠ ଆସିଲାଣି। ବାକି ୧୫ ଖଣ୍ଡ କାଠ ବୌଦ୍ଧରୁ ଆସିବ ବୋଲି ତତ୍ତ୍ୱାବଧାରକ ସୂଚନା ଦେଇଛନ୍ତି। ତେବେ ବିଧି ଅନୁଯାୟୀ ଗତ ୨୬ ତାରିଖ ପବିତ୍ର ଅକ୍ଷୟତୃତୀୟାରେ ଶ୍ରୀମନ୍ଦିର ପରିସରରେ ରଥ ନିର୍ମାଣ ଅନୁକୂଳ ହୋଇଥିଲା। କିନ୍ତୁ ଲକ୍‌ଡାଉନ କଟକଣା ଯୋଗୁ ନିର୍ମାଣ କାର୍ଯ୍ୟ ବନ୍ଦ ରହିଛି।

ନର୍ସଙ୍କ ହ୍ୱାଟ୍ସଆପ୍‌କୁ ଆସୁଛି ଅଶ୍ଳୀଳ ଭିଡିଓ

ଅଭିଯୋଗ ପରେ ପୋଲିସର ତଦନ୍ତ ଆରମ୍ଭ

ଭୁବନେଶ୍ୱର,୩।୫(ବ୍ୟୁରୋ): ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଥିବା ଏକ ଘରୋଇ ହସ୍ପିଟାଲର ନର୍ସଙ୍କ ହ୍ୱାଟ୍ସଆପ୍ ନମ୍ବରକୁ କେହି ଦୁର୍ବୃତ୍ତ ଅଶ୍ଳୀଳ ଭିଡ଼ିଓ ଓ ମେସେଜ ପଠାଉଥିବା ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗକୁ ଭିତ୍ତିକରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ନର୍ସଙ୍କୁ ପ୍ରଥମେ କେହି ଦୁର୍ବୃତ୍ତ ଏସ୍ଏମ୍ଏସ୍ ମାଧ୍ୟମରେ ତାଙ୍କ ଚାକିରି ଛଡ଼ାଇନେବା ନେଇ ଧମକାଇଥିଲେ। ପରେ ଉକ୍ତ ନମ୍ବରରୁ ବାରମ୍ବାର ଅଶ୍ଳୀଳ ଭିଡ଼ିଓ ଓ ଫଟୋ ପଠାଇଥିଲେ। ଏପରିକି ନର୍ସ ଜଣଙ୍କ ଉକ୍ତ ନମ୍ବରକୁ ଫୋନ୍ କରିଥିଲେ ମଧ ସେ ଉଠାଇ ନ ଥିଲେ। ଏ ନେଇ ନର୍ସ ଜଣଙ୍କ ଥାନାରେ ଅଭିଯୋଗ କରିଛନ୍ତି।

୨ ପଥର ବୋଝେଇ ଟ୍ରକ୍ ଜବତ

ବାରଙ୍ଗ,୩।୫(ଡି.ଏନ୍.ଏ.): ଚନ୍ଦକା ଥାନା ପୋଲିସ ଶନିବାର ରାତିରେ ଦୁଇଟି ପଥର ବୋଝେଇ ଟ୍ରକ୍‌କୁ ଜବତ କରିଛି। ଏହି ଗାଡି(ଓଆର୦୯-ଇ-୨୮୧୨, ଓଆର୦୧-ଇ-୧୨୫୨) ଦ୍ୱୟ ମେଣ୍ଢାଶାଳ ପଟୁ ଚୋରା ପଥର ନେଇ ବାରଙ୍ଗ ଅଭିମୁଖେ ଆସୁଥିବା ବେଳେ ପାଟ୍ରୋଲିଂ କରୁଥିବା ପୋଲିସ ହାବୁଡରେ ପଡିଥିଲା। ତେବେ କୌଶଳକ୍ରମେ ଚାଳକ ଦ୍ୱୟ ଟ୍ରକ୍ ଛାଡି ଫେରାର ହୋଇଯାଇଥିବା ଜଣାପଡିଛି।

ବାଲିହରଚଣ୍ଡୀ ବେଳାଭୂମିରେ ଗଳିତ ମୃତଦେହ ନେଇ ଚର୍ଚ୍ଚା

ବ୍ରହ୍ମଗିରି,୩।୫(ଡି.ଏନ୍.ଏ.): ବ୍ରହ୍ମଗିରି ଥାନା ଅନ୍ତର୍ଗତ ବାଲିହରଚଣ୍ଡୀ ସମୁଦ୍ର ବେଳାଭୂମି ନିକଟ ବରକୋଳିଆ କୁଦାରେ ଶନିବାର ରାତିରେ ଏକ ଅଚିହ୍ନା ଗଳିତ ମୃତଦେହ ଲାଗିଥିବା ଚର୍ଚ୍ଚା ହେବା ସହ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ରବିବାର ସକାଳୁ ବ୍ରହ୍ମଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ ମଧ ମୃତଦେହ ମିଳି ନ ଥିବା ଥାନା ଅଧିକାରୀ ମନୋଜ ଶତପଥୀ କହିଛନ୍ତି। ସୂଚନା ଅନୁଯାୟୀ, ବେଳାଭୂମି ନିକଟ ବରକୋଳିଆ କୁଦାରେ ଏକ ଗଳିତ ମୃତଦେହ ସମୁଦ୍ର ପାଣିରେ ଭାସି ଆସି ଲାଗିଥିବା ସ୍ଥାନୀୟ ଲୋକେ ଶନିବାର ରାତିରେ ଦେଖିଥିଲେ। ଏହା ସହ ମୃତଦେହର ଫଟୋ ମଧ ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହି ମୃତଦେହର ସମ୍ପୂର୍ଣ୍ଣ ଶରୀର ଶଢ଼ିଯାଇ କେବଳ କଙ୍କାଳ ପଡିରହିଛି। କଙ୍କାଳରେ ପ୍ୟାଣ୍ଟ ଓ ଶାର୍ଟ ଲାଗିରହିଥିବା ଦେଖିବାକୁ ମିଳିଛି।

ସୁରଟରୁ ବସ୍ ଭଡ଼ା କରି ପୁରୀ ଆସିଲେ ୪୦ ପ୍ରବାସୀ

- ପ୍ରଶାସନ ପାଖରେ ସୂଚନା ନାହିଁ
- ପିପିଲି ଟୋଲ ଗେଟ୍‌ରୁ ଧରାପଡ଼ିଲେ

ପିପିଲି,୩।୫(ସ୍ୱ.ପ୍ର./ଡି.ଏନ୍.ଏ.)

ପ୍ରବାସୀଙ୍କ ଘରମୁହାଁ ସଂଖ୍ୟା ପ୍ରତିଦିନ ବଢ଼ୁଥିବାରୁ ରାଜ୍ୟ ସରକାର ପକ୍ଷରୁ ଏମାନଙ୍କୁ ଆଣିବାର ସମସ୍ତ ବ୍ୟବସ୍ଥା କରାଯାଇଛି। କିନ୍ତୁ ଏହା ପୂର୍ବରୁ ଗୁଜରାଟର ସୁରଟରୁ ଏକ ବସ୍ ଯୋଗେ ୪୦ ପ୍ରବାସୀ ଓଡ଼ିଆ ଶନିବାର ରାତିରେ ପୁରୀ ଜିଲାରେ ପହଞ୍ଚିଛନ୍ତି। କିନ୍ତୁ ଏମାନେ ଆସିବାର ପ୍ରଶାସନ ପାଖରେ କୌଣସି ଖବର ନ ଥିବାରୁ ରାତିରେ ପିପିଲି ଟୋଲ ଗେଟରେ ଅଟକାଯାଇଥିଲା। ଅଜାଣତରେ ପିପିଲି ଯାଏ ବସ ଚାଲିଆସିଥିବାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଜିଲା ପ୍ରଶାସନକୁ ନାକେଦମ୍ ହେବାକୁ ପଡିଥିଲା। ଶେଷରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବସରେ ଥିବା ଯାତ୍ରୀଙ୍କୁ ନିଜ ଗନ୍ତବ୍ୟସ୍ଥଳକୁ ପଠାଯାଇଛି।

ସୂଚନା ଅନୁଯାୟୀ, ଶନିବାର ରାତି ପ୍ରାୟ ସାଢ଼େ ୯ଟାବେଳେ ଏକ ଭଲ୍‌ଭୋ ବସ (ଜିଜେ ୧୯ ଟି ୪୫୧୬) ପିପିଲି ଚେକ୍ ପୋଷ୍ଟ ନିକଟରେ ଅଟକିଥିଲା। ସେଥିରେ କେତେକ ପ୍ରବାସୀ ଓଡ଼ିଆ ସୁରଟରୁ ଆସିଥିବା ଜଣାପଡ଼ିଥିଲା। କିନ୍ତୁ ଏମାନେ ଆସିବା ନେଇ ଜିଲା ପ୍ରଶାସନ ନିକଟରେ କୌଣସି ଖବର ନ ଥିଲା। ଫଳରେ ଯାଞ୍ଚବେଳେ ପ୍ରବାସୀମାନେ ନିଜସ୍ୱ ଖର୍ଚ୍ଚରେ ଗାଡ଼ି ଭଡ଼ା କରି ଫେରିଥିବା ଜଣାପଡିଥିଲା। ଗାଡି ଆଗରେ ସୁରଟ ସିଟିଠାରୁ ପୁରୀ ପର୍ଯ୍ୟନ୍ତ ଲେଖାଥିବାବେଳେ ଏଥିରେ ପ୍ରାୟ ୪୩ଜଣ ଲୋକ ଥିଲେ। ତେବେ ବ୍ରହ୍ମଗିରି ବ୍ଲକର ୧୫ଜଣ, କଣାସ ବ୍ଲକର ୫ଜଣ ଓ ୨୦ଜଣ ପୁରୀ ସଦର ବ୍ଲକର ପ୍ରବାସୀ ରହିଥିବା ବେଳେ ୨ଡ୍ରାଇଭର ଓ ଜଣେ କୋ-ପାଇଲଟ୍ ରହିଥିଲେ। ପରେ ଏହାକୁ ନେଇ ତନାଘନା କରାଯାଇଥିଲା। ଖବରପାଇ ପିପିଲି ତହସିଲଦାର ସପନ କୁମାର ନନ୍ଦ, ପିପିଲି ଆଇଆଇସି ଶରତ କୁମାର ସାହୁ ଓ କଣାସ ବିଡିଓ ବିଳମ୍ବିତ ରାତି ଯାଏ ପ୍ରଶାସନିକ ନିର୍ଦ୍ଦେଶକୁ ଅପେକ୍ଷା କରି ଗାଡିକୁ ଜଗି ରହିଥିଲେ। ପରେ ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ବସ୍‌ରେ ଥିବା କଣାସର ୫ଜଣ ପ୍ରବାସୀଙ୍କୁ କଣାସ ପଠାଯାଇଥିବା ବେଳେ ବସଟି ବାକି ଯାତ୍ରୀଙ୍କୁ ଧରି ପୁରୀ ଅଭିମୁଖେ ଯାଇଥିଲା।

ଗଣମାଧ୍ୟମ ପ୍ରତିନିଧିଙ୍କୁ ମାଡ଼, କ୍ୟାମେରା ଭାଙ୍ଗିଲେ

- ପ୍ରେସ୍ ସ୍ୱାଧୀନତା ଦିବସରେ ବନ କର୍ମଚାରୀଙ୍କ ଉଦ୍ଭଟ କାଣ୍ଡ
- ୨ ବନ କର୍ମଚାରୀ ନିଲମ୍ବିତ

ପୁରୀ ଅଫିସ,୩।୫

ପ୍ରେସ୍ ସ୍ୱାଧୀନତା ଦିବସରେ ରବିବାର ପୁରୀରେ କର୍ତ୍ତବ୍ୟରତ ଗଣମାଧ୍ୟମ ପ୍ରତିନିଧିଙ୍କୁ ମାଡ଼ ମରାଯିବା ସହ ଗାଳିଗୁଲଜ କରାଯାଇଛି। ବାଲୁଖଣ୍ଡ ଅଭୟାରଣ୍ୟର ପ୍ରକୃତି ନିବାସରେ ଶୁଟିଂ ବେଳେ ବନ କର୍ମଚାରୀ ମାଡ଼ ମାରିବା ସହ କ୍ୟାମେରା ଭାଙ୍ଗି ଦେଇଛନ୍ତି। କ୍ୟାମେରାମ୍ୟାନ୍ ଚିତ୍ତରଞ୍ଜନ ଖୁଣ୍ଟିଆଙ୍କ ଅଭିଯୋଗକ୍ରମେ ପେଣ୍ଠକଟା ମେରାଇନ ଥାନାରେ ଦୁଇ ବନ କର୍ମଚାରୀଙ୍କ ବିରୋଧରେ ପୋଲିସ ଏକ ମାମଲା (ନଂ. ୨୫/୨୦) ରୁଜୁ କରିଛି। ଏହି ଘଟଣାରେ ସମ୍ପୃକ୍ତ ୨ ବନ କର୍ମଚାରୀ ତପନ ନାୟକ ଓ ବିରଜା ମହାପାତ୍ରଙ୍କୁ ଡିଏଫ୍ଓ ସୁଶାନ୍ତ କୁମାର କାର୍ଯ୍ୟରୁ ନିଲମ୍ବନ କରିଛନ୍ତି।

ବାତ୍ୟା ଫନୀକୁ ରବିବାର ବର୍ଷେ ପୂରିଛି। ବାତ୍ୟାରେ ଛାରଖାର ହୋଇଯାଇଥିବା ବାଲୁଖଣ୍ଡ ଅଭୟାରଣ୍ୟର ବର୍ତ୍ତମାନ ସ୍ଥିତି କ'ଣ ରହିଛି ତାହାର ଶୁଟିଂ ପାଇଁ କେତେଜଣ ଗଣମାଧ୍ୟମ ପ୍ରତିନିଧି ପହଞ୍ଚିଥିଲେ। ଅନୁମତି ନେଇ ପ୍ରକୃତି ନିବାସରେ କ୍ୟାମେରାମ୍ୟାନ ଚିତ୍ତରଞ୍ଜନ ଶୁଟିଂ କରୁଥିଲେ। ପ୍ରକୃତି ନିବାସ କଟେଜ ମଧ୍ୟରେ କେତେଗୁଡ଼ିଏ ମଦବୋତଲ ପଡ଼ିଥିଲା। ଏହି ସମୟରେ ସେଠାରେ ଥିବା କେତେଜଣ ବନ କର୍ମଚାରୀ ପହଞ୍ଚି ଚିତ୍ତରଞ୍ଜନଙ୍କୁ ବାରଣ କରିଥିଲେ। ଫରେଷ୍ଟର ତପନ ନାୟକ ଓ ଫରେଷ୍ଟଗାର୍ଡ ବିରଜା ମହାପାତ୍ର ଶୁଟିଂକୁ ବିରୋଧ କରିବା ସହ ଉତ୍‌କ୍ଷିପ୍ତ ହୋଇପଡ଼ିଥିଲେ। ଭିଡିଓ ଉତ୍ତୋଳନ କରୁଥିବା ଚିତ୍ତରଞ୍ଜନଙ୍କୁ ବନ କର୍ମଚାରୀ ମାଡ଼ ମାରିବା ସହ ତାଙ୍କ କ୍ୟାମେରା ଭାଙ୍ଗି ଦେଇଥିଲେ। ଅନ୍ୟ ଖବରଦାତା ଅଟକାଇବାରୁ ସେମାନେ ଗାଳିଗୁଲଜ କରିଥିବା ଏତଲାରେ ଦର୍ଶାଯାଇଛି। ଅନ୍ୟପକ୍ଷରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ମାଡ଼ ଘଟଣାକୁ ପୁରୀ ଜିଲା କଂଗ୍ରେସ ତୀବ୍ର ନିନ୍ଦା କରିଛି। ଆଲୋକ କୁମାର ଦାଶଙ୍କ ନେତୃତ୍ୱରେ ଜିଲା ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଟାଉନ ଥାନାରେ ଅଭିଯୋଗ କରାଯାଇଛି। ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏଥିରେ ଦର୍ଶାଯାଇଛି।

ଲଘୁଚାପ ବିଳମ୍ବିତ: ୭ ଯାଏ ସ୍ୱଳ୍ପ ବର୍ଷା

- ୧୧ ଜିଲାକୁ ୟେଲୋ ୱାର୍ନିଂ
- ବିଭିନ୍ନ ଜିଲାରେ ବଜ୍ରପାତ ସମ୍ଭାବନା

ଭୁବନେଶ୍ୱର,୩।୫(ବ୍ୟୁରୋ)

ଦକ୍ଷିଣ ଆଣ୍ଡାମାନ ସାଗର ଏବଂ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଏବେ ଲଘୁଚାପ ଦାନା ବାନ୍ଧୁଛି। ସୃଷ୍ଟି ହୋଇଥିବା ଲଘୁଚାପ ବଳୟ ସମୁଦ୍ର ପତ୍ତନଠାରୁ ଟ୍ରପୋସ୍ଫିୟର ମଧ୍ୟଭାଗ ପର୍ଯ୍ୟନ୍ତ ଲମ୍ବିଥିବା ସୂଚନା ମିଳିଛି। ଦକ୍ଷିଣ ଆଣ୍ଡାମାନ ସାଗର ଏବଂ ତା'ର ପାର୍ଶ୍ୱବର୍ତ୍ତୀ ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଅଞ୍ଚଳରେ ଦିବାରାତ୍ର ତାରତମ୍ୟରେ ମେଘବଳୟର ପ୍ରଭାବ ଏବଂ ସମୁଦ୍ର ପତ୍ତନରୁ ଉଚ୍ଚତା ସହ ବାୟୁର ନିୟମିତ ଦିଗ ପରିବର୍ତ୍ତନର ତୀବ୍ରତା ବୃଦ୍ଧି ଯୋଗୁ ସୃଷ୍ଟି ହୋଇଥିବା ଏହି ଲଘୁଚାପର ଘନୀଭୂତ ପ୍ରକ୍ରିୟା ବିଳମ୍ବିତ ହେଉଛି ବୋଲି ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

ରବିବାର ପାଣିପାଗ ବିଭାଗ ପକ୍ଷରୁ ଜାରି କରାଯାଇଥିବା ସୂଚନା ଅନୁସାରେ ଆସନ୍ତା ୭ ତାରିଖ ମଧ୍ୟରେ ଏହି ଲଘୁଚାପ ଘନୀଭୂତ ହୋଇ ୱେଲମାର୍କଡ୍ ପ୍ରେସରରେ ପରିଣତ ହେବାର ସମ୍ଭାବନା ରହିଛି। ଏପରିକି ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଆହୁରି ଘନୀଭୂତ ହୋଇ ଅବପାତର ରୂପ ନେଇପାରେ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଏହି ଲଘୁଚାପ ଆସନ୍ତା ୭ ତାରିଖ ଯାଏଁ ଉତ୍ତର-ପଶ୍ଚିମ ଦିଗରେ ଗତିକରିବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ରବିବାରଠାରୁ ୭ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମଧରଣର ବର୍ଷା ହେବ। ବିଶେଷକରି ଉତ୍ତର, ଆଭ୍ୟନ୍ତରୀଣ ଓ ଦକ୍ଷିଣ ଓଡ଼ିଶାରେ ବର୍ଷାର ସମ୍ଭାବନା ରହିଛି। ଭଦ୍ରକ, ବାଲେଶ୍ୱର, ଯାଜପୁର କେନ୍ଦୁଝରର ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ, ଗଜପତି, ଗଞ୍ଜାମ, ରାୟଗଡ଼ା, କଳାହାଣ୍ଡି ଓ କନ୍ଧମାଳରେ ବର୍ଷା ସମ୍ଭାବନା ରହିଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି।

ସେହିପରି ପାଣିପାଗ ବିଭାଗ ପକ୍ଷରୁ ରାଜ୍ୟର ୧୧ଟି ଜିଲା ପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଗୋଟେ କିମ୍ବା ଦୁଇଟି ସ୍ଥାନରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ହାଲୁକାରୁ ମଧ୍ୟମ ବର୍ଷା କିମ୍ବା ବଜ୍ରପାତ ହେବାର ସମ୍ଭାବନା ରହିଥିବା ପୂର୍ବାନୁମାନ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଅର୍ଥାତ ରବିବାର ସନ୍ଧ୍ୟାରୁ ସୋମବାର ସନ୍ଧ୍ୟା ସୁଦ୍ଧା ଉପକୂଳ ଓଡ଼ିଶା, ଅନୁଗୋଳ, ସୁନ୍ଦରଗଡ଼, ଢେଙ୍କାନାଳ, ମୟୂରଭଞ୍ଜ, କେନ୍ଦୁଝର, କନ୍ଧମାଳ, କୋରାପୁଟ, କଳାହାଣ୍ଡି, ରାୟଗଡା, ନୂଆପଡ଼ାର ଗୋଟେ କିମ୍ବା ଦୁଇଟି ସ୍ଥାନରେ ସ୍ୱଳ୍ପବର୍ଷା କିମ୍ବା ବଜ୍ରପାତ ହେବାର ସମ୍ଭାବନା ରହିଥିବା କୁହାଯାଇଛି। ସେହିଭଳି କେନ୍ଦୁଝର, ମୟୂରଭଞ୍ଜ, ଭଦ୍ରକ, ବାଲେଶ୍ୱର, କଟକ, ପୁରୀ, ରାୟଗଡା, ଗଜପତି, କନ୍ଧମାଳ, କଳାହାଣ୍ଡି, କେନ୍ଦ୍ରାପଡ଼ା ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବଜ୍ରପାତ ହେବାର ସମ୍ଭାବନା ରହିଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ପ୍ରଧାନମନ୍ତ୍ରୀ ରିଲିଫ ପାଣ୍ଠିକୁ ୨ହଜାର ଟଙ୍କା ପ୍ରଦାନ

ପିପିଲି,୩।୫(ଡି.ଏନ୍.ଏ.)

ମହାମାରୀ କରୋନା(କୋଭିଡ-୧୯)ର ମୁକାବିଲା ପାଇଁ ବହୁ ଅନୁଷ୍ଠାନ, ବ୍ୟକ୍ତି ବିଶେଷ ପ୍ରଧାନମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସହାୟତାର ହାତ ବଢାଇଛନ୍ତି। ଏହି ପରିପ୍ରେକ୍ଷୀରେ ଶିଶୁପାଳଗଡ଼ସ୍ଥିତ ଆନନ୍ଦ ବିହାରର ଲକ୍ଷ୍ମୀଧର ସାହୁ ତାଙ୍କ ନାତୁଣୀ ତନଭି ପ୍ରିୟଦର୍ଶନୀଙ୍କ ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୨ହଜାର ଟଙ୍କା ପ୍ରଦାନ କରିଛନ୍ତି। ଲକ୍ଷ୍ମୀଧରଙ୍କ ଏହି ମହତ୍ କାର୍ଯ୍ୟ ପାଇଁ ପିପିଲି ସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖାର ସହକାରୀ କର୍ମଚାରୀ ସୁରେଶ ନାୟକଙ୍କ ସମେତ ସମସ୍ତ କର୍ମଚାରୀ ପ୍ରଶଂସା କରିଥିଲେ। ତନଭିଙ୍କ ପ୍ରଥମ ଜନ୍ମଦିନକୁ ନିରାଡମ୍ବରରେ ପାଳନ କରି ତାଙ୍କ ନାମରେ ସଞ୍ଚିତ ଥିବା ଏହି ଟଙ୍କାକୁ ଲକ୍ଷ୍ମୀଧର ପ୍ରଦାନ କରିଥିଲେ। ଏହି ବ୍ୟାଙ୍କର ତନଭି ହେଉଛନ୍ତି ସର୍ବ କନିଷ୍ଠ ଦାତା। ଏହା ସାମାଜ ପାଇଁ ଏକ ଉଦାହରଣ ସୃଷ୍ଟି କରିବ ବୋଲି ବ୍ୟାଙ୍କ ଶାଖା ପରିଚାଳକ ସୂର୍ଯ୍ୟନାରାୟଣ ରଥ କହିଛନ୍ତି।

କରୋନା ମୁକାବିଲାରେ ଜିଲା ଖଣିଜ ପାଣ୍ଠି ବିନିଯୋଗ ନିଷ୍ପତ୍ତିକୁ ବିରୋଧ

ଭୁବନେଶ୍ୱର,୩।୫(ବ୍ୟୁରୋ)

ରାଜ୍ୟ ସରକାର କରୋନା ମୁକାବିଲା ନେଇ ଜିଲା ଖଣିଜ ପାଣ୍ଠି (ଡିଏମ୍ଏଫ) ବିନିଯୋଗ କରିବାକୁ କେନ୍ଦ୍ରଠାରୁ ଅନୁମତି ମାଗିଥିବା କେନ୍ଦୁଝର ବିକାଶ ପରିଷଦ(କେଭିପି) ପକ୍ଷରୁ କୁହାଯାଇଛି। ଏଥିସହିତ ଜିଲାର ସାମଗ୍ରିକ ଉନ୍ନୟନ ପାଇଁ ଥିବା ପାଣ୍ଠିକୁ ସରକାର ସାମୟିକ କରୋନା ମୁକାବିଲାରେ ବ୍ୟବହାର ନ କରନ୍ତୁ ବୋଲି ପରିଷଦ ଦାବି କରିଛି।

ପରିଷଦ ପକ୍ଷରୁ କୁହାଯାଇଛି ଯେ, ରାଜ୍ୟ ସରକାର କେବଳ କରୋନା ପାଇଁ ଡିଏମ୍ଏଫ୍ ପାଣ୍ଠି ବିନିଯୋଗ ପ୍ରୟାସରୁ ନିବୃତ୍ତ ରୁହନ୍ତୁ। ଚଳିତ ଆର୍ଥିକ ବର୍ଷରୁ ସରକାର ବିଭିନ୍ନ ସୂତ୍ରରୁ ଲକ୍ଷ୍ୟ ରଖିଥିବା ରାଜସ୍ୱ ଆଦାୟ ବାଧାପ୍ରାପ୍ତ ହୋଇଛି। ତେଣୁ ଆର୍ଥିକ ବର୍ଷର ଅନୁଦାନର ଅଭାବ ରହିବ। ନିୟମ ଅନୁଯାୟୀ ଏହି ଅର୍ଥ କେବଳ ଖଣି ଖନନ ହେଉଥିବା ଅଞ୍ଚଳର ଉନ୍ନତି ପାଇଁ ବିନିଯୋଗ ହେବା କଥା। ଏଥିପାଇଁ ସ୍ଥାନୀୟ ଜିଲାପାଳଙ୍କ ଅନୁମତି ମଧ ଆବଶ୍ୟକ। ଡିଏମ୍ଏଫ୍ ଅର୍ଥରେ ଖଣି ପ୍ରଭାବିତ ଅଞ୍ଚଳର ରାସ୍ତାଘାଟ, ପାନୀୟ ଜଳ, ଗୃହ ନିର୍ମାଣ, ଜଳସେଚନ, ପରିବେଶ ସୁରକ୍ଷା, ସ୍ୱାସ୍ଥ୍ୟ ସଂସ୍ଥାର ଉନ୍ନତି ହେବାର ନିୟମ ରହିଛି। କେନ୍ଦୁଝର ଜିଲା ପୂର୍ବରୁ ପ୍ରଶାସନିକ ଅବହେଳାର ଶିକାର ହୋଇଛି। ଜିଲାର ବହୁତ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଡିଏମ୍ଏଫ୍ ପାଣ୍ଠିରୁ ନିର୍ମାଣ କରାଯାଇଛି। ଡିଏମ୍ଏଫ୍ ପାଣ୍ଠି ଥିବାରୁ ବିଭିନ୍ନ ଯୋଜନା ବାବଦକୁ ସରକାର ପର୍ଯ୍ୟାପ୍ତ ଅର୍ଥ ବରାଦ କରୁ ନ ଥିବା ପରିଷଦ ଅଭିଯୋଗ କରିଛି। ତେଣୁ ସରକାର ନିଜସ୍ୱ ପାଣ୍ଠି ଯଦି କମ୍ ଥିବା ଅନୁଭବ କରୁଛନ୍ତି, ତେବେ ପ୍ରଶାସନ ଅଣଯୋଜନା ଖର୍ଚ୍ଚକାଟ କମ୍ କରନ୍ତୁ। ଏଥିସହିତ କମ୍ ଗୁରୁତ୍ୱପୂର୍ଣ୍ଣ ଯୋଜନା ଅନ୍ତର୍ଗତ ପ୍ରକଳ୍ପ କ୍ଷେତ୍ରରେ ବ୍ୟୟ କମ୍ କରିବାକୁ ସରକାର ଚିନ୍ତା କରନ୍ତୁ । ଏହା ବ୍ୟତୀତ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି ପରେ ଯଦି ଅଧିକ ଅନୁଦାନ ଆବଶ୍ୟକ ତେବେ ସରକାର ବିକଳ୍ପ ଚିନ୍ତା କରନ୍ତୁ ବୋଲି ପରିଷଦ ପକ୍ଷରୁ କୁହାଯାଇଛି।

କଟକ ଦରଘାବଜାର ଥାନା ନିକଟରେ ରବିବାର ଖାଦ୍ୟ ପାଇଁ ଲୋକଙ୍କ ଲମ୍ବା ଧାଡ଼ି।

ସଚେତନତା ସହ ଖାଦ୍ୟ ସାମଗ୍ରୀ ବଣ୍ଟନ

ପୁରୀ ଅଫିସ,୩।୫

ଲକ୍‌ଡାଉନ ଯୋଗୁ ବହୁ ଲୋକ ସମସ୍ୟାରେ ପଡ଼ିଛନ୍ତି। ବିଶେଷକରି ଗରିବ ଲୋକେ ବେଶି ହଇରାଣ ହେଉଛନ୍ତି। ସମଙ୍ଗରା ଗାଁର ଏଭଳି କିଛି ଗରିବ ପରିବାରକୁ ରବିବାର ଶତ୍ରୁଘନ ବଳିୟାରସିଂହଙ୍କ ନେତୃତ୍ୱରେ କେତେଜଣ ଯୁବ ସାମାଜିକ କର୍ମୀ ଚୁଡ଼ା, ଅଟା, ବିସ୍କୁଟ, ସୁଜି ଆଦି ବାଣ୍ଟୁଛନ୍ତି। ଏଥିସହ ସାମାଜିକ ଦୂରତା ବଜାୟ ରଖିବା ଓ ଜରୁରୀ କାମ ନ ଥିଲେ ବାହାରକୁ ନ ବାହାରିବା ଲାଗି ସଚେତନ ମଧ କରିଛନ୍ତି।

ଭୁବନେଶ୍ୱରରେ ଘଣ୍ଟାଏ ଚାଲିବ କୋର୍ଟ

ଭୁବନେଶ୍ୱର,୩।୫(ବ୍ୟୁରୋ)

କେନ୍ଦ୍ର ସରକାର ଦୁଇ ସପ୍ତାହ ଲକ୍‌ଡାଉନ୍ ଅବଧି ବୃଦ୍ଧି କରିଛନ୍ତି। ହେଲେ ଏହି ସମୟରେ କୋର୍ଟ କାର୍ଯ୍ୟ ବନ୍ଦ ରହୁଥିବାରୁ ଅନେକ ମାମଲା ଫଇସଲା ନ ହୋଇ ପଡିରହିଛି। ଯାହାକି ଦିନକୁ ଦିନ ମାମଲା ସଂଖ୍ୟା ବଢିବାରେ ଲାଗିଛି। ତେଣୁ ଏହାକୁ ଦୃଷ୍ଟିରେ ରଖି କୋର୍ଟ କାର୍ଯ୍ୟ ଚାଲିବା ପାଇଁ ହାଇକୋର୍ଟ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଗ୍ରୀନ୍ ଜୋନ୍‌ରେ ପୂର୍ବଭଳି କୋର୍ଟ କାର୍ଯ୍ୟ ସକାଳୁ ଆରମ୍ଭ ହୋଇ ଲଞ୍ଚବ୍ରେକ୍ ପର୍ଯ୍ୟନ୍ତ ଚାଲିବ। ଅରେଞ୍ଜ ଜୋନ୍‌ରେ ସକାଳ ୯ଟାରୁ ୧୧ଟା ପର୍ଯ୍ୟନ୍ତ ଚାଲିବ ଏବଂ ରେଡ ଜୋନ୍‌ରେ ୧ ଘଣ୍ଟା କୋର୍ଟ ଚାଲିବ। ଅରେଞ୍ଜ ଜୋନରେ ବହ୍ମପୁର, ଛତ୍ରପୁର, କୋରାପୁଟ, ପୁରୀ ଥିବାରୁ ସେଠାରେ ଦୁଇ ଘଣ୍ଟା କୋର୍ଟ କାର୍ଯ୍ୟ ହେବ। କିନ୍ତୁ କୌଣସି କାର୍ଯ୍ୟରୁ ଯଦି ସକାଳ ସମୟରେ ନ ହୁଏ, ତେବେ ଦିନ ୧୧ଟାରୁ ଅପରାହ୍ନ ୧ ଟାଏ ପର୍ଯ୍ୟନ୍ତ କାର୍ଯ୍ୟ ହେବ ବୋଲି ହାଇକୋର୍ଟ ନିର୍ଦ୍ଦେଶନାମା ଜାରି କରିଛନ୍ତି। ହେଲେ ଭୁବନେଶ୍ୱର ରେଡ ଜୋନରେ ଥିବାରୁ ପୂର୍ବାହ୍ନ ୧୧ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ କୋର୍ଟ କାର୍ଯ୍ୟ ଚାଲିବ ବୋଲି ନିର୍ଦ୍ଦେଶ ରହିଛି। ଅନ୍ୟପଟେ ଓକିଲଙ୍କ ସୁରକ୍ଷାକୁ ଦେଖି ଭୁବନେଶ୍ୱର ବାର ଆସୋସିଏଶନ୍ ଅତ୍ୟନ୍ତ ଗୁରୁତପୂର୍ଣ୍ଣ କାର୍ଯ୍ୟ ନ ଥିଲେ କୋର୍ଟ ଆସିବାକୁ ଓକିଲଙ୍କୁ ମନା କରିଛି। ଏପରିକି ଆସୋସିଏଶନ୍ ହଲ୍‌କୁ ସାନିଟାଇଜ୍ କରାଯାଇ ବନ୍ଦ କରାଯାଇଛି।

ନିମାପଡ଼ାରେ ପହଞ୍ଚିଲେ ୧୯ ପ୍ରବାସୀ ଓଡ଼ିଆ

ନିମାପଡ଼ା,୩।୫(ଡି.ଏନ୍.ଏ.)

ସୁରଟ ଓ କେରଳରୁ ଫେରିଲେ ପ୍ରବାସୀ ଓଡ଼ିଆ। ନିମାପଡ଼ା ବ୍ଲକ ଅଞ୍ଚଳର ପ୍ରାୟ ୧୯ଜଣ ଗ୍ରାମରେ ରବିବାର ପହଞ୍ଚିଛନ୍ତି। ଏମାନଙ୍କ ମଧ୍ୟରେ ସୁରଟରୁ ଜଣେ ମହିଳା ଓ ଶିଶୁଙ୍କ ସମେତ ୮ଜଣ ଫେରିଥିବା ବେଳେ କେରଳରୁ ୧୧ଜଣ ଫେରିଛନ୍ତି। ଏମାନଙ୍କୁ ସିଧାସଳଖ ବିଭିନ୍ନ ପଞ୍ଚାୟତରେ ହୋଇଥିବା ସରକାରୀ କ୍ୱାରାଣ୍ଟାଇନ ସେଣ୍ଟରରେ ୧୪ଦିନ ପାଇଁ ରଖାଯାଇଥିବା ବିଡିଓ ମନୋଜ କୁମାର ବେହେରା କହିଛନ୍ତି। କ୍ୱାରାଣ୍ଟାଇନ ସେଣ୍ଟରରେ ଏମାନେ ଭଲରେ ରହିବା ପାଇଁ ସମସ୍ତ ବନ୍ଦୋବସ୍ତ କରାଯାଇଛି। ଅନ୍ୟପକ୍ଷରେ ରାତିରେ କ୍ୱାରାଣ୍ଟାଇନ ସେଣ୍ଟରରେ ସିକ୍ୟୁରିଟି ବ୍ୟବସ୍ଥା ନ ଥିବା ଚିନ୍ତାଜନକ ବିଷୟ ବୋଲି ବିଭିନ୍ନ ମହଲରେ ଆଲୋଚନା ହେଉଛି। ଆସନ୍ତା ଏକ ସପ୍ତାହ ମଧ୍ୟରେ ରାଜ୍ୟ ବାହାରୁ ବହୁ ସଂଖ୍ୟାରେ ପ୍ରବାସୀ ଓଡ଼ିଆ ନିମାପଡ଼ା ଅଞ୍ଚଳକୁ ଫେରିବା ଆଶଙ୍କା ଥିବାରୁ ପ୍ରଶାସନର ମୁଣ୍ଡବ୍ୟଥାର କାରଣ ପାଲଟିଛି।

ବେଉସା ଫେରିବା ଚିନ୍ତାରେ କୁମ୍ଭକାର

ସାକ୍ଷୀଗୋପାଳ,୩।୫(ଡି.ଏନ.ଏ.)



ମହାମାରୀ କରୋନା ପଞ୍ଝାରୁ ବାଦ ପଡ଼ିନାହାନ୍ତି ସତ୍ୟବାଦୀ ଅଞ୍ଚଳର ଶତାଧିକ କୁମ୍ଭକାର ପରିବାର। ଲକଡାଉନ ଯୋଗୁ ବ୍ୟବସାୟ ବନ୍ଦ ଥିବାରୁ କୁମ୍ଭକାରମାନେ ଦୁର୍ଦ୍ଦିନରେ ଗତି କରୁଛନ୍ତି। ଏହି ଅବସ୍ଥା ପରେର ବେଉସା ଫେରିବା ନେଇ ଚିନ୍ତାଗ୍ରାସ କରୁଛି। ସରକାର କେବଳ ଗରିବଙ୍କ ପ୍ରତି ନଜର ଦେଉଥିବାରୁ ମଧ୍ୟବିତ୍ତ ପରିବାରର ଏହି କୁମ୍ଭକାରଙ୍କୁ କୌଣସି ସହାୟତା ମିଳିପାରୁ ନାହିଁ। ଅନ୍ୟପଟେ ଘରେ ରହିଥିଲେ ବି ସେମାନେ ହାତକୁ ବିରାମ ଦେଇନାହାନ୍ତି। ପ୍ରତିଦିନ କୌଳିକ ବୃତ୍ତିରେ ଲାଗି ହାଣ୍ଡି, ମାଠିଆ, ଆଟିକା, ସରା, ପଲମ, ଘଡି, ଓଳି, ଦୀପ, ବାଇହାଣ୍ଡି ଆଦି ନାନା ମାଟିପାତ୍ର ତିଆରି କରିବାଠାରୁ ଶାଳରେ ପୋଡ଼ କରୁଛନ୍ତି। ଲକଡାଉନ ଉଠିବା ପରେ କୁଳ ବେଉସା ଫେରିବା ନେଇ ନାନା ଆଶଙ୍କା ପ୍ରକାଶ ପାଇଛି। ସମସ୍ତ ଶୁଭକାର୍ଯ୍ୟ ବନ୍ଦ ଥିବାବେଳେ ମନ୍ଦିରରେ ଦୀପଟିଏ ମଧ ଜଳାଇବା ସମ୍ଭବ ହେଉ ନାହିଁ। ଶ୍ରୀ ମହାପ୍ରସାଦ ପାଇଁ ବାଇହାଣ୍ଡି, ଓଳି, ସରା, ପଲମ, ତାଡ ଆଦି ବଡ଼ଦେଉଳକୁ ଯୋଗାଇବା ସହ ବିଭିନ୍ନ ପୂଜା ସାମଗ୍ରୀ ଦୋକାନକୁ ଯୋଗଇ ଦିଆଯାଉଥିବା ମାଟି ପାତ୍ର ଓ ଦିପାଳି ଯୋଗାଣ ବନ୍ଦ ହୋଇଯାଇଛି। ଫଳରେ ସତ୍ୟବାଦୀ ବ୍ଲକର ମହାବଳପଡା ଗ୍ରାମରେ ୧୩ଟି ପରିବାର, ଦୁଗଲରେ ୧୦, ପୋଡଙ୍ଗ ସାହିରେ ୬ଟି, ଶ୍ରୀରାମଚନ୍ଦ୍ରପୁର ମୁଦୁଲିସାହି ଓ ନରକୋଳି ଗୋରଡାରେ ୮, ଶୁକଳରେ ୧୪, ବୁଧେଇରେ ୮, ବଡବସନ୍ତରେ ୪, ପାରକେଣାରେ ୮, ରାୟଚକ୍ରଧରପୁର, ବଡବସନ୍ତ ଓ କେତକୀପାଟଣାରେ ୪ଟି ଲେଖାଏ ପରିବାର ସହିତ ଆନନ୍ଦପୁର ଗ୍ରାମରେ ୧୫ ଟି କୁମ୍ଭକାର ପରିବାର ଏବେ ବେଉସା ହରାଇ ଦୁର୍ଦ୍ଦିନରେ କାଳ କାଟୁଛନ୍ତି। ଇତିମଧ୍ୟରେ ଫନୀ ବାତ୍ୟାକୁ ଏକବର୍ଷ ପୂରିଥିବାବେଳେ ଏଯାବତ କୌଣସି ପରିବାରଙ୍କୁ ସହାୟତା ମିଳି ନ ଥିବା ଅନେକେ କହିଛନ୍ତି।

କଣ୍ଟେନ୍‌ମେଣ୍ଟ ଜୋନ୍ ହେଲା ବରୀର ୬ ଗାଁ

ଯାଜପୁର ଅଫିସ/ ବରୀ(ସ୍ୱ.ପ୍ର.)/ ରତ୍ନଗିରି, (ଡି.ଏନ୍.ଏ.) ୩।୫

ଯାଜପୁର ଜିଲାରେ ଶନିବାର ଗୋଟିଏ ଦିନରେ ୮ କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ୧୧ ଗ୍ରାମକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଥିଲା। ରବିବାର ବରୀ ବ୍ଲକର ବାଇଁସିରିଆ, ଅଟିରା ଓ ଉଦୟନାଥପୁର ପଞ୍ଚାୟତର ୬ ଗ୍ରାମକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ଏହିସବୁ ଅଞ୍ଚଳର ସମସ୍ତ ଦୋକାନବଜାର ବନ୍ଦ ରହିବ। ଜିଲା ପ୍ରଶାସନ ପକ୍ଷରୁ ଗଠିତ ବିଭିନ୍ନ ଟିମ୍ ମାଧ୍ୟମରେ ଅତ୍ୟାବଶ୍ୟକ ସାମଗ୍ରୀ ଏବଂ ଔଷଧ ଯୋଗାଇ ଦେବାର ବ୍ୟବସ୍ଥା କରାଯିବ ବୋଲି ଜିଲାପାଳ ରଞ୍ଜନ କୁମାର ଦାସ ତାଙ୍କ ନିର୍ଦ୍ଦେଶ ସଂଖ୍ୟା ୫୨୮(୧)/୨।୫।୨୦୨୦ରେ ଦର୍ଶାଇଛନ୍ତି। ଏହାକୁ ମିଶାଇ ଜିଲାର ୧୫ ପଞ୍ଚାୟତର ୪୧ ଗ୍ରାମ ଏବେ କଣ୍ଟେନ୍‌ମେଣ୍ଟ ଜୋନ୍‌ରେ ରହିଛି।

ଯାଜପୁର ଜିଲା ଏବେ ରାଜ୍ୟରେ ସର୍ବାଧିକ କରୋନା ସଂକ୍ରମଣ ଅଞ୍ଚଳ ଭାବେ ପରିଚିତ। ଏହାସହ ଜିଲାର ଦଶରଥପୁର ବ୍ଲକ କଟିକଟା ଗ୍ରାମ ପଞ୍ଚାୟତକୁ ହଟ୍‌ସ୍ପଟ ଭାବେ ରାଜ୍ୟ ସରକାର ଘୋଷଣା କରିଛନ୍ତି। ଦିନକୁ ଦିନ ଜିଲାରେ କରୋନା ସଂକ୍ରମିତ ସଂଖ୍ୟା ବୃଦ୍ଧି ପାଉଥିବାରୁ ଜିଲାବାସୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ଏପରିକି ଜିଲା କିମ୍ବା ରାଜ୍ୟ ବାହାରେ ଥିବା ଯାଜପୁରବାସୀଙ୍କ ଆତ୍ମୀୟ ପରିଜନ ଚିନ୍ତାରେ ପଡ଼ିଛନ୍ତି। ଜିଲା ପ୍ରଶାସନ କିଭଳି ଭାବେ କରୋନା ସଂକ୍ରମଣକୁ ପ୍ରତିହତ କରିପାରିବ ସେ ନେଇ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛି। ତେବେ କ୍ୱାରାଣ୍ଟାଇନ ସେଣ୍ଟର ଖୋଲିବାରେ ବିଳମ୍ବ ଓ ଏହାକୁ ଉପଯୁକ୍ତ ଭାବେ କାର୍ଯ୍ୟକାରୀ କରିବାରେ ଅବହେଳା ଯୋଗୁ କରୋନା ସଂକ୍ରମିତଙ୍କ ସଂଖ୍ୟା ଦିନକୁଦିନ ବୃଦ୍ଧି ପାଇବାରେ ଲାଗିଛି। ଜିଲାର ଏକାଧିକ କ୍ୱାରାଣ୍ଟାଇନ ସେଣ୍ଟରରେ ବିଭିନ୍ନ ଅବ୍ୟବସ୍ଥା ଲାଗି ରହିଥିବା ଅଭିଯୋଗ ହେଉଛି। ତେଣୁ କ୍ୱାରାଣ୍ଟାଇନରେ ରହୁଥିବା ବ୍ୟକ୍ତି ଉପଯୁକ୍ତ ସେବା ନ ପାଇ ବାଧ ହୋଇ ବାହାରକୁ ଯାଉଥିବା ମଧ୍ୟ କୁହାଯାଉଛି। ଏଭଳି ସ୍ଥିତିରେ ଜିଲା ପ୍ରଶାସନକୁ ଉଭୟ କ୍ୱାରାଣ୍ଟାଇନ କେନ୍ଦ୍ର ଓ ପ୍ରବାସୀ ଲୋକଙ୍କ ସ୍ୱାସ୍ଥ୍ୟ ପ୍ରତି ଅଧିକ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ ପାଉଛି। ବିଭିନ୍ନ ସାମାଜିକ ସଂଗଠନ, ରାଜନୈତିକ ଦଳ, ବୁଦ୍ଧିଜୀବୀଙ୍କ ପକ୍ଷରୁ ଏଭଳି ଦାବି ହେଉଛି। ତେବେ ସଂକ୍ରମିତଙ୍କ ଅଞ୍ଚଳକୁ ଜିଲା ପ୍ରଶାସନ ପକ୍ଷରୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଏହିକ୍ରମରେ ରବିବାର ବରୀ ବ୍ଲକ ବାଇଁସିରିଆ ପଞ୍ଚାୟତର ବାଇଁସିରିଆ(ବାଲିଆପାଲ), ସାରଙ୍ଗପୁର ଓ ମହମ୍ମଦପୁର, ଅଟିରା ପଞ୍ଚାୟତର ଅଟିରା(ଆଂଶିକ) ଓ ଓଉପଦା ଏବଂ ଉଦୟନାଥପୁର ପଞ୍ଚାୟତର ଉଦୟନାଥପୁର ଗ୍ରାମର ମୋଟ ୧୭୬୯ ଘରର ୮୫୭୬ ଲୋକଙ୍କୁ କଣ୍ଟେନ୍‌ମେଣ୍ଟରେ ରଖାଯାଇଛି। ଏହି ଗ୍ରାମ ଭିତରକୁ କିମ୍ବା ବାହାରକୁ କୌଣସି ବ୍ୟକ୍ତି ଯାଇ ପାରିବେ ନାହିଁ ବୋଲି କଡ଼ା ନିର୍ଦ୍ଦେଶ ହୋଇଛି। କଣ୍ଟେନ୍‌ମେଣ୍ଟ ଜୋନ୍ ଅଞ୍ଚଳରେ ବରୀ ତହସିଲଦାର ସରୋଜକାନ୍ତ ନାୟକ, ଏବିଡିଓ ଶାଶ୍ୱତ କୁମାର ଜେନା ଓ ମେଡିକାଲ ଅଫିସର କୌଶିକ ପାତ୍ରଙ୍କୁ ବିଶୋଧନ, ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ଓ ସ୍ୱାସ୍ଥ୍ୟ ସମ୍ପର୍କରେ ଦାୟିତ୍ୱ ଦିଆଯାଇଛି।

କଳାମାଟିଆ ପଞ୍ଚାୟତ ସୀମାରେ ପୋଲିସର ପହରା।

କୋଟାରୁ ଫେରିଲେ ୫୪ ଛାତ୍ରୀଛାତ୍ର

କୋଟାରୁ ଛାତ୍ରୀଛାତ୍ରଙ୍କୁ ନେଇ ଆସିଥିବା ବସ୍।

ବାଲେଶ୍ୱର ଅଫିସ,୩।୫

କରୋନା ଲାଗି ସମଗ୍ର ଦେଶରେ ଲକ୍‌ଡାଉନ ଅବଧି ବୃଦ୍ଧି କରାଯାଇଛି। ଏହି ସମୟରେ ବାହାରେ ରହିଯାଇଥିବା ଶ୍ରମିକ, ଛାତ୍ରୀଛାତ୍ର ଓ ତୀର୍ଥଯାତ୍ରୀମାନଙ୍କୁ ନିଜ ନିଜ ରାଜ୍ୟକୁ ଫେରିବାକୁ କେନ୍ଦ୍ରସରକାର ଅନୁମତି ପ୍ରଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ରାଜସ୍ଥାନ କୋଟା ସହରରେ ରହୁଥିବା ୫୪ ଛାତ୍ରୀଛାତ୍ର ଦୁଇଟି ବସ୍ ଯୋଗେ ରବିବାର ସନ୍ଧ୍ୟାରେ ବାଲେଶ୍ୱରରେ ପହଞ୍ଚିଛନ୍ତି। ସଂସ୍କୃତି, ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଓ ଏସ୍‌ପି ବି. ଯୁଗଳକିଶୋର କୁମାର ପହଞ୍ଚି ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ସମସ୍ତ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ୧୪ ଦିନ ହୋମ୍ କ୍ୱାରେଣ୍ଟାଇନ୍‌ରେ ରହିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶକ୍ରମେ ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଠାକୁର ରଞ୍ଜିତ ଦାସଙ୍କ ସଂଯୋଜନାରେ ଭାଜପା ଯୁବମୋର୍ଚ୍ଚାର କାର୍ଯ୍ୟକର୍ତ୍ତା ଉକ୍ତ ଛାତ୍ରୀଛାତ୍ରଙ୍କୁ ରାସ୍ତାରେ ଭୋଜନ, ବିଶ୍ରାମ ସହିତ ଆନୁଷଙ୍ଗିକ ବ୍ୟବସ୍ଥା ଉପଲବ୍ଧ କରାଇଥିଲେ। ରୋଜା ପାଳନ କରୁଥିବା ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ପିଲାମାନେ ଫେରିବା ନେଇ ଅଭିଭାବକମାନଙ୍କର ଯେଉଁ ଆଶଙ୍କା ରହିଥିଲା ତାହାର ଅନ୍ତ ଘଟିଛି। ଏହାକୁ ଅଭିଭାବକଙ୍କ ପକ୍ଷରୁ ସ୍ୱାଗତ କରାଯାଇଛି।

ସଂକ୍ଷେପରେ

ବଚସାରୁ ଭୁଜାଲି ମାଡ଼

ବାରିପଦା ଅଫିସ, ୩।୫: ମୟୂରଭଞ୍ଜ ଜିଲା ବାରିପଦା ହାଟରେ ରବିବାର ସାମାନ୍ୟ ବଚସାରୁ ଭୁଜାଲି ମାଡ଼ରେ ଜଣେ ବ୍ୟକ୍ତି ଗୁରତର ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ପିଆରଏମ୍ ମେଡ଼ିକାଲ୍‌ରେ ଭର୍ତ୍ତି କରାଯାଇଛି। ଆହତ ବ୍ୟକ୍ତି ଜଣକ ହେଲେ ସହରର ୨୦ ନଂ. ୱାର୍ଡ ବାସିନ୍ଦା ଟେଷ୍ଟ ମୁଖି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ଅପରାହ୍ନ ୨ଟା ସମୟରେ ସ୍ତ୍ରୀ ଭାରତୀଙ୍କ ସହିତ ଟେଷ୍ଟ ବାରିପଦା ହାଟକୁ ସଉଦା କିଣିବାକୁ ଯାଇଥିଲେ। ସେଠାରେ କୌଣସି କାରଣରୁ ଜଣେ ଯୁବକଙ୍କ ତାଙ୍କର ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ସମ୍ପୃକ୍ତ ଯୁବକ ଜଣଙ୍କ ଏକ ଭୁଜାଲିରେ ଟେଷ୍ଟଙ୍କୁ ଆକ୍ରମଣ କରିଥିଲେ। ଫଳରେ ଟେଷ୍ଟ ଗୁରୁତର ଆହତ ହୋଇ ସେଠାରେ ପଡ଼ି ଯାଇଥିଲେ। ହାଟରେ ଉପସ୍ଥିତ ଥିବା ଲୋକେ ଏ ନେଇ ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଟେଷ୍ଟଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ପିଆରଏମ୍ ମେଡ଼ିକାଲ୍‌ରେ ଭର୍ତ୍ତି କରାଇଥିଲା।

ବିଷାକ୍ତ ଛତୁ ଖାଇ ୧୦ ଅସୁସ୍ଥ

ଠାକୁରମୁଣ୍ଡା,୩।୫(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ ଅଧୀନ ଚମକପୁର ଗ୍ରାମରେ ରବିବାର ବିଷାକ୍ତ ଜଙ୍ଗଲି ଛତୁ ଖାଇ ଗୋଟିଏ ପରିବାରର ୧୦ ଜଣ ଅସୁସ୍ଥ ହୋଇ ପଡିଛନ୍ତି। ସେମାନଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଛି। ଅସୁସ୍ଥଙ୍କ ମଧ୍ୟରୁ ଜଣେ ଶିଶୁ ଓ ଜଣେ ବାଳିକାଙ୍କ ଅବସ୍ଥା ଗୁରୁତର ହେବାରୁ ଉଭୟଙ୍କୁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ଗ୍ରାମର ଆଶ୍ରମ ନାୟକଙ୍କ ପରିବାର ଲୋକେ ସକାଳେ ନିକଟସ୍ଥ ଜଙ୍ଗଲରୁ ଛତୁ ଆଣି ରୋଷେଇ କରି ଖାଇଥିଲେ। ପରେ ସେମାନେ ଜଣକ ପରେ ଜଣେ ବାନ୍ତି କରିବା ସହ ଅସୁସ୍ଥ ହୋଇ ପଡ଼ିଥିଲେ। ଅପରାହ୍ନ ୪ଟା ସମୟରେ ୧୦ ଜଣ ଅସୁସ୍ଥଙ୍କୁ ଗ୍ରାମର ଆଶା କର୍ମୀ ରିନୁ ସେଠୀଙ୍କ ସହାୟତାରେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିଲା। ଅସୁସ୍ଥମାନେ ହେଲେ ଆଶ୍ରମ ନାୟକ, ପୁଷ୍ପଲତା ନାୟକ, ତୁଳସୀ ନାୟକ, ରଜବତୀ ନାୟକ, ସୁକାନ୍ତି ନାୟକ, ଆଶିଷ ନାୟକ, ରୂପାଲି ନାୟକ, ଦେବାଶିଷ ନାୟକ, ଦୀପାଲି ନାୟକ ଓ ଦେବଯାନୀ ନାୟକ। ଗୁରୁତର ଅସୁସ୍ଥ ଦେବଯାନୀ ଓ ଦୀପାଲିଙ୍କୁ କରଞ୍ଜିଆ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି।

ଗାଡି ଧକ୍କାରେ ବାଇକ୍ ଆରୋହୀ ମୃତ

ମାର୍ଶାଘାଇ,୩।୫(ଡି.ଏନ୍.ଏ.): କେନ୍ଦ୍ରାପଡା ଜିଲା ମାର୍ଶାଘାଇ ଥାନା ଅନ୍ତର୍ଗତ ୫ ନମ୍ବର(କ) ଜାତୀୟ ରାଜପଥ ଯଦୁପୁର ଛକ ନିକଟରେ ଏକ ଅଜଣା ଗାଡି ଧକ୍କାରେ ରବିବାର ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମାର୍ଶାଘାଇ ବ୍ଲକ ବଛରାଇ ଗ୍ରାମର ଗଜେନ୍ଦ୍ର ପ୍ରଧାନଙ୍କ ପୁଅ ପ୍ରକାଶ ପ୍ରଧାନ(୩୫)। ସେ ଜଗତସିଂହପୁର ଜିଲାର ପାରାଦୀପ ଶିଳ୍ପାଞ୍ଚଳରେ ରହୁଥିଲେ। ରବିବାର ଏକ ବାଇକ୍‌ରେ ସେ ବଛରାଇ ଗ୍ରାମକୁ ଯାଉଥିବା ବେଳେ ଯଦୁପୁର ଛକ ନିକଟରେ ଏକ ଗାଡି ଧକ୍କା ଦେଇ ଚାଲିଯାଇଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ଖବରପାଇ ମାର୍ଶାଘାଇ ଅଗ୍ନିସେବା ସଂସ୍ଥା କର୍ମଚାରୀ ଘଟଣାସ୍ଥଳରୁ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମାର୍ଶାଘାଇ ଥାନାରେ ଏକ ମାମଲା (ନଂ. ୧୧୩/୨୦) ରୁଜୁ କରାଯାଇଛି।

ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ

ଖୋର୍ଦ୍ଧା ଅଫିସ/ବାଣପୁର(ଡି.ଏନ.ଏ),୩।୫: ବାଣପୁର ବ୍ଲକର ତୋରସିଂ ପଞ୍ଚାୟତସ୍ତରୀୟ ମହିଳା ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧୫ହଜାର ଏବଂ ପ୍ରଧାନମନ୍ତ୍ରୀ କର୍ପସ ଫଣ୍ଡକୁ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ବିଡିଓ ଶିବାନନ୍ଦ ସ୍ୱାଇଁଙ୍କୁ ଏହି ଅର୍ଥରାଶିର ଚେକ୍ ଦିଆଯାଇଛି। ଏହି ଅବସରରେ ସଂଘ ସଭାନେତ୍ରୀ ସ୍ନେହଲତା ପ୍ରଧାନ ଓ ସମ୍ପାଦିକା ଗୀତାରାଣୀ ପ୍ରଧାନଙ୍କ ସମେତ ସଦସ୍ୟାମାନେ ୨ ହଜାର ମାସ୍କ ବାଣ୍ଟିବା ସହ କରୋନା ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ।

ଚୌଦ୍ୱାର ଫେରିବାକୁ ୩୭୪ ପ୍ରବାସୀଙ୍କ ପଞ୍ଜୀକରଣ

ଚୌଦ୍ୱାର,୩।୫ (ଡି.ଏନ୍.ଏ.)

ରାଜ୍ୟ ବହାରେ ରହୁଥିବା ଚୌଦ୍ୱାର ଅଞ୍ଚଳର ୩୭୪ ପ୍ରବାସୀ ଓଡ଼ିଆ ଚୌଦ୍ୱାର ଫେରିବା ପାଇଁ ପୌରପାଳିକାରେ ନିଜ ନାମ ପଞ୍ଜୀକୃତ କରିଛନ୍ତି। ଚୌଦ୍ୱାର ପୌର ନିର୍ବାହୀ ଅଧିକାରୀ ପବିତ୍ର କୁମାର ବେହେରାଙ୍କ ସୂଚନା ଅନୁଯାୟୀ, ପ୍ରଥମ ପର୍ଯ୍ୟାୟ ପଞ୍ଜୀକରଣ ଶେଷ ଦିନରେ ୧୧ଜଣ ଅନଲାଇନ୍‌ରେ ପଞ୍ଜୀକରଣ କରିଛନ୍ତି। ବେଙ୍ଗାଲୁରୁ, ହାଇଦ୍ରାବାଦ, କୋଲକାତାରେ ରହୁଥିବାରୁ ଚୌଦ୍ୱାର ଫେରିବା ପରେ ଏମାନଙ୍କୁ ବିଭିନ୍ନ କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ରଖିବା ପାଇଁ ପୌରପାଳିକା ପକ୍ଷରୁ ଆବଶ୍ୟକ ବ୍ୟବସ୍ଥା କରାଯାଇଥିବା ନିର୍ବାହୀ ଅଧିକାରୀ ବେହେରା କହିଛନ୍ତି। ମହିଳାମାନଙ୍କ ପାଇଁ ଗାନ୍ଧୀ ଛକସ୍ଥିତ କଲ୍ୟାଣମଣ୍ଡପକୁ ପ୍ରସ୍ତୁତ କରାଯାଇଥିବାବେଳେ ପଶ୍ଚିମବଙ୍ଗ ଫେରନ୍ତାଙ୍କ ପାଇଁ ପୌର ଟାଉନ୍ ହଲ୍‌ରେ ବ୍ୟବସ୍ଥା କରାଯାଇଛି। ଅନ୍ୟମାନଙ୍କ ପାଇଁ ଚୌଦ୍ୱାର ମହାବିଦ୍ୟାଳୟର ମହିଳା ହଷ୍ଟେଲକୁ ପ୍ରସ୍ତୁତ କରାଯାଇଛି।

ଜଗନ୍ନାଥପୁର ଷ୍ଟେଶନକୁ ସୁରଟରୁ ୩ ଟ୍ରେନ୍ ଆସିବ ଆଜି

ଛତ୍ରପୁର,୩।୫(ଡି.ଏନ୍.ଏ.)

କେରଳ ଓ ଗୁଜୁରାଟର ସୁରଟରୁ ସ୍ୱତନ୍ତ୍ର ଟ୍ରେନ ଯୋଗେ ପ୍ରବାସୀ ଓଡ଼ିଆମାନେ ଓଡ଼ିଶାକୁ ଫେରୁଛନ୍ତି। ରବିବାର ୨ଟି ଟ୍ରେନ ଗଞ୍ଜାମ ଜିଲା ଜଗନ୍ନାଥପୁର ଷ୍ଟେଶନକୁ ଆସିଛି। ଗୁଜରାଟରୁ ଆସୁଥିବା ଆଉ ୩ଟି ଟ୍ରେନ ସୋମବାର ଏଠାରେ ପହଞ୍ଚିବ। ସୁରଟରୁ ବାହାରିଥିବା ଗୋଟିଏ ଟ୍ରେନ ପୂର୍ବାହ୍ନ ୧୦ଟା, ସାଲିରୋଡ ଷ୍ଟେଶନରୁ ଆସିଥିବା ଟ୍ରେନଟି ଅପରାହ୍ନ ୧ଟା ୦୫ ମିନିଟ ଏବଂ ଅନ୍ୟଟି ଅପରାହ୍ନ ୪ଟା ୫ମିନିଟରେ ଜଗନ୍ନାଥପୁର ଷ୍ଟେଶନରେ ପହଞ୍ଚିବ ବୋଲି ସୂଚନା ମିଳିଛି।

ଅନ୍ୟପକ୍ଷରେ କେରଳରୁ ଆସିଥିବା ଟ୍ରେନ୍ ରବିବାର ସକାଳ ୫ଟା ୧୭ରେ ଜଗନ୍ନାଥପୁର ଷ୍ଟେଶନରେ ପହଞ୍ଚିଥିଲା।

ବସ୍‌ରେ ବିଭିନ୍ନ ଜିଲାକୁ ଗଲେ ପ୍ରବାସୀ

ଏଠାରେ ଦକ୍ଷିଣ ଓଡ଼ିଶାର ୫୫୨ ପ୍ରବାସୀ ଓଡ଼ିଆ ଓହ୍ଲାଇବା ପରେ ଟ୍ରେନ୍‌ଟି ୭ଟା।୧୦ରେ ଖୋର୍ଦ୍ଧା ଜଙ୍କସନ ଅଭିମୁଖେ ଯାଇଥିଲା। ଜଗନ୍ନାଥପୁର ଷ୍ଟେଶନରେ ଗଞ୍ଜାମର ୧୨୨ଜଣ, କନ୍ଧମାଳର ୩୮୯ ଜଣ, ବୌଦ୍ଧର ୬, ରାୟଗଡ଼ାର ୨୭, କଳାହାଣ୍ଡିର ୩ ଓ ନବରଙ୍ଗପୁର ଜିଲାର ୫ ଜଣ ଓହ୍ଲାଇଥିଲେ। ସମସ୍ତଙ୍କ ଥର୍ମାଲ୍ ସ୍କ୍ରିନିଂ ପରେ ବସ୍ ଯୋଗେ ନିଜ ନିଜ ଜିଲାକୁ ପଠାଇ ଦିଆଯାଇଥିଲା। ଗଞ୍ଜାମ ଲୋକଙ୍କୁ ପୁରୁଷୋତ୍ତମପୁର କ୍ୱାରାଣ୍ଟାଇନ ସେଣ୍ଟରକୁ ପଠାଯାଇଥିଲା। ସେମାନଙ୍କ ମଧ୍ୟରୁ ଅସୁସ୍ଥ ୩ ଜଣଙ୍କୁ ବ୍ରହ୍ମପୁର ସିଟି ହସ୍ପିଟାଲକୁ ନିଆଯାଇ ପରୀକ୍ଷା ପାଇଁ ସ୍ୱାବ ସଂଗ୍ରହ କରାଯାଇଛି। ଜଗନ୍ନାଥପୁର ଷ୍ଟେଶନରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଏସ୍‌ପି ବ୍ରିଜେଶ କୁମାର ରାୟ, ବିଏମସି କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସୁରଟରୁ ଆସି ରବିବାର ସନ୍ଧ୍ୟାରେ ଜଗନ୍ନାଥପୁର ଷ୍ଟେଶନରେ ପହଞ୍ଚିଥିବା ଅନ୍ୟ ଏକ ଟ୍ରେନରେ କେବଳ ଗଞ୍ଜାମ ଜିଲାର ୧୨୦୨ ଜଣ ପ୍ରବାସୀ ଓଡ଼ିଆ ଫେରିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସମସ୍ତଙ୍କର ସ୍କ୍ରିନିଂ ପରେ ନିଜ ନିଜ ପଞ୍ଚାୟତରେ ଥିବା କ୍ୱାରାଣ୍ଟାଇନ ସେଣ୍ଟରକୁ ପଠାଯାଇଛି।

ଗାଁକୁ ଫେରିଲେ ୧୧୫୦ ପ୍ରବାସୀ ଓଡ଼ିଆ

ଜଟଣୀ, ୩।୫(ଡି.ଏନ୍.ଏ.)

- ଖୋର୍ଦ୍ଧାରୋଡ ଷ୍ଟେଶନରେ ପହଞ୍ଚିଲା ସ୍ୱତନ୍ତ୍ର ଟ୍ରେନ୍
- ହାତରେ ଅଲିଭା କାଳି ଲଗାଯାଇ ଛଡ଼ାଗଲା

କେରଳରୁ ୧୧୫୦ଜଣ ପ୍ରବାସୀ ଓଡ଼ିଆଙ୍କୁ ନେଇ ଏକ ସ୍ୱତନ୍ତ୍ର ଟ୍ରେନ୍ ରବିବାର ପୂର୍ବାହ୍ନ ୮ଟା ୫୦ ମିନିଟ୍‌ରେ ଖୋର୍ଦ୍ଧାରୋଡ଼ ରେଳଷ୍ଟେଶନରେ ପହଞ୍ଚିଛି। ଏହି ପ୍ରବାସୀଙ୍କ ମଧ୍ୟରୁ ୧୪ଟି ଜିଲାର ୫୮୫ ଜଣ ଏଠାରେ ଓହ୍ଲାଇବା ପରେ ନିଜ ଗ୍ରାମ ଅଭିମୁଖେ ଯାଇଥିଲେ। ଅନ୍ୟ ଜିଲାର ଲୋକେ ବ୍ରହ୍ମପୁର ନିକଟ ଜଗନ୍ନାଥପୁର ଷ୍ଟେଶନରେ ଓହ୍ଲାଇଥିଲେ। ଖୋର୍ଦ୍ଧାରୋଡ଼ ଷ୍ଟେଶନରେ ସମସ୍ତଙ୍କୁ ସ୍ୱାଗତ କରାଯାଇ ବିଭିନ୍ନ ପ୍ରକ୍ରିୟା ଦେଇ ବସ୍ ପର୍ଯ୍ୟନ୍ତ ଅଣାଯାଇଥିଲା। ପରେ ଥର୍ମାଲ ସ୍କ୍ରିନିଂ, ପଞ୍ଜୀକରଣ, ଡାହାଣ ହାତରେ ଅଲିଭା କାଳି (ଷ୍ଟାମ୍ପିଂ) ଲଗାଯିବା ଆଦି ବିଭିନ୍ନ ପ୍ରକ୍ରିୟା ସମ୍ପନ୍ନ କରାଯାଇଥିଲା। ଷ୍ଟେଶନ ବାହାରେ ନିର୍ମିତ ଅସ୍ଥାୟୀ ଟେଣ୍ଟରେ ବିଶ୍ରାମ ବ୍ୟବସ୍ଥା ସହ ସେମାନଙ୍କୁ ପାନୀୟଜଳ ଓ ଖାଦ୍ୟ ପୁଡ଼ିଆ ଦିଆଯାଇଥିଲା। ସାମାଜିକ ଦୂରତ୍ୱକୁ ଦୃଷ୍ଟିରେ ରଖି ଟ୍ରେନ୍‌ରୁ ଏକସଙ୍ଗେ ଓହ୍ଲାଇବାକୁ ବାରଣ କରାଯାଇଥିଲା। ୨ଟି ଲେଖାଏ ବଗିରୁ ପର୍ଯ୍ୟାୟ କ୍ରମେ ଓହ୍ଲାଯାଇ ବାହାରକୁ ଅଣାଯାଇଥିଲା। ଏଥିପାଇଁ ଷ୍ଟେଶନ ବାହାରେ କଣ୍ଟ୍ରୋଲ ରୁମ୍, ଅଭ୍ୟର୍ଥନା କେନ୍ଦ୍ର, ଫାଷ୍ଟଏଡ୍ କାଉଣ୍ଟର ସମେତ ୧୮ଟି କାଉଣ୍ଟର ଖୋଲାଯାଇଥିଲା। ନିଜ ଜିଲାରେ ଏମାନଙ୍କୁ ପହଞ୍ଚାଇବା ପାଇଁ ୨୮ଟି ବସ୍ ବ୍ୟବସ୍ଥା ହୋଇଥିଲା। ପ୍ରତି ବସ୍‌ରେ ୨୦ରୁ ୨୫ ଜଣ ଯାତ୍ରା କରିଥିଲେ। କେନ୍ଦ୍ରାପଡ଼ା ଜିଲାର ସର୍ବାଧିକ ୨୬୮ ଜଣ ଫେରିଥିଲେ। ଏହାଛଡ଼ା ଭଦ୍ରକ ୯୯, କେନ୍ଦୁଝର ୯୬, ଯାଜପୁର ୩୪, ଜଗତ୍‌ସିଂହପୁର ୭, ବାଲେଶ୍ୱର ୨୧, ପୁରୀ ୧୭, ମୟୂରଭଞ୍ଜ ୩, ଖୋର୍ଦ୍ଧା ୭, କଟକ ୧୮, ନୂଆପଡ଼ା ୪, ଢେଙ୍କାନାଳ ୧, ନୟାଗଡ଼ ୮, ଗଞ୍ଜାମ ଜିଲାରୁ ୨ଜଣ ଖୋର୍ଦ୍ଧାରୋଡ଼ ଷ୍ଟେଶନରେ ଟ୍ରେନରୁ ଓହ୍ଲାଇଥିଲେ। ତେବେ ଜଗନ୍ନାଥପୁର ଷ୍ଟେଶନରେ ଓହ୍ଲାଇବା ପରିବର୍ତ୍ତେ ଗଞ୍ଜାମ ଜିଲାର ୨ଜଣ ଖୋର୍ଦ୍ଧାରୋଡ ପର୍ଯ୍ୟନ୍ତ ଆସିଯାଇଥିଲେ। ଫଳରେ ଗୋଟିଏ ଜିଲା ବୃଦ୍ଧି ପାଇ ୧୪ରେ ପହଞ୍ଚିଥିଲା। ପ୍ରବାସୀ ଓଡ଼ିଆମାନେ ନିଜ ଜିଲାକୁ ଫେରିଯିବା ପରେ ପ୍ଲାଟଫର୍ମ, ଟ୍ରେନ୍, ଷ୍ଟେଶନ ବାହାର ଅଞ୍ଚଳ ଆଦି ବିଶୋଧନ କରାଯାଇଥିଲା। ମହିଳା ଓ ଶିଶୁ ବିଭାଗ ସଚିବ ଅନୁ ଗର୍ଗ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଅନିଲ କୁମାର ସାମଲ, ଖୋର୍ଦ୍ଧା ଜିଲାପାଳ ସୀତାଂଶୁ କୁମାର ରାଉତ, ଭୁବନେଶ୍ୱର ଅତିରିକ୍ତ ଜିଲାପାଳ ପ୍ରଫୁଲ୍ଲ କୁମାର ସ୍ୱାଇଁ, ଖୋର୍ଦ୍ଧାର ମନୋଜ କୁମାର ପାଢ଼ୀ, ଡିଆରଡ଼ିଏ ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ, ଭୁବନେଶ୍ୱର ସବ୍‌କଲେକ୍ଟର ଦେବବ୍ରତ ସାହୁ, ଜଟଣୀ ତହସିଲଦାର ପ୍ରିୟାଂଶୁ ଚାନ୍ଦ, ଅତିରିକ୍ତ ତହସିଲଦାର ଦିଲୀପ ଷଡ଼ଙ୍ଗୀ, ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ତପନ କୁମାର ମହାପାତ୍ର, ଖୋର୍ଦ୍ଧାରୋଡ଼ ରେଳ ଡିଭିଜନ ଡିଆର୍‌ଏମ୍ ଶଶିକାନ୍ତ ସିଂହ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟ ତଦାରଖ କରିଥିଲେ।

ଖୋର୍ଦ୍ଧାରୁ ଝାଡ଼ଖଣ୍ଡ ଯିବେ ୮୮ ଶ୍ରମିକ

ଖୋର୍ଦ୍ଧା ଅଫିସ,୩।୫

- ଜାମସେଦପୁରରୁ ଆସି ପହଞ୍ଚିଲା ୪ ବସ୍
- ପ୍ରଶାସନ ସହଯୋଗ କରୁ ନ ଥିବା ଅଭିଯୋଗ

କରୋନା ଲକ୍‌ଡାଉନ ଯୋଗୁ ଓଡ଼ିଶାର ଖୋର୍ଦ୍ଧା ଜିଲାରେ ଝାଡ଼ଖଣ୍ଡର ୮୮ ଶ୍ରମିକ ଫସିରହିଛନ୍ତି। ଏମାନଙ୍କୁ ନେବା ପାଇଁ ଝାଡ଼ଖଣ୍ଡ ସରକାରଙ୍କ ପକ୍ଷରୁ ଜାମସେଦପୁରରୁ ୪ଟି ବସ୍ ଆସି ରବିବାର ଏଠାରେ ପହଞ୍ଚିଛି। ଖୋର୍ଦ୍ଧା ଜିଲାପାଳଙ୍କ ଅଫିସ୍ ଆଗରେ ଏହି ବସ୍‌ଗୁଡ଼ିକ ରହିଛି। ପ୍ରତ୍ୟେକ ବସ୍ ଦାୟିତ୍ୱରେ ଜଣେ ଲେଖାଏ ପୋଲିସ ଅଧିକାରୀ ଓ ମାଜିଷ୍ଟ୍ରେଟ ରହିଛନ୍ତି।

ଖୋର୍ଦ୍ଧାରେ ଝାଡ଼ଖଣ୍ଡର ୮୮ ଶ୍ରମିକ ରହିଛନ୍ତି। ସେମାନଙ୍କ ମୋବାଇଲ ଫୋନ୍ ଟ୍ରାକ୍‌ରୁ ଏହି ସୂଚନା ସଂଗ୍ରହ କରାଯାଇଛି ବୋଲି ଜାମସେଦପୁରରୁ ଆସିଥିବା ଜଣେ ମାଜିଷ୍ଟ୍ରେଟ କହିଛନ୍ତି। ଏଠାରେ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ଶ୍ରମିକଙ୍କ ସ୍କ୍ରିନିଂ ଓ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। କୌଣସି ବ୍ୟକ୍ତିଙ୍କଠାରେ କରୋନା ଭୂତାଣୁ ସଂକ୍ରମଣ ଲକ୍ଷଣ ଦେଖାଗଲେ ତାଙ୍କୁ ପଠା ନ ଯାଇ କ୍ୱାରାଣ୍ଟାଇନରେ ରଖାଯିବ। ଅନ୍ୟପଟେ ଝାଡ଼ଖଣ୍ଡରୁ ଆସିଥିବା ମାଜିଷ୍ଟ୍ରେଟ୍‌ମାନଙ୍କ ସହିତ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ଯୋଗାଯୋଗ କରାଯାଇ ନ ଥିବା ଜଣେ ଅଧିକାରୀ ଗଣମାଧ୍ୟମ ଆଗରେ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ, ଜାମସେଦପୁର ପ୍ରଶାସନ ପକ୍ଷରୁ ଏ ନେଇ ଖୋର୍ଦ୍ଧା ଜିଲା ପ୍ରଶାସନ ସହ ଆଲୋଚନା କରାଯାଇଥିଲା। ଉଭୟ ପକ୍ଷର ସହମତି ପରେ ବସ୍‌ଗୁଡ଼ିକ ଏଠାକୁ ଆସିଛି। ମାତ୍ର ଖୋର୍ଦ୍ଧା ଜିଲା ପ୍ରଶାସନିକ ଅଧିକାରୀଙ୍କୁ ବାରମ୍ବାର ଯୋଗାଯୋଗ କରାଯିବା ସତ୍ତ୍ୱେ କେହି ସହଯୋଗ କରୁନାହାନ୍ତି। ତେବେ ଏ ନେଇ ଡିଭିଜନାଲ ଶ୍ରମ କମିଶନର ପ୍ରଦୀପ ମହାପାତ୍ର କହିଛନ୍ତି, କେରଳରୁ ସ୍ୱତନ୍ତ୍ର ଟ୍ରେନରେ ଆସୁଥିବା ପ୍ରବାସୀ ଓଡ଼ିଆଙ୍କ ବ୍ୟବସ୍ଥା ଲାଗି ମୁଁ ଦାୟିତ୍ୱରେ ରହିଛି। ଏଠାରେ କାର୍ଯ୍ୟ ସରିବା ପରେ ତୁରନ୍ତ ଝାଡ଼ଖଣ୍ଡ ଅଧିକାରୀଙ୍କ ସହ ଯୋଗାଯୋଗ କରି ଶ୍ରମିକମାନଙ୍କୁ ପଠାଇବା ବ୍ୟବସ୍ଥା କରିବି।

ଜମି ବିବାଦରୁ ଗୋଷ୍ଠୀ ସଂଘର୍ଷ, ୧୪ ଆହତ

କାଳିଆପାଣି, ୩।୫ (ଡି.ଏନ୍.ଏ.)

ସୁକିନ୍ଦା ଥାନା ଅଧୀନ ସୁକିନ୍ଦାଗଡ଼ କେନ୍ଦୁଡ଼ିପ ଗାଁରେ ଏକ ସରକାରୀ ଜମିକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ଉଭୟ ପକ୍ଷରୁ ୧୪ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୭ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ଗୁରୁତରମାନଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସେମେନେ ହେଲେ ସୁକିନ୍ଦାଗଡ ବିଶ୍ୱନାଥପୁର ସାହିର ସେଖ୍ ଫରାଜୁଦ୍ଦିନ, ସେଖ୍ ସଫିର, ସେଖ୍ ଆଜାହର, ସେଖ୍ ସେର, ସୁକିନ୍ଦାଗଡ଼ ମୁସଲମାନ ସାହିର ସେଖ୍ ୟାକୁବ, କେନ୍ଦୁଡ଼ିପ ଗ୍ରାମର ରହିନା ବିବି, ଅଲିମା ବିବି। ଅନ୍ୟମାନଙ୍କୁ ପ୍ରଥମେ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଆହତମାନେ ହେଲେ ସେଖ ସାହାଦତ, କାଲିମନ ବିବି, ରେଶମା ବିବି, ସେଖ ଆକବର, ସେଖ୍ ବାବର, ପରିନା ବିବି, ଅବଦୁଲ ରହିମ। ଉଭୟ ପକ୍ଷରୁ ସୁକିନ୍ଦା ଥାନାରେ ପୃଥକ୍ ଅଭିଯୋଗ ହୋଇଥିବା ସୁକିନ୍ଦା ଥାନା ପକ୍ଷରୁ କୁହାଯାଇଛି।

ପ୍ରକାଶ ଯେ, କେନ୍ଦୁଡ଼ିପର ସେଖ ସାହାଦତ ଏକ ସରକାରୀ ଜାଗା ଉପରେ ଘର କରୁଥିଲେ। ଏହାକୁ ସୁକିନ୍ଦା ମୁସଲମାନ ସାହିର ସେଖ ୟାକୁବଙ୍କ ପରିବାର ପକ୍ଷରୁ ବିରୋଧ କରାଯାଉଥିଲା। ଏ ନେଇ ସେଖ ୟାକୁବ ସୁକିନ୍ଦା ଥାନାରେ ଅଭିଯୋଗ କରିଥିଲେ। ପୋଲିସର ପରାମର୍ଶ କ୍ରମେ ସେଖ ୟାକୁବ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିବା ପରେ ସୁକିନ୍ଦା ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳକୁ ଯାଇ କାର୍ଯ୍ୟ ବନ୍ଦ କରିବାକୁ କହିଥିଲେ। ଏହାସତ୍ତ୍ୱେ ନିର୍ମାଣ କାର୍ଯ୍ୟ ଚାଲୁଥିବା ଖବରପାଇ ସେଖ ୟାକୁବ ଘଟଣାସ୍ଥଳକୁ ଯାଇଥିଲେ। ଏହି ସମୟରେ ସେଖ ସାହାଦତଙ୍କ ପରିବାର ଲୋକେ ତାଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ଖବରପାଇ ସେଖ ୟାକୁବଙ୍କ ପରିବାର ଲୋକେ ସେଠାରେ ପହଞ୍ଚିଥିଲେ। ଏହାପରେ ପରସ୍ପର ମଧ୍ୟରେ ସଂଘର୍ଷ ଘଟି ୧୪ ଜଣ ଆହତ ହୋଇଛନ୍ତି।

ହାଇସ୍କୁଲ କୋଠାରେ ହଜିଯାଇଛି ବାତ୍ୟା ଆଶ୍ରୟସ୍ଥଳ

ଯାଜପୁର ଅଫିସ,୩।୫

ଯାଜପୁର ଜିଲାରେ କରୋନା ଭୂତାଣୁ ସଂକ୍ରମଣ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଏଭଳିସ୍ଥଳେ ରାଜ୍ୟ ବାହାରେ ରହୁଥିବା ଓଡ଼ିଆମାନେ ଜିଲାକୁ ଫେରିବା ପ୍ରକ୍ରିୟା ଆରମ୍ଭ ହୋଇଛି। ସେମାନେ ପ୍ରଥମେ କ୍ୱାରାଣ୍ଟାଇନ ସେଣ୍ଟରରେ ଅନ୍ୟୂନ ୧୪ ଦିନ ରହିବେ। ସ୍ୱାବ୍ ଟେଷ୍ଟ ୨ ଥର ନେଗେଟିଭ୍ ରହିଲେ ସେମାନେ ଘରକୁ ଯାଇପାରିବେ। ତେଣୁ ଜିଲା ପ୍ରଶାସନ ପକ୍ଷରୁ ଅଧିକ କ୍ୱାରାଣ୍ଟାଇନ ସେଣ୍ଟର କରିବାକୁ ତତ୍ପରତା ପ୍ରକାଶ ପାଇଛି। ବିଶେଷକରି ବାତ୍ୟା ଆଶ୍ରୟସ୍ଥଳ, ସ୍କୁଲ ଘର ଆଦି ସ୍ଥାନରେ କ୍ୱାରାଣ୍ଟାଇନ ସେଣ୍ଟର କରାଯାଉଛି। ହେଲେ ଯାଜପୁର ଜିଲା କୋରେଇ ବ୍ଲକ ସାଦକପୁର ପଞ୍ଚାୟତରେ ଏକ ବିଡ଼ମ୍ବନା ଦେଖାଦେଇଛି। କାରଣ ସାଦକପୁରସ୍ଥିତ କରୋଇ ହାଇସ୍କୁଲକୁ ଲାଗି ନିର୍ମାଣ ହୋଇଛି ବାତ୍ୟା ଆଶ୍ରୟସ୍ଥଳ, ଯାହାକି ଏବେ ଉକ୍ତ ସ୍କୁଲର ଅଂଶ ପାଲଟିଛି। ବାତ୍ୟା ଆଶ୍ରୟସ୍ଥଳର ସୂଚନା ଫଳକକୁ ଲିଭାଯାଇ କୋରେଇ ହାଇସ୍କୁଲ ଲେଖାଯାଇଛି। ସମସ୍ତ କୋଠରିରେ ସ୍କୁଲ କାର୍ଯ୍ୟାଳୟ, କମ୍ପ୍ୟୁଟର ଲ୍ୟାବ୍, ଷ୍ଟୋରରୁମ୍ ହୋଇଥିବା ଦେଖିବାକୁ ମିଳିଥିଲା। ଏପରିକି ଏହି ଗୃହ ମଧ୍ୟରେ ସ୍କୁଲ ତରଫରୁ ବେଆଇନ ନିର୍ମାଣ ହୋଇଥିବାବେଳେ ପ୍ରଶାସନକୁ ସେ ସମ୍ପର୍କରେ କୌଣସି ଖବର ନାହିଁ। ପ୍ରଶ୍ନ ଉଠୁଛି ଯେ, ଜରୁରିକାଳୀନ ପରିସ୍ଥିତିରେ ବ୍ୟବହାର କରିବାକୁ ନିର୍ମାଣ ହୋଇଥିବା ବାତ୍ୟା ଆଶ୍ରୟସ୍ଥଳକୁ ସ୍କୁଲ ଘର ଭାବେ ବ୍ୟବହାର କରିବାକୁ କିଏ ଅନୁମତି ଦେଇଛି। ଅନ୍ୟପକ୍ଷରେ ଦେଖିବାକୁ ଗଲେ ସାଦକପୁରରେ ଜରୁରିକାଳୀନ ଅଟ୍ଟାଳିକା ଥାଇ ବି କରୋନା ମୁକାବିଲା ପାଇଁ ପ୍ରଶାସନକୁ ଅନ୍ୟତ୍ର ବ୍ୟବସ୍ଥା କରିବାକୁ ପଡ଼ିବ। ସାଦକପୁର ସରପଞ୍ଚ ରଶ୍ମିରେଖା ଗାହାଣ ଏହି ଅଟ୍ଟାଳିକାକୁ ଖାଲି କରିବା ପାଇଁ ଦାବି କରିଛନ୍ତି। କିନ୍ତୁ ହାଇସ୍କୁଲର ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷୟିତ୍ରୀ ପ୍ରିୟଦର୍ଶନୀ ମିଶ୍ର କହିଛନ୍ତି, ୫ଟି ଗୃହରୁ ସ୍କୁଲ ଆସବାବପତ୍ର ଖାଲି କରିବା ଅସମ୍ଭବ। ଏହା ବାତ୍ୟା ଅଶ୍ରୟସ୍ଥଳ ବୋଲି ତାଙ୍କୁ ଜଣାନାହିଁ। ସେ ମାତ୍ର ୪ ମାସ ହେଲା ଦାୟିତ୍ୱ ଗ୍ରହଣ କରିଛନ୍ତି ବୋଲି କହିଛନ୍ତି। ଅନ୍ୟପକ୍ଷରେ ବିଡିଓ ଶ୍ୱେତା ସ୍ମିତାଙ୍କ ନିର୍ଦ୍ଦେଶରେ କୋରେଇ ବ୍ଲକର ଗ୍ରାମ ପଞ୍ଚାୟତ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାତ୍ର ବାତ୍ୟା ଅଶ୍ରୟସ୍ଥଳକୁ ତୁରନ୍ତ ଖାଲି କରିବାକୁ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକ କହିଛନ୍ତି ଯେ, ହାଇସ୍କୁଲ ପରିସରରେ ଉକ୍ତ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ ହେଉଥିବାରୁ ଖାଇ ସମୟରେ ସେଥିରେ ସ୍କୁଲ କାର୍ଯ୍ୟ ହେଉଛି। ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସହିତ କ୍ୱାରାଣ୍ଟାଇନ ସେଣ୍ଟର ସମ୍ପର୍କରେ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ନିଆଯିବ।

- କ୍ୱାରାଣ୍ଟାଇନ ସେଣ୍ଟର ପାଇଁ ଖୋଜିଲା ବେଳେ ଜଣାପଡ଼ିଲା
- ଖାଲି କରିବାକୁ ବିଡିଓଙ୍କ ନିର୍ଦ୍ଦେଶ

ସଂକ୍ଷେପରେ

ନଦୀରୁ ମୃତଦେହ ଉଦ୍ଧାର

ଦଶମନ୍ତପୁର,୩।୫(ଡ଼ି.ଏନ.ଏ) : କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଲୁଲ୍ଲା ପଞ୍ଚାୟତର ପୋଡ଼ନଦୀରୁ ରବିବାର ଏକ ମୃତଦେହଉଦ୍ଧାର ହୋଇଛି। ସେ ହେଲେ ରାଜ କୁମାର ଜାନି (୨୮)। ସେ ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟ କରନ୍ତି। ଖବରରୁ ଜଣାପଡିଛି ରାଜକୁମାର ତାଙ୍କର ଅନ୍ୟ ୨ ଜଣ ବନ୍ଧୁଙ୍କ ସହ କାର(ଓଡ଼ି୧୦ଏମ-୦୫୬୭)ରେ ନିଜ ଗ୍ରାମ କୋରାପୁଟର ଜାନିଗୁଡାକୁ ଆସୁଥିଲେ। ତେବେ ସେ ଲୁଲା ପୋଲଠାରେ ନଦୀ ଭିତରକୁ ଯାଇଥିଲେ। ଏହି ସମୟରେ ତାଙ୍କ ଗୋଡ ଖସିଯିବାରୁ ଜଳସ୍ରୋତରେ ଭାସି ଯାଇଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀ ଆର୍‌ଏସ ନାୟକଙ୍କ ତତ୍ତ୍ୱାବଧାନରେ ପହଞ୍ଚି ରାଜକୁମାରଙ୍କୁ ଖୋଜାଖୋଜି କରି ନଦୀରୁ ଉଦ୍ଧାର କରିଥିଲେ। ତେବେ ସେ ସମୟରେ କାର କିମ୍ବା ତାଙ୍କ ସହ ଆସୁଥିବା ୨ ବନ୍ଧୁ କେହି ନ ଥିଲେ। ଦୀର୍ଘ ସମୟ ପରେ ସେମାନେ ଆସିଥିଲେ। ଅଗ୍ନିମ କର୍ମଚାରୀମାନେ ଖୋଜାଖୋଜି କରିବା ସମୟରେ ଉପସ୍ଥିତ ନ ରହିବା, ଦୀର୍ଘ ସମୟ ପରେ ଫେରିବା ନେଇ ସନ୍ଦେହ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଏନେଇ ଖବରପାଇ ଥାନା ଅଧିକାରୀ କ୍ଷୀରେଶ୍ୱର ସାହୁଙ୍କ ନେତୃତ୍ୱରେ ତଦନ୍ତକାରୀ ଅଧିକାରୀ ବାବୁଲା ପ୍ରଧାନ ଘଟଣାର ତଦନ୍ତ କରୁଥିବା ଜଣାପଡିଛି।

ସଙ୍ଗରୋଧ କେନ୍ଦ୍ରକୁ ଯିବାକୁ କହିବାରୁ ସରପଞ୍ଚଙ୍କୁ ଧମକ

ପଡିଆବାହାଲ,୩।୫(ଡି.ଏନ.ଏ.): ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଗଡଲୁଇସିଂ ଗ୍ରାମପଞ୍ଚାୟତ ସରପଞ୍ଚ ଅଶ୍ୱିନୀ କୁମୁରାଙ୍କୁ ଅଶ୍ଳୀଳ ଗାଳି ଓ ଧମକ ଦିଆଯାଇଥିବା ଯୁଯୁମୁରା ଥାନାରେ ଅଭିଯୋଗ ହୋଇଛି। ଅଶ୍ୱିନୀ ରୁଗୁଡିପାଲି ଗ୍ରାମକୁ ଯାଇ ଝାଡ଼ଖଣ୍ଡରୁ ଫେରିଥିବା ବିକାଶ ବଡେକଙ୍କୁ ସଙ୍ଗରୋଧ କେନ୍ଦ୍ରରେ ରହିବା ପାଇଁ ବୁଝାଉଥିଲେ । ଏହି ସମୟରେ ଜିତେନ୍ଦ୍ର ବଘାର ନାମକ ଜଣେ ଯୁବକ ସେଠାରେ ପହଞ୍ଚି ଅଶ୍ୱିନୀଙ୍କୁ ଜାତି ଉଠାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଧମକ ଦେଇଥିବା ସେ ଥାନାରେ ଅଭିଯୋଗ କରିଛନ୍ତି ।

ଗୁଣପୁରରେ ପହଞ୍ଚିଲେ ୩୨ କେରଳ ଫେରନ୍ତା

ସଙ୍ଗରୋଧ କେନ୍ଦ୍ରରେ ଜଣେ ଶ୍ରମିକଙ୍କ ସ୍କ୍ରିନିଂ କରାଯାଉଛି।

ଗୁଣପୁର,୩।୫(ଡି.ଏନ୍.ଏ.): କେରଳରୁ ୩୨ ଜଣ ଶ୍ରମିକ ରବିବାର ରାୟଗଡ଼ା ଜିଲାର ଗୁଣପୁର ଅଞ୍ଚଳକୁ ଫେରିଛନ୍ତି। ସେମାନଙ୍କ ମଧରେ ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ଅଞ୍ଚଳର ୬ ଜଣ ରହିଛନ୍ତି। ସମସ୍ତ ଶ୍ରମିକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଆସି ରବିବାର ସକାଳେ ଗଞ୍ଜାମ ଜିଲାର ଜଗନ୍ନାଥପୁରଠାରେ ପହଞ୍ଚିଥିଲେ। ଗୁଣପୁରରୁ ଯାଇଥିବା ଏକ ବସ୍‌ରେ ଅତିରିକ୍ତ ତହସିଲଦାର ସେମାନଙ୍କୁ ଗୁଣପୁର କଲେଜସ୍ଥିତ ସଙ୍ଗରୋଧ କେନ୍ଦ୍ର ନିକଟକୁ ଆଣିଥିଲେ। ସେଠାରୁ ୬ ଶ୍ରମିକଙ୍କୁ ନବରଙ୍ଗପୁର ପଠାଇ ଦିଆଯାଇଥିଲା। ତେବେ ରାୟଗଡ଼ା ଜିଲାର ୨୬ ଜଣଙ୍କ ମଧ୍ୟରୁ ୨ ଜଣଙ୍କୁ ଜ୍ୱର ହେଉଥିବାରୁ ଉଭୟଙ୍କୁ ଗୁଣପୁର ଆଦର୍ଶ ବିଦ୍ୟାଳୟସ୍ଥିତ କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖାଯାଇଛି। ଅନ୍ୟମାନଙ୍କୁ ନିଜ ଅଞ୍ଚଳ ଚନ୍ଦ୍ରପୁର, ପଦ୍ମପୁର, ବିଷମକଟକ, ମୁନିଗୁଡ଼ା, ଗୁଡାରୀସ୍ଥିତ ସଙ୍ଗରୋଧ କେନ୍ଦ୍ରକୁ ପଠାଇ ଦିଆଯାଇଥିବା ସୂଚନା ମିଳିଛି।

ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ବୁଲି ଦେଖିଲେ ଜିଲା କୋଭିଡ ପର୍ଯ୍ୟବେକ୍ଷକ

ଖପ୍ରାଖୋଲ, ୩।୫(ଡି.ଏନ.ଏ.): କୋଭିଡ-୧୯ ବଲାଙ୍ଗୀର ଜିଲା ପର୍ଯ୍ୟବେକ୍ଷକ ତଥା ବରିଷ୍ଠ ପ୍ରଶାସକ ଏସ. କେ.ଲୋହାନି ରବିବାର ଖପ୍ରାଖୋଲ ବ୍ଲକ ଗସ୍ତ କରିଥିଲେ । ଏହି ଅବସରରେ ଫୁଲକିମୁଣ୍ଡା, ମାଲପଡା, ଲାଠୋର ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ଦେଖିବା ସହ ବିଭିନ୍ନ ସରକାରୀ ଯୋଜନା ଉପରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତରଣୀ ସୁନାଙ୍କ ସହ ଆଲୋଚନା କରିଥିଲେ । ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଶ୍ରମିକମାନେ କିଭଳି କାମ ପାଇବେ ତାହା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଗସ୍ତବେଳେ ତହସିଲଦାର ନିରଞ୍ଜନ ନାଏକ, ସହକାରୀ ଯନ୍ତ୍ରୀ ସୋମ୍ୟ କିଶୋର ଜଏପୁରିୟାଙ୍କ ସମେତ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

କୋଟାରୁ ଫେରିଲେ ୧୦୪ ଛାତ୍ରୀଛାତ୍ର

ବଲାଙ୍ଗୀର ଅଫିସ/ବରଗଡ଼ ଅଫିସ/ଭବାନୀପଟଣା(ସ୍ୱ.ପ୍ର.) ୩।୫

ରାଜସ୍ଥାନରୁ ଓଡ଼ିଶା

- ଜାରି ରହିଛି ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା
- ହୋମ କ୍ୱାରାଣ୍ଟାଇନରେ ରହିବେ ବଲାଙ୍ଗୀର,ବରଗଡ଼ ଛାତ୍ରୀଛାତ୍ର
- ହୋଟେଲ କ୍ୱାରାଣ୍ଟାଇନରେ ରହିବେ କଳାହାଣ୍ଡି ଜିଲା ଛାତ୍ରୀଛାତ୍ର

ରାଜସ୍ଥାନର କୋଟାରେ କୋଚିଂ ନେବାକୁ ଯାଇ ଅଟକି ରହିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଶନିବାର ୧୦୪ଜଣ ଫେରିଛନ୍ତି। ସେମାନଙ୍କ ମଧ୍ୟରୁ ବଲାଙ୍ଗୀରରେ ୫୦ ଜଣ ପହଞ୍ଚି ଥିବା ବେଳେ, ବରଗଡ଼ ୧୯ ଓ ଭବାନୀପାଟଣାରେ ୩୫ ଜଣ ପହଞ୍ଚିଛନ୍ତି । ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ସେମାନଙ୍କୁ ହୋମ କ୍ୱାରାଣ୍ଟାଇନରେ ରହିବାକୁ ପରାମର୍ଶ ଦିଆଯାଇଛି ।

ମିଳିଥିବା ସୂଚନ ଅନୁଯାୟୀ ଶନିବାର ରାତି ୨ଟାରେ ବଲାଙ୍ଗୀରରେ ପହଞ୍ଚି ଥିଲା ଦୁଇଟି ବସ୍ । ଏହି ଦୁଇ ବସ୍‌ରେ ୨୫ ଜଣ ଲେଖାଏ ଛାତ୍ରୀଛାତ୍ର ଆସିଥିଲେ। ବଲାଙ୍ଗୀର ନେତ୍ର ନିକେତନଠାରେ କରାଯାଇଥିବା କ୍ୱାରାଣ୍ଟାଇନ୍ ସେଣ୍ଟରରେ ଛାତ୍ରୀମାନଙ୍କୁ ଓ ସୁଦପଡା କଲ୍ୟାଣ ମଣ୍ଡପ କ୍ୱାରାଣ୍ଟାଇନ୍ ସେଣ୍ଟରରେ ଛାତ୍ରମାନଙ୍କୁ ରଖାଯାଇଥିଲା । ରବିବାର ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ସମସ୍ତଙ୍କୁ ହୋମ କ୍ୱାରାଣ୍ଟାଇନରେ ରହିବା ପାଇଁ ପରାମର୍ଶ ଦିଆଯାଇଥିଲା । ପରେ ସେମାନଙ୍କ ଅଭିଭାବକଙ୍କ ସହ ଘରକୁ ପଠାଇ ଦିଆଯାଇଛି ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ବଲାଙ୍ଗୀର ତହସିଲଦାର ଲଲାଟ କୁମାର ଲୁହା ଏବଂ ପୁଇଁତଲା ତହସିଲଦାର ରୋହିତ କୁମାର ସା ଏହି କ୍ୱାରାଣ୍ଟାଇନ୍ ଦାୟିତ୍ୱରେ ରହିଛନ୍ତି। ରବିବାର ଉଭୟ କ୍ୱାରାଣ୍ଟାଇନ୍ ସେଣ୍ଟରରେ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର ଉଭୟ କ୍ୱାରାଣ୍ଟାଇନ୍ ସେଣ୍ଟର ପରିଦର୍ଶନ କରି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି ।

ସେହିପରି ବରଗଡ଼ର ୧୯ ଛାତ୍ରୀଛାତ୍ର ରବିବାର ସକାଳେ ପହଞ୍ଚିବା ପରେ ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ହଳଦୀପାଲି ଛକରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ପରେ ସେମାନଙ୍କୁ ନିଜ ପରିବାର ସହିତ ୧୪ ଦିନିଆ ହୋମ କ୍ୱାରାଣ୍ଟାଇନରେ ରହିବାକୁ ଜିଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି । ସେମାନଙ୍କ ପ୍ରତି କଡ଼ା ନଜର ରଖିବାକୁ ଜିଲା ପ୍ରଶାସନ ପକ୍ଷରୁ ଜିଲା ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ସୂଚନାଯୋଗ୍ୟ, ବରଗଡ଼ ଓ କୋଟା ଜିଲା ପ୍ରଶାସନର ମିଳିତ ଉଦ୍ୟମ କ୍ରମେ ଶୁକ୍ରବାରଠାରୁ ସମସ୍ତ ଛାତ୍ରୀଛାତ୍ର ଏକ ସ୍ୱତନ୍ତ୍ର ବସ୍ ଯୋଗେ ବରଗଡ଼ ଅଭିମୁଖେ ବାହାରିଥିଲେ ।

କଳାହାଣ୍ଡିର ୩୫ ଛାତ୍ରୀଛାତ୍ର ରବିବାର ବସ୍ ଯୋଗେ ଭବାନୀପାଟଣା ଓ ଧର୍ମଗଡ ପହଞ୍ଚିଛନ୍ତି। ଏଥିରେ ଭବାନୀପାଟଣାର ୧୩ ଓ ଧର୍ମଗଡର ୨୨ଜଣ ଛାତ୍ରୀଛାତ୍ର ରହିଛନ୍ତି। ଭବାନୀପାଟଣା ପହଞ୍ଚିବା ପରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସମସ୍ତ ଛାତ୍ରୀଛାତ୍ର ଭବାନୀପାଟଣା ଓ ଧର୍ମଗଡର ୨ଟି ହୋଟେଲରେ ୧୪ଦିନ ପାଇଁ କ୍ୱାରାଣ୍ଟାଇନରେ ରହିବା ବ୍ୟବସ୍ଥା କରାଯାଇଛି। ତେବେ ହୋଟେଲରେ ରହଣି ବାବଦରେ ସମସ୍ତ ଖର୍ଚ୍ଚ ଛାତ୍ରୀଛାତ୍ର ବହନ କରିବେ ବୋଲି ବିଭାଗୀୟ ଅଧିକାରୀମାନେ କହିଛନ୍ତି ।

ଜେଲରୁ ମୁକ୍ତ ହେଲେଣି ୫୬୭୦ କଏଦୀ

ଭୁବନେଶ୍ୱର,୩।୫(ବ୍ୟୁରୋ)

ସଂକ୍ରମଣ ଏଡ଼ାଇବାକୁ ପଦକ୍ଷେପ

- କାରାଗାରକୁ ଆସୁଥିବା ସନ୍ଦିଗ୍ଧଙ୍କ ହେଉଛି କରୋନା ଟେଷ୍ଟ
- ଲକ୍ଷଣ ଥିବା କଏଦୀଙ୍କୁ ସ୍ୱତନ୍ତ୍ର କାରାଗାରରେ ରଖାଯାଉଛି

କରୋନା ଭୂତାଣୁ ସଂକ୍ରମଣ ଭୟ ସବୁଠି ଘାରିଛି। ବିଶେଷକରି ଜେଲ୍‌ରେ ରହୁଥିବା କଏଦୀଙ୍କ ସୁରକ୍ଷା ଚିନ୍ତା ବଢ଼ିଯାଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ଜେଲ୍ ବିଭାଗ ଏବେ ଜେଲ୍‌ରେ କଏଦୀଙ୍କ ସଂଖ୍ୟା ହ୍ରାସ କରିବାରେ ଲାଗିଛି। ମାର୍ଚ୍ଚ ୨୦ରୁ ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜେଲରୁ ୫ ହଜାର ୬୭୦ ଜଣ କଏଦୀ ମୁକ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୫ ହଜାର ୩୦୯ଜଣ କୋର୍ଟରୁ ସମ୍ପୂର୍ଣ୍ଣ ବେଲ୍ ପାଇଥିବାବେଳେ କେତେଜଣ ଇଣ୍ଟେରିମ୍ ବେଲ୍ ଓ ଆଉ କେତେଜଣ ବଣ୍ଡ୍ ଦେଇ ଖଲାସ ହୋଇଛନ୍ତି। ଏହାସହ ସବୁଠୁ ଭଲ କାର୍ଯ୍ୟ କରିଛନ୍ତି ବିଭିନ୍ନ ଜିଲାରେ ଥିବା ଅଣ୍ଡର ଟ୍ରାଏଲ ରିଭ୍ୟୁ କମିଟି। ଖୁବ୍ କମ୍ ସମୟରେ ଏହି କମିଟି ୩୬୧ଜଣଙ୍କୁ ଜେଲ୍‌ରୁ ମୁକ୍ତ ହେବାକୁ ଚୟନ କରିଛି, ଯାହା ଉଲ୍ଲେଖନୀୟ କାର୍ଯ୍ୟ ବୋଲି ବୁଧବାର ଜେଲ୍ ଡିଜି ସନ୍ତୋଷ ଉପାଧ୍ୟାୟ କହିଛନ୍ତି। ଏହି ୩୬୧ଜଣଙ୍କ ମଧ୍ୟରୁ ୧୧ଜଣ ପାରଲୋରେ ଯାଇଥିବାବେଳେ ୩୫୦ ଜଣଙ୍କୁ ମଧ୍ୟବର୍ତ୍ତିକାଳୀନ ଛୁଟି ଦିଆଯାଇ ଘରକୁ ପଠାଯାଇଥିବା ସେ ସୂଚନା ଦେଇଛନ୍ତି। ଜେଲ୍ ଡିଜି ଉପାଧ୍ୟାୟ କହିଛନ୍ତି ଯେ, ଝାରପଡା, ଚୌଦ୍ୱାର ଆଦି ବଡ଼ ଜେଲରେ କଏଦୀମାନଙ୍କର କରୋନା ପରୀକ୍ଷା ବ୍ୟବସ୍ଥା ହୋଇଛି। ନୂଆ କରି ଜେଲ ଯାଉଥିବା କଏଦୀମାନଙ୍କର ସ୍କ୍ରିନିଂ କରାଯାଇ ଭିତରକୁ ଛଡାଯାଉଛି। ଏହାସହ ଜେଲରେ ଥିବା କଏଦୀଙ୍କ ମଧ୍ୟରୁ କାହାର ଯଦି ଥଣ୍ଡା, କାଶ, ଛିଙ୍କ ଆଦି ଲକ୍ଷଣ ଦେଖାଯାଉଛି ସେମାନଙ୍କର ସ୍ୱାବ୍ ନମୁନା ସଂଗ୍ରହ କରାଯାଇ କ୍ୟାପିଟାଲ ହସ୍ପିଟାଲକୁ ପଠାଯାଉଛି। ସେହିପରି ସନ୍ଦିଗ୍ଧମାନଙ୍କୁ ଜେଲ୍‌ର ସ୍ୱତନ୍ତ୍ର କ୍ୱାରାଣ୍ଟାଇନ ବା ପୃଥକବାସରେ ରଖାଯାଉଛି। ଏପରି କି ଜେଲରେ ସାମାଜିକ ଦୂରତ୍ୱ ଉପରେ ଗୁରୁତ୍ୱ ଦିଆଯାଉଛି। ବିଭିନ୍ନ ସାମାଜିକ ସଂଗଠନ ଜେଲ ଭିତରେ ଆୟୋଜନ କରୁଥିବା କାର୍ଯ୍ୟକ୍ରମକୁ ବାରଣ କରାଯାଉଛି। କଏଦୀମାନଙ୍କୁ ମାସ୍କ, ସାବୁନ ଏବଂ ସାନିଟାଇଜର ବ୍ୟବହାର କରିବାକୁ ଦିଆଯାଉଛି। ତେବେ ବର୍ତ୍ତମାନ ରାଜ୍ୟର କୌଣସି ଜେଲରୁ କରୋନା ପଜେଟିଭ ଚିହ୍ନଟ ହୋଇ ନ ଥିବା ସନ୍ତୋଷ ଉପାଧ୍ୟାୟ ସୂଚନା ଦେଇଛନ୍ତି।

କ୍ଲାସ୍, ପରୀକ୍ଷା ଦିନ ଧାର୍ଯ୍ୟ ନ ହେବା ନେଇ ମେଡିକାଲ ଛାତ୍ରୀଛାତ୍ର ଅସନ୍ତୁଷ୍ଟ

କଟକ ଅଫିସ,୩।୫

ଜୁଲାଇ ୧ରୁ ଇଞ୍ଜିନିୟରିଂ ଓ ଅନ୍ୟାନ୍ୟ ପ୍ରଫେସନାଲ ଏଜୁକେସନ ଇନ୍‌ଷ୍ଟିଚ୍ୟୁଟ୍ ଖୋଲାଯିବା ପାଇଁ ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। କିନ୍ତୁ ଏ ପର୍ଯ୍ୟନ୍ତ ମେଡିକାଲ ଛାତ୍ରୀଛାତ୍ରମାନଙ୍କ କ୍ଲାସ୍ ଓ ପରୀକ୍ଷା ନିମନ୍ତେ ଏମ୍‌ସିଆଇ, ଡିଏମ୍‌ଇଟି କିମ୍ବା କଲେଜ ପ୍ରିନ୍ସପାଲ୍‌ମାନେ କୌଣସି ନିଷ୍ପତ୍ତି ନ ନେବା କାରଣରୁ ଛାତ୍ରଛାତ୍ରୀମାନେ ଅସନ୍ତୁଷ୍ଟ ପ୍ରକାଶ କରିଛନ୍ତି। ଏ ନେଇ ଓଡ଼ିଶା ଡାକ୍ତରୀ ଛାତ୍ର ସଂଘ ସଭାପତି ଦୀପକ କୁମାର ସାମଲ କହିଛନ୍ତି, ଆମ ରାଜ୍ୟରେ ଏମ୍‌ବିବିଏସ୍ ଛାତ୍ରୀଛାତ୍ରମାନଙ୍କ ପରୀକ୍ଷା, ରେଜଲ୍ଟ ପ୍ରକାଶ ଓ ଇର୍ଣ୍ଟର୍ନସିପ ବିଳମ୍ବରେ କରାଯାଉଛି। ସରକାରଙ୍କ ପକ୍ଷରୁ ଏମ୍‌ବିବିଏସ୍ ପାଠ୍ୟକ୍ରମର ପରୀକ୍ଷା ପରିଚାଳନା ପଦ୍ଧତିକୁ ସରଳୀକରଣ କରାଯାଉ ଅଥବା ଗତ ୩ ବର୍ଷର ହାରାହାରି ମାର୍କ ଅନୁଯାୟୀ ଇର୍ଣ୍ଟର୍ନଶିପ ନିମନ୍ତେ ଅନୁମତି ଦିଆଯାଉ। ବର୍ତ୍ତମାନର ପଦ୍ଧତି ଅନୁଯାୟୀ, ଛାତ୍ରୀଛାତ୍ରମାନେ ପିଜି ନାମଲେଖା ପାଇଁ ଗୋଟିଏ ବର୍ଷ ପଛୁଆ ହେବା ସହ ସେମାନଙ୍କର ଗୋଟିଏ ବର୍ଷ ମୂଲ୍ୟବାନ ସମୟ ନଷ୍ଟ ହୋଇଯାଉଛି । ଏବେ କରୋନା କାରଣରୁ ଆଉ କିଛି ମାସ ପରୀକ୍ଷା ଓ କ୍ଲାସ ନିମନ୍ତେ ବିଳମ୍ବ ହେଉଥିବାରୁ ପୁଣି ଆଉ ଗୋଟିଏ ବର୍ଷ ନଷ୍ଟ ହେବାକୁ ଯାଉଛି । ଏହା ବ୍ୟତୀତ ଇର୍ଣ୍ଟର୍ନଶିପ୍‌ରେ ବିଳମ୍ବ ହେଲେ ରୋଗୀ ସେବା ପାଇଁ ହସ୍ପିଟାଲରେ ଡାକ୍ତର ଅଭାବ ଦେଖା ଦେବ । ଯଦି ଏପରି ହୁଏ ତେବେ ରାଜ୍ୟର ୭୫୦ ମେଡିକାଲ ଛାତ୍ରୀଛାତ୍ରଙ୍କ ସମୟ ନଷ୍ଟ ହୋଇଯିବ।

ଅଭ୍ୟର୍ଥନା କେନ୍ଦ୍ର ପରିଦର୍ଶନ କଲେ ଜିଲାପାଳ

ପୁରୀ ଅଫିସ,୩।୫

କରୋନା କଟକଣା ସାମାନ୍ୟ କୋହଳ ହେବା ପରେ ବାହାର ରାଜ୍ୟରେ ଅଟକି ରହିଥିବା ପୁରୀ ଜିଲାର ଲୋକେ ଘରକୁ ଫେରିବା ଆଶା କରାଯାଉଛି। ତେଣୁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଛି। ବାହାର ରାଜ୍ୟରୁ ଆସୁଥିବା ବ୍ୟକ୍ତି ସିଧାସଳଖ ସେମାନଙ୍କ ଘରକୁ ଯାଇପାରିବେ ନାହିଁ। ପ୍ରଶାସନ ହେପାଜତରେ ସେମାନଙ୍କୁ ଘରେ ପହଞ୍ଚାଇବା ଲାଗି ସ୍ୱତନ୍ତ୍ର ବସ୍‌ର ବ୍ୟବସ୍ଥା ହୋଇଛି। ଏଥିଲାଗି ପୁବା ଶାସନସ୍ଥିତ କୃପାଜଳ ଇଞ୍ଜିନିୟରିଂ କଲେଜ ପରିସରରେ ଜିଲା ଅଭ୍ୟର୍ଥନା କେନ୍ଦ୍ର ଖୋଲାଯାଇଛି। ଏଠାରେ ପହଞ୍ଚିବା ପରେ ସେମାନଙ୍କ ପଞ୍ଜୀକରଣ ଓ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ପରେ ସ୍ୱତନ୍ତ୍ର ଗାଡ଼ିରେ ସମ୍ପୃକ୍ତ ବ୍ଲକକୁ ପଠାଯାଇ ଅସ୍ଥାୟୀ ଚିକିତ୍ସା କେନ୍ଦ୍ରରେ ସେମାନଙ୍କୁ ସଙ୍ଗରୋଧ ଭାବେ ରଖାଯିବ। ଅଭ୍ୟର୍ଥନା କେନ୍ଦ୍ରରେ ଖାଦ୍ୟ, ପାନୀୟଜଳ, ପରିମଳ, ପ୍ରତୀକ୍ଷାଳୟ ଆଦି ବ୍ୟବସ୍ଥା ହୋଇଛି । ରବିବାର ଅପରାହ୍ନରେ ଜିଲାପାଳ ବଲୱନ୍ତ ସିଂ ଏହି କେନ୍ଦ୍ର ବୁଲି ଦେଖିବା ସହ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି । କେନ୍ଦ୍ରରେ ଉତ୍ତମ ସେବା ଯୋଗାଇଦେବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅଞ୍ଚଳ ମଧ୍ୟକୁ ବିନା ଅନୁମତିରେ କାହାରିକୁ ପ୍ରବେଶ ନ କରିବାକୁ କୁହାଯାଇଛି। ଜିଲାପାଳଙ୍କ ଏହି କେନ୍ଦ୍ର ପରିଦର୍ଶନ ସମୟରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଶାଳ ସିଂ, ପ୍ରୋବେସନର ଅଧିକାରୀ ମୟୂର ସୂର୍ଯ୍ୟବଂଶୀ, ରାଜସ୍ୱ ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ନାଥଶର୍ମା, ଭୂଅର୍ଜନ ଅଧିକାରୀ କୈଳାସ ଚନ୍ଦ୍ର ନାୟକ, ଉପଜିଲାପାଳ ଭବତାରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

୬ ଯାଏ ବଢ଼ିଲା କଣ୍ଟେନମେଣ୍ଟ ଅବଧି

ଜିଲାପାଳ ଅରିନ୍ଦମ ଡାକୁଆ, ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର ଲିଖିରିଆ ଗାଁରେ ସ୍ଥିତି ଅନୁଧ୍ୟାନ କରୁଛନ୍ତି ।

ବଲାଙ୍ଗୀର ଅଫିସ/ଗୁଡଭେଲା/ ଦେଓଗାଁ, ୩।୫ (ଡି.ଏନ୍.ଏ.)

- ଲିଖିରିଆ ଗାଁରେ ସ୍ଥିତି ଅନୁଧ୍ୟାନ କଲେ ଜିଲାପାଳ
- ତୁଷରାରେ କରାଗଲା ସାନିଟାଇଜେଶନ

ବଲାଙ୍ଗୀର ଜିଲା ଲିଖିରିଆ ଗାଁରେ ୨ କରୋନା ସଂକ୍ରମିତ ଚିହ୍ନଟ ପରେ ଜିଲା ପ୍ରଶାସନ ଆଖପାଖ ଅଞ୍ଚଳର ୨୧ଟି ଗାଁକୁ କଣ୍ଟେନମେଣ୍ଟ ଓ ବଫର ଜୋନ୍ ଘୋଷଣା କରିଥିଲେ । ରବିବାର ପୂର୍ବାହ୍ନରେ ଜିଲାପାଳ ଅରିନ୍ଦମ ଡାକୁଆ ଲିଖିରିଆ ଗାଁକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଜିଲାପାଳଙ୍କ ସହ ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର, ତୁଷରା ଏନ୍‌ଏସି ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ, ତହସିଲଦାର ଚନ୍ଦ୍ରମଣି ନାଗ ଉପସ୍ଥିତ ଥିଲେ । ଏହାପରେ ସମ୍ପୃକ୍ତ ଅଞ୍ଚଳରେ କଣ୍ଟେନମେଣ୍ଟ ଅବଧିକୁ ୬ ତାରିଖ ମଧ୍ୟରାତି ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।

ଲିଖିରିଆରେ ଆଶା, ଅଙ୍ଗନୱାଡି, ସ୍ୱାସ୍ଥ୍ୟକର୍ମୀ ଓ ଅନ୍ୟ କରୋନା ଯୋଦ୍ଧାଙ୍କ ସର୍ଭେ ରିପୋର୍ଟ ଅନୁଯାୟୀ ଜିଲାପାଳ ଡାକୁଆ ଓ ଅନ୍ୟ ଅଧିକାରୀମାନେ ଘରକୁ ଘର ଯାଇ ସ୍ଥିତି ତଦାରଖ କରିଥିଲେ। କୌଣସି ପରିସ୍ଥିତିରେ ଭୟଭୀତ ନ ହେବାକୁ ସେ ପରାମର୍ଶ ଦେବା ସହ କରୋନା ମୁକାବିଲାରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପ୍ରଶାସନ ପକ୍ଷରୁ ୨ କରୋନା ସଂକ୍ରମିତ ଯୁବକଙ୍କ ସଂସ୍ପର୍ଶ ତାଲିକା ଓ ଭ୍ରମଣ ବୃତ୍ତାନ୍ତ ସଂଗ୍ରହ କରାଯାଇଛି । ସେମାନଙ୍କ ପରିବାର ସଦସ୍ୟ ଓ ସଂସ୍ପର୍ଶରେ ଆସିଥିବା ଅନ୍ୟ ଲୋକଙ୍କ ତାଲିକା ପ୍ରସ୍ତୁତ ହୋଇଛି । ସଂପୃକ୍ତ ଗାଁରେ ସର୍ଦ୍ଦି, କାଶ, ଜ୍ୱର ଲକ୍ଷଣ ଥିବା ଲୋକଙ୍କୁ ଚିହ୍ନଟ କରାଯାଇ ସେମାନଙ୍କଠାରୁ ସ୍ୱାବ୍ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଛି। କଣ୍ଟେନମେଣ୍ଟ ଓ ବଫର ଜୋନ୍ ପରିସରରେ ଥିବା ଗାଁଗୁଡିକରେ ମଧ ସର୍ଭେ କାର୍ଯ୍ୟ ଚାଲିଛି ।

ରବିବାର ଏନ୍‌ଏସି କର୍ତ୍ତୃପକ୍ଷ ଓ ଅଗ୍ନିଶମ ବିଭାଗ ତରଫରୁ ତୁଷରାରେ ସାନିଟାଇଜ୍ କରାଯାଇଥିଲା । ଜିଲାପାଳ ଓ ଉପଜିଲାପାଳ ଏହା ତଦାରଖ କରିଥିଲେ । ଜିଲାପାଳ ଡାକୁଆଙ୍କୁ ଏ ନେଇ ପଚାରିବାରୁ କରୋନା ସଂକ୍ରମିତଙ୍କ ଚିହ୍ନଟ ପରେ ପ୍ରଶାସନ ପକ୍ଷରୁ କଡାକଡି ପଦକ୍ଷେପ ଗ୍ରହଣ କରାଯାଇଛି । ଲିଖିରିଆ ଓ ଆଖପାଖ ୨୧ଟି ଗାଁକୁ ନେଇ କଣ୍ଟେନମେଣ୍ଟ ଜୋନ୍ କରାଯାଇଛି। ସେଠାରେ ପୋଲିସ ବିଭାଗ ପକ୍ଷରୁ କଡାକଡି ସୁରକ୍ଷା ଘେରା କରିଛନ୍ତି । ଦୁଇ ସଂକ୍ରମିତଙ୍କ ସୂଚନା ଆଧାରରେ ୧୦୦ ଜଣଙ୍କଠାରୁ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି । ପରୀକ୍ଷା ରିପୋର୍ଟ ଆସିଲା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି ।

ବିପଦସଙ୍କୁଳ ଅବସ୍ଥାରେ ଆସୁଛନ୍ତି ପ୍ରବାସୀ ଓଡ଼ିଆ

ଜୟପୁର,୩।୫(ଡି.ଏନ.ଏ)

ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରବାସୀଙ୍କୁ ରାଜ୍ୟ ଭିତରକୁ ପ୍ରବେଶ ଅନୁମତି ଦେଇଛନ୍ତି । ବିଭିନ୍ନ ରାଜ୍ୟରୁ ବସ ଏବଂ ଟ୍ରେନ ଯୋଗେ ରାଜ୍ୟ ବାହାରେ ଥିବା ଓଡ଼ିଶା ଲୋକଙ୍କୁ ଅଣାଯାଉଛି । ସରକାର ରାଜ୍ୟ ଭିତରକୁ ପ୍ରବେଶ ନେଇ କିଛି ସୀମା ରାସ୍ତା ଚିହ୍ନଟ କରିଛନ୍ତି। ତେବେ ଏହି ରାସ୍ତାରେ ଅନ୍ୟାନ୍ୟ ଅନୁମତି ନ ଥିବା ପ୍ରବାସୀମାନେ ପ୍ରବେଶ କରୁଛନ୍ତି । ଏପରିକି ଛୋଟ ଛୋଟ ମିନି ଭ୍ୟାନରେ କ୍ଷମତାଠାରୁ ୨/୩ଗୁଣ ଲୋକ ବୋଝେଇ ହୋଇ ବିପଦସଙ୍କୁଳ ଅବସ୍ଥାରେ ଯାତ୍ରା କରୁଛନ୍ତି । ସୀମା କିମ୍ବା ରାସ୍ତାରେ କୌଣସିଠାରେ ପ୍ରଶାସନ କିମ୍ବା ପୋଲିସ ପକ୍ଷରୁ ଯାଞ୍ଚ ହେଉନାହିଁ। ରବିବାର ତେଲଙ୍ଗାନା ରାଜ୍ୟର ଖାମାମ ଜିଲାରୁ ଦୁଇଟି ମିନି ଭ୍ୟାନ(ଟିଏସ୨୮ଟି-

ବିପଦସଙ୍କୁଳ ଅବସ୍ଥାରେ ଆସୁଥିବା ଶ୍ରମିକ।

୮୪୫୬ ଏବଂ ଟିଏସ ୦୪ ୟୁଏ-୩୨୭୮) ଯୋଗେ ୩୬ଜଣ ମହିଳା, ପୁରୁଷ ଏବଂ ଛୋଟ ଛୁଆ ନିଜ ଗ୍ରାମକୁ ଫେରୁଥିଲେ । ମାଲକାନଗିରି ଜିଲା ମୋଟୁ ସୀମା ଦେଇ ଏହି ଦୁଇଟି ଭ୍ୟାନର ଶ୍ରମିକମାନେ ରାଜ୍ୟରେ ପ୍ରବେଶ କରିଥିଲେ । ତେଲଙ୍ଗାନା ରାଜ୍ୟର ପ୍ରାୟ ୧୦୦ କିଲୋମିଟର ଏବଂ ଓଡିଶାର ୨୦୦ କିଲୋମିଟର ରାସ୍ତା ଦେଇ ଏହି ଦୁଇଟି ମିନିଭ୍ୟାନ ଆସିଛି । ରାଜ୍ୟର ଦୁଇ ଜିଲା ପ୍ରଶାସନ ପକ୍ଷରୁ ରାସ୍ତାରେ କେଉଁଠି ହେଲେ ଯାଞ୍ଚ ନ ହେବା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଜୟପୁର ଲୋକଙ୍କଠାରୁ ସୂଚନା ପାଇ ସଦରଥାନା ସମ୍ମୁଖରେ ପୋଲିସ ଏହି ଦୁଇଟି ଗାଡିକୁ ଅଟକାଇଥିଲା । ଉଭୟ ଭ୍ୟାନର ଡ୍ରାଇଭର ତେଲଙ୍ଗାନାର ଖାମାମ ଜିଲା ପ୍ରଶାସନ ପକ୍ଷରୁ ଉଭୟ ଭ୍ୟାନରେ ଲୋକଙ୍କୁ ଓଡିଶା ନେବା ଲାଗି ଅନୁମତି ପତ୍ର ଦେଖାଇଥିଲେ। ସଦରଥାନା ପୋଲିସ ଏହି ନିର୍ଦ୍ଦେଶନାମା ଦେଖିବା ପରେ ଉଭୟ ଭ୍ୟାନକୁ ଛାଡିଥିଲେ। ତେବେ ଯାଞ୍ଚ ବେଳେ ବିପଦସଙ୍କୁଳ ଅବସ୍ଥାରେ ଯାତ୍ରୀ ପରିବହନ କରିବା, ସାମାଜିକ ଦୂରତା ଏବଂ ମାସ୍କ ପିନ୍ଧିବା ନିୟମ ଉଲ୍ଲଂଘନକୁ ଯାଞ୍ଚ କରାଯାଇ ନ ଥିଲା । ଉଭୟ ଭ୍ୟାନ ନବରଙ୍ଗପୁର ଜିଲାକୁ ଏହି ଯାତ୍ରୀମାନଙ୍କୁ ନେଉଥିବା ଜଣାପଡିଛି।

ଲକ୍‌ଡାଉନ୍ ସମୟରେ ଭିନ୍ନ ସେବା

ସମ୍ବଲପୁର,୩।୫(ବ୍ୟୁରୋ)

୭ ଅସହାୟ, ଅପରିଚିତ ମୃତଦେହ ସତ୍କାର କଲେ ସ୍ୱେଚ୍ଛାସେବୀ

କରୋନା ଭୂତାଣୁ ସଂକ୍ରମଣକୁ ରୋକିବା ପାଇଁ ଲକ୍‌ଡାଉନ ଘୋଷଣା କରାଯାଇଛି । ଘରେ ରୁହନ୍ତୁ, ସୁସ୍ଥ ରୁହନ୍ତୁ ବୋଲି ସ୍ଲୋଗାନ ଦିଆଯାଇଛି। ସରକାରଙ୍କଠାରୁ ଆରମ୍ଭ କରି ବିଭିନ୍ନ ସାମାଜିକ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହାୟତା ଏବଂ ସହଯୋଗର ହାତ ବଢ଼ାଇଛନ୍ତି । ଅସହାୟ ଲୋକଙ୍କୁ ରନ୍ଧା ଖାଦ୍ୟ ଓ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯାଉଛି। ବୁଲା ପ୍ରାଣୀମାନଙ୍କୁ ମଧ ଖାଦ୍ୟ ସହିତ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯାଇଛି । ହେଲେ ମୃତଦେହ ସଂସ୍କାର ପରି ଏକ ଭିନ୍ନ ସେବାକୁ ଆପଣେଇ ନେଇଛନ୍ତି ସମ୍ବଲ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା ଓ ସଦସ୍ୟମାନେ । ଅସହାୟ, ଅପରିଚିତ ମୃତଦେହ ଦାହ କରି ସେମାନେ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି ।

ଲକ୍‌ଡାଉନ ଘୋଷଣାଠାରୁ ଆଜି ପର୍ଯ୍ୟନ୍ତ ଏହି ଅନୁଷ୍ଠାନ ପକ୍ଷରୁ ୭ ଟି ମୃତଦେହ ସତ୍କାର କରାଯାଇଛି। ସାମାଜିକ ଦୂରତା ନିୟମକୁ ମାନି ଅନୁଷ୍ଠାନର କର୍ମକର୍ତ୍ତାମାନେ ରାଜଘାଟ (ସ୍ୱର୍ଗଦ୍ୱାର)ରେ ଉପରୋକ୍ତ ମୃତଦେହ ଦାହ କରିଛନ୍ତି । ବୁର୍ଲା ଭିମ୍‌ସାରରେ ଏକାଧିକ ଅସହାୟଙ୍କ ମୃତଦେହ ବହୁ ଦିନ ଧରି ପଡି ରହେ । ପୋଲିସ ବି ଅଧିକାଂଶ ସମୟରେ ଅପରିଚିତ ମୃତଦେହ ଉଦ୍ଧାର କରିଥାଏ । ସେହି ମୃତଦେହ ସତ୍କାର ପାଇଁ ଆଗେଇ ଆସନ୍ତି ଏହି ଅନୁଷ୍ଠାନର ସଦସ୍ୟମାନେ । ଲକ୍‌ଡାଉନ ସମୟରେ ଅନୁଷ୍ଠାନର ମାତ୍ର ୨ ଜଣ ସଦସ୍ୟ ଘଟଣା ସ୍ଥଳକୁ ଯାଉଛନ୍ତି । ସେମାନେ ମୃତଦେହ ରାଜଘାଟ (ସ୍ୱର୍ଗଦ୍ୱାର) କୁ ନେଇ ଆସୁଛନ୍ତି । ମୃତକଙ୍କ ପରିବାରର ହାତଗଣତି ସଦସ୍ୟ ମଧ ଏହି ସତ୍କାର କାର୍ଯ୍ୟରେ ସାମିଲ ହେଉଛନ୍ତି । ମୃତଦେହ ସତ୍କାର ସମୟରେ ଅନୁଷ୍ଠାନର ସଦସ୍ୟମାନେ ସାନିଟାଇଜର, ଗ୍ଲୋଭ୍ସ, ମାସ୍କ ବ୍ୟବହାର କରୁଛନ୍ତି । ମୃତକଙ୍କ ପରିବାର ସଦସ୍ୟଙ୍କୁ ମଧ ସେମାନେ କରୋନା କଟକଣା ପାଳନ କରିବାକୁ ସଚେତନ କରୁଛନ୍ତି ।

ଶନିବାର ବୁର୍ଲା ଥାନା ପୋଲିସ ଉଦ୍ଧାର କରିଥିବା ୨ ମୃତଦେହକୁ ଏହି ଅନୁଷ୍ଠାନର ସଦସ୍ୟମାନେ ସତ୍କାର କରିଥିଲେ । ପୂର୍ବରୁ ବରଗଡ ଜିଲା ଭଟଲି ଗ୍ରାମର ଜଣେ ମହିଳାଙ୍କ ପରଲୋକ ଘଟିଥିଲା । ଭିମସାରରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁହେବା ପରେ ମହିଳାଙ୍କ ସ୍ୱାମୀ ଚିନ୍ତାରେ ପଡିଥିଲେ । ଘରକୁ ମୃତଦେହ ନେଇ ସତ୍କାର କରିବା ସମ୍ବଳ ତାଙ୍କ ପାଖରେ ନ ଥିଲା । ଏ କଥା ଜାଣିବା ପରେ ଅନୁଷ୍ଠାନର ସଦସ୍ୟମାନେ ରାଜଘାଟରେ ସେହି ମହିଳାଙ୍କ ମୃତଦେହ ସତ୍କାର କରିଥିଲେ । ଏ ସଂକ୍ରାନ୍ତରେ ଅନୁଷ୍ଠାନର ସଦସ୍ୟ ସୁବ୍ରତ ପଣ୍ଡା କହିଛନ୍ତି, କରୋନା କଟକଣା ଓ ଲକଡାଉନ ଯୋଗୁ ବହୁ ଲୋକ ସମସ୍ୟା ଭୋଗୁଛନ୍ତି । ତେଣୁ ଆମ ଅନୁଷ୍ଠାନ ପୂର୍ବପରି ମୃତଦେହ ସତ୍କାର କରିବା କାର୍ଯ୍ୟ ଜାରି ରଖିଛି। ଏ ସଂକ୍ରାନ୍ତରେ ଆମକୁ ଖବର ମିଳିବା ପରେ ଆମେ ସହଯୋଗ କରୁଛୁ ବୋଲି ସେ କହିଛନ୍ତି ।

ସମ୍ବଲପୁର ରାଜଘାଟରେ ଏକ ମୃତଦେହ ସତ୍କାର କରାଯାଉଛି।

ସ୍ମରଣ ଶକ୍ତି ବଢ଼ାଇବାର ନୂଆ ଉପାୟ

ସ୍ମରଣ ଶକ୍ତି ବଢ଼ାଇବାର ଏକ ସରଳ ତଥା ସହଜ ଉପାୟ ରହିଛି। ଏ ସମ୍ପର୍କରେ ଗବେଷଣା କରି ଲଣ୍ଡନ ୟୁନିଭର୍ସିଟିର ମନୋବିଜ୍ଞାନୀମାନେ ଏକଥା ଜାଣିପାରିଛନ୍ତି। ତାହା କ'ଣ ଜାଣନ୍ତି ? ଥଣ୍ଡା ମିଜାଜରେ କିଛି ବ୍ୟକ୍ତି ପରସ୍ପର ସହ କଥା ହେଲେ ତାହାର ସୁପ୍ରଭାବ ସେମାନଙ୍କର ସ୍ମରଣ ଶକ୍ତି ଉପରେ ପଡିଥାଏ। ଗବେଷଣା ସମୟରେ ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କର ସ୍ମରଣ ଶକ୍ତିରେ କି ପ୍ରକାର ଉନ୍ନତି ପରିଲକ୍ଷିତ ହେଉଛି ତାହାକୁ ତନ୍ନ ତନ୍ନ କରି ନିରୀକ୍ଷଣ କରାଯାଇଥିଲା। ପରସ୍ପର ସହ ଖୁସିର ମାହୋଲ ଭିତରେ କଥାବାର୍ତ୍ତାକୁ ସେମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଆଶ୍ଚର୍ଯ୍ୟଜନକ ଭାବରେ ଏହାଦ୍ୱାରା ସେମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତିଙ୍କର ସ୍ମରଣ ଶକ୍ତି ପୂର୍ବାପେକ୍ଷା ପ୍ରଖର ହେଉଥିବାର ଉକ୍ତ ୟୁନିଭର୍ସିଟିର ମନୋବିଜ୍ଞାନୀମାନେ ଜାଣିପାରିଥିଲେ।

ଔଷଧ : କିଛି କଥା

ଆଜିକାଲି ନିଜକୁ ସୁସ୍ଥ ରଖିବା ଆମ ପାଇଁ ଏକ ଆହ୍ୱାନ ହୋଇଯାଇଛି କହିଲେ ଆଦୌ ଭୁଲ୍ ହେବ ନାହିଁ। ତେଣୁ ଯେତେବ୍ୟସ୍ତ ରହିଲେ ମଧ୍ୟ ନିୟମିତ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ। ଏବେ ଅନେକ ଥଣ୍ଡା, କାଶ, ଜ୍ୱର ପରି କେତେକ ରୋଗ ପାଇଁ ଆପଣ ଘରେ ମେଡିସିନ୍ ରଖିଥାଆନ୍ତି। ହେଲେ ମେଡିସିନ ବା ଔଷଧ କିଣିବା ପୂର୍ବରୁ କେତେକ ବିଷୟ ପ୍ରତି ଧ୍ୟାନଦେବା ନିହାତି ଜରୁରୀ। କୌଣସି ଔଷଧ କିଣିବା ପୂର୍ବରୁ ସେ ବିଷୟରେ ନିଜେ ଭଲ ଭାବରେ ଅବଗତ ହେବା ଦରକାର। କୌଣସି ସ୍ୱାସ୍ଥ୍ୟଜନିତ ସମସ୍ୟା ଥିଲେ ଡାକ୍ତରଙ୍କ ସହ ପରାମର୍ଶ ଅନୁସାରେ ଔଷଧ କିଣନ୍ତୁ। ଔଷଧ କିଣିବା ସମୟରେ ସେଥିରେ ଉଲ୍ଲେଖ କରାଯାଇଥିବା ତାହାର ଏକ୍ସପାୟରି ଡେଟ୍ ଭଲ ଭାବରେ ଦେଖି ନିଅନ୍ତୁ। ମନଇଚ୍ଛା ପୁଳାଏ ମେଡିସିନ୍ କିଣିବା ଅଭ୍ୟାସ ବଦଳାଇବାକୁ ଚେଷ୍ଟା କରନ୍ତୁ। ଘରେ କେଉଁ ମେଡିସିନ୍ ରଖିଲେ ତାହା ଫାଷ୍ଟଏଡ୍ ପରି କାମ କରିବ ସେ ନେଇ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।



ପିଆନୋ ବଜାଇବ ରୋବୋ

ରୋବୋର ବ୍ୟବହାର ଏବେ ବିଭିନ୍ନ କ୍ଷେତ୍ରରେ କରାଯାଉଛି। ବିଶେଷଭାବରେ ଚିକିତ୍ସା ବିଜ୍ଞାନରେ ଏହାକୁ ଅପରେଶନ ପରି ଗୁରୁତ୍ୱପୂର୍ଣ୍ଣ କାମରେ ମଧ୍ୟ ବେଳେବେଳେ ନିୟୋଜନ କରାଯାଉଛି। ନିକଟରେ ମେକ୍ସିକୋ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏପରି ଏକ ରୋବୋ ପ୍ରସ୍ତୁତ କରିଛନ୍ତି, ଯାହା ପିଆନୋ ବଜାଇପାରିବ। ଅତ୍ୟାଧୁନିକ ଜ୍ଞାନକୌଶଳରେ ଏହି ରୋବୋକୁ ପ୍ରସ୍ତୁତ କରାଯାଇଛି। କେବଳ ସେତିକି ନୁହେଁ, ଏହାକୁ ସେମାନେ ବିଶ୍ୱର ସବୁଠାରୁ ଉନ୍ନତ ଜ୍ଞାନକୌଶଳବିଶିଷ୍ଟ ପିଆନୋ ପ୍ଲେଇଙ୍ଗ ରୋବୋ ଭାବରେ ଅବିହିତ କରିଛନ୍ତି। ଖାସ୍ କଥା ହେଲା, ପ୍ରାୟ ୧୦ ଡିଗ୍ରୀ ବୁଲି ଏହି ରୋବୋ ଅନାୟାସରେ ପିଆନୋ ବଜାଇ ପାରିବ।

କରୋନା
ମନୁଷ୍ୟକୃତ ନା ପ୍ରାକୃତିକ



ନିକୁଞ୍ଜ ବିହାରୀ ସାହୁ

ସାରା ବିଶ୍ୱରେ ଆତଙ୍କ ସୃଷ୍ଟି କରିଥିବା କରୋନା ଭାଇରସ୍ ସୃଷ୍ଟି ଯେପରି ରହସ୍ୟମୟ, ସେତିକି ବିସ୍ମୟକର । ଏହା ପଛରେ ମୁଖ୍ୟତଃ ଦୁଇଟି ତତ୍ତ୍ୱ ଉପସ୍ଥାପନା କରାଯାଇଥାଏ । ଏକ ମତବାଦ ଅନୁସାରେ, ଚାଇନା କୁଆଡେ ବିଶ୍ୱ ଅର୍ଥନୀତିକୁ ଦୁର୍ବଳ କରିବା ପାଇଁ ତଥା ବିଶ୍ୱରେ ନିଜକୁ ଏକ ମହାଶକ୍ତି ରୂପେ ପ୍ରତିଷ୍ଠା କରିବା ନିମନ୍ତେ ଏହି ଭାଇରସକୁ ଏକ ଜୈବିକ ଅସ୍ତ୍ର ରୂପେ ନିଜ ପ୍ରୟୋଗଶାଳାରେ ବିକଶିତ କରିଥିଲା । ଦ୍ୱିତୀୟ ମତବାଦ ଅନୁସାରେ, ଏହି ଭାଇରସ ମନୁଷ୍ୟସୃଷ୍ଟ ନ ହୋଇ ଚାଇନାର ଉହାନ୍ ସହରସ୍ଥିତ କୌଣସି ଏକ ଗବେଷଣାଗାରରୁ ଆକସ୍ମିକ ରୂପେ ପଦାକୁ ନିଷ୍କ୍ରାନ୍ତ ହୋଇଥାଇ ପାରେ ।

ଏକ ଜୈବିକ ଅସ୍ତ୍ରରେ ମୁଖ୍ୟତଃ ରୋଗ ସୃଷ୍ଟିକାରୀ କିଛି ଅଣୁଜୀବ ବ୍ୟବହାର କରାଯାଏ, ଯାହାକୁ ସାଧାରଣତଃ ଶତ୍ରୁ ଦେଶର ଲୋକ, ଗୃହପାଳିତ ଜୀବଜନ୍ତୁ କିମ୍ବା ଫସଲ ଉଦ୍ଦେଶ୍ୟରେ ପ୍ରୟୋଗ କରାଯାଏ । ଏହା ପ୍ରକୃତରେ ଏକ ଭୟଙ୍କର ଅସ୍ତ୍ର ଯେହେତୁ ଏହାର କୌଣସି ଭୌଗୋଳିକ ପରିସୀମା ନ ଥାଏ ଏବଂ ଏପରି କି ଏହା ଆକ୍ରମଣକାରୀ ରାଷ୍ଟ୍ରର ସୀମା ଭିତରକୁ ମଧ୍ୟ ସମ୍ପ୍ରସାରିତ ହୋଇପାରେ । ବିଶ୍ୱର କିଛି ରାଷ୍ଟ୍ର ଯଥା ଯୁକ୍ତରାଷ୍ଟ୍ର ଆମେରିକା, ରୁଷିଆ, ଫ୍ରାନ୍ସ, ଜର୍ମାନୀ, ଜାପାନ୍, କାନାଡା, ଇସ୍ରାଏଲ୍, ଇରାନ ଓ ଉତ୍ତର କୋରିଆ ଗୋପନୀୟ ଭାବେ ସମ୍ଭବତଃ କିଛି ମାରାତ୍ମକ ରୋଗ ଯଥା ଆନ୍ଥ୍ରାକ୍ସ, ବସନ୍ତ ଇତ୍ୟାଦି ସୃଷ୍ଟିକାରୀ ବିଭିନ୍ନ ଜୈବିକ ଅସ୍ତ୍ରର ଗବେଷଣା ଓ ବିକାଶ ଦିଗରେ ଉଦ୍ୟମ ଅବ୍ୟାହତ ରଖିଛନ୍ତି।

ମାତ୍ର କିଛି ଗବେଷକ କୋଭିଡ୍-୧୯ ଭାଇରସର ଜିନୋମ୍ ଅନୁକ୍ରମକୁ ଅନୁଧ୍ୟାନ କରି ସିଦ୍ଧାନ୍ତରେ ପହଞ୍ଚିଛନ୍ତି ଯେ, ସମ୍ଭବତଃ କୋଭିଡ୍ ଭାଇରସ ମନୁଷ୍ୟକୃତ ନ ହୋଇ ପ୍ରାକୃତିକ । ଏଥିପାଇଁ ମୁଖ୍ୟତଃ ଦୁଇଟି କାରଣକୁ ଉଲ୍ଲେଖ କରାଯାଉଛି । ପ୍ରଥମତଃ, ଭାଇରସ ରିସେପ୍ଟର ବାଇଣ୍ଡିଂ ଡୋମେନ୍ (Receptor Binding Domain- RBD) ରୂପେ ଜଣାଥିବା ଏହାର ସ୍ପାଇକ୍ ପ୍ରୋଟିନ୍ (Spike Protein) ସମୟକ୍ରମେ ବିବର୍ତ୍ତିତ ହୋଇ ଏଭଳି ରୂପରେଖରେ ପହଞ୍ଚିଛି ଯେ ଏହା ମନୁଷ୍ୟ ଜୀବକୋଷର ବାହାରପୃଷ୍ଠରେ ଥିବା ତଥା ଶରୀରର ରକ୍ତଚାପ ନିୟନ୍ତ୍ରଣରେ ସହାୟକ ହେଉଥିବା ACE-୨ ନାମକ ଏକ ଏନ୍‌ଜାଇମ୍ ସହିତ ସଂଯୋଗ ହୋଇପାରେ। ଭାଇରସର ଏହି ସ୍ପାଇକ୍ ପ୍ରୋଟିନ୍ ଏତେ ସହଜରେ ମନୁଷ୍ୟ ଜୀବକୋଷ ସହିତ ସଂଯୋଗ ହୋଇପାରେ ଯେ ଏହା କେବଳ ପ୍ରାକୃତିକ ବିବର୍ତ୍ତନ ଦ୍ୱାରା ହିଁ ସମ୍ଭବପର । ଦ୍ୱିତୀୟତଃ, କୋଭିଡ୍ ଭାଇରସର ଆଣବିକ ଗଠନ ମନୁଷ୍ୟ ଶରୀରରେ ରୋଗ ସୃଷ୍ଟିକାରୀ ଅନ୍ୟ ଭାଇରସର ଗଠନଠାରୁ ସମ୍ପୂର୍ଣ୍ଣ ଅଲଗା ; ବରଂ ଏହି ଭାଇରସର ବାଦୁଡି ଓ ପାଙ୍ଗୋଲିନ୍‌ଠାରେ ମିଳୁଥିବା ଭାଇରସର ଗଠନ ସହିତ ଘନିଷ୍ଠ ସାମଞ୍ଜସ୍ୟତା ରହିଛି। ତେଣୁ କୋଭିଡ୍ ଭାଇରସର ଏହି ଦୁଇଟି ବିଶେଷତ୍ୱ ଯଥା RBD ଅଙ୍ଗର ବିବର୍ତ୍ତନ ଏବଂ ଅଦ୍ୱିତୀୟ ଜିନୀୟ ସଂରଚନା ମନୁଷ୍ୟକୃତ ନ ହୋଇ ବରଂ ପ୍ରକୃତିସୃଷ୍ଟ ବୋଲି ସୂଚନା ଦିଏ।

ଯଦି ଏହା ପ୍ରକୃତିସୃଷ୍ଟ, ତେବେ ଏହାର ପ୍ରାଥମିକ ଉତ୍ସ କ'ଣ ବୋଲି ମନରେ ପ୍ରଶ୍ନ ଉଠେ। ଏହା ସମ୍ଭବତଃ ବାଦୁଡି ଭଳି ଏକ ଜୀବ ଉତ୍ସରୁ ଆସିଛି । ଏହି ପ୍ରକ୍ରିୟାରେ ମଧ୍ୟ ପାଙ୍ଗୋଲିନ୍ ଭଳି ଏକ ମଧ୍ୟବର୍ତ୍ତୀ ଜୀବ ସଂଶ୍ଳିଷ୍ଟ ଥାଇପାରେ ବୋଲି ବିଶ୍ୱାସ କରାଯାଏ । ଏକ ତୃତୀୟ ମତବାଦ ଅନୁସାରେ, ମନୁଷ୍ୟଠାରେ ରୋଗ ସୃଷ୍ଟି କରୁ ନ ଥିବା ଗୋଟିଏ ଭାଇରସ ପ୍ରଥମେ କୌଣସି ଏକ ଜୀବଠାରୁ ମନୁଷ୍ୟକୁ ସଂଚାରିତ ହୋଇଥିଲା, ଯାହା ମନୁଷ୍ୟ ଶରୀରରେ ଜିନୀୟ ସ୍ତରରେ ଆକସ୍ମିକ ପରିବର୍ତ୍ତନ ଘଟି ଏବେକାର ମାରାତ୍ମକ ଭାଇରସର ରୂପ ନେଇଛି।

ମାତ୍ର ଆମେରିକା ଦୃଢ ଭାବରେ ବିଶ୍ୱାସ କରେ ଯେ, ଏହି ଭାଇରସ୍ ଚାଇନାର ଉହାନ୍ ସହରସ୍ଥିତ କୌଣସି ଜୈବିକ ପ୍ରୟୋଗଶାଳାରୁ ଦୁର୍ଘଟଣା ବଶତଃ ପଦାକୁ ନିଷ୍କ୍ରାନ୍ତ ହୋଇଛି । ଉହାନ୍ ସହରରେ ମୁଖ୍ୟତଃ ଦୁଇଟି ଜୈବିକ ପ୍ରୟୋଗଶାଳା କାର୍ଯ୍ୟକାରୀ ରହିଛି । ସେଥିରୁ ଗୋଟିଏ ହେଲା ଉହାନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜି (Wuhan Institute of Virology – WIV), ଯାହା ବିଗତ ୨୦୦୨ ମସିହାରେ ଫ୍ରାନ୍ସ ସହାୟତାରେ SARS ବ୍ୟାଧିର ସଂକ୍ରମଣ ପରେ ପରେ ପ୍ରତିଷ୍ଠିତ ହୋଇଥିଲା । ଏହା ଚାଇନା ଏକାଡେମୀ ଅଫ୍ ସାଇନ୍ସେସ୍ ଦ୍ୱାରା ପ୍ରତିଷ୍ଠିତ ସମୁଦାୟ ୨୦ଟି ପ୍ରୟୋଗଶାଳା ମଧ୍ୟରୁ ଅନ୍ୟତମ ହୋଇଥିଲେ ହେଁ ଭାଇରସ୍ ବିଜ୍ଞାନ ଅଧ୍ୟୟନ କ୍ଷେତ୍ରରେ ଦେଶର ଏକମାତ୍ର ଅନୁଷ୍ଠାନ । ଏହି ଅନୁଷ୍ଠାନରେ ମନୁଷ୍ୟ ଶରୀରରେ ରୋଗ ସୃଷ୍ଟି କରୁଥିବା ଅନେକ ଭାଇରସର ନମୁନା ମୁଖ୍ୟତଃ ଗବେଷଣା ପାଇଁ ସଂଗୃହୀତ କରି ରଖାଯାଇଅଛି। ସେହିପରି, ଅନତିଦୂରରେ ସେହି ଉହାନ୍ ସହରରେ ଜୈବିକ ଗବେଷଣା କ୍ଷେତ୍ରରେ କାର୍ଯ୍ୟ କରୁଥିବା ଏକ ଦ୍ୱିତୀୟ ପ୍ରତିଷ୍ଠାନ ଯଥା ଉହାନ୍ ବ୍ୟାଧି ନିୟନ୍ତ୍ରଣ କେନ୍ଦ୍ର (Wuhan Centre for Disease Control WCDC) ଅବସ୍ଥିତ। ଏହା (ଚାଇନା ବୈଜ୍ଞାନିକମାନଙ୍କ ମତରେ) କରୋନା ପ୍ରଥମେ ବ୍ୟାପିଥିବା ମାଂସ ବଜାରଠାରୁ ମାତ୍ର ୩ କି.ମି. ଦୂରରେ ଅବସ୍ଥିତ। ଏହି ଅନୁଷ୍ଠାନ ମଧ୍ୟ ବାଦୁଡିମାନଙ୍କ ଉପରେ କରୋନା ଭାଇରସର ସଂକ୍ରମଣ ଉପରେ ଗବେଷଣା କରି ଆସୁଥିବା ସନ୍ଦେହ କରାଯାଏ । ବିଗତ ୨୦୧୮ ମସିହାଠାରୁ ଯୁକ୍ତରାଷ୍ଟ୍ର ଆମେରିକା ଏହି ଦୁଇ ଅନୁଷ୍ଠାନରେ ଆବଶ୍ୟକୀୟ ସୁରକ୍ଷା ବ୍ୟବସ୍ଥା ଉପଲବ୍ଧ ନ ଥିବା ନେଇ ଅଭିଯୋଗ କରିଆସୁଛି । ଆମେରିକା ମତରେ, ଏଭଳି ମହତ୍ତ୍ୱପୂର୍ଣ୍ଣ ଅନୁଷ୍ଠାନକୁ ଠିକ ରୂପେ ପରିଚାଳନା କରିବା ପାଇଁ ପ୍ରଶିକ୍ଷିତ କର୍ମଚାରୀ କିମ୍ବା ଭିତ୍ତିଭୂମିର ଘୋର ଅଭାବ ରହିଛି । ବିଶେଷଜ୍ଞମାନଙ୍କ ମତରେ, ସୁରକ୍ଷାର ସମସ୍ତ ନିୟମକୁ ଜଳାଞ୍ଜଳି ଦେଇ ଏହି ଦୁଇ ଅନୁଷ୍ଠାନରେ ମାରାତ୍ମକ ଭାଇରସମାନଙ୍କୁ ଦିଶାର୍ନିଦ୍ଧାରିତ ଜୈବିକ ସୁରକ୍ଷା ସ୍ତର (Bio Safety Level- BSL) – ୪ ପରିବର୍ତ୍ତେ ଏକ ନିମ୍ନମାନର ଜୈବିକ ସୁରକ୍ଷା ସ୍ତର –୨ ଅନୁସାରେ ଅଧ୍ୟୟନ କରାଯାଉଥିଲା, ଯାହା ବାସ୍ତବକ୍ଷେତ୍ରରେ ଅତି ବିପଦପୂର୍ଣ୍ଣ । କରୋନା ସଂକ୍ରମଣର ଶିକାର ହୋଇଥିବା ପ୍ରଥମ ରୋଗୀ ସମ୍ଭବତଃ ଏହି ଦୁଇଟି ପ୍ରୟୋଗଶାଳା ମଧ୍ୟରୁ ଗୋଟିକରେ କାର୍ଯ୍ୟ କରୁଥିଲେ। ସେ ହୁଏତ ମହିଳା କିମ୍ବା ପୁରୁଷ କର୍ମଚାରୀ ହୋଇପାରନ୍ତି । ସେ ସମ୍ଭବତଃ କାର୍ଯ୍ୟ ସମୟରେ ଦୁର୍ଘଟଣା ବଶତଃ ଉପରୋକ୍ତ ଅନୁଷ୍ଠାନରେ ସଂରକ୍ଷିତ ଥିବା ଭାଇରସର କୌଣସି ନମୁନା ସହିତ ସଂସ୍ପର୍ଶରେ ଆସି କରୋନା ଇତିହାସର ପ୍ରଥମ ସଂକ୍ରମଣର ଶିକାର ହୋଇଥିଲେ । ପରବର୍ତ୍ତୀ ସମୟରେ ସେ ନିକଟସ୍ଥ ମାଂସ ବଜାରକୁ ମାଂସ କିଣିବା ପାଇଁ ଯାଇଥିବା ସମୟରେ ବୋଧହୁଏ ପଦାକୁ ସଂକ୍ରମଣର ଦ୍ୱାର ଖୋଲି ଦେଇ ଦୁନିଆକୁ ଏକ ବଡ ବିପଦ ମୁହଁକୁ ଠେଲି ଦେଇଥିଲେ ।

ତେବେ କରୋନାର ଜନ୍ମ ଇତିହାସ ସମ୍ପର୍କରେ ଏଭଳି ଅନେକ ବାଦ ବିବାଦ ଲାଗି ରହିଥିବାବେଳେ ଆଗାମୀ ଦିନରେ ଏ ସଂକ୍ରାନ୍ତରେ ପରବର୍ତ୍ତୀ ଗବେଷଣା ଅଧିକ ଆଲୋକପାତ କରିବ ବୋଲି ବିଶ୍ୱାସ କରାଯାଏ ।

–ଏଜୁକେଶନ୍ ଅଫିସର ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ
ମୋ : ୮୯୧୬୬୩୭୯୭୪

> ''ମାତ୍ର କିଛି ଗବେଷକ କୋଭିଡ୍-୧୯ ଭାଇରସର ଜିନୋମ୍ ଅନୁକ୍ରମକୁ ଅନୁଧ୍ୟାନ କରି ସିଦ୍ଧାନ୍ତରେ ପହଞ୍ଚିଛନ୍ତି ଯେ, ସମ୍ଭବତଃ କୋଭିଡ୍ ଭାଇରସ ମନୁଷ୍ୟକୃତ ନ ହୋଇ ପ୍ରାକୃତିକ। ଏଥିପାଇଁ ମୁଖ୍ୟତଃ ଦୁଇଟି କାରଣକୁ ଉଲ୍ଲେଖ କରାଯାଉଛି । ପ୍ରଥମତଃ, ଭାଇରସ ରିସେପ୍ଟର୍ ବାଇଣ୍ଡିଂ ଡୋମେନ୍ (Receptor Binding Domain- RBD) ରୂପେ ଜଣାଥିବା ଏହାର ସ୍ପାଇକ୍ ପ୍ରୋଟିନ୍ (Spike Protein) ସମୟକ୍ରମେ ବିବର୍ତ୍ତିତ ହୋଇ ଏଭଳି ରୂପରେଖରେ ପହଞ୍ଚିଛି ଯେ ଏହା ମନୁଷ୍ୟ ଜୀବକୋଷର ବାହାରପୃଷ୍ଠରେ ଥିବା ତଥା ଶରୀରର ରକ୍ତଚାପ ନିୟନ୍ତ୍ରଣରେ ସହାୟକ ହେଉଥିବା ACE-୨ ନାମକ ଏକ ଏନଜାଇମ୍ ସହିତ ସଂଯୋଗ ହୋଇପାରେ ।''

ଅବସାଦ କିଛାଏ କ୍ୟାନ୍‌ସର

ବ୍ୟସ୍ତମୟ ଜୀବନରେ ଅନେକ ଅବସାଦର ସମ୍ମୁଖୀନ ହୋଇଥାଆନ୍ତି। ତେବେ ଏପରି ସମସ୍ୟାଠାରୁ ଜଣେ ନିଜକୁ ଦୂରେଇ ରଖିବା ଦରକାର। କାରଣ ଏହାର କୁପ୍ରଭାବ ଶରୀର ଉପରେ ହିଁ ପଡିଥାଏ। ତା'ସହ କେତେକ ରୋଗକୁ ଏହା ମଧ୍ୟ ପରୋକ୍ଷରେ ନିୟନ୍ତ୍ରଣ କରିଥାଏ। ତେବେ ଏହି ତାଲିକାରେ ଆଉ ଏକ ପ୍ରମୁଖ ରୋଗକୁ ନିକଟରେ ସାମିଲ କରାଯାଇଛି। ତାହା ହେଲା କ୍ୟାନ୍‌ସର। ଅର୍ଥାତ୍, ଯଦି ଜଣେ ବ୍ୟକ୍ତି ଦୀର୍ଘ ସମୟ ଧରି ଅବସାଦ ପରି ସମସ୍ୟାର ସମ୍ମୁଖୀନ ହୁଅନ୍ତି, ତେବେ ସେ କ୍ୟାନ୍‌ସର ଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ ବୋଲି ସଦ୍ୟତମ ଗବେଷଣାରୁ ଜଣାପଡିଛି। ନିକଟରେ 'ଅବସାଦ ଏବଂ କ୍ୟାନ୍‌ସର' ଶୀର୍ଷକ ବିଷୟକୁ ନେଇ ୟୁନିଭର୍ସିଟି ଅଫ କାଲିଫର୍ନିଆର ବିଶେଷଜ୍ଞମାନେ ଏକ ଗବେଷଣା କରିଥିଲେ। ପ୍ରାୟ ପ୍ରତିଦିନ ଅବସାଦଗ୍ରସ୍ତ ହେଉଥିବା କେତେକ ବ୍ୟକ୍ତିଙ୍କୁ ଏହାର ଅନ୍ତର୍ଭୁକ୍ତ କରାଯାଇ ସେମାନେ ଏହାଦ୍ୱାରା କେଉଁ ରୋଗରେ ଆକ୍ରାନ୍ତ ହେଉଛନ୍ତି ତାହାର ତନ୍ନ ତନ୍ନ ପରୀକ୍ଷା କରାଯାଇଥିଲା। ଆଶ୍ଚର୍ଯ୍ୟଜନକ ଭାବରେ କେତେକଙ୍କଠାରେ କ୍ୟାନ୍‌ସର ପରି ମାରାତ୍ମକ ରୋଗର ଲକ୍ଷଣ ଦେଖିବାକୁ ମିଳିଥିଲା ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଅଧିକାଂଶ ସମୟ ଅବସାଦଗ୍ରସ୍ତ ରହିବା ଦ୍ୱାରା ଶରୀରରେ କୋଷଗୁଡିକ ଦୁର୍ବଳ ହୋଇପଡନ୍ତି। ତେଣୁ ଏହି ସମୟରେ କ୍ୟାନ୍‌ସର ଜୀବାଣୁ ଶରୀର ମଧ୍ୟରେ ପ୍ରବେଶ କରିବାର ଯଥେଷ୍ଟ ଆଶଙ୍କା ରହିଛି ବୋଲି ଏହି ରିପୋର୍ଟରୁ ଜଣାପଡିଛି।



ମେଦବହୁଳତା ଓ ଥାଇରଏଡ

ଆଜିକାଲି ଥାଇରଏଡ ଏକ ସାଧାରଣ ସମସ୍ୟା ପାଲଟି ଗଲାଣି। ହେଲେ ମେଦବହୁଳତା ବା ଓଜନବୃଦ୍ଧି ସହ ଏହାର କୌଣସି ସଂଯୋଗ ନାହିଁ ବୋଲି ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି। 'ମେଦବହୁଳତା ଓ ଥାଇରଏଡ୍' ବିଷୟକୁ ନେଇ ୟୁନିଭର୍ସିଟି ଅଫ ସିଡ୍‌ନୀର ବିଶେଷଜ୍ଞମାନେ ଏକ ଗବେଷଣା କରିଥିଲେ। ଏଥିରେ ସେମାନେ କେତେକ ହାଇପୋଥାଇରଏଡ ବ୍ୟକ୍ତିଙ୍କୁ ପରିସରଭୁକ୍ତ କରି ସେମାନଙ୍କର ଥାଇରଏଡ ସ୍ତରକୁ ସନ୍ତୁଳିତ ରଖିବାକୁ ଚେଷ୍ଟା କରିଥିଲେ। ଯଦିଓ ଅନେକଙ୍କର ଏହି ସ୍ତର ସନ୍ତୁଳିତ ସ୍ତରକୁ ଆସିଥିଲା, ହେଲେ ମେଦବହୁଳ ସମସ୍ୟା ସହ ଜଡିତ ବ୍ୟକ୍ତିଙ୍କ ଓଜନ କମୁ ନ ଥିବାର ଦେଖିବାକୁ ମିଳିଥିଲା। ଉକ୍ତ ୟୁନିଭର୍ସିଟି ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଓଜନ କମିବା କିମ୍ବା ବଢ଼ିବା ସହ ଥାଇରଏଡ୍‌ର କୌଣସି ସମ୍ପର୍କ ନାହିଁ। ଓଜନ କାହିଁକି ବଢୁଛି ତାହାର କାରଣ ଅନୁସନ୍ଧାନ କରି ସେପରି ସମସ୍ୟାର ପ୍ରତିକାର କରିବା ଦରକାର ବୋଲି ସେମାନେ ପରାମର୍ଶ ଦେଇଛନ୍ତି।

ସ୍ୱାସ୍ଥ୍ୟ ସୂଚନା

–ବିଛଣାରୁ ଉଠିବା ପରେ କିଛି ସମୟ ଷ୍ଟ୍ରେଚିଙ୍ଗ ଏକ୍ସରସାଇଜ କରନ୍ତୁ। ଏହାର କେତେକ ସୁପ୍ରଭାବ ଶରୀର ଉପରେ ପଡିଥାଏ। ଏହାଦ୍ୱାରା ଶରୀରରେ ରକ୍ତ ସଞ୍ଚାଳନ ପ୍ରକ୍ରିୟାକୁ ଆହୁରି ସକ୍ରିୟ କରେ। ତା'ସହ ପାଚନକ୍ରିୟା ଠିକ ଭାବରେ କାର୍ଯ୍ୟ କରିଥାଏ। ଏହାଦ୍ୱାରା ବ୍ୟାକ୍‌ପେନ୍‌ରୁ ମଧ୍ୟ କେତେକାଂଶରେ ଉପଶମ ମିଳିଥାଏ।

–ସକାଳ ସମୟରେ ଯେତେ ଗୁରୁତ୍ୱପୂର୍ଣ୍ଣ କାମ ରହିଲେ ମଧ୍ୟ ପ୍ରତିଦିନ ବ୍ରେକଫାଷ୍ଟ କରିବାକୁ ଭୁଲନ୍ତୁ ନାହିଁ। ଏହାଦ୍ୱାରା ଆପଣଙ୍କର ଓଜନ ସନ୍ତୁଳିତ ରହିଥାଏ।

–କେତେକ ଦାନ୍ତ ଘଷିବା କାମକୁ ଶୀଘ୍ର ଶେଷ କରିଦିଅନ୍ତି। ହେଲେ ଅତିକମ୍‌ରେ ଦୁଇ ମିନିଟ୍ ପର୍ଯ୍ୟନ୍ତ ଠିକ ଭାବରେ ଦାନ୍ତ ଘଷନ୍ତୁ। ରାତ୍ରିଭୋଜନ ପରେ ଦାନ୍ତ ଘଷିବାକୁ ଭୁଲନ୍ତୁ ନାହିଁ।

–ପ୍ରତିଦିନ କିଛି ସମୟ ପ୍ରାର୍ଥନା କରନ୍ତୁ। ଏପରି ଆଧ୍ୟାତ୍ମିକ ପରିବେଶରେ ରହିବା ଦ୍ୱାରା ମନରେ ଶାନ୍ତି ଆସିଥାଏ ଏବଂ ତାହା ମଧ୍ୟ ମାନସିକତାକୁ ଆହୁରି ସକାରାତ୍ମକ କରାଇଥାଏ।

–ପ୍ରତିଦିନ ଖାଦ୍ୟ ତାଲିକାରେ ଟମାଟୋ ସାମିଲ କରନ୍ତୁ। ଏହା ଭିଟାମିନ୍ 'ସି'ର ଏକ ପ୍ରମୁଖ ଉତ୍ସ। ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି ଯେ, ଟମାଟୋ ଖାଇବା ଦ୍ୱାରା ଆମେ ନିଜକୁ କେତେକାଂଶରେ କ୍ୟାନ୍‌ସରଠାରୁ ଦୂରେଇ ରଖିପାରିବା।

–ନିଜକୁ ଯେତେସମ୍ଭବ ଟେନ୍‌ସନଠାରୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ।

କରୋନା ଯୋଦ୍ଧାଙ୍କୁ ସମ୍ବର୍ଦ୍ଧନା

କଟକ ଅଫିସ,୩।୫: ଭାଜପା ବାଇମୁଣ୍ଡି ମଣ୍ଡଳ ପକ୍ଷରୁ କରୋନା ଯୋଦ୍ଧାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମର୍କତନଗର ଥାନାଧିକାରୀଙ୍କ ସମେତ ଥାନାର ଅନ୍ୟ କର୍ମଚାରୀ ଏବଂ ସିଡିଏ ଅଞ୍ଚଳର ସଫେଇ କର୍ମଚାରୀମାନଙ୍କୁ ପୂର୍ବତନ ମନ୍ତ୍ରୀ ସମୀର ଦେଙ୍କ ନେତୃତ୍ୱରେ ଉତ୍ତରୀୟ, ପ୍ରଶଂସାପତ୍ର ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବାଇମୁଣ୍ଡି ମଣ୍ଡଳ ସଭାପତି ଲଲାଟେନ୍ଦୁ ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଗୀତାରାଣୀ ଦାସ, ବାଇମୁଣ୍ଡି ମଣ୍ଡଳ ମହିଳା ମୋର୍ଚ୍ଚା ସଭାନେତ୍ରୀ ମନୋରମା ରାଉତ, ମାନସୀ ଦାସ, ସବିତା ରଞ୍ଜନ ପଟ୍ଟନାୟକ, ଦିଲୀପ ଦାସ, ବିବେକାନନ୍ଦ ନାୟକ ଓ ବିଶ୍ୱରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

କରୋନା: ହୋଟେଲ ଶିଳ୍ପ ଦେବାଳିଆ

ପୁରୀ ଅଫିସ,୩।୫

କରୋନା ମାଡ଼ରେ ଦେବାଳିଆ ହୋଇପଡ଼ିଲାଣି ପୁରୀର ହୋଟେଲ ଶିଳ୍ପ। ପ୍ରାୟ ଦେଢ ମାସ ହେବ ହୋଟେଲଗୁଡ଼ିକରେ ତାଲା ଝୁଲୁଛି। ଏହା ହୋଟେଲ ମାଲିକ ଏବଂ ହଜାର ହଜାର କର୍ମଚାରୀଙ୍କ ପରିବାରକୁ ଚିନ୍ତାରେ ପକାଇଛି। ସେହିପରି ହୋଟେଲ ଶିଳ୍ପ ଉପରେ ନିର୍ଭରଶୀଳ ଗାଡ଼ି ମାଲିକ, ଚାଳକ ଏବଂ ବ୍ୟବସାୟୀଙ୍କ ପାଇଁ ବି ସଂକଟ ସୃଷ୍ଟି କରିଛି।
ପର୍ଯ୍ୟଟନ ଶିଳ୍ପର ଏକ ପ୍ରମୁଖ ଅଂଶ ହେଉଛି ହୋଟେଲ। ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରରେ ପୁରୀର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ପ୍ରତ୍ୟହ ଏଠାକୁ ଦେଶ ବିଦେଶର ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଆସିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ପୁରୀ ସହରରେ ପ୍ରାୟ ୧,୦୦୦ ଛୋଟ ବଡ଼ ହୋଟେଲ ରହିଛି। କିନ୍ତୁ ମହାମାରୀ କରୋନା ମୁକାବିଲା ପାଇଁ ଲକ୍‌ଡାଉନ ଯୋଗୁ ଗତ ମାର୍ଚ୍ଚ ୨୦

- ଦେଢ ମାସ ହେଲାଣି ତାଲା ଝୁଲୁଛି
- ମାଲିକ, କର୍ମଚାରୀଙ୍କୁ ଘାରିଛି ଚିନ୍ତା

ତାରିଖରୁ ହୋଟେଲଗୁଡ଼ିକ ବନ୍ଦ ରହିଛି। ହୋଟେଲଗୁଡ଼ିକରେ ପେଟପାଟଣା ପାଇଁ କାମ କରୁଥିବା କର୍ମଚାରୀମାନେ ଛୁଟିରେ ପଳାଇଛନ୍ତି। ହୋଟେଲ ଶିଳ୍ପ ଦ୍ୱାରା ଏମାନେ ରୋଜଗାରକ୍ଷମ ହେବା ସହ ପରିବାର ପ୍ରତିପୋଷଣ କରିଥାନ୍ତି। ଏବେ ସେମାନଙ୍କ ପରିବାର ସମସ୍ୟାରେ ପଡ଼ିଛନ୍ତି। ସେହିପରି ପରୋକ୍ଷରେ ହୋଟେଲ ଶିଳ୍ପ ଉପରେ ହଜାର ହଜାର ଅଟୋ, ରିକ୍ସା, ବସ୍ ଏବଂ ଟ୍ୟାକ୍ସି ଚାଳକ ନିର୍ଭର କରିଥାନ୍ତି। ଏମାନେ ଯାତ୍ରୀ, ପର୍ଯ୍ୟଟକଙ୍କୁ ଆଣି ହୋଟେଲରେ ପହଞ୍ଚାଇବା ଓ ସେମାନଙ୍କୁ ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ବୁଲାଇ ନେଇ ଯାହା ରୋଜଗାର କରନ୍ତି ସେଥିରେ ସେମାନଙ୍କ ପରିବାର ଚଳେ। ସେମାନେ ବି ଏବେ ହାତବାନ୍ଧି ବସିଛନ୍ତି। ପର୍ଯ୍ୟଟକଙ୍କୁ ଭିତ୍ତିକରି ଚଳୁଥିବା ଛୋଟବଡ ବ୍ୟବସାୟୀମାନଙ୍କ ଜୀବିକା ମଧ୍ୟ ପ୍ରଭାବିତ ହୋଇଛି।
ଗତବର୍ଷ ବାତ୍ୟା ଫନୀ ମାଡ଼ରେ ପୁରୀ ହୋଟେଲ ଶିଳ୍ପର ଭିତ୍ତିଭୂମି ଦୋହଲି ଯାଇଥିଲା। ପ୍ରାୟ ଅଧିକାଂଶ ହୋଟେଲ କ୍ଷତିଗ୍ରସ୍ତ ହୋଇଥିଲା। ଧୀରେ ଧୀରେ ହୋଟେଲଗୁଡ଼ିକ ଅଣ୍ଟା ସଳଖି ଥିବାବେଳେ ଏବେ କରୋନା ସେମାନଙ୍କୁ ଶକ୍ତ ଧକ୍କା ଦେଇଛି। ଏ ସମ୍ପର୍କରେ ହାରୋର ଉପାଧ୍ୟକ୍ଷ ରାଜକିଶୋର ପାତ୍ର କହିଛନ୍ତି, କରୋନା କଟକଣା ଯୋଗୁ ଦେଢ ମାସ ହେଲାଣି ହୋଟେଲଗୁଡ଼ିକରେ ତାଲା ଝୁଲୁଛି। କେବେ ଖୋଲିବ ତାହାକୁ ନେଇ ସନ୍ଦେହ ଦେଖାଦେଲାଣି। ହୋଟେଲ ଶିଳ୍ପକୁ ତିଷ୍ଠି ରହିବାକୁ ହେଲେ ସରକାରଙ୍କ ସହାୟତା ଲୋଡ଼ା। ବିନା ସୁଧରେ ଋଣ ଦେବାର ବ୍ୟବସ୍ଥା ହେଉ, ନଚେତ ଅନେକ ହୋଟେଲ ବୁଡ଼ିବା ସହ କର୍ମଚାରୀମାନେ ମଧ୍ୟ ରୋଜଗାର ହରାଇବେ। ଫଳରେ ବହୁ ବେକାରୀ ସୃଷ୍ଟି ହେବେ। ଏପରି ହେଲେ ପରିସ୍ଥିତି ଭୟାବହ ହୋଇପାରେ ବୋଲି ପାତ୍ର ପ୍ରକାଶ କରିଛନ୍ତି।

ଭୋକରେ ଦିନ କାଟୁଛନ୍ତି ବସ୍ କର୍ମଚାରୀ

ଗୋପ,୩।୫(ଡି.ଏନ.ଏ.)

ମହାମାରୀ କରୋନାକୁ ନେଇ ସାରା ରାଜ୍ୟରେ ଲକଡାଉନ ଜାରି ରହିଛି। ଏଥିଯୋଗୁ ସମସ୍ତ ଯାନବାହନ ବନ୍ଦ ଥିବାରୁ ଯାତ୍ରୀବାହୀ ବସରେ କାର୍ଯ୍ୟରତ ଡ୍ରାଇଭର, କଣ୍ଡକ୍ଟର, ହେଲପରଙ୍କ ପରିବାର ଭୋକ ଉପାସରେ ଦିନ କାଟୁଥିବା ଅଭିଯୋଗ ହୋଇଛି। ଏ ନେଇ ରବିବାର ବେଗୁନିଆ-ନୟାହାଟ ରାସ୍ତାର ଓଟର ଛକସ୍ଥିତ ମା' ବୁନ୍ଦେଇ ଠାକୁରାଣୀ ନିକଟରେ ମା' ରାମଚଣ୍ଡୀ ବସ କର୍ମଚାରୀ ସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସଂଘ ସଭାପତି ଜାଫର ଶାହାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଶତାଧିକ ବସ କର୍ମଚାରୀ ଯୋଗ ଦେଇଥିଲେ। ଲକଡାଉନ ପରଠାରୁ ସମସ୍ତ ଯାତ୍ରୀବାହୀ ବସ ବନ୍ଦ ରହିବା ପରେ ଗାଡ଼ି ମାଲିକମାନେ ବସ କର୍ମଚାରୀମାନଙ୍କୁ ଚଳାଚଳ ଲାଗି ଅର୍ଥ ବନ୍ଦ କରି ଦେଇଛନ୍ତି। ଫଳରେ ବସ ଚଳାଚଳ କରି ପରିବାର ଭରଣପୋଷଣ କରୁଥିବା କର୍ମଚାରୀମାନେ ପରିବାର ସହ ଭୋକରେ ରହୁଥିବା ବସ କର୍ମଚାରୀ ଜୟନ୍ତ ଦାସ, ସନ୍ତୋଷ ମହାନ୍ତି, ପ୍ରକାଶ ବେହେରା ପ୍ରମୁଖ ଅଭିଯୋଗ କରିଛନ୍ତି। ସରକାର ଆମ ସମସ୍ୟା ପ୍ରତି ନିହାତି ଦୃଷ୍ଟି ଦେବାର ଆବଶ୍ୟକତା ରହିଛି ବୋଲି ସେମାନେ କହିଛନ୍ତି। ଯଦି ଗାଡ଼ି ମାଲିକ, ସରକାର ଦୃଷ୍ଟି ନ ଦିଅନ୍ତି ଆଗକୁ ଆମେ ପରିବାର ସହ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଧମକ ଦେଇଛନ୍ତି।

ସଂକ୍ଷେପରେ

ଘରଘର ବୁଲି ବଟିକା ବାଣ୍ଟିଲେ ଶିକ୍ଷକ

କୃଷ୍ଣପ୍ରସାଦ,୩।୫(ଡି.ଏନ.ଏ.): କୃଷ୍ଣପ୍ରସାଦ ବ୍ଲକ ଶିକ୍ଷାଞ୍ଚଳରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ଶିକ୍ଷାର୍ଥୀଙ୍କ ଘରକୁ ଘର ଯାଇ ଆଇରନ ବଟିକା ବାଣ୍ଟିଛନ୍ତି। ବ୍ଲକ ଶିକ୍ଷାଧିକାରୀ ରବୀନ୍ଦ୍ରନାଥ ଜେନାଙ୍କ ନିର୍ଦ୍ଦେଶରେ ମାଲୁଦ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରବୀଣା ଦାସ, ସି.ଆର.ସି.ସି ରମାକାନ୍ତ ଜେନା, ଶିକ୍ଷୟିତ୍ରୀ ଶାନ୍ତି ଜେନା, ଶିକ୍ଷକ ଅର୍ଜୁନ, ଶିକ୍ଷକ ଗଣେଶ ସାହୁ ମାଲୁଦ ଅଞ୍ଚଳର ସାହିସାହି ବୁଲି ବଟିକା ବାଣ୍ଟିଥିଲେ। ରବିବାର ବଣ୍ଟନ କାର୍ଯ୍ୟ ଶେଷ ହୋଇଥିବାବେଳେ ଶିକ୍ଷାର୍ଥୀମାନେ ସପ୍ତାହକୁ ଥରେ ପ୍ରତି ସୋମବାର ଖାଦ୍ୟ ଖାଇସାରିବା ପରେ ଗୋଟିଏ ଲେଖାଏଁ ବଟିକା ଦେବାକୁ ଅଭିଭାବକମାନଙ୍କୁ କହିଥିଲେ। ଖାଇବା ପରେ ଯଦି କିଛି ଅସୁବିଧା ହୁଏ ତେବେ ଫୋନ ଯୋଗେ ଜଣାଇବା ପାଇଁ ନିଜ ନିଜ ନମ୍ବର ଦେଇଥିଲେ। ଅନ୍ୟ କୌଣସି ଔଷଧ ଖାଉଥିଲେ କିମ୍ବା ଶାରୀରିକ ଅସୁସ୍ଥତା ଥିଲେ ଏହି ଔଷଧ ଖାଇବା ପାଇଁ ବାରଣ କରିଥିଲେ।

ବସ୍ତିବାସିନ୍ଦାଙ୍କୁ ଖାଦ୍ୟ, ମାସ୍କ ବଣ୍ଟନ

କଟକ ଅଫିସ,୩।୫: ମହାନଦୀ ବିହାରସ୍ଥିତ ଡାକଲେଖା କାର୍ଯ୍ୟାଳୟ କର୍ମଚାରୀମାନଙ୍କ ପକ୍ଷରୁ ସ୍ଥାନୀୟ ଅଞ୍ଚଳର ବସ୍ତିବାସିନ୍ଦାଙ୍କୁ ଶୁଖିଲା ଖାଦ୍ୟ ଓ ମାସ୍କ ବଣ୍ଟନ କରାଯାଇଛି। ଡାକଲେଖା ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ଦାଶଙ୍କ ନେତୃତ୍ୱରେ ପ୍ରମୋଦ କୁମାର ସିଂ, ରାଜେନ୍ଦ୍ର କୁମାର ସାହୁ, ପ୍ରମୋଦ କୁମାର ବେହେରା ଓ ଜ୍ଞାନ ହୋତା ପ୍ରମୁଖ ଖାଦ୍ୟ, ମାସ୍କ ବଣ୍ଟନ କରିଥିଲେ। ଏଥିସହ କର୍ମଚାରୀମାନେ ବସ୍ତିବାସିନ୍ଦାଙ୍କୁ ସାମାଜିକ ଦୂରତ୍ୱ ବଜାୟ ରଖିବା, ମାସ୍କ ପିନ୍ଧିବା ଓ ବାରମ୍ବାର ହାତ ଧୋଇବା ପାଇଁ ପରାମର୍ଶ ଦେଇଥିଲେ। ଡାକଲେଖା କାର୍ଯ୍ୟାଳୟ ପକ୍ଷରୁ ଏହି ଦ୍ୱିତୀୟ ପର୍ଯ୍ୟାୟ ବଣ୍ଟନ ଓ ସଚେତନତା କାର୍ଯ୍ୟକ୍ରମରେ ୧୦୦ ପରିବାର ସାମିଲ୍ ହୋଇଥିଲେ।

ନାମ ପଞ୍ଜୀକରଣକୁ ନେଇ ଅସନ୍ତୋଷ

କଟକ ସଦର,୩।୫(ଡି.ଏନ୍.ଏ.): ରାଜ୍ୟ ବାହାରୁ ଫେରୁଥିବା ପ୍ରବାସୀ ଓଡ଼ିଆଙ୍କୁ ରଖିବା ପାଇଁ କଟକ ସଦର ବ୍ଲକର ୨୩ ପଞ୍ଚାୟତରେ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ରହିବା ପାଇଁ ବ୍ଲକର ୧୩୫୬ଜଣ ଅନ୍‌ଲାଇନରେ ପଞ୍ଜୀକରଣ କରିଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ ଏହି ବ୍ଲକ ଅଞ୍ଚଳର ହୋଇ ନ ଥିବା ଜଣାପଡିଛି। ଫଳରେ ଏମାନଙ୍କୁ ପଞ୍ଚାୟତ ସ୍ୱାସ୍ଥ୍ୟକେନ୍ଦ୍ରରେ ପୂରାଇ ଦିଆଯିବ ନାହିଁ ବୋଲି ସରପଞ୍ଚମାନେ ବିଡିଓ ରାଜୀବ ଲୋଚନ ପରିଡାଙ୍କୁ ଜଣାଇଥିଲେ। କନ୍ଦରପୁର, ଅରିଲୋ, ବାରଦା ପଞ୍ଚାୟତରେ ସର୍ବାଧିକ ବାହାର ଅଞ୍ଚଳର ପ୍ରବାସୀ ଓଡ଼ିଆ ପଞ୍ଜୀକରଣ କରିଥିଲେ। ଏଭଳି ପଞ୍ଜୀକରଣକୁ ବାତିଲ କରିବା ସହ ସେମାନଙ୍କୁ ଫୋନ ମାଧ୍ୟମରେ ଜଣାଇବା ପାଇଁ ବିଡିଓ ପରିଡା ପଞ୍ଚାୟତ କାର୍ଯ୍ୟନିର୍ବାହୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ସହିତ ସମ୍ପୃକ୍ତ ପଞ୍ଜୀକୃତ ଲୋକମାନଙ୍କୁ ସେମାନଙ୍କ ଅଞ୍ଚଳର ସ୍ୱାସ୍ଥ୍ୟକେନ୍ଦ୍ର ସମ୍ପର୍କରେ ସୂଚନା ଦେବା ପାଇଁ କୁହାଯାଇଛି।

କୃଷ୍ଣପ୍ରସାଦମୁହାଁ ପ୍ରବାସୀ ଓଡ଼ିଆ

କୃଷ୍ଣପ୍ରସାଦ,୩।୫(ଡି.ଏନ.ଏ.): ଲକଡାଉନ ବୃଦ୍ଧି ପରେ ରାଜ୍ୟ ବାହାରେ ଥିବା ଓଡ଼ିଆମାନେ ବହୁ ସଂଖ୍ୟାରେ ଫେରୁଥିବା ଦେଖି ରାଜ୍ୟ ସରକାର ସେମାନଙ୍କ ସୁରକ୍ଷା ପାଇଁ ସମସ୍ତ ପ୍ରୟାସ ଆରମ୍ଭ କରିଛନ୍ତି। ପ୍ରବାସୀ ଓଡ଼ିଆମାନେ ଫେରିବା ପରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ନିଜ ଗାଁ କ୍ୱାରାଣ୍ଟାଇନରେ ରଖିବାର ବ୍ୟବସ୍ଥା ହୋଇଛି। ତେବେ ପ୍ରଥମ ପର୍ଯ୍ୟାୟରେ କୃଷ୍ଣପ୍ରସାଦ ବ୍ଲକର ସିଆଳ ପଞ୍ଚାୟତକୁ ୧୯ଜଣ, ବୁଦ୍ଧିବର ପଞ୍ଚାୟତକୁ ୩ ଜଣ, ସିଆଣ୍ଡି, କୃଷ୍ଣପ୍ରସାଦ ଏବଂ ଗୁମୁଣ୍ଡିଆ ପଞ୍ଚାୟତକୁ ଜଣେ ଲେଖାଏଁ ଆସିଛନ୍ତି। ପ୍ରବାସୀ ଓଡ଼ିଆଙ୍କୁ ଗ୍ରହଣ କରିବା ପାଇଁ ବ୍ଲକ ପ୍ରଶାସନ ତତ୍ପର ହୋଇଉଠିଛନ୍ତି। ଏଥିପାଇଁ ପୁରୀ-ଗଞ୍ଜାମ ସୀମା ପାଇକରାୟପୁରଠାରେ ବିଡିଓ ଅଭିମନ୍ୟୁ ମାଝି, ତହସିଲଦାର ଜିତେନ୍ଦ୍ର ନାୟକ, କୃଷ୍ଣପ୍ରସାଦ ଆରକ୍ଷୀ ନିରୀକ୍ଷକ ଅଭିମନ୍ୟୁ ନାୟକ ଉପସ୍ଥିତ ରହି କଡା ନିରାପତ୍ତା ବ୍ୟବସ୍ଥା କରିଛନ୍ତି। ସେମାନେ ଯେଉଁ ସେଣ୍ଟରରେ ରହିବେ ସେଠାରେ ସମସ୍ତ ସୁରକ୍ଷା ବ୍ୟବସ୍ଥା ସରପଞ୍ଚଙ୍କ ମାଧ୍ୟମରେ ପ୍ରସ୍ତୁତି କରାଯାଇଛି।

ଭୁବନେଶ୍ୱରର ବିଭିନ୍ନ ଟ୍ରାଫିକ୍ ଛକରେ କାର୍ଯ୍ୟରତ ପୋଲିସ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି ସ୍ପେଶାଲ ସିକ୍ୟୁରିଟି ବାଟାଲିୟନ ମେଡିକାଲ ଟିମ୍।

ଓଡ଼ିଆ ତୀର୍ଥଯାତ୍ରୀଙ୍କୁ ଫେରାଇ ଆଣିବା ଲାଗି ନିବେଦନ

ପୁରୀ ଅଫିସ, ୩।୫

ଲକ୍‌ଡାଉନ ଯୋଗୁ ବିଭିନ୍ନ ରାଜ୍ୟରେ ଫସି ରହିଥିବା ଓଡ଼ିଆ ତୀର୍ଥଯାତ୍ରୀଙ୍କୁ ଫେରାଇ ଆଣିବା ପାଇଁ ଅନ୍ତର୍ରାଷ୍ଟ୍ରୀୟ ହିନ୍ଦୁ ପରିଷଦ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରାଯାଇଛି। ପରିଷଦର ରାଜ୍ୟ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ପାଢ଼ୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପୁରୀ ଜିଲାପାଳଙ୍କୁ ଏକ ନିବେଦନପତ୍ର ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛି, ଚଳିତବର୍ଷ ଅନେକ ଲୋକ ବିଭିନ୍ନ ସ୍ଥାନକୁ ତୀର୍ଥ କରିବାକୁ ଯାଇଥିବା ବେଳେ ଲକ୍‌ଡାଉନ ଯୋଗୁ ସେଠାରେ ଫସି ରହିଛନ୍ତି। ସେମାନଙ୍କର ଆର୍ଥିକ ସଙ୍କଟ ଓ ଶାରୀରିକ ଅସୁସ୍ଥତା ଦେଖାଦେଲାଣି। ବିଶେଷକରି ମଥୁରା, ବୃନ୍ଦାବନ, କାଶୀ, ପ୍ରୟାଗରାଜ ଆଦି ସ୍ଥାନରେ ଅନେକ ଓଡ଼ିଆ ରହିଛନ୍ତି। ଉତ୍ତର ଭାରତରେ ଗରମ ବୃଦ୍ଧି ପାଇବାରେ ଲାଗିଛି। ତୀର୍ଥଯାତ୍ରୀମାନେ ନିଜ ନିଜ ଖର୍ଚ୍ଚରେ ଆସିବାକୁ ଚାହୁଁଛନ୍ତି। ତେଣୁ ରାଜ୍ୟ ସରକାର ଏଥିରେ ସହଯୋଗ କରିବା ପାଇଁ ପାଢ଼ୀ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି।

ସାହିତ୍ୟିକ ପ୍ରମୋଦ ସାହୁଙ୍କ ପରଲୋକ

ଖୋର୍ଦ୍ଧା ଅଫିସ, ୩।୫

ସାହିତ୍ୟିକ, ସାମାଜିକ କର୍ମୀ ତଥା ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ପ୍ରମୋଦ କୁମାର ସାହୁ (୬୪)ଙ୍କର ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନ ଧରି କିଡ୍‌ନୀଜନିତ ରୋଗରେ ପୀଡ଼ିତ ଥାଇ ହାଇଦ୍ରାବାଦରେ ଚିକିତ୍ସିତ ହେଉଥିଲେ। ଶନିବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ରବିବାର ତାଙ୍କ ମରଶରୀର ଖୋର୍ଦ୍ଧା ମୁକୁନ୍ଦପ୍ରସାଦସ୍ଥିତ ବାସଭବନରେ ପହଞ୍ଚି ଥିଲା। ମୃତ୍ୟୁଶଯ୍ୟା ପାଖରେ ସହଧର୍ମିଣୀ କ୍ଷୀରାବ୍ଧି ତନୟା ସାହୁ ଓ ପରିବାରବର୍ଗ ଉପସ୍ଥିତ ଥିଲେ। କନିଷ୍ଠ ପୁତ୍ର ସୌମ୍ୟକାନ୍ତ ସୌମ୍ୟଦର୍ଶୀ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।

ଖୋର୍ଦ୍ଧା ଫେରିବାକୁ ୨୧ ହଜାର ନାମ ପଞ୍ଜୀକରଣ

ଖୋର୍ଦ୍ଧା ଅଫିସ, ୩।୫

ଲକ୍‌ଡାଉନ ଯୋଗୁ ବାହାର ରାଜ୍ୟରେ ଫସିଥିବା ପ୍ରବାସୀ ଓଡ଼ିଆଙ୍କୁ ଫେରାଇ ଆଣିବା ପାଇଁ ଓଡ଼ିଶା ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ନିଜ ଅଞ୍ଚଳକୁ ଫେରିବାକୁ ଚାହୁଁଥିବା ଶ୍ରମିକଙ୍କ ଲାଗି ନାମ ପଞ୍ଜୀକରଣ ବାଧ୍ୟତାମୂଳକ କରାଯାଇଛି। ଏପ୍ରିଲ ୨୪ ତାରିଖଠାରୁ ପଞ୍ଜୀକରଣ ଆରମ୍ଭ ହୋଇଛି। ସରକାରଙ୍କ ପୋର୍ଟାଲ, ଜିଲା ପ୍ରଶାସନ ୱେବସାଇଟ ଓ ହେଲ୍ପଲାଇନ ନମ୍ବର ଜରିଆରେ ଖୋର୍ଦ୍ଧା ଜିଲାରେ ୨୧ ହଜାର ଶ୍ରମିକ ନାମ ପଞ୍ଜୀକରଣ କରିଥିବା ଜଣାପଡ଼ିଛି। ଜିଲାର ୧୦ଟି ବ୍ଲକ, ୨ ପୌର ପରିଷଦ, ୨ ଏନ୍‌ଏସିରୁ ଏହି ଶ୍ରମିକମାନେ ଅନ୍ୟ ରାଜ୍ୟକୁ କାମ କରିବାକୁ ଯାଇଥିଲେ ବୋଲି ଜଣାପଡ଼ିଛି।
ଜିଲାର ୧୯୦ଟି ପଞ୍ଚାୟତ, ୪ ସହରାଞ୍ଚଳ ସମେତ ବିଭିନ୍ନ ବ୍ଲକରେ ୨୧୦ଟି କ୍ୱାରାଣ୍ଟାଇନ ସେଣ୍ଟର କରାଯାଇଛି। ବାହାର ରାଜ୍ୟରୁ ଫେରୁଥିବା ଶ୍ରମିକଙ୍କ ଲାଗି ପଞ୍ଜୀକରଣ ଓ କ୍ୱାରାଣ୍ଟାଇନ ସେଣ୍ଟରରେ ରହିବା ବାଧ୍ୟତାମୂଳକ କରାଯାଇଛି। ତେବେ ଜିଲାର କେଉଁ ଅଞ୍ଚଳରୁ କେତେ ଶ୍ରମିକ ରହିଛନ୍ତି ସେନେଇ ଜିଲା ପ୍ରଶାସନ ପକ୍ଷରୁ କୌଣସି ସୂଚନା ଦିଆଯାଉନାହିଁ। ପଞ୍ଜୀକରଣ ସମ୍ପର୍କରେ ତଥ୍ୟ ମାଗିଲେ, ଜଣେ ଅଧିକାରୀ ଅନ୍ୟ ଅଧିକାରୀଙ୍କୁ ପଚାରିବାକୁ କହି ମୁଣ୍ଡରୁ ଦାୟିତ୍ୱ ଖସାଇବାକୁ ଉଦ୍ୟମ କରୁଛନ୍ତି। ଅନ୍ୟପଟେ ପଞ୍ଜୀକରଣ ତାଲିକା ସ୍ପଷ୍ଟ ହୋଇ ନ ଥିବାରୁ କ୍ୱାରାଣ୍ଟାଇନ ଦାୟିତ୍ୱରେ ଥିବା ନୋଡାଲ ଅଫିସର, ସ୍ଥାନୀୟ ପ୍ରଶାସନ, ସରପଞ୍ଚମାନେ ଦ୍ୱନ୍ଦ୍ୱରେ ରହିଛନ୍ତି। ଗୋଟିଏ ସ୍ଥାନରେ ଶ୍ରମିକଙ୍କ ସ୍କ୍ରିନିଂ, ପଞ୍ଜୀକରଣ, ସ୍ୱାସ୍ଥ୍ୟ ପରୀକ୍ଷା ପରେ କ୍ୱାରାଣ୍ଟାଇନ ସେଣ୍ଟରରେ ରଖାଇବା ପାଇଁ ସେମାନଙ୍କୁ ସ୍ୱତନ୍ତ୍ର ବସ୍ ଯୋଗେ ପଠାଯିବ ବୋଲି ଜଣାପଡ଼ିଛି।

କରୋନା ଯୋଦ୍ଧାଙ୍କୁ ପୂଜନ

ପୁରୀ ଅଫିସ, ୩।୫

କରୋନା ମୁକାବିଲା କ୍ଷେତ୍ରରେ ନିୟୋଜିତ ସ୍ୱାସ୍ଥ୍ୟକର୍ମୀ, ପୋଲିସ, ସଫେଇ କର୍ମୀ ଏବଂ ଖବରଦାତାଙ୍କୁ ଆର୍‌ଏସ୍‌ଏସ୍ ପକ୍ଷରୁ ପୂଜା କରାଯାଇଛି। ପୁରୀ ଜିଲା ସଂଘ ଚାଳକ ମନୋରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ବଡ଼ଦାଣ୍ଡସ୍ଥିତ ଲୋକନାଥ ଲଜିଂ ପରିସରରେ ଆର୍‌ଏସ୍‌ଏସ୍ କର୍ମୀଙ୍କ ଦ୍ୱାରା ସେମାନଙ୍କୁ ଫୁଲ, ଚନ୍ଦନ ସହ ପୂଜନ କରାଯାଇଥିଲା।

ଭଙ୍ଗାଗଲା ୧୬ ଦେଶୀ ମଦଭାଟି

କଟକ ଅଫିସ/ଆଠଗଡ,୩।୫(ସ୍ୱ.ପ୍ର.)

୧୧୦୦ ଲିଟର ମଦ ଜବତ

କଟକ ଜିଲା ଅବକାରୀ ବିଭାଗ ଓ ବିଭିନ୍ନ ଥାନା ପକ୍ଷରୁ ରବିବାର ମିଳିତ ଚଢ଼ାଉ କରାଯାଇ ୧୧୦୦ ଲିଟର ଦେଶୀ ମଦ ଜବତ କରାଯାଇଛି। ଏଥିସହ ମଦ ପ୍ରସ୍ତୁତ ପାଇଁ ରଖାଯାଇଥିବା ୪୨ହଜାର ଲିଟର ଗୁଡପୋଚ ଓ ୧୬ ଦେଶୀ ମଦ ଭାଟି ଭାଙ୍ଗି ନଷ୍ଟ କରିଦିଆଯାଇଛି। ଏଠାରୁ ଆଠଗଡ଼ ସମେତ ବିଭିନ୍ନ ସ୍ଥାନକୁ ବେଆଇନ ଭାବେ ଦେଶୀ ମଦ ରପ୍ତାନି କରାଯାଉଥିଲା। କଟକ ଜିଲାପାଳ ଓ ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶରେ ଏହି ଚଢ଼ାଉ କରାଯାଇଥିଲା। ଆଠଗଡ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଆଲୋକ ରଞ୍ଜନ ରାୟ, କଟକ ଅବକାରୀ ଅଧୀକ୍ଷକ ଆଲୋକ କୁମାର ଶତପଥୀ ଓ ଆଠଗଡ ଅବକାରୀ ନିରୀକ୍ଷକ ସଞ୍ଜିତ ବାର୍ଲା ଏହାର ନେତୃତ୍ୱ ନେଇଥିଲେ। ଏଥିରେ କଟକ, ଢେଙ୍କାନାଳ ଜିଲା ଅବକାରୀ ବିଭାଗ, ଆଠଗଡ ଉପଖଣ୍ଡର ସମସ୍ତ ଥାନା ଅଧିକାରୀ ଓ ୨ ପ୍ଲାଟୁନ ପୋଲିସ ସାମିଲ ହୋଇଥିଲେ। ଏସମ୍ପର୍କରେ କାହାରିକୁ ଗିରଫ କରାଯାଇ ନ ଥିବା ବେଳେ ଅଧିକ ସଂଖ୍ୟାରେ ଅବକାରୀ ଓ ପୋଲିସ କର୍ମଚାରୀଙ୍କୁ ଦେଖି ସମ୍ପୂର୍ଣ୍ଣ ଗାଁ ଶୂନ୍ୟ ହୋଇଯାଇଥିଲା।

ଦୋକାନ ଖୋଲିବା ନେଇ ଦ୍ୱନ୍ଦ୍ୱରେ ବ୍ୟବସାୟୀ

ଚୌଦ୍ୱାର,୩।୫(ଡି.ଏନ୍.ଏ.)

ମହାମାରୀ କରୋନା (କୋଭିଡ-୧୯)କୁ ପ୍ରତିହତ କରିବା ପାଇଁ କେନ୍ଦ୍ର ସରକାର ପୁଣି ଦେଶରେ ଦୁଇ ସପ୍ତାହ ଲକ୍‌ଡାଉନ ଘୋଷଣା କରିଛନ୍ତି। ଏହା ସହ ଦେଶର ବିଭିନ୍ନ ଜିଲାକୁ ରେଡ, ଅରେଞ୍ଜ ଓ ଗ୍ରୀନ ଜୋନରେ ବିଭକ୍ତ କରି କେତେକ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ଏଭଳିକ୍ରମେ କଟକ ଜିଲାର ଚୌଦ୍ୱାର ସହର ଗ୍ରୀନ ଜୋନରେ ରହିଛି। ଗ୍ରୀନ ଓ ଅରେଞ୍ଜ ଜୋନରେ ରାଜ୍ୟ ସରକାର କିଛି ବ୍ୟବସାୟ ପ୍ରତିଷ୍ଠାନ ଖୋଲିବା ନେଇ କଟକଣା କୋହଳ କରିଛନ୍ତି। ହେଲେ କେଉଁ ଦୋକାନ ଖୋଲିବ ଓ କେଉଁ ସମୟରେ ଖୋଲିବ ସେ ନେଇ ଚୌଦ୍ୱାର ସହରର ବ୍ୟବସାୟୀମାନେ ଦ୍ୱନ୍ଦ୍ୱରେ ଥିବା ଜଣାପଡିଛି। ଅନ୍ୟପକ୍ଷରେ ପୋଲିସର କଟକଣାକୁ ଡରି ଗ୍ରାହକମାନେ ଦୋକାନକୁ ଆସୁନ ଥିବା ଦେଖିବାକୁ ମିଳିଛି। ଚୌଦ୍ୱାର ପୋଲିସ ପୂର୍ବରୁ ସମସ୍ତ ଲକ୍‌ଡାଉନର କଟକଣା ସମ୍ପର୍କରେ ଡାକବାଜି ଯନ୍ତ୍ର ମାଧ୍ୟମରେ ସର୍ବସାଧାରଣରେ ଅବଗତ କରାଉଥିଲେ ମଧ୍ୟ ପରବର୍ତ୍ତୀ ନିୟମ ସମ୍ପର୍କରେ କାହିଁକି କରୁନାହିଁ ତାହା ସାଧାରଣରେ ଆଲୋଚନା ହେଉଛି। ଏଥିପ୍ରତି ଚୌଦ୍ୱାର ପୋଲିସ ଦୃଷ୍ଟି ଦେବା ପାଇଁ ସହରବାସୀ ନିବେଦନ କରିଛନ୍ତି।

ନିର୍ତ୍ତାରରେ ୩୩ ପ୍ରତିଶତ କର୍ମଚାରୀ କାର୍ଯ୍ୟରେ ଯୋଗଦେବେ

କଣ୍ଟାପଡ଼ା,୩।୫(ଡି.ଏନ୍.ଏ)

ପାନଛେପ ନ ପକାଇବା, ସାମାଜିକ ଦୂରତ୍ୱ ପ୍ରତି ଗୁରୁତ୍ୱ

ମହାମାରୀ କରୋନା(କୋଭିଡ-୧୯)କୁ ପ୍ରତିହତ କରିବା ପାଇଁ କେନ୍ଦ୍ର ସରକାର ପୁଣି ୨ ସପ୍ତାହ ଲକ୍‌ଡାଉନ ଘୋଷଣା କରିଛନ୍ତି। ଏହା ସହ ଦେଶର ବିଭିନ୍ନ ଜିଲାକୁ ରେଡ, ଅରେଞ୍ଜ ଓ ଗ୍ରୀନ ଜୋନରେ ବିଭକ୍ତ କରି କେତେକ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ଗ୍ରୀନ ଜୋନରେ ଆସୁଥିବା କଟକ ଜିଲାର ଏସ୍.ବି. ନିର୍ତ୍ତାରରେ ରୋଗୀସେବାକୁ ସ୍ୱାଭାବିକ କରିବାକୁ ଉଦ୍ୟମ ଆରମ୍ଭ ହୋଇଛି। ସୋମବାର ୩୩ ପ୍ରତିଶତ କର୍ମଚାରୀଙ୍କୁ ନେଇ ସମସ୍ତ ବିଭାଗ ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି। ସମସ୍ତ ଉପରିସ୍ଥ ଅଧିକାରୀଙ୍କ ଉପସ୍ଥିତି ବାଧ୍ୟତାମୂଳକ। ସାନିଟାଇଜେଶନ ଓ ସାମାଜିକ ଦୂରତ୍ୱକୁ ଅଧିକ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ରହିଥିବା ବେଳେ ନିର୍ତ୍ତାର ପରିସରରେ ପାନଛେପ ନ ପକାଇବା ଓ ସାମାଜିକ ଦୂରତା ଉପରେ ଗୁରୁତ୍ୱ ଦିଆଯାଇଛି। ଇର୍ଣ୍ଟର୍ନଶିପ୍ କରୁଥିବା ଛାତ୍ରୀଛାତ୍ରମାନେ ସମସ୍ତ ଗାଇଡ୍ ଲାଇନ ପାଳନ କରି କାର୍ଯ୍ୟରେ ଯୋଗଦେଇ ପାରିବେ। ଘରେ ଥିବା କର୍ମଚାରୀମାନେ ଆବଶ୍ୟକ ସ୍ଥଳେ ଖବର ପାଇବା ସଙ୍ଗେ ସଙ୍ଗେ କାର୍ଯ୍ୟରେ ଯୋଗଦେବାକୁ ନିର୍ଦ୍ଦେଶ ରହିଛି ବୋଲି ନିର୍ଦ୍ଦେଶକ ଡା. ଶକ୍ତି ପ୍ରସାଦ ଦାସ କହିଛନ୍ତି।

ମଦ ଦୋକାନ ଖୋଲିବା ନିଷ୍ପତ୍ତିକୁ ବିରୋଧ

କଟକ ଅଫିସ,୩।୫

କରୋନା ଭୂତାଣୁ ସଂକ୍ରମଣକୁ ରୋକିବା ପାଇଁ ଲକ୍‌ଡାଉନ୍ ଭଳି କଠୋର ପଦକ୍ଷେପ ନିଆଯାଇଛି। ତେବେ ମଦ ଦୋକାନ ଖୋଲିବା ପାଇଁ ସରକାର ଯେଉଁ ଘୋଷଣା କରିଛନ୍ତି, ତାହାକୁ ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ ବିରୋଧ କରିଛନ୍ତି। ସାମାଜିକ ଦୂରତ୍ୱ ରକ୍ଷା କରିବାକୁ ସମସ୍ତ ସାମାଜିକ, ରାଜନୈତିକ ଓ ଧାର୍ମିକ କାର୍ଯ୍ୟକୁ ସଙ୍କୁଚିତ କରାଯାଇଛି। ମଦ ବିକ୍ରି ହେଲେ ନିଶାସକ୍ତ ବ୍ୟକ୍ତିମାନେ କିଭଳି ସାମାଜିକ ଦୂରତାକୁ ପାଳନ କରିପାରିବେ ତାହା ସାଧାରଣରେ ସନ୍ଦେହ ସୃଷ୍ଟି କରୁଛି ବୋଲି ବିଧାୟକ ମୋକିମ ଚିନ୍ତା ପ୍ରକଟ କରିଛନ୍ତି। ତେଣୁ ରାଜ୍ୟ ସରକାର ତୁରନ୍ତ ଏହି ନିଷ୍ପତ୍ତିର ପୁନଃବିଚାର କରିବାକୁ ସେ ଦାବି କରିଛନ୍ତି।

କୃଷ୍ଣପ୍ରସାଦରେ ମାଗଣା ଗ୍ୟାସ ବଣ୍ଟନ

କୃଷ୍ଣପ୍ରସାଦ,୩।୫(ଡି.ଏନ.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରେ କେନ୍ଦ୍ର ସରକାରଙ୍କ ଘୋଷଣା ଅନୁଯାୟୀ ପ୍ରତି ରାଶନ କାର୍ଡଧାରୀଙ୍କୁ ମାଗଣା ଗ୍ୟାସ ବଣ୍ଟନ କରାଯାଇଛି। ଲକଡାଉନ ପାଇଁ ହିତାଧିକାରୀଙ୍କୁ ଡିପୋକୁ ନ ଡକାଇ ସ୍ଥାନୀୟ ଗ୍ୟାସ ଏଜେନ୍ସିର ମାଲିକ ଦୁଷ୍ମନ୍ତ ନାୟକ ନିଜେ ଗାଁ ଗାଁ ବୁଲି ଗ୍ୟାସ ବାଣ୍ଟିଥିଲେ। ତେବେ ସେ କହିବା ଅନୁଯାୟୀ, ମୋଟ ୯୧୦୭ ଜଣଙ୍କୁ ବାଣ୍ଟିବା ନିର୍ଦ୍ଦେଶ ଥିବାବେଳେ ଏ ଯାଏଁ ୬୨୦୦ଜଣଙ୍କୁ ଦିଆଯାଇଛି। ହିତାଧିକାରୀଙ୍କୁ ସାମାଜିକ ଦୂରତା ରକ୍ଷା କରି ବଣ୍ଟାଯାଇଥିଲା। ସପ୍ତାହକ ମଧ୍ୟରେ ସମସ୍ତ ହିତାଧିକାରୀଙ୍କୁ ଦିଆଯିବ ବୋଲି ନାୟକ କହିଛନ୍ତି।

ଟିକ୍‌ଟକ୍, ଚିତ୍ରକଳାରେ କରୋନା ସଚେତନତା

ପୁରୀ ଅଫିସ, ୩।୫

ଯୁକ୍ତ ୨ ଛାତ୍ରୀ ଅଙ୍କିତାଙ୍କ ନିଆରା ପ୍ରୟାସ

ମହାମାରୀ କରୋନା ବିରୋଧରେ ଲଢୁଛି ସମଗ୍ର ବିଶ୍ୱ। ଏହି ଲଢେଇ ମଇଦାନରେ କିଏ ଆଗ ଧାଡ଼ିରେ ଛିଡ଼ା ହୋଇଛି ତ ପୁଣି କେହି ଘରେ ରହି ବି ଏଥିରେ ସାମିଲ ହୋଇଛି। ଏମିତି ଜଣେ କମ୍ ବୟସର ନିଆରା ଯୋଦ୍ଧା ହେଉଛନ୍ତି ପୁରୀ ଗଙ୍ଗାରାମ ନୂଆସାହିର ଅଙ୍କିତା ଦାସ। ଏବେ ସେ ନରେନ୍ଦ୍ରକୋଣ ମହିଳା ମହାବିଦ୍ୟାଳୟର ଯୁକ୍ତ ଦୁଇ ଛାତ୍ରୀ। ସେ କଳା ମାଧ୍ୟମରେ ସଚେତନତାର ବାର୍ତ୍ତା ବାଣ୍ଟୁଛନ୍ତି। ମା' ଦୁର୍ଗତିନାଶିନୀଙ୍କ ଚିତ୍ରକଳାକୁ ନେଇ ପ୍ରସ୍ତୁତ କରିଛନ୍ତି ଟିକ୍‌ଟକ୍। ଏଥିରେ ମା' କିପରି ବିଭିନ୍ନ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ କରୋନା ଭୂତାଣୁକୁ ହତ୍ୟା କରୁଛନ୍ତି ତାହା ଦେଖିବାକୁ ମିଳୁଛି। କେବଳ ଟିକ୍‌ଟକ ନୁହେଁ, ଚିତ୍ରକଳା ମାଧ୍ୟମରେ ବି ଲୋକଙ୍କୁ ସଚେତନ କରିଛନ୍ତି। ଅତ୍ୟାବଶ୍ୟକ କାମ ନ ଥିଲେ ଘରୁ ବାହାରିବା ନାହିଁ, ଘରୁ ବାହାରିଲେ ମୁହଁରେ ମାସ୍କ ପିନ୍ଧିବା, ହାତକୁ ବାରମ୍ବାର ସାବୁନରେ ଧୋଇବା, ସାମାଜିକ ଦୂରତ୍ୱ ରକ୍ଷା କରିବା, ବାହାରେ ନ ବୁଲିବା ଓ ସାନିଟାଇଜର ବ୍ୟବହାର ଆଦିକୁ ନେଇ ଚିତ୍ରକଳା ଏବଂ ଟିକ୍‌ଟକ୍ ପ୍ରସ୍ତୁତ କରି ସୋସିଆଲ ମିଡିଆରେ ଛାଡ଼ି ଏସବୁକୁ ମାନିବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। କରୋନା ଯୋଦ୍ଧା ଭାବେ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ପୋଲିସ, ସଫେଇ କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ମାନ ମଧ୍ୟ ଜଣାଇଛନ୍ତି ଅଙ୍କିତା। ସେହିପରି ରାଜ୍ୟ ବାହାରେ ଫସିରହିଥିବା ଲୋକଙ୍କୁ ଟିକ୍‌ଟକରେ ଅଭିନୟ ଜରିଆରେ ଧୈର୍ଯ୍ୟର ସହ ଅପେକ୍ଷା କରିବାକୁ ଅନୁରୋଧ କରିଛନ୍ତି। ତେବେ କଥାରେ ଅଛି ଛୁରିର ଦୁଇଟି ଧାର। ଡାକ୍ତର ହାତରେ ପଡ଼ିଲେ ଶହ ଶହ ଜୀବନ ବଞ୍ଚାଏ, ମାତ୍ର ଅସାମାଜିକ ବ୍ୟକ୍ତି ହାତରେ ପଡ଼ିଲେ ଅନେକ ଜୀବନ ଚାଲିଯାଏ। ଆଜିର ଯୁବପିଢି ସୋସିଆଲ ମିଡ଼ିଆ, ଟିକ୍‌ଟକ ଆଦିକୁ କେଉଁ ଢଙ୍ଗରେ ବ୍ୟବହାର କରୁଛନ୍ତି ତାହା କାହାରିକୁ ଅଛପା ନାହିଁ। କିନ୍ତୁ କରୋନା ପାଇଁ ଟିକ୍‌ଟକକୁ ସମାଜର ହିତ ପାଇଁ ଏଭଳି ଭାବେ ବ୍ୟବହାର କରାଯାଇପାରିବ ବୋଲି ଅଙ୍କିତା କରି ଦେଖାଇଛନ୍ତି।

ସଂକ୍ଷେପରେ

ଶର୍ଟସର୍କିଟରୁ ଅଗ୍ନିକାଣ୍ଡ

ଗଣିଆ,୩।୫ (ଡି.ଏନ.ଏ.): ଗଣିଆ ତହସିଲ ଛାମୁଣ୍ଡିଆ ରାଜସ୍ୱ ସର୍କଲର ଛାମୁଣ୍ଡିଆ ଗ୍ରାମ ହରିଜନ ସାହିରେ ରବିବାର ସକାଳେ ବିଦ୍ୟୁତ୍ ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟି ଗ୍ରାମର ଅଭିମନ୍ୟୁ ନାଏକ, ଜିତୁରଞ୍ଜନ ନାଏକ ଓ ଯଶୋବନ୍ତ ନାଏକଙ୍କ ୩ଖଣ୍ଡ ଘର ପୋଡ଼ି ପାଉଁଶ ହୋଇଯାଇଛି। ଗଣିଆ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଖବରପାଇ ଗଣିଆ ତହସିଲଦାର ମିତାଲି ପାତ୍ର ଓ ଛାମୁଣ୍ଡିଆ ରାଜସ୍ୱ ନିରୀକ୍ଷକ ସୁଶାନ୍ତ ବାରିକି ଘଟଣାସ୍ଥଳକୁ ଯାଇ ବିପନ୍ନ ପରିବାରଙ୍କୁ ପଲିଥିନ୍ ଯୋଗାଇ ଦେଇଛନ୍ତି। ଅପରାହ୍ଣରେ କନ୍ଧମାଳ ଏମ୍‌ପିଙ୍କ ନୟାଗଡ ଜିଲା ପ୍ରତିନିଧି ସଦାଶିବ ମିଶ୍ର, ଜିଲା ପରିଷଦ ସଭ୍ୟ ମହେଶ୍ୱର ମହାରଣା, ଛାମୁଣ୍ଡିଆ ସରପଞ୍ଚ ମଙ୍ଗୁଲୁ ସାହୁ ବିପନ୍ନ ପରିବାରକୁ ଶୁଖିଲା ଖାଦ୍ୟ ଦେଇଥିଲେ।

କାଠ ବୋଝେଇ ଗାଡ଼ି ଜବତ

ଖଣ୍ଡପଡ଼ା,୩।୫(ସ୍ୱ.ପ୍ର.): ଖଣ୍ଡପଡ଼ା ବନ ବିଭାଗ କର୍ମଚାରୀ ରବିବାର ଖଳିସାହି ପଞ୍ଚାୟତ ପୁଆଣିଆଁ ଗ୍ରାମରେ ଚଢ଼ାଉ କରି କାଠ ବୋଝେଇ ପିକ୍‌ଅପ୍ ଭ୍ୟାନ ଜବତ କରିଛନ୍ତି। ଓଡି୨୫ଜେ-୧୯୧୦ନଂ. ବିଶିଷ୍ଟ ଗାଡିରେ ଶାଳକାଠ ଓ ପଟା ବୋଝେଇ ହୋଇ ଆଡକଟା-ଖଳିସାହି ରାସ୍ତାରେ ଆସୁଥିବା ଖବର ମିଳିଥିଲା। ଖଣ୍ଡପଡା ବନାଞ୍ଚଳ ଅଧିକାରୀ ଶ୍ରୀଧର ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ବନପାଳ ଶ୍ରୀନିବାସ ଦାଶ, ଶ୍ରୀନିବାସ ମହାପାତ୍ର ସଦଳବଳ ଚଢ଼ାଉ କରି ଗାଡି ଜବତ କରିଥିଲେ ହେଁ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଗାଡିରୁ ୨୩ ଖଣ୍ଡ ଶାଳ ସାଇଜ ଓ ୯ଖଣ୍ଡ ପଟା ଜବତ କରାଯାଇଛି।

ଅମାନିଆ ବ୍ୟବସାୟୀଙ୍କ ବିରୋଧରେ ହେବ କଡ଼ା କାର୍ଯ୍ୟାନୁଷ୍ଠାନ

ରସୁଲପୁର, ୩।୫ (ଡି.ଏନ୍.ଏ.): ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଚିନ୍ତା ବଢ଼ାଇଥିବା ବେଳେ ଯାଜପୁର ଜିଲାର ସଂକ୍ରମିତଙ୍କ ମଧ୍ୟରେ ଅଧିକାଂଶଙ୍କର କଲିକତା ଲିଙ୍କ ରହିଥିବା ଜଣାପଡ଼ିଛି। ଲକ୍‌ଡାଉନ୍ ସମୟରେ ଅତ୍ୟାବଶ୍ୟକ ସାମଗ୍ରୀ ଆଳରେ କଲିକତାରୁ ଶତାଧିକ ଟ୍ରକରେ ଆଳୁ, ଟମାଟୋ, କୋବି, ସଜନା ଛୁଇଁ, ମାଟିଆଳୁ ଆଦି ପରିବହନ କରାଯାଉଥିବାରୁ ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ପ୍ରଶାସନ ପକ୍ଷରୁ ତଦନ୍ତ କରାଯିବା ପରେ ଜଣାପଡ଼ିଛି। ତେବେ ବାହାର ରାଜ୍ୟରୁ ପରିବା ଆସିବାରେ କଟକଣା ଲଗାଯାଇଥିଲେ ବି କେତେଜଣ ବ୍ୟବସାୟୀ ଏହାକୁ ମାନ ନ ଥିଲେ। ଏ ନେଇ ଜରାପଡ଼ିବା ପରେ ରବିବାର ଅପରାହ୍ଣରେ ଏ ନେଇ ଉଭୟ ପ୍ରଶାସନ ଓ ହାଟ ପରିଚାଳନା କମିଟିର ଲୋକଙ୍କୁ ନେଇ ଏକ ଜରୁରୀ ବୈଠକ ବସିଥିଲା। ତେବେ ରବିବାର ଅପରାହ୍ଣରେ ଏ ନେଇ ଉଭୟ ପ୍ରଶାସନ ଓ ହାଟ ପରିଚାଳନା କମିଟି ସଦସ୍ୟଙ୍କ ମଧ୍ୟରେ ଏକ ଜରୁରୀକାଳିନ ବୈଠକ ବସିଥିଲା। ତେବେ ଆଇନ ଉଲ୍ଲଂଘନକାରୀ ବ୍ୟବସାୟୀଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏଥିସହ ଆଇନ ଉଲ୍ଲଂଘନକାରୀ ୧୩ ଜଣ ବ୍ୟବସାୟୀଙ୍କୁ ତହସିଲ ପକ୍ଷରୁ ନୋଟିସ୍ ଜାରି କରାଯିବ ବୋଲି ବୈଠକ ପରେ ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ ସୂଚନା ଦେଇଛନ୍ତି। ବୈଠକରେ ରସୁଲପୁର ତହସିଲଦାର ଭୁଜବଳ, ବିଡିଓ ଉମାକାନ୍ତ ପରିଡ଼ା, ଧର୍ମଶାଳା ଥାନାଧିକାରୀ ସରୋଜ କୁମାର ସାହୁଙ୍କ ସମେତ ବାଜର କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।

ଦୁର୍ଦ୍ଦଶାରେ ୫ଶହ ବୁଣାକାର ପରିବାର

ଭାପୁର/ଖଣ୍ଡପଡା, ୩।୫(ଡି.ଏନ.ଏ./ସ୍ୱ.ପ୍ର.)

କରୋନା କଟକଣା ଯୋଗୁ ଭାପୁର ବ୍ଲକ ବାଇଗୁଣିଆଁ ଗ୍ରାମର ୫ଶହରୁ ଊର୍ଦ୍ଧ୍ୱ ବୁଣାକାର ପରିବାର ଦୁର୍ଦ୍ଦଶାରେ ଜୀବନ ବିତାଉଛନ୍ତି। ଗ୍ରାମର ଏକ ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତି ବୃତ୍ତିକୁ ଆପଣେଇ କାମ କରୁଥିଲେ। ସେମାନେ ତନ୍ତୁବାୟ ସମିତିରୁ କଞ୍ଚାମାଲ ଆଣି ଘରେ ତନ୍ତରେ ଲୁଗା ବୁଣୁଥିଲେ। ପରେ ଉକ୍ତ ଲୁଗା ସମିତିକୁ ଦେଇ ସେମାନଙ୍କ ପ୍ରାପ୍ୟ ପାଉଥିଲେ। ଏଥିରେ ସେମାନଙ୍କ ପରିବାର ଚଳୁଥିଲା। ବ୍ଲକରେ ଖଣ୍ଡପଡା ତନ୍ତୁବାୟ, ବାଇଗୁଣିଆ ଓ ଇନ୍ଦିରା ଜ୍ୟୋତି ନାମରେ ୩ଟି ସହଯୋଗ ସମବାୟ ସମିତି କାର୍ଯ୍ୟ କରୁଛି। କୁଶଳୀ ବୁଣାକାରମାନଙ୍କ ଦ୍ୱାରା ପ୍ରସ୍ତୁତ ଶାଢି ଓ ଲୁଗା ଭୁବନେଶ୍ୱର, କଟକ, କୋଲକାତା ଆଦି ବଜାରରେ ବିକ୍ରି ହୋଇଥାଏ।

ତନ୍ତରେ ଲୁଗା ବୁଣୁଛନ୍ତି ଜଣେ ବୁଣାକାର।

ମାତ୍ର ସମ୍ପ୍ରତି କରୋନା ପ୍ରଭାବରେ ସାରା ଦେଶରେ ଲକ୍‌ଡାଉନ ବ୍ୟବସ୍ଥା ଯୋଗୁ ଏମାନଙ୍କ ବେପାର ବନ୍ଦ ହୋଇଯାଇଛି। ତନ୍ତ କାର୍ଯ୍ୟ ବନ୍ଦ ରହିଥିବାରୁ ସମସ୍ତ ବୁଣାକାର ରୋଜଗାର ହରାଇ ହାତବାନ୍ଧି ଘରେ ବସିରହିଛନ୍ତି। ରାଜ୍ୟ ସରକାର ତୁରନ୍ତ ଏହି ବୁଣାକାର ପରିବାର ଓ ସମ୍ପୃକ୍ତ ସମବାୟ ସମିତିଗୁଡିକୁ ଆର୍ଥିକ ସହାୟତା ଯୋଗାଇଦେବାକୁ ଦାବି ହେଉଛି। ଏକ ବୁଣାକାର ପରିବାରର ପ୍ରମିଳା ସେଣ କହନ୍ତି, ଧାର କରଜ କରି ପ୍ରାୟ ୨୫ହଜାର ଟଙ୍କା ଖର୍ଚ୍ଚ କରି ଘରେ ତନ୍ତ ବସାଇଛୁ। ମୁଁ ଓ ମୋ ସ୍ୱାମୀ ସୂତାକାଟି ବୁଣାବୁଣି କରି ଦୈନିକ ୨ଶହରୁ ୨୮୦ଟଙ୍କା ରୋଜଗାର କରି ପରିବାର ପ୍ରତିପୋଷଣ କରୁଥିଲୁ। ମାତ୍ର କରୋନା ଯୋଗୁ କାର୍ଯ୍ୟ ବନ୍ଦ ଥିବାରୁ ଆମେ ସମସ୍ୟା ମଧ୍ୟରେ ଗତି କରୁଛୁ। ସରକାରୀ ସହାୟତା ନ ମିଳିଲେ ଆମେ ୫ପ୍ରାଣୀ କୁଟୁମ୍ବ ଚଳିବା ଅସମ୍ଭବ ହୋଇପଡିବ। ଗ୍ରାମରେ ଥିବା ତନ୍ତୁବାୟ ସହଯୋଗ ସମିତି ଲିଃର ସମ୍ପାଦକ ଯୋଗୀନାଥ ମହାରଣା, ସହଯୋଗୀ ମାଧବ ଚନ୍ଦ୍ର ଦାସ ଓ ଯୁଗଳ କିଶୋର ଦତ୍ତ କହନ୍ତି, କଞ୍ଚାମାଲ ଅଭାବରୁ ୫ଶହରୁ ଊର୍ଦ୍ଧ୍ୱ ବୁଣାକାରଙ୍କ ଜୀବନଜୀବିକା ପ୍ରଭାବିତ ହୋଇଛି। ସେମାନଙ୍କ ପରିବାର ଓଳିଏ ଖାଇଲେ ଓଳିଏ ଉପାସରେ ରହୁଛନ୍ତି। ସରକାର ଏମାନଙ୍କୁ ସହାୟତା ପ୍ରଦାନ କରିବାକୁ ନିବେଦନ କରୁଛୁ।

ତିର୍ତ୍ତୋଲ ବ୍ଲକ ଭାରପ୍ରାପ୍ତ ଜିପିଓଙ୍କୁ କାର୍ଯ୍ୟରୁ ଅନ୍ତର ନିର୍ଦ୍ଦେଶ

ତିର୍ତ୍ତୋଲ,୩।୫(ଡି.ଏନ.ଏ.)

ତିର୍ତ୍ତୋଲ ବ୍ଲକ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ(ଜିପିଓ) ହିମାଂଶୁ ଭୂଷଣ ନାୟକଙ୍କୁ କାର୍ଯ୍ୟରୁ ଅନ୍ତର କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେ ଏଠାରେ ୨ ମାସ ହେବ ଦାୟିତ୍ୱରେ ରହିଥିଲେ। ମାତ୍ର ସେ ୨୦୧୭ ମସିହାରେ ବ୍ଲକ ଅଧୀନ ଗୋପାଳପୁର ପଞ୍ଚାୟତରେ କାର୍ଯ୍ୟନିର୍ବାହୀ ଅଧିକାରୀ ଥିବାବେଳେ ଜାଲ୍ ପ୍ରମାଣପତ୍ର ଆଧାରରେ ବହୁ ଅଯୋଗ୍ୟ ହିତାଧିକାରୀଙ୍କ ବାର୍ଦ୍ଧକ୍ୟ ଭତ୍ତା କରାଇ ଦେଇଥିଲେ। ଏନେଇ ରଶ୍ମିରଞ୍ଜନ ଦାଶ ନାମଧାରୀ ସାମାଜିକ କର୍ମୀ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିଥିଲେ। ଏହି ତଥ୍ୟରେ ବହୁ

ଜାଲ୍ ପ୍ରମାଣପତ୍ରରେ କରାଇଥିଲେ ବାର୍ଦ୍ଧକ୍ୟ ଭତ୍ତା

ଲୋକଙ୍କ ବୟସ ଜାଲିଆତି ହୋଇଥିବା ପ୍ରମାଣ ମିଳିଥିଲା। ଫଳରେ ଘଟଣା ସମ୍ପର୍କରେ ଜଗତ୍‌ସିଂହପୁର ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ନିକଟରେ ଏହି ତଥ୍ୟ ଉପସ୍ଥାପନ କରାଯାଇଥିଲା। ପ୍ରମାଣ ଆଧାରରେ ଜିଲାପାଳ ଜିପିଓ ନାୟକଙ୍କୁ କାର୍ଯ୍ୟରୁ ଅନ୍ତର ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ବିଡିଓ ରଞ୍ଜନ କୁମାର ପରିଡ଼ା କହିଛନ୍ତି, ସମ୍ପୃକ୍ତ ଜିପିଓଙ୍କୁ ସୋମବାର କାର୍ଯ୍ୟରୁ ଅନ୍ତର କରାଯିବ।

ଜମିରେ ପାଚୁଛି ବାଇଗଣ

ନୟାଗଡ଼ ଅଫିସ,୩।୫

ଲକ୍‌ଡାଉନ ନୟାଗଡ଼ ଜିଲା ଓଡଗାଁ ବ୍ଲକ ଶରଣକୂଳ ନିକଟସ୍ଥ ଗୋଲଗାଁରେ ପନିପରିବା ଚାଷୀଙ୍କୁ ବାଟବଣା କରିପକାଇଛି। ବାଇଗଣ ବିକ୍ରିରେ ମୂଳ ଟଙ୍କା ନ ପାଇବାରୁ ଚାଷୀ ଫସଲ ଅମଳ ନ କରି ଛାଡିଦେଇଛି। ଫଳରେ ଜମିରେ ପାଚୁଛି ବାଇଗଣ। ଏଭଳିସ୍ଥଳେ ଚାଷୀଙ୍କୁ ଋଣ ପରିଶୋଧର ଚିନ୍ତା ଘାରିଛି।

ଗୋଲଗାଁର ଜୟକୃଷ୍ଣ ଦଳେଇ କୁହନ୍ତି, ଦେଢ଼ ଏକର ଜମିରେ ବାଇଗଣ ଫସଲ କରିଥିଲି। ନୟାଗଡ ନେଇ ବିକ୍ରି କରିବାରୁ ଗାଡି ଖର୍ଚ୍ଚ ବାହାରିଲାନି। କ୍ଷତିରେ ରହିବା ଅପେକ୍ଷା ଫସଲକୁ ଜମିରେ ଛାଡି ଦେଲି। ପବିତ୍ର ଦଳବେହେରା କୁହନ୍ତି, ୨ ଲକ୍ଷ ଟଙ୍କା ଧାରକରଜ କରି ବାଇଗଣ ଫସଲ କରିଥିଲି। ଘରକୁ ଘର ବୁଲି ବାଇଗଣ ବିକ୍ରି କରିବା ସମ୍ଭବ ନୁହେଁ। ଘରକୁ ଗଲେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଋଣ ଟଙ୍କା ପରିଶୋଧ କରିବାକୁ କହୁଛି। ପୁଣି ବ୍ୟାଙ୍କ ଋଣର ଚାପ ରହିଛି। ଶେଷଧର ମାଝି କୁହନ୍ତି, କରୋନା ଯୋଗୁ ହୋଇଥିବା କ୍ଷତି ପୂର୍ବରୁ କେବେ ଦେଖି ନ ଥିଲି।

ଜମିରେ ପାଚିଥିବା ବାଇଗଣ ଦେଖାଉଛନ୍ତି ଚାଷୀ।

- ଲାଭ ନ ଥିବାରୁ ତୋଳିଲାନି ଚାଷୀ
- ଘାରିଲା ଋଣ ପରିଶୋଧ ଚିନ୍ତା

ସରକାରୀ ସହାୟତା ବି ନାହିଁ। ତେଣୁ ବଞ୍ଚିବା ମୁସ୍କିଲ ହୋଇପଡିଛି। ଗୌରାଙ୍ଗ ମହାରଣା କୁହନ୍ତି, ଆମ ଅଞ୍ଚଳର ବାଇଗଣ ଚାଷୀ ଚିନ୍ତାରେ। ଜମିରେ ବାଇଗଣ ପାଚୁଥିଲେ ମଧ୍ୟ ଗୋରୁଙ୍କୁ ଖାଇବାକୁ ଦେଇହେଉ ନାହିଁ। ଚଳିତବର୍ଷ ଭଲ ଫଳ ହୋଇଥିଲା। ହେଲେ ଲାଭ ନ ଥିବାରୁ ଜାଣିଶୁଣି ଫସଲ ପାଚିବାକୁ ଦେବା ବହୁ କଷ୍ଟ ଦେଉଛି। ସରକାରଙ୍କ କୌଣସି ପଦକ୍ଷେପ ନ ଥିବାରୁ ଚାଷୀ ହନ୍ତସନ୍ତ ହେଉଛି। ଗୌରାଙ୍ଗ ମହାରଣାଙ୍କ କହିବା କଥା, ଉତ୍ପାଦିତ ଦ୍ରବ୍ୟ ବିକ୍ରି କରିବାକୁ ଚାଷୀଙ୍କ ଉଦ୍ଦେଶ୍ୟରେ ଏକ ୱେବ୍‌ସାଇଟ୍ ସରକାର କିଛିଦିନ ତଳେ ଉନ୍ମୋଚନ କରିଥିଲେ। ଚାଷୀ ସୁବିଧାରେ ତାର ଉତ୍ପାଦିତ ଦ୍ରବ୍ୟ ବିକ୍ରି କରି ପ୍ରକୃତ ପ୍ରାପ୍ୟ ପାଇପାରିବ ବୋଲି କୁହାଯାଇଥିଲା। ହେଲେ ନୟାଗଡ଼ ଜିଲାର ମୋ ପରି ଚାଷୀମାନେ କେବଳ ହନ୍ତସନ୍ତ ହେବା ବ୍ୟତୀତ ଅନ୍ୟ ଉପାୟ ନାହିଁ। ଏପରିସ୍ଥଳେ ସରକାର ପନିପରିବା କ୍ଷୟକ୍ଷତି ସହାୟତା ଚାଷୀଙ୍କୁ ଯୋଗାଇଦେବା ଆବଶ୍ୟକ।

କେରଳରୁ ଲୁଚି ଆସିଥିବା ପଶ୍ଚିମବଙ୍ଗର ୯ ଶ୍ରମିକ ଉଦ୍ଧାର

ଚଣ୍ଡିଖୋଲ, ୩।୫ (ଡି.ଏନ୍.ଏ.): କେରଳରୁ ଲୁଚି ଆସିଥିବା ୯ ଜଣ ଶ୍ରମିକଙ୍କୁ ରବିବାର ପୋଲିସ ଉଦ୍ଧାର କରିଛି। ଯାଜପୁର ଜିଲା ଛତିଆ ନିକଟରେ ସନ୍ଧ୍ୟାରେ ବୈରୀ ଥାନା ଏସଆଇ ବିଶ୍ୱଜିତ ବିଶ୍ୱାଳ ଏକ ଟ୍ରକ(ନଂ. ଓଡ଼ି-୦୫ଏଏଚ୍-୨୨୫୫)କୁ ଅଟକାଇ ତନଖି କରିବା ବେଳେ ସେଥିରୁ ୯ ଜଣ ଶ୍ରମିକଙ୍କୁ ଉଦ୍ଧାର କରାଯାଇଥିଲା। ସେମାନେ ସମସ୍ତେ ପଶ୍ଚିମବଙ୍ଗ ଅଞ୍ଚଳର, କେରଳରେ ରହି କାର୍ଯ୍ୟ କରୁଥିଲେ ବୋଲି ଜଣାପଡ଼ିଛି। ସେଠାରେ ଲକ୍‌ଡାଉନ୍ ଯୋଗୁ ଅସୁବିଧା ହେବାରୁ ଟ୍ରକରେ ପଳାଇ ଆସିଥିବା ଶ୍ରମିକମାନେ କହିଛନ୍ତି।

ଫେରିଲେ ୭ ପ୍ରବାସୀ

ଧର୍ମଶାଳା, ୩।୫ (ଡି.ଏନ୍.ଏ.)

ସୁରଟରୁ ବସ୍ ଯୋଗେ ୪ ଜଣ ଶ୍ରମିକ ଧର୍ମଶାଳା ବ୍ଲକ ଅଞ୍ଚଳକୁ ଫେରିଛନ୍ତି। ଉକ୍ତ ବସ୍‌ରେ ଭଦ୍ରକ ଜିଲାର ଶ୍ରମିକମାନେ ଆସିଥିବା ଜଣାପଡ଼ିଛି। ସେମାନେ ଅପରାହ୍ଣ ସାଢ଼େ ଗୋଟାଏ ବେଳେ ଜାରକା ଛକରେ ପହଞ୍ଚିଥିଲେ। ହେଲେ ଏ ସମ୍ପର୍କରେ ପୂର୍ବରୁ ପ୍ରଶାସନ ନିକଟରେ ଖବର ନ ଥିବା ଜଣାପଡ଼ିଛି। ଖବରପାଇ ବିଟ ହାଉସ ଅଧିକାରୀ ଓ ଧର୍ମଶାଳା ଥାନାଧିକାରୀ ଘଟଣାସ୍ଥଳରେ ପହଞ୍ଚି ଶ୍ରମିକମାନଙ୍କୁ ଅଟକାଇବା ସହ ବିଡିଓଙ୍କୁ ଜଣାଇଥିଲେ। ଏହାପରେ ବ୍ଲକର ଜଣେ କର୍ମଚାରୀ ସେଠାରେ ପହଞ୍ଚିବା ସହ ଶ୍ରମିକମାନଙ୍କୁ ଜାରକା ହାଇସ୍କୁଲରେ କ୍ୱାରାଣ୍ଟାଇନ ସେଣ୍ଟରରେ ଛାଡିଥିଲେ। ସେହିପରି କେରଳରୁ ରବିବାର ୩ ଜଣ ଶ୍ରମିକ ଫେରିଥିବା ବେଳେ ସେମାନଙ୍କୁ କ୍ୱାରାଣ୍ଟାଇନ ସେଣ୍ଟରରେ ରଖାଯାଇଛି।

୧୧ ବସ୍‌ରେ ଫେରିଲେ ୨୮୩ ପ୍ରବାସୀ

କେନ୍ଦ୍ରାପଡ଼ାଠାରେ ବସ୍‌ରୁ ଓହ୍ଲାଇଥିବା ପ୍ରବାସୀ।

କେନ୍ଦ୍ରାପଡ଼ା ଅଫିସ, ୩।୫

ଦେଶରେ ଦ୍ୱିତୀୟ ପର୍ଯ୍ୟାୟ ତାଲାବନ୍ଦର ଶେଷ ଦିବସରେ କେରଳରେ ରହୁଥିବା ୨୮୩ ପ୍ରବାସୀ କେନ୍ଦ୍ରାପଡା ଜିଲାକୁ ଫେରିଛନ୍ତି। ୧୧ଟି ବସ୍‌ରେ ସେମାନେ ଖୋର୍ଦ୍ଧାରୋଡ ରେଳ ଷ୍ଟେସନରୁ ବାହାରି ରବିବାର ମଧ୍ୟାହ୍ନରେ ଦୁହୁରିଆରେ ପହଞ୍ଚିଥିଲେ। ଜିଲା ପ୍ରଶାସନ ପକ୍ଷରୁ ସେମାନଙ୍କୁ ଜିଲାର ବିଭିନ୍ନ ସ୍ଥାନରେ ଥିବା ସଙ୍ଗରୋଧ ଗୃହକୁ ପଠାଯାଇଛି। ଏଥିସହିତ ସେମାନଙ୍କ ରକ୍ତ ଓ ସ୍ୱାବ୍ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଛି। କରୋନା ମହାମାରୀକୁ ରୋକିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗତ ମାର୍ଚ୍ଚ ୨୩ରୁ ଦେଶରେ ତାଲାବନ୍ଦ ଘୋଷଣା ହୋଇଥିଲା। ଫଳରେ ଜିଲାର ଲକ୍ଷାଧିକ ଲୋକ ଦେଶ ବିଦେଶରୁ ଫେରିପାରି ନ ଥିଲେ। ଏହାକୁ ଦୃଷ୍ଟିରେ ରଖି ଦେଶ ମଧ୍ୟରେ ଥିବା ଜିଲାର ପ୍ରବାସୀ ଆସିବା ପାଇଁ ଏପ୍ରିଲ ୨୪ ତାରିଖଠାରୁ ନାମ ପଞ୍ଜୀକରଣ କରାଯାଇଛି। ଜିଲାର ୨୭୩ ଜଣ ନାମ ପଞ୍ଜୀକରଣ କରିଥିଲେ ମଧ୍ୟ କେରଳ ରାଜ୍ୟ କୋଚିରୁ ଆସିଥିବା ଟ୍ରେନରେ ୨୮୩ ଜିଲାବାସୀ ଖୋର୍ଦ୍ଧାରୋଡ ରେଳ ଷ୍ଟେସନରେ ଓହ୍ଲାଇଥିଲେ। ଥର୍ମାଲ ଟେଷ୍ଟିଂ ପରେ ଜିଲା ଆଞ୍ଚଳିକ ପରିବହନ କେନ୍ଦ୍ର ପକ୍ଷରୁ ହୋଇଥିବା ବସ୍‌ରେ ଜିଲାକୁ ଫେରିଥିଲେ। ଏ ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ପଞ୍ଜୀକୃତ ବ୍ୟକ୍ତି ଜିଲାକୁ ଆସିବା ପାଇଁ ପର୍ଯ୍ୟାୟକ୍ରମେ ଅନୁମତି ଦିଆଯାଉଛି। ପ୍ରବାସୀଙ୍କୁ ପ୍ରାଥମିକ ପର୍ଯ୍ୟାୟରେ ସଙ୍ଗରୋଧ କେନ୍ଦ୍ରରେ ରହିବାକୁ ହେବ। ଏହି ସମୟରେ ସାମାଜିକ ମିଳାମିଶାକୁ ବାରଣ କରାଯାଇଛି। ଏଥିସହିତ ଅସୁସ୍ଥ ବ୍ୟକ୍ତିଙ୍କ ଚିକିତ୍ସା ପାଇଁ ଜିଲାରେ ବିଭିନ୍ନ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇଛି। ସରକାରୀ ନିୟମାବଳୀକୁ ଉଲ୍ଲଂଘନ କରୁଥିବା ପ୍ରବାସୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଜିଲାପାଳ କହିଛନ୍ତି। ସୂଚନାଯୋଗ୍ୟ, ଜିଲାରେ ୨ ଜଣ କରୋନା ପଜିଟିଭ ରୋଗୀ ସୁସ୍ଥ ହୋଇଛନ୍ତି। ଫଳରେ ଜିଲାରେ ଅଦ୍ୟାବଧି କୌଣସି ବ୍ୟକ୍ତି ଏହି ରୋଗରେ ଆକ୍ରାନ୍ତ ନାହାନ୍ତି। ତେବେ ବାହାରେ ଫସିରହିଥିବା ବ୍ୟକ୍ତିମାନେ ଫେରିବାକୁ ଆରମ୍ଭ କରିଥିବାରୁ ସ୍ଥାନୀୟ ଅଞ୍ଚଳରେ କରୋନା ସଂକ୍ରମଣକୁ ନେଇ ଲୋକେ ଭୟଭୀତ ହୋଇପଡିଛନ୍ତି। ତେବେ ଜିଲାପାଳ ବର୍ମା ଜିଲାବାସୀଙ୍କୁ ଭୟଭୀତ ନ ହେବା ପାଇଁ ପରାମର୍ଶ ଦେଇଛନ୍ତି।

କ୍ୱାରାଣ୍ଟାଇନ ସେଣ୍ଟରରେ ଅବ୍ୟବସ୍ଥା ଅଭିଯୋଗ ଆଣିଲା ଭାଜପା

ଯାଜପୁର ଅଫିସ,୩।୫

ଯାଜପୁର ଜିଲା ପ୍ରଶାସନ ପକ୍ଷରୁ କୋଭିଡ୍-୧୯ର ମୁକାବିଲା କରିବାକୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ତଥାପି ରାଜ୍ୟରେ ଆକ୍ରାନ୍ତ ସଂଖ୍ୟାରେ ଯାଜପୁର ଜିଲା ଶୀର୍ଷରେ ରହିଛି। ଶନିବାର ସୁଦ୍ଧା ୪୮ ସଂକ୍ରମିତଙ୍କ ମଧ୍ୟରୁ ୪୭ ପଶ୍ଚିମବଙ୍ଗ ଫେରନ୍ତା। ଆଗାମୀ ଦିନରେ ପ୍ରାୟ ୪୦ ହଜାର ପ୍ରବାସୀ ଜିଲାକୁ ଫେରିବାର ଅଛି। ସେମାନଙ୍କ ମଧ୍ୟରୁ ପ୍ରାୟ ୬୦ ଭାଗ ପଶ୍ଚିମବଙ୍ଗରୁ ଫେରିବେ। ତେଣୁ କରୋନା ସଂକ୍ରମଣକୁ ରୋକିବାକୁ ଜିଲା ପ୍ରଶାସନ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି ହେବ। ସେହି ଦୃଷ୍ଟିରୁ କ୍ୱାରାଣ୍ଟାଇନ ସେଣ୍ଟର ବୃଦ୍ଧି ସହ ଅଧିକ ବେଡ୍‌ର ଆବଶ୍ୟକତା ରହିଛି। କିନ୍ତୁ ଏଯାଏ ୫୭୧ କ୍ୱାରାଣ୍ଟାଇନ ସେଣ୍ଟର ମଧ୍ୟରୁ ଅଧିକାଂଶରେ ବ୍ୟାପକ ଅବ୍ୟବସ୍ଥା ରହିଥିବା ଜିଲା ଭାଜପା ସଭାପତି ଗୌତମ ରାୟ ଅଭିଯୋଗ କରିଛନ୍ତି। ଏହି ମର୍ମରେ ରାୟ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି କ୍ୱାରାଣ୍ଟାଇନ ସେଣ୍ଟରଗୁଡିକରେ ଅଧିକ ବେଡ୍‌ର ବ୍ୟବସ୍ଥା କରିବାକୁ ଅନୁରୋଧ କରିଛନ୍ତି। ପୃଥକ୍ ଭାବେ ମହିଳା ଓ ପୁରୁଷଙ୍କ ପାଇଁ ପାଇଖାନା, ସେଣ୍ଟର ପରିସରକୁ ଉପଯୁକ୍ତ ଭାବେ ବିଶୋଧନ କରିବା ଆବଶ୍ୟକ। ସେଣ୍ଟରଗୁଡ଼ିକରୁ ଯେପରି କେହି ପଳାୟନ ନ କରିବେ ସେଥିପାଇଁ କଡାକଡି ସୁରକ୍ଷା ବ୍ୟବସ୍ଥା କରିବାକୁ ସେ ତାଙ୍କ ପତ୍ରରେ ଦର୍ଶାଇଛନ୍ତି। ସୀମାନ୍ତରେ କଡ଼ା ସୁରକ୍ଷାକୁ ପ୍ରତିହତ କରି ଯେଉଁମାନେ ବେଆଇନ ଭାବେ ପଶ୍ଚିମବଙ୍ଗରୁ ଫେରି ସଂକ୍ରମଣ ସଂଖ୍ୟାକୁ ବୃଦ୍ଧି କରିଛନ୍ତି ସେମାନଙ୍କୁ ଠାବ କରି କାର୍ଯ୍ୟାନୁଷ୍ଠାନ ନେବାକୁ ରାୟ ଦାବି କରିଛନ୍ତି।

ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ୬୦ ଜଣଙ୍କ ସ୍ୱାବ୍ ସଂଗ୍ରହ

ରତ୍ନଗିରି, ୩।୫ (ଡି.ଏନ୍.ଏ.)

ବରୀ ବ୍ଲକ ଅଧୀନ କଳାମାଟିଆ ପଞ୍ଚାୟତରୁ ଜଣେ କରୋନା ସଂକ୍ରମିତ (କ୍ରମିକ ନଂ.-୧୫୨) ଚିହ୍ନଟ ହୋଇଛନ୍ତି। ସମ୍ପୃକ୍ତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିବା ୬୦ ଜଣ ବ୍ୟକ୍ତିଙ୍କ ସ୍ୱାବ ନମୁନା ରବିବାର ସଂଗ୍ରହ କରାଯାଇଛି। ସମ୍ପୃକ୍ତ ବ୍ୟକ୍ତିମାନଙ୍କ ନମୁନା ସଂଗ୍ରହ ପାଇଁ ଯାଜପୁର ଜିଲା ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନେ ନିର୍ଦ୍ଧାରିତ ସ୍ଥାନ କାଶୀନାଥ ମହାବିଦ୍ୟାଳୟରେ ପହଞ୍ଚିଥିଲେ। ମାତ୍ର ସ୍ୱାବ୍ ନମୁନା ସଂଗ୍ରହ ପାଇଁ ସେମାନେ ସହଯୋଗ ନ କରିବାରୁ ସ୍ୱାସ୍ଥ୍ୟ କର୍ମୀ ମନୋରଞ୍ଜନ ପୋଥାଳ ଓ ଯଶୋଲିନ ଜେନା ଏ ନେଇ ବରୀ ତହସିଲଦାର ଓ ବରୀ ଥାନାଧିକାରୀଙ୍କୁ ସୂଚନା ଦେଇଥିଲେ। ତହସିଲଦାର ଓ ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ବୁଝାଶୁଝା କରିବା ପରେ ସ୍ୱାବ୍ ସଂଗ୍ରହ ହୋଇଥିଲା।

ସୂଚନାଯୋଗ୍ୟ, ୧୫୨ ନଂ. ସଂକ୍ରମିତଙ୍କ ସଂସ୍ପର୍ଶରେ ୬୦ ଜଣ ଆସିଥିବା ବେଳେ ସେହି ୬୦ ଜଣଙ୍କ ସଂସ୍ପର୍ଶରେ ୧୯ ଜଣ ଆସିଥିବା ଜଣାପଡ଼ିଛି। ରବିବାର ସ୍ୱାସ୍ଥ୍ୟ ବିଭାଗର ୧୨ଟି ଟିମ୍ କଳାମାଟିଆ ପଞ୍ଚାୟତରେ ଘରକୁ ଘର ବୁଲି ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରିବା ସହ ତାଲିକା ପ୍ରସ୍ତୁତ କରିଥିଲେ। ତେବେ ଆଗାମୀ ଦିନରେ ଏହି ସଂଖ୍ୟା ବୃଦ୍ଧି ପାଇବ ବୋଲି ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. କୌଶିକ ପାତ୍ର ସୂଚନା ଦେଇଛନ୍ତି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଅନ୍ୟମାନଙ୍କ ସ୍ୱାବ୍ ନମୁନା ସଂଗ୍ରହ କାରଯିବ ବୋଲି ସେ ପ୍ରକାଶ କରିଛନ୍ତି।

ସହାୟତାରୁ ବଞ୍ଚିତ ନିର୍ମାଣ ଶ୍ରମିକ ପରିବାର

ଖଣ୍ଡପଡ଼ା,୩।୫(ସ୍ୱ.ପ୍ର.): ଲକ୍‌ଡାଉନ ପରିପ୍ରେକ୍ଷୀରେ ନିର୍ମାଣ ଶ୍ରମିକମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ମାତ୍ର ଖଣ୍ଡପଡା ଏନ୍‌ଏସିର ୧୩ ୱାର୍ଡ ସମେତ ବ୍ଲକର ବିଭିନ୍ନ ପଞ୍ଚାୟତର ନିର୍ମାଣ ଶ୍ରମିକ ଏଥିରୁ ବଞ୍ଚିତ ଅଛନ୍ତି। ନିର୍ମାଣ ଶ୍ରମିକଙ୍କୁ କାର୍ଡ ପିଛା ୧୫ଶହ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। କିନ୍ତୁ ଏଠାରେ ନିର୍ମାଣ ଶ୍ରମିକ କାର୍ଡ ପାଇଥିଲେ ହେଁ ସହାୟତା ପାଇନାହାନ୍ତି। ଏ ସମ୍ପର୍କରେ ସେମାନେ ଖଣ୍ଡପଡା ବିଡିଓ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରିଣୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଜିଲା ଶ୍ରମ ଅଧିକାରୀ ସଚ୍ଚିଦାନନ୍ଦ ଜେନାଙ୍କ କହିବା କଥା ଯେଉଁମାନେ ୩ବର୍ଷରୁ ଊର୍ଦ୍ଧ୍ୱ ଅଂଶଦାନ କରିନାହାନ୍ତି ସେମାନଙ୍କ ସଭ୍ୟପଦ ରଦ୍ଦ ହୋଇଯାଇଛି। ଅନେକ ହିତାଧିକାରୀଙ୍କ ନାମ ଅନ୍ୟ ପଞ୍ଚାୟତରେ ତାଲିକାଭୁକ୍ତ ହୋଇଛି। ସମ୍ପୃକ୍ତ ନିର୍ମାଣ ଶ୍ରମିକଙ୍କ ତାଲିକା ଓ ବ୍ୟାଙ୍କ ଆକାଉଣ୍ଟ ସଂଗ୍ରହ କରାଯାଇ ଅର୍ଥ ପଠାଇବା ବ୍ୟବସ୍ଥା କରାଯିବ।

କେରଳ, ସୁରଟରୁ ଫେରିଲେ ୨୨ ପ୍ରବାସୀ

ଜଗତ୍‌ସିଂହପୁର ଅଫିସ/ଏରସମା,୩।୫(ସ୍ୱ.ପ୍ର.)

ଲକ୍‌ଡାଉନ୍ ଯୋଗୁ ବାହାର ରାଜ୍ୟରେ ଫସିଥିବା ପ୍ରବାସୀ ଓଡ଼ିଆ ଏବେ ଘରକୁ ଫେରୁଛନ୍ତି। ଏହିକ୍ରମରେ ପ୍ରାଥମିକ ପର୍ଯ୍ୟାୟରେ ଜଗତ୍‌ସିଂହପୁର ଜିଲାର ୨୨ ପ୍ରବାସୀ ଫେରିଛନ୍ତି। ସେମାନଙ୍କ ମଧ୍ୟରୁ ୭ କେରଳ ଓ ୧୫ ଗୁଜରାଟର ସୁରଟରେ ରହୁଥିଲେ। ସେମାନେ ଜଗତ୍‌ସିଂହପୁର ଯୋଗଧାରିସ୍ଥିତ ସରଳା ଦେବୀ କଲ୍ୟାଣ ମଣ୍ଡପଠାରେ ପହଞ୍ଚିଲା ପରେ ସମସ୍ତଙ୍କ ସ୍ୱାବ୍ ସଂଗ୍ରହ କରାଯାଇଛି। ପରେ ସେମାନଙ୍କୁ ପଞ୍ଚାୟତ କ୍ୱାରାଣ୍ଟାଇନ୍ କେନ୍ଦ୍ରକୁ ପଠାଇ ଦିଆଯାଇଛି। ଗୁଜରାଟରୁ ଫେରିଥିବା ପ୍ରବାସୀଙ୍କ ମଧ୍ୟରେ ଏରସମା ଥାନା ଅଞ୍ଚଳର ୬, କୁଜଙ୍ଗର ୫, ରଘୁନାଥପୁରର ୨, ବାଲିକୁଦାର ଜଣେ ଓ ନାଉଗାଁ ଥାନା ଅଞ୍ଚଳର ଜଣେ ରହିଛନ୍ତି।

ରାଜସ୍ଥାନ କୋଟାରୁ ଆସିଲେ ୧୪ ଛାତ୍ରୀଛାତ୍ର

କରେଳରୁ ଫେରିଥିବା ପ୍ରବାସୀଙ୍କ ମଧ୍ୟରେ ବାଲିକୁଦା ଥାନା ଅଞ୍ଚଳର ୫ ଓ ଏରସମା ଥାନା ଅଞ୍ଚଳର ୨ଜଣ ରହିଛନ୍ତି। ସେହିପରି ରାଜସ୍ଥାନ କୋଟାରୁ ବସ୍ ଭଡ଼ା କରି ଓଡ଼ିଶା ଫେରିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୪ ଜଗତ୍‌ସିଂହପୁର ଜିଲାରୁ ରହିଛନ୍ତି। ସେମାନଙ୍କ ମଧ୍ୟରେ ପାରାଦୀପର ବିଭିନ୍ନ ଥାନା ଅଞ୍ଚଳର ୧୧, ଜଗତ୍‌ସିଂହପୁରର ଜଣେ, ବାଲିକୁଦାର ଜଣେ ଓ ନାଉଗାଁ ଥାନା ଅଞ୍ଚଳର ଜଣେ ରହିଛନ୍ତି। ସମସ୍ତଙ୍କ ସ୍ୱାବ୍ ସଂଗ୍ରହ କରାଯାଇ କ୍ୱାରାଣ୍ଟାଇନ କେନ୍ଦ୍ରକୁ ପଠାଯାଇଛି।

ଏ ସମ୍ପର୍କରେ କୋଭିଡ୍ ପରିଚାଳନା ଦାୟିତ୍ୱରେ ଥିବା ଜିଲାପାଳଙ୍କ ଓଏସ୍‌ଡି ଶଶାଙ୍କ ଶେଖର ଲେଙ୍କା କହିଛନ୍ତି, କେରଳର ଏର୍ନାକୁଲମ୍ ଜିଲାରୁ ରେଳ ଯୋଗେ ପାଖାପାଖି ୧୨୦୦ ପ୍ରବାସୀ ଓଡ଼ିଶା ଫେରିଛନ୍ତି। ସେମାନଙ୍କ ମଧ୍ୟରୁ ଜଗତ୍‌ସିଂହପୁର ଜିଲାର ୭ ଜଣ ଅନ୍ତର୍ଭୁକ୍ତ। ପ୍ରବାସୀମାନେ ରବିବାର ଅପରାହ୍ଣରେ ଖୋର୍ଦ୍ଧାରୋଡ ଷ୍ଟେଶନ୍‌ରେ ପହଞ୍ଚିଲା ପରେ ସେମାନଙ୍କୁ ଏକ ଗାଡି ଯୋଗେ ଜଗତ୍‌ସିଂହପୁର ସରଳା ଦେବୀ କଲ୍ୟାଣ ମଣ୍ଡପରେ ପହଞ୍ଚା ଯାଇଥିଲା। ପରେ ସ୍ୱାବ୍ ସଂଗ୍ରହ କରାଯାଇଥିଲା। ସେହିପରି ଗୁଜରାଟ୍‌ର ସୁରଟ୍ ଅଞ୍ଚଳରୁ ସ୍ୱତନ୍ତ୍ର ବସ୍ ଯୋଗେ ୫୦ରୁ ଅଧିକ ପ୍ରବାସୀ ଓଡ଼ିଶା ଫେରିଛନ୍ତି। ସେମାନଙ୍କ ମଧ୍ୟରୁ ଜଗତ୍‌ସିଂହପୁର ଜିଲାର ୧୫ ରହିଛନ୍ତି। ଏହି ପ୍ରବାସୀମାନେ କଟକ ଚାଉଳିଆଗଞ୍ଜସ୍ଥିତ କ୍ୱାରେଣ୍ଟାଇନ୍ କେନ୍ଦ୍ରରେ ଥିଲେ। ପ୍ରଶାସନ ତରଫରୁ ସେମାନଙ୍କୁ ଏକ ବସ ଯୋଗେ ଅଣାଯାଇଛି। ଏହି ୧୫ ଜଣଙ୍କ ମଧ୍ୟରୁ ଜଣେ ମହିଳା, ୩ ଜଣ ଶିଶୁ ଅଛନ୍ତି।

ସରକାରୀ ଯୋଜନାରୁ ବଞ୍ଚିତ ଦଳିତ ପରିବାର

ରସୁଲପୁର, ୩।୫ (ଡି.ଏନ୍.ଏ.)

ଲୋକମାନଙ୍କ ସୁବିଧା ପାଇଁ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଥିବା ବେଳେ ଅନେକ ସ୍ଥାନରେ ହିତାଧିକାରୀମାନେ ଏହାର ସୁବିଧା ନ ପାଇ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଯାଜପୁର ଜିଲା ରସୁଲପୁର ବ୍ଲକ ଅଧୀନ ଅର୍ଥଗାଁ ପଞ୍ଚାୟତ ଅଧୀନ ତୋରଡ଼ ଗ୍ରାମରେ ସମାନ ଏକ ଘଟଣା ନଜରକୁ ଆସିଛି। ଉକ୍ତ ଗ୍ରାମର ଏକ ଦଳିତ ପରିବାର ରାଶନକାର୍ଡ ଓ ଆବାସ ଯୋଜନାରୁ ବାଦ ପଡ଼ି ଦୁର୍ଦ୍ଦଶାରେ କାଳ କାଟୁଛନ୍ତି। କରୋନା ଓ କାଳବୈଶାଖୀ ଉକ୍ତ ପରିବାରର ଦୁଃଖ ବଢ଼ାଇ ଦେଇଥିବା ଦେଖାଯାଇଛି। ତୋରଡ଼ ଗ୍ରାମର ବାବନ ମଳିକଙ୍କ ପରିବାର ଏକ ଭଙ୍ଗା କୁଡ଼ିଆରେ ରହୁଥିବା ବେଳେ ସେମାନଙ୍କୁ ଅଦ୍ୟାବଧି ସରକାରୀ ଯୋଜନାରେ ଘର ଖଣ୍ଡେ

ଭଙ୍ଗା ଘର ଆଗରେ କାଞ୍ଚନ।

- ରାଶନକାର୍ଡରେ ନାଁ ନାହିଁ
- ଆବାସ ଯୋଜନାରେ ଘର ବି ମିଳିନି
- ଦୁଃଖ ବଢ଼ାଇଛି କରୋନା ସାଙ୍ଗକୁ କାଳବୈଶାଖୀ

ମିଳିନି। ବାବନ ଓ ତାଙ୍କ ସ୍ତ୍ରୀ କାଞ୍ଚନ ଦିନ ମଜୁରି ଲାଗି ପରିବାର ଚଳାଉଥିବା ବେଳେ ରାଶନକାର୍ଡ ତାଲିକାରେ ତାଙ୍କ ନାଁ ସାମିଲ ହୋଇପାରିନାହିଁ। ସ୍ତ୍ରୀ ଓ ୩ ଝିଅଙ୍କୁ ନେଇ ବାବନଙ୍କ ପରିବାର। ହେଲେ ଦିନ ମଜୁରି ଲାଗି ପରିବାର ଚଳାଉଥିବା ପରିବାରକୁ ରାଶନକାର୍ଡ ଖଣ୍ଡେ ନ ମିଳିବା ଓ ଆବାସ ଯୋଜନାରେ ଘର ଖଣ୍ଡେ ଯୋଗାଇ ଦିଆଯାଇ ନ ଥିବାରୁ ସେମାନେ ବହୁ କଷ୍ଟରେ ଦିନ କାଟୁଛନ୍ତି। ଏ ନେଇ ବାବନ କୁହନ୍ତି, କରୋନା ଯୋଗୁ କାମ ଧନ୍ଦା ବନ୍ଦ ଥିବା ବେଳେ ଜବ୍‌କାର୍ଡରେ ତାଙ୍କ ନାଁ ସାମିଲ ହୋଇଛି କି ନାହିଁ ସେ ଜାଣିନାହାନ୍ତି। ରାଶନକାର୍ଡ ନ ଥିବାରୁ ସରକାର କରୋନା ପାଇଁ ଯେଉଁ ୩ ମାସର ରାଶନ ଯୋଗାଇଛନ୍ତି, ତା'ର ସୁବିଧା ବି ତାଙ୍କ ପରିବାରକୁ ମିଳିନି। ରାଶନକାର୍ଡ ନ ଥିବା ସବୁ ଗରିବ ପରିବାରକୁ ରନ୍ଧାଖାଦ୍ୟ ଯୋଗାଇ ଦେବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ହେଲେ ତା'ର ବି ସୁବିଧା ବାବନଙ୍କ ପରିବାରକୁ ମିଳିନି। ଅନ୍ୟପଟେ କୁଡ଼ିଆ ଘରେ ୫ ପ୍ରାଣୀ ମୁଣ୍ଡ ଗୁଞ୍ଜୁ ଥିବା ବେଳେ କାଳବୈଶାଖୀରେ ସେହି ଘର ବି ଭାଙ୍ଗିଯିବା ଯୋଗୁ ଦୁର୍ଦ୍ଦଶା ଆହୁରି ବଢ଼ିଯାଇଛି। ଘର ଭାଙ୍ଗିଯିବା ଖବରପାଇ ସାମନ୍ତରାପୁର ରାଜସ୍ୱ ନିରୀକ୍ଷକ ନୃସିଂହ ଚରଣ ବେହେରା କ୍ଷେତ୍ର ପରିଦର୍ଶନ କରିଥିଲେ ବି ଏ ପର୍ଯ୍ୟନ୍ତ ପଲିଥିନ୍ ଖଣ୍ଡେ ମିଳିପାରିନାହିଁ ବୋଲି ବାବନ କହିଛନ୍ତି। ଏ ନେଇ ସ୍ଥାନୀୟ ସରପଞ୍ଚ ସୂର୍ଯ୍ୟମଣି ବେହେରାଙ୍କୁ ପଚାରିବାରେ ବାବନଙ୍କ ପରିବାରକୁ ରାଶନକାର୍ଡ ମିଳି ନ ଥିବା ବେଳେ ଆବାସ ଯୋଜନାରେ ମଧ୍ୟ ସାମିଲ କରାଯାଇନାହିଁ। ତେବେ ବାବନଙ୍କ ପୁଅଙ୍କ ନାଁରେ ଏକ ଘର ମିଳିଛି ବୋଲି କହିଛନ୍ତି।

ସଂକ୍ଷେପରେ

କୁକୁର ଭୟରେ ପୋଖରୀକୁ ଡେଇଁ ହରିଣର ପ୍ରାଣ ଗଲା

ଖଇରା, ୩।୫(ଡି.ଏନ.ଏ.): ବାଲେଶ୍ୱର ଜିଲା ଖଇରା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ଚାନ୍ଦଗୋଛି ଗ୍ରାମରେ ଥିବା ପୋଖରୀକୁ ଏକ ହରିଣ ଡେଇଁପଡିବାରୁ ତାର ମୃତ୍ୟୁ ଘଟିଛି। ରେଞ୍ଜର ବବିତା ସୋରେନଙ୍କ ନିର୍ଦ୍ଦେଶକ୍ରମେ ଔପଦା ଫରେଷ୍ଟର ସୁମତୀ ଦାସ, ଗାର୍ଡ ଭାରତୀ ସିଂ ପ୍ରମୁଖ ଗ୍ରାମରେ ପହଞ୍ଚି ମୃତ ହରିଣକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଔପଦା ନେଇଯାଇଛନ୍ତି। ଶନିବାର ରାତିରେ ହରିଣ ଦେବଗିରି ପାହାଡରୁ ଗ୍ରାମକୁ ଚାଲିଆସିଥିବା ବେଳେ ସକାଳେ ଫେରି ପାରି ନ ଥିଲା। ଦଳେ କୁକୁର ଆକ୍ରମଣ କରିବାରୁ ହରିଣ ଇତସ୍ତତ ହୋଇ ଦୌଡିବା ସହ ଏକ ପୋଖରୀକୁ ଡେଇଁପଡି ପ୍ରାଣ ହରାଇଥିଲା।

ବଜ୍ରପାତରେ ଜୀବନ ଗଲା

ସୋର, ୩।୫(ଡି.ଏନ.ଏ.): ସୋର ମ୍ୟୁନିସିପାଲିଟି ଅନ୍ତର୍ଗତ ସାଦମାପୁର ରାଇପୁର ଗ୍ରାମରେ ଶନିବାର ରାତିରେ ବଜ୍ରପାତ ହୋଇ ଦୈତାରୀ ରାଉତ ନାମକ ବୃଦ୍ଧଙ୍କର ମୃତ୍ୟୁ ଘଟିଛି। ସେ ରାତିରେ ଶୋଇଥିବା ବେଳେ ବଜ୍ରପାତ ହୋଇଥିଲା। ଫଳରେ ତାଙ୍କ ଘରର ଆଜବେଷ୍ଟସ କଣା ହୋଇ କିଛି ଅଂଶ ମୁଣ୍ଡ ଉପରେ ପଡିଥିଲା। ପରିବାର ଲୋକେ ପୋଲିସରେ ଜଣାଇଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୨୭/୨୦) ରୁଜୁ କରି ଶବ ବ୍ୟବଚ୍ଛେଦ କରାଇଛି।

ସୁସ୍ଥ ହୋଇ ଘରକୁ ଫେରିଲେ କରୋନା ଆକ୍ରାନ୍ତ

ଭଣ୍ଡାରିପୋଖରୀ,୩।୫(ଡି.ଏନ୍.ଏ.): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଡେସିଙ୍ଗା ପଞ୍ଚାୟତ କୁଶଗଡ଼ିଆ ଗ୍ରାମର ଜଣେ କରୋନା ଆକ୍ରାନ୍ତ ସୁସ୍ଥ ହୋଇ ଶନିବାର ଘରକୁ ଫେରିଛନ୍ତି। ତାଙ୍କୁ ହୋମ୍ କ୍ୱାରାଣ୍ଟାଇନରେ ରଖାଯାଇଛି। ଗତ ୨୦ ତାରିଖରେ ପଜିଟିଭ୍ ଚିହ୍ନଟ ପରେ ସେ କଟକସ୍ଥିତ ଅଶ୍ୱିନୀ କୋଭିଡ୍ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। ସେହିପରି ରହଣିଆ ପଞ୍ଚାୟତ ସୁରୁବଣ ଗ୍ରାମର ଅନ୍ୟ ଜଣେ ଆକ୍ରାନ୍ତ ଅଶ୍ୱିନୀ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଶନିବାର ଏମ୍ସର ଏକ ଡାକ୍ତରୀ ଦଳ କୁଶଗଡ଼ିଆ ଗ୍ରାମକୁ ଯାଇ ଲୋକଙ୍କ ସହ ଆଲୋଚନା କରିଥିଲେ।

୬ ହଜାର ୮ ଶହ ଜରିମାନା ଆଦାୟ

ବନ୍ତ,୩।୫(ଡି.ଏନ୍.ଏ.) : କରୋନା ଲକ୍ ଡାଉନ୍ କଟକଣା ସମୟରେ ରବିବାର ଭଦ୍ରକ ଜିଲା ବନ୍ତ ଓ କେନ୍ଦୁଆପଦା ଫାଣ୍ଡି ଅଞ୍ଚଳରେ କେତେକ ବ୍ୟକ୍ତି ଆଇନ ଅମାନ୍ୟ କରି ୬ ହଜାର ୮ ଶହ ଟଙ୍କା ଦଣ୍ଡ ଗଣିଛନ୍ତି। ବନ୍ତ ଥାନା ଛକ ଠାରେ ପୋଲିସ ପକ୍ଷରୁ ଚେକିଂ କରାଯାଇ ୩ ଜଣ ବାଇକ ଚାଳକଙ୍କ ଠାରୁ ୩ ହଜାର ଚାଲାଣ କଟାଯାଇଥିବା ବେଳେ ମାକ୍ସ ବ୍ୟବହାର କରି ନ ଥିବା ୫ ଜଣଙ୍କ ଠାରୁ ୧ ହଜାର ଜରିମାନା ଆଦାୟ କରାଯାଇଛି। କେନ୍ଦୁଆପଦା ଫାଣ୍ଡି ପୋଲିସ ମାକ୍ସ ବ୍ୟବହାର କରି ନ ଥିବା ୧୪ ଜଣଙ୍କ ଠାରୁ ୨ ହଜାର ୮ ଶହ ଟଙ୍କା ଜରିମାନା ଆଦାୟ କରିଛି।

କୋଲକାତା ଲିଙ୍କ୍‌ରୁ ବଢୁଛି ସଂକ୍ରମିତଙ୍କ ସଂଖ୍ୟା

ବାଲେଶ୍ୱରରୁ ଜଣେ, କେନ୍ଦୁଝରରୁ ଆଉ ଜଣେ ଚିହ୍ନଟ

ବାଲେଶ୍ୱର ଅଫିସ/ ଖଇରା/ ହାଟଡିହୀ/ କେନ୍ଦୁଝର, ୩।୫(ଡି.ଏନ.ଏ./ସ୍ୱ.ପ୍ର.)

ବାଲେଶ୍ୱର ଓ କେନ୍ଦୁଝର ଜିଲାରେ ଆଉ ଦୁଇଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଫଳରେ ବାଲେଶ୍ୱରରେ ସଂକ୍ରମିତଙ୍କ ସଂଖ୍ୟା ୨୧ରେ ପହଞ୍ଚିଥିବା ବେଳେ କେନ୍ଦୁଝରରେ ୨ ଛୁଇଁଛି। କୋଲକାତା ଲିଙ୍କ୍‌ରୁ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ସ୍ପଷ୍ଟ ହୋଇଛି। ରବିବାର ଖଇରା ବ୍ଲକ ରତିଣା ପଞ୍ଚାୟତର ଜଣେ ୩୪ ବର୍ଷୀୟ ବ୍ୟକ୍ତି କୋଲକାତାରୁ ଫେରି କ୍ୱାରାଣ୍ଟାଇନ୍‌ରେ ଥିବା ବେଳେ ଚିହ୍ନଟ ହୋଇଛନ୍ତି। ସେ କୋଲକାତାରେ ଏକ ଠେଲା ଦୋକାନରେ ବ୍ୟବସାୟ କରୁଥିଲେ। ଲକ୍‌ଡାଉନ ଘୋଷଣା ପରେ ଗତ ଏପ୍ରିଲ ୨୧ତାରିଖରେ କୋଲକାତାରୁ ଗ୍ରାମକୁ ଫେରିଥିଲେ। ସରପଞ୍ଚଙ୍କ ପରାମର୍ଶକ୍ରମେ ପଞ୍ଚାୟତ ଦ୍ୱାରା ନିର୍ଦ୍ଧାରିତ ଅସ୍ଥାୟୀ କ୍ୱାରାଣ୍ଟାଇନ୍ ସେଣ୍ଟରରେ ତାଙ୍କୁ ରଖାଯାଇଥିଲା। ଗତ ୨୮ ତାରିଖରେ ତାଙ୍କର ସ୍ୱାବ ସଂଗ୍ରହ କରାଯାଇଥିଲା। ସେ ସଂକ୍ରମିତ ହୋଇଥିବା ଜଣାପଡିବା ପରେ ବାଲେଶ୍ୱର ଓ ଖଇରା ମେଡ଼ିକାଲ ଟିମ୍ ରତିଣା ନୋଡ଼ାଲ ସ୍କୁଲରେ ପହଞ୍ଚି ତାଙ୍କୁ ଚିକିତ୍ସା ପାଇଁ ନେଇଯାଇଛନ୍ତି। ଉପଜିଲାପାଳ ନୀଲୁ ମହାପାତ୍ର, ଡିପିଏମ୍ ଅନିଲ କୁମାର ମହାନ୍ତି, ଖଇରା ତହସିଲଦାର ପ୍ରଦୀପ କୁମାର ସାହୁ, ବିଡ଼ିଓ ଦେବେନ୍ଦ୍ର ପ୍ରସାଦ ବଳ ଓ ଆଇଆଇସି ସୁବ୍ରତ କୁମାର ବେହେରା, ସରପଞ୍ଚ ସତ୍ୟାନନ୍ଦ ଦାସ ଗ୍ରାମରେ ପହଞ୍ଚି କଣ୍ଟେନମେଣ୍ଟ ଜୋନ୍ ପ୍ରସଙ୍ଗରେ ଆଲୋଚନା ଜାରି ରଖିଛନ୍ତି।

ଖଇରା ବ୍ଲକ ରତିଣା ଅଞ୍ଚଳରେ ପ୍ରଶାସନିକ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ସେହିପରି କେନ୍ଦୁଝର ଜିଲା ହାଟଡିହି ବ୍ଲକ ପଞ୍ଚୁଗୋଛିଆ ପଞ୍ଚାୟତ ଅଞ୍ଚଳରେ ଆଉ ଜଣେ ୩୦ବର୍ଷୀୟ କୋଲକାତା ଫେରନ୍ତା କରୋନାରେ ଆକ୍ରାନ୍ତ ହୋଇଥିବା ଚିହ୍ନଟ ହୋଇଛନ୍ତି। ସେ କିଛି ଦିନ ତଳେ କୋଲକାତାରୁ ଫେରିଥିଲେ ଏବଂ ସଙ୍ଗରୋଧରେ ଥିଲେ। ତାଙ୍କ ପାଖରେ କୌଣସି ଲକ୍ଷଣ ନ ଥିଲା। କେନ୍ଦୁଝର ଜିଲାରେ କୋଲକାତା ଫେରନ୍ତାଙ୍କ ପାଇଁ ସ୍ୱତନ୍ତ୍ର ଭାବେ ସ୍ୱାବ ସଂଗ୍ରହ କରାଯାଇଥିଲା। ରିପୋର୍ଟରୁ ସଂକ୍ରମିତଙ୍କ ସମ୍ପର୍କରେ ଜଣାପଡ଼ିବା ପରେ ତାଙ୍କ ଗ୍ରାମକୁ ସିଲ୍ କରାଯାଇଛି। ସମ୍ପୃକ୍ତ ଗ୍ରାମରେ ପୋଲିସ ଟିମ୍, ସ୍ୱାସ୍ଥ୍ୟ ବିଭାଗ ଟିମ୍ ଓ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ଆକ୍ରାନ୍ତଙ୍କ ଗସ୍ତ ବିବରଣୀ ସହ କଣ୍ଟାକ୍ଟ ଟ୍ରେସିଂ ଆରମ୍ଭ କରିଛନ୍ତି। ଆକ୍ରାନ୍ତଙ୍କୁ କୋଭିଡ୍ ହସ୍‌ପିଟାଲକୁ ନିଆଯିବା ଲାଗି ବ୍ୟବସ୍ଥା କରାଯାଇଥିବା କେନ୍ଦୁଝର ଜିଲାପାଳ ଆଶିଷ ଠାକ୍‌ରେ କହିଛନ୍ତି।

ନେଳିଆବାଗରେ ଆବଦ୍ଧାଞ୍ଚଳ ଅବଧି ବଢ଼ିଲା

ବାଲେଶ୍ୱର ଅଫିସ, ୩।୫-ବାଲେଶ୍ୱର ଜିଲାର ପ୍ରଥମ କରୋନା ସଂକ୍ରମିତ ନେଳିଆବାଗର ଜଣେ ୫୮ ବର୍ଷୀୟ ବୟସ୍କ ଚିହ୍ନଟ ହେବା ପରେ ଉକ୍ତ ଅଞ୍ଚଳକୁ ଗତ ଏପ୍ରିଲ ୧୯ରୁ ୨୬ତାରିଖ ପର୍ଯ୍ୟନ୍ତ ଆବଦ୍ଧାଞ୍ଚଳ ଭାବେ ଘୋଷଣା କରାଯାଇଥିଲା। ପରେ ଉକ୍ତ ଅଞ୍ଚଳରେ ଲଗାତାର ୭ଜଣ ସଂକ୍ରମିତ ଭାବେ ଚିହ୍ନଟ ହେବା ପରେ ଆବଦ୍ଧାଞ୍ଚଳକୁ ୨୬ ତାରିଖରୁ ମେ' ୨ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରଖାଯାଇଥିଲା। ପରେ ଉକ୍ତ ୫୮ ବର୍ଷୀୟ ସୁପରସ୍ପ୍ରେଡ଼ର ଭାବେ ୧୨ ଜଣଙ୍କୁ ସଂକ୍ରମିତ କରିଥିବାର ଜଣାପଡ଼ିବା ପରେ ଉକ୍ତ ଅଞ୍ଚଳକୁ ପୁଣି ଥରେ ସ୍ୱତନ୍ତ୍ର ନିର୍ଦ୍ଦେଶ ଚିଠି (ନଂ, ୧୦୦୦) ଅନୁଯାୟୀ ମେ' ୨ରୁ ୯ ତାରିଖ ପର୍ଯ୍ୟନ୍ତ ଆବଦ୍ଧାଞ୍ଚଳ ଅବଧିକୁ ବଢ଼ାଇ ଦିଆଯାଇଛି।

ସ' ମିଲ୍‌ରେ ଅଗ୍ନିକାଣ୍ଡ

ଅଗ୍ନିକାଣ୍ଡରେ ଜଳିଯାଇଥିବା ସ' ମିଲ।

ବାଲେଶ୍ୱର ଅଫିସ, ୩।୫

ବାଲେଶ୍ୱର ଜିଲା ଗଡ଼ଗଡ଼ିଆ ଛକ ନିକଟରେ ଥିବା ବଟେଶ୍ୱର ସ' ମିଲ୍‌ରେ ରବିବାର ପୂର୍ବାହ୍ନରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଛି। ଜିଲା ଅଗ୍ନିଶମ ବାହିନୀର ୩ଟି ଗାଡ଼ି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଛି।

ତେଲକୋଇ ଆସିବେ ୩ହଜାରରୁ ଊର୍ଦ୍ଧ୍ୱ ବହିରାଗତ

ତେଲକୋଇ, ୩।୫(ଡି.ଏନ.ଏ.)

ବାହାର ରାଜ୍ୟରେ କାମ କରୁଥିବା କେନ୍ଦୁଝର ଜିଲା ତେଲକୋଇ ବ୍ଲକ ଅଞ୍ଚଳର ୩ହଜାରରୁ ଊର୍ଦ୍ଧ୍ୱ ବହିରାଗତ ଫେରିବା ପାଇଁ ପଞ୍ଜୀକରଣ କରିଛନ୍ତି। ମହାରାଷ୍ଟ୍ର, ଗୁଜୁରାଟ, ଦିଲୀ, ବିହାର, ପଶ୍ଚିମବଙ୍ଗ, ଛତିଶଗଡ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କର୍ଣ୍ଣାଟକ ଓ କେରଳ ରାଜ୍ୟରୁ ସେମାନେ ଫେରିବେ ବୋଲି ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ୨୨ ପଞ୍ଚାୟତ ଅଧୀନରେ ଏହି ପଞ୍ଜୀକରଣ କରାଯାଇଛି। ପଞ୍ଚାୟତ ମୁଖ୍ୟାଳୟ ସମେତ ବିଭିନ୍ନ ବିଦ୍ୟାଳୟ କ୍ୱାରାଣ୍ଟାଇନରେ ରହିବା ଲାଗି ବ୍ୟବସ୍ଥା କରାଯାଇଛି। ୧୩ଶହରୁ ଊର୍ଦ୍ଧ୍ୱ ବେଡ୍ ବ୍ୟବସ୍ଥା କରାଯାଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି । ରବିବାର କେରଳ ରାଜ୍ୟରୁ ଟ୍ରେନ ଯୋଗେ ଓଡିଶାକୁ ଆସୁଥିବା ୧୧୫୦ ବ୍ୟକ୍ତିଙ୍କ ମଧ୍ୟରୁ ତେଲକୋଇ ବ୍ଲକର ୪ଜଣ ରହିଛନ୍ତି। ସେମାନଙ୍କ ମଧ୍ୟରୁ କାଳିଆହତା ପଞ୍ଚାୟତର ୩ଜଣ ହୋଇଥିବା ବେଳେ ଛାମୁଣ୍ଡା ପଞ୍ଚାୟତର ଜଣେ। ଖୋର୍ଦ୍ଧା ରେଳଷ୍ଟେଶନରୁ ଜିଲା ପ୍ରଶାସନ ଉକ୍ତ ୪ଜଣଙ୍କୁ କେନ୍ଦୁଝର ମୁଖ୍ୟାଳୟକୁ ଆଣିବା ପରେ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ତେଲକୋଇକୁ ଅଣାଯିବାର ଯୋଜନା କରାଯାଇଛି। ସମ୍ପୃକ୍ତ ୪ଜଣ ନିଜ ପଞ୍ଚାୟତ କ୍ୱାରାଣ୍ଟାଇନରେ ୧୪ଦିନ ରହିବା ପରେ ତାଙ୍କୁ ନିଜ ଘରକୁ ଛଡାଯିବାର ବ୍ୟବସ୍ଥା କରାଯାଇଥିବା ବ୍ଲକ ପ୍ରଶାସନ ପକ୍ଷରୁ କୁହାଯାଇଛି।

ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥିତି ପରଖିଲା କେନ୍ଦ୍ରୀୟ ଟିମ୍

କେନ୍ଦ୍ରୀୟ ଦଳ କୁଶଗଡ଼ିଆ ଗ୍ରାମରେ ଅନୁଧ୍ୟାନ କରୁଛନ୍ତି।

ଭଣ୍ଡାରିପୋଖରୀ, ୩।୫(ଡି.ଏନ.ଏ.)

କରୋନା ମୁକାବିଲା ଲାଗି ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଆଯାଇଥିବା ବ୍ୟବସ୍ଥାକୁ ଏମ୍ସର କେନ୍ଦ୍ରୀୟ ଟିମ୍ ତଦାରଖ କରି ଫେରିଛନ୍ତି। ଭୁବନେଶ୍ୱରସ୍ଥିତ ଏମ୍ସର ଡାକ୍ତର ଦିନେଶ କୁମାର ସାହୁଙ୍କ ନେତୃତ୍ୱରେ ସହକାରୀ ପ୍ରଫେସର ଡା. ବିନୋଦ ପାତ୍ର, ଏସଏମ୍‌ଓ(ସର୍ଭେଲାନ୍ସ ମେଡିକାଲ ଅଫିସର) ଡା. ଅର୍ଚ୍ଚନା ଗାୟନ, ଭଦ୍ରକ ଜିଲା ପିଏଚ୍‌ଇଓ ଡା ଜୟନ୍ତ କୁମାର ପଣ୍ଡା, ଡାକ୍ତର କାଶୀନାଥ ପଣ୍ଡା ପ୍ରମୁଖ ରବିବାର ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ଆଇସୋଲେଶନ ୱାର୍ଡ, ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥା, କାଗଜପତ୍ର ଯାଞ୍ଚ କରିବା ସହ କଣ୍ଟେନମେଣ୍ଟ ଜୋନ ସର୍ଭେ ରେକର୍ଡ, କଣ୍ଟାକ୍ଟ ଟ୍ରେସିଂ ରେକର୍ଡ, ସ୍ୱାବ ସଂଗ୍ରହ ସଂଖ୍ୟା ଓ ସାମ୍ଭାବ୍ୟ ପରୀକ୍ଷଣ ତାଲିକା ତନଖି କରିଥିଲେ। ସ୍ଥାନୀୟ ମେଡିକାଲ ଅଫିସର ଡା. କମଳାକାନ୍ତ ସ୍ୱାଇଁ, ଡା. ରାଜେଶ କୁମାର ବେହେରା, ଡା. ହୃଦୟ ପ୍ରଧାନ, ଡା. ନିଳିମା ନାୟକ, ଡା. ଆଦିତ୍ୟ ସାହୁ, ବିପିଏମଓ ରଶ୍ମିରେଖା ପୃଷ୍ଟି, ପିଏଚଇଓ ଅନିତାରାଣୀ ରାଉତ ପ୍ରମୁଖ କରୋନା ମୁକାବିଲା ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏହାପରେ କେନ୍ଦ୍ରୀୟ ଟିମ୍ କୁଶଗଡ଼ିଆ ଗ୍ରାମକୁ ଯାଇ ସୁସ୍ଥ ହୋଇ ଘରକୁ ଫେରିଥିବା କରୋନା ସଂକ୍ରମଣ ବ୍ୟକ୍ତି ଓ ସ୍ଥାନୀୟ ଗ୍ରାମବାସୀଙ୍କ ସହ ଆଲୋଚନା କରି ଫେରିଥିଲେ।

ସୋରରେ ପହଞ୍ଚିଲେ ୧୧ ପ୍ରବାସୀ

ସୋର, ୩।୫(ଡି.ଏନ.ଏ.)

ସୋର ମ୍ୟୁନିସିପାଲିଟି ଅନ୍ତର୍ଗତ ବିଭିନ୍ନ ୱାର୍ଡରେ ଏବେ ରାଜ୍ୟ ବାହାରୁ ୧୧ଜଣ ପ୍ରବାସୀ ସୋରକୁ ଫେରିଛନ୍ତି। ସେମାନଙ୍କ ମଧ୍ୟରୁ ସୁରଟରୁ ୩, ଆଜମେରରୁ ୭ ଓ କୋଟାରୁ ଜଣେ ଛାତ୍ରୀ ଅଛନ୍ତି। ଆଜମେର ଓ କୋଟା ଫେରନ୍ତାଙ୍କୁ ନିଜ ନିଜ ଘରେ ସଙ୍ଗରୋଧରେ ରଖାଯାଇଥିବା ବେଳେ ସୁରଟରୁ ଫେରିଥିବା ୩ ଜଣଙ୍କୁ କ୍ଷେମେଶ୍ୱର କଲ୍ୟାଣ ମଣ୍ଡପରେ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ଏବେ ସୋର ସହରକୁ ଫେରିବାକୁ ରାଜ୍ୟ ବାହାରୁ ୧୫୯୫ଜଣ ନାମ ପଞ୍ଜୀକରଣ କରିଛନ୍ତି। ପର୍ଯ୍ୟାୟକ୍ରମେ ଏମାନେ ଆସିବେ। ସେମାନଙ୍କୁ ପ୍ରସ୍ତୁତ କରାଯାଇଥିବା ୧୫ଟି କ୍ୱାରାନ୍ଟାଇନ୍‌ରେ ସହ ନିଜ ଘରେ ସଙ୍ଗରୋଧରେ ରଖାଯିବ ବୋଲି ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ରାକେଶ କୁମାର ପଣ୍ଡା କହିଛନ୍ତି।

କେନ୍ଦୁଝରରେ ପେଡ୍ କ୍ୱାରାଣ୍ଟାଇନ ବ୍ୟବସ୍ଥା

କେନ୍ଦୁଝର, ୩।୫(ସ୍ୱ.ପ୍ର.)

ମହାମାରୀ କରୋନା ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶନାମାକୁ କଡ଼ାକଡ଼ି ପାଳନ କରିବା ପାଇଁ ଜିଲାପାଳ ଆଶିଷ ଠାକ୍‌ରେ ନିର୍ଦ୍ଦେଶ ଦେଇଛନ୍ତି। ବାହାର ରାଜ୍ୟରୁ ଜିଲାକୁ ଆସୁଥିବା ବ୍ୟକ୍ତିମାନେ ନିଜ ଘରକୁ ଫେରିବା ପୂର୍ବରୁ ପଞ୍ଜୀକରଣ କରିବା ବାଧ୍ୟତାମୂଳକ। ଚେକ୍ ପଏଣ୍ଟରେ ଆସୁଥିବା ବ୍ୟକ୍ତିମାନଙ୍କର ପଞ୍ଜିକରଣ ସମ୍ପର୍କରେ ଯାଞ୍ଚ କରାଯିବ ଏବଂ ସେମାନଙ୍କ ହାତରେ ଅଲିଭା କାଳିରେ ଚିହ୍ନ ଦିଆଯିବ। ସେମାନେ ନିଜ ଅଞ୍ଚଳରେ ପହଞ୍ଚିବା ପରେ ପ୍ରଶାସନ ପକ୍ଷରୁ ପ୍ରସ୍ତୁତ ହୋଇଥିବା ସଙ୍ଗରୋଧ କେନ୍ଦ୍ରରେ ରହିବେ। ସହରାଞ୍ଚଳ ପାଇଁ ହୋମ୍ କ୍ୱାରାଣ୍ଟାଇନ୍, ହୋଟେଲ ଓ ଲଜ୍‌ମାନଙ୍କରେ ପେଡ୍ କ୍ୱାରାଣ୍ଟାଇନ୍ ଏବଂ ଯେଉଁମାନଙ୍କର ସୁବିଧା ନ ଥିବ ସେମାନଙ୍କ ପାଇଁ ଇନ୍‌ଷ୍ଟିଚ୍ୟୁଶନାଲ କ୍ୱାରାଣ୍ଟାଇନ ବ୍ୟବସ୍ଥା କରାଯାଇଛି। ବିନା ପଞ୍ଜୀକରଣରେ କୌଣସି ବ୍ୟକ୍ତି ଜିଲାରେ ପ୍ରବେଶ କଲେ କିମ୍ବା ୧୪ଦିନର ବାଧ୍ୟତାମୂଳକ ସଙ୍ଗରୋଧ ନିର୍ଦ୍ଦେଶନାମାକୁ ଅବମାନନା କଲେ ଆଇନ ଅନୁଯାୟୀ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ଠାକ୍‌ରେ ସୂଚନା ଦେଇଛନ୍ତି।

ତାଲା ବନ୍ଦ ଯୋଗୁ ରାଜ୍ୟ ବାହାରେ ଫସି ରହିଥିବା ଶ୍ରମଜୀବୀ, ତୀର୍ଥଯାତ୍ରୀ, ପର୍ଯ୍ୟଟକ, ଛାତ୍ରୀଛାତ୍ର ଏବଂ ଅନ୍ୟାନ୍ୟ ବର୍ଗର ବ୍ୟକ୍ତି କେନ୍ଦୁଝର ଜିଲାକୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି। କେନ୍ଦୁଝର ଜିଲାର ପ୍ରବାସୀମାନେ କିପରି ସୁରକ୍ଷିତ ଭାବେ ନିଜ ନିଜ ଗାଁରେ ପହଞ୍ଚିବେ, ସେଥିପାଇଁ କେନ୍ଦୁଝର ଜିଲା ପ୍ରଶାସନ ଦ୍ୱାରା ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯାଇଛି। କେନ୍ଦୁଝର ଜିଲାରେ ରହିଥିବା ବାହାର ରାଜ୍ୟର ଶ୍ରମଜୀବୀ/ବ୍ୟକ୍ତିବିଶେଷ ନିଜ ନିଜ ରାଜ୍ୟକୁ ଯିବା ପାଇଁ ଚାହୁଁଥିଲେ ସେମାନେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଖୋଲାଯାଇଥିବା ସହାୟତା କେନ୍ଦ୍ରରେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ମଧ୍ୟରେ ନିର୍ଦ୍ଧାରିତ ଫର୍ମରେ ଆବଶ୍ୟକ କାଗଜପତ୍ର ସହ ଆବେଦନ କରିପାରିବେ ବୋଲି ସୂଚନା ଦେଇଛନ୍ତି।

ମଦଭାଟିରେ ଚଢ଼ାଉ

ଜବତ ହୋଇଥିବା ଦେଶୀ ମଦ।

ରାଇରଙ୍ଗପୁର,୩।୫(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧୀନ ହାଟବାଦଡ଼ା ନିକଟବର୍ତ୍ତି ତେଣ୍ଟପୋଷି ଗ୍ରାମର ଏକ ନାଳ ପାର୍ଶ୍ୱରେ ଚାଲିଥିବା ବେଆଇନ ମଦ ରନ୍ଧା ଭାଟି ଉପରେ ପୋଲିସ ଚଢାଉ କରି ୫୦ ଲିଟର ଦେଶୀ ମଦ ଜବତ କରିଛି। ଚଢ଼ାଉ ସୂଚନା ପାଇ ମଦ ବେପାରୀମାନେ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିବା ବେଳେ ପୋଲିସ ୨୦ କୁଇଣ୍ଟାଲ ପୋଚ ନଷ୍ଟ କରିଛି। ଏସ୍‌ଡିପିଓ ସ୍ନେହାଶିଷ ସାହୁଙ୍କ ନେତୃତ୍ୱରେ ଗ୍ରାମାଞ୍ଚଳ ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ,ଏସଆଇ ରାଜେଶ ଶତପଥୀ, ହାଟବାଦଡା ଫାଣ୍ଡି ଅଧିକାରୀ ବରୁଣ ଗିରି ପ୍ରମୁଖ ଚଢାଉରେ ସାମିଲ ହୋଇଥିଲେ। ଏନେଇ ଥାନାରେ ଏକ ମାମଲା (ନଂ.୫୧/୨୦୨୦) ରୁଜୁ ହୋଇଛି।

ମହିଳାଙ୍କ ମଦ ବିରୋଧୀ ଅଭିଯାନ

ଖୁଣ୍ଟା,୩।୫(ଡି.ଏନ୍.ଏ.)

ମହାମାରୀ କରୋନାର ମୁକାବିଲା ପାଇଁ ସରକାର ବିଭିନ୍ନ ପଦକ୍ଷେପ ହାତକୁ ନେଇଥିବା ବେଳେ ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକ ଅଧୀନ ସପନଚୁଆ ପଞ୍ଚାୟତର ମହିଳାମାନେ ଏଥିରେ ସହଯୋଗର ହାତ ବଢ଼ାଇଛନ୍ତି। ନିଜ ପଞ୍ଚାୟତକୁ କରୋନା ସହିତ ମଦ ମୁକ୍ତ କରିବା ପାଇଁ ସେମାନେ ଅଣ୍ଟା ଭିଡିଛନ୍ତି। ଉକ୍ତ ପଞ୍ଚାୟତର ସରପଞ୍ଚ ସରସ୍ୱତୀ ମୁର୍ମୁଙ୍କ ନେତୃତ୍ୱରେ ପଞ୍ଚାୟତ ଅଧୀନ ସମସ୍ତ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା, ଅଙ୍ଗନୱାଡି, ଆଶା କର୍ମୀ ଏବଂ ୱାର୍ଡ଼ ସଭ୍ୟ ପ୍ରମୁଖ ଶନିବାରଠାରୁ ଗାଁକୁ ଗାଁ ବୁଲି କରୋନାର ମୁକାବିଲା ପାଇଁ ଲୋକଙ୍କୁ ସଚେତନ କରିଥିବା ବେଳେ ନିଶା ଦ୍ରବ୍ୟରୁ ଦୂରେଇ ରହିବା ପାଇଁ କହିଥିଲେ। ଏହା ବ୍ୟତୀତ ପଞ୍ଚାୟତର ବିଭିନ୍ନ ନିଛାଟିଆ ସ୍ଥାନରେ ବେଆଇନ ଭାବେ ଗଢି ଉଠିଥିବା ଦେଶୀ ମଦ ପ୍ରସ୍ତୁତି ଭାଟିଗୁଡିକୁ ସେମାନେ ଭାଙ୍ଗି ଦେଇଥିବା ଦେଖିବାକୁ ମିଳିଥିଲା।

ମହିଳାଙ୍କ ଦ୍ୱାରା ଜବତ ହୋଇଥିବା ମଦ ରନ୍ଧା ସାମଗ୍ରୀ।

କେରଳରେ ଦିନ ଗଣୁଛନ୍ତି ୩୦ ଓଡ଼ିଆ

କେନ୍ଦୁଝର,୩।୫(ସ୍ୱ.ପ୍ର.)

କରୋନା ଲକ୍‌ଡାଉନ ଯୋଗୁ କେରଳରେ ଫସିଥିବା ୩୦ ଓଡ଼ିଆ ଶ୍ରମିକ ଜନ୍ମ ସ୍ଥାନକୁ ଫେରିବା ପାଇଁ ଦିନ ଗଣୁଛନ୍ତି। ଏନେଇ ସେମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହିତ କେନ୍ଦୁଝର ଜିଲାପାଳଙ୍କୁ ଜଣାଇଛନ୍ତି। ଘରକୁ ଆସିବାକୁ ସେମାନେ ନାମ ପଞ୍ଜୀକରଣ ମଧ୍ୟ କରିଛନ୍ତି। ବର୍ତ୍ତମାନ ସେଠାରେ ଖାଇବା ଓ ରହିବାରେ ଅସୁବିଧା ହେଉଥିବାରୁ ଉଦ୍ଧାର ଲାଗି ଭିଡିଓ ବାର୍ତ୍ତା ମାଧ୍ୟମରେ ଆକୁଳ ନିବେଦନ କରିଛନ୍ତି।

ସୂଚନା ଅନୁଯାୟୀ, ଲକ୍‌ଡାଉନ ହେବାର କିଛି ମାସ ପୂର୍ବରୁ କେନ୍ଦୁଝର,କଟକ,କେନ୍ଦ୍ରାପଡା ଜିଲାର କେତେକ ଶ୍ରମିକ କାମ କରିବା ପାଇଁ କେରଳ ଯାଇଥିଲେ। ସେମାନଙ୍କ ମଧ୍ୟରୁ ପ୍ରାୟ ୩୦ ଜଣ କେରଳର ଏରନାକୁଲମ ଜିଲା ଅନ୍ତର୍ଗତ ମୁଲ୍ଲାବୁର ନିକଟରେ ଥିବା ମାରାଙ୍ଗାଟୁ ପ୍ଲାଏଉଡ କମ୍ପାନୀରେ କାମ କରୁଥିଲେ। ଲକ୍‌ଡାଉନ ଚାଲିଥିବାରୁ କମ୍ପାନୀ ମାଲିକ ଏବେ ସେମାନଙ୍କର ଖାଇବା ପିଇବା ଓ ରହିବା କଥା ବୁଝୁ ନାହାନ୍ତି। ସେମାନଙ୍କୁ ମଜୁରୀ ନ ଦେଇ କମ୍ପାନୀ ମାଲିକ ଗେଟରେ ତାଲା ପକାଇ ଦେଇଥିବା ଉକ୍ତ ଶ୍ରମିକମାନେ ଭିଡିଓ ବାର୍ତ୍ତାରେ ଜଣାଇଛନ୍ତି। କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକର ପିଠାଗୋଳା ପଞ୍ଚାୟତରୁ ୬ ଜଣ, ବଡପଳାଶପାଳ ପଞ୍ଚାୟତର ୮ , ଭଅଁରପୁର ପଞ୍ଚାୟତରୁ ଜଣେ, ସୁନାପେଣ୍ଠ ପଞ୍ଚାୟତର ଜଣେ, ତେଲକୋଇ ବ୍ଲକରୁ ୫, ଘଟଗାଁ ବ୍ଲକରୁ ଜଣେ ରହିଥିବା ବେଳେ କଟକ ଜିଲା ନରସିଂହପୁର ବ୍ଲକରୁ ଜଣେ, କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକରୁ ୫ଜଣ ଶ୍ରମିକ ଫସି ରହିଥିବା ଜଣାପଡିଛି। ରାଜ୍ୟ ସରକାର ଏହି ଶ୍ରମିକମାନଙ୍କୁ ଉଦ୍ଧାର କରିବା ପାଇଁ ସେମାନଙ୍କ ପରିବାର ବର୍ଗ ନିବେଦନ କରିଛନ୍ତି।



କେରଳରେ ଫସି ରହିଥିବା ଶ୍ରମିକ।

ଫେରିବା ଚିନ୍ତା

ସଂକ୍ଷେପରେ

୭୦ ପଶ୍ଚିମବଙ୍ଗ ଫେରନ୍ତାଙ୍କୁ ଖୋଜୁଛି ପ୍ରଶାସନ

ଛତ୍ରପୁର,୩।୫(ଡି.ଏନ୍.ଏ.):ପଶ୍ଚିମବଙ୍ଗରୁ ଗତ ୨ ସପ୍ତାହ ମଧ୍ୟରେ ୭୦ଜଣ ଗଞ୍ଜାମ ଜିଲାକୁ ଫେରିଥିବା ରାଜ୍ୟ ସରକାରଙ୍କ ପକ୍ଷରୁ ହୋଇଥିବା ଫୋନ ଟ୍ରାକିଂରୁ ଜଣାପଡ଼ିଛି। ସେମାନଙ୍କୁ ଠାବ କରିବା ପାଇଁ ପ୍ରଶାସନ ଉଦ୍ୟମ ଚଳାଇଛି। ପଶ୍ଚିମବଙ୍ଗ ଫେରନ୍ତାଙ୍କୁ ତୁରନ୍ତ ଏମାନଙ୍କୁ ଠାବ କରି କ୍ୱାରାଣ୍ଟାଇନ୍‌ରେ ରଖିବା ସହ ସେମାନଙ୍କର ସ୍ୱାବ ପରୀକ୍ଷା କରାଇବାକୁ ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତଙ୍କ ପକ୍ଷରୁ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ନିକଟକୁ ଏକ ନିର୍ଦ୍ଦେଶନାମା ଆସିଛି। ଗୋପାଳପୁର, ଆସିକା, ଜରଡ଼ା, ବ୍ରହ୍ମପୁର, ପୁରୁଷୋତ୍ତମପୁର, ଗଞ୍ଜାମ, କବିସୂର୍ଯ୍ୟନଗର, ହିଞ୍ଜିଳି, କୁକୁଡାଖଣ୍ଡି, ଛତ୍ରପୁର, ବୁଗୁଡ଼ା, ତାରସିଂ, ଗୋଳନ୍ଥରା, ଶେରଗଡ଼, ଭଞ୍ଜନଗର, ସୋରଡ଼ା,ଧରାକୋଟ, ଜଗନ୍ନାଥପ୍ରସାଦ ଅଞ୍ଚଳରେ ଏମାନେ ଥିବା ନେଇ ତାଲିକା ଆସିଛି।

ସୁରଟ ଫେରନ୍ତା ବସ୍ ଦୁର୍ଘଟଣା
ଗାଁରେ ୨ ଯୁବକଙ୍କ ଅନ୍ତିମ ସଂସ୍କାର

ବୁଗୁଡ଼ା,୩।୫(ଡି.ଏନ.ଏ.): ଗଞ୍ଜାମ-କନ୍ଧମାଳ ଜିଲା ସୀମାନ୍ତ କଳିଙ୍ଗା ଘାଟିରେ ଶନିବାର ସନ୍ଧ୍ୟାରେ ସୁରଟ ଫେରନ୍ତା ବସ ଦୁର୍ଘଟଣାଗ୍ରସ୍ତ ହେବାରୁ ବୁଗୁଡ଼ାର ସନ୍ତୋଷ ସେଠୀ ଓ ବରଡ଼ିପଲ୍ଲୀର ଚିତ୍ତରଞ୍ଜନ ସେଠୀଙ୍କ ମୃତ୍ୟୁ ଘଟିଥିଲା। ରବିବାର ଭଞ୍ଜନଗର ମେଡିକାଲରେ ବ୍ୟବଚ୍ଛେଦ ପରେ ଅପରାହ୍ନରେ ମୃତଦେହ ବୁଗୁଡ଼ା ଅଣାଯାଇ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଥିଲା। ପରେ ଗାଁରେ ସେମାନଙ୍କ ଅନ୍ତିମ ସଂସ୍କାର କରାଯାଇଛି।

ଯୁବତୀଙ୍କୁ ବଳାତ୍କାର, ଅଭିଯୁକ୍ତ ଅଟକ

ପାଟପୁର,୩।୫: ପାଟପୁର ଥାନା ଅଞ୍ଚଳର ଜଣେ ଅନୁସୂଚିତ ଜନଜାତି ଯୁବତୀଙ୍କୁ ବଳାତ୍କାର ନେଇ ରବିବାର ପାଟପୁର ଥାନାରେ ଅଭିଯୋଗ ହୋଇଛି। ଯୁବତୀଙ୍କ ଏତଲା କ୍ରମେ ନଂ.୯୮/୨୦ରେ ମାମଲା ରୁଜୁକରି ପୋଲିସ ଅଭିଯୁକ୍ତଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଅଭିଯୋଗ ପ୍ରକାରେ, ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ସହ ସମ୍ପୃକ୍ତ ଯୁବକ ଶାରିରୀକ ସମ୍ପର୍କ ରଖିଥିଲେ। ପରେ ବିବାହ କରିବାକୁ ମନା କରିଥିଲେ। ଏନେଇ ଯୁବତୀଙ୍କ ପରିବାର ଲୋକେ ଯୁବକଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ ସେ ଶୁଣି ନ ଥିଲେ। ଶେଷରେ ଯୁବତୀ ଜଣଙ୍କ ରବିବାର ତାଙ୍କୁ ବଳାତ୍କାର କରାଯାଇଥିବା ପାଟପୁର ଥାନାରେ ଏତଲା ଦେଇଛନ୍ତି।

କାର୍ଯ୍ୟକାରୀ ହେଉନି ସରକାରଙ୍କ ନିୟମ

ଆର.ଉଦୟଗିରି,୩।୫(ଡି.ଏନ.ଏ.): ଦେଶରେ କରୋନାରୁ ରକ୍ଷା ପାଇବା ପାଇଁ ବିଭିନ୍ନ ଜିଲାରେ ଲକ୍‌ଡାଉନ୍ ଜାରି ସହ ଘରୁ ବାହାରିବା ମାତ୍ରେ ମୁହଁରେ ମାସ୍କ ବାନ୍ଧିବା ଜରୁରୀ ହୋଇଛି। ମଦ ଏବଂ ଗୁଟ୍‌ଖା ବିକ୍ରି ବନ୍ଦ କରିବାକୁ କେନ୍ଦ୍ର ଓ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଯେଉଁ ବ୍ୟବସାୟୀ ଏଗୁଡିକୁ ବିକ୍ରି କରିବେ, ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସରକାର ନିର୍ଦ୍ଦେଶନାମା ଜାରି କରିଛନ୍ତି। ଗଜପତି ଜିଲା ଆର.ଉଦୟଗିରି ଗ୍ରାମ ବ୍ୟବସାୟୀମାନେ ଏହାର ଖୁଲମଖୁଲା ଉଲ୍ଲଂଘନ କରି ବିକ୍ରି କରୁଛନ୍ତି। ଆର.ଉଦୟଗିରି ଗ୍ରାମରେ ଅଳ୍ପ କେତେଜଣ ବ୍ୟବସାୟୀ ମାସ୍କ ପିନ୍ଧିଥିବା ଦେଖିବାକୁ ମିଳୁଛି। ଦେଶୀ ଓ ବିଦେଶୀ ମଦ ଚୋରାରେ ବିକ୍ରି ହେଉଥିବା ବେଳେ ଖୋଲାଖୋଲି ଦୋକାନରେ ଗୁଟ୍‌ଖା ବିକ୍ରି ହେଉଥିବା ଦେଖିବାକୁ ମିଳୁଛି। ପୋଲିସ ପ୍ରଶାସନ ଏହା ଦେଖି ଚୁପ୍ ରହିଯାଆନ୍ତି। ଏଠାର କେତେକ ହୋଲ୍‌ସେଲର ନିଜ ସାହି ଓ ଘରେ ରଖି ବିକ୍ରି କରୁଥିବା ଦେଖିବାକୁ ମିଳୁଛି। ଏଥିସହ ଗ୍ରାମରେ ଭୋର ଏବଂ ସନ୍ଧ୍ୟାରେ ଅତିମାତ୍ରାରେ ଗହଳି ରହୁଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି। ନିୟମ ମାନୁ ନ ଥିବା ଯୁବକମାନେ କୌଣସି କାମ ନ ଥିଲେ ମଧ୍ୟ ଗ୍ରାମରେ ଦ୍ରୁତଗତିରେ ବାଇକ୍ ଚଳାଇ ଯାଉଥିବାର ଦେଖାଯାଉଛି।

କ୍ୱାରାଣ୍ଟାଇନ୍‌ରେ ଥିବା ଲୋକଙ୍କୁ ଟ୍ରାକିଂ କରିବ ସ୍ୱାସ୍ଥ୍ୟ ଆପ୍

ବ୍ରହ୍ମପୁର ଅଫିସ,୩।୫

■କ୍ୱାରାଣ୍ଟାଇନ୍‌ରେ ଥିବା ବ୍ୟକ୍ତିଙ୍କ ମୋବାଇଲରେ କରାଯିବ ଇନ୍‌ଷ୍ଟଲ

■କ୍ୱାରାଣ୍ଟାଇନ୍‌ରେ ଥିବା ବ୍ୟକ୍ତିଙ୍କ ତଥ୍ୟ ସଂଗ୍ରହ ସହଜ ହେବ

କ୍ୱାରାଣ୍ଟାଇନ୍‌ରେ ଥିବା ଲୋକଙ୍କୁ ଏଣିକି ଟ୍ରାକିଂ କରିବ ସ୍ୱାସ୍ଥ୍ୟ ଆପ୍। ବାହାରୁ ଆସି ହୋମ୍ କ୍ୱାରାଣ୍ଟାଇନ୍ ଓ ଇନ୍‌ଷ୍ଟିଚ୍ୟୁସ୍‌ନାଲ କ୍ୱାରାଣ୍ଟାଇନ୍‌ରେ ଥିବା ପ୍ରବାସୀ ଓଡ଼ିଆଙ୍କୁ ମନିଟରିଂ ତଥା ସେମାନଙ୍କ ଗତିବିଧି ଉପରେ ନଜର ରଖିବା ନେଇ ବ୍ରହ୍ମପୁର ମହାନଗର ନିଗମ ସହଯୋଗରେ ଟେକେଡର୍ସ ଓ ଆର୍କିଟୋ ଡିଜାଇନ୍ ଷ୍ଟୁଡିଓ ସଂସ୍ଥା ପକ୍ଷରୁ ପ୍ରସ୍ତୁତ ହୋଇଛି ଏହି ସ୍ୱାସ୍ଥ୍ୟ ଆପ୍ । ଏହା ମାଧ୍ୟମରେ ପ୍ରବାସୀଙ୍କ ତଥ୍ୟ ସଂଗ୍ରହ ସହ ସେମାନଙ୍କ ଗତିବିଧି ଉପରେ ନଜର ରଖାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି । ଏନେଇ ରବିବାର ଟାଉନ୍‌ହଲରେ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି । ଏଥିରେ ଆପ୍ ବ୍ୟବହାର ନେଇ ବିଏମ୍‌ସି ଅଞ୍ଚଳରେ କୋଭିଡ୍-୧୯ କାର୍ଯ୍ୟରେ ନିୟୋଜିତ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କୁ ଅବଗତ କରାଯାଇଥିଲା। ଏହି ଆପ୍‌କୁ କ୍ୱାରାଣ୍ଟାଇନ୍‌ରେ ଥିବା ବ୍ୟକ୍ତିଙ୍କ ମୋବାଇଲ ଫୋନରେ ଇନ୍‌ଷ୍ଟଲ କରାଯିବା ପରେ ସେମାନଙ୍କ ଗତିବିଧିକୁ ସହଜରେ ଟ୍ରାକିଂ କରିହେବ। ଏହାବ୍ୟତୀତ କ୍ୱାରାଣ୍ଟାଇନ୍‌ରେ ଥିବା ଲୋକଙ୍କ ସମସ୍ୟା ସମ୍ପର୍କରେ ମଧ୍ୟ ସହଜରେ ତଥ୍ୟ ସଂଗ୍ରହ କରିହେବ। ଫଳରେ ସହଜରେ ଓ କମ୍ ସମୟରେ ତାଙ୍କ ନିକଟରେ ସ୍ୱାସ୍ଥ୍ୟସେବା ପହଞ୍ଚାଯାଇ ପାରିବ ବୋଲି ସଂସ୍ଥା ପକ୍ଷରୁ ସୂଚାଯାଇଥିଲା । ପ୍ରଥମ ଥର ପାଇଁ ବିଏମ୍‌ସିରେ କୋଭିଡ୍-୧୯ ସମସ୍ୟା ମୁକାବିଲା ପାଇଁ ଏଭଳି ଆପ୍ ବ୍ୟବହାର କରାଯାଉଥିବା ବେଳେ ଖୁବଶୀଘ୍ର ଆପ୍ ବ୍ୟବହାର ନେଇ କୋଭିଡ୍-୧୯ କାର୍ଯ୍ୟରେ ନିୟୋଜିତ ସମସ୍ତ ସ୍ୱେଚ୍ଛାସେବୀ, ଅଙ୍ଗନୱାଡି କର୍ମୀ, ସ୍ୱାସ୍ଥ୍ୟକର୍ମୀ, ଆଶା, ଏଏନ୍‌ଏମ୍‌ଙ୍କୁ ତାଲିମ ଦିଆଯିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି। କର୍ମଶାଳାରେ ବିଏମ୍‌ସି କମିଶନର ଚକ୍ରବର୍ତ୍ତୀ ସିଂ ରାଠୋରଙ୍କ ସମେତ ଟେକେଡର୍ସ ସଂସ୍ଥା ସିଇଓ ସ୍ୱାଧୀନ ନାୟକ, ଆର୍କିଟୋ ଡିଜାଇନ୍ ଷ୍ଟୁଡିଓ ସଂସ୍ଥା ଆର୍କିଟେକ୍ଟ ହୃଷୀକେଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

ଯୁବକଙ୍କୁ ହତ୍ୟାକରି ପୋଖରୀକୁ ଫିଙ୍ଗିଦେଲେ

ଶେରଗଡ଼,୩।୫(ଡି.ଏନ୍.ଏ.)

ଶେରଗଡ ବ୍ଲକ ଗୋଠଗାଁର ଏକ ପୋଖରୀରୁ ରବିବାର ସକାଳେ ପୋଲିସ ଜଣେ ଯୁବକଙ୍କ କ୍ଷତବିକ୍ଷତ ମୃତଦେହ ଉଦ୍ଧାର କରିଛି। ସେ ହେଲେ ଗ୍ରାମର ଅକ୍ରୁର ନାହାକ (୩୨)। ନଂ.୪୬/୨୦ରେ ଏକ ହତ୍ୟା ମାମଲା ରୁଜୁକରି ପୋଲିସ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଚଳାଇଛି।

ଅକ୍ରୁର ଶନିବାର ରାତିରେ ଖାଇସାରି ଘରଠାରୁ ପ୍ରାୟ ୨ଶହ ମିଟର ଦୂରରେ ଥିବା ଚଉଁରା ପାଖରେ ଶୋଇଥିଲେ। ସକାଳୁ ତାଙ୍କ କ୍ଷତବିକ୍ଷତ ମୃତଦେହ ପାଖ ପୋଖରୀରେ ପଡିଥିବା ଲୋକେ ଦେଖି ଥାନାକୁ ଜଣାଇଥିଲେ। ଆସିକା ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ, ଶେରଗଡ ଥାନା ଅଧିକାରୀ ରମେଶ ଚନ୍ଦ୍ର ଦାସ ପୋଲିସ ଟିମ୍ ସହ ପହଞ୍ଚି ତଦନ୍ତ କରିଥିଲେ। ମୃତକଙ୍କୁ ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରିବା ପରେ ପୋଖରୀକୁ ଫିଙ୍ଗି ଦିଆଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି ବୋଲି ଏସ୍‌ଡିପିଓ କହିଛନ୍ତି। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଯାଇଛି। ପୂର୍ବ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ଅନୁମାନ କରୁଛି।

ଶ୍ରମିକଙ୍କ ସମସ୍ୟା ବୁଝିଲେ ତହସିଲଦାର

ଶ୍ରମିକଙ୍କ ସହ ତହସିଲଦାର ଆଲୋଚନା କରୁଛନ୍ତି।

ଶେରଗଡ଼,୩।୫(ଡି.ଏନ୍.ଏ.)

ଶେରଗଡ଼ ପଥରପୁଞ୍ଜି ଗ୍ରାମ ରାସ୍ତାରେ ରବିବାର ମଧ୍ୟାହ୍ନରେ ୩୦ଜଣ ଶ୍ରମିକ ପିଲାଙ୍କୁ ଧରି ଯାଉଥିବା ସ୍ଥାନୀୟ ଯୁବକ ଦେଖିଥିଲେ। ଏନେଇ ଶେରଗଡ଼ ତହସିଲଦାର ଦୟାସିନ୍ଧୁ ପରିଡାଙ୍କୁ ଜଣାଇବା ପରେ ଅତିରିକ୍ତ ତହସିଲଦାର ଅକ୍ଷୟ କୁମାର ମଲ୍ଲିକଙ୍କ ସହ ତହସିଲଦାର ପହଞ୍ଚିଥିଲେ। ପଚରାଉଚରା ପରେ ବଲାଙ୍ଗୀର ଜିଲା ସାରଥୀମୁଣ୍ଡାରେ ସେମାନଙ୍କ ଘର ବୋଲି କହିଥିଲେ। କନିଷିରେ ଏକ ଇଟା ଭାଟିରେ କାମ କରୁଥିବା ବେଳେ ମାଲିକ ଖାଇବାକୁ ନ ଦେବାରୁ ଘରକୁ ଯାଉଥିବା କହିଥିଲେ। ତହସିଲଦାର ପରିଡା ବଲାଙ୍ଗୀର ଜିଲାପାଳଙ୍କ ସହ କଥା ହେବାପରେ ବସ୍ କରି ସେମାନଙ୍କୁ ପଠାଇବାକୁ ସେ କହିଥିଲେ। ଡେଙ୍ଗାପଦର ସରପଞ୍ଚଙ୍କ ସହ କଥା ହୋଇ ରବିବାର ସେମାନଙ୍କ ଖାଇବା ବ୍ୟବସ୍ଥା କରିଥିଲେ। ସୋମବାର ସକାଳୁ ବସ୍ ଯୋଗେ ଗାଁକୁ ଯିବେ ବୋଲି ତହସିଲଦାର ପରିଡା କହିଛନ୍ତି।

ପୁଣି ସୁରଟଫେରନ୍ତା ୨ ବସ୍ ଦୁର୍ଘଟଣାଗ୍ରସ୍ତ, ୭ ଆହତ

ଜି.ଉଦୟଗିରି/ ଛତ୍ରପୁର,୩।୫(ଡି.ଏନ.ଏ.)

ସୁରଟରୁ ପ୍ରବାସୀ ଓଡ଼ିଆଙ୍କୁ ଧରି ରବିବାର ଗଞ୍ଜାମ ଅଭିମୁଖେ ଆସୁଥିବା ଆଉ ୨ଟି ବସ୍ ପୁଣି ଦୁର୍ଘଟଣାଗ୍ରସ୍ତ ହୋଇଛି। ଗୋଟିଏ ବସ୍ ଗଞ୍ଜାମ-କନ୍ଧମାଳ ସୀମାନ୍ତ କଳିଙ୍ଗା ଘାଟିରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ବେଳେ ଅନ୍ୟଟି ମହାରାଷ୍ଟ୍ରର ନାଗପୁରରେ ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ୨ ବସ୍‌ର ୭ ଜଣ ଆହତ ହୋଇଛନ୍ତି। ଶନିବାର ରାତିରେ କଳିଙ୍ଗା ଘାଟିରେ 'ଶ୍ରୀ ପଟେଲ' ନାମକ ଏକ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇ ୨ ଜଣଙ୍କ ମୃତ୍ୟୁର କେତେ ଘଣ୍ଟା ପରେ ଆଉ ୨ଟି ବସ୍ ଦୁର୍ଘଟଣାଗ୍ରସ୍ତ ହେବା ଘଟଣା ସୁରଟ ଫେରନ୍ତାଙ୍କ ପରିବାର ଲୋକ ଓ ପ୍ରଶାସନର ଚିନ୍ତା ବଢ଼ାଇଛି।

ନାଗପୁରଟାରେ ଓଲଟି ପଡିଥିବା ବସ୍। କଳିଙ୍ଗା ଘାଟିରେ ଦୁର୍ଘଟଣାଗ୍ରସ୍ତ ବସ୍।

ସୁରଟର ଏକ ଘରୋଇ କମ୍ପାନୀରେ କାମ କରୁଥିବା ସୋରଡ଼ା ବ୍ଲକ ଅସୁରବନ୍ଧ ଅଞ୍ଚଳର ୫୭ଜଣ 'ଅମ୍ବିକା' ନାମକ ବସ୍ (ଜିଜେ୦୬-୨୨-୯୫୫୯)ରେ ଫେରୁଥିଲେ। ରବିବାର ସକାଳେ ବସ୍‌ଟି କଳିଙ୍ଗା ଘାଟିରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହେବାରୁ ୫ଜଣ ଆହତ ହୋଇଥିଲେ। ଖବରପାଇ ଜି.ଉଦୟଗିରି ଦମକଳ ବାହିନୀ, ଆମ୍ବୁଲାନ୍ସ ସହିତ ଜି.ଉଦୟଗିରି ଅତିରିକ୍ତ ତହସିଲଦାର ରାକେଶ କୁମାର ପାତ୍ର, ଏସ୍‌ଡିପିଓ ଜୟକୃଷ୍ଣ ବେହେରା, ଆଇଆଇସି ଧୀରାଜ କୁମାର ଲେଙ୍କା, ଏସଆଇ କୌଶଲ୍ୟା ବେହେରା ପ୍ରମୁଖ ପହଞ୍ଚି ଉଦ୍ଧାର କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଅନ୍ୟ ଏକ ବସ୍ ଯୋଗେ ଭଞ୍ଜନଗର ପଠାଯାଇଥିଲା। ଦୁର୍ଘଟଣା ପରେ କଳିଙ୍ଗାରେ ଅଟକିଥିବା ଆଉ ୪ ବସ୍‌କୁ ଏସ୍କର୍ଟରେ ଘାଟି ପାର କରାଯାଇଥିଲା। ସେହିପରି କେରଳରୁ ଆସୁଥିବା ବସ୍‌କୁ ଗଞ୍ଜାମ ପୋଲିସ ଏସ୍କର୍ଟରେ ଘାଟି ପାର କରାଇ କଳିଙ୍ଗାରେ ଛାଡ଼ିଥିଲା।

ସେହିପରି ନାଗପୁରଠାରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିବା ବସ୍‌ରେ ସୁରଟରୁ ୫୦ ଜଣ ଗଞ୍ଜାମ ଆସୁଥିଲେ। ସେମାନଙ୍କ ମଧ୍ୟରୁ ୨ଜଣ ଆହତ ହୋଇଥିଲେ। ଜଣେ ଆହତ ପୁରୁଷୋତ୍ତମପୁର ବ୍ଲକ ଓ ଅନ୍ୟ ଜଣକ ଗଞ୍ଜାମ ବ୍ଲକ ଅଞ୍ଚଳର ବୋଲି ଜଣାପଡିଛି। ସେଠାକାର ଏକ ହସ୍ପିଟାଲରେ ଉଭୟେ ଚିକିତ୍ସିତ ହୋଇଛନ୍ତି। ଦୁର୍ଘଟଣାଗ୍ରସ୍ତ ବସ୍‌ର ସମସ୍ତ ଲୋକ ପଛରେ ଆସୁଥିବା ଆଉ ୮ ବସ୍‌ରେ ଭାଗ ଭାଗ ହୋଇ ଆସୁଛନ୍ତି। ସୋମବାର ଏହି ୮ ବସ୍ ଗଞ୍ଜାମରେ ପହଞ୍ଚିବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ଶନିବାର ସୁରଟରୁ ଏକ ସମୟରେ ୯ ବସ୍ ଗଞ୍ଜାମ ଅଭିମୁଖେ ବାହାରିଥିଲା।

କ୍ୱାରାଣ୍ଟାଇନ୍‌ରେ କନ୍ଧମାଳର ୩୮୯ କେରଳ ଫେରନ୍ତା

ଫୁଲବାଣୀ ଅଫିସ, ୩।୫

ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁସାରେ ବିଭିନ୍ନ ରାଜ୍ୟରେ ଅଟକି ରହିଥିବା କନ୍ଧମାଳର ପ୍ରବାସୀ ଓଡିଆଙ୍କ ଫେରିବା ଆରମ୍ଭ ହୋଇଛି । କେରଳରୁ ଓଡ଼ିଶା ଆସିଥିବା ଶ୍ରମିକ ଟ୍ରେନ ରବିବାର ସକାଳେ ଗଞ୍ଜାମ ଜିଲାର ଜଗନ୍ନାଥପୁର ଷ୍ଟେଶନଠାରେ ପହଞ୍ଚିଥିଲା। ସେଥିରେ ଆସିଥିବା କନ୍ଧମାଳର ୩୮୯ ପ୍ରବାସୀ ଓଡିଆଙ୍କୁ ଜିଲାକୁ ଅଣାଯାଇଛି। ଜିଲାର ବରିଷ୍ଠ ଅଧିକାରୀ ଓ ପୋଲିସର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୯ଟି ବସ୍ ଯୋଗେ ସମସ୍ତଙ୍କୁ ଜିଲାକୁ ଅଣାଯାଇ ନିଜ ନିଜ ଅଞ୍ଚଳରେ ହୋଇଥିବା କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ରଖାଯାଇଛି । ସମସ୍ତ ପ୍ରବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ୧୪ ଦିନ କ୍ୱାରାଣ୍ଟାଇନରେ ରହିବା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି । କରୋନା ସଂକ୍ରମିତ ରାଜ୍ୟରୁ ଏମାନେ ଆସିଥିବାରୁ ଜିଲାରେ ଯେପରି ସଂକ୍ରମଣ ନ ବ୍ୟାପେ ସେଥିପାଇଁ ପ୍ରଶାସନ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି । କ୍ୱାରାଣ୍ଟାଇନ କେନ୍ଦ୍ର ନିକଟକୁ କେହି ନ ଯିବା ପାଇଁ କୁହାଯାଇଛି ।

୨୪୯ ସ୍ୱାବ୍ ରିପୋର୍ଟ ନେଗେଟିଭ

ଫୁଲବାଣୀ ଅଫିସ, ୩।୫: କୋଭିଡ-୧୯କୁ ଦୃଷ୍ଟିରେ ରଖି କନ୍ଧମାଳ ଜିଲାରୁ ସନ୍ଦିଗ୍ଧ ତଥା କିଛି ଲକ୍ଷଣ ଦେଖା ଯାଉଥିବା ବ୍ୟକ୍ତିଙ୍କ ସ୍ୱାବ୍ ପରୀକ୍ଷା କ୍ରମାନ୍ୱୟରେ ଚାଲିଛି । ବର୍ତ୍ତମାନ ସୁଦ୍ଧା ୩୩୩ ଜଣଙ୍କ ସ୍ୱାବ୍ ନମୁନା ପରୀକ୍ଷା ପାଇଁ ପଠାଯାଇଥିବା ବେଳେ ରବିବାର ସୁଦ୍ଧା ୨୪୯ଟିର ରିପୋର୍ଟ ଆସିଛି। ସମସ୍ତ ନମୁନା ନେଗେଟିଭ୍ ରହିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ୟସେହିପରି ଜିଲାକୁ ବର୍ତ୍ତମାନ ସୁଦ୍ଧା ୧୨ ଜଣ ବିଦେଶରୁ ଓ ୬,୯୪୫ ଜଣ ଅନ୍ୟ ରାଜ୍ୟରୁ ଆସିଛନ୍ତି। ତେବେ ୧୨ ବିଦେଶ ଫେରନ୍ତା ଓ ୬,୨୭୯ ଜଣ ଅନ୍ୟ ରାଜ୍ୟ ଫେରନ୍ତା କ୍ୱାରାଣ୍ଟାଇନ ଅବଧି ଶେଷ କରିଛନ୍ତି। ଏବେ ବି ଆଉ ୬୬୬ ଜଣ କ୍ୱାରାଣ୍ଟାନରେ ରହିଛନ୍ତି। ଅନ୍ୟପକ୍ଷରେ ମାସ୍କ ବ୍ୟବହାର କରୁ ନ ଥିବା ଅଭିଯୋଗରେ ୨,୮୨୪ ଜଣଙ୍କଠାରୁ ୫,୪୮, ୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି ।

ପିଇବା ପାଣି କଥା ଶୁଣିଲାନି ପ୍ରଶାସନ

ଦାରିଙ୍ଗବାଡ଼ି,୩।୫(ଡି.ଏନ.ଏ.)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ପଞ୍ଚାୟତ ବି.ଡକେବାଡ଼ି ଗ୍ରାମରେ ଜ୍ୱର, ଝାଡା ଲାଗି ରହିଛି । କେତେକ ଲୋକଙ୍କ ଜ୍ୱର ଛାଡୁଥିବା ବେଳେ ଆଉ କେତେଜଣ ଆକ୍ରାନ୍ତ ହେଉଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏମାନଙ୍କ ଚିକିତ୍ସା ଜାରି ରହିଛି । ତେବେ ପିଇବା ପାଣି ପାଇଁ ଜ୍ୱର ଓ ଝାଡା ବ୍ୟାପୁଥିବା ଚିକିତ୍ସା କରୁଥିବା ଡାକ୍ତର କହିଥିଲେ ବୋଲି ଗ୍ରାମବାସୀ କହିଛନ୍ତି। ଏହା ପରେ ଗ୍ରାମବାସୀଙ୍କୁ ଶୁଦ୍ଧ ପିଇବା ପାଣି ଟ୍ୟାଙ୍କର ଯୋଗେ ଯୋଗାଇ ଦେବା ପାଇଁ ପ୍ରଶାସନ ନିକଟରେ ଦାବି ହୋଇଥିଲା । ଟ୍ୟାଙ୍କର ଅଭାବ ଦର୍ଶାଇ ପ୍ରଶାସନ ପିଇବା ପାଣି ଦେଲାନାହିଁ। ଫଳରେ ଏବେ ଗ୍ରାମବାସୀ ନିଜ ହାତରୁ ପାଣି କିଣି ବ୍ୟବହାର କରୁଛନ୍ତି । ଏଥିପାଇଁ ସେମାନେ ବହୁ ଖର୍ଚ୍ଚାନ୍ତ ମଧ୍ୟ ହୋଇଛନ୍ତି। ତେବେ ଲୋକେ ଯେଉଁ ପ୍ଲାଣ୍ଟ ପାଣି ପିଉଛନ୍ତି ତାହା କେତେ ସୁରକ୍ଷିତ ସେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ଗ୍ରାମବାସୀ କହିଛନ୍ତି। ତେବେ କୌଣସି ସୁବିଧା ନ ଥିବାରୁ କୂଅ ପାଣି ଅପେକ୍ଷା ଉକ୍ତ ପାଣି ଭଲ ବୋଲି ଗ୍ରାମର କେତେଜଣ ମତ ଦେଇଛନ୍ତି । ଏନେଇ ପ୍ରଶାସନ ପକ୍ଷରୁ କୁହାଯାଇଛି, ଉକ୍ତ ଗ୍ରାମରେ ୩ ନଳକୂପ ରହିଛି । ସେହି ପାଣି ବ୍ୟବହାର କରିବା ପାଇଁ ଲୋକଙ୍କୁ ସଚେତନ କରାଯାଉଛି, କିନ୍ତୁ ସେମାନେ ଶୁଣୁନାହାନ୍ତି । ପୁଣି ଲୋକଙ୍କୁ ସଚେତନ କରାଯିବ ଏବଂ ଗ୍ରାମରେ ଥିବା ଏକ କୂଅରେ ବ୍ଲିଚିଂ ପକାଯାଇଥିବା ପଞ୍ଚାୟତ ପକ୍ଷରୁ କୁହାଯାଇଛି ।

ବି.ଡକେବାଡ଼ିରେ ଜ୍ୱର, ଝାଡ଼ା ଘଟଣା

ଗ୍ରାମବାସୀ ପାଣି କିଣି ନେଉଛନ୍ତି।

ସୁରଟରୁ ବସ୍‌ରେ ଗଞ୍ଜାମ ଫେରୁଛନ୍ତି ପ୍ରବାସୀ

ଛତ୍ରପୁର,୩।୫(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଛତ୍ରପୁର ବ୍ଲକକୁ ଶନିବାର ବିଳମ୍ବିତ ରାତିରୁ ରବିବାର ସନ୍ଧ୍ୟା ସୁଦ୍ଧା ୩ଟି ବସ୍ ସୁରଟରୁ ଆସି ପହଞ୍ଚିଥିଲା। ଶନିବାର ବିଳମ୍ବିତ ରାତିରେ ୨ଟି ବସ୍‌ରେ ୧୩୫ ଜଣ ଆସିଥିଲେ। ବ୍ଲକ ଅନ୍ତର୍ଗତ ବଡମାଧପୁରକୁ ଆସିଥିବା ୬୩ ଜଣଙ୍କୁ ଧୀରେଶ୍ୱର ବିଦ୍ୟାପୀଠରେ ଖୋଲାଯାଇଥିବା କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ରଖାଯାଇଛି। ୬ ଜଣଙ୍କ ସାମାନ୍ୟ ଜ୍ୱର ଥିବାରୁ ବ୍ରହ୍ମପୁରକୁ ସ୍ୱାବ୍ ପରୀକ୍ଷା ପାଇଁ ପଠାଯାଇଛି । ସେହିପରି ଶନିବାର ରାତି ପ୍ରାୟ ୪ଟାରେ ପହଞ୍ଚିଥିବା ବସ୍‌ରେ ୭୨ ଜଣ ଆସିଥିଲେ। ସେମାନଙ୍କୁ ଚିକଲଖଣ୍ଡି ପଞ୍ଚାୟତର ସାଧନ କେନ୍ଦ୍ର କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖାଯାଇଛି। ସେହିପରି ରବିବାର ସନ୍ଧ୍ୟାରେ ଛତ୍ରପୁର ବ୍ଲକକୁ ସୁରଟରୁ ଆସିଥିବା ବସ୍‌ରେ ବେଲଗୁଣ୍ଠା ଓ ଜଗନ୍ନାଥପ୍ରସାଦ ବ୍ଲକର ୫୭ ଜଣ ଅଛନ୍ତି। ସେମାନଙ୍କୁ ମଧ୍ୟ ଚିକଲଖଣ୍ଡି ପଞ୍ଚାୟତର ଜିଲା ପଞ୍ଚାୟତ ସାଧନ କେନ୍ଦ୍ରରେ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି।

ବୁଗୁଡା: ବୁଗୁଡ଼ା ବ୍ଲକର ବିଭିନ୍ନ ପଞ୍ଚାୟତ ଓ ଏନ୍‌ଏସିକୁ ରବିବାର ଅପରାହ୍ନ ସୁଦ୍ଧା ସୁରଟରୁ ୮ ବସ୍‌ରେ ୪୪୫ ଜଣ ପ୍ରବାସୀ ଓଡ଼ିଆ ଫେରିଛନ୍ତି। ଶନିବାର ବିଳମ୍ବିତ ରାତିରେ ଆସିଥିବା ୨ଟି ବସ୍‌ର ଯାତ୍ରୀଙ୍କୁ ଶୋଭନୀୟ ପବ୍ଲିକ ସ୍କୁଲ, ବିରଞ୍ଚି ନାରାୟଣ ପବ୍ଲିକ ସ୍କୁଲ ଓ ଗୋଲିଆ ପଞ୍ଚାୟତର ବିଭିନ୍ନ କ୍ୱାରାଣ୍ଟାଇନ କେନ୍ଦ୍ରରେ ରଖାଯାଇଥିଲା। ରବିବାର ଅପରାହ୍ନ ସୁଦ୍ଧା ୬ ବସ୍ ପହଞ୍ଚିଛି।

ପୁରୁଷୋତ୍ତମପୁର: ପୁରୁଷୋତ୍ତମପୁର ବ୍ଲକର ବିଭିନ୍ନ ପଞ୍ଚାୟତକୁ ରବିବାର ଅପରାହ୍ନ ସୁଦ୍ଧା ୧୪ ବସ୍‌ରେ ୭୩୦ଜଣ ସୁରଟରୁ ଆସି ପହଞ୍ଚିଛନ୍ତି। ତହସିଲଦାର ଅରୁଣ କୁମାର ନାୟକ, ବିଡିଓ ସୀମାଞ୍ଚଳ ମହାନ୍ତିଙ୍କ ତତ୍ତ୍ୱାବଧାନରେ ସେମାନଙ୍କୁ ବିଭିନ୍ନ କ୍ୱାରାଣ୍ଟାଇନ୍ ସେଣ୍ଟରକୁ ନିଆଯାଇଥିଲା।

ପାଟପୁର:ସୁରଟରୁ ପ୍ରବାସୀ ଓଡ଼ିଆଙ୍କୁ ନେଇ ରବିବାର ୭ ବସ୍ ସାନଖେମୁଣ୍ଡି ଆସିଛି। ସେମାନଙ୍କୁ ବିଭିନ୍ନ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖାଯାଇଛି।

ପାଟପୁରରେ ସୁରଟ ଫେରନ୍ତାଙ୍କୁ କ୍ୱାରାଣ୍ଟାଇନ ସେଣ୍ଟରକୁ ନିଆଯାଉଛି।

ଗଞ୍ଜାମ:ଗଞ୍ଜାମ ବ୍ଲକକୁ ୨ ବସ୍‌ରେ ୧୧୯ଜଣ ସୁରଟରୁ ଆସିଛନ୍ତି। ସେମାନଙ୍କୁ ସୁବଳୟା ପଞ୍ଚାୟତ ଶତ୍ରୁସୋଲ ଓ ହୁମ୍ମା ପଞ୍ଚାୟତ ହୁମ୍ମାସ୍ଥିତ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖାଯାଇଛି। ସୁବଳୟା ପଞ୍ଚାୟତରେ ନିମ୍ନମାନର ଖାଦ୍ୟକୁ ନେଇ ଲୋକେ ପାଟିତୁଣ୍ଡ କରିଥିବାବେଳେ ବିଡ଼ିଓ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରି ସମାଧାନ କରିଥିଲେ।

ଚିକିଟି: ନୂଆପଡ଼ାରେ ସୁରଟରୁ ୫୯ ଜଣଙ୍କୁ ନେଇ ଏକ ବସ୍ ଆସି ପହଞ୍ଚିଛି। ସମସ୍ତଙ୍କ ସ୍ୱାସ୍ଥ୍ୟା ଯାଞ୍ଚ ପରେ ମାର୍ଗଦର୍ଶୀ ଶିଶୁ ମନ୍ଦିର କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖାଯାଇଛି।

ପାତ୍ରପୁର: ପାତ୍ରପୁର ବ୍ଲକ ଗୁଣ୍ଡ୍ରା ପଞ୍ଚାୟତ ରାଙ୍କୁଡ଼ା ସ୍ଥିତ କସ୍ତୁରବା ଗାନ୍ଧୀ ବିଦ୍ୟାଳୟ କ୍ୱାରାଣ୍ଟାଇନ ସେଣ୍ଟରରେ ରବିବାର ସୁରଟରୁ ଗୋଟିଏ ବସ୍‌ରେ ଆସିଥିବା ୫୯ଜଣଙ୍କୁ ରଖାଯାଇଛି। ଆଉ ୩ ବସ୍ ବିଳମ୍ବିତ ରାତିରେ ଆସିବାକୁ ଥିବାବେଳେ ସେମାନଙ୍କୁ ତୁମ୍ବା ପଞ୍ଚାୟତ ଗୌଡୁଣୀ ଆଶ୍ରମ ବିଦ୍ୟାଳୟରେ ରଖାଯିବ ବୋଲି ଜଣାପଡିଛି।

ରାସ୍ତାରେ ଓହ୍ଲାଇଦେଲା ବସ୍

ଆସିକା,୩।୫(ଡି.ଏନ୍.ଏ.)

ସୁରଟରୁ ୪୧୧ ଓଡ଼ିଆ ରବିବାର ଆସିକା ବ୍ଲକରେ ପହଞ୍ଚିଛନ୍ତି। ସେମାନଙ୍କୁ ବିଭିନ୍ନ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖାଯାଇଛି। ୩୨ଜଣଙ୍କୁ ଏକ ବସ୍ ଆସିକା ବସ୍‌ଷ୍ଟାଣ୍ଡରେ ଓହ୍ଲାଇ ଚାଲିଯାଇଥିଲା। ସେମାନେ ଚାଲି ଚାଲି ଗାଁକୁ ଫେରୁଥିବା ବେଳେ ପ୍ରଶାସନିକ ଅଧିକାରୀ ପହଞ୍ଚି ଝଗଡାଇ ଛକଠାରେ ଅଟକାଇ ଆଦର୍ଶ ବିଦ୍ୟାଳୟସ୍ଥିତ କ୍ୱାରାଣ୍ଟାଇନ୍ ସେଣ୍ଟରକୁ ନେଇଥିଲେ। ଏଠାରେ ରବିବାର ମୋଟ ୧୨୪ଜଣଙ୍କୁ ରଖାଯାଇଛି। ସେହିଭଳି ଅପରାହ୍ନ ୨ଟାରେ ଅନ୍ୟ ଏକ ବସ୍ ୫୫ଜଣଙ୍କୁ ଡଉଗାଁ ଛକରେ ଓହ୍ଲାଇ ଚାଲିଯାଇଥିଲା। ଏନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇବାରୁ ପ୍ରଶାସନିକ ଅଧିକାରୀ ପହଞ୍ଚି କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖିଥିଲେ। ସେହିଭଳି ସୁରଟରୁ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଆସିଥିବା ୨୩୨ଜଣଙ୍କୁ ନିରଞ୍ଜନ ମହିଳା ମହାବିଦ୍ୟାଳୟରେ ରଖାଯାଇଛି।

ମାନୁନାହାନ୍ତି ନିୟମ ବସ୍‌ରେ ଆସୁଥିବା ଲୋକେ

ଭଞ୍ଜନଗର,୩।୫(ଡି.ଏନ.ଏ)

ସୁରଟରୁ ଆସିଥିବା ୩ଟି ବସ୍ ଶନିବାର ରାତିରେ ଭଞ୍ଜନଗର ବ୍ଲକ ବଡ଼କୋଦଣ୍ଡା ଛକ ନିକଟରେ ପହଞ୍ଚିବା ମାତ୍ରେ ସେଥିରୁ ୩୪ଜଣ ଓହ୍ଲାଇପଡ଼ି ନିଜ ନିଜ ଗ୍ରାମକୁ ଯିବାକୁ ପ୍ରସ୍ତୁତ ହେଉଥିଲେ। ପୋଲିସ ଏହି ସୂଚନା ପାଇବା ପରେ ସେମାନଙ୍କୁ ଉଦ୍ଧାର କରି ଜିଲୁଣ୍ଡିସ୍ଥିତ କ୍ୱାରାଣ୍ଟାଇନ ସେଣ୍ଟରରେ ରଖିଛି। ଅନ୍ୟପକ୍ଷରେ ଭଞ୍ଜନଗର କଲେଜ ରୋଡ଼ରେ ରବିବାର ପୂର୍ବାହ୍ନରେ ସୁରଟ ଫେରନ୍ତା କେତେଜଣ ଯୁବକ ବସ୍‌ରୁ ଓହ୍ଲାଇ ବୁଲୁଥିବା ଦେଖିବାକୁ ମିଳିଥିଲା। ବାହାରୁ ଫେରୁଥିବା ଲୋକେ ନିୟମ ମାନୁ ନ ଥିବାରୁ ସଂକ୍ରମଣ ବ୍ୟାପିବା ଆଶଙ୍କା ପ୍ରକାଶ ପାଉଛି। ଏକା ସମୟରେ ବହୁତ ଗୁଡ଼ିଏ ବସ୍ ସୁରଟରୁ ଆସୁଥିବା ଯୋଗୁ ପୋଲିସ ଓ ପ୍ରଶାସନକୁ ନାକେଦମ ହେବାକୁ ପଡୁଛି। ରବିବାର ମଧ୍ୟାହ୍ନ ସୁଦ୍ଧା ଭଞ୍ଜନଗର ବ୍ଲକର ଜିଲୁଣ୍ଡି, ଡୁରୁମୁ ଓ କୁଲାଡ଼ କ୍ୱାରାଣ୍ଟାଇନ ସେଣ୍ଟରରେ ୧୯୭ ଜଣଙ୍କୁ ରଖାଯାଇଛି। ପୋଲିସ ପ୍ରଶାସନ ପକ୍ଷରୁ ସେମାନଙ୍କ ଉପରେ କଡ଼ା ନଜର ରଖାଯାଇଛି ।

ସଂକ୍ଷେପରେ

କାର୍ଯ୍ୟସ୍ଥଳରେ ଅସୁସ୍ଥ ଆଶାକର୍ମୀଙ୍କ ମୃତ୍ୟୁ

ବଇଣ୍ଡା,୩।୫(ଡି.ଏନ.ଏ.)- କରୋନା ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅନୁଗୋଳ ଜିଲା କିଶୋରନଗର ବ୍ଲକ ଉରୁକୁଳା ଗ୍ରାମର ଆଶାକର୍ମୀ ଅବନ୍ତୀ ପ୍ରଧାନଙ୍କ ରବିବାର ମୃତ୍ୟୁ ହୋଇଛି। ନିଜ ଗ୍ରାମରେ ସେ ଲୋକଙ୍କୁ ସଚେତନ କରୁଥିବା ବେଳେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ନିକଟସ୍ଥ ଏକ ଘରୋଇ କ୍ଲିନିକ୍‌ରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଅବନ୍ତୀଙ୍କ ମୃତ୍ୟୁ ହୋଇଯାଇଥିଲା। ଖବରପାଇ ହଣ୍ଡପା ଥାନା ପୋଲିସ ମୃତଦେହ ଜବତ କରିବା ସହ ନଂ. ୭/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ଜଙ୍ଗଲ ସୁରକ୍ଷା ଉପରେ ଗୁରୁତ୍ୱ

ଛେଣ୍ଡିପଦା,୩।୫(ସ୍ୱ.ପ୍ର.)- ଛେଣ୍ଡିପଦା ବନାଞ୍ଚଳ କଣଲୋଇ ବିଟ୍‌ରେ ରବିବାର ଜୀବଜନ୍ତୁ, ଜଙ୍ଗଲ ଓ ଜନଜୀବନ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଜୟନ୍ତୀ ଗଡନାୟକଙ୍କ ସଭାପତିତ୍ୱରେ ବନାଞ୍ଚଳ ଅଧିକାରୀ ମନମୋହନ ସ୍ୱାଇଁ ଓ ଫରେଷ୍ଟର କଳାକର ପ୍ରଧାନ ପ୍ରମୁଖ ଯୋଗଦେଇ ଜଙ୍ଗଲ ସୁରକ୍ଷିତ ରହିଲେ ଜୀବଜନ୍ତୁଙ୍କ ସହ ପରିବେଶ ସୁରକ୍ଷିତ ରହିବ ବୋଲି ଲୋକଙ୍କୁ ସଚେତନ କରିଥିଲେ। କଣଲୋଇ ବିଟ୍‌ର ସମସ୍ତ ବନସଂରକ୍ଷଣ ସମିତି ସଭାପତି, କୋଷାଧକ୍ଷ, ସକ୍ରିୟ ସଭ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ଓ ବନରକ୍ଷୀମାନେ ଉପସ୍ଥିତ ଥିଲେ।

ଶୁଖିଲା ଖାଦ୍ୟ ବଣ୍ଟନ

ମାଧପୁର,୩।୫- ଆଠମଲ୍ଲିକ ବ୍ଲକ ମାଧପୁର ଅଞ୍ଚଳରେ ରବିବାର ଭାଜପା ତରଫରୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ଜିଲା ସମ୍ପାଦକ ଚିତ୍ତରଞ୍ଜନ ମେହେର, ମଣ୍ଡଳ ସଭାପତି ଅମ୍ବିକା ଦେହୁରୀ, ଯୁବମୋର୍ଚ୍ଚା ଜିଲା ସମ୍ପାଦକ ମନୋଜ କୁମାର ପ୍ରଧାନ ପ୍ରମୁଖ ଅସହାୟ, ଭିନକ୍ଷମ ପରିବାରକୁ ଏହି ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ।

ମାସ୍କ ବାଣ୍ଟିଲେ ଏମ୍‌ପି

ଅନୁଗୋଳ ଅଫିସ, ୩।୫- ଅନୁଗୋଳ ବ୍ଲକ ବେଡାଶାସନ ପଞ୍ଚାୟତ ହମାମୀରା ହରିଜନ ସାହିଠାରେ ଜିଲା ବିଜୁ ଯୁବ ଜନତା ଦଳ ପକ୍ଷରୁ ଖାଦ୍ୟ ଓ ମାସ୍କ ବଣ୍ଟନ କରାଯାଇଛି। ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଯୋଗଦେଇ ଲୋକଙ୍କୁ ରନ୍ଧା ଖାଦ୍ୟ ଓ ମାସ୍କ ବଣ୍ଟନ କରିଥିଲେ। ପରେ ବେଡାଶାସନ ପଞ୍ଚାୟତ ହାଇସ୍କୁଲ ଓ ବସଲା ହାଇସ୍କୁଲଠାରେ ପ୍ରସ୍ତୁତ କ୍ୱାରାଣ୍ଟାଇନ୍ ସେଣ୍ଟର ବୁଲି ଦେଖିଥିଲେ। ବନ୍ତଳା ପ୍ରାଥମିକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ଓ ଡାକ୍ତର, କର୍ମଚାରୀମାନଙ୍କ ସହ ଆଲୋଚନା କରିଥିଲେ। ବ୍ଲକ ଉପାଧକ୍ଷା ମମତା ପ୍ରଧାନ, ନାଏବ ସରପଞ୍ଚ ଭାରତୀ ସାହୁ, ବିଜୁ ଯୁବ ବାହିନୀ ସଭାପତି ଗଣେଶ୍ୱର ସାହୁ, ମନୋଜ ଗଡନାୟକ, କରୁଣା ସାହୁ, ସୁଶିତ ସାହୁ, ରାହୁଲ ସାହୁ, ଅଲିଭା ସାହୁ ପ୍ରମୁଖ ସହଯୋଗ କରିଥିଲେ।

ସଚେତନତା କାର୍ଯ୍ୟକ୍ରମ

ଛେଣ୍ଡିପଦା,୩।୫(ସ୍ୱ.ପ୍ର.)- ଅନୁଗୋଳ ଜିଲା ନାରୀସୁରକ୍ଷା ସମିତି ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଡୁକୁଡା ମହାରସାହିଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦିକା ସ୍ମିତାରାଣୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମାସ୍କ, ସାବୁନ ଓ ସାନିଟାଇଜର ବଣ୍ଟନ କରାଯାଇଥିଲା। ସଂଯୋଜିକା ଅନା ମହାକୁଡ କରୋନାରୁ ଦୂରେଇ ରହିବାକୁ ଲୋକଙ୍କୁ ସଚେତନ କରିଥିଲେ।

୧୦୭ ସୁରଟ ଫେରନ୍ତା କ୍ୱାରାଣ୍ଟାଇନ

ଅନୁଗୋଳ ଅଫିସ, ୩।୫

ଗୁଜରାଟର ସୁରଟରୁ ୨ଟି ବସ୍‌ରେ ଆସି ଅନୁଗୋଳରେ ପହଞ୍ଚିଥିବା ୧୦୭ ଜଣ ପ୍ରବାସୀଙ୍କୁ କ୍ୱାରାଣ୍ଟାଇନ୍ କରାଯାଇଛି। ରବିବାର ଭୋରରୁ ସେମାନେ ପହଞ୍ଚିବା ପରେ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଗାଡ଼ିରେ ବିଭିନ୍ନ ପଞ୍ଚାୟତକୁ ନିଆଯାଇ ସଙ୍ଗରୋଧରେ ରଖାଯାଇଛି। ସେହିପରି

- ଦୁଇ ସ୍ଥାନରେ ଓହ୍ଲାଇ ଗଲେ ପଞ୍ଚାୟତକୁ
- ଆଉ ଏକ ବସ୍ ଆସୁଛି ଅନୁଗୋଳ
- କୋଟାରୁ ଫେରୁଛନ୍ତି ୪୦ ଛାତ୍ରୀଛାତ୍ର

ସୁରଟରୁ ଆଉ ଏକ ବସ୍ ଅନୁଗୋଳ ଆସୁଥିବା ବେଳେ ରାଜସ୍ଥାନର କୋଟାରୁ ମଧ୍ୟ ୪୦ ଛାତ୍ରୀଛାତ୍ରଙ୍କୁ ଧରି ଅନ୍ୟ ଏକ ବସ୍ ବାହାରିଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

ସୁରଟରୁ ପ୍ରବାସୀଙ୍କୁ ନେଇ ଆସିଥିବା ବସ୍।

୫୧ ଜଣ ଶ୍ରମିକଙ୍କୁ ଧରି ସୁରଟରୁ ଆସିଥିବା ପ୍ରଥମ ବସ୍‌କୁ ପ୍ରଶାସନ ପକ୍ଷରୁ ଜରପଡ଼ା ଥାନାଠାରେ ରୋକାଯାଇଥିଲା। ସେଠାରେ ଅନୁଗୋଳ ଏସ୍‌ପି ଜଗମୋହନ ମୀନାଙ୍କ ସହ ଉପଜିଲାପାଳ ବାସୁଦେବ ଶତପଥୀ, ଏସ୍‌ଡିପିଓ ଅଶ୍ୱନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଜରପଡ଼ାରେ ଓହ୍ଲାଇଥିବା ଲୋକଙ୍କୁ ସ୍ୱତନ୍ତ୍ର ଗାଡ଼ିରେ ଆଠମଲ୍ଲିକ, ଛେଣ୍ଡିପଦା ନିଆଯାଇଥିଲା। ପରେ ବଡ଼କେରା ଛକରେ ଓହ୍ଲାଇଥିବା ପ୍ରବାସୀଙ୍କୁ ପାଲଲହଡ଼ା, ଅନୁଗୋଳ ଓ ବଅଁରପାଳ ଆଦି ଅଞ୍ଚଳର କ୍ୱାରାଣ୍ଟାଇନ ସେଣ୍ଟରରେ ରଖାଯାଇଥିଲା। ସେହିପରି ଅନ୍ୟ ବସ୍‌ରେ ଥିବା ୫୬ ଜଣ ପ୍ରବାସୀଙ୍କୁ ମଧ୍ୟ ସମାନ ସ୍ଥାନରେ ଓହ୍ଲାଯାଇ ବିଭିନ୍ନ ବ୍ଲକ ଅଞ୍ଚଳର ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଥିବା ଉପଜିଲାପାଳ ବାସୁଦେବ ଶତପଥୀ ସୂଚନା ଦେଇଛନ୍ତି।

ପରୀକ୍ଷା ପାଇଁ ପଠାଗଲା ନମୁନା

ଅନୁଗୋଳ ଅଫିସ, ୩।୫

ସୁରଟରୁ ଫେରିଥିବା ପ୍ରବାସୀଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରତାପ ବେହେରା ସୂଚନା ଦେଇଛନ୍ତି। ଜିଲା ମୁଖ୍ୟଚିକିତ୍ସାଳୟ ପକ୍ଷରୁ ୩୫ ଜଣଙ୍କଠାରୁ ଓ ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଆଉ କେତେଜଣଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଛି। ସୋମବାର ବାକି ରହିଯାଇଥିବା ଅନ୍ୟ ପ୍ରବାସୀଙ୍କଠାରୁ ରକ୍ତ ସଂଗ୍ରହ କରାଯାଇ ଭୁବନେଶ୍ୱର ପଠାଯିବ ବୋଲି ମେଡିକାଲ ପ୍ରଶାସନ ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ସୁଦ୍ଧା ଜିଲାର ମୋଟ୍ ୧୧୫୩ ଜଣଙ୍କ ନମୁନା ପଠାଯାଇଥିବା ବେଳେ ଶନିବାର ସୁଦ୍ଧା ୯୪୭ ଜଣଙ୍କ ରିପୋର୍ଟ ନେଗେଟିଭ୍ ଥିବା ସୂଚନା ମିଳିଛି।

ନିୟମ ଉଲ୍ଲଂଘନ, ସିଲ୍ ହେଲା ହୋଟେଲ

ସିଲ୍ ହୋଇଥିବା ହୋଟେଲ।

ଅନୁଗୋଳ ଅଫିସ, ୩।୫

ଅନୁଗୋଳ ଦେଇ ଯାଇଥିବା ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ତପୋବନ ହୋଟେଲକୁ ଅନୁଗୋଳ ଏସ୍‌ଡିପିଓ ଅଶ୍ୱନୀ ସାହୁ ସିଲ୍ କରିଛନ୍ତି। ଏଥିସହ ଲକ୍‌ଡାଉନ ନିୟମ ଉଲ୍ଲଂଘନ ଅଭିଯୋଗରେ ହୋଟେଲ ମାଲିକଙ୍କ ନାମରେ ଜରପଡ଼ା ଥାନାରେ ମାମଲା ରୁଜୁ ହୋଇଥିବା ସୂଚନା ମିଳିଛି। ଏସ୍‌ଡିପିଓ କହିଛନ୍ତି, ମାଲ୍ ପରିବହନ କରୁଥିବା ଟ୍ରକ୍ ଚାଳକଙ୍କ ସୁବିଧା ପାଇଁ ରାଜପଥ ପାର୍ଶ୍ୱରେ ଥିବା କେତେକ ଢାବା, ହୋଟେଲ ଖୋଲାଯାଇଛି। ସେଠାରେ କୌଣସି ଲୋକଙ୍କୁ ବସାଇ ଖାଇବାକୁ ନ ଦେଇ କେବଳ ପାର୍ସଲ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ତପୋବନ ହୋଟେଲରେ ଏଥିରେ ବ୍ୟତିକ୍ରମ ଦେଖାଦେଇଥିଲା। ହୋଟେଲ ଚାରି ପାଖରେ ଲୋକ ବସି ଖାଉଥିବାବେଳେ ଗୋଟିଏ ଘରେ ୧୦ରୁ ୧୨ ଜଣ ଲୋକ ଖାଉଥିଲେ। ତେଣୁ ନିୟମ ଉଲ୍ଲଂଘନ ଯୋଗୁ ହୋଟେଲ ସିଲ୍ କରାଯାଇଥିବା ଏସ୍‌ଡିପିଓ ସାହୁ ପ୍ରକାଶ କରିଛନ୍ତି।

୫୧ ୟୁନିଟ୍ ରକ୍ତ ସଂଗ୍ରହ

ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

ଛେଣ୍ଡିପଦା, ୩।୫ (ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ବାଗଡିଆ ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ବିଜୁ ଜନତା ଦଳ ପକ୍ଷରୁ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ସୁଶାନ୍ତ କୁମାର ବେହେରାଙ୍କ ନିର୍ଦ୍ଦେଶାନୁଯାୟୀ ଜିଲା ଯୁବ ବିଜେଡି ସଭାପତି ଦୀନେଶ ପ୍ରଧାନ ଓ ଛେଣ୍ଡିପଦା ନିର୍ବାଚନମଣ୍ଡଳୀ ଯୁବ ବିଜେଡି ସଭାପତି ସତ୍ୟବ୍ରତ ଦେହୁରୀଙ୍କ ନେତୃତ୍ୱରେ ୫୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏଥିସହିତ ୧୫୦ ମାସ୍କ ବଣ୍ଟନ କରାଯାଇଥିଲା। ଯୁବ ବିଜେଡି ଜିଲା ସାଧାରଣ ସମ୍ପାଦକ ସୁଧୀର କୁମାର ନାଏକ, ସୁମିତ ପ୍ରଧାନ, ଆଶିଷ କୁମାର ପ୍ରଧାନ, ମୋତିଲାଲ ଦେହୁରୀ, ନିଶିକାନ୍ତ ବେହେରା, ଅଜୟ ବାରିକ ପ୍ରମୁଖ ସହଯୋଗ କରିଥିଲେ।

ରେଡ୍‌କ୍ରସ୍‌କୁ ସହାୟତା ପ୍ରଦାନ

ଅନୁଗୋଳ ଉପଜିଲାପାଳଙ୍କୁ ଏମ୍‌ପି ମହେଶ ସାହୁ ଚେକ୍ ପ୍ରଦାନ କରୁଛନ୍ତି।

ଅନୁଗୋଳ ଅଫିସ, ୩।୫

ଢେଙ୍କାନାଳ-ଅନୁଗୋଳ ଏମ୍‌ପି ମହେଶ ସାହୁ ଅନୁଗୋଳ ରକ୍ତ ଭଣ୍ଡାର ଓ ରେଡ୍‌କ୍ରସ୍ ପାଣ୍ଠିକୁ ୨୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଛନ୍ତି। ରକ୍ତ ଭଣ୍ଡାର ଉନ୍ନୟନ ପାଣ୍ଠିକୁ ୧୦ ହଜାର ଓ ରେଡ୍‌କ୍ରସ୍ ପାଣ୍ଠିକୁ ୧୦ ହଜାର ଟଙ୍କା ଏମ୍‌ପି ସାହୁ ଉପଜିଲାପାଳ ବାସୁଦେବ ଶତପଥୀଙ୍କ ଜରିଆରେ ଦେଇଛନ୍ତି।

ହାତୀ ଆକ୍ରମଣରେ ମୃତ୍ୟୁ ନେଇ ଉତ୍ତେଜନା

ବନ୍ତଳା, ୩।୫(ଡି.ଏନ.ଏ.)

ଅନୁଗୋଳ ଜିଲା ବନ୍ତଳା ଥାନା ତଳଗଡ଼ ନୂଆଁଭୂଇଁ ସାହିର କାଳିଆ ବେହେରା (୩୦)ଙ୍କ ହାତୀ ଆକ୍ରମଣରେ ରବିବାର ମୃତ୍ୟୁ ଘଟିଛି। ସେ ସୁମିତ୍ରା ପାହାଡ ତଳେ ଥିବା ମିରିଗେଇ ଜଙ୍ଗଲକୁ ଛେଳି ଚରାଇବା ପାଇଁ ଯାଇଥିବାବେଳେ ହାତୀ ହାବୁଡ଼ରେ ପଡିଥିଲେ। ଖବରପାଇ ସ୍ଥାନୀୟ ଗ୍ରାମବାସୀ ସେଠାରେ ପହଞ୍ଚିବା ପରେ ଉତ୍ତେଜନା ଦେଖାଦେଇଥିଲା। ବନ୍ତଳା ରେଞ୍ଜର ବିନ୍ଦୁ ପ୍ରସାଦ ପ୍ରଧାନ, ଦୁଇ ଜଣ ଫରେଷ୍ଟର, ଗାର୍ଡ, ୱାଚରଙ୍କ ସହିତ ବନ୍ତଳା ଥାନା ଏଏସ୍‌ଆଇ ଏସ. ବି. ଥେମେରିଆ ପହଞ୍ଚି ବୁଝାଶୁଝା କରିବାକୁ ଉଦ୍ୟମ କରିଥିଲେ। ହେଲେ ଉତ୍ତ୍ୟକ୍ତ ଲୋକେ ବନ ବିଭାଗ ଓ ପୋଲିସ କର୍ମଚାରୀଙ୍କୁ ମାଡ଼ ମାରିବା ସହ ବନ ବିଭାଗର ଦୁଇଟି ଗାଡ଼ି ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ଅଧିକ ଫୋର୍ସ ନେଇ ଅନୁଗୋଳ ପୋଲିସ ପହଞ୍ଚିବା ପରେ ଉତ୍ତେଜନା ଥମିଥିଲା। ଘଟଣାର ତଦନ୍ତ ଚାଲିଥିବା ପୋଲିସ କହିଛି।

୫ଶହ ମାସ୍କ ବଣ୍ଟନ

ବଇଣ୍ଡା, ୩।୫(ଡି.ଏନ.ଏ.)

କିଶୋରନଗର ବ୍ଲକ ବଇଣ୍ଡା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ରବିବାର ବଇଣ୍ଡା ସାପ୍ତାହିକ ହାଟରେ ୫ ଶହ ମାସ୍କ ବଣ୍ଟନ କରାଯାଇଛି। ମଞ୍ଚ ସଦସ୍ୟ ଭଗବାନ ଘିଓ୍ୱାଲା, ଅର୍ଜୁନ ସାହୁ, ମନୋରଞ୍ଜନ ରାଉତ, ଭଗବାନ ପ୍ରଧାନ, ବିଚିତ୍ରାନନ୍ଦ ସାହୁ, କୃଷ୍ଣଚନ୍ଦ୍ର ପ୍ରଧାନ, ଶ୍ରୀଧର ବେହେରା, କୃପାସନ୍ଧୁ ନାୟକ ପ୍ରମୁଖ ବ୍ୟବସାୟୀ, ଚାଷୀଙ୍କୁ ମାସ୍କ ବଣ୍ଟନ କରିଥିଲେ। ଏଥିସହ ସାମାଜିକ ଦୂରତା ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ।

କୋଇଲା ଖଣିରେ ଦୁର୍ଘଟଣା, ଜଣେ ମୃତ

ଦୁର୍ଘଟଣାସ୍ଥଳରେ ବିଧାୟକ ପହଞ୍ଚିଛନ୍ତି।

ତାଳଚେର, ୩।୫(ନି.ପ୍ର.)

ଅନୁଗୋଳ ଜିଲା ତାଳଚେରଠାରେ ଥିବା ଏମ୍‌ସିଏଲ୍‌ର ଅନନ୍ତ କୋଇଲା ଖଣିରେ ରବିବାର ଦୁର୍ଘଟଣା ଘଟି କର୍ମଚାରୀ ବେଣୁଧର ବିଶ୍ୱାଳଙ୍କ ମୃତ୍ୟୁ ହୋଇଛି। ତାଙ୍କ ଘର ତାଳଚେର ବ୍ଲକ ହେଁସମୂଳ ଗ୍ରାମରେ। ବେଣୁଧର ଖଣିରେ ଅଏଲ ଫିଲିଙ୍ଗ କରନ୍ତି। ସକାଳେ ଗାଡ଼ିରେ ତେଲ ଫିଲିଙ୍ଗ କରୁଥିବା ବେଳେ ଏକ ଡମ୍ପର ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଖଣି କାର୍ଯ୍ୟ ବନ୍ଦ ରହିଥିଲା। ଖବରପାଇ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ପହଞ୍ଚି ମୃତକଙ୍କ ପରିବାରରୁ ଜଣକୁ ନିଯୁକ୍ତି ଓ କ୍ଷତିପୂରଣ ପ୍ରଦାନ ସମ୍ପର୍କରେ ଖଣି ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଦାବି ପୂରଣ ନେଇ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେବା ପରେ ଖଣି କାର୍ଯ୍ୟ ସ୍ୱାଭାବିକ ହୋଇଥିଲା।

ଅଏଲ ଫିଲିଙ୍ଗ କର୍ମଚାରୀଙ୍କୁ ଧକ୍କା ହେଲା ଡମ୍ପର

ସଙ୍ଗରୋଧ କେନ୍ଦ୍ର ଅନୁଧ୍ୟାନ

କଣିହାଁ, ୩।୫(ଡି.ଏନ.ଏ.)

ଢେଙ୍କାନାଳ ଏମ୍‌ପି ମହେଶ ସାହୁ ରବିବାର କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ଡାକ୍ତର, ନର୍ସଙ୍କ ସହ ଚିକିତ୍ସାସେବା ସମ୍ପର୍କରେ ଆଲୋଚନା କରିଥିଲେ। ଚିକିତ୍ସାଧୀନ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ସେମାନଙ୍କୁ ମାସ୍କ ବଣ୍ଟନ କରିଥିଲେ। ଏହାପରେ ଏମ୍‌ପି ବ୍ଲକର ବିଭିନ୍ନ ସଙ୍ଗରୋଧ କେନ୍ଦ୍ରର ସ୍ଥିତି ଅନୁଧ୍ୟାନ କରିଥିଲେ। ତାଙ୍କ ସହ ବ୍ଲକ ବିଜେଡିର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ସେହିପରି କଣହାର ନୂଆ ତହସିଲଦାର ପତିତପାବନ ଦେବତା ହରିହରପୁର, ବିରୁ, ବୁରୁକୁନା ପଞ୍ଚାୟତରେ ଥିବା ସଙ୍ଗରୋଧ କେନ୍ଦ୍ର ବୁଲି ଦେଖିଥିଲେ। ସରକାରଙ୍କ ନିୟମାବଳୀ ଅନୁଯାୟୀ ସଙ୍ଗରୋଧ କେନ୍ଦ୍ରରେ ସମସ୍ତ ବ୍ୟବସ୍ଥା କରିବାକୁ ସେ ପରାମର୍ଶ ଦେଇଥିଲେ। ବିଶେଷକରି ମହିଳାମାନେ ଯେପରି ଏଠାରେ ସୁବିଧାରେ ରହିପାରିବେ ତାହା ଉପରେ ଧ୍ୟାନ ଦେବାକୁ ତହସିଲଦାର କହିଥିଲେ। ଅତିରିକ୍ତ ତହସିଲଦାର ରବୀନ୍ଦ୍ର କୁମାର ସାମଲ ଉପସ୍ଥିତ ଥିଲେ। ଶନିବାର ତହସିଲଦାର ବ୍ଲକର ସମଲ, କୁଲୁଇ, କର୍ଣ୍ଣପାଳ ଓ ପରାବିଲ ପଞ୍ଚାୟତ ଗସ୍ତ କରି ଆନୁଷଙ୍ଗିକ ବ୍ୟବସ୍ଥାର ଅନୁଧ୍ୟାନ କରିଥିବା ସୂଚନା ମିଳିଛି।

ସଙ୍ଗରୋଧ କେନ୍ଦ୍ର ଅନୁଧ୍ୟାନ କରୁଛନ୍ତି କଣିହାଁ ତହସିଲଦାର।

ଫଟୋରେ ଖବର

ଅନୁଗୋଳ ସହରର ଏକ ଗଛମୂଳେ ଦୁଇ ପିଲା ବାଟି ଖେଳିବାରେ ବ୍ୟସ୍ତ।

ଅନୁଗୋଳ ପୌରପାଳିକା ପକ୍ଷରୁ ସହରର ଏକ କାନ୍ଥରେ ସ୍ୱଚ୍ଛ ଭାରତ ସମ୍ପର୍କିତ ସଚେତନତା ଚିତ୍ର ଅଙ୍କନ କରାଯାଉଛି।

କଟକଣା କୋହଳ ହେବା ପରେ ଜଣେ ଶ୍ରମିକ ନିର୍ମାଣ କାମ କରୁଛନ୍ତି। (ଫଟୋ- ବୁବୁ)

ସଂକ୍ଷେପରେ

ପୋଖରୀରୁ ମୃତଦେହ ଉଦ୍ଧାର

ଢେଙ୍କାନାଳ ଅଫିସ, ୩।୫: ଢେଙ୍କାନାଳ ଜିଲା ଗଁଦିଆ ଥାନା ଯୋରନ୍ଦା ଫାଣ୍ଡି ଅଧୀନ ନାହାକ ସାହିର ସୁଧାକର ପ୍ରଧାନ ଓରଫ୍ ଆବୁଆ (୩୨)ଙ୍କ ମୃତଦେହ ରବିବାର ଗ୍ରାମ ପୋଖରୀରୁ ଉଦ୍ଧାର କରାଯାଇଛି। ସେ ଶନିବାରଠାରୁ ଭୋଜି କରିବାକୁ ଯାଇ ନିଖୋଜ ହୋଇଯାଇଥିଲେ। ତେବେ ପୁଅକୁ କେହି ହତ୍ୟା କରିଥିବା ମୃତ ଯୁବକଙ୍କ ବାପା ନଗେନ ପ୍ରଧାନ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ନଂ. ୮୨/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଯାଇଛି। ଘଟଣାର ତଦନ୍ତ ଚାଲିଥିବା ଥାନାଧିକାରୀ ଜିତେନ୍ଦ୍ର ସାହୁ ସୂଚନା ଦେଇଛନ୍ତି।

ଶ୍ରମିକ ଦିବସ ପାଳିତ

ଢେଙ୍କାନାଳ ଅଫିସ, ୩।୫: ସ୍ଥାନୀୟ ଉଫୁନା କାର୍ଯ୍ୟାଳୟରେ ସାମାଜିକ ଦୂରତା ରକ୍ଷା କରାଯାଇ ବିଶ୍ୱ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ରାଜ୍ୟ ଅଧ୍ୟକ୍ଷ ଆଡ୍‌ଭୋକେଟ୍ ମନୋରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ କବି ବାହାଦୁର ପାଟସାହାଣୀ, ସମ୍ମାନିତ ଅତିଥି ପରିବେଶବିତ୍ ଉପେନ୍ଦ୍ର ରାଉତ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ ହେଉଥିବା ଶ୍ରମିକ ଛଟେଇକୁ ନେଇ କ୍ଷୋଭ ବ୍ୟକ୍ତ କରିଥିଲେ। ସରୋଜ ଶତପଥୀ, ଲକ୍ଷ୍ମୀଧର ବାରିକ ଓ ବିଚିତ୍ରାନନ୍ଦ ମହାନ୍ତି ଉପସ୍ଥିତ ରହି ଶ୍ରମିକଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ।

ମଦ ଜବତ, ୩ ଗିରଫ

ଛେଣ୍ଡିପଦା, ୩।୫(ସ୍ୱ.ପ୍ର.): ଅନୁଗୋଳ ଅବକାରୀ ବିଭାଗ ପକ୍ଷରୁ ଛେଣ୍ଡିପଦା ଥାନା ଅଞ୍ଚଳର କୋଶଳା, ବ୍ରାହ୍ମଣବିଲ, ହାଣ୍ଡିଗୋଡା ଗ୍ରାମରେ ଚଢ଼ାଉ କରାଯାଇ ୨୪ ଲିଟର ଦେଶୀ ମଦ, ୨୦ ଲିଟର ତାଡି ଓ ୮୦ କେଜି ମହୁଲ ପୋଚ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତି ଅଭିଯୋଗରେ ଦୁଃଖବନ୍ଧୁ ବେହେରା, କ୍ଷୀରୋଦ ଦେହୁରୀ ଏବଂ ପ୍ରଫୁଲ୍ଲ ବେହେରାଙ୍କୁ ଗିରଫ କରାଯାଇଛି। ଅବକାରୀ ଇନ୍ସପେକ୍ଟର କରୁଣାଶଙ୍କର ତିୱାରୀଙ୍କ ନେତୃତ୍ୱରେ ଏସ୍‌ଆଇ ଅରବିନ୍ଦ ପ୍ରସାଦ ରାଉତରାୟ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

ହାତବାନ୍ଧି ବସିଛନ୍ତି ୨୪୫ ବୁଣାକାର

ଏମ୍‌ପି ମହେଶ ସାହୁ ବୁଣାକାରଙ୍କ ସହିତ ଆଲୋଚନା କରୁଛନ୍ତି।

ଢେଙ୍କାନାଳ ଅଫିସ, ୩।୫

- କାରିଗରଙ୍କ ସହ ଆଲୋଚନା କଲେ ଏମ୍‌ପି
- ସମସ୍ୟା ବୁଝିଲେ, ଆଶ୍ୱାସନା ଦେଲେ

ଗ୍ରାମାଞ୍ଚଳ କାରିଗରଙ୍କ ଜୀବିକା ଉପରେ ପଡ଼ିଛି କରୋନା ପ୍ରହାର। ଲକ୍‌ଡାଉନ୍ କଟକଣା କାରଣରୁ କଞ୍ଚାମାଲ ପହଞ୍ଚୁନାହିଁ। ଉତ୍ପାଦନ କରାଯାଇଥିବା ସାମଗ୍ରୀ ବିକ୍ରିବଟା ହୋଇପାରୁନାହିଁ। ଖଟି ଖାଉଥିବା କାରିଗରମାନେ ଏବେ ରୋଜଗାର ହରାଇଛନ୍ତି। ଏହାର ସର୍ବୋତ୍ତମ ଉଦାହରଣ ଦେଖିବାକୁ ମିଳିଛି ଢେଙ୍କାନାଳ ସଦର ବ୍ଲକ ବାଲ୍ୟାମ୍ବା ପଞ୍ଚାୟତର ସରାକପାଟଣା ଗ୍ରାମରେ। ଲକ୍‌ଡାଉନ୍ କଟକଣା ଯୋଗୁ ଗ୍ରାମର ୨୪୫ ବୁଣାକାର ହାତବାନ୍ଧି ବସିଥିବାବେଳେ ସେମାନଙ୍କ ଜୀବନ ଦୁର୍ବିଷହ ହୋଇପଡ଼ିଛି। ଅନ୍ୟପଟେ ଏପରି ଦୁଃସମୟରେ ଏମ୍‌ପି ମହେଶ ସାହୁ ସେମାନଙ୍କ ଅଭାବ ଅସୁବିଧା ବୁଝିବା ସହ ଆଶ୍ୱସନା ଦେଇଛନ୍ତି।

ବୁଣାକାରଙ୍କ କହିବା କଥା, ଗ୍ରାମର ୭ ଏସ୍‌ଏଚ୍‌ଜି ମାଧ୍ୟମରେ ୨୪୫ କାରିଗର ତନ୍ତକାମ କରି ଜୀବିକା ନିର୍ବାହ କରିଥାନ୍ତି। ଲୁଗାପଟା ତିଆରି କରିବା ଲାଗି ଆବଶ୍ୟକ କଞ୍ଚାମାଲ୍ ସେମାନେ ବାହାରୁ ଆଣିଥାନ୍ତି। ସାମଗ୍ରୀ ପ୍ରସ୍ତୁତ ପରେ ସେଗୁଡ଼ିକୁ ସହରକୁ ନେଇ ବିକ୍ରି କରିଥାନ୍ତି। ହେଲେ କରୋନା ସଂକ୍ରମଣ ରୋକିବାକୁ ଜିଲାରେ ଲକ୍‌ଡାଉନ୍ ଚାଲିଥିବାବେଳେ ଏହା ସମ୍ଭବ ହେଉନାହିଁ। ହାତରେ କାମ କି ରୋଜଗାର ନ ଥିବାରୁ ବୁଣାକାର ପରିବାର ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ଏ ନେଇ ସେମାନେ ଏମ୍‌ପି ସାହୁଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ଗ୍ରାମରେ ପାନୀୟ ଜଳ ସମସ୍ୟା ଲାଗି ରହିଛି। ପ୍ରଚଣ୍ଡ ଖରାରେ ବିଶୁଦ୍ଧ ପାଣି ମୁନ୍ଦାଏ ମିଳୁନାହିଁ। ଗ୍ରାମବାସୀ ଛଟପଟ ହେଉଛନ୍ତି। ଏହାର ସମାଧାନ କରିବାକୁ ଗ୍ରାମବାସୀ ଏମ୍‌ପିଙ୍କୁ ନିବେଦନ କରିଛନ୍ତି।

ଆଲୋଚନାବେଳେ ସରପଞ୍ଚ ଅଖିଳ ଲେଙ୍କା, ବୁଣାକାର ସଂଘ ସମ୍ପାଦକ ଜଗବନ୍ଧୁ ସାହୁ, ଏସ୍‌ଏଚ୍‌ଜି ସଭାନେତ୍ରୀ ରତ୍ନପ୍ରଭା ସାହୁ, ସଦର ବିଜେଡି ସଭାପତି ଅର୍ଜୁନ ସାହୁ, କୈଳାସ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଏମ୍‌ପି ବାଲ୍ୟାମ୍ବ ପଞ୍ଚାୟତର ସଙ୍ଗରୋଧ କେନ୍ଦ୍ର ପରିଦର୍ଶନ କରିଥିଲେ।

ମାତିଛନ୍ତି ମଦ ମାଫିଆ

ଜବତ ମଦ ଏବଂ ପୋଚ ରଖାଯାଇଥିବା ବ୍ୟାରେଲ୍।

ଢେଙ୍କାନାଳ ଅଫିସ, ୩।୫

୪୨,୦୦୦ ଲିଟର ପୋଚ ଜବତ

ଲକ୍‌ଡାଉନ୍ ସମୟରେ ମାତିଛନ୍ତି ଚୋରା ମଦ ବ୍ୟବସାୟୀ। କରୋନା ସଙ୍କଟବେଳେ ପୋଲିସ ଆଖିରେ ଧୂଳିଦେଇ ଦେଶୀ ମଦ ପ୍ରସ୍ତୁତ କରୁଛନ୍ତି ସେମାନେ। ବିଶେଷକରି ଢେଙ୍କାନାଳ-କଟକ ସୀମାନ୍ତ ଅଞ୍ଚଳରେ ଚୋରା ମଦର ବନ୍ୟା ଚିନ୍ତା ବଢ଼ାଇଛି। ରବିବାର ଅବକାରୀ ବିଭାଗ ଏବଂ ପୋଲିସର ମିଳିତ ଚଢ଼ାଉରେ ବିପୁଳ ପରିମାଣର ପୋଚ ଏବଂ ମଦରନ୍ଧା ସାମଗ୍ରୀ ଜବତ କରାଯାଇଛି।

କଟକ ଜିଲା ଆଠଗଡ଼ ଥାନା କୋରଙ୍ଗା, ବାସୁଦେବପୁର, ଢେଙ୍କାନାଳ ସଦର ଥାନା ପଦ୍ମନାଭପୁର, ଜେନାସାହୁପାଟଣା ଏବଂ ପାମାଳ ଅଞ୍ଚଳର ୧୬ ସ୍ଥାନରେ କଟକ ଏବଂ ଢେଙ୍କାନାଳ ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢ଼ାଉ କରାଯାଇଥିଲା। ଘଟଣାସ୍ଥଳରୁ ୪୨,୦୦୦ ଲିଟର ମଦ ପୋଚ ଏବଂ ୧୧୦୦ ଲିଟର ଦେଶୀ ମଦ ଜବତ କରାଯାଇଛି। ଜବତ ମଦ ଏବଂ ପୋଚକୁ ନଷ୍ଟ କରିଦିଆଯାଇଛି। ତେବେ ଚଢ଼ାଉ ସମୟରେ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଢେଙ୍କାନାଳ ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀ, କଟକ ଅବକାରୀ ଅଧୀକ୍ଷକ ଅଶୋକ କୁମାର ଶତପଥୀଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା।

୫୦ ପରିବାରକୁ ସହାୟତା

ଏଏପି ପକ୍ଷରୁ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଉଛି।

ଢେଙ୍କାନାଳ ଅଫିସ, ୩।୫

ଢେଙ୍କାନାଳ ପୌରାଞ୍ଚଳର ଗରିବ ଅସହାୟଙ୍କୁ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପକ୍ଷରୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ୫୦ ପରିବାରକୁ ଅଟା, ଡାଲି, ତେଲ, ଲୁଣ, ଚିନି, ମସଲା, ସାବୁନ ଏବଂ ଗାମୁଛା ପ୍ରଦାନ କରାଯାଇଥିଲା। ଜିଲା ଆବାହକ ପଙ୍କଜ ନାୟକ, ସମ୍ପାଦକ ଚକ୍ରଧର ତରାଇ, କୋଷାଧ୍ୟକ୍ଷ ପର୍ଶୁରାମ ମହାଭୋଇ, ସହରାଞ୍ଚଳ ଅଧ୍ୟକ୍ଷ ରଘୁନାଥ ପ୍ରସାଦ ମିଶ୍ର ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

ମନ୍ଦିର ପରିସର ସଫେଇ

ଆଠମଲ୍ଲିକ, ୩।୫(ଡି.ଏନ.ଏ.)

ଆଠମଲ୍ଲିକ ଏନ୍‌ଏସି ୧୦ ନମ୍ବର ୱାର୍ଡର ୫ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ପୁରୁଣାଗଡ଼ସ୍ଥିତ ମାହେଶ୍ୱରୀ ମନ୍ଦିର ପରିସର ସଫେଇ କରାଯାଇଛି। ଏନ୍‌ଏସି କନିଷ୍ଠ ଯନ୍ତ୍ରୀ ଘନଶ୍ୟାମ ତ୍ରିପାଠୀଙ୍କ ନେତୃତ୍ୱରେ ମା' ଭଗବତୀ ସ୍ୱୟଂ ସହାୟକ ଗୋଷ୍ଠୀ, ମା' ତାରିଣୀ, ମା' ଭଗବତୀ ଡାକୁଆ ସ୍ୱୟଂ ସହାୟକ ଗୋଷ୍ଠୀ, ଗୃହଲକ୍ଷ୍ମୀ, ଶିଖରଚଣ୍ଡୀ ସ୍ୱୟଂ ସହାୟକ ଗୋଷ୍ଠୀର ୫୦ରୁ ଅଧିକ କର୍ମୀ ଏଥିରେ ସାମିଲ ହୋଇଥିଲେ।

ସଂଖ୍ୟାଲଘୁ ସଙ୍ଗଠନ ପକ୍ଷରୁ ସହାୟତା

ଅନୁଗୋଳ ଅଫିସ, ୩।୫

ଅନୁଗୋଳ ସଂଖ୍ୟାଲଘୁ ସଙ୍ଗଠନ ପକ୍ଷରୁ ଜିଲାର ବିଭିନ୍ନ ଅଞ୍ଚଳର ଅସହାୟଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ଗତ ୧୫ ଦିନ ଧରି ସଙ୍ଗଠନର ସଦସ୍ୟମାନେ ଗାଁ ଗାଁ ବୁଲି ଅସହାୟ ଓ ଦିନ ମଜୁରିଆମାନଙ୍କୁ ଚାଉଳ, ଡାଲି, ଚୂଡ଼ା, ଚିନି, ବିସ୍କୁଟ, ସାବୁନ, ଆଳୁ, ପିଆଜ, ତେଲ ଆଦି ବଣ୍ଟନ କରିବା ସହିତ ମାସ୍କ ମଧ୍ୟ ପ୍ରଦାନ କରିଥିଲେ।

ଚଢ଼ାଉ, ଜରିମାନା ଆଦାୟ

ବଇଣ୍ଡା, ୩।୫(ଡି.ଏନ.ଏ.)

କିଶୋରନଗର ବ୍ଲକ ବଇଣ୍ଡା ଛକରେ ତହସିଲଦାର ଡ. ଲକ୍ଷ୍ମୀପ୍ରସାଦ ସାହୁ, ହଣ୍ଡପା ଆଇଆଇସି ଲବ ବୋଡା, ଏଏସ୍‌ଆଇ ସନାତନ ମହାରଣା ପ୍ରମୁଖ ଖୋଲାଯାଇଥିବା ଦୋକାନଗୁଡ଼ିକ ଯାଞ୍ଚ କରିଥିଲେ। ଏହି ସମୟରେ ସାମାଜିକ ଦୂରତା ରକ୍ଷା ନ କରି ବ୍ୟବସାୟ କରୁଥିବା ଦୋକାନୀଙ୍କୁ ତାଗିଦ୍ କରିବା ସହ ମାସ୍କ ପିନ୍ଧି ନ ଥିବା ୧୪ଜଣ ବ୍ୟବସାୟୀ ଓ ଗ୍ରାହକଙ୍କଠାରୁ ୨୮ ଶହ ଟଙ୍କା ଜରିମାନା ଆଦାୟ କରିଥିଲେ। ସେହିପରି ହଣ୍ଡପା, ବଇଣ୍ଡା ଅଞ୍ଚଳରେ ମାସ୍କ ନ ପିନ୍ଧି ବାହାରେ ବୁଲୁଥିବା ୧୫ ଜଣଙ୍କଠାରୁ ଜରିମାନା ଆଦାୟ କରାଯାଇଥିଲା।

ଝାଡ଼ଖଣ୍ଡ ଫେରିଲେ ୧୧ ଶ୍ରମିକ

ଢେଙ୍କାନାଳ ଅଫିସ, ୩।୫

ଢେଙ୍କାନାଳ ସଦର ବ୍ଲକ ପଦ୍ମନାଭପୁର ଅଞ୍ଚଳର ଇଟାଭାଟିରେ କାମ କରୁଥିବା ଝାଡ଼ଖଣ୍ଡର ୧୧ଜଣ ରବିବାର ସନ୍ଧ୍ୟାରେ ଘରକୁ ଫେରିଛନ୍ତି। ଝାଡ଼ଖଣ୍ଡ ସରକାରଙ୍କ ପକ୍ଷରୁ ଆସିଥିବା ଏକ ସ୍ୱତନ୍ତ୍ର ବସ୍‌ରେ ସେମାନେ ଭିଟାମାଟିକୁ ଫେରିଛନ୍ତି।

ଝାଡ଼ଖଣ୍ଡ ରାଜ୍ୟ ଷଢ଼େଇକଳା-ଖରସୁଆଁ ଜିଲାର ସମ୍ପୃକ୍ତ ଶ୍ରମିକମାନେ ଢେଙ୍କାନାଳର ବିଭିନ୍ନ ସ୍ଥାନରେ କାମ କରୁଥିଲେ। କରୋନା ସଙ୍କଟ ସମୟରେ ସେମାନଙ୍କୁ ସୁରକ୍ଷିତ ଭାବେ ଫେରାଇ ନେବାକୁ ସେଠାକାର ପ୍ରଶାସନ ଏକ ସ୍ୱତନ୍ତ୍ର ବସ୍ ପଠାଇଥିଲା। ମାଜିଷ୍ଟ୍ରେଟ୍ ଭାବେ କ୍ରିଟି ମହାନ୍ତ ଏବଂ ପୋଲିସ ଏଏସ୍‌ଆଇ ଅଶୋକ କୁମାର ସିଂ ଆସିଥିଲେ। ଅପରାହ୍ନ ୧ଟାରେ ବସ୍ ଢେଙ୍କାନାଳ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ସେମାନେ ୨୦ଜଣ ଶ୍ରମିକଙ୍କୁ ନେବା ପାଇଁ ଅନୁମତି ଆଣିଥିଲେ। ଏହାପରେ ପ୍ରଶାସନ ପକ୍ଷରୁ ଝାଡ଼ଖଣ୍ଡର ଶ୍ରମିକଙ୍କ ସହ ଆଲୋଚନା କରାଯାଇଥିଲା। ତେବେ ଜିଲାରେ କଟକଣା କୋହଳ ପରେ ଅନେକ ଶ୍ରମଜୀବୀଙ୍କୁ କାମଧନ୍ଦା ମିଳିଲାଣି। ତେଣୁ ଅନ୍ୟ ଶ୍ରମିକମାନେ ଘରକୁ ଫେରିବାକୁ ମନା କରିଦେଇଥିଲେ। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଝାଡ଼ଖଣ୍ଡର ପ୍ରଶାସନିକ ଅଧିକାରୀଙ୍କ ସହ କଥାବାର୍ତ୍ତା ହେବାପରେ ୧୧ଜଣ ଶ୍ରମିକଙ୍କୁ ଛାଡିବା ପାଇଁ ନିଷ୍ପତ୍ତି ହୋଇଥିଲା। ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ, ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ତହସିଲଦାର ଲକ୍ଷ୍ମୀଧର ରାଉତ, ଜରୁରି ଓ ଆପତ୍‌କାଳୀନ ଅଧିକାରୀ ଶଶାଙ୍କ ଶେଖର ମିଶ୍ର ପ୍ରମୁଖ ଉପସ୍ଥିତ ରହି ଶ୍ରମିକଙ୍କ ସୁଖମୟ ଯାତ୍ରାର କାମନା କରିଥିଲେ।

ଏ ସଂକ୍ରାନ୍ତରେ ଅତିରିକ୍ତ ଜିଲାପାଳ କୁହନ୍ତି, ସମ୍ପୃକ୍ତ ଶ୍ରମିକଙ୍କୁ କ୍ୱାରାଣ୍ଟାଇନ୍ କ୍ୟାମ୍ପରେ ରଖାଯାଇଥିଲା। ସେମାନଙ୍କୁ ନିୟମିତ ଖାଦ୍ୟ ପ୍ରଦାନ କରାଯିବା ସହ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଥିଲା। ଅନ୍ୟ କୌଣସି ରାଜ୍ୟର ସରକାର ଏଠାରେ କାମ କରୁଥିବା ଶ୍ରମିକଙ୍କୁ ଫେରାଇ ନେବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ସହଯୋଗ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

ଶ୍ରମିକଙ୍କୁ ନେବାକୁ ଆସିଥିବା ବସ୍।

- ଶ୍ରମଜୀବୀଙ୍କୁ ମିଳିଲାଣି କାମ
- ଅଧିକାଂଶ ଫେରିବାକୁ ଅମଙ୍ଗ

ଆଜି କୋଟାରୁ ପହଞ୍ଚିବେ ୧୨ ଛାତ୍ରୀଛାତ୍ର

ଜିଲାର ୧୨ ମେଧାବୀ ଛାତ୍ରୀଛାତ୍ର ରାଜସ୍ଥାନ ରାଜ୍ୟ କୋଟାରୁ ଫେରୁଛନ୍ତି। ସମ୍ପୃକ୍ତ ପିଲାମାନେ ସେଠାରେ କୋଚିଂ ନେବାକୁ ଯାଇଥିବାବେଳେ ଲକ୍‌ଡାଉନ୍ ଯୋଗୁ ଫସି ରହିଥିଲେ। ଏକ ସ୍ୱତନ୍ତ୍ର ବସ୍‌ରେ ୩ ଅଭିଭାବକଙ୍କ ସମେତ ମୋଟ ୧୫ଜଣ ଆସୁଛନ୍ତି। ସୋମବାର ସୁଦ୍ଧା ସେମାନେ ପହଞ୍ଚିବା ସମ୍ଭାବନା ରହିଛି। ସମସ୍ତ ଛାତ୍ରୀଛାତ୍ର ଏବଂ ଅଭିଭାବକଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖାଯିବ ବୋଲି ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

୪ ପୋଲିସଙ୍କୁ ଖଣ୍ଡାରେ ହାଣିଲେ

ପରଜଙ୍ଗ, ୩।୫(ଡି.ଏନ.ଏ.)

- ଠିକାଦାରଙ୍କୁ ହତ୍ୟା ଷଡ଼ଯନ୍ତ୍ର କରୁଥିଲେ ୩ ଅଭିଯୁକ୍ତ
- ଗିରଫ କରିବାକୁ ଯାଇଥିବାବେଳେ ଆକ୍ରମଣର ଶିକାର
- ଜଣେ ଗିରଫ, ୨ ଫେରାର

ଗିରଫ ଅଭିଯୁକ୍ତ।

ଜଣେ ଠିକାଦାରଙ୍କୁ ହତ୍ୟା ଷଡ଼ଯନ୍ତ୍ରରେ ସାମିଲ ଅଭିଯୁକ୍ତଙ୍କୁ ଧରିବାକୁ ଯାଇଥିବାବେଳେ ମରଣାନ୍ତକ ଆକ୍ରମଣର ଶିକାର ହୋଇଛନ୍ତି ଢେଙ୍କାନାଳ ଜିଲା ପରଜଙ୍ଗ ଥାନାର ୪ ପୋଲିସ କର୍ମଚାରୀ। ଏହି ଘଟଣାରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କ ମଧ୍ୟରୁ ଜଣକୁ ପୋଲିସ କାବୁ କରିଥିବାବେଳେ ଅନ୍ୟ ୨ଜଣ ଫେରାର ହୋଇଯାଇଛନ୍ତି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

ପୋଲିସ ସୂଚନା ଅନୁଯାୟୀ, ପରଜଙ୍ଗ ଥାନା ଅଧୀନ କୁଲେଇରୁ ରେଙ୍ଗାଳି ମୁଖ୍ୟ କେନାଲ ରାସ୍ତାର ନିର୍ମାଣ ଦାୟିତ୍ୱ ନେଇଛନ୍ତି କଣିହାଁ ବ୍ଲକ ଡେରେଙ୍ଗେ ଗ୍ରାମର ଠିକାଦାର ବୀରେନ୍ଦ୍ର କୁମାର ସାହୁ। ଶନିବାର ସମଲ ଥାନା ଡୁମୁଗୋଳା ଗ୍ରାମର ଭଜମନ ନାଏକ, ବାବୁଲା ଗୋଛାୟତଙ୍କ ସମେତ ଅନ୍ୟଜଣେ ୨ଟି ବାଇକ୍‌ରେ ଆସି ଠିକାଦାରଙ୍କୁ ଦେଢ଼ଲକ୍ଷ ଟଙ୍କା ବଟି ମାଗିଥିଲେ। ଏଥିରେ ଅରାଜି ହେବାରୁ ବନ୍ଧୁକ ଦେଖାଇ ହତ୍ୟା ଧମକ ଦେଇ ପଳାଇଥିଲେ। ଏ ନେଇ ବୀରେନ୍ଦ୍ରଙ୍କ ଅଭିଯୋଗକୁ ଭିତ୍ତିକରି ନଂ. ୧୦୪/୨୦ରେ ମାମଲା ରୁଜୁ ହୋଇଥିଲା। ରାତିରେ ଅଭିଯୁକ୍ତମାନେ ଠିକାଦାରଙ୍କୁ ହତ୍ୟା କରିବାକୁ ଯୋଜନା କରୁଥିବା ସୂଚନା ପାଇ ଥାନାଧିକାରୀ ସନ୍ତୋଷ ପ୍ରଧାନ ଆଇଆରବି ଫୋର୍ସ ସହ ସରକିଶୋରପାଳ ଗାଁ ନିକଟ କେନାଲ ପାଖରେ ଚଢ଼ାଉ କରିଥିଲେ। ଭଜମନଙ୍କୁ ପୋଲିସ କାବୁକରି ନେଇଥିବାବେଳେ ବାବୁଲା ଏକ ଖଣ୍ଡାରେ ପୋଲିସକୁ ଆକ୍ରମଣ କରିଥିଲେ। ଅନ୍ୟ ଜଣେ ସହଯୋଗୀ ବନ୍ଧୁକ ଦେଖାଇ ଭୟଭୀତ କରାଇଥିଲେ। ପରେ ଉଭୟେ ଖସି ପଳାଇଯିବାକୁ ସକ୍ଷମ ହୋଇଥିଲେ। ପୋଲିସ ଘଟଣାସ୍ଥଳରୁ ଏକ ସ୍କୁଟି (ନଂ. ଓଡି ୩୫ ଡି ୮୫୨୦) ଜବତ କରିଛି। ଦଦରାଘାଟି ଫାଣ୍ଡି ଅଧିକାରୀ ସମରଜିତ ନାୟକଙ୍କ ଅଭିଯୋଗକ୍ରମେ ନଂ. ୧୦୫/୨୦ରେ ଅନ୍ୟ ଏକ ମାମଲା ରୁଜୁ ହୋଇଛି। ଅନ୍ୟ ୨ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ କହିଛନ୍ତି।

କରୋନା ଯୋଦ୍ଧା ରାଜକିଶୋରଙ୍କୁ ପ୍ରଶଂସା

ଢେଙ୍କାନାଳ ଅଫିସ, ୩।୫

ରାଜକିଶୋର ବେହେରା।

ମହାମାରୀ କରୋନା ସଙ୍କଟରେ ଅସହାୟଙ୍କୁ ସହାୟତା ଯୋଗାଇ ଚର୍ଚ୍ଚାକୁ ଆସିଛନ୍ତି ଢେଙ୍କାନାଳର ଯୁବ ସାମାଜିକ କର୍ମୀ ରାଜକିଶୋର ବେହେରା। ଅନ୍ତର୍ଜାତୀୟ ମାନବାଧିକାର ସଂସ୍ଥା ୟୁନିଭର୍ସାଲ ଡିପ୍ଲୋମାଟିକ୍ ଆଫେୟାର୍ସ ଅଫ୍ ହ୍ୟୁମାନ ରାଇଟ୍ସ ପକ୍ଷରୁ ତାଙ୍କୁ କରୋନା ଯୋଦ୍ଧା ଭାବେ ସ୍ୱୀକୃତି ମିଳିଛି। ରାଜକିଶୋର ୮୯ଥର ରକ୍ତଦାନ କରିସାରିଲେଣି। ଏଥିସହ ସ୍ୱେଚ୍ଛାକୃତ ରକ୍ତଦାତାଙ୍କୁ ଉତ୍ସାହିତ କରିବା, ବିପର୍ଯ୍ୟୟ ସମୟରେ ବୁଲାଜନ୍ତୁଙ୍କୁ ଖାଇବାକୁ ଦେବା, ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ସହାୟତା ପ୍ରଦାନ କରିବାରେ ସେ ପ୍ରମୁଖ ଭୂମିକା ତୁଲାଉଛନ୍ତି।

ଫଟୋରେ ଖବର

କରୋନା ଲଢ଼େଇରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଢେଙ୍କାନାଳର ଅଗ୍ନିଶମ ବିଭାଗ କର୍ମଚାରୀଙ୍କୁ ଛାତ୍ର ବିଜେଡି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।

ଢେଙ୍କାନାଳ ପୌରାଞ୍ଚଳ ରେଙ୍ଗାଳି କଲୋନୀର ଗରିବ ପରିବାରଙ୍କୁ ପୂର୍ବତନ ନଗରପାଳ ସୁଧାଂଶୁ ଦଳେଇ ଖାଦ୍ୟ ବଣ୍ଟନ କରୁଛନ୍ତି।

ସଂକ୍ଷେପରେ

ନବୋଦୟର ୨୩ ଛାତ୍ରୀଛାତ୍ରଙ୍କୁ ଝାଡ଼ଖଣ୍ଡ ପଠାଇଲା ପ୍ରଶାସନ

ବୌଦ୍ଧ, ୩।୫ (ସ୍ୱ.ପ୍ର.) : ମହାମାରୀ କରୋନାର ମୁକାବିଲା ପାଇଁ ସାରା ଦେଶ ଲକ୍ ଡାଉନ୍ ରହିଛି। ଏଥିଯୋଗୁ ସାରା ଦେଶରେ ରେଳ ଓ ବିମାନ ସେବା ସହିତ ଯାନବାହନ ଚଳାଚଳ ମଧ ବନ୍ଦ ରହିଛି। ରାଜ୍ୟ ଓ ଜିଲା ସୀମାକୁ ମଧ ସିଲ୍ କରାଯାଇଛି। ଫଳରେ ବାହାରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ର ମଧ ନିଜ ଘରକୁ ଫେରି ପାରୁନାହାନ୍ତି। ସେହିପରି ଦେଶର ସମସ୍ତ ଶିକ୍ଷାନୁଷ୍ଠାନକୁ ସରକାର ଛୁଟି ଘୋଷଣା କରିଛନ୍ତି। ହେଲେ ଲକଡାଉନ ଯୋଗୁ ବୌଦ୍ଧ ଜବାହର ନବୋଦୟ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଝାଡଖଣ୍ଡର ୨୩ ଜଣ ଛାତ୍ରୀଛାତ୍ର ଘରକୁ ଫେରିପାରୁ ନ ଥିଲେ। ଦୀର୍ଘ ୪୦ ଦିନ ବିଦ୍ୟାଳୟରେ ରହିବା ପରେ ରବିବାର ଜିଲା ପ୍ରଶାସନର ଉଦ୍ୟମରେ ଫସିଥିବା ଛାତୀଛାତ୍ରଙ୍କୁ ଏକ ସ୍ୱତନ୍ତ୍ର ବସ୍ ଯୋଗେ ଝାଡଖଣ୍ଡ ପଠାଯାଇଛି।

ଯୁବକଙ୍କ ମୃତଦେହ ଉଦ୍ଧାର

କୁଆଁରମୁଣ୍ଡା, ୩।୫ (ଡି.ଏନ.ଏ.): ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଡନବସ୍କୋ ନିକଟସ୍ଥ ପାହାଡଟୋଲି ଜଙ୍ଗଲରୁ ରବିବାର ପୂର୍ବାହ୍ନରେ ଫାଣ୍ଡି ପୋଲିସ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ଉଦ୍ଧାର କରିଛି। ମୃତ ଯୁବକ ହେଉଛନ୍ତି ବେଲଡ଼ିପା ଗ୍ରାମର କିଶୋର ଭେଙ୍ଗ୍ରା (୩୭)। କିଶୋରଙ୍କ ବେକରେ ଗାମୁଛା ବନ୍ଧା ହୋଇ ଏକ ଗଛରେ ଝୁଲା ଯାଇଥିଲା ବେଳେ ତାଙ୍କର ଦୁଇ ଗୋଡ ସମ୍ପୂର୍ଣ୍ଣ ଭାବେ ତଳେ ଲାଗି ରହିଛି। ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା (ନଂ.୧୮/୨୦) ରୁଜୁ କରିଛି । ଅଧିକ ତଦନ୍ତ ଚଳାଇଥିବା ଫାଣ୍ଡି ଅଧିକାରୀ ହୃଷୀକେଶ ବେହେରା ସୂଚନା ଦେଇଛନ୍ତି।

୩୩ ସ୍ୱାବ ରିପୋର୍ଟ ନେଗେଟିଭ

ଲୋଇସିଂହା, ୩।୫(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅଞ୍ଚଳରୁ ସଂଗୃହୀତ ୩୩ଜଣଙ୍କ ସ୍ୱାବ ରିପୋର୍ଟ ନେଗେଟିଭ ଆସିଛି। ଲୋଇସିଂହା ସ୍ୱାସ୍ଥ୍ୟ ବିଭାଗର ହସ୍ତଗତ ତଥ୍ୟ ମୁତାବକ ଗତଏପ୍ରିଲ ୩ରୁ ୩୦ଯାଏ ୪୪ଜଣଙ୍କ ସ୍ୱାବ ନମୁନା ପରୀକ୍ଷଣ ପାଇଁ ବଲାଙ୍ଗୀର କୋଭିଡ ହସ୍ପିଟାଲକୁ ପଠାଯାଇଥିଲା । ସେଥିରୁ ୩୩ଜଣଙ୍କ ରିପୋର୍ଟ ନେଗେଟିଭ ରହିଛି। ଅବଶିଷ୍ଟଙ୍କ ରିପୋର୍ଟ ଲୋଇସିଂହା ସ୍ୱାସ୍ଥ୍ୟ ବିଭାଗର ହସ୍ତଗତ ହୋଇନାହିଁ ବାଲି ପିଏଚଓ ରମେଶ ସାହୁ କହିଛନ୍ତି। ମେ ୨ରେ ଆଉ ୬ ଜଣଙ୍କ ସ୍ୱାବ ନମୁନା ପରୀକ୍ଷଣ ପାଇଁ ପଠାଯାଇଥିବା ସେ କହିଛନ୍ତି।

ଦହଲଡେରାକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା

ଝାରସୁଗୁଡ଼ା ଅଫିସ

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ କୁଡାଲୋଇ ଅଧୀନ ଦହଲଡେରାର ଜଣେ ୪୦ବର୍ଷିୟା ମହିଳା କରୋନା ପଜିଟିଭ ଭାବେ ଚିହ୍ନଟ ହେବା ପରେ ଜିଲା ପ୍ରଶାସନ ସେହି ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରିଛି । ଏ ନେଇ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ସୂଚନା ଦେଇଛନ୍ତି। କୁଡାଲୋଇର ଟିଲେ ଖପର ଛକରୁ କପୁଟିକ୍ରା ଛକ, ଟିଙ୍ଗସିମାଲ ଛକ, ଖୁଟମହୁଲ ଛକ, ପୁଞ୍ଜିପଥର ଛକ, ବିଛୁଆପଡା ଛକରୁ ଟିଲେ ଖପର ଛକ ପର୍ଯ୍ୟନ୍ତ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଛି। ସେହିପରି କଣ୍ଟେନମେଣ୍ଟ ଜୋନ ବାହାରେ ଥିବା କିରାଲି ବ୍ରିଜରୁ ଖଇରକୁନି ଛକ, ଟିଙ୍ଗସିମାଲ ସୀମା, ଖୁଣ୍ଟମହୁଲ ସୀମା, ଉବୁଦା ରୋଡ, ଯୁନେଇ ଛକ, ଲଖନପୁର ରୋଡରୁ ବରତାପ ଛକ ପର୍ଯ୍ୟନ୍ତ ଅଞ୍ଚଳକୁ ବଫର ଜୋନ ଭାବେ ଘୋଷଣା କରାଯାଇଛି। ୬ ପୋଲିସ ଅଧିକାରୀଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗ ଓ ପ୍ରଶାସନିକ ଅଧିକାରୀଙ୍କୁ ସ୍ଥାନୀୟ ଅଞ୍ଚଳର ବିଭିନ୍ନ କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ ନୋଡାଲ ଅଫିସର ଭାବେ ନିଯୁକ୍ତି କରାଯାଇଛି। ସେହିପରି ସମ୍ପୃକ୍ତ ମହିଳାଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଚିହ୍ନଟ କରାଯାଉଛି। ସେମାନଙ୍କ ସ୍ୱାବ୍ ସଂଗ୍ରହ କରିବା ପାଇଁ ପଦକ୍ଷେପ ନିଆଯାଇଛି । ସେମାନଙ୍କୁ କ୍ୱାରାଣ୍ଟାଇନରେ ରହିବା ନେଇ ପରାମର୍ଶ ଦିଆଯାଇଛି।



କଣ୍ଟେନମେଣ୍ଟ ଓ ବଫର ଜୋନ୍‌ର ପରିସୀମା ।

ଦ୍ୱିତୀୟ ରୋଗୀ ଚିହ୍ନଟ ପରେ ସତର୍କତା

ଝାରସୁଗୁଡ଼ା ଅଫିସ/ଲଖନପୁର, ୩।୫(ଡି.ଏନ.ଏ.)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ମ୍ୟୁନିସିପାଲିଟି ଅଧୀନ ବୁଢ଼ିଜାମ ଅଞ୍ଚଳକୁ ପଶ୍ଚିମବଙ୍ଗରୁ ଆସିଥିବା ଜଣେ ଯୁବତୀ (୧୮ବର୍ଷ) କରୋନାରେ ଆକ୍ରାନ୍ତ ଥିବା ଗତ ବୁଧବାର ଜଣାପଡିଥିଲା। ଏହାର ୪ ଦିନ ନ ପୂରୁଣୁ ରବିବାର ଜିଲାର ଲଖନପୁର ବ୍ଲକ ଅଞ୍ଚଳର ଜଣେ ମହିଳା (୪୦) କରୋନାରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି। ସେହି ମହିଳାଙ୍କ ସମ୍ପର୍କରେ ଜିଲାପାଳ ସରୋଜ କୁମାର ସାମଲ ନିଜ ଆବାସିକ କାର୍ଯ୍ୟାଳୟରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ସଂପୃକ୍ତା ମହିଳାଙ୍କ ଘର ଲଖନପୁର ବ୍ଲକ କୋଡାଲୋଇ ଗ୍ରାମର ଦହଲଡେରା ଅଞ୍ଚଳରେ। ଗତ ଏପ୍ରିଲ ୨୧ରେ ସେ ସୁନ୍ଦରଗଡ ଜିଲା ବନ୍ଦପାଲି ସ୍ଥିତ ନିଜ ଭଉଣୀଙ୍କ ଘରକୁ ଯାଇଥିଲେ। ସେଦିନ ତାଙ୍କ ଭଉଣୀ ଝିଅର ପ୍ରସବ ବେଦନା ହେବାରୁ ତାଙ୍କୁ ସୁନ୍ଦରଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରୁ ମହିଳା ଜଣକ ଗତ ୨୬ ତାରିଖରେ ଘରକୁ ଫେରିଥିଲେ। ତାଙ୍କର କୌଣସି ଲକ୍ଷଣ ନ ଥିଲେ ସୁଦ୍ଧା ଅନ୍ୟ ଜିଲା ଯାଇଥିବାରୁ ଗତ ଗୁରୁବାର ତାଙ୍କର ସ୍ୱାବ୍ ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଥିଲା। ଭଉଣୀ ଘରେ ରହଣି ସମୟରେ ସେ ସୁନ୍ଦରଗଡ଼ ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ ନା ନାହିଁ, ସେଠାରେ କାହା ସହ ସେ ମିଶିଛନ୍ତି ତାର ତଦନ୍ତ କରାଯିବ ବୋଲି ଜିଲାପାଳ କହିଛନ୍ତି । ମହିଳା ଜଣକ ଯେଉଁ ଲୋକମାନଙ୍କ ସହ ମିଶିଛନ୍ତି ସେମାନଙ୍କୁ ଚିହ୍ନଟ କରାଯିବ ବୋଲି ସୁନ୍ଦରଗଡ ଜିଲାପାଳଙ୍କ ସହିତ ଝାରସୁଗୁଡା ଜିଲାପାଳ ସାମଲ ଆଲୋଚନା କରିଛନ୍ତି। ସେହିପରି ନିଜ ଗାଁକୁ ଫେରିବା ପରେ ମହିଳା ଜଣକ କାହା ସହ ମିଶିଛନ୍ତି ସେ ନେଇ ତଥ୍ୟ ସଂଗ୍ରହ କରାଯାଉଛି। ଆବଶ୍ୟକତା ଭିତ୍ତିରେ ଏହି ଅଞ୍ଚଳକୁ କଣ୍ଟେନମେଣ୍ଟ ଅଞ୍ଚଳ ଘୋଷଣା ନେଇ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ସାମଲ କହିଛନ୍ତି । ବର୍ତ୍ତମାନ ସଂପୃକ୍ତ ମହିଳାଙ୍କୁ ଝାରସୁଗୁଡା କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ହସ୍ପିଟାଲର ପ୍ରଶାସନିକ ଅଧିକାରୀ ତଥା ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ କହିଛନ୍ତି ।

ଚାଷୀଙ୍କୁ ଆଶ୍ୱସ୍ତି, ଶ୍ରମିକଙ୍କୁ ମିଳିବ ପାସ୍

ସମ୍ବଲପୁର,୩।୫ (ବ୍ୟୁରୋ)

ଲକ୍‌ଡାଉନ ବେଳେ ଚାଷୀଙ୍କ ପାଇଁ ଶ୍ରମିକ ଯୋଗାଡ଼ କରିବା ଚିନ୍ତାର ବିଷୟ ହୋଇଥିଲା । ରାଜ୍ୟ ଓ ଜିଲା ବାହାର ଶ୍ରମିକ ଉପରେ ନିର୍ଭର କରୁଥିବା ଚାଷୀ ଏନେଇ ସମସ୍ୟାରେ ପଡିଥିଲେ । ଶ୍ରମିକ ସମସ୍ୟାର ସମାଧାନ ପାଇଁ ଜିଲା କୃଷକ ସଙ୍ଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅବଗତ କରାଯାଇଥିଲା। ଶେଷରେ ଚାଷୀମାନେ କେବଳ ରାଜ୍ୟ ଭିତର ଶ୍ରମିକମାନଙ୍କୁ ଆଣିବା ପାଇଁ ପାସ୍ ଦିଆଯିବ ବୋଲି ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି । ଏହାକୁ ନେଇ ଚାଷୀମାନଙ୍କୁ କିଛିଟା ଆଶ୍ୱସ୍ତି ମିଳିଛି । ଏହି ପାସ ଦେବା ପାଇଁ ଜିଲା ମୁଖ୍ୟ କୃଷି ଅଧିକାରୀ (ସିଡିଏଓ)ଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ସ୍ଥାନୀୟ ଭିଏଡବ୍ଲ୍ୟୁଙ୍କ ଜରିଆରେ ଚାଷୀମାନେ ଆବେଦନ କରିପାରିବେ । ଆଧାରକାର୍ଡ ସହିତ କେଉଁ ଜିଲାରୁ କେତେ ଶ୍ରମିକ ଆଣିବେ ଓ କେଉଁ ସ୍ଥାନକୁ ନେବେ ବିବରଣୀ ରହିବ। ବର୍ତ୍ତମାନ ସୁଦ୍ଧା ଜିଲାର କୁକୁଡାପାଲି, କେସେଇବାହାଲ ଓ ଟିପିଲିମା ଅଞ୍ଚଳର ୧୫ ଜଣ ଚାଷୀଙ୍କୁ ଅନ୍ୟ ଜିଲାରୁ ଶ୍ରମିକ ଆଣିବାକୁ ପାସ୍ ପ୍ରଦାନ କରାଯାଇଛି ବୋଲି ସିଡିଏଓ ସନ୍ତୋଷ ରାୟ ସୂଚନା ଦେଇଛନ୍ତି । ସରକାରଙ୍କ ଏହି ନିଷ୍ପତ୍ତିକୁ ଜିଲା କୃଷକ ସଂଗଠନ ପକ୍ଷରୁ ସ୍ୱାଗତ କରାଯାଇଛି ।

ଚାଷୀମାନେ ବାହାରୁ ଶ୍ରମିକ ଆଣିଲେ ଗ୍ରାମରେ ବିରୋଧ ହୋଇପାରେ ବୋଲି ଜଣେ ଚାଷୀ କହିଛନ୍ତି । ସେହିପରି ହାରଭେଷ୍ଟର ମାଧମରେ ଧାନ ଅମଳ କରିବାକୁ ଆବଶ୍ୟକ ପାଲ ଯୋଗାଇବାକୁ ଦାବି କରାଯାଇଥିଲା । ଆରଏମ୍‌ସି ମାଧମରେ ସେ ବ୍ୟବସ୍ଥା କରିବାକୁ ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ପଶ୍ଚିମ ଓଡିଶା କୃଷକ ସଂଗଠନ ଆବାହକ ଅଶୋକ ପ୍ରଧାନ ସୂଚନା ଦେଇଛନ୍ତି। ତେବେ ଧାନ ସଂଗ୍ରହ ସମୟରେ ଆଇରିସ ବ୍ୟବହାର ନ କରିବାକୁ ପୂର୍ବରୁ ସଙ୍ଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ କୌଣସି ନିଷ୍ପତ୍ତି ନିଆଯାଇ ନ ଥିବାରୁ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି । ଧାନ ସଂଗ୍ରହ ସମୟରେ ଆଇରିସ ବ୍ୟବହାର କରୋନା ସଂକ୍ରମଣ ସମସ୍ୟା ସୃଷ୍ଟି କରିପାରେ ବୋଲି ସଂଗଠନ ଅଭିଯୋଗ କରିଛି। ଏହି ପରିପ୍ରେକ୍ଷୀରେ ଆଜି ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଯୋଗାଣ ବିଭାଗ ମନ୍ତ୍ରୀଙ୍କୁ ଟୁଇଟ୍ କରି ଆଇରିସ ସୁପର ସ୍ପ୍ରେଡର ହୋଇପାରେ ବୋଲି ଆଶଙ୍କା ବ୍ୟକ୍ତ କରାଯାଇଛି । ଏଣୁ ଏନେଇ ତୁରନ୍ତ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି ।

କରୋନା ଗୁଜବ, ୨ ଗିରଫ

ବରଗଡ଼ ଅଫିସ୍,୩।୫

ସୋସିଆଲ ମିଡିଆରେ କରୋନାକୁ ନେଇ ଗୁଜବ ସୃଷ୍ଟି କରିବା ବରଗଡ଼ ଜିଲା ମେଲଛାମୁଣ୍ଡା ଥାନା କୁଣ୍ଡାଖାଇ ଗ୍ରାମର ୨ଜଣଙ୍କୁ ମହଙ୍ଗା ପଡ଼ିଛି। ଶନିବାର ପୋଲିସ ଉକ୍ତ ଗ୍ରାମର ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ କୁଣ୍ଡାଖାଇ ଗ୍ରାମର ମଞ୍ଜୁ ପଣ୍ଡା(୨୭) ଏବଂ କାହ୍ନା ପଣ୍ଡା(୧୯)। ଅଭିଯୁକ୍ତଦ୍ୱୟ ଏକ ବୈଦ୍ୟୁତିକ ଗଣମାଧ୍ୟମର ଲୋଗୋ ବ୍ୟବହାର କରି କୁଣ୍ଡାଖାଇ ଗ୍ରାମରେ ୨ଜଣ କରୋନା ପଜିଟିଭ ଥିବା ନେଇ ସୋସିଆଲ ମିଡିଆରେ ମିଛ ପ୍ରଚାର କରିଥିଲେ। ଏ ନେଇ ପଦ୍ମପୁରର ସୋମେଶ ଚନ୍ଦ୍ର ମହାନ୍ତି ଥାନାରେ ଏତଲା ଦେବା ପରେ ପଦ୍ମପୁର ପୋଲିସ ସେମାନଙ୍କ ବିରୋଧରେ ଏକ ମାମଲା (ନଂ.୫୪/୨୦) ରୁଜୁ କରିବା ସହିତ ସେମାନଙ୍କୁ ଗିରଫ କରିଥିଲା।

ଲକ୍‌ଡାଉନ ନିୟମ ଉଲ୍ଲଂଘନ ଲାଗି ଜରିମାନା

ଦେବଗଡ,୩।୫(ଡି.ଏନ.ଏ)– ଦେବଗଡ ଜିଲାରେ ଲକ୍‌ଡାଉନ ନିୟମ ଉଲ୍ଲଂଘନ ଏବଂ ମାସ୍କ ବ୍ୟବହାର କରୁ ନ ଥିବା ବ୍ୟକ୍ତିଙ୍କଠାରୁ ପୋଲିସ ଜରିମାନା ଆଦାୟ କରିଛି । ଗତ ଦୁଇ ଦିନ ମଧରେ ୧୨୪ଜଣଙ୍କଠାରୁ ୨୪,୮୦୦ ଟଙ୍କା ଆଦାୟ କରାଯାଇଛି। ଉକ୍ତ ସମୟ ମଧରେ ବାରକୋଟ ବ୍ଲକରେ ୫୭ଜଣଙ୍କଠାରୁ ୧୧,୪୦୦ ଟଙ୍କା, ରିଆମାଳ ବ୍ଲକରେ ୨୨ଜଣଙ୍କଠାରୁ ୪୪୦୦ ଟଙ୍କା ଏବଂ ଦେବଗଡ ପୌରାଞ୍ଚଳ ଓ ତିଲେଇବଣି ବ୍ଲକରେ ୪୫ଜଣଙ୍କଠାରୁ ୯ ହଜାର ଟଙ୍କା ଆଦାୟ କରାଯାଇଛି ।

୨୦ ଶ୍ରମିକ ସୁରଟରୁ ଫେରିଲେ

ଜହ୍ନାପଙ୍କ, ୩।୫ (ଡି.ଏନ.ଏ.)

ରବିବାର ଭୋର ପ୍ରାୟ ସାଢ଼େ ୪ଟା ବେଳେ ଗୁଜରାଟର ସୁରଟରୁ ଏକ ବସ୍‌ରେ ଆସିଥିବା ଶ୍ରମିକମାନଙ୍କ ମଧ୍ୟରୁ ୨୦ଜଣ ୫୭ନଂ.ଜାତୀୟ ରାଜପଥ ଅଧୀନ ଜହ୍ନାପଙ୍କ ଛକରେ ଓହ୍ଲାଇଥିଲେ । ସେମାନଙ୍କ ମଧ୍ୟରୁ ୧୫ଜଣ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ଜଗତି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ସଙ୍ଗରୋଧ କେନ୍ଦ୍ରକୁ ଯାଇଥିବା ବେଳେ ୫ଜଣ ତେଲିବନ୍ଧ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ସଙ୍ଗରୋଧ କେନ୍ଦ୍ରକୁ ଯାଇଥିଲେ । ଉଭୟ ସଙ୍ଗରୋଧ କେନ୍ଦ୍ରର ଦୂରତା ପ୍ରାୟ ୩ କିଲୋମିଟର। ତେବେ ଏହି ଶ୍ରମିକମାନେ ଜହ୍ନାପଙ୍କ ଛକରେ ଓହ୍ଲାଇଥିଲେ ମଧ୍ୟ ସଙ୍ଗରୋଧ କେନ୍ଦ୍ରକୁ ଯିବା ପାଇଁ ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇ ନ ଥିଲା। ଫଳରେ ସେମାନେ ଚାଲି ଚାଲି ସଙ୍ଗରୋଧ କେନ୍ଦ୍ରରେ ପହଞ୍ଚି ଥିଲେ । ସେଠାରେ ଲକ୍ଷ୍ମୀପ୍ରସାଦ ସରପଞ୍ଚ ଓ ତେଲିବନ୍ଧ ସରପଞ୍ଚଙ୍କ ପ୍ରତିନିଧି ଉପସ୍ଥିତ ଥିଲେ।

ରବିବାର ଅନ୍ୟ ରାଜ୍ୟରୁ ପ୍ରଥମ ପର୍ଯ୍ୟାୟରେ ୨୦ ପ୍ରବାସୀ ଫେରିଥିବା ବେଳେ ଆଗାମୀ ଦିନରେ ଶତାଧିକ ଶ୍ରମିକଙ୍କ ଘର ବାହୁଡା ଆରମ୍ଭ ହେବ। ଏଥିପ୍ରତି ପ୍ରଶାସନ ପ୍ରସ୍ତୁତ ରହିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଶ୍ରମିକମାନେ ଓହ୍ଲାଇଥିବା ଛକକୁ ବିଶୋଧନ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

କୋଟାରୁ ଆସି ବରଗଡ଼ରେ ପହଞ୍ଚିଥିବା ଛାତ୍ରୀଛାତ୍ର ।

କରୋନା ମୁକାବିଲା ନେଇ ସମୀକ୍ଷା

ବୌଦ୍ଧ, ୩।୫ (ସ୍ୱ.ପ୍ର.)

ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ସଚିବ ତଥା କୋଭିଡ୍-୧୯ ପାଇଁ ବୌଦ୍ଧ ଜିଲା ଦାୟିତ୍ୱରେ ଥିବା ଆଇଏଏସ୍ ଅଫିସର ଶାଶ୍ୱତ ମିଶ୍ର ରବିବାର ବୌଦ୍ଧ ଗସ୍ତ କରିଛନ୍ତି। ଏଠାରେ ଆସି କରୋନା ମୁକାବିଲା ପ୍ରସ୍ତୁତି ନେଇ ସମୀକ୍ଷା କରିଛନ୍ତି। ବୌଦ୍ଧ ସର୍କିଟ ହାଉସ୍‌ଠାରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ସେ ଯୋଗ ଦେଇଥିଲେ । ତେବେ ବାହାର ରାଜ୍ୟରୁ ଫେରୁଥିବା ପ୍ରବାସୀ ଓଡ଼ିଆ ଶ୍ରମିକମାନଙ୍କୁ ନେଇ ଜିଲା ପ୍ରଶାସନ ଦାୟିତ୍ୱବାନ ହେବାକୁ ସେ ଗୁରୁତ୍ୱାରୋପ କରିଛନ୍ତି। ଜିଲାକୁ ଫେରୁଥିବା ପ୍ରବାସୀ ଶ୍ରମିକଙ୍କୁ ଠିକ୍ ଭାବରେ କ୍ୱାରାଣ୍ଟାଇନ ହୋମ୍‌ରେ ରଖିବା ସହିତ ସେମାନଙ୍କ ଉପରେ କଡା ନଜର ରଖିବାକୁ ସେ ପ୍ରଶାସନିକ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ତେବେ ପଞ୍ଚାୟତ ଗୁଡିକରେ ରହିଥିବା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ଯେପରି ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ସମସ୍ତ ସୁବିଧା ସୁଯୋଗ ପହଞ୍ଚିପାରିବ ତାହା ତଦାରଖ କରିବାକୁ ସେ କହିଛନ୍ତି। ବ୍ୟବସାୟୀ ଓ ସାଧାରଣ ଲୋକ ଯେପରି ବିଶେଷ ଭାବରେ ଆର୍ଥିକ କ୍ଷତିଗ୍ରସ୍ତ ହେବେନାହିଁ ସେ ନେଇ ଦୃଷ୍ଟି ଦେବାକୁ କହିଛନ୍ତି। ସେହିଭଳି ସାମାଜିକ ଦୂରତା ନିୟମକୁ କଡାକଡି ଭାବରେ କାର୍ଯ୍ୟକାରୀ କରାଇବା ଆଦି ଉପରେ ମିଶ୍ର ଗୁରୁତ୍ୱାରୋପ କରିଛନ୍ତି। ଏହି ଅବସରରେ ସେ ବୌଦ୍ଧ କୋଭିଡ୍ ମେଡିକାଲ ପରିଦର୍ଶନ କରିଥିଲେ। ଜିଲାପାଳ ଲଲାଟେନ୍ଦୁ ମିଶ୍ର, ଏସ୍‌ପି ଭି. ରଘୁନାଥ ରାଓ, ଉପଜିଲାପାଳ ଏନ୍.ସି. ଜ୍ୟୋତିରଞ୍ଜନ ନାଏକ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ଲକ୍ଷ୍ମୀଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ବୌଦ୍ଧ ଗସ୍ତରେ ଉଚ୍ଚ ଶିକ୍ଷା ସଚିବ ତଥା କୋଭିଡ୍-୧୯ ଦାୟିତ୍ୱରେ ଥିବା ଶାଶ୍ୱତ ମିଶ୍ର।

ହାଇୱା ପଛରେ ପିଟି ହେଲା ବାଇକ୍, ଆରୋହୀ ମୃତ

ଟିଟିଲାଗଡ଼, ୩।୫(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଟିଟିଲାଗଡ ଥାନା ଅନ୍ତର୍ଗତ ଖୁଲାନ ଲିମପଡା ରାସ୍ତାରେ ରବିବାର ଏକ ସଡ଼କ ଦୁର୍ଘଟଣାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଟିଟିଲାଗଡ ଥାନା ଅନ୍ତର୍ଗତ ସତୀଘାଟ ଗ୍ରାମର ବୈକୁଣ୍ଠ ମାଝି(୭୦)। ଏଥିରେ ବାଇକରେ ଥିବା ଅରୁଣ ଭୋଇ ଆହତ ହୋଇଛନ୍ତି। ଉଭୟେ ଏକ ବାଇକରେ ଖୁଲାନ ଲିମପଡା ରାସ୍ତାରେ ଘରକୁ ଫେରୁଥିବା ବେଳେ ଏକ ହାଇୱା ପଛରେ ପିଟି ହୋଇ ଯାଇଥିଲେ। ବୈକୁଣ୍ଠଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଅରୁଣ ଆହତ ହୋଇଥିଲେ। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରିବାର ଲୋକେ ମୃତକଙ୍କ ପରିବାରକୁ ସହାୟତା ରାଶି ଯୋଗାଇ ଦେବା ଦାବି କରି ପାଟିତୁଣ୍ଡ କରିଥିଲେ। ଖବର ପାଇ ଟିଟିଲାଗଡ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ।

ନୁଆଁଖୁରିଗାଁ ଗୋଦାମରେ ରାଜ୍ୟ ବାହାର ଟ୍ରକ

ସମ୍ବଲପୁର,୩।୫(ବ୍ୟୁରୋ)

ସମ୍ବଲପୁର ଜିଲା ଶାସନଥାନା ନୁଆଁଖୁରିଗାଁରେ ଯୋଗାଣ ବିଭାଗର ଗୋଦାମ ରହିଛି । ଏହି ଗୋଦାମକୁ ପ୍ରତିଦିନ ରାଜ୍ୟ ବାହାର ତଥା କରୋନା ସଂକ୍ରମିତ ରାଜ୍ୟର ଟ୍ରକଗୁଡିକ ଡାଲି ଓ ଅନ୍ୟ ସାମଗ୍ରୀ ନେଇ ଆସୁଛନ୍ତି । ଏହାକୁ ନେଇ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି । ଏହାସହ ଶାସନ କେନାଲ ଉପରେ ବହୁବର୍ଷର ଏକ ପୋଲ ରହିଛି । ଏହି ପୋଲ ଦେଇ ଭାରିଯାନ ଚଳାଚଳ କରୁଥିବାରୁ ତାହା କେଉଁ ସମୟରେ ଭାଙ୍ଗିଯିବ ବୋଲି ସ୍ଥାନୀୟ ଲୋକେ ଆଶଙ୍କା ପ୍ରକାଶ କରିଛନ୍ତି । ଏଥିପ୍ରତି ପ୍ରଶାସନ ଦୃଷ୍ଟିଦେବାକୁ ସେମାନେ ଅନୁରୋଧ କରିଛନ୍ତି । ଏନେଇ ଜିଲା ପ୍ରଶାସନ ପାଖରେ ଅଭିଯୋଗ କରାଯାଇଛି। ଗ୍ରାମବାସୀ ଦର୍ଶାଇଛନ୍ତି, ଗୋଦାମ ରାସ୍ତାଦେଇ ନୁଆଁଖୁରିଗାଁ, ଡୁଙ୍ଗିପାଲି, ମୁଣ୍ଡାବେଳ, ଗଣ୍ଡପାଲି, ଧୁରିଆପାଲି, ପଣ୍ଡୁଆଟିକ୍ରା, ଫଳସାପାଲି, ମହୁଲମୁଣ୍ଡା, ଟିଠେଇପାଲି ଗ୍ରାମ ଦେଇ ଲୋକମାନେ ଯାତାୟତ କରୁଛନ୍ତି । ହେଲେ କରୋନା ସହାୟତା ପାଇଁ ଆନ୍ଧ୍ର ପ୍ରଦେଶ, ମହାରାଷ୍ଟ୍ର,ତେଲେଙ୍ଗାନା ଆଦି ରାଜ୍ୟରୁ ୨୦ରୁ ଉର୍ଦ୍ଧ୍ୱ ଟ୍ରକରେ ଡାଲି ଆସି ପହଞ୍ଚିଛି। ଟ୍ରକ ଚାଳକମାନେ ସାମାଜିକ ଦୂରତା ନିୟମ ପାଳନ କରୁନାହାନ୍ତି । ମାସ୍କ ପିନ୍ଧୁ ନାହାନ୍ତି । କାମ କରୁଥିବା ସ୍ଥାନୀୟ ଶ୍ରମିକମାନଙ୍କ ସହ ମିଶି ଯାଉଛନ୍ତି । କେନାଲରେ ଗ୍ରାମବାସୀଙ୍କ ସହ ମିଶି ଗାଧୋଉଛନ୍ତି । ଏଭଳି ହେଲେ ସବୁଜ ଜୋନ ଥିବା ସମ୍ବଲପୁର ଜିଲା ରେଡ ଜୋନରେ ପରିଣତ ହେବାର ଆଶଙ୍କା ପ୍ରକାଶ ପାଇଛି । ଅଧିକ ଲୋକ ସଂକ୍ରମଣ ହେବାର ଭୟ ରହୁଛି । ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଦାବି ହୋଇଛି ।

ଭୟଭୀତ ଅଞ୍ଚଳବାସୀ, ପୋଲ ଭାଙ୍ଗିବା ଆଶଙ୍କା

ସମ୍ବଲପୁର ଶାସନଥାନା ନୁଆଁଖୁରୀଗାଁ ଗୋଦାମରେ ଲାଗିଥିବା ଟ୍ରକ ।

ଚିନ୍ତାରେ ଜଡ଼ିବୁଟି ବିକାଳି

“ବରଗଡ଼ ଜିଲା ପାଇକମାଳ ବ୍ଲକ ଗନ୍ଧମାର୍ଦ୍ଦନ ପାଦଦେଶରେ ରହିଛି ପ୍ରସିଦ୍ଧ ତୀର୍ଥକ୍ଷେତ୍ର ନୃସିଂହନାଥ ପୀଠ। ଏଠାରେ ପ୍ରାୟ ୧୫ଟି ପରିବାର ଜଡ଼ିବୁଟି ଆୟୁର୍ବେଦିକ ଔଷଧ ବିକ୍ରିକୁ ନିଜ ଜୀବିକା ଭାବେ ଆଦରି ନେଇଛନ୍ତି। ସେଥିରୁ ଯାହା ମିଳେ ତହିଁରେ ସେମାନଙ୍କ ପରିବାର ଚଳେ। ମାତ୍ର ଲକ୍‌ଡାଉନ କଟକଣା ଲାଗୁ ହେବା ପରେ ନୃସିଂହନାଥରେ ତୀର୍ଥଯାତ୍ରୀଙ୍କ ଆଗମନକୁ ବନ୍ଦ କରାଯାଇଛି। ସେଠାକାର ଦୋକାନ, ବଜାର ମଧ୍ୟ ବନ୍ଦ ରହିଛି। ଫଳରେ ଏହି ଜଡ଼ିବୁଟି ବିକାଳିଙ୍କ ଜୀବିକା ପ୍ରଭାବିତ ହୋଇଛି । ଗନ୍ଧମାର୍ଦ୍ଦନରୁ ଔଷଧ ସଂଗ୍ରହ ମଧ ହ୍ରାସ ପାଇଛି ।”

ରିପୋର୍ଟ
ପ୍ରେମାନନ୍ଦ ଖମାରୀ/
ବଡ଼ ଶତପଥି, ବରଗଡ଼



ଦୋକାନ ବନ୍ଦ ଯୋଗୁ ରୋଜଗାର ଠପ୍

ନୃସିଂହନାଥରେ ଆମର ଜଡ଼ିବୁଟି ଦୋକାନ ରହିଛି । ୩୦ବର୍ଷ ହେଲା ଏହାକୁ ନିଜ ଜୀବିକା ଭାବେ ଗ୍ରହଣ କରିଛୁ । ସ୍ୱାମୀଙ୍କ ଦେହାନ୍ତ ପରେ ମୁଁ ଦୋକାନ ଚଳାଇ ଆସୁଥିଲି । କିନ୍ତୁ ଏବେ ଦୋକାନ ବନ୍ଦ ଥିବା ଯୋଗୁ କିଛି ରୋଜଗାର ହେଉନାହିଁ । ବିଧବା ଭତ୍ତା ବାବଦ ମାସିକ ଯାହା ଟଙ୍କା ମିଳୁଛି, ସେତିକିରେ ଚଳିବା କଷ୍ଟକର। *–ଡାଳିମ୍ବ ସୁନା, ଜର୍ଜଗଡ଼*



ଭୋକରେ ରହୁଛୁ

ଦୋକାନରେ ଜଡ଼ିବୁଟି ବିକି ଦିନକୁ ୨ଶହରୁ ୫ଶହ ଟଙ୍କା ରୋଜଗାର କରୁଥିଲୁ । ସେତିକିରେ କଷ୍ଟେ ମଷ୍ଟେ ୧୧ ଜଣିଆ ପରିବାରର ଗୁଜୁରାଣ ମେଣ୍ଟୁଥିଲା। ହେଲେ ଏବେ ଦୋକାନ ସମ୍ପୂର୍ଣ୍ଣ ବନ୍ଦ ହୋଇଥିବାରୁ ଗୋଟିଏ ଓଳି ଖାଇବାକୁ ମିଳିଲେ ଆଉ ଗୋଟିଏ ଓଳି ଉପାସରେ ରହିବାକୁ ପଡୁଛି।

–ଅଲେଖ ବରିହା, ଜର୍ଜଗଡ଼

କାଳବୈଶାଖୀ ଭାଙ୍ଗିଦେଲା ଦୋକାନ

ଗନ୍ଧମାର୍ଦ୍ଦନକୁ ଯାଇ ରକ୍ତ ମହାଜାଲ, ଶ୍ୱେତ ମହାଜାଲ, ଗୁଡ଼ମାରୀ, ବସନାଭି, ଶତାବରୀ ଆଦି ଔଷଧ ସଂଗ୍ରହ କରି ଦୋକାନରେ ବିକୁଥିଲୁ। ଦିନକୁ ୫ଶହରୁ ୧ହଜାର ଟଙ୍କା ମିଳୁଥିଲା। କାଳବୈଶାଖୀରେ ଦୋକାନ ଘର ଉଡ଼ିଗଲା। ମାଙ୍କଡ଼ମାନେ ଔଷଧ ସବୁ ନଷ୍ଟ କରିଦେଲେ । ଜମିବାଡ଼ି କିଛି ନାହିଁ । ଚାଉଳ ଦେବା ପାଇଁ ବିଡିଓଙ୍କୁ ଅନୁରୋଧ କରିଛି ।

–ତ୍ରିଲୋଚନ ବରିହା, ଦୁର୍ଗାପାଳି



ପରିବାର ଚଳାଇବା କଷ୍ଟକର

ପରିବାରରେ ଆମେ ୩ ଜଣ ଅଛୁ । ଦୋକାନରେ ଜଡ଼ିବୁଟି ବିକି ଯାହା ମିଳୁଥିଲା, ସେଥିରେ ଚଳୁଥିଲୁ। ଏବେ ପରିବାର ଚଳାଇବା କଷ୍ଟକର ହୋଇଯାଇଛି। ରୋଜଗାର ବୋଇଲେ କିଛି ନାହିଁ । ବାର୍ଦ୍ଧକ୍ୟ ଭତ୍ତା ବାବଦ କେବଳ ମାସିକ ୫ଶହ ଟଙ୍କା ମିଳୁଛି। ସରକାର ଆମ ସମସ୍ତ ଜଡ଼ିବୁଡ଼ି ବିକାଳିଙ୍କୁ ସହାୟତା ଦେଲେ ଭଲ ହୁଅନ୍ତା।

–ବିଜାରୁ ଧରୁଆ, ମନବୋଧପାଲି

ସରକାରୀ ସହାୟତାକୁ ଆଶା

ଜଡ଼ିବୁଟି ଔଷଧ ବିକିବା ହିଁ ମୋର ଜୀବିକା। ୩୦ହଜାର ଟଙ୍କା ଧାର କରଜ କରି ଔଷଧ ଗୁଣ୍ଡ କରିବା ମେଶିନଟିଏ କିଣିଛି। କିନ୍ତୁ ଦୋକାନ ବନ୍ଦ ହୋଇଯିବା ପରେ ଚିନ୍ତା ବଢ଼ି ଯାଇଛି। କରଜ କିଭଳି ପରିଶୋଧ କରିବି ଏବଂ ପରିବାର ପୋଷଣ କେମିତି ହେବ, ସେହି ଚିନ୍ତା ଘାରିଛି। ସରକାର ଆମକୁ କିଛି ସହାୟତା ଦେବେ ବୋଲି ଆଶା ରଖିଛି ।

–ତେଜରାଜ ସିଂ, ପାଇକମାଳ

ଛାତ୍ରୀଛାତ୍ରଙ୍କୁ ମିଳୁନି ବହି

କୋରୁକୋଣ୍ଡା, ୩।୫ (ଡି.ଏନ.ଏ)

କରୋନକୁ ନେଇ ସରକାରୀ ସ୍ତରରେ ବ୍ୟାପକ ପଦକ୍ଷେପ ନିଆଯାଉଛି। ଜୁନ ୧୭ ପର୍ଯ୍ୟନ୍ତ ସମସ୍ତ ଶିକ୍ଷା ଅନୁଷ୍ଠାନ ବନ୍ଦ ରହିଛି । ଛାତ୍ରୀଛାତ୍ରଙ୍କ ଶିକ୍ଷାରେ ବଧା ଉପୁଜିଛି। ଏହାକୁ ଗୁରୁତ୍ୱ ଦେଇ ଶିକ୍ଷା ବିଭାଗ ତରଫରୁ ସମସ୍ତ ଛାତ୍ରୀଛାତ୍ରଙ୍କ ଘରେ ବହି ପହଞ୍ଚାଇବାକୁ ନିଷ୍ପତ୍ତି ହୋଇ ଏ ଦିଗରେ ପଦକ୍ଷେପ ନିଆଯାଇଛି। ଶିକ୍ଷକମାନଙ୍କୁ ଛାତ୍ରୀଛାତ୍ରଙ୍କ ନିକଟରେ ବହି ପହଞ୍ଚାଇବାକୁ କୁହାଯାଇଛି। ମାଲକାନଗିରି ଜିଲାର ଆବାସିକ ବିଦ୍ୟାଳୟଗୁଡିକୁ ବହି ଯୋଗାଣ ହୋଇଥିଲେ ମଧ ଛାତ୍ରୀଛାତ୍ରମାନେ ବିଭିନ୍ନ ଅଞ୍ଚଳର ହୋଇଥିବାରୁ ସେମାନଙ୍କ ନିକଟରେ ପହି ପହଞ୍ଚିବା କଷ୍ଟକର ହୋଇଛି। ୨୦୧୯-୨୦ ଶିକ୍ଷାବର୍ଷ ଅନୁଯାୟୀ ବାଲିମେଳା ଏନ୍‌ଏସସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଥିବା ଛାତ୍ରାବାସରେ ୨୪୦ ଛାତ୍ର, ହତୀଆମ୍ବ ଆଶ୍ରମ ବିଦ୍ୟାଳୟରେ ୩୭୬ ଛାତ୍ରଛାତ୍ରୀ, ମରିବଓ୍ୱାଡ଼ରେ ୨୧୮, ପୋର୍ଟଲରେ ୩୯୦, ଡୁମୁସାପାଲିରେ ୨୯୪, କୋରୁକୋଣ୍ଡାରେ ୧୧୦, ତରଲାକୋଟାରେ ୨୬୦, ଚିତାପାରି-

ଆଶ୍ରମ ବିଦ୍ୟାଳୟ



୩ରେ ୧୧୦, ପୁରୁଣା ଚିମିଟାପାଲିରେ ୧୧୦, ଦୁଡାମେଟାରେ ୧୧୦, ସୋମନାଥପୁରରେ ୨୦୬, ନକମାମୁ ରେ ୮୭, କମଓ୍ୱାଡାରେ ୪୦, ପିତାକଟାରେ ୧୧୦, ଆପାନମାଲାରେ ୬୦, ଏମଭି-୨୬ରେ ୫୫ ଏବଂ ନିଲାକମ୍ବରୁ ଆଶ୍ରମ ବିଦ୍ୟାଳୟରେ ୮୦ ଛାତ୍ରୀଛାତ୍ର ଆବାସିକ ବିଦ୍ୟାଳୟରେ ରହି ଅଧ୍ୟୟନ କରୁଥିଲେ। ଛାତ୍ରୀଛାତ୍ରଙ୍କ ନିକଟରେ ବହି ପହଞ୍ଚିବା ସମ୍ପର୍କରେ ତର୍ଲାକୋଟା ଆବାସିକ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ପଚାରିବାରୁ ସେ କହିଲେ ଯେ, ଛାତ୍ରୀଛାତ୍ରମାନେ ବିଭିନ୍ନ ଅଞ୍ଚଳର ଏପରିକି ବିଭିନ୍ନ ବ୍ଲକର ହୋଇଥିବାରୁ ସେମାନଙ୍କ ନିକଟରେ ବହି ପଞ୍ଚିପାରୁନି। ସ୍ଥାନୀୟ ଓ ଆଖପାଖ ଅଞ୍ଚଳର ଛାତ୍ରୀଛାତ୍ରୀଙ୍କୁ ବହି ଯୋଗାଣ ଚାଲିଛି। ଏନେଇ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରଶାନ୍ତ କୁମାର ବାଉରୀଙ୍କୁ ପଚାରିବାରୁ ସେ କହିଲେ ଯେ, ଆବାସିକ ବିଦ୍ୟାଳୟରେ ବହି ବଣ୍ଟନ ନେଇ ହେଉଥିବା ଅସୁବିଧା ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି। ସେ ଯାହା ନିର୍ଦ୍ଦେଶ ନେବେ ସେହି ଅନୁସାରେ ପଦକ୍ଷେପ ନିଆଯିବ।

ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ପାଳିତ

ମାଲକାନଗିରି,୩।୫ (ଡି.ଏନ୍.ଏ.)

ମାଲକାନଗିରି ଜିଲା ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ରବିବାର ବିଶ୍ୱ ପ୍ରେସ ସ୍ୱାଧୀନତା ଦିବସ ପାଳିତ ହୋଇଛି। ସଂଘ ସଭାପତି ଦୁର୍ଯ୍ୟୋଧନ ପାତ୍ରଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ପ୍ରାରମ୍ଭରୁ କରୋନାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିମାନଙ୍କ ଉଦ୍ଦେଶ୍ୟରେ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଲକ୍‌ଡାଉନ ସମୟରେ ରାଜ୍ୟର ଅନେକ ସ୍ଥାନରେ ଖବରଦାତାମାନେ ପୋଲିସ ଓ ଅସାମାଜିକ ବ୍ୟକ୍ତିଙ୍କ ଆକ୍ରମଣର ଶିକାର ହେଉଛନ୍ତି। ଏନେଇ ଖବରଦାତାମାନେ ବୈଠକରେ ଚିନ୍ତା ପ୍ରକଟ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ପତ୍ର ପ୍ରଦାନ କରାଯାଇଥିଲା।

ସଂକ୍ଷେପରେ

କାଳବୈଶାଖୀରେ ଭାଙ୍ଗିଲା ଘର

ପାପଡାହାଣ୍ଡି,୩।୫(ଡି.ଏନ.ଏ)-ପାପଡାହାଣ୍ଡି ବ୍ଲକରେ ରବିବାର କାଳବୈଶାଖୀ ପ୍ରଭାବରେ ବହୁ ଗଛ ଭାଙ୍ଗି ଯିବା ସହ ଘରର ଛପର ଉଡିଯାଇଛି। ବ୍ଲକର ବିଭିନ୍ନ ଅଞ୍ଚଳରେ ପ୍ରବଳ ବର୍ଷା ପବନ ହୋଇଛି। ବହୁ ସ୍ଥାନରେ ବଡ଼ ଗଛ ଭାଙ୍ଗିଯିବା ସହ ବିଦ୍ୟୁତ ସରାବରାହ ବନ୍ଦ ରହିଛି । ପବନ ଯୋଗୁ ଚାଳ ଘର ଭାଙ୍ଗିଯିବା ସହ ମକା ଫସଲ ନଷ୍ଟ ହୋଇଛି।

କରୋନା ଯୋଦ୍ଧାଙ୍କୁ ସମ୍ବର୍ଦ୍ଧନା

ରାଇଘର,୩।୫(ଡି.ଏନ.ଏ)-କରୋନାକୁ ଭ୍ରୁକ୍ଷେପ ନ କରି ଜନସାଧାରଣଙ୍କୁ ସେବା ଯୋଗାଉଥିବା ସ୍ୱାସ୍ଥ୍ୟ ଓ ପୋଲିସ କର୍ମଚାରୀଙ୍କୁ ଭାଜପା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଇଘର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ରୂପେଶ ଢାଲିଙ୍କ ସହ ସମସ୍ତ କର୍ମଚାରୀ ଏବଂ ଉମରକୋଟ ଏସଡିପିଓ ହେମନ୍ତ ପାଢ଼ୀ, ଥାନା ଅଧିକାରୀ ସରିତା ମହାପତ୍ର, ଏସଆଇ ଗଗନେଶ୍ୱର ମାଝୀ,ଏସଆଇ ପ୍ରଦୀପ ବାଘ, ବଟକୃଷ୍ଣ ଗୌଡ଼,ଥାନାର ସମସ୍ତ କର୍ମଚାରୀଙ୍କୁ ସାନିଟାରାଇଜର,ଉତ୍ତରୀୟ ଦେଇ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ସମ୍ବର୍ଦ୍ଧିତ କରିଥିଲେ। ଭାଜପା ରାଜ୍ୟ ଯୁବମୋର୍ଚ୍ଚାର ସମ୍ପାଦକ ସନ୍ତୋଷ ମହାପାତ୍ର, ରାଇଘର ବ୍ଲକ ଅଧକ୍ଷା ବିନୋ ଗଣ୍ଡ, ଉପାଧକ୍ଷା ବିଶ୍ୱନାଥ ସିଲ ପ୍ରମୁଖ ଉପସ୍ଥିତ ଥିଲେ।

ଶାଳଗଣ୍ଡି ଜବତ

ପାରଳାଖେମୁଣ୍ଡି, ୩।୫ (ସ୍ୱ.ପ୍ର.) : ଚୋରାଚାଲାଣ ପାଇଁ ଥିବା ଲକ୍ଷାଧିକ ଟଙ୍କାର ଶାଳଗଣ୍ଡି, ସାଇକେଲ ଓ ଗଛକଟା ସରଞ୍ଜାମ ବନ ବିଭାଗ ପକ୍ଷରୁ ଜବତ କରାଯାଇଛି। ପାରଳାଖେମୁଣ୍ଡି ଡିଏଫଓ ଅମ୍ଳାନ ନାୟକଙ୍କ ନିର୍ଦ୍ଦେଶରେ ଏସିଏଫଓ ଗୌରୀ ପ୍ରସାଦ ରଥଙ୍କ ତତ୍ତ୍ୱାବଧାନରେ ଚଢାଉ କରାଯାଇଥିଲା। ଶୁକ୍ରବାର ବୁଲିଡାପଙ୍କା ଗ୍ରାମ ନିକଟସ୍ଥ ଜଙ୍ଗଲରେ ଚୋରାଚାଲାଣ ପାଇଁ ଗଛକଟା ଯାଉଥିବା ଖବର ପାଇ ମୋହନା ରେଞ୍ଜର କଳ୍ପନା ନାୟକ,ଫରେଷ୍ଟର, ଗାର୍ଡ ସନ୍ତୋଷ ବିଶୋୟୀରତ୍ନ ଚଢାଉ କରିଥିଲେ। ଗଛକଟାଳିମାନେ ଫେରାର ହୋଇଯାଇଛନ୍ତି।

ମୋବାଇଲ ଦୋକାନରେ ଅଗ୍ନିକାଣ୍ଡ

ଜୟପୁର,୩।୫(ଡି.ଏନ.ଏ): କୋରାପୁଟ ଜିଲା ଜୟପୁର ମୁଖ୍ୟରାସ୍ତା ଜଗତନନୀ ଛକଠାରେ ଥିବା ଏକ ମୋବାଇଲ ଦୋକାନରେ ଶନିବାର ରାତିରେ ନିଆଁ ଲାଗି ମୋବାଇଲ ଏବଂ ଅନ୍ୟାନ୍ୟ ସାମଗ୍ରୀ ପୋଡିଯାଇଛି। ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ନିଆଁ ଲିଭାଇଥିଲେ । ଅଗ୍ନିକାଣ୍ଡରେ ପ୍ରାୟ ୧୬ ଲକ୍ଷ ଟଙ୍କାର କ୍ଷୟକ୍ଷତି ହୋଇଛି ବୋଲି ଦୋକାନ ମାଲିକ ରାହୁଲ ସାହୁ କହିଛନ୍ତି।

ଘାଟି ଅଞ୍ଚଳର ପିଲାଙ୍କୁ ବଣ୍ଟାହେଲା ବହି

କାଲିମେଲା,୩।୫(ଡି.ଏନ.ଏ.): କାଲିମେଲା ବ୍ଲକ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନେ କୁର୍ମାନୁର ଓ ପପୁଲୁର ପଞ୍ଚାୟତର ଘାଟି ଅଞ୍ଚଳକୁ ଯାଇ ସେଠାରେ ଥିବା ଛାତ୍ରୀଛାତ୍ରୀଙ୍କୁ ବହି ଦେଇଛନ୍ତି। ଏହି ୨ପଞ୍ଚାୟତର ଆଲୁରକୋଟା, କୁର୍ମାନୁର, ନାଗଲୋର, ପପୁଲୋର,ପେଟାଲ,ଦୟାଲତଙ୍ଗ ଆଦି ଗ୍ରାମର ୮୦ ଛାତ୍ରୀଛାତ୍ରଙ୍କୁ ବହି ବାଣ୍ଟିଥିଲେ। ପଞ୍ଚାୟତ ୨ଟି ଚିତ୍ରକୋଣ୍ଡା ବ୍ଲକରେ ଥିବା ବେଳେ ଉଭୟ ପଞ୍ଚାୟତର ବିଦ୍ୟାଳୟଗୁଡିକ କାଲିମେଲା ବିଇଓଙ୍କ ଅଧୀନରେ ରହିଛି । ଛାତ୍ରୀଛାତ୍ରମାନେ ବ୍ଲକ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପଢୁଛନ୍ତି। ଏହି କାର୍ଯ୍ୟରେ ପ୍ରଧାନଶିକ୍ଷକ ଧ୍ରୁବ ଚରଣ ନାୟକ, ସହକାରୀ ଶିକ୍ଷକ ଅଶୋକ ହାଲଦାର,ଶ୍ୟାମ ସୁନ୍ଦର ଜେନା, ପ୍ରମୋଦ ପେଟ୍ରୋଇ, ବୀମା ପଡିଆମି, ସିଆରସିସି ପ୍ରଶାନ୍ତ ସରଦାର ପ୍ରମୁଖ ସାମିଲ ହୋଇଥିଲେ।

ଚାଲିଚାଲି ଝାଡଖଣ୍ଡ ଯାଉଛନ୍ତି ଶ୍ରମିକ

ସେମିଲିଗୁଡା, ୩।୫(ସ୍ୱପ୍ର):ପଟ୍ଟାଙ୍ଗି ବ୍ଲକ କୋଟିଆ ପଞ୍ଚାୟତର ଗଞ୍ଜେଇପଦର ଗ୍ରାମରୁ ଝାଡଖଣ୍ଡ ଅଞ୍ଚଳର ପ୍ରାୟ ୩୧ ଜଣ ଶ୍ରମିକ ଏକ ଅଟୋ ଯୋଗେ ଆସି ସେମିଲିଗୁଡାଠାରେ ଓହ୍ଲାଇ ସେଠାରୁ ଚାଲିଚାଲି ନିଜ ରାଜ୍ୟ ଝାଡଖଣ୍ଡ ଅଭିମୁଖେ ଯାଉଥିବା ଜଣାପଡିଛି। ସେମାନଙ୍କୁ ସେମିଲିଗୁଡାରେ ଦେଖି ଅଞ୍ଚଳର କେତେକ ଲୋକ ଅଟକାଇ ପୋଲିସକୁ ଖବର ଦେଇଥିଲେ। ସେମାନଙ୍କୁ ବସଷ୍ଟାଣ୍ଡଠାରେ କିଛି ସମୟ ରଖିବା ପରେ ଲୋକେ ଛାଡି ଦେଇଥିଲେ। ଏହି ଶ୍ରମିକମାନେ ଗତ ଜାନୁଆରୀରୁ କୋରାପୁଟ ଜିଲାରେ କାର୍ଯ୍ୟ କରିବାକୁ ଆସି ରହୁଥିଲେ।

ଦିବ୍ୟାଙ୍ଗଙ୍କୁ ଶିକ୍ଷକଙ୍କ ସହାୟତା

ଦିବ୍ୟାଙ୍ଗଙ୍କୁ ଫ୍ରାନ୍‌ସିସ ନାଗ ଖାଦ୍ୟ ବଣ୍ଟନ କରୁଛନ୍ତି।

ପାପଡାହାଣ୍ଡି, ୩।୫(ଡି.ଏନ.ଏ)

ମହାମାରୀ କରୋନା ଭଳି ଦୁର୍ଦ୍ଦିନ ସମୟରେ ଅସହାୟଙ୍କ ପ୍ରତି ସହାୟତାର ହାତ ବଢ଼ାଇଛନ୍ତି ପାପଡାହାଣ୍ଡି ବ୍ଲକ ଖରକି ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଫ୍ରାନ୍‌ସିସ ନାଗ । ଫ୍ରାନ୍‌ସିସ ଗାଁ ଗାଁ ବୁଲି ଅସହାୟ ଲୋକଙ୍କୁ ଖାଦ୍ୟ ବଣ୍ଟନ କରୁଛନ୍ତି। ସେମଲା ପଞ୍ଚାୟତ ସିନ୍ଧିଗୁଡା ଗ୍ରାମର ସୁଜିତ କୁମାର ଭତରା ଜନ୍ମରୁ ଦିବ୍ୟାଙ୍ଗ । ସରକାରୀ ସହାୟତା ଭାବେ କେବଳ ଭତ୍ତା ପାଉଛନ୍ତି । ତାଙ୍କ ପରିବାରର ଆର୍ଥିକ ସ୍ଥିତି ଭଲ ନ ଥିବା ବେଳେ ଲକ୍‌ଡାଉନ୍ ଯୋଗୁଁ ବହୁ କଷ୍ଟରେ ରହୁଥିଲେ। ଏହା ଫ୍ରାନ୍‌ସିସ ଜାଣିବା ପରେ ସିନ୍ଧିଗୁଡା ଗ୍ରାମରେ ପହଞ୍ଚି ସୁଜିତଙ୍କୁ ଶୁଖିଲା ଖାଦ୍ୟ ସହ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । କିଛି ଦିନ ତଳେ ଫ୍ରାନ୍‌ସିସ ସେମଲା, ଚନ୍ଦ୍ରପୁର, ନୂଆକଟ ଆଦି ଅଞ୍ଚଳ ବୁଲି ଲୋକଙ୍କୁ ଖାଦ୍ୟ ସହ ଆର୍ଥିକ ସହାୟତା ଦେଇଥିଲେ । ଶିକ୍ଷକଙ୍କ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଉଛି।

ଚାନ୍ଦିପୁଟ ଚୋରି ଘଟଣାରେ ୩ ଗିରଫ

ପାରଳାଖେମୁଣ୍ଡି,୩।୫ (ସ୍ୱ.ପ୍ର.)

ଗଜପତି ଜିଲା ମୋହନା ଥାନା ପରିସରର ଚାନ୍ଦିପୁଟ ଗ୍ରାମରେ ସଙ୍ଗଠିତ ଚୋରି ଘଟଣାରେ ୩ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି । ସେମାନେ ହେଲେ ଚାନ୍ଦିପୁଟ ଗ୍ରାମର ସୁରେଶ ମହାଙ୍କୁଡ,ଅନିଲ ମହାପାତ୍ର ଏବଂ ଅନ୍ୟ ଜଣେ ଗଞ୍ଜାମ ଜିଲା ଗୋଳନ୍ଥରା ଗ୍ରାମର ରାଜା ବେହେରା। ଏମାନଙ୍କଠାରୁ ଚୋରି ହୋଇଥିବା କମ୍ପ୍ୟୁଟର,ମୋବାଇଲ ଆଦି ଜବତ ହୋଇଥିବା ଏକ ଖବରଦାତା ସମ୍ମିଳନୀରେ ଆର.ଉଦୟଗିରି ଏଡିପିଓ ଅଶୋକ କୁମାର ମହାନ୍ତି,ମୋହନା ଥାନା ଆଇଆଇସି ସୁଜିତ ନାୟକ କହିଛନ୍ତି। ଗତ ୧ରେ ଚାନ୍ଦିପୁଟ ଗ୍ରାମର ମୁଖ୍ୟ ବଜାର ପାର୍ଶ୍ୱରେ ଥିବା ଏକ ମୋବାଇଲ ଦୋକାନରୁ ତାଲା ଭାଙ୍ଗି ଚୋରମାନେ ଲକ୍ଷାଧିକ ଟଙ୍କାର ମୋବାଇଲ ଓ ଅନ୍ୟାନ୍ୟ ଜିନିଷ ଚୋରି କରି ନେଇଯାଇଥିଲେ। ସେହିପରି ସେହି ରାତିରେ ସେଠାରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କବାଟ ଭାଙ୍ଗି କମ୍ପ୍ୟୁଟର ଚୋରି କରିନେଇଥିଲେ। ମୋହନା ଥାନାରେ ଅଭିଯୋଗ ପରେ କେସ ନଂ ୭୫ ଓ ୭୬ରେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିଲା ।

କୋଭିଡ୍ ହସ୍‌ପିଟାଲ ପରିଦର୍ଶନ କଲେ ଜିଲା ଦୌରାଜଜ୍

ରାୟଗଡ଼ା ଅଫିସ,୩।୫

ରାୟଗଡ଼ା ଜିଲା ଦୌରାଜଜ୍ ତଥା ଡିଏଲ୍‌ଏସ୍‌ଏ ଅଧକ୍ଷ ଚିତ୍ତରଞ୍ଜନ ଦାସ ଶନିବାର ଜେକେପୁରସ୍ଥିତ କୋଭିଡ୍ ହସ୍ପିଟାଲ ପରିଦର୍ଶନ କରିଛନ୍ତି। ଜଜ୍‌ଙ୍କ ସହ ମୁଖ୍ୟ ଦଣ୍ଡାଧିକାରୀ ମନୋରଞ୍ଜନ ଦାସ, ଜିଲାପାଳ ପ୍ରମୋଦ କୁମାର ବେହେରା, ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ, ବି. ଲକ୍ଷ୍ମୀ ନାରାୟଣ ପୃଷ୍ଟି, ଆଇନଜୀବୀ ପଦ୍ମନାଭ ଦାସ, ଶୁଭ୍ରା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। କରୋନା ମୁକାବିଲା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଏଠାରେ କିଭଳି ପଦକ୍ଷେପ ନିଆଯାଇଛି, ସେ ଅଧିକାରୀମାନଙ୍କୁ ପଚାରି ବୁଝିଥିଲେ। ଏହି ଅବସରରେ ସେ ହସ୍ପିଟାଲରେ ରହିଥିବା ଆନୁଷଙ୍ଗିକ ବ୍ୟବସ୍ଥାର ଅନୁଧ୍ୟାନ କରିବା ସହ ସଂକ୍ରମିତଙ୍କ ପାଇଁ ଚିକିତ୍ସା ସୁବିଧା ଓ ସନ୍ଦିଗ୍ଧଙ୍କ ସ୍ୱାବ ନମୁନା ସଂଗ୍ରହ ସୁବିଧା ଆଦି ବିଷୟରେ ମଧ ପଚାରି ବୁଝିଥିଲେ। ଏହାପରେ ସେ କୁମୁଟିଲପେଟାସ୍ଥିତ ସଙ୍ଗରୋଧ କେନ୍ଦ୍ର ପରିଦର୍ଶନ କରି ବ୍ୟବସ୍ଥାର ଅନୁଧ୍ୟାନ କରିଥିଲେ। କୋଭିଡ୍-୧୯ ମୁକାବିଲା ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପକୁ ନେଇ ସେ ସନ୍ତୋଷ ପ୍ରକାଶ କରିଥିଲେ।

କୋଭିଡ୍ ହସ୍‌ପିଟାଲ ପରିଦର୍ଶନ କରୁଛନ୍ତି ଜିଲା ଦୌରାଜଜ୍।

ବ୍ୟବସ୍ଥା ଅନୁଧ୍ୟାନ କଲେ ଉପଜିଲାପାଳ

ଫେରୁଛନ୍ତି ପ୍ରବାସୀ ଓଡ଼ିଆ

ପଟ୍ଟାଙ୍ଗି,୩।୫(ଡି.ଏନ.ଏ.)

ଅନ୍ୟ ରାଜ୍ୟରୁ ଫେରୁଥିବା ପ୍ରବାସୀ ଓଡ଼ିଆଙ୍କ ଯାଞ୍ଚ ନେଇ କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଜିଲାର ପଟ୍ଟାଙ୍ଗି ବ୍ଲକ ଅଧୀନରେ ଥିବା ଆନ୍ଧ୍ର ରାଜ୍ୟ ସୀମାନ୍ତ ସୁଙ୍କି ପଞ୍ଚାୟତ ସଦର ମହକୁମାରେ ରବିବାର ପ୍ରବାସୀ ଓଡ଼ିଆଙ୍କ ଯାଞ୍ଚ ଲାଗି ହୋଇଥିବା ବ୍ୟବସ୍ଥାର ଅନୁଧ୍ୟାନ କରିଛନ୍ତି ଉପଜିଲାପାଳ ତଥା ନୋଡାଲ ଅଧିକାରୀ ଲଳିତ କୁମାର କଅଁର। ତାଙ୍କ ତତ୍ତ୍ୱାବଧାନରେ ବିଡିଓ ମୋନାଲିସା ଦେବତା, ସୁନାବେଡା ଏସଡିପିଓ ନିରଞ୍ଜନ ବେହେରା, ଥାନା ଅଧିକାରୀ ବିଜୟରାଜ ମାଝି, ଅତିରିକ୍ତ ତହସିଲଦାର ମହାଦେବ ଭତ୍ରା, ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଭାଗବତ ମୁର୍ମୁ, ଡାକ୍ତର ସୁଶେନ ପାତ୍ର, ସରପଞ୍ଚ ସୀମାଦ୍ରି ଜାନିଙ୍କ ସମେତ ଅଧିକାରୀମାନେ ପହଞ୍ଚି ସମସ୍ତ ସୁରକ୍ଷା ବ୍ୟବସ୍ଥାର ତଦାରଖ କରିଥିଲେ। ପଞ୍ଚାୟତର ଏମଇ ସ୍କୁଲ ପରିସରରେ ହୋଇଥିବା ଅସ୍ଥାୟୀ ପଞ୍ଜୀକରଣ ବ୍ୟବସ୍ଥାର ମଧ ଅନୁଧ୍ୟାନ କରିଥିଲେ। ଏନେଇ ଅନୁଷ୍ଠିତ ବୈଠକରେ ଉପଜିଲାପାଳ ଅଧିକାରୀମାନଙ୍କୁ ଦାୟିତ୍ୱ ବଣ୍ଟନ କରିଥିଲେ। ସୂଚନାଯୋଗ୍ୟ ଯେ, ପଟାଙ୍ଗି ବ୍ଲକର ୧୪ଟି ପଞ୍ଚାୟତର ୪୩୮ ଜଣ ବାହାର ରାଜ୍ୟରେ ରହିଛନ୍ତି। ସେମାନେ ନିଜ ଘରକୁ ଫେରିବା ପାଇଁ ଅନଲାଇନରେ ପଞ୍ଜୀକରଣ କରିଛନ୍ତି।

କ୍ୱାରାଣ୍ଟାଇନରେ ରହିଲେ ୪ ଶ୍ରମିକ

ନନ୍ଦପୁର,୩।୫(ଡି.ଏନ.ଏ.)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ମହକୁମାସ୍ଥିତ କରାଣ୍ଟାଇନ ଗୃହରେ ରବିବାର ଆନ୍ଧ୍ରରୁ ଚାଲି ଚାଲି ନିଜ ଘର ମାଲକାନଗିରି ଜିଲାକୁ ଫେରୁଥିବା ୪ ଜଣଙ୍କୁ ସରପଞ୍ଚ ବାସୁଦେବ ଖରା ରଖିବାର ବ୍ୟବସ୍ଥା କରିଛନ୍ତି। ମାଲକାନଗିରି ଜିଲାର ପାଣ୍ଡ୍ରିପାଣି ଗ୍ରାମର ମଙ୍ଗଳା ମାଡକାମୀ, ସୋମନାଥ ମାଡକାମୀ,ଦିଲୀପ ମାଡକାମୀ ଏବଂ ବିଶ୍ୱନାଥ ପୋଡ଼ିଆମୀ ଦାଦନ ଖଟିବାକୁ ଆନ୍ଧ୍ରର ବିଜୟନଗରମକୁ ଯାଇଥିଲେ। ଲକ୍‌ଡାଉନ ଯୋଗୁ ସେମାନେ ସେଠାରୁ ଫେରିପାରି ନ ଥିଲେ। ଶେଷରେ ସେମାନେ ଗତ ୨୮ରୁ ଚାଲିଚାଲି ଗ୍ରାମକୁ ଆସୁଥିଲେ।

ତିଆରି ହେଲା ଅଟୋମେଟିକ ହ୍ୟାଣ୍ଡ ସାନିଟାଇଜର ଡିସ୍‌ପେନସର ମେଶିନ

ଉମରକୋଟ,୩।୫(ଡି.ଏନ.ଏ)

ଉମରକୋଟଠାରେ ଥିବା ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନରେ କାର୍ଯ୍ୟରତ ଶିକ୍ଷକମାନେ ନିଜ ଉଦ୍ୟମରେ ଅଟୋମେଟିକ ହ୍ୟାଣ୍ଡ ସାନିଟାଇଜର ଡିସପେନସର ପ୍ରସ୍ତୁତ କରିଛନ୍ତି। କେନ୍ଦ୍ରର ଅଧ୍ୟକ୍ଷ ରବିନ୍ଦ୍ର କରଙ୍କ ପ୍ରେରଣାରେ ଏହି ମେଶିନ ତିଆରି ହୋଇଛି। ଏହି ମେଶିନରେ ହାତ ଦେଖାଇବା ମାତ୍ରେ ଏଥିରୁ ସାନିଟାଇଜର ବାହାରିଥାଏ। ଡେଟୋଲ ଓ ଆଲୋବେରା ମିଶ୍ରଣରେ ଏହି ହ୍ୟାଣ୍ଡ ୱାସ ତିଆରି ହୋଇଛି। ଏହି ମେଶିନ ଆଗାମୀ ଦିନରେ ସ୍ୱାସ୍ଥ୍ୟ କର୍ମଚାରୀ, ପୋଲିସ କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ବଣ୍ଟନ କରାଯିବ ବୋଲି ପ୍ରଶିକ୍ଷକ ସୌରଭ ମିଶ୍ର ସୂଚନା ଦେଇଛି।

କର୍ତ୍ତବ୍ୟ ଆଗରେ ହାର ମାନିଛି ପରିବାର ସମସ୍ୟା

ମାଲକାନଗିରି,୩।୫(ଡି.ଏନ୍.ଏ.)

ବର୍ତ୍ତମାନ ସାରା ବିଶ୍ୱରେ କୋଭିଡ-୧୯ର ପ୍ରଭାବ ଯୋଗୁ ଦେଶରେ ଲକଡାଉନ ଘୋଷଣା କରାଯାଇଛି। ଏଥିପାଇଁ ଜିଲା ପ୍ରଶାସନ, ପୋଲିସ କର୍ମଚାରୀ ଦିନରାତି ନିଜ କର୍ତ୍ତବ୍ୟ କରି ଚାଲିଛନ୍ତି। ଏପରିକି ନିଜର ପରିବାର ଓ ପରିବାରର ସମସ୍ୟାକୁ ଭୁଲିଯାଇଛନ୍ତି ସେମାନେ। ମାଲକାନଗିରି ଜିଲା ସଦର ମହକୁମା ସଂରକ୍ଷିତ ପୋଲିସ କାର୍ଯ୍ୟାଳୟରେ କାର୍ଯ୍ୟରତ ମୋତି ସିଂ ନାୟକ ନାମକ ହାବିଲଦାରଙ୍କୁ ତାଙ୍କ ସ୍ତ୍ରୀପ୍ରସୂତି ପାଇଁ ଡାକ୍ତରଖାନା ନେବାପାଇଁ କହିଥିଲେ । ମାତ୍ର ସ୍ୱାମୀ ମୋତି ସିଂ ଶୁଣି ନ ଥିଲେ। ତୁମେ କୌଣସି ଉପାୟରେ ଡାକ୍ତରଖାନା ଯାଅ ମୁଁ ମୋ କର୍ତ୍ତବ୍ୟରେ ଅଛି ବୋଲି କହିଥିଲେ। ସ୍ତ୍ରୀ କୌଣସି ଉପାୟ ନ ପାଇ ପଡୋଶୀଙ୍କ ସହଯୋଗରେ ସେ ଜିଲା ମୁଖ୍ୟ ଚିକିତ୍ସାଳୟ ଯାଇ ରବିବାର ଏକ ପୁତ୍ର ସନ୍ତାନ ଜନ୍ମ ଦେଇଛନ୍ତି।

ସଙ୍ଗରୋଧ କେନ୍ଦ୍ରରୁ ଫେରିଲେ ୪୭ ଜଣ

ସଙ୍ଗରୋଧ କେନ୍ଦ୍ରରୁ ବସ୍‌ରେ ଲୋକମାନଙ୍କୁ ଘରକୁ ପଠାଯାଉଛି ।

ରାୟଗଡ଼ା ଅଫିସ,୩।୫: ରାୟଗଡ଼ା ବ୍ଲକ୍ ଅଧୀନ ଆନ୍ଧ୍ର-ଓଡ଼ିଶା ସୀମାନ୍ତ କେରେଡ଼ା ଗାଁ ସଙ୍ଗରୋଧ କେନ୍ଦ୍ରରେ ଥିବା ୪୭ ଅଟକ ବ୍ୟକ୍ତିଙ୍କୁ ରବିବାର ନିଜ ଅଞ୍ଚଳକୁ ପଠାଇ ଦିଆଯାଇଛି। ଏମାନଙ୍କ ମଧ୍ୟରୁ ୩୭ ଜଣଙ୍କ ଘର ରାଜସ୍ଥାନ ଏବଂ ଅନ୍ୟ ୧୦ ଜଣ ଛତିଶଗଡ଼ର ବୋଲି ଜଣାପଡ଼ିଛି। ଏମାନେ ବିଭିନ୍ନ କାମରେ ଏଠାକୁ ଆସିଥିଲେ। ହେଲେ ଲକ୍‌ଡାଉନ୍ ଯୋଗୁ ଆଉ ଫେରିପାରି ନ ଥିଲେ। ପ୍ରଶାସନ ପକ୍ଷରୁ ଏମାନଙ୍କୁ କେରେଡ଼ା ହାଇସ୍କୁଲଠାରେ ଥିବା ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଥିଲା। ରବିବାର ପ୍ରଶାସନ ପକ୍ଷରୁ ଏମାନଙ୍କୁ ଗୋଟିଏ ବସ୍ ଏବଂ ୨ଟି ବୋଲେରୋ ଯୋଗେ ସେମାନଙ୍କ ଘରକୁ ପଠାଯାଇଥିବା ଜଣାପଡ଼ିଛି।

ଫେରୁଥିବା ଶ୍ରମିକଙ୍କ ପାଇଁ ସବୁ ସୁବିଧା ହୋଇଛି: ଜିଲାପାଳ

ପାରଳାଖେମୁଣ୍ଡି,୩।୫ (ସ୍ୱ.ପ୍ର.)

କେରଳ ରାଜ୍ୟର ଏର୍ନାକୁଲମଠାରୁ ବାହାରିଥିବା ସ୍ୱତନ୍ତ୍ର ଟ୍ରେନରେ ଗଜପତି ଜିଲାର ୪୪ଜଣ ଶ୍ରମିକ ଆସିଛନ୍ତି। ସେମାନେ ସୋମବାର ଗଞ୍ଜାମ ଜିଲାର ଜଗନ୍ନାଥପୁର ଷ୍ଟେଶନଠାରେ ପହଞ୍ଚିବେ। ସେମାନଙ୍କୁ ନିଜ ଗ୍ରାମକୁ ଫେରାଇ ଆଣିବାକୁ ଜିଲା ପ୍ରଶାସନ ପଦକ୍ଷେପ ନେଇଛି। ନୋଡାଲ ଅଧିକାରୀ ଭାବେ ଉପଜିଲାପାଳ ସଂଗ୍ରାମ କେଶରୀ ପଣ୍ଡା ଏକ ଟିମ୍ ଧରି ଜଗନ୍ନାଥପୁର ଯିବେ ବୋଲି ଜିଲାପାଳ ଅନୁପମ ଶାହା କହିଛନ୍ତି। ସେଠାରୁ ଶ୍ରମିକମାନଙ୍କୁ ଆଣିବା ପାଇଁ ୨ଟି ବସ୍‌ର ବ୍ୟବସ୍ଥା କରାଯାଇଛି। ସେମାନଙ୍କୁ ମୋହନାସ୍ଥିତ ଲୁହାଗୁଡି କ୍ୱାରାଣ୍ଟାଇନ କେନ୍ଦ୍ରକୁ ଆଣି ରଖାଯିବବୋଲି ଜିଲାପାଳ କହିଛନ୍ତି।

କରୋନା ସ୍ଥିତି ସମୀକ୍ଷା କଲେ ନୋଡାଲ୍ ଅଧିକାରୀ

ରାୟଗଡ଼ା ଅଫିସ,୩।୫

ରାଜ୍ୟ ସରକାରଙ୍କ ପକ୍ଷରୁ ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲା ନୋଡାଲ୍ ଅଧିକାରୀଭାବେ ନିଯୁକ୍ତ ଭି. ଭି ଯାଦବ ରବିବାର ରାୟଗଡ଼ା ଜିଲା ଗସ୍ତରେ ଆସି କରୋନା ମୁକାବିଲା ପାଇଁ ଜିଲାରେ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ପ୍ରଥମେ ସେ ରାୟଗଡ଼ା ବ୍ଲକ୍ ମାଲିଗାଁ, ବଡ଼ଆଲୁବାଡ଼ି ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ଏବଂ ଜେକେପୁରସ୍ଥିତ ଇଏସ୍‌ଆଇ ହସ୍ପିଟାଲରେ ପ୍ରସ୍ତୁତ କୋଭିଡ୍ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିଥିଲେ। ଏହି ସମୟରେ ଯାଦବଙ୍କ ସହ ରାୟଗଡ଼ା ଜିଲାପାଳ ପ୍ରମୋଦ କୁମାର ବେହେରା,

ସମୀକ୍ଷା ବୈଠକରେ ଉପସ୍ଥିତ ଜିଲା ନୋଡାଲ୍ ଅଧିକାରୀ ଓ ଅନ୍ୟ ଅଧିକାରୀମାନେ।

ଡିଆରଡିଏ ପିଡି ଅମୃତ ରତ୍ନରାଜ, ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ, ବିଡିଓ ରାଜେନ୍ଦ୍ର ମାଝି, ଅତିରିକ୍ତ ବିଡିଓ ନୃସିଂହ ଚରଣ ପଟ୍ଟନାୟକ ଉପସ୍ଥିତ ଥିଲେ। ପରେ ସ୍ଥାନୀୟ ଡିଆରଡିଏ ସଦ୍‌ଭାବନା ସଭାଗୃହରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟତଃ କରୋନା ମୁକାବିଲା ନିମନ୍ତେ ନିଆଯାଇଥିବା ସମସ୍ତ ପଦକ୍ଷେପକୁ ଠିକ୍‌ଭାବେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବାହାର ରାଜ୍ୟରୁ ଆସିବାକୁ ଥିବା ଶ୍ରମିକମାନେ ଯେପରି ରୋଜଗାରର ସୁଯୋଗ ପାଇବେ, ସେଥିପାଇଁ ଏମ୍‌ଜିଏନ୍‌ଆରଜିଏସ୍ ଅନ୍ତର୍ଗତ ଶ୍ରମ ଭିତ୍ତିକ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱାରୋପ କରିଥିଲେ। ବାହାର ରାଜ୍ୟରୁ ଆସିବାକୁ ଥିବା ଶ୍ରମିକ ଓ ଛାତ୍ରମାନଙ୍କୁ କିପରି ଶୃଙ୍ଖଳିତଭାବେ ସଙ୍ଗରୋଧରେ ରଖାଯାଇପାରିବ ସେ ନେଇ ମଧ ଆଲୋଚନା ହୋଇଥିଲା। ଉଲ୍ଲେଖଯୋଗ୍ୟ, ରାଜ୍ୟ ବାହାରୁ ଜିଲାକୁ ଆସୁଥିବା ଶ୍ରମିକଙ୍କ ପାଇଁ ୧୮୨ ପଞ୍ଚାୟତର ୩୨୧ ସ୍ଥାନରେ ୨୨ ହଜାର ୮ଶହ ବେଡ୍ ପୂର୍ବରୁ ପ୍ରସ୍ତୁତ ରହିଛଥିବା ଜିଲାପାଳ କହିଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା କୃଷି ଅଧିକାରୀ ପ୍ରଦୀପ କୁମାର ରଥ, ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ, ଜଳ ବିଭାଜିକା ମିଶନର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

ନିୟମ ଭାଙ୍ଗିଲେ ଶିକ୍ଷୟିତ୍ରୀ

ପଡିଆ,୩।୫(ଡି.ଏନ.ଏ.)

ଲକ୍‌ଡାଉନ ଯୋଗୁ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିଛି। ପିଲାଙ୍କ ସୁବିଧା ପାଇଁ ଶିକ୍ଷକମାନେ ସେମାନଙ୍କ ଘରେ ବହି ପହଞ୍ଚାଇବା ଲାଗି ସରକାର ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ମାଲକାନଗିରି ଜିଲା ପଡିଆ ବ୍ଲକ ବାପନପାଲି କସ୍ତୁରବା ଗାନ୍ଧୀ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଏହି ନିୟମ ଭାଙ୍ଗି ଛାତ୍ରୀଛାତ୍ରଙ୍କ ଘରକୁ ଫୋନ କରି ବିଦ୍ୟାଳୟକୁ ଆସି ବହି ନେବାକୁ କହିଛନ୍ତି। ଫଳରେ ଛାତ୍ରୀଛାତ୍ରମାନେ ୧୫ କିମି ଦୂରରୁ ଆସି ବହି ନେଇ ଘରକୁ ଯାଇଛନ୍ତି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ସୋମବାର, ମେ ୪/୨୦୨୦ Monday, May 4/2020

ସଂକ୍ଷେପରେ

ଲକ୍‌ଡାଉନରେ ଏମ୍‌ଜିଏନ୍‌ଆର୍‌ଇଜିଏରୁ ରୋଜଗାର

ନୂଆଦିଲ୍ଲୀ,୩।୫: ଲକ୍‌ଡାଉନ ସମୟରେ ଗ୍ରାମୀଣ ଅର୍ଥ ବ୍ୟବସ୍ଥାକୁ ଗତି ଏବଂ ଲୋକଙ୍କୁ ରୋଜଗାର ପ୍ରଦାନ କରିବା ଲାଗି ମହାତ୍ମା ଗାନ୍ଧୀ ନ୍ୟାଶନାଲ ରୁରାଲ ଏମ୍ପ୍ଲୟମେଣ୍ଟ ଗ୍ୟାରେଣ୍ଟି(ଏମ୍‌ଜିଏନ୍‌ଆର୍‌ଇଜିଏ)ଦ୍ୱାରା ସରକାର ପଦକ୍ଷେପ ନେବେ ବୋଲି ଜଣାପଡିଛି। ଏହି କାର୍ଯ୍ୟକ୍ରମ ଅଧୀନ ଛୋଟଛୋଟ ନଦୀଗୁଡିକୁ ପୁନର୍ଜୀବନ କାର୍ଯ୍ୟକୁ ଆଗକୁ ବଢାଇବା ନେଇ ସରକାର ନିଷ୍ପତ୍ତି ନେଇଛନ୍ତି। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି କାର୍ଯ୍ୟକୁ ଗଙ୍ଗା ନଦୀରୁ ଆରମ୍ଭ କରାଯାଇଛି। ପର୍ଯ୍ୟାୟ ଭିତ୍ତିରେ ଏହାକୁ ଉପକୂଳବର୍ତ୍ତୀ ରାଜ୍ୟ ଏବଂ ଅନ୍ୟ ଜିଲାକୁ ସମ୍ପ୍ରସାରଣ କରାଯିବ।

୧୦ କମ୍ପାନୀଙ୍କ ପୁଞ୍ଜୀକରଣ ବଢ଼ିଲା



ନୂଆଦିଲ୍ଲୀ,୩। ୫: ଦେଶର ପୁଞ୍ଜିବଜାର କାରବାର ଏବେ ପ୍ରଭାବିତ ସ୍ଥିତିରେ ରହିଛି। ଏହା ସତ୍ତ୍ୱେ ମଧ ଦେଶର ୧୦ ପ୍ରମୁଖ କମ୍ପାନୀଙ୍କ ବଜାର ପୁଞ୍ଜୀକରଣ ଗତ ସପ୍ତାହରେ ୩.୧୦ ଲକ୍ଷ କୋଟି ଟଙ୍କା ବଢ଼ିଛି। ଏହି ସମୟରେ ସବୁଠାରୁ ଅଧିକ ଲାଭ ଟାଟା କନସଲଟାନ୍ସି ସର୍ଭିସ(ଟିସିଏସ୍)କୁ ହୋଇଛି। ଗତ ସପ୍ତାହରେ ବମ୍ବେ ଷ୍ଟକ ଏକ୍ସଚେଞ୍ଜର ସେନ୍‌ସେକ୍ସ ୨୩୯୦.୪୦ ପଏଣ୍ଟ ବା ୭.୬୩% ବଢ଼ିଥିବା ନଜରକୁ ଆସିଛି। ସେହିଭଳି ଏପ୍ରିଲରେ ବିଦେଶୀ ପୁଞ୍ଜି ନିବେଶକମାନେ ବଜାରରୁ ୧୫,୪୦୩ କୋଟି ଟଙ୍କା ପ୍ରତ୍ୟାହାର କରିନେଇଛନ୍ତି।

ବଜାର ସ୍ଥିତି ସୁଧୁରିବାକୁ ଲାଗିପାରେ ବର୍ଷେ

ନୂଆଦିଲ୍ଲୀ,୩।୫

■ଆର୍ଥିକ କାର୍ଯ୍ୟକଳାପକୁ ଶକ୍ତ ଧକ୍କା
■୧୫ରୁ ୩୦% ନିଯୁକ୍ତି ହ୍ରାସ ଆଶଙ୍କା
■୨୦ରୁ ୪୦% କମିପାରେ ରାଜସ୍ୱ
■ପ୍ୟାକେଜ ଦେବାକୁ ଶିଳ୍ପର ଦାବି

କରୋନା ଲଢ଼େଇ ଲାଗି ସରକାର ଜାରି କରିଥିବା ଲକ୍‌ଡାଉନ ଫଳରେ ଘରୋଇ ବଜାରର ଆର୍ଥିକ କାର୍ଯ୍ୟକଳାପକୁ ଶକ୍ତ ଧକ୍କା ଲାଗିଛି। ବଜାରରେ ସ୍ଥିତି ସୁଧାର ଆସିବାକୁ ଗୋଟିଏ ବର୍ଷରୁ ଅଧିକ ସମୟ ଲାଗିବା ନେଇ ଅନୁମାନ କରାଯାଇଛି। ଚଳିତ ଆର୍ଥିକ ବର୍ଷ ଏପ୍ରିଲ-ଜୁନ୍ ତ୍ରୈମାସରେ କମ୍ପାନୀଗୁଡିକର ରାଜସ୍ୱ ପ୍ରାୟ ୬୦% ଖସିଯିବ ବୋଲି ବଜାର ବିଶେଷଜ୍ଞ ଆଶଙ୍କା ପ୍ରକଟ କରିଛନ୍ତି। କନ୍‌ଫେଡେରେଶନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରିଜ(ସିଆଇଆଇ) ପକ୍ଷରୁ ପ୍ରମୁଖ କମ୍ପାନୀଗୁଡିକର ସିଇଓଙ୍କୁ ଏ ନେଇ ହୋଇଥିବା ସର୍ଭେରେ ଏଭଳି ରିପୋର୍ଟ ସାମ୍ନାକୁ ଆସିଛି।

ରିପୋର୍ଟରେ କୁହାଯାଇଛି ଯେ, ଦେଶର ଆର୍ଥିକ କାର୍ଯ୍ୟକଳାପ କ୍ଷେତ୍ରରେ ଉପୁଜିଥିବା ମାନ୍ଦାବସ୍ଥା ଦୀର୍ଘଦିନ ଧରି ରହିପାରେ। ଲକ୍‌ଡାଉନ ଶେଷ ହେବା ପରେ ଆର୍ଥିକ କାର୍ଯ୍ୟକଳାପ ଟ୍ରାକ୍‌କୁ ଫେରିବା ଲାଗି ଗୋଟିଏ ବର୍ଷରୁ ଅଧିକ ସମୟ ଲାଗିବା ନେଇ ୪୫% ସିଇଓ ଆଶଙ୍କା କରିଛନ୍ତି। ୩୦୦ ସିଇଓଙ୍କୁ ନେଇ ହୋଇଥିବା ଏହି ଅଧ୍ୟୟନରେ ପ୍ରାୟ ୨ ତୃତୀୟାଂଶ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ସହ ଜଡିତ ପ୍ରତିନିଧି ରହିଛନ୍ତି। ସେହିଭଳି ପ୍ରାୟ ୪୫% କହିଛନ୍ତି ଯେ, ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ହ୍ରାସ ହେବା ନେଇ ଆଶଙ୍କା ରହିଛି। କ୍ଷେତ୍ରଗୁଡିକରେ ୧୫ରୁ ୩୦% ନିଯୁକ୍ତି ହ୍ରାସ ହେବା ନେଇ ସିଇଓ ଆଶଙ୍କା କରିଛନ୍ତି।

୨ ତୃତୀୟାଂଶ ସିଇଓ କହିଛନ୍ତି ଯେ, ସେମାନେ କାର୍ଯ୍ୟରତ ଫାର୍ମଗୁଡିକରେ ବର୍ତ୍ତମାନ ଯାଏ କର୍ମଚାରୀଙ୍କ ବେତନ ହ୍ରାସ କରାଯାଇନାହିଁ। ଲକ୍‌ଡାଉନ ସ୍ୱାଗତଯୋଗ୍ୟ ପଦକ୍ଷେପ ହୋଇଥିବା ବେଳେ ଦୀର୍ଘ ଦିନ ଧରି ଏହା ଜାରି ରହିଥିବାରୁ ଏହାର ପରିଣାମ ଦେଶର ଅର୍ଥ ବ୍ୟବସ୍ଥା ଉପରେ ସାଂଘାତିକ ହୋଇଥିବା ସେମାନେ ମତବ୍ୟକ୍ତ କରିଛନ୍ତି। ୨୦୨୦-୨୧ ଆର୍ଥିକ ବର୍ଷରେ କମ୍ପାନୀଗୁଡିକର ରାଜସ୍ୱ ଗୁରୁତର ଭାବେ ପ୍ରଭାବିତ ହେବା ନେଇ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ରାଜସ୍ୱ ୪୦% କ୍ଷତିଗ୍ରସ୍ତ ହେବା ନେଇ ୩୩% ଫାର୍ମ ମତ ଦେଇଛନ୍ତି। ସେହିଭଳି ୩୨% ଫାର୍ମ କହିଛନ୍ତି ଯେ, ସେମାନଙ୍କ ରାଜସ୍ୱ ୨୦%ରୁ ୪୦% ହ୍ରାସ ହୋଇପାରେ।

ବର୍ତ୍ତମାନ ବାଣିଜ୍ୟ କାରବାର ଗଭୀର କ୍ଷତିଗ୍ରସ୍ତ ହୋଇଥିବା ପ୍ରତି ୪ରୁ ୩ଟି ଫାର୍ମ ସମ୍ପୂର୍ଣ୍ଣ ବନ୍ଦ ରହିଛି। ସେହିଭଳି ଚାହିଦା ନ ଥିବାରୁ ଏହା କାରବାରକୁ ପ୍ରଭାବିତ କରୁଥିବା ଅର୍ଦ୍ଧାଧିକ ଫାର୍ମ କହିଛନ୍ତି। ଏହି ପରିପ୍ରେକ୍ଷୀରେ ସିଆଇଆଇ ମହାନିର୍ଦ୍ଦେଶକ ଚନ୍ଦ୍ରଜିତ ବାନାର୍ଜୀ କହିଛନ୍ତି, କରୋନା ନିୟନ୍ତ୍ରଣ ପାଇଁ ଲକ୍‌ଡାଉନ ଜରୁରୀ ହୋଇ ପଡିଛି। ହେଲେ ଏପଟେ ଗତ ୪୦ ଦିନରୁ ଅଧିକ ସମୟ ଧରି ଫାର୍ମଗୁଡିକ ବନ୍ଦ ହୋଇ ରହିଥିବାରୁ ଅର୍ଥ ବ୍ୟବସ୍ଥାକୁ ଗଭୀର କ୍ଷତି ପହଞ୍ଚିଛି। ଫାର୍ମଗୁଡିକ ପୂର୍ବ ସ୍ଥିତିକୁ ଫେରିବେ ବୋଲି ବର୍ତ୍ତମାନ କିଛି କହି ହେଉନାହିଁ। ସରକାର ଆର୍ଥିକ କାର୍ଯ୍ୟକଳାପକୁ ସୁଚିନ୍ତିତ ଭାବେ ଚାଲୁ କରିବାର ଆବଶ୍ୟକତା ରହିଛି। ଏଭଳି ସ୍ଥିତିରେ ଜୀବିକା ଏବଂ ଆର୍ଥିକ କାର୍ଯ୍ୟକଳାପକୁ ଫେରାଇ ଆଣିବାକୁ ହେବ।

ବ୍ୟାଙ୍କିଙ୍ଗ୍ କ୍ଷେତ୍ରକୁ ଏନ୍‌ପିଏ ଚିନ୍ତା

ନୂଆଦିଲ୍ଲୀ,୩।୫

ଦେଶର ବ୍ୟାଙ୍କିଙ୍ଗ୍ ସେକ୍ଟର ବର୍ତ୍ତମାନ ଅନାଦାୟ ଋଣ ସମସ୍ୟା ଦେଇ ଗତି କରୁଥିବା ବେଳେ କୋଭିଡ-୧୯ ଯୋଗୁ ଏହି ସମସ୍ୟା ଆହୁରି ବଢିଯିବ ବୋଲି ବଜାର ବିଶେଷଜ୍ଞ ଆକଳନ ଆଶଙ୍କା ପ୍ରକଟ କରିଛନ୍ତି। ବର୍ତ୍ତମାନ ସାରା ଦେଶରେ ଆର୍ଥିକ କାର୍ଯ୍ୟକଳାପ ଠପ୍ ହୋଇ ରହିଥିବା ବେଳେ କମ୍ପାନୀଗୁଡିକ ଶୀଘ୍ର ଟ୍ରାକକୁ ଫେରିବା ନେଇ ମଧ କହି ହେଉ ନାହିଁ। ଏଭଳି ସ୍ଥିତିରେ କମ୍ପାନୀ ଋଣ ନ ସୁଝି ପାରିଲେ ବ୍ୟାଙ୍କିଙ୍ଗ ଶିଳ୍ପ ଉପରେ ଏହାର ଚାପ ଆହୁରି ବଢିବ ବୋଲି କୁହାଯାଇଛି। ଏଭଳି ସ୍ଥିତିରେ ଏନ୍‌ପିଏ ସମସ୍ୟା ସହ ଯୁଝୁଥିବା ଶିଳ୍ପକୁ ନେଇ ଏକ ନୂଆ ଘଟଣା ସାମ୍ନାକୁ ଆସିଛି। ଆର୍‌ଟିଆଇ ଦ୍ୱାରା ମଗାଯାଇଥିବା ଏକ ତଥ୍ୟରେ ବ୍ୟାଙ୍କିଙ୍ଗ ଶିଳ୍ପରେ ଏନ୍‌ପିଏ କିଭଳି ବଢୁଛି ତାର ଏକ ଚିତ୍ର ସାମ୍ନାକୁ ଆସିଛି। ରିପୋର୍ଟ ମୁତାବକ ବ୍ୟାଙ୍କ ଅଫ୍ ବରୋଦାର ଏନ୍‌ପିଏ ଗତ ୬ ବର୍ଷରେ ୬ ଗୁଣାରୁ ଅଧିକ ବଢ଼ିଛି। ଏହା ୭୩,୧୪୦ କୋଟି ଟଙ୍କା ଛୁଇଁଛି। ସେହିଭଳି ଇଣ୍ଡିଆନ ବ୍ୟାଙ୍କର ଏନ୍‌ପିଏ ୪ ଗୁଣା ବଢି ୩୨,୫୬୧ କୋଟି ଟଙ୍କା ଟପିଥିବା ଜଣାପଡିଛି।

■ବ୍ୟାଙ୍କ ଅଫ ବରୋଦା ଏନ୍‌ପିଏ ୬ ଗୁଣ ବଢ଼ିଛି
■ଇଣ୍ଡିଆନ ବ୍ୟାଙ୍କରେ ୪ ଗୁଣ

କୋଟାର ସୂଚନା ଅଧିକାର କର୍ମୀ ସୁଜିତ ସ୍ୱାମୀଙ୍କୁ ଆରଟିଆଇରେ ମିଳିଥିବା ସୂଚନା ମୁତାବକ, ବ୍ୟାଙ୍କ ଅଫ୍ ବରୋଦାର ଏନ୍‌ପିଏ ମାର୍ଚ୍ଚ ୨୦୧୪ରେ ୧୧,୮୭୬ କୋଟି ଟଙ୍କା ରହିଥିଲା। ଏହା ୨୦୧୯ ଡିସେମ୍ବରରେ ୭୩,୧୪୦ କୋଟି ଟଙ୍କାକୁ ବଢିଛି। ଏହି ସମୟରେ ବ୍ୟାଙ୍କର ଏନ୍‌ପିଏ ଖାତା ୨.୦୮ ଲକ୍ଷରୁ ୬.୧୭ ଲକ୍ଷକୁ ବଢିଛି। ସେହିଭଳି ଇଣ୍ଡିଆନ ବ୍ୟାଙ୍କ ଏନ୍‌ପିଏ ୨୦୧୪ ମାର୍ଚ୍ଚ ୩୧ରେ ୮୦୬୮ କୋଟି ଟଙ୍କା ରହିଥିବା ବେଳେ ଏହା ୨୦୨୦ ମାର୍ଚ୍ଚରେ ୩୨,୫୬୧ କୋଟି ଟଙ୍କାକୁ ବଢିଛି।

ରିଫଣ୍ଡ ଆଳରେ ହୋଇପାରେ ଠକେଇ

ନୂଆଦିଲ୍ଲୀ,୩।୫

ବର୍ତ୍ତମାନ ଆୟକର ବିଭାଗ ପକ୍ଷରୁ ଲୋକଙ୍କୁ ରିଫଣ୍ଡ ଜାରି କରାଯାଉଛି। ଏଭଳି ସମୟରେ ସାଇବର ଠକେଇ ମାମଲା ବଢିଥିବା ନଜରକୁ ଆସିଛି। ସାଇବର ଅପରାଧ ଘଟାଉଥିବା ବ୍ୟକ୍ତି ବିଶେଷ ରିଫଣ୍ଡ ପ୍ରଦାନ ଆଳରେ ଲୋକଙ୍କୁ ମେଲ୍ ପଠାଉଥିବା ଦେଖାଯାଉଛି। ଏହାକୁ ସାଧାରଣତଃ ଫିସିଙ୍ଗ ମେଲ୍ କୁହାଯାଉଛି। ଏ ନେଇ ସତର୍କ ରହିବାକୁ ବିଭାଗ ଲୋକଙ୍କୁ ପରାମର୍ଶ ଦେଇଛି। ଏହି ମେଲ୍ ଉପରେ କ୍ଲିକ୍ ନ କରିବାକୁ କୁହାଯାଇଛି। ଏକ ଟୁଇଟ ମାଧ୍ୟମରେ ଆୟକର ବିଭାଗ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଉଛି। ରିଫଣ୍ଡ ପ୍ରଦାନ କରିବା ଲାଗି କହି ଲୋକଙ୍କୁ ଅନଲାଇନରେ ଅପରାଧୀମାନେ ଠକୁଥିବା ମାମଲା ସାମ୍ନାକୁ ଆସୁଥିବାରୁ ଏଥି ଲାଗି ସାବଧାନତା ରଖିବାକୁ ବିଭାଗ ନିବେଦନ କରିଛି। ସୂଚନା ମୁତାବକ ଏପ୍ରିଲ ୮ରୁ ୨୦ ମଧ୍ୟରେ ଆୟକର ବିଭାଗ ବିଭିନ୍ନ ବର୍ଗରେ ଲୋକଙ୍କୁ ୧୪ ଲକ୍ଷ ରିଫଣ୍ଡ ବାବଦକୁ ୯ ହଜାର କୋଟି ଟଙ୍କା ପ୍ରଦାନ କରିଛି।

ମାନୁଫାକଚରିଂ ହବ୍ ସ୍ଥାପନ ନେଇ ଯୋଜନା

ନୂଆଦିଲ୍ଲୀ,୩।୫

■ଫୋକସ କ୍ଷେତ୍ରକୁ ମିଳିବ ପ୍ରୋତ୍ସାହନ
■ଚୟନ ହୋଇଛି ୧୨ ଚାମ୍ପିୟନ କ୍ଷେତ୍ର

ଭାରତକୁ ଏକ ମାନ୍ୟୁଫାକଚରିଂ ହବ୍‌ରେ ରୂପାନ୍ତରିତ କରିବା ଲାଗି ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ ଏବେ ଯୋଜନା ହାତକୁ ନେଇଛି। ସମ୍ଭାବନା ଥିବା କ୍ଷେତ୍ରଗୁଡିକୁ ବିକଶିତ କରାଇବା ନେଇ ବିଭିନ୍ନ କାର୍ଯ୍ୟପନ୍ଥା ସରକାର ଗ୍ରହଣ କରିବେ ବୋଲି ଜଣାପଡିଛି। ଏହା ଅଧୀନରେ କ୍ୟାପିଟାଲ ଗୁଡ୍‌ସ, ଚମଡା ଏବଂ କେମିକାଲ ଭଳି ପ୍ରମୁଖ କ୍ଷେତ୍ରକୁ ଏବେ ଫୋକସରେ ରଖାଯାଇଥିବା ପ୍ରକ୍ରିୟା ସହ ଜଡିତ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। କ୍ଷେତ୍ରଗୁଡିକୁ ଚୟନ କରିବା ଲାଗି ସରକାର ଶିଳ୍ପ ସଂଘ ଏବଂ ବିଭିନ୍ନ ଅଂଶୀଦାରଙ୍କ ସହ ଆଲୋଚନା କରୁଥିବା ଅଧିକାରୀ କହିଛନ୍ତି। ପ୍ରାଥମିକ ଭାବେ ୧୨ ଚାମ୍ପିୟନ କ୍ଷେତ୍ରକୁ ଚୟନ କରାଯାଇଛି। ଏହା ମଧ୍ୟରେ ମଡ୍ୟୁଲାର ଫର୍ନିଚର, ଖେଳନା, ଖାଦ୍ୟ ପ୍ରକ୍ରିୟାକରଣ, ରେଡି ଟୁ ଇଟ୍ ଫୁଡ, ଆଗ୍ରୋ କେମିକାଲ୍ସ, ଟେକ୍ସଟାଇଲ, ଏୟାର କଣ୍ଡିସନର, କ୍ୟାପିଟାଲ ଗୁଡସ, ଫାର୍ମା ଏବଂ ଅଟୋ କମ୍ପୋନେଣ୍ଟ ଭଳି କ୍ଷେତ୍ର ସାମିଲ ରହିଛି।

ସରକାର ଏ ନେଇ ବିଭିନ୍ନ ଗ୍ରୁପ ଏବଂ ସବ୍‌ଗ୍ରୁପ ଗଠନ କରିଛନ୍ତି। ଏହି ଗ୍ରୁପଗୁଡିକ ଶିଳ୍ପ ସଂଘ ସିଆଇଆଇ ଏବଂ ଆସୋଚାମ ସହ ଆଲୋଚନାରେ ସାମିଲ ହୋଇଛନ୍ତି। ଏ ନେଇ ଗଠନ କରାଯାଇଥିବା କୋର୍ ଗ୍ରୁପ ବିଭିନ୍ନ ନୀତି, ଟେକ୍ନିକାଲ ଦକ୍ଷତା, ନିଯୁକ୍ତି କ୍ଷମତା, ବିଶ୍ୱ ସ୍ତରୀୟ ଏବଂ ଘରୋଇ ଚାହିଦା ଉପରେ ବିଚାର କରିବ ବୋଲି ସୂଚନା ରହିଛି। କୋଭିଡ-୧୯ ପରେ ବିଶ୍ୱ ସ୍ତରୀୟ ଯୋଗାଣ ଚେନ୍‌ରେ ବିରାଟ ପରିବର୍ତ୍ତନ ଆସିବା ନେଇ ଆକଳନ କରାଯାଇଛି।

ଖେଳ ଖବର

କେକେଆର୍‌ରୁ ଖେଳି ଅବସର ନେବାକୁ ଚାହାନ୍ତି ରସେଲ

ନୂଆଦିଲ୍ଲୀ,୩।୫(ପି.ଟି.): ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଦଳ କୋଲକାତା ନାଇଟ ରାଇଡର୍ସ (କେକେଆର୍) ସହ ଖେଳି ଅବସର ନେବାକୁ ଚାହେଁ ବୋଲି ୱେଷ୍ଟଇଣ୍ଡିଜ ଧୂଆଁଧାର ବ୍ୟାଟ୍ସମ୍ୟାନ ଆନ୍ଦ୍ରେ ରସେଲ କହିଛନ୍ତି। କ୍ୟାରିୟରର ଶେଷ ମ୍ୟାଚ୍ କୋଲକାତା ତରଫରୁ ଖେଳିବାକୁ ଚାହେଁ ବୋଲି ୩୨ ବର୍ଷୀୟ ରସେଲ କେକେଆରର ଅଫିସିଆଲ ଅନ୍‌ଲାଇନ୍ ଶୋ 'ନାଇଟ୍ ଅନ୍‌ପ୍ଲଗ୍‌ଡ୍'ରେ ଅଂଶଗ୍ରହଣ କରି କହିଛନ୍ତି। କୋଲକାତା ସହ ଖେଳି ବହୁତ ରୋମାଞ୍ଚକଭରା ଅନୁଭବ ପାଇଛି। କାରିବିୟାନ ପ୍ରିମିୟର ଲିଗ୍ (ସିପିଏଲ୍) ପାଇଁ ଖେଳିଛି। ତେବେ ଇଡେନ ଗାର୍ଡେନରେ କୋଲକାତା ପାଇଁ ଆଇପିଏଲ ଖେଳିବାର ରୋମାଞ୍ଚ ଓ ମଜା ଅଲଗା। ଏହି ଅନୁଭୂତିର ତୁଳନା ନାହିଁ ବୋଲି ନିଜ ହୋମ୍ ଗ୍ରାଉଣ୍ଡ ଇଡେନ ଗାର୍ଡେନ ସମ୍ପର୍କରେ ମତ ରଖି ରସେଲ ଏହି କଥା କହିଛନ୍ତି। ଏହି ଗ୍ରାଉଣ୍ଡରେ ମୋତେ ବହୁତ ସ୍ୱାଗତ କରାଯାଇଥାଏ। ଏହା ମଧ ଚାପ ସୃଷ୍ଟି କରିଥାଏ। କିନ୍ତୁ ଏହା ସକାରାତ୍ମକ ଚାପ ଓ ଭଲ ଖେଳିବାକୁ ପ୍ରେରଣା ଦେଇଥାଏ।

ମେ' ଶେଷ ସୁଦ୍ଧା ଆରମ୍ଭ ହୋଇପାରେ ଜାତୀୟ କ୍ୟାମ୍ପ

ନୂଆଦିଲ୍ଲୀ, ୩।୫(ପି.ଟି.): କୋଭିଡ୍-୧୯ ମହାମାରୀ କାରଣରୁ ବନ୍ଦ କରାଯାଇଥିବା ଜାତୀୟ ପ୍ରଶିକ୍ଷଣ ଶିବିରକୁ ପୁଣି ଆରମ୍ଭ କରିବାକୁ ଯୋଜନା ରହିଛି ବୋଲି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ କହିଛନ୍ତି। କରୋନା ଭାଇରସ କାରଣରୁ ସାରା ଦେଶରେ ମେ ୧୭ ତାରିଖ ପର୍ଯ୍ୟନ୍ତ ଲକ୍‌ଡାଉନ ଜାରି ରହିଛି। ଫଳରେ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ରେ ଟ୍ରେନିଂ କ୍ୟାମ୍ପଗୁଡିକୁ ସ୍ଥଗିତ ରଖାଯାଇଥିଲା। ପୂର୍ବରୁ ଲକ୍‌ଡାଉନ ମେ ୩ ତାରିଖରେ ଶେଷ ହେବାର କାର୍ଯ୍ୟକ୍ରମ ରହିଥିଲା। ଜାତୀୟ କ୍ୟାମ୍ପଗୁଡିକ ପର୍ଯ୍ୟାୟକ୍ରମେ ଆରମ୍ଭ କରାଯିବ। ପ୍ରଥମେ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସ୍ପୋର୍ଟ୍ସ (ଏନ୍‌ଆଇଏସ୍) ପଟିଆଲା ଓ ବେଙ୍ଗାଲୁରୁସ୍ଥିତ ସାଇରେ ଟ୍ରେନିଂ ଆରମ୍ଭ ହେବ। ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ଥିବା ଆଥ୍‌ଲେଟମାନେ ଏହି ଟ୍ରେନିଂରେ ଅଂଶଗ୍ରହଣ କରିବେ।

'ବର୍ତ୍ତମାନର ସ୍ଥିତି ବିପଜ୍ଜନକ ପିଚ୍‌ରେ ଟେଷ୍ଟ ମ୍ୟାଚ ଭଳି'

ନୂଆଦିଲ୍ଲୀ, ୩।୫



ସାମ୍ପ୍ରତିକ ସ୍ଥିତିକୁ ଦୃଷ୍ଟିରେ ରଖି କୋଭିଡ୍-୧୯କୁ ବିପଜ୍ଜନକ ପିଚ୍‌ରେ ଟେଷ୍ଟ ମ୍ୟାଚ ଖେଳାଯିବାଭଳି ଘଟଣା ବୋଲି ବର୍ଣ୍ଣନା କରିଛନ୍ତି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ସଭାପତି ସୌରଭ ଗାଙ୍ଗୁଲି। ''ବିପଜ୍ଜନକ ପିଚ୍‌ରେ ବଲ୍ ସିମିଂ ଏବଂ ସ୍ୱିନିଂ ଅସ୍ୱାଭାବିକଭାବେ ହୋଇଥାଏ। ଏଥିରେ ବ୍ୟାଟ୍ସମ୍ୟାନ ସାମାନ୍ୟ ତ୍ରୁଟି କଲେ ବିପଦରେ ପଡ଼ିଥାଏ। ଏଭଳି ସ୍ଥିତିରେ ବ୍ୟାଟ୍ସମ୍ୟାନଙ୍କୁ ଉଇକେଟ ରକ୍ଷାସହ ଯେତେ ସମ୍ଭବ କମ୍ ତ୍ରୁଟି କରି ରନ ସ୍କୋର କରିବାକୁ ହୋଇଥାଏ। ଏହା ହେଲେ ଯାଇ ଟେଷ୍ଟ ଜିତିବା ସମ୍ଭବ ହୁଏ। ଏହା ଅତ୍ୟନ୍ତ କଷ୍ଟକର, ମାତ୍ର ଆମେ ସମସ୍ତେ ମିଶି ଏହି ମ୍ୟାଚକୁ ଜିତିବାକୁ ଆଶା ରଖିବା ଆବଶ୍ୟକ'' ବୋଲି ଗାଙ୍ଗୁଲି କହିଛନ୍ତି। ଲକଡାଉନ୍ ସ୍ଥିତିରେ ନିଜ ଜୀବନ ସମ୍ପର୍କରେ ଗାଙ୍ଗୁଲି କହିଛନ୍ତି ଯେ ପରିବାର ସହ ରହି ମୁଁ ସମୟକୁ ଉପଭୋଗ କରୁଛି। ''ଲକ୍‌ଡାଉନ୍ ହେବା ଏକମାସ ପୂରି ଯାଇଛି। ଏ ସମ୍ପର୍କରେ ମୁଁ ଅଧିକ କିଛି ଚିନ୍ତା କରୁନାହିଁ। ପୂର୍ବରୁ ଘରେ କେବେ ଏପରି ସମୟ ବିତାଇ ପାରୁ ନ ଥିଲି। ପ୍ରତିଦିନ କାର୍ଯ୍ୟ ପାଇଁ ମୋତେ ବିଭିନ୍ନ ସ୍ଥାନକୁ ଯିବାକୁ ପଡ଼େ। ତେବେ ଗତ ୩୦-୩୨ଦିନ ମୁଁ ଘରେ ମୋ ସ୍ତ୍ରୀ, ଝିଅ, ମା' ଓ ଭାଇଙ୍କ ସହ ସମୟ କାଟୁଛି। ବିସିସିଆଇ ଏବଂ ଆଇସିସି ପାଇଁ ଯାହା କାର୍ଯ୍ୟ କରାଯିବାକଥା ତାହା ସେ ଘରେ ବସି କରୁଛନ୍ତି ବୋଲି କହିଛନ୍ତି ଏହା ପୂର୍ବତନ ଟିମ୍ ଇଣ୍ଡିଆ ଅଧିନାୟକ। ତେବେ ବର୍ତ୍ତମାନ ସବୁ ଖେଳ ବନ୍ଦ ଥିବାରୁ ତାଙ୍କ କାମ ବହୁତ କମି ଯାଇଛି। କେବଳ କାଗଜପତ୍ରରେ ଯାହା ପ୍ରଶାସନିକ କାର୍ଯ୍ୟ ଚାଲିଛି ବୋଲି ସେ ପ୍ରକାଶ କରିଛନ୍ତି। କ୍ରିକେଟରୁ ତାଙ୍କୁ ଅନେକ କିଛି ଶିଖିବାକୁ ମିଳିଛି । ଅତ୍ୟଧିକ ଚାପ ସ୍ଥିତିରେ ପ୍ରକୃତ ଜୀବନ କ'ଣ ସେ ଜାଣିଛନ୍ତି। ''ମନେ କରାଯାଉ ମୋତେ ରନ ଆବଶ୍ୟକ, ମାତ୍ର ଗୋଟିଏ ବଲ୍ ବାକିଅଛି। ଏପରି ସ୍ଥିତିରେ ତ୍ରୁଟିପୂର୍ଣ୍ଣ ମୁଭ୍ କିମ୍ବା ଭୁଲ ଫୁଟ୍‌ୱର୍କ ରହିଲେ ଆଉ ସୁଯୋଗ ମିଳି ନ ଥାଏ। ଏପରି ସ୍ଥିତି ପ୍ରକୃତ ଜୀବନ ସମ୍ପର୍କରେ ସର୍ବଦା ସଚେତନ କରାଇ ଦେଇଥାଏ। ଏହା ଶୀଘ୍ର ନିଷ୍ପତ୍ତି ନେବାକୁ ମଧ ସାହାଯ୍ୟ କରିଥାଏ। କାରଣ କ୍ରିକେଟ ପଡ଼ିଆରେ ଭାବିବା ପାଇଁ ବେଶି ସମୟ ନଥାଏ। ଏହି ଗେମ୍ ଧୈର୍ଯ୍ୟ ଓ ନମନୀୟତା ସମ୍ପର୍କରେ ଶିକ୍ଷା ଦେଇଥାଏ। ଏଥିରୁ ସଫଳତା ଓ ବିଫଳତାର ସ୍ୱାଦ ମଧ ମିଳିଥାଏ। ଖେଳିବାବେଳେ ସର୍ବଦା ସଫଳତା ଆଶା ରହିଥାଏ। ସେହିପରି ଖରାପ ସମୟ ଆସେ ତାହାକୁ ଅତିକ୍ରମ କରିବା ସମ୍ପର୍କରେ ମଧ ଚିନ୍ତା କରାଯିବା ଆବଶ୍ୟକ'' ବୋଲି ଗାଙ୍ଗୁଲି ପ୍ରକାଶ କରିଛନ୍ତି।

କ୍ରିକେଟ ଅଷ୍ଟ୍ରେଲିଆର ୫୦ ନିଯୁତ ଡଲାର ଋଣ

ମେଲବୋର୍ନ, ୩।୫ (ପି.ଟି.)

କୋଭିଡ୍-୧୯ ଯୋଗୁ ଯଦି ଭାରତ ଟୁର୍‌ରେ ନ ଆସେ ତେବେ କ୍ରିକେଟ ଅଷ୍ଟ୍ରେଲିଆକୁ ବିପୁଳ ଆର୍ଥିକ କ୍ଷତି ସହିବାକୁ ପଡ଼ିବ। ଏଥିପାଇଁ ଆଗୁଆ ବିକଳ୍ପ ବ୍ୟବସ୍ଥା ସ୍ୱରୂପ କ୍ରିକେଟ ଅଷ୍ଟ୍ରେଲିଆ କମନ୍‌ୱେଲ୍‌ଥ ବ୍ୟାଙ୍କ୍‌ରୁ ୫୦ ନିଯୁତ ଡଲାର ଋଣନେଇଛି। କ୍ରିକେଟ ଅଷ୍ଟ୍ରେଲିଆ ଏବେ ଆର୍ଥିକ ସଂକଟ ଦେଇ ଗତି କରୁଥିବାରୁ ଏହାର ଗଭର୍ଣ୍ଣିଂବଡି ଗତ ମାସରେ କର୍ମଚାରୀ ସଂଖ୍ୟା ୮୦ ପ୍ରତିଶତ ହ୍ରାସ କରିବା ଲାଗି ନିଷ୍ପତ୍ତି ନେଇଛି। ଏଥିସହିତ ଜୁନ୍ ଶେଷ ଭାଗ ପର୍ଯ୍ୟନ୍ତ କର୍ମଚାରୀଙ୍କ ୨୦ ପ୍ରତିଶତ ବେତନ କାଟ୍ କରାଯାଇଛି। ଏହି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲେ ହୁଏତ ଅଗଷ୍ଟ ବେଳକୁ କ୍ରିକେଟ ଅଷ୍ଟ୍ରେଲିଆର ହାତଶୂନ୍ୟ ହୋଇଯାଇଥାନ୍ତା ବୋଲି ମୁଖ୍ୟ କାର୍ଯ୍ୟନିର୍ବାହୀ କେଭିନ୍ ରବର୍ଟ୍ସ ପ୍ରକାଶ କରିଛନ୍ତି। ଏହି ନିଷ୍ପତ୍ତି ଯୋଗୁ କ୍ରିକେଟ ଅଷ୍ଟ୍ରେଲିଆ ୩ ନିଯୁତ ଆମେରିକୀୟ ଡଲାର ବଞ୍ଚାଇ ପାରିଛି। ଗଭର୍ଣ୍ଣିଂବଡି ବର୍ତ୍ତମାନ ୫୦ ନିଯୁତ ଡଲାର ଋଣ କରିଛି। ତାହା କିପରି ସୁଝାଯିବ ଏକ ବଡ଼ ପ୍ରଶ୍ନ। ରବର୍ଟ୍ସ ନିଜେ ତାଙ୍କ ବେତନର ୮୦ ପ୍ରତିଶତ ପାଉଛନ୍ତି। ରାଜ୍ୟ ଆସୋସିଏଶନଗୁଡ଼ିକର ଗ୍ରାଣ୍ଟ ୨୫ ପ୍ରତିଶତ ହ୍ରାସ କରିବା ଲାଗି ସେ ବିଚାର କରୁଥିବା ଏକ ରିପୋର୍ଟରେ ପ୍ରକାଶ ପାଇଛି। କରୋନା ମହାମାରୀ ଯୋଗୁ କ୍ରିକେଟ ଅଷ୍ଟ୍ରେଲିଆ ଇତିମଧ୍ୟରେ ୩୦୦ ନିଯୁତ ଅଷ୍ଟ୍ରେଲୀୟ ଡଲାର ହରାଇ ସାରିଲାଣି। ଡିସେମ୍ବର-ଜାନୁୟାରୀରେ ଯଦି ଭାରତ ବିପକ୍ଷ ୪ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳାଯାଏ ତା'ହେଲେ ଆର୍ଥିକ ସଂକଟରୁ ମୁକ୍ତି ପାଇବା ପାଇଁ ସଂଘର୍ଷ ଚଳାଇଥିବା କ୍ରିକେଟ ଅଷ୍ଟ୍ରେଲିଆକୁ ଆଶ୍ୱସ୍ତି ମିଳି ପାରନ୍ତା।

କୋହଲିଙ୍କଠାରୁ ରୋହିତ ଅଧିକ ଦକ୍ଷ: ଗମ୍ଭୀର

ନୂଆଦିଲ୍ଲୀ,୩।୫(ପି.ଟି.)

ରୋହିତ ଶର୍ମା / ବିରାଟ କୋହଲି

ଧଳା ବଲ୍ କ୍ରିକେଟ ବା ସୀମିତ ଓଭର ଫର୍ମାଟରେ ଅଧିନାୟକ ବିରାଟ କୋହଲିଙ୍କ ତୁଳନାରେ ଓପନର ରୋହିତ ଶର୍ମା ଅଧିକ ପ୍ରଭାବୀ ବୋଲି ପୂର୍ବତନ କ୍ରିକେଟର ଗୌତମ ଗମ୍ଭୀର କହିଛନ୍ତି। ପରିସଂଖ୍ୟାନ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ କୋହଲି ଆଗରେ ରହିବେ। ଏହା ସତ୍ତ୍ୱେ ରୋହିତ ଦିନିକିଆ ଓ ଟି୨୦ରେ ଅଧିକ ପ୍ରଭାବଶାଳୀ ବୋଲି ସେ କହିଛନ୍ତି। ତେବେ ସୀମିତ ଓଭରରେ କୋହଲି ରୋହିତଙ୍କ ଅପେକ୍ଷା ଅଧିକ ରନ ସଂଗ୍ରହ କରିଛନ୍ତି। ତେବେ ଇମ୍ପାକ୍ଟ ବା ପ୍ରଭାବ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ରୋହିତ ଆଗରେ ରହିବେ। ସୀମିତ ଓଭରରେ କୋହଲି ଏବେ ସର୍ବଶ୍ରେଷ୍ଠ ବିବେଚିତ ହେଉଛନ୍ତି ବୋଲି ସ୍ପୋର୍ଟ୍ସ ଟକ୍‌କୁ ସାକ୍ଷାତ୍‌କାର ଦେଇ କହିଛନ୍ତି।

ଏବେ ରୋହିତ ବିଶ୍ୱରେ ଶ୍ରେଷ୍ଠ ହ୍ୱାଇଟ୍ ବଲ୍ କ୍ରିକେଟର। ବିଶ୍ୱର ଏକମାତ୍ର ଖେଳାଳି ଭାବେ ସେ ଦିନିକିଆରେ ୩ଟି ଦ୍ୱିଶତକ ଅର୍ଜନ କରି ରେକର୍ଡ କରିଛନ୍ତି। ସେ ମଧ ଗତ ବିଶ୍ୱକପ୍‌ରେ ୫ଟି ଶତକ ହାସଲ କରିଥିଲେ। ବିଶ୍ୱକପ୍‌ର ଗୋଟିଏ ସଂସ୍କରଣରେ ୫ଟି ଶତକ ହାସଲକରି ରେକର୍ଡ କରିଥିଲେ। ୧୦୦ ରନ ସଂଗ୍ରହ କରିବା ପରେ ସେ ବଡ଼ ଇନିଂସ ସବୁବେଳେ ଖେଳିଥାନ୍ତି। କୋହଲି ଓ ରୋହିତଙ୍କ ମଧ୍ୟରେ କିଏ ଶ୍ରେଷ୍ଠ ତାହା ବିଚାର କରିବା ନିଶ୍ଚିତ କଷ୍ଟକର ବୋଲି ସେ କହିଛନ୍ତି।

୩୩ ବର୍ଷୀୟ ରୋହିତ ୨୨୪ଟି ଦିନିକିଆ ଖେଳି ୪୯.୨୭ ରନ ହାରରେ ୮୮.୯୨ ଷ୍ଟ୍ରାଇକ୍‌ରେଟ୍‌ରେ ୯୧୧୫ ରନ ସଂଗ୍ରହ କରିଛନ୍ତି। ଏଥିରେ ୨୯ଟି ଶତକ ଓ ୪୩ଟି ଅର୍ଦ୍ଧଶତକ ସାମିଲ ରହିଛି। ସେହିପରି ଟି୨୦ରେ ସେ ୧୦୮ଟି ମ୍ୟାଚ୍ ଖେଳି ୩୨.୬୨ ରନ ହାରରେ, ୧୩୮.୭୮ ଷ୍ଟ୍ରାଇକ୍ ରେଟ୍‌ରେ ୨୭୭୩ ରନ ସଂଗ୍ରହ କରିଛନ୍ତି। ଅପରପକ୍ଷରେ କୋହଲି ୨୪୮ଟି ଦିନିକିଆ ଖେଳି ୫୯.୩୩ ରନ ହାରରେ ୧୧,୮୬୭ ରନ ସଂଗ୍ରହ କରିଛନ୍ତି। ଏଥିରେ ୪୩ଟି ଶତକ ଓ ୫୮ଟି ଅର୍ଦ୍ଧଶତକ ସାମିଲ ରହିଛି। ୮୨ଟି ଟି୨୦ ମ୍ୟାଚ୍ ଖେଳି କୋହଲି ୫୦.୮୦ ରନ ହାରରେ ୧୩୮.୨୪ ଷ୍ଟ୍ରାଇକ୍‌ରେଟ୍‌ରେ ୨୭୯୪ ରନ ସଂଗ୍ରହ କରିଛନ୍ତି।

ଆତ୍ମହତ୍ୟା କରିବାକୁ ଚିନ୍ତା କରିଥିଲେ ଶାମି

ନୂଆଦିଲ୍ଲୀ,୩।୫ (ପି.ଟି.)

ସମସ୍ତଙ୍କୁ ଚକିତ କରିବା ଭଳି କଥା କହିଛନ୍ତି ଭାରତୀୟ ତାରକା ଦ୍ରୁତ ବୋଲର ମହମ୍ମଦ ଶାମି। ଆତ୍ମହତ୍ୟା କରିବାକୁ ୩ଥର ଚିନ୍ତା କରିଥିଲି ବୋଲି ସେ କହିଛନ୍ତି। ଗତ କିଛିବର୍ଷ ତଳେ ବ୍ୟକ୍ତିଗତ ସମସ୍ୟା ନେଇ ସଂଘର୍ଷ କରୁଥିବା ବେଳେ ଏଭଳି ନକାରାତ୍ମକ ଚିନ୍ତା ମୁଣ୍ଡକୁ ଆସିଥିଲା। ସେତେବେଳେ ମୋ ପରିବାର ସବୁ ବେଳେ ବେଳେ ମୋତେ ନଜର କରୁଥିଲେ ବୋଲି ଶାମି କହିଛନ୍ତି। କାରଣ ଆପାର୍ଟମେଣ୍ଟର ୨୪ତମ ମହଲାରୁ କାଳେ ଡେଇଁ ପଡିବି ବୋଲି ମୋ ପରିବାର ସଦସ୍ୟ ଭାବୁଥିଲେ।

ଶନିବାର ଇନ୍‌ଷ୍ଟାଗ୍ରାମରେ ନିଜର ଦଳୀୟ ସାଥି ତଥା ସୀମିତ ଓଭର ଉପ- ଅଧିନାୟକ ରୋହିତ ଶର୍ମାଙ୍କ ସହ ଚାଟ୍ କଲାବେଳେ ସେ ନିଜ ବ୍ୟକ୍ତିଗତ ଓ ପେସାଦାର ଜୀବନ ନେଇ ଏହି କଥା କହିଛନ୍ତି। ସେତେବେଳେ ଯଦି ମୋ ପରିବାର ସମର୍ଥନ କରି ନ ଥାନ୍ତେ ତା'ହେଲେ କ୍ରିକେଟ ଛାଡି ଦେଇଥାନ୍ତି। ବ୍ୟକ୍ତିଗତ ଜୀବନ କାରଣରୁ ଅତ୍ୟଧିକ ଚାପ୍‌କୁ ସାମ୍ନା କରିବାରେ ସମର୍ଥ ହୋଇପାରି ନ ଥିଲି। ଫଳରେ ୩ଥର ଆତ୍ମହତ୍ୟା କଥା ଚିନ୍ତା କରିଥିଲି ବୋଲି ସେ କହିଛନ୍ତି। ସେତେବେଳେ କ୍ରିକେଟ କଥା ଆଦୌ ଚିନ୍ତା କରୁ ନ ଥିଲି। ଆମେ ୨୪ତମ ତାଲାରେ ରହୁଥିଲୁ। ପରିବାର ଲୋକେ ଭାବୁଥିଲେ ଯେ, ବାଲକୋନିରୁ କାଳେ ଡେଇଁ ପଡିବି। ମୋ ଭାଇ ସେତେବେଳେ ବହୁତ ସମର୍ଥନ କରିଥିଲେ। ଏବେ ୨୯ ବର୍ଷୀୟ ଶାମି କ୍ରିକେଟ ଉପରେ ଫୋକସ କରୁଛନ୍ତି। ମୋର ୨-୩ ଜଣ ବନ୍ଧୁ ମୋ ସହିତ ବରାବର ୨୪ ଘଣ୍ଟା ସାଥିରେ ରହୁଥିଲେ। ଅନ୍ୟକଥା ନ ଭାବି କ୍ରିକେଟ କଥା ଚିନ୍ତା କରିବାକୁ ମାତାପିତା ମୋତେ ପରାମର୍ଶ ଦେଉଥିଲେ। ଏହାପରେ ଡେରାଡୁନ୍‌ର ଏକାଡେମୀରେ ଟ୍ରେନିଂ ଆରମ୍ଭ କରିଥିଲି ଓ ବହୁତ ଝାଳ ବୁହାଇଥିଲି ବୋଲି ସେ କହିଛନ୍ତି।

୨୦୧୮ ମାର୍ଚ୍ଚରେ ପତ୍ନୀ ହାସିନ ଜାହାଁ ଶାମିଙ୍କ ବିରୋଧରେ ଘରୋଇ ହିଂସାର ଅଭିଯୋଗ ଆଣିଥିଲେ ଓ ମାମଲା ଦାଏର କରିଥିଲେ। ପୋଲିସ ମଧ ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା।

ମନେ ପଡ଼ନ୍ତି
ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ରାଜକିଶୋର ତ୍ରିପାଠୀ
କାଳିଆକୁପା, ଓଲ୍ଡ଼ଟାଉନ୍ ଭୁବନେଶ୍ୱର-୨
ଆବିର୍ଭାବ: ୦୯।୦୨।୧୯୨୬
ତିରୋଧାନ: ୧୧।୦୫।୨୦୧୪
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୧୭୨୭୦

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ